ସେପ୍ଟେମ୍ବର ୨୦୧୩



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଏହି ମାସରେ ଘଟିଥିବା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଉଛି ଭାରତ ଚନ୍ଦ୍ର ଉପରେ ପାଦ ରଖିବା । ଅନେକ ବର୍ଷ ଧରି ଏଥିପ୍ରତି ଚେଷ୍ଟା ଚାଲିଥିଲା ଏବଂ ଚନ୍ଦ୍ରୟାନ-୨ ସଫ୍ଟ ଲ୍ୟାଣ୍ଡିଙ୍ଗ୍ କରିବାରେ ବିଫଳ ହୋଇଥିଲା । କିନ୍ତୁ ଆମ ବୈଜ୍ଞାନିକ ମାନଙ୍କର ଇଚ୍ଛାଶକ୍ତି ଏବଂ ସାଧନା ଯୋଗୁ ଏହା ସମ୍ଭବ ହୋଇପାରିଛି ଏବଂ ଗତ ଅଗଷ୍ଟ ମାସ ୨୩ ତାରିଖ ସନ୍ଧ୍ୟା ୬ଟା ବାଜି ୪ ମିନିଟରେ ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠରେ ପାଦ ଦେଇଥିଲା । ଏହା ସହିତ ଦୀର୍ଘ ଦିନର ଥିବା ଆଶା ଭାରତର ପୂର୍ଣ୍ଣ ହୋଇଛି ଆଉ ପ୍ରଥମଥର ପାଇଁ କୌଣସି ଦେଶ ନିଜ ଯାନକୁ ଚନ୍ଦ୍ରର ଦକ୍ଷୀଣ ମେରୁ ରେ ଅବତରଣ କରାଇପାରିଛି । ଏହା ଭିତରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରୁ ଅନେକ ଫଟୋ ପଠାଇ ସାରିଲାଣି । ଏହା ସାରା ପୃଥିବୀ ପାଇଁ ଏକ ଗର୍ବର ବିଷୟ । ଏହି ଦୃଶ୍ୟକୁ ସାରା ବିଶ୍ୱର ଅନେକ ଦେଶ ସିଧାସଳଖ ପ୍ରସାରଣ ଦେଖିଥିଲେ ଏବଂ ଭାରତକୁ ପ୍ରଶଂସା କରିଥିଲେ ମଧ୍ୟ । ଏହା ଭିତରେ ଗୋଟିଏ ପରେ ଗୋଟିଏ ଅନେକ ଫଟୋ ପଠାଇ ସାରିଲାଣି ବିକ୍ରମ ଲ୍ୟାଣ୍ଡର । ଆଉ ପ୍ରଥମ ଥର ପାଇଁ ଗତ କାଲି ଲ୍ୟାଣ୍ଡରର ଫଟୋ ପଠାଇଛି ରୋଭର । ଆଉ ଇସ୍ରୋ ମଧ୍ୟ ଚନ୍ଦ୍ରପୃଷ୍ଠରେ ଆଲୁମିନିୟମ, କ୍ୟାଲସିୟମ, ଆଇରନ, କ୍ରୋମିୟମ,

ISSN NO.
2582-208X

ମାଙ୍ଗାନିଜ ସହ ଅକ୍ସିଜେନ ଥିବା ନେଇ ସୂଚନା ଜାରି କରିସାରିଛି । କିନ୍ତୁ ଚନ୍ଦ୍ରଯାନର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରପୃଷ୍ଠରେ ଜଳ ଖୋଜିବା ।

ଭାରତର ଚନ୍ଦ୍ରୟାନ ମିଶନର ଅବଧି ମାତ୍ର ୧୪ ଦିନ । କାରଣ ହେଉଛି ସୂର୍ଯ୍ୟ ଚାରିପାଖେ ଚନ୍ଦ୍ରକୁ ଘୁରିବା ପାଇଁ ପ୍ରାୟତଃ ପୃଥିବୀର ୨୮ ଦିନ । ତେଣୁ ସୂର୍ଯ୍ୟକିରଣ ଚନ୍ଦ୍ର ପୃଷ୍ଠରେ ୧୪ ଦିନ ପଡେ ଆଉ ସେହି କାରଣରୁ ଚନ୍ଦ୍ରୟାନ ମିଶନ ଆଉ ୭ ଦିନ ପରେ ଶେଷ ହୋଇଯିବ ।  ସେ ଯାହାହେଉ ନା କାହିଁକି, ଏହା ଏକ ଅଭୁତପୂର୍ବ ସଫଳତା ଭାରତ ପାଇଁ ଏଥିରେ ସନ୍ଦେହ ନାହିଁ । ଏଥିରୁ ଉତ୍ସାହିତ ହୋଇ ଭାରତ ଏବେ ଆଦିତ୍ୟ-ଏଲ ୧ ପାଇଁ ଲଞ୍ଚ ପ୍ୟାଡରେ ପ୍ରସ୍ତୁତ କରିସାରିଲାଣି ଯାହାକି ସେପ୍ଟେମ୍ବର ୨ ତାରିଖରେ ଲଞ୍ଚ ହେବ । ଏହି ଯାନ ମିଶନ ସୂର୍ଯ୍ୟ ଭାବରେ ପ୍ରସିଦ୍ଧ ଆଉ ସୂର୍ଯ୍ୟ ବିଷୟରେ ଅନେକ ପ୍ରକାରର ଅଜଣା ଖବର ଆମମାନଙ୍କୁ ନିକଟ ଭବିଷ୍ୟତରେ ଶୁଣିବାକୁ ମିଳିପାରେ ।

ଭାରତବର୍ଷ ବିଜ୍ଞାନ କ୍ଷେତ୍ରରେ  ଏହିପରି ଉନ୍ନତି ପଥରେ ଆଗେଇଯାଉ, ଏହି ଆମର କାମନା ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

ବେଦାନ୍ତି

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୨ |
| ଶ୍ରାବଣର ଧାର | ଡ. ପ୍ରସନ୍ନ କୁମାର ବଳ | ୨୧ |
| ସମ୍ମୁଖ ଦର୍ପଣ ମୋର | ଭାସ୍କର ଚନ୍ଦ୍ର ଖଣ୍ଡା | ୨୩ |
| ସହୋଦର | ଇଂ. ସୁଶାନ୍ତ କିଶୋର ବଳ | ୨୫ |
| ଶିଷ୍ଟାଗ୍ରହ | ଡକ୍ଟର ବିଜ୍ଞାନୀ ଦାସ | ୨୯ |
| ଫଟା ଜିନ୍ | ଶଶଧର ମହାପାତ୍ର | ୩୯ |
| ମୋ ଭାରତ ମାଟିର ଜୟ ହେଉ | ଡ ସୁନନ୍ଦା ମିଶ୍ର ପଣ୍ଡା | ୪୧ |
| ମନ | ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ | ୪୩ |
| ସଂକ୍ଷେପରେ ପଣ୍ଡିତ ଗୋଦାବରୀଶ | ଭାରତୀ ମୁଦୁଲି | ୪୫ |
| ଆଶା ଭରଷାର ଜୀବନ | ଆଶୁତୋଷ ମେହେର | ୫୧ |
| ପାପ ର ଶେଷ ଯନ୍ତ୍ରଣା | ସସ୍ମିତା ନାୟକ | ୫୨ |
| ତୁଷ୍ଟି ଓ ପୁଷ୍ଟି | ସୁଲୋଚନା ବେହେରା | ୫୪ |
| ହେ ଈଶ୍ୱର | ରଘୁନାଥ ତ୍ରିପାଠୀ | ୫୬ |
| କଥାକାର ହେଉଛନ୍ତି ବିପିନ ବିହାରୀ ମିଶ୍ର | ଡ. ହରିହର ପ୍ରଧାନ | ୫୮ |
| ଅନ୍ଧାର ରାତିର ଗର୍ଜନ | ଶାନ୍ତିଲତା ମିଶ୍ର | ୭୪ |
| କସ୍ତୁରୀ | ବିନୟ ମହାପାତ୍ର | ୭୬ |
| ନିଜକୁ ଖୋଜୁଛି | ସଂଯୁକ୍ତା ସାହୁ | ୭୮ |
| ନାରୀ ଏକ ଯୁଗାନ୍ତ ଆହ୍ୱାନ | ଛବି ରାଣୀ ପତି | ୮୦ |
| ଲଳିତ ନିବନ୍ଧ- ବିଶ୍ୱାସରେ ବିଷ | ବଦ୍ରୀ ମହାନ୍ତି | ୮୨ |

ISSN NO.
2582-208X


| | | |
|---|---|---|
| ତୁମକୁ ରହିଛି ଗୁହାଁ | ଡଃ ପ୍ରିୟମ୍ବଦା ସାମଲ | ୮୬ |
| ଅଟଳ ତୁମେ ଫେରିଆସ... | କୁଞ୍ଜବିହାରୀ ରାଉତ | ୮୮ |
| କୃଷ୍ଣଚୂଡ଼ା | ଅରୁଣ କୁମାର ମହାପାତ୍ର | ୯୦ |
| କ୍ଷୁଦ୍ରଗଳ୍ପ- ଭାଗ୍ୟ | ପ୍ରଦୀପ୍ତ କୁମାର ମିଶ୍ର | ୯୨ |
| ଅଭିମାନୀ ମହାଲକ୍ଷ୍ମୀ | ଅଳକା ମହାନ୍ତି | ୯୫ |
| ପ୍ରେମ ଦରବ | ଜୟଶ୍ରୀ ପଟ୍ଟନାୟକ | ୯୭ |
| ହେବାନାହିଁ ବେଇମାନ | ନରେନ୍ଦ୍ର ପ୍ରସାଦ ବେହେରା | ୯୯ |
| ଉଠ୍ ପୁଟୁର୍(ଧାରାବାହିକ) | ଆରତୀ ସାହୁ (ଆଶା) | ୧୦୧ |
| ମଝିଆ | ବାସନ୍ତୀ ଲତା ଜେନା | ୧୦୮ |
| ଚନ୍ଦା | ଡ. ଜ୍ଞାନେଶ୍ୱର ମିଶ୍ର | ୧୧୦ |
| କର୍ତ୍ତବ୍ୟ ପଥେ ପଥଗାମୀ | ଅଜିତ କୁମାର ରାଉତ | ୧୧୨ |
| କନଷ୍କଙ୍କ "ପିପି": ଏକ ସ୍ମୃତିଲିପି | ଡ. ପ୍ରତୀଚୀ ନନ୍ଦ | ୧୧୪ |
| ଏ ଜୀବନ ଦୁଇଦିନଆ ଧନ | ପ୍ରତିଭା ଦାସ | ୧୨୦ |
| ମଧୁର ସ୍ମୃତି ଟିଏ | ମନୋରମା ମହାନ୍ତ | ୧୨୧ |
| ପୁସ୍ତକ ପ୍ରେମୀ | ବର୍ଷାରାଣୀ ମହାମଲ୍ଲିକ | ୧୨୨ |
| ତଥାପି ଆଶା ବଞ୍ଚିଛି | ଦେବଦତ୍ତା ଦେବୀ | ୧୨୪ |
| ମିଛୁଆ ରାଧା | ଜୟ କୁମାର ମିଶ୍ର | ୧୩୪ |
| ଲେଖୁଛି ଅଳପ ଭାବୁଛି ବେଶି | ବିନୋଦିନୀ ଦାଶ | ୧୩୬ |
| ଭଡ଼ା ମିଛ | ମଧୁମିତା ମିଶ୍ର | ୧୩୭ |
| ସହନରେ ଘର | ଅଲେଖ ମେହେର | ୧୪୦ |
| କନ୍ୟା ରତନ | ବାଙ୍କାବିହାରୀ ମହାକୁ | ୧୪୨ |
| ନାଟକ-ଭଲ ମଣିଷ ଖୋଜିବା ଆସ (ଧାରାବାହିକ) | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୩ |
| ଅନ୍ଧଗଳର ଅନ୍ଧାର | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୪୯ |

ISSN NO.
2582-208X


| | | |
|---|---|---|
| ସ୍ୱପ୍ନ | ନିରୁପମା ପଟେଲ | ୧୫୧ |
| ମୁକ୍ତିଦାତ୍ରୀ | ରଶ୍ମିତା ସାହୁ | ୧୫୨ |
| ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକରେ ବିଭିନ୍ନ ବାଦର ପ୍ରଭାବ ( ୧୯୬୦-୧୯୮୦ ) | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୫୪ |
| ମାଆ | ରାଜକିଶୋର ସ୍ୱାଇଁ | ୧୫୯ |
| ସାଧବ ବୋହୂ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୬୧ |
| ଗୋଟିଏ ହୃଦୟ..କୋଟିଏ ଦହନ | ଦିବାକର ନାୟକ | ୧୬୩ |
| ମହାପ୍ରସାଦର ମାହାତ୍ମ୍ୟ | ଜୟନ୍ତୀ ଦେବୀ | ୧୬୪ |
| ଗାରିମାମୟ ମୋ ଜନ୍ମଭୂମି | କାର୍ତ୍ତୀକେଶ୍ୱର ନାୟକ | ୧୬୭ |
| ଅନ୍ଧ ପୁତୁଳ | କୀର୍ତ୍ତନ ସାହୁ | ୧୬୮ |
| ସହରୀ ସପନ | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୧୬୯ |
| ସ୍ୱାଧୀନତା ପରବର୍ତ୍ତୀ କାବ୍ୟିକ ଜିଜ୍ଞାସା ଓ କବି ସଚ୍ଚି ରାଉତରାୟ | ଡ଼. ସୁଶୀଲ କୁମାର ନାଗ | ୧୭୦ |
| ମନ ମୋହନ ସିଂହ ସ୍ମରଣେ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୭୫ |
| ମଣିପୁର ବର୍ବରତା | ଦଣ୍ଡାସି ପ୍ରଧାନ | ୧୭୭ |
| ସ୍ୱାଧୀନତାର ସ୍ୱାଦ | ରୀତା ଅପରାଜିତା ମହାନ୍ତ | ୧୮୦ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୧୮୧ |
| ଅସମ୍ଭବ | ଅମରନାଥ ବାରିକ | ୧୯୫ |
| ତୁ କେମିତିକା ଠାକୁର ? | ବିଜୟ କୁମାର ସାହୁ | ୧୯୭ |
| ଫୁଲର ମହକ | ଅଭିଳାଷ ବାରିକ୍ | ୧୯୯ |
| ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜନଜାତି(ଧାରାବାହିକ) | ପ୍ରିୟବ୍ରତ ପାତ୍ର | ୨୦୦ |
| ଜୀବନର ପଥେ ପଥେ | ପୁଷ୍ପାଞ୍ଜଳି ମିଶ୍ର | ୨୦୬ |

ISSN NO.
2582-208X


| | | |
|---|---|---|
| ତେଲ ଶିଶି | ଡ଼ା. ମଧୁମିତା ଷଡଙ୍ଗୀ | ୨୦୮ |
| ବସ୍ତୁନିଷ୍ଠ ଉପନ୍ୟାସକାର ମୁନସି ପ୍ରେମଚାନ୍ଦ | ଅସିତ ମହାନ୍ତ | ୨୧୦ |
| ଜିହ୍ୱା | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୧୩ |
| ଜନ୍ମ ଓ ମୃତ୍ୟୁ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୨୧୫ |
| ରାକ୍ଷୀ ପୂର୍ଣ୍ଣିମାର ବିବର୍ତ୍ତନ | ବିରଞ୍ଚି ନାରାୟଣ ମିଶ୍ର | ୨୧୬ |
| ଏ ମାଟିର ଗୀତ | ପ୍ରଶାନ୍ତ କୁମାର ନାଥ | ୨୧୯ |
| ଶ୍ରାବଣୀ ଅସିଛି ଶ୍ରାବଣ ନେଇ | ତପସ୍ୱିନୀ ଶତପଥୀ | ୨୨୦ |
| ସୁଷମ ଖାଦ୍ୟ ମାଣ୍ଡିଆ | ହର ପ୍ରସାଦ ସୁଆର | ୨୨୨ |
| ନୀରବରେ ଯିବି ସହି | ନନ୍ଦିନୀ ରାଉତ | ୨୨୬ |
| ସରକାରୀ ଚାକରି | ଝରଣା ବାରିକ | ୨୨୯ |
| ବେନାମ ସମ୍ପର୍କ | ସ୍ମରଣିକା ଧଳ | ୨୩୦ |
| ଆମ ହାତେ ଆମ ପରିବେଶ | କଳ୍ପନା ମିଶ୍ର | ୨୩୩ |
| ନ ଆସୁ ଫଗୁଣ | ଅଜିତ ପାଢ଼ି | ୨୩୪ |
| କ୍ରୀତଦାସର ଗଦ୍ୟକାବ୍ୟ "କୃଷ୍ଣଚୂଡ଼ା" | ମାଧବାନନ୍ଦ ପାତ୍ର | ୨୩୫ |
| ନୀରବ ଅସହାୟତା | ଆଦ୍ୟରଶ୍ମି ନନ୍ଦ | ୨୩୯ |
| ସୁରେନ୍ଦ୍ର ସାଏ, ସୁଭାଷ ଚନ୍ଦ୍ର ବୋଷ ଓ ଜାନୁୟାରୀ ୨୩ ତାରିଖ | କାଳିପ୍ରସାଦ ମହାପାତ୍ର | ୨୪୧ |
| ବିଶ୍ୱଗୁରୁ ଭାରତ ଆଜି ନଗ୍ନ | ସରସ୍ୱତୀ ଜୟସିଂହ | ୨୪୩ |
| ବୁଢ଼ା ବରଗଛ | ଡଃ ପ୍ରଦୀପ କୁମାର ପଣ୍ଡା | ୨୪୬ |
| ଜୀବନ ଯମୁନା | ସୁହଂସ ଭୋଇ | ୨୪୮ |
| ସନ୍ଦେହୀ ସ୍ୱାମୀ | ଅରୁଣ କୁମାର ତ୍ରିପାଠୀ | ୨୫୦ |
| ଭୋଦୁଅ | ନୀଳମଣି ଚାନ୍ଦ | ୨୬୨ |
| ବର୍ଷା | ନିରଞ୍ଜନ ସାହୁ | ୨୬୪ |

ISSN NO.
2582-208X


| | | |
|---|---|---|
| ଗଛ ଗଛ ଗଛ ଆଉ ସବୁ ପଛ | ଶୁଭଶ୍ରୀ ମହାପାତ୍ର | ୨୬୫ |
| ଅଚହ୍ନା | ଅମୃତନାରାୟଣ ଶତପଥୀ | ୨୬୮ |
| ଶ୍ରାବଣୀ | ପ୍ରେମଲ୍ଲ ବାଗ | ୨୬୯ |
| ଶିଶୁପାଳ | ଅଳକା ବାରିକ୍ | ୨୭୦ |
| ଗାଲେ ତୁମ ଲ୍ଗିଛି ରଙ୍ଗ | ଜନ୍ମଜୟ ନାୟକ | ୨୭୨ |
| କେହି ଜଣେ | ଚତରଂଜନ ବେହେର୍ | ୨୭୩ |
| ଦ୍ୱାଦଶ ଜ୍ୟୋତି ଲିଙ୍ଗ | ଡ. ଅର୍ଜୁନ ଚରଣ ବାରିକ୍ | ୨୭୫ |
| ସହି ହେଉ ନାହିଁ | ତ୍ରିପତି ପ୍ରଧାନ | ୨୮୦ |
| ଶଙ୍ଖ ନାଭି ମଣ୍ଡଳ | ଅଧ୍ୟାପକ ଅବିନାଶ ବାରିକ୍ | ୨୮୧ |
| ବୈକୁଣ୍ଠ ଧାମ | ସୁହାସିନୀ ବାରିକ୍ | ୨୮୨ |
| ପର୍ରାର୍ଥେ ଜୀବନ ଅମୃତମୟ | ସିନ୍ଧୁ ନନ୍ଦିନୀ | ୨୮୪ |
| ଅନନ୍ତ ଶୟନ | ଦୀନବନ୍ଧୁ ବେଜ | ୨୮୫ |
| ଶ୍ରାବଣୀ | କୁଞ୍ଜ ବିହାରୀ ସାହୁ | ୨୮୭ |
| ପୂଜାରିଣୀ | ବେଣୁଧର ସୂତାର | ୨୯୦ |
| ବାଟ | ଦୁଷ୍ମନ୍ତ ବେହେର୍ | ୨୯୨ |
| ସୀମ୍ୟନ୍ତକ ମଣି | ଅଭିମନ୍ୟୁ କାନୁନଗୋ | ୨୯୩ |
| ଏଇତ ଜୀବନର ମାନେ | ପ୍ରଜ୍ଞା ପରମିତା ଦାଶ | ୨୯୭ |
| ଭେ୍କ | କୀର୍ତ୍ତି ଦେବୀ | ୨୯୯ |
| ଭଲ ମଣିଷ ହେବା | ହରେର୍ାମ ପଣ୍ଡା | ୩୦୦ |
| "ର୍ାମ ବନବାସ" ପାଇଁ ଦାୟୀ କଏ | ଅଧ୍ୟାପିକା ର୍ୋଜାଲିନ୍ ବାରିକ୍ | ୩୦୧ |
| ହେ ଗୁରୁ | ଶାଶ୍ୱତୀ ନନ୍ଦ | ୩୧୧ |
| ର୍ାଜା ର୍ାମ | ମନୋଜ କୁମାର ଅଦା | ୩୧୨ |
| ଓଡିଆ ପୁଅ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୧୩ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ଅପ୍ରିୟ ସତ୍ୟ(ଧାରାବାହିକ) | ଖଗେଶ୍ୱର ବାଗ | ୩୧୪ |
| ସୂର୍ଯ୍ୟମୁଖୀ | ଅନୁପମା ବିଶ୍ୱାଳ | ୩୧୮ |
| ଭଲମନ୍ଦ | ବିନୟ ମିଶ୍ର | ୩୧୯ |
| ଔଷଧ | ଦେବଯାନୀ ବାରିକ୍ | ୩୨୧ |
| କାନ୍ଦ | ବିନୟାନନ୍ଦ ବସ୍ତସ୍ୟ | ୩୨୨ |
| ବାସ୍ତୁ ଦୋଷ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୪ |
| କେତେ ବସନ୍ତ ଯାଇଛି ଗ୍ଳଲି | ବିଶ୍ୱନାଥ କର | ୩୨୯ |
| ଭଲ ପାଇବାର ହଲପ କରିଲେ | ତାରାପ୍ରସାଦ ଜେନା | ୩୩୧ |
| ଶ୍ରୀମନ୍ଦିରରେ ଗୁରୁବାରରେ ଏକାନ୍ତ ନୀତି | ମାଳତୀ ଦେବୀ | ୩୩୩ |
| ରଜ | ପୂଜା ଷାଣ୍ଢ | ୩୩୮ |
| ଶେଷ ଯାତ୍ରା | ଅନନ୍ତ କୁମାର | ୩୪୦ |
| ନଅନ୍ତା କ ଯମ ଡାକ | ଶିଶିର କୁମାର ପଣ୍ଡା | ୩୪୧ |
| ଅଭିଶପ୍ତ ଅପରାହ୍ନ | ଅଶୋକ କୁମାର ସେଠୀ | ୩୪୨ |
| ସ୍ୱତନ୍ତ୍ର ରୁଚ | ଶ୍ରୀ ଗୁପ୍ତେଶ୍ୱର ଗ୍ଧନ୍ | ୩୫୩ |
| ଧାନ କଟା ଗୀତ | ହରିଶ୍ଚନ୍ଦ୍ର ବେହେରା | ୩୫୫ |
| ତୁମେ ଗଲା ପରେ | କମଳାକାନ୍ତ ମହାନନ୍ଦ | ୩୫୮ |
| ଓଡିଆଣି ମହାଲକ୍ଷ୍ମୀ | ପୂଜାରିଣୀ ବିଶ୍ୱାଳ | ୩୫୯ |
| ଅଚହ୍ନା ନାରୀ | ପ୍ରଶାନ୍ତ ବ୍ରହ୍ମା | ୩୬୧ |
| ରୁଚକର ପଦ ହେଲେ ସିନା ଜନ | କୁମରଲାଲ ରଣା | ୩୬୨ |
| ସମର୍ପଣ | ମନୋରଞ୍ଜନ ସୁରୁଜାଲ | ୩୬୩ |
| ଭାଗବତ କଥା (ଧାରାବାହିକ) | ନରେନ୍ଦ୍ର ପ୍ରସାଦ ବେହେରା | ୩୬୫ |
| ବନ୍ଧୁ | ରୋହନ ନାଏକ | ୩୬୬ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୬୮ |

ISSN NO.
2582-208X


| | | |
|---|---|---|
| ମୁଁ ସରକାର | ଦିନେଶ ମେହେର | ୩୬୯ |
| ଜୀବନ ସନ୍ଧ୍ୟାର ଉପକୂଳେ ମଣିଷର ସ୍ଥିତି | ବାଲ୍ମୀକ ନାୟକ | ୩୭୨ |
| ପ୍ରିୟତମା | କୁମର ମହାକୁଡ଼ | ୩୭୭ |
| କ ଦୋଷ କରିଥିଲି ତୁମର ? | ସୁଶୀଲ୍ କୁମାର ଭୋଇ | ୩୭୯ |


## ଆମ ହାଣ୍ଡିଶାଳ


| | | |
|---|---|---|
| ଚତଉ ପିଠା | ଦେବଯାନୀ ସ୍ୱାଇଁ | ୩୮୨ |
| ମସଲ୍ର ରଜା ଗୋଲମରିଚ | ଅଭିମନ୍ୟୁ କାନୁନଗୋ | ୩୮୪ |
| ମସଲ୍ ରାଣୀ ଗୁଜୁରାତି | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୮୬ |
| ଚଟପଟା କର୍ନ ମସଲ୍ | ଜୟନ୍ତୀ ଦେବୀ | ୩୮୭ |


## ଆଞ୍ଚଳିକ


| | | |
|---|---|---|
| ସମ୍ବଲପୁରୀ ଦିନ୍ | ଦେବାର୍ଚ୍ଚନ ମେହେର | ୩୮୯ |
| ଭାଷା ସାହିତ୍ୟର ପେରେମ୍ | ବ୍ରଜମୋହନ ମେହେର | ୩୯୧ |
| ମୋବାଇଲ୍ ଫୁଁନ୍ | ମାନସ ରଞ୍ଜନ ସାହୁ | ୩୯୫ |
| ଜିବ ବଏଲେ | ଗଜାନନ ମିଶ୍ର | ୩୯୬ |
| ଆଁଏଖ୍ ଲାଲ୍ | ସୁନୀଲ କୁମାର ଅଗସ୍ତି | ୩୯୮ |
| ମିଲନ୍ | ସତ୍ୟନାରାୟଣ ମିଶ୍ର | ୩୯୯ |
| ସୁନାରି ଆରୁ ସୁନା | ଲମ୍ବୋଦର ମେହେର | ୪୦୧ |


## ଶିଶୁ ବିଭାଗ


| | | |
|---|---|---|
| ପାଚଲ୍ ଛଛିନ୍ଦ୍ରାର କରାମତି | ଡ଼ଃ ରଞ୍ଜିତ କୁମାର ସାହୁ | ୪୦୩ |

ISSN NO.
2582-208X


| | | |
|---|---|---|
| ଜଳ ହିଁ ଜୀବନ | ରାମ ଚନ୍ଦ୍ର ପ୍ରଧାନ | ୪୦୭ |
| ସ୍ୱଚ୍ଛତା | ଜୟନ୍ତୀ ଓଝା | ୪୦୮ |
| ତିନି ରଙ୍ଗ ଆମ ଜାତୀୟ ଧ୍ୱଜା | ଦୀନବନ୍ଧୁ ପୋଇ | ୪୦୯ |
| ଭାରି ଭଲଲାଗେ ଆମରି ଜେଜ | ଜୟନ୍ତ କୁମାର ମଲ୍ଲିକ୍ | ୪୧୦ |
| ରଣ | ଅମରନାଥ ବାରିକ | ୪୧୧ |
| ଭଲ ମଣିଷ ହେବା | ହରେରାମ ପଣ୍ଡା | ୪୧୩ |
| ଚନ୍ଦ୍ର | ଆଦବିକା ପଟ୍ଟନାୟକ | ୪୧୪ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୧୫ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୧୯ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୪୨୦ |


## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୧୫-ଅରଣ୍ୟର ଆଦିମ ମାନବ

"ଅସୀମ, ତୁମେ ଏକ ବଣମଣିଷ ତିଆରି କର ।"- ଅସୀମ ନିଜ ଭିତରେ ଏକ ସ୍ୱର ଶୁଣିଲେ ।

ବଣମଣିଷଟା କେମିତି ହେବ ? ନିଜ ଭିତରର ଜମାଟ ବାନ୍ଧିଥିବା ଜ୍ଞାନକୁ ଇଟା, ବାଲି ସିମେଣ୍ଟରେ ପରିଣତ କରି ସେ ଏକ ମଣିଷର ମୂର୍ତ୍ତୀ ଗଢିବେ । ସେ ନିଜ ଭିତରେ ଥିବା ଚିତ୍ରମାନଙ୍କୁ ବହୁତ ଘାଣ୍ଟିଲେ । ବଣମଣିଷ ଏକ କଳା ଲୋକକୁ ନେଇ ତିଆରି ହୋଇଛି । ଅଧିକାଂଶ ଜାଗାରେ କ'ଣ, ପ୍ରାୟ ସବୁ ଜାଗାରେ ରଙ୍ଗ କଳାରୁ ଆରମ୍ଭ ହୋଇଛି । ଯେହେତୁ ବଣରେ ରହୁଛି, ଲୋକଲୋଚନରୁ ଦୂରରେ ରହୁଛି, ତେଣୁ ରଙ୍ଗ କଳା ହେବା ଉଚିତ । ରଙ୍ଗ ଉପରେ ନିଶ୍ଚିତ ହେବାରୁ, ସେ ତା'ପରେ ତା'ର ଆକାର ଉପରେ ଭାବିଲେ। ଆକାରଟା କେମିତି ହେବ ? କେତେ ଚଉଡା ଆଉ ମୋଟା ହେବ ?

"ଆକାରଟା ମୋଟା, ସୋଟା, ଦୈତ୍ୟାକାର ହେବା ଉଚିତ ।"-ତାଙ୍କ ଭିତରେ ଏକ ନିଷ୍ପତ୍ତି ଜୋରରେ ଶୁଣାଗଲା ।

ଦୈତ୍ୟାକାର କ'ଣ ପାଇଁ ହେବା ଦରକାର, ତା'କୁ ସେ ବିଶ୍ଳେଷଣ କଲେ । ବଣରେ ରହୁଛି, କେତେ ଜୀବ ଜନ୍ତୁ ଥିବେ । ବହୁତ ଜୀବଜନ୍ତୁଙ୍କର ଆକାର ମଣିଷଠାରୁ ବଡ । ଯଥା ହାତୀ କେତେ ବଡ, ଗୟଳ ବିରାଟ ଆକାରର, ବାଘ ସିଂହଙ୍କ ଶକ୍ତି ବହୁତ । ହରିଣ

ISSN NO.
2582-208X

କେତେ ବେଗରେ ଦୌଡେ । ତେଣୁ ସେମାନଙ୍କୁ ହରାଇ ମଣିଷ ଜଙ୍ଗଲରେ ରହୁଛି । ତେଣୁ ସେହି ଆକାରର ହେବା ଉଚିତ ଆଉ ତା'ର ଶକ୍ତି ପଶୁର ଶକ୍ତିଠାରୁ ଅଧିକ ହେବା ଆବଶ୍ୟକ । ସେ ମାଙ୍କଡ ଭଳି ଗଛ ଚଢିପାରୁଥିବ, କୁମ୍ଭୀର ଭଳି ପାଣିରେ ପହଁରିପାରୁଥିବ ଆଉ ସାପ ଭଳି ଗାତରେ କି ପଥର ଫାଙ୍କରେ ପଶି ଲୁଚିପାରୁଥିବ । ତେଣୁ ବଣମଣିଷଟା ସେମିତି ହେବା ଉଚିତ । ତଥାପି ସେ ବଣମଣିଷର ଆକରଟା ନିଶ୍ଚିତ କରିପାରୁଥିଲେ ।

ସେ ମଣିଷର ବିବିର୍ତ୍ତନବାଦ ଉପରେ ଭାବିଲେ । ମଣିଷ ମାଙ୍କଡରୁ ଜୀବନ ଆରମ୍ଭ କରି ସଭ୍ୟତାର ଆଜିର ଶିଖରରେ ପହଞ୍ଚିଛି । ବଢିଆ ପୋଷାକପତ୍ର ପିନ୍ଧୁଛି । କିନ୍ତୁ ଆରମ୍ଭ କେଉଁ ଗୁମ୍ଫାରୁ ହୋଇଛି । ଶିକାର ପଛରେ ଦୌଡି ଦୌଡି, ଶିକାରକୁ ବଲ୍ଲମ ମାରି ବଧ କରୁଛି । ତା'ପରେ ତା'କୁ ନିଆଁରେ ଜଳାଇ ଖାଇବା ଶିଖୁଛି । ନିଆଁ ଅତି ଆବଶ୍ୟକୀୟ ପଦାର୍ଥ ହୋଇଯାଇଛି । ସେମିତିଆ ବଣମଣିଷ ଗୁହାବାସୀ ହୋଇଥିବ ।

ଏମିତିଆ ଭାବିବା ତାଙ୍କ ପୁରୁଣା ଜ୍ଞାନ ହିସାବରେ ହୋଇଗଲା । ମଣିଷ ସେତିକି ଭାବିପାରେ, ଯେତିକି ପାଠ ତା' ଭିତରେ ଭରି ଦିଆଯାଇଥାଏ । ବୋଧହୁଏ କିଛି ଲୋକ ଏହାଠାରୁ ଅଧିକ ଭାବିପାରୁଥିବେ । କିନ୍ତୁ ପ୍ରାୟ ସମସ୍ତେ ନିଜ ଭିତରେ ଭରାଯାଇଥିବା ପାଠ ହିସାବରେ ଭାବିପାରନ୍ତି । ତେଣୁ ଅସୀମ ନିଜ ହିସାବରେ ଏକ ବଣମଣିଷ ତିଆରି କଲେ। ମୁଣ୍ଡରେ ଝାମ୍ପୁରା ବାଳ ଥିବ, ଅଣ୍ଟାରେ କେଉଁ ଗଛର ବକ୍କଳ ଗୁଡାଇଥିବ ଆଉ ହାତରେ ଏକ ବଲ୍ଲମ ଥିବ । ସେ ଶିକାର ପଛରେ ଦୌଡୁଥିବ, ପଥର ଗୁହାରେ ରହୁଥିବ । ଗୁମ୍ଫା ଭିତରକୁ ସାପ ବିଛା ନଆସିବା ପାଇଁ ସେ ବାହାରେ ନିଆଁ ଲଗାଉଥିବ । କିଛି ଗୁମ୍ଫାରେ ତ ଆଦିମ ମଣିଷମାନେ ଚିତ୍ର ଆଙ୍କିଛନ୍ତି । ମଧ୍ୟ ପ୍ରଦେଶରେ ଭୀମବେଟକା ଗୁମ୍ଫା କଥା ତାଙ୍କ ମନେ ପଡିଗଲା । ସେଠାରେ ଗୁହାବାସୀ ମଣିଷ ଦିନେ ଚିତ୍ର ଆଙ୍କୁଥିଲା । ସେମିତି କିଛି ହୋଇଥିବ । ତା'ର ବାସନ କୁସନ ପଥର ତିଆରି ହୋଇଥିବ । ବାସନ ଏମିତି ନଥାଇପାରେ ମଧ୍ୟ ।

ତାପରେ ସେ କ୍ୟାମ୍ପବେଲ ବେ କଥା ଭାବିଲେ । ଶର୍ବରୀଙ୍କ ସହ ଜଙ୍ଗଲ ଭିତରେ ଶୋମ୍ପେନଙ୍କୁ ଦେଖିଛନ୍ତି । ସେମାନଙ୍କ ହାତରେ ବଲ୍ଲମ ଅଛି । ସେମାନେ ନିକୋବରୀମାନଙ୍କ ପାଖକୁ ଯାଇଛନ୍ତି । ଶୋମ୍ପେନମାନଙ୍କ ଆକର ନିକୋବରୀମାନଙ୍କ

ISSN NO.
2582-208X

ଭଳି, ହୁଏତ ତାଙ୍କଠାରୁ ଛୋଟ । ସେମାନେ ମୋଟେ ଦୈତ୍ୟାକାର ଲାଗୁନଥିଲେ । ଗ୍ରେଟ ନିକୋବରର ବଣ ମଣିଷ ଦୈତ୍ୟ ବା ଗରିଲା ଭଳି ବିଶାଳକାୟ ନୁହନ୍ତି । ସେ ନିଜ ଭିତରର ବିଚାରକୁ ଟିକେ ବାଗେଇଦେଲେ । ସେମାନଙ୍କୁ ସେ ବଣମଣିଷ ନକହି ଜଙ୍ଗଲୀ ମଣିଷ କହିବେ କାରଣ ସେମାନେ ଜଙ୍ଗଲ ଭିତରେ ରହୁଛନ୍ତି । ଜଙ୍ଗଲୀ ମଣିଷ କହିଲେ କେଉଁବି ମଣିଷର ଆକାର ଆସିଯିବ ।

ଶୋମ୍ପେନମାନେ ଜଙ୍ଗଲ ଭିତରେ ରହିବା ସତ୍ୱେ ସେମାନଙ୍କ ଦେହର ରଙ୍ଗ ହଳଦିଆ । ସେଇଟା ସେ ଦେଖିଛନ୍ତି । ତେଣୁ ଗ୍ରେଟ ନିକୋବର ଏକ ଅଲଗା ଦ୍ୱୀପ ହୋଇଥିବା ହେତୁ ଏକ ଜଙ୍ଗଲୀ ମଣିଷର ରଙ୍ଗ ହଳଦିଆ ହେବା ଦରକାର । କିନ୍ତୁ ଘଞ୍ଚ ଅନ୍ଧାରିଆ ଜଙ୍ଗଲରେ ରହି ମଣିଷର ରଙ୍ଗ କ'ଣ ପାଇଁ ଏକଦମ କଳା ହେଲାନି, କାରଣ ସେ ହଠାତ୍ ଖୋଜିପାଇଲେ ନାହିଁ । ବହୁ ପ୍ରଶ୍ନର ଉତ୍ତର ମିଳେନା । ତା'ପରେ ଅନେକ ଅନେକ ଭାବିଲେ । ଏବେକା ତଥ୍ୟ ହିସାବରେ କିଛି ମାଇଗ୍ରେସନ ହୋଇଥିବ ଆଉ ମଙ୍ଗୋଲୋଏଡ ରେସର ଲୋକମାନେ ଆସିଯାଇଥିବେ । କିନ୍ତୁ ଜଙ୍ଗଲର ଅଧିବାସୀ କଳା ହେବା ଉଚିତ । ସେଇ କଳା ରଙ୍ଗଟା କେମିତି ହେବା ଦରକାର ? କଳା ରଙ୍ଗର ଅର୍ଥ ହେଉଛି ଆଲୋକର ସବୁ ରଶ୍ମିକୁ ନିଜ ଭିତରେ ରଖିଦେଉଛି ଆଉ ପ୍ରତିଫଳନ ହେଉନି । ଫଳରେ ଆମେ ଏକ କଳା ରଙ୍ଗ ପାଉଛେ । ପ୍ରତିଫଳନ ହେଉଥିଲେ ଆମେ ଅଲଗା ଅଲଗା ରଙ୍ଗ ପାଉଥାନ୍ତେ । ତା'ପରେ ସେ ଭାବିଲେ ଯଦି ଖରାତରାରେ ବୁଲି ରଙ୍ଗଟା କାଳିଚିଆ ପଡିଯିବ ତେବେ ? ନିଜର ପ୍ରକୃତ ରଙ୍ଗଠାରୁ କଳା । ସେଇ କଳା ରଙ୍ଗର ଡେଫିନେସନ ତାଙ୍କୁ ଠିକ ଲାଗିଲା । ଜଙ୍ଗଲୀ ମଣିଷ ଅର୍ଥ ହେଉଛି କଳା, ଖରାରେ ସିଝି କଇନ୍ଥା ପଡିଯାଇଥିବା ରଙ୍ଗ । ତେଣୁ ଏହା କଳା ପାଇଁ ବେଶି ଗ୍ରହଣଯୋଗ୍ୟ ହୋଇଗଲା । ଶୋମ୍ପେନମାନେ ଖରାତରାରେ ବୁଲିବୁଲି ସିଝି କଇନ୍ଥା ପଡିଛନ୍ତି ନିଶ୍ଚୟ ।

ତାପରେ ସେ ଏବେକାର ପଢିଥିବା କଥାମାନ ଏକାଠି କଲେ । କାରଣ ଏକ କଳା ମଣିଷକୁ, ଅର୍ଥାତ ଜଙ୍ଗଲୀ ମଣିଷକୁ ଦେଖିବାକୁ ହେଲେ ସେ ନିଜ ଭିତରର ପୂର୍ବ ଭାବନାମାନଙ୍କୁ ମିଶାଇଦେଇ ବୈଦ୍ୟ ଜଡିବୁଟିକୁ କୁଟିକୁଟି ଏକ ନୂଆ ମିଶ୍ରଣ ବାହାର କଲାଭଳି ସେ ଏକ ନୁଆ ବିଚାର ବାହାର କରିବେ । ଆଉ ସେ ତାହା କରିବାରେ ସେ ଲାଗିଗଲେ । ପୁଣି ମଣିଷର ବିବର୍ତ୍ତନ ବାଦ ହିସାବରେ ନିଜେ କିଛି ନୂଆ ଜିନିଷ

ISSN NO.
2582-208X

ଦେଖିନେବେ । ଭାଗ୍ୟ ଯଦି ଥିବ କିଛି ଶୋମ୍ପେନଙ୍କୁ ସେମାନଙ୍କ ନିଜ ରହିବା ଯାଗାରେ ଦେଖିବେ । ନୂଆ ହିସାବରେ ସେମାନଙ୍କୁ ସେ ଆବିଷ୍କାର କରିବେ ।

କ୍ୟାମ୍ପବେଲ ବେ ଆସିବା ପୂର୍ବରୁ ଶୋମ୍ପେନ ଆଉ ସମୁଦ୍ରକୂଳର ନିକୋବରୀମାନଙ୍କ ବିଷୟରେ ଅସୀମ କିଛି ଜାଣି ନଥିଲେ । ଶୋମ୍ପେନ ଆଉ ନିକୋବରୀମାନେ ମଙ୍ଗୋଲଏଡ ରେସର ଜନଜାତି । ହଳଦିଆ ରଙ୍ଗ । ବଳିଲା ଦେହ । ନିକୋବରୀମାନେ ସମୁଦ୍ରକୂଳରେ ରୁହନ୍ତି କିନ୍ତୁ ଶୋମ୍ପେନମାନେ ଜଙ୍ଗଲ ଭିତରେ ରୁହନ୍ତି । ଶୋମ୍ପେନମାନଙ୍କ ସଂଖ୍ୟା ସୀମିତ। କେବଳ ଗ୍ରେଟ ନିକୋବର ଦ୍ୱୀପରେ ମିଳନ୍ତି । ସେମାନେ ନିକୋବରୀଙ୍କ ଠାରୁ ବହୁ ଅନୁନ୍ନତ । ନିକୋବରୀମାନେ ନିକୋବର ଦ୍ୱୀପପୁଞ୍ଜରେ ପ୍ରାୟ ସବୁ ଦ୍ୱୀପରେ ମିଳନ୍ତି। କିଏ ଜଣେ କହିଲେ ନିକୋବରୀ ଆଉ ଶୋମ୍ପେନମାନଙ୍କ ଭିତରେ ଏକ ବଡ ଭିନ୍ନତା ଅଛି। ଶୋମ୍ପେନମାନଙ୍କ ପାଦ କୁଆଡେ ସମତଳ । ସେ କଥା ଆଉ କେହି କହିଲେନି । ସତ କି ମିଛ କଥାଟା ଜାଣିହେଲାନାହିଁ ।

ଶୋମ୍ପେନମାନଙ୍କ ଉପରେ ସାମାନ୍ୟ ତଥ୍ୟ ଜଙ୍ଗଲରେ ରୁହନ୍ତି ଶାମ୍ପେନମାନେ । ସେମାନେ ସାଧାରଣତଃ ଛୋଟରୁ ମଧ୍ୟ ଆକାରର । ଶୋମ୍ପେନମାନଙ୍କର କୁଆଡେ 'ଓ ପଜିଟିଭ' ବ୍ଲଡ ସାମ୍ପଲ ବେଶି । ଶୋମ୍ପେନମାନେ ଦୁଇଭାଗରେ ବିଭକ୍ତ ହୋଇପାରନ୍ତି । କୂଳରେ ରହୁଥିବା ଶୋମ୍ପେନ ଆଉ ଭିତରେ ରହୁଥିବା ଶୋମ୍ପେନ । ଶୋମ୍ପେନମାନେ ସାଧାରଣତଃ ଯାଯାବର ଜୀବନଯାପନ କରନ୍ତି ଓ ଅସ୍ଥାୟୀ ଘରମାନ ତିଆରି କରିଥାନ୍ତି । କୁଡିଆମାନ ପ୍ରାୟ ପାଣି ମିଳୁଥିବା ଯାଗାରେ ଥାଏ । ସେମାନେ ଦଳ ହୋଇ ରୁହନ୍ତି । ଏକ ଦଳରେ ୧୦ ରୁ ୩୦ ଜଣ ପର୍ଯ୍ୟନ୍ତ ଲୋକ ରହିପାରନ୍ତି । ସେମାନଙ୍କ ଏକ ସ୍ଥାନରେ ରହିବାର ଅବଧି ଖାଦ୍ୟ ମିଳିବା ପର୍ଯ୍ୟନ୍ତ ହୋଇପାରେ ।

ଖାଦ୍ୟ ପାଇଁ ସେମାନେ ମୁଖ୍ୟତଃ ବନ୍ୟ ଶୂକର ଶିକାର, ମାଛ ଧରା ଆଉ ପାଣ୍ଡାନାସ ଫଳ ଉପରେ ବେଶି ନିର୍ଭର କରିଥାନ୍ତି । ସେମାନେ ବର୍ଚ୍ଛା ସାହାର୍ଯ୍ୟରେ ଶିକାର କରନ୍ତି । ଜଙ୍ଗଲରୁ ଭିନ୍ନ ଭିନ୍ନ କନ୍ଦାମାନ ସଂଗ୍ରହ କରିଥାନ୍ତି । ମହୁ ସଂଗ୍ରହ କରିବାରେ ସେମାନେ ବେଶ ପାରଙ୍ଗମ । ପାଣ୍ଡାନାସ ଭଳି ଖାଇବା ପଦାର୍ଥ ଯୋଗାଡ କରିବାକୁ ସେମାନଙ୍କୁ ଲମ୍ବା ଯାତ୍ରା କରିବାକୁ ପଡିଥାଏ । ସେମାନେ ଖାଇବାରେ ସାପ, କଚ୍ଛପ, ବେଙ୍ଗ, ବନ୍ୟ ଶୂକର, ଲିଜାର୍ଡ, କୁମ୍ଭୀର, ମାଛ, ଶାମୁକା, ମହୁ ଆଦି ବ୍ୟବହାର କରନ୍ତି । କିନ୍ତୁ ମୁଖ୍ୟ ଖାଦ୍ୟ

ISSN NO.
2582-208X

ହେଲା କେଓଡା ବା ପାଣ୍ଡାନାସ । ପାଣି ନମିଳିଲେ ସେମାନେ ବେତ କାଟି ସେଥିରୁ ପାଣି ପିଇଥାନ୍ତି । ସାଧାରଣତଃ ଖାଇବା ସେମାନେ ସିଝାଇ କରି ଖାଇଥାନ୍ତି । କିନ୍ତୁ କିଛି ଖାଇବା ଜଳାଇକରି ମଧ୍ୟ ହୁଏ ।

ଶୋମ୍ପେନମାନଙ୍କ ପାଖରେ ଦାଓ, ତେଣ୍ଟା, ହାର୍ପୁନ ଭଳି ଅସ୍ତ୍ର ଥାଏ । ସେମାନଙ୍କୁ ଧନୁ ତୀର ଚଲାଇବା କେହି ଦେଖିନାହାନ୍ତି । ଶୋମ୍ପେନମାନେ ପିଇବା ପାଣି ଭିନ୍ନ ଭିନ୍ନ ଉତ୍ସରୁ ଯଥା ଝରଣା, ପୋଖରୀ ଆଦିରୁ ପିଇଥାନ୍ତି । ସେମାନଙ୍କ ରହିବା ସ୍ଥାନରୁ ପ୍ରାୟ ୨୦୦-୩୦୦ ମିଟର ଦୂରରେ ପାଣିର ଉତ୍ସ ଥାଏ । ଶୋମ୍ପେନମାନେ ସେମାନଙ୍କର ଦାନ୍ତ ସଫା କରନ୍ତି ନାହିଁ । ସେମାନେ ପ୍ରାୟ ଗୁଆ, ଚୂନ ଖାଉଥାନ୍ତି । ଫଳରେ ସେମାନଙ୍କ ଦାନ୍ତ କଳା ପଡିଯାଇଥାଏ । ଶୋମ୍ପେନମାନେ ନିୟମିତ ଗାଧୋଇନଥାନ୍ତି । ଶୋମ୍ପେନମାନେ ଭିନ୍ନ ଭିନ୍ନ ପ୍ରକାରର ଚର୍ମରୋଗରେ ପିଡିତ ହୋଇଥାନ୍ତି । ସେମିତି ବି ସେମାନେ ନିୟମିତ ଭାବେ ନିଜର ବାଳକୁ ସଫା ମଧ୍ୟ କରନ୍ତି ନାହିଁ ।

ଶୋମ୍ପେନମାନଙ୍କ ଉତ୍ପତ୍ତି ବିଷୟରେ ନିକୋବରୀମାନଙ୍କ ଅନେକ ବିଶ୍ୱାସ ଆଉ ଅବିଶ୍ୱାସ ଅଛି । କିଛି ନିକୋବରୀମାନେ ଲୋକମାନେ ତଥାପି ବି ବିଶ୍ୱାସ କରନ୍ତି ଯେ ଅନେକ ଅନେକ ବର୍ଷ ତଳେ କେବେ ଆଣ୍ଡାମାନିଜମାନେ ସେମାନଙ୍କ ବଡ ହୁଡିରେ ଆସି ନିକୋବର ଦ୍ୱୀପରେ ଲୁଟପାଟ କରୁଥିଲେ । ସେମାନଙ୍କ ଭିତରୁ କିଛିଲୋକ କିଛି କାରଣ ପାଇଁ ଫେରିଯାଇ ପାରିନଥିଲେ । ସେମାନେ ଧିରେ ନିକୋବରୀଙ୍କ ସହ ମିଶିଗଲେ । ସେହି ମିଶ୍ରଣରୁ ଶୋମ୍ପେନ ଜାତ । କିଏ ଜାଣେ ? କିଛି କାରଣ ପାଇଁ ଶୋମ୍ପେନମାନେ ଜଙ୍ଗଲକୁ ଚାଲିଗଲେ ଆଉ ନିକୋବରୀମାନେ ସମୁଦ୍ରକୂଳରେ ରହିଗଲେ । ଶୋମ୍ପେନମାନେ ନିକୋବରୀମାନଙ୍କଠାରୁ ସାମାନ୍ୟ କଳା । ବୋଧହୁଏ କିଛି ନିଗ୍ରୋଟୋ ବ୍ଲଡ ସେମାନଙ୍କ ଦେହରେ ଅଛି । ଆକାରରେ ମଧ୍ୟ ସାମାନ୍ୟ ଛୋଟ । ବାଳ ସାମାନ୍ୟ କୁଞ୍ଚରୁ ସାଧା ହୋଇପାରେ । ନିକୋବରୀ ଆଉ ଶୋମ୍ପେନମାନେ ଦେଖିବାକୁ ଟିକେ ଭିନ୍ନ ଲାଗନ୍ତି । ମାଲୟରୁ ସେମାନେ ଆସିଥିବେ କି ?

ଅସୀମଙ୍କର ଶୋମ୍ପେନମାନଙ୍କ ବିଷୟରେ ପ୍ରଥମ ଜ୍ଞାନ ବି ଏସ ଚେଙ୍ଗାପ୍ପାଙ୍କ ଲେଖାରୁ ହୋଇଥିଲା । କିଛି ତଥ୍ୟ ଡଃ ରିଜଭିଙ୍କ ଲିଖିତ ସେ 'ଦ ଶୋମ୍ପେନ' ବହିରୁ ଆହାରଣ କରିଥିଲେ ।

ISSN NO.
2582-208X

ବର୍ଣ୍ଣନା ହିସାବରେ ଶୋମ୍ପେନମାନେ ଦୁଇଭାଗରେ ବିଭକ୍ତ । ଛୋଟ ଆକାରର ଶୋମ୍ପେନମାନେ ସମୁଦ୍ରକୂଳ ପାଖ ଅଞ୍ଚଳ ଯଥା ଜୁବଲି, ଡଗମାର, ଆଲେକଜାଣ୍ଡ୍ରିଆ, ଗଲାଥିଆ ନଦୀର କିଛି ଉପର ଆଡକୁ ରୁହନ୍ତି । ଆଜିକାଲି ସେମାନେ ନିକୋବରୀଙ୍କ ସହ ଶତ୍ରୁତା ଆଚରଣ କରନ୍ତି ନାହିଁ । ଆଗରୁ କ୍ୟାମ୍ପବେଲ ବେ ଅଞ୍ଚଳରେ ନିକୋବରୀ ଆଉ ଶୋମ୍ପେନମାନଙ୍କ ମଧ୍ୟରେ ବଡ ଯୁଦ୍ଧ ଘଟିଯାଇଛି । ଅନେକ ଜନହାନୀ ଘଟିଥିଲା । ଶେଷରେ ଶୋମ୍ପେନମାନେ ଯୁଦ୍ଧରେ ଜୟଲାଭ କଲେ ଆଉ ନିକୋବରୀମାନେ ପଶ୍ଚିମ ଉପକୂଳକୁ ଚାଲିଗଲେ ।

ଗଲାଥିଆ ଆଦି ନଦୀର ଉପର ଆଡକୁ ଅନେକ ଶୋମ୍ପେନ ମିଳନ୍ତି । ଶୋମ୍ପେନମାନେ କାଳେ ସବୁବେଳେ ବର୍ଚ୍ଛା ସହ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଥାନ୍ତି । ସେତେବେଳେ ଅବଶ୍ୟ ଶୋମ୍ପେନମାନଙ୍କ ପାଖରେ ଦାଓ ବା କୁରାଢ଼ୀ ନଥିଲା । ସେମାନେ ଆକ୍ରମଣ ପାଇଁ ବର୍ଚ୍ଛା ଆଉ ତୀରରେ ଲୁହା ବ୍ୟବହାର କରିଥିଲେ । ସେମାନଙ୍କ ଗାଁରେ ମୁଖିଆ ଅଛନ୍ତି । ଶୋମ୍ପେନମାନେ କେଉଁ ଜାଗାରେ ସ୍ଥାୟୀଭାବେ ବାସ କରନ୍ତି ନାହିଁ । ଅତି ସାଧାରଣ କୁଡିଆରେ ରୁହନ୍ତି । ୩-୭ ଫୁଟ ଉଚ୍ଚରେ ଏକ ପ୍ଲାଟଫର୍ମ ତିଆର କରନ୍ତି । ପତ୍ରରେ କୁଡିଆ ଛାଉଣୀ କରନ୍ତି । ସେମାନଙ୍କ ଜୀବନଶୈଳୀ ନିକୋବାରୀଙ୍କ ଠାରୁ ସାମାନ୍ୟ ଭିନ୍ନ। ଦୁଇଜାତି ପାଣ୍ଡାନାସ ଫଳକୁ ମୁଖ୍ୟତଃ ଖାଆନ୍ତି । ଶୋମ୍ପେନମାନେ ଅଣ୍ଟାତଳେ ଗଛର ବଲ୍କଳ ପିନ୍ଧନ୍ତି । କାଠରେ କାଠକୁ ଘଷି ନିଆଁ କରନ୍ତି । ତେଣୁ ଘରେ କେବେବି ନିଆଁ ଲିଭିଯିବାକୁ ଦିଅନ୍ତି ନାହିଁ । ସେମାନେ ଜଙ୍ଗଲରୁ ଘୁଷୁରି ଶିକାର କରନ୍ତି । ସେମାନେ ପାନପତ୍ର ଆଉ ଗୁଆ ଚୋବାଇବାକୁ ବେଶ ପସନ୍ଦ କରନ୍ତି । ପାଣି ପିଇବା ଉପରେ ସେମାନେ ଅତି ସାବଧାନତା ଗ୍ରହଣ କରନ୍ତି । କେବେ ବଡ ନାଳାରୁ ପାଣି ପିଅନ୍ତି ନାହିଁ । ଛୋଟ ଛୋଟ ନାଳାରୁ ବୋହିଆସୁଥିବା ସଫା ପାଣିକୁ ପିଅନ୍ତି । ଜଙ୍ଗଲରେ ବୁଲିଲାବେଳେ ସେମାନେ ସାଙ୍ଗରେ ପାଣି ନେଇଥାନ୍ତି । ଶୋମ୍ପେନମାନେ ବୋଧହୁଏ ଏକାଧିକ ବିବାହ କରନ୍ତି ନାହିଁ । ସ୍ୱାମୀ ସ୍ତ୍ରୀ ଅଲଗା ପରିବାରଠୁ ଅଲଗା ହୋଇ କୁଟୀର କରି ରୁହନ୍ତି । ଶୋମ୍ପେନମାନଙ୍କ ଭାଷା ନିକୋବରୀମାନଙ୍କ ଭାଷାରୁ ଅଲଗା ।

ଶୋମ୍ପେନ ଘରଗୁଡିକ ତିନି ପ୍ରକାର ହୋଇପାରେ । ସବୁଠାରୁ ସାଧାରଣ ପ୍ରକାର ଘରେ ଛାଉଣୀ ଏତେ ତଳୁଆ ହୋଇଯାଏ ଯେ ଚାରିପାଖରେ କାନ୍ଥ ବା ଉହାଡର ଦରକାର ପଡେନି । ଦ୍ୱିତୀୟ ପ୍ରକାର କୁଡିଆରେ ଉପରେ ଛାଉଣୀ ଥାଏ, ଦୁଇକଡରେ ବାଡ ଥାଏ

ISSN NO.
2582-208X

କିନ୍ତୁ କୁଡିଆର ଆଗ ଆଉ ପଛ ଅଂଶ ଖୋଲା ଥାଏ । ତୃତୀୟ ପ୍ରକାର କୁଡିଆରେ ଛାଉଣି ପରେ ଘରର ଚାରିପାଖେ ବାଡା ଥାଏ ଆଉ ଆଗରେ, ପଛରେ ଦ୍ୱାର ଥାଏ ତଥା ଚାରିପାଖ ବାଡରେ ପବନ ପାଇଁ ଝରକା ବି ଥାଇପାରେ । ଏସବୁ ଘରର ଉଚ୍ଚତା ୧୦ରୁ ୧୮ ଫୁଟ ପର୍ଯ୍ୟନ୍ତ ହୋଇପାରେ ଓ ଏହାର ଚଉଡା ୭ରୁ ୮ ଫୁଟ ତଥା ଲମ୍ବା ୭ରୁ ୧୦ ଫୁଟ ପର୍ଯ୍ୟନ୍ତ ହୋଇପାରେ ।

ଶୋମ୍ପେନ ପରିବାରରେ ଜଣକରୁ ନେଇ ଦଶଜଣ ପର୍ଯ୍ୟନ୍ତ ସଦସ୍ୟ ହୋଇପାରନ୍ତି । ସାଧାରଣତଃ ଏକ ଛାତ ତଳେ ଏକା ରୋଷେଇରୁ ଖାଉଥିବା ବ୍ୟକ୍ତିମାନଙ୍କୁ ପରିବାରର ସଦସ୍ୟ କୁହାଯାଇପାରିବ । ଶୋମ୍ପେନ ସମାଜରେ ଘରର ମୁଖ୍ୟ ଅଛନ୍ତି । ଘରର ବୟସ୍କ ବ୍ୟକ୍ତି ସାଧାରଣତଃ ମୁଖ୍ୟ ହୋଇଥାନ୍ତି । ଘରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ବନ୍ଧ ଥାଏ। ଶୋମ୍ପେନ ମହିଳମାନେ ଲୁହା ବା ପ୍ଲାଷ୍ଟିକର ଚୂଡି ପିନ୍ଧିଥାନ୍ତି । କାନରେ ବଡ କଣା ଥାଏ ଯେମିତିକି ଏକ ପ୍ରାୟ ୫ ସେମି ଗୋଲାଇର ବାଉଁଶ କାନରେ ପିନ୍ଧାଯାଇପାରେ ।

ଅସୀମ ଏମିତି ବହୁ ତଥ୍ୟ ଏକାଠି କରିନେଲେ । ଏବେ ତାଙ୍କର ଗ୍ରେଟ ନିକୋବରର ଏକ ଜଙ୍ଗଲୀ ମଣିଷ ଉପରେ କିଛି ବିଚାର ଆସିଯାଉଥିଲା । ତଥାପି ମନରେ କଳା ରଙ୍ଗ ଆସୁଥିଲା । ଲୋକଗୁଡା ଯାହାହେଲେ ବେଶି କଳା ନୁହନ୍ତି । କିନ୍ତୁ ନିକୋବରୀଙ୍କଠାରୁ କଳା। ଜଙ୍ଗଲରେ ରହିଲେ କ'ଣ ଶ୍ୟାମଳ ହୋଇଯାଆନ୍ତି ନା କି ? ଶର୍ବରୀଙ୍କ ସହ ଯାଇ ଦେଖିଥିଲେ ଯେ ସେମାନେ ନିକୋବରୀଙ୍କ ପାଖକୁ ଯାଇ କିଛି ଗୁଆ ଭଳି ଜିନିଷ ଦେଇ କପଡା ସଂଗ୍ରହ କରୁଥିଲେ । ଅନ୍ଧାରରୁ ବାହରିବାର ଚେଷ୍ଟା ଅଛି ନିଶ୍ଚୟ । କିନ୍ତୁ ସେ ଆହୁରି କିଛି ଦେଖି ଜଙ୍ଗଲୀ ମଣିଷକୁ ନିଜ ହିସାବରେ ରୂପ ଦେବେ ।

"ସେମାନେ ଭଲଭାବେ ଦୌଡି ପାରିବେନି ।"- ୩୫ କିମିର କ୍ୟାମ୍ପବାବୁ ଉଦୟରାଜ ଏଇଟା ଅବଶ୍ୟ ପରେ କହିଥିଲେ ।

ଅସୀମ ସେଦିନ ଉଦୟରାଜ ବାବୁଙ୍କୁ ଆଶ୍ଚର୍ଯ୍ୟ ହୋଇ ସିଧା ଚାହିଁଥିଲେ । ଉଦୟରାଜ ଏକ ମଧ୍ୟ ବୟସ୍କ ବ୍ୟକ୍ତି । ପେଟଟା ଶରୀର ହିସାବରେ ବଡ । କିନ୍ତୁ ବଡ ଆମାୟିକ ବ୍ୟକ୍ତି । କଥାବାର୍ତ୍ତା ଆଉ ବ୍ୟବହାର ବଡ ଭଦ୍ର । ଅସୀମ୍ କିନ୍ତୁ ଏକ ଜଙ୍ଗଲୀ ମଣିଷକୁ ଏକ ବଡ ଦୌଡାଳୀ ବୋଲି ଭାବିଥିଲେ । ସେଇଆ ତ ସେ ଏପର୍ଯ୍ୟନ୍ତ ପଢି ଆସିଛନ୍ତି । କେଉଁ ଜଙ୍ଗଲୀ ମଣିଷକୁ ଅବଶ୍ୟ ପାଖରୁ ଦେଖିନାହାନ୍ତି । ଉଦୟରାଜ ବାବୁ ହୁଏତ ଠିକ

ISSN NO.
2582-208X

କହୁଥିବେ । କିମ୍ବା ହୁଏତ ଆଉ କିଛି ଦେଖିଲା ପରେ ଅସୀମ ନିଜ ମତ ପରିବର୍ତ୍ତନ କରିବେ ।

"ମୁଁ ଏକ ଶୋମ୍ପେନକୁ କାମରେ ରଖିଛି ।"

"ଶୋମ୍ପେନମାନେ କାମ କରୁଛନ୍ତି ?"

"ନା, ସେମାନେ କାହାର କାମ କରନ୍ତିନି । କିନ୍ତୁ ମୁଁ ତା'କୁ କହିଲି ଶୋମ୍ପେନ ହୁଡି ତିଆରି କରିବା ପାଇଁ । ଆଉ ସେ ଏକ ଘର ସଜାଇବା ହୁଡି ତିଆରି କଲା । ସେଇଟା ମୁଁ ତାଠାରୁ ନେଲି ଆଉ ପ୍ରତି ବଦଳରେ ତା'କୁ କିଛି ଚାଉଳ ଦେଲି ।"

"ଭଲ କଲେ । ସେମାନଙ୍କୁ କିଛି ମିଳିଲା । ଆଉ କାମ ବଦଳରେ ବେତନ ମିଳିଲା ।"

"କେବଳ ଚାଉଳ ବାଣ୍ଟିଥିଲେ ସେମାନେ ହୁଏତ ଭିକାରୀ ଭଳି ବ୍ୟବହାର କରୁଥାନ୍ତେ ।"- ଉଦୟରାଜ କହିଲେ ।

ଅସୀମ ଭାବିଲେ ଠିକ କଥା । ଏକ ଆଦିମ ଅଧିବାସୀ କ'ଣ ପାଇଁ ସରକାରୀ ଅନୁଦାନ ଉପରେ ନିର୍ଭର କରିବ? ସେମାନେ କେଉଁ ହଜାର ହଜାର ବର୍ଷ ଆଗରୁ ଜଙ୍ଗଲ ଉପରେ ନିର୍ଭର କରି ରହିଛନ୍ତି । ସେମାନଙ୍କୁ ସବୁ ପୋଷକତ ଜଙ୍ଗଲରୁ ମିଳୁଛି । କିଛି ଆବଶ୍ୟକ ଜିନିଷ ପାଇଁ ସେମାନେ ନିକୋବରୀଙ୍କ ସହ ବାର୍ଟର ସିଷ୍ଟମ ମାଧ୍ୟମରେ ପାଉଛନ୍ତି । ଜିନିଷ ଅଦଳବଦଳ ହେଉଛି । ସେମାନେ କିଛି ଦେଇ କିଛି ପାଉଛନ୍ତି । ସରକାରୀ ଅନୁଦାନରେ ସେମାନେ କିଛି ନଦେଇ ସରକାରଙ୍କଠାରୁ ସାହାର୍ଯ୍ୟ ପାଉଛନ୍ତି । ଏହା ଏକ ଭଲ ସିଷ୍ଟମ ନୁହେଁ । ସେଇଟା ଅସୀମଙ୍କୁ ଭୁଲ ଲାଗେ । ଉଦୟରାଜ ବାବୁ ଯାହାହେଉ ଏକ ଭଲ ନିୟମ ନିଜ ହିସାବରେ ନିଜ କ୍ୟାମ୍ପରେ ପ୍ରବର୍ତ୍ତନ କରିଛନ୍ତି । ଜଙ୍ଗଲୀ ମଣିଷ ପାଇଁ ପ୍ରଥମରୁ ଏମିତି ନିୟମ ମାନେ ବୋଲି ତାଙ୍କ ମନରେ କିଏ କହୁଥିଲା । ଜଙ୍ଗଲୀ ମଣିଷ ବିନା ପରିଶ୍ରମରେ କିଛି ନିଏନା । କାରଣଟା ତ ଜଙ୍ଗଲ । ଜଙ୍ଗଲରେ ବିନା ଉଦ୍ୟମରେ କିଛି ମିଳେନା । ଏ ଜ୍ଞାନ ଜଙ୍ଗଲୀ ମଣିଷ ପାଖରେ ଜନ୍ମରୁ ଅଛି ।

"ଆପଣ ସେ ହୁଡି ଦେଖିବେ ?"

ISSN NO.
2582-208X

ତାପରେ ଉଦୟରାଜ ହୁଡି ନେଇଆସିଲେ । ବଡ କାରିଗରୀ ସହ ପିଲାଟା ହୁଡି କରଛି । ଠିକ ବଡ ହୁଡିର ମିନିଏଚର । ଚାକୁରେ ପରିଷ୍କାର କରି ସଫା କରିଛି । ଶୋମ୍ପେନମାନେ କିଛି କାରୁକାର୍ଯ୍ୟ କରିପାରନ୍ତି ବୋଲି ଅସୀମ ଭାବିପାରିନଥିଲେ । ସେମାନଙ୍କର ଘରେ ସେମିତି କିଛି ସୁନ୍ଦର ବଢେଇ କାମର ସାମଗ୍ରୀ ନାହିଁ । ପିଲାଟା ବୋଧେ ନିକୋବରୀମାନଙ୍କ ପାଖରୁ କାମ ଦେଖି ଦେଖି ଶିଖିଛି ।

"ସେ ଟୋକା ଆସେ ?"

"କେବେକେବେ କ୍ୟାମ୍ପକୁ ଆସିଯାଏ । କିନ୍ତୁ ସେ ତା' ପରିବାର ସହ ଜଙ୍ଗଲରେ ରୁହେ ।"

"ତା ନାଁ ଅଛି ?"

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଶ୍ରାବଣର ଧାର



ଡ. ପ୍ରସନ୍ନ କୁମାର ବଳ

ଧାରା ଶିରାବଣ କଥା ପଢିଥିଲୁ ଦିନେ,
ଶିରାବଣ ଅଛି ସତେ ଧାରା ଗଲା କେଣେ ??
ଶ୍ରାବଣର ଟିପି ଟିପି ବର୍ଷା ହୁଏ ଜାଣ,
ଆଣେ ଶିହରଣ ମନେ କେତେ ଯେ ସପନ ॥
ଶ୍ରାବଣର ଧାରା ଯେବେ ସ୍ପର୍ଶ କରେ ଭୂମି,
ଶିହରଣ ଖେଳି ଉଠେ ଧରା ଧାମେ ପୁଣି ॥
ଭିଜା ଭିଜା ସ୍ୱପ୍ନ ପୁଣି ଭାସିଯାଏ ସଙ୍ଗେ,
ସାଉଣ୍ଟିକି ନେବ କିଏ ଅଛି ବା ମୋ ସଙ୍ଗେ ॥
ଶ୍ରାବଣର ଧାରା ଦିଏ ଦେହ ମନେ ନିଆଁ,
ପ୍ରେମିକ ପ୍ରେମିକା ଝାସ ଦିଏ କରି ଧୂଆଁ ॥
ଭିଜା ଭିଜା ଦେହେ ପୁଣି ଆସେ ଶିହରଣ,
ମନର ବାସନା ଭରେ ନାହିଁ ତ ବାରଣ ॥
ଗ୍ରାମ ମଧ୍ୟେ ଶ୍ରାବଣର ଧାରା ଯାଏ ଛୁଟି,
କାଗଜର ଡଙ୍ଗା ପୁଣି ଯାଏ ସେଠି ଭାଷି ॥
କୃଷକର କୃଷି କାମ ଚାଲେ ନିରନ୍ତର,
ମନରେ ଆନନ୍ଦ ତାର ଆଶାର ସଂଚାର ॥

ISSN NO.
2582-208X

ହେଲେ ଏବେ ସବୁ କିଛି ବଦଳି ଯାଇଛି,
ଶ୍ରାବଣ ମାସରେ ଖରା ତା ଦାଉ ସାଧୁଛି ॥
କୃଷକଟି କାମ ଛାଡି ଘରେ ତ ବସିଛି,
ଭାଳେଣି ମଧ୍ୟରେ ସିଏ ଦିନ ହିଁ କାଟୁଛି ॥
ଧାରା ଶିରାବଣ ମାସ ଇତିହାସ ଏବେ,
ଭୂଗୋଳ ପୃଷ୍ଠାକୁ ଇଏ ଫେରିବତ କେବେ ??

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ସମ୍ମୁଖ ଦର୍ପଣ ମୋର



ଭାସ୍କର ଚନ୍ଦ୍ର ଖଣ୍ଡା

ଆସୁଛି ଦେଖି ତୋତେ
କେତେ ଛୋଟ ବେଳୁ
ମନେ ପଡୁଛି ଝାପସା ଝାପସା ମୋର
ହେଲାନି ତ ପରିବର୍ତ୍ତନ କିଛି ତୋର
ହେଲେ ସମୟର କାଳ ଚକ୍ର ଭିତରେ
କଲି ପ୍ରତାରଣା ତୋ ସହିତ ମୁଁ ।୧।

ହେ ଦର୍ପଣ !
ସୁଖ ଦୁଃଖର ଭାଗୀଦାର ମୋର
ଦେଖିଲୁ ମୋ ଶୈଷବ କୁ
ଦେଖିଲୁ ମୋ ଯୌବନକୁ
ଆଜି ଯେତେବେଳେ
ଧଳା ଚୁଟିରେ ରଂଗ ବୋଳି
ତୋ ସମ୍ମୁଖ କୁ ଯାଏ
ଛୁପାଇ ଅସଲ ଚେହେରାଟି କୁ
ହୁଏ ବୋଧଗମ୍ୟ ଧୋକା ଦେଲା ପରି ତୋତେ ।୨।

ଜାଣି ପାରିଲିନି ଠିକ୍ ରୂପେ ପଢି
ଅନେକ ଚେହେରା କୁ
ଭଲ ପାଇ ଏକ ତରଫା

ISSN NO.
2582-208X

ଗଲି ଛନ୍ଦି ହୋଇ
ସମସ୍ୟା ଘେରା ଜୀବନ ଛନ୍ଦରେ
ଭାବିଲି ହୁଏତ ସିଏବି ପାଉଥିବ ଭଲ ।୩ ।

ଦୁଃଖ ଯନ୍ତ୍ରଣା ଭିତରେ ସଢ଼ି ହୋଇ
ବୋଳି ହେଲି ପରଫ୍ୟୁମ
କଲି ପ୍ରତାରଣା ସୁଗନ୍ଧ ପାଇଁ
ତୋ ସମ୍ମୁଖରେ ।୪ ।

ତୁ କଣ ଜାଣି ପାରିଥିବୁ ?
ମୋ ଅନ୍ତର୍ବେଦନା କୁ
ହସ ହସ ଚେହେରା ଭିତରେ
ବେଦନାସିକ୍ତ ମୋର ହୃଦୟ କୁ
ପାରିଥିବୁ କଣ ପଢି ? ।୫ ।

କହ ଏମିତି ଆଉ କେତେଦିନ
ଦେଖିବି ତୋତେ ??
ସେଇ ପ୍ରତାରଣା ଭିତରେ
ଶୋଇ ପଡିବି ନିଘୋଡ ନିଦରେ ଦିନେ
ପାରିବିନି ଛିଡା ହୋଇ ସେଦିନ
ତୋ ସମ୍ମୁଖ ରେ
କଣ ଆଉ କହିବି ତୋତେ ?
ହେ ଜୀବନର ସହଭାଗୀ
ସମ୍ମୁଖ ଦର୍ପଣ ମୋର ।୬ ।

ଫ୍ଲାଟ୍ ନଂ ବି ୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ସହୋଦର



ଇଂ. ସୁଶାନ୍ତ କିଶୋର ବଳ

*ଏକଇ ମାତୃକାର ଉଦରୁ ଜାତ*
*ଦୁଇ ନବଜାତ ଏକ ସମୟରେ*
*ଆଗପଛ ହୋଇ ଜନମ ନେଲେ ତାଂକୁ କୁହାଯାଏ ସହୋଦର.*

*ଦୁହିଂକ ରକତେ ସାମଂଜସ୍ୟ ଥାଏ*
*ଦୁହିଂକ ଆଗ୍ରହ ଆବେଦନ ଏକପରି ଥାଏ*
*ଦୁହେଂ ଦୁହିଂକର ଅନୂପୁରକ .*
*ଦୁହେଂ ଦୁହିଂକର ପରିପୂରକ .*
*ଦୁହେଂ ଆହାରିଥାନ୍ତ ଏକ ମାତୃସ୍ତନ୍ୟ*
*ଶରୀରର ବହିର୍ଭାଷା ଏକ ପରକାର*
*କାରଣଟି ହେଲା ଦୁହିଂକ ଏକମାତୃତ୍ୱ .*
...........
*ଗ୍ରହୁଂ ଗ୍ରହୁଂ ବିତିଯାଏ ସମୟ .*
*ବାଲ୍ୟକାଳ ଟପି ଦୁହେଂ ଲଭିଥାନ୍ତ*
*ପଦାର୍ପଣ କରି ଯୌବନେ ଦୁହେଂ*
*ବାଛିଥାନ୍ତ ନିଜନିଜ ଅଭୀଷ୍ଟ ରାସ୍ତା .*
*କିଏ ଆଦରିଥାଏ କଣ୍ଟକତ ରାସ୍ତା*

ISSN NO.
2582-208X

*କଂକରଭର୍ତ୍ତି ଶଂକତ ଅବ୍ୟବସ୍ଥିତ*
*ଦୂର୍ଗମ, ଦୁଃସାଧ ଭୟଶଂକୂଳ .*
*ଜୀବନର ନଥାଏ ସ୍ଥାୟିତ୍ୱ ସ୍ୱାଛଂଦତା*
*ପ୍ରତିଟି ମୂହୁର୍ତ ହଳାହଳମୟ .*
*ନଥାଏ ସେଥେ ଆଶ୍ୱାସନା ସ୍ଥିରତା .*
*କେଭେ ଥାଏ ଭର୍ତ୍ତି ଉଦର,*
*କେବେ ପୁଣି ବେଅନ୍ନ ନୀର୍ଜଳ .*
*ତଥାପି ସେ ଥାଏ ଅଭିପ୍ରାୟେ କାଳେ*
*ମିଳଯିବ ପଥପ୍ରାନ୍ତରୁ ଅଗ୍ୟନକ ସ୍ୱର୍ଣମୁଣ୍ଡା*
*ବିଗତ ସମୟର ପରିଶ୍ରମର ଫଳ*
*ମିଳଯିବ ଏକଇ ସାଥେ.*
*ହରିଯିବ ଦୁଃଖ, ମିଟିଯିବ କଷଣ*
*ଜୀବନ ହୋଇବ ଧନ୍ୟ ଧନ୍ୟ .*

*ଆନ ସହୋଦରଟି ବାଛିଥାଇ ନଜର*
*ବାଂଛିତ, ସ୍ୱତସିଧ୍ଧ , ପ୍ରତିଷ୍ଠିତ ସରଣୀ*
*ଯହିଂରେ ଆସିବ ଜୀବନେ ଉନ୍ମେଷ*
*ହୋଇପାରେ ଧିର, ସମୟ ସାପେଖ୍ୟ.*
*ରଖିବାକୁ ପଡିବ ଧର୍ଯ୍ୟ, ସ୍ଥିରଚତ୍ତ*
*କରିବାକୁ ପଡିବ ଶାନ୍ତେ ମନୋନବେଶ .*
*କଥାରେ ଅଛିପର୍ତ୍ତି-*
*ଧିରପାଣି ପଥରକାଟେ !*
*ଅପେଖ୍ୟାର ପରିଣତି ମଧୂର .*

*ସ୍ୱଦେହେ ଅଛନ୍ତୁ ପିତାଶ୍ରୀ ଯେ'ଯାଏ*
*ସେଯାଏ ପ୍ରାୟତ ରହିଥାନ୍ତୁ ଏକନ୍ର .*
*ଏକଇ ହାଣ୍ଡିରୁ ଭତ ଖାଇଥାନ୍ତୁ*

ISSN NO.
2582-208X

*ଚକାମାଲି ପକାଇ ଭୋଜନଶାଳେ .*
*ପିତାଂକ ନୀର୍ଦ୍ଦେଶେ ଶ୍ରେଷ ହୋଇଥାଏ*
*ଗୃହର ଶାସନଡୋରି ନ୍ୟସ୍ତ* *ପିତାଂକହସ୍ତେ*
*କନ୍ତୁ.....*
*ପିତାଂକ ଏକାଦଶାହ ଉପରାନ୍ତେ*
*ଧିରେ ଅଂକୁରିତ ହୁଅଇ ମନୋମାଳନ୍ୟ.*
*ଯାହା ସମୟକ୍ରମେ ନେଇଥାଏ*
*ଭୟଂକର ରୂପ, କରାଳ ଅଟେତା'* *ପ୍ରଭାବ.*

*ତିକ୍ତତା ପରିଣତ ଘନ ଶତ୍ରୁତାରେ*
*କେହିକାହାରି ନଦେଖନ୍ତି ଶିରି, ଆନନ .*
*ଉପନୀତ ହୁଏ ବିଷମ ସ୍ଥିତି*
*ପରିସ୍ଥିତି ହୁଅଇ ବିଷମତର .*
*ଦିନେ ଘନଅଂଧକାରେ ସୁଯୋଗଉଣ୍ଡି*
*ଏକ ଆରକୁ  ଭୁଷିଥାଏ ତୀକ୍ଷ୍ଣ ଛୁରୀକା*
*ନେଇବି ପାରେ ତା ଦୂର୍ମୂଲ୍ୟ ଜୀବନ.*
*ଅନୁତାପ ଆସେନ ତିଳେମାତ୍ର ତା'ର*
*ଦମ୍ଭେରହିଥାଏ ବିନା ଶୋଚନେ .*
*............*
*ଏଇତ ଭାଇ ମଣିଷ ପଣିଆ*
*ଏଇତ ଭାଇ ବାସ୍ତବ ଜୀବନ .*
*ଏଇ ଅସ୍ଥିରତା ଏଇ ଅସ୍ୱଚ୍ଛତା*
*ଏଇ ଆବିଳତା ଏଇ ଘୃଣ୍ୟତା ତଳେ*
*ଆମେଖୋଜୁଥାଉ ଆମ ସତ୍ତା, ଭାବମୂର୍ତ୍ତୀ*
*ଆମ ସ୍ୱୟଂଭୂତା, ପ୍ରଭୂତ୍ତା, ପ୍ରତିପତ୍ତା*
*ବାସ୍ତବେ ଏସବୁ କଛିନୁହେଂ,*
*ଏତ ଆମ ରୀରୁତା, କାପୁରୁଷତା*

ISSN NO.
2582-208X

*ଅପ୍ରମାଣିତ ଉଦ୍ଧାମତ, ଦ୍ୱୈତ୍ୟ ବ୍ୟକ୍ତିତ୍ୱ,*
*ସ୍ୱଳ୍ପଦ୍ରୁଷ୍ଟତା, ଅପ୍ରମାଣିତ ସ୍ୱୟଂଭୂତା !*

*ଭିତ୍ତୁତ୍ୱର ମାନେ କଛିହି  ନଥାଏ*
*ଏହା ଖାଲିଅଟେ ଲୋକଦେଖାଣିଆ.*
*ଆକାଶକୁ ତୀର, ପର୍ବତକୁ ଧକ୍କା*
*ପରିସ୍ଥିତି ଆସିଲେ ଧର୍‌ପଡିଯାଏ*
*ଏଇ ମହାନଶବ୍ଦ 'ଭିଇ'ର ଯୌକ୍ତିକତା,*
*ବାସ୍ତବିକତା, ଉଦ୍ଭଶୀଳତା, ଉପାଦେୟତା.*

କଟକ

ISSN NO.
2582-208X

# ଶିଷ୍ଟାଗ୍ନର



ଡକ୍ଟର ବିଜ୍ଞାନୀ ଦାସ

ବେଳେବେଳେ ନନ୍ଦିନୀର ମନେହୁଏ କି ଏବେ ସମସ୍ତେ ସାଧାରଣ ଶିଷ୍ଟାଚାର ଭୁଲିଗଲେଣି । ଯଦିଓ ସମସ୍ତଙ୍କ ଦେଖାଦେଖି ସିଏ ବି ସେଭଳି ଶିଷ୍ଟାଚାର ଭୁଲିବା ଅଭ୍ୟାସ କଲାଣି, ତଥାପି କାହିଁକି କେଜାଣି ଆଜି ତାକୁ କେମିତି ମାଡିପଡିଲା । ଖରାପ ଲାଗିଲା ଯେ, ପାର୍ଟି ନ ସରୁଣୁ, କେକ୍ କଟା ନ ହେଉଣୁ ସେମାନଙ୍କୁ ଶୀଘ୍ରଶୀଘ୍ର ଖାଇସାରି ଘରକୁ ଫେରିବାକୁ ପଡିଲା । ନହେଲେ, ଏପଟେ ଅନ୍ୟ ଯେଉଁ କାମଟି ରହିଥିଲା, ସେସବୁରେ ଶିଷ୍ଟାଚାର ଭାଙ୍ଗିବାକୁ ପଡିଥାନ୍ତା । ଯଦି ଲୋକଙ୍କୁ କହିଛ ଗୋଟିଏ ସମୟରେ ପହଞ୍ଚିବାକୁ, ଆଉ ଆବାହକ ହୋଇ ତମେ ପହଞ୍ଚିବ ଡେରିରେ, ସେଇଟା କେଉଁ ରକମର ସଭ୍ୟତା ?

ସେମାନେ ପ୍ରୋଗ୍ରାମ୍ ସବୁର ସମୟ ନିର୍ଘଣ୍ଟ ଆଗରୁ ଦେଖିଥିଲେ । ସେସବୁ ଅନୁଯାୟୀ ଗୋଟାଏ ବେଳେ ଜଳଖିଆ, ଦେଢଟା ବେଳକୁ ଭାଷଣ, ଗୀତ ଇତ୍ୟାଦି ପ୍ରୋଗ୍ରାମ୍, ଅଢେଇଟା ବେଳକୁ ଖରାବେଳ ଭୋଜନ, ସାଢେ ତିନିଟା ବେଳକୁ କେକ୍ କଟା ଓ ପାଞ୍ଚଟା ବେଳକୁ ସମାପ୍ତ । ହେଲେ ସେମିତି ହେଲାନି । ଲୋକ ସବୁ ମନଇଚ୍ଛା ପହଞ୍ଚୁଥିଲେ ଓ ଦେଢଟା ବେଳର ପ୍ରୋଗ୍ରାମ୍ ଆରମ୍ଭ ହେଲା ସାଢେ ଦୁଇଟାରେ । ସେଇଟା ଆରମ୍ଭ କରିବାକୁ ହିଁ କିଛି ସମୟ ଲାଗିଗଲା । ନିମନ୍ତ୍ରିତ ବ୍ୟକ୍ତିମାନେ ଏତେମାତ୍ରାରେ ଗପୁଥିଲେ ଯେ, ବାରମ୍ବାର ମାଇକ୍ ରେ ଘୋଷଣା କଲେ ମଧ୍ୟ, କେହି ପାଟି ବନ୍ଦ କରିବାକୁ ନାରାଜ । ଏମିତିରେ ବାତାବରଣରେ ଶାନ୍ତି ଆଣିବାକୁ ଲାଗିଗଲା ପଇଁଚାଳିଶି ମିନିଟ୍ । ତିନିଟା ହେବାମାତ୍ରେ ନନ୍ଦିନୀ ପ୍ରକାଶଙ୍କୁ ଘଡି ଦେଖେଇ ଠାର ମାରିଦେଲା । ପ୍ରକାଶ ବି ନିଜ ଘଡିକୁ

ISSN NO.
2582-208X

ଦେଖିଲେ ଓ ନନ୍ଦିନୀର କାନରେ ଫୁସ୍‌ଫୁସ୍ କରି କହିଲେ, "ଯାହାବି ହେଉ, ଆମକୁ ଚାରିଟା ବେଳକୁ ଏଠାରୁ ବାହାରିଯିବାକୁ ପଡିବ ।'

ସେଇଟା ଥିଲା ଅରୁଣ ଓ ଆନିଙ୍କ ବଡପୁଅ ଅନନ୍ତର ହାଇସ୍କୁଲ୍ ଗ୍ରାଜୁଏସନ୍ ପାର୍ଟି । ଏ ଯୁକ୍ତରାଷ୍ଟ୍ର ଆମେରିକାରେ ସେ ଗ୍ରାଜୁଏସନ୍ ପାର୍ଟି ବଡ ଧରଣର କରାଯାଏ । ଏମିତି ନୁହେଁ କି ସମସ୍ତେ କରନ୍ତି । କେଉଁ ସମୟରେ ପିଲାମାନେ ମନା କରିଦିଅନ୍ତି ତ କେଉଁ କ୍ଷେତ୍ରରେ ପିତାମାତା ମାନେ ଖର୍ଚ୍ଚ ଓ ଆୟୋଜନ କରିବାର କାର୍ଯ୍ୟ ବହୁଳତାକୁ ଡରି ଛୋଟ ଆକାରରେ ମନ୍ଦିରରେ ପୂଜାଟିଏ କରି ସାରିଦିଅନ୍ତି । ହେଲେ ଯେଉଁମାନେ ବଡବଡ ପାର୍ଟିର ଆୟୋଜନ କରନ୍ତି, ସେମାନଙ୍କର ମଧ୍ୟ ମହତ ଉଦ୍ଦେଶ୍ୟ ଥାଏ । କାରଣ ଏ ହାଇସ୍କୁଲ୍ ପର୍ଯ୍ୟନ୍ତ ପିଲାମାନେ ବାପା ମାଙ୍କ କଥା ଟିକେଟିକେ ମାନୁଥାଆନ୍ତି । ପିଲାଙ୍କ ପାଇଁ ବାପା, ମାଙ୍କର କିଛି ଗୋଟିଏ କରିବାର ସେଇଟା ଶେଷ ସୁଯୋଗ । କଲେଜ ଯିବା ପରେ କଣ ହେବ, କିଛି କହିହେବନି । ପିଲାମାନେ ନିଜ ହାତରେ ନିଜେ ଚଉଦ ପା' ହୋଇଯିବେ । ତାପରେ ଧରାଛୁଆଁ ଦେବେକି ନା ସେକଥା କହିହୁଏନି । ଆଉ ବାହା ହେବେ କି ନା, ବାହାହେଲେ, ବାପା, ମାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟକ୍ରମ ହେବ ନା ନିଜ ଇଚ୍ଛା ଅନୁଯାୟୀ କରିବେ, ସେକଥା ତ ଆୟତର ବାହାରେ ।

ଅରୁଣ ଓ ଆନି ନିଜ ପିଲା ପାଇଁ ଏ ଯେଉଁ ପାର୍ଟିର ଆୟୋଜନ କରିଥିଲେ, ସେଇଟା କୌଣସି ବାହାଘର ପାର୍ଟିରୁ କମ୍ ନୁହେଁ । ପ୍ରାୟ ତିନିଶହ ଅତିଥି ଆସିଥାନ୍ତି । ପାର୍ଟି କୋଠରି ଅତି ସୁନ୍ଦର ଭାବେ ସଜା ହୋଇଥାଏ । କେଉଁ ଭଳି ପୋଷାକ ସମସ୍ତେ ପିନ୍ଧିକି ଆସିବେ, ସେ ବିଷୟରେ ବି ସମସ୍ତଙ୍କୁ ପୂର୍ବରୁ ସୂଚନା ଦିଆଯାଇଥାଏ । ତେଣୁ ସମସ୍ତେ ଅତି ସୁନ୍ଦର ଭାବେ ସଜେଇ ହୋଇ ଆସିଥାଆନ୍ତି ।

ଏମିତିରେ ତ ଓଡିଶାରେ ଏବେ ସବୁ ଶିଷ୍ଟାଚାର ପୂରା ଗଲାଣି ବୋଲି ମାନିବାକୁ ହେବ । କାରଣ, ବିବାହ ଇତ୍ୟାଦି ଭୋଜି ସମୟରେ କିଏ କେତେବେଳେ ଆସେ, ଯାଏ, ଉପହାରଟିଏ ଧରେଇଦିଏ ଓ ଖାଏ, ସେଥିରେ କୌଣସି ବିଶେଷ କଥା ନଥାଏ । ଏମିତିକି ବେଳେବେଳେ ନିମନ୍ତ୍ରିତ ଅତିଥିମାନେ ଏତେ ମାତ୍ରାରେ ଖାଇଦିଅନ୍ତି ଯେ, ପରବର୍ତ୍ତୀ ଲୋକମାନଙ୍କ ପାଇଁ ଖାଇବା ସରିଯାଇଥାଏ । ଏସବୁ ହୁଏ ଅତି ସ୍ୱାଦିଷ୍ଟ ଓ ବ୍ୟୟବହୁଳ

ISSN NO.
2582-208X

ଖାଦ୍ୟପଦାର୍ଥକୁ ନେଇ, ଯଥା ମାଛ, ମାଂସ ଇତ୍ୟାଦି ଆମିଷ ତରକାରୀ କି ରସଗୋଲା ଭଳି ମିଠାକୁ ନେଇ । ଆଉ ଅତିଥିମାନେ କଣ କରନ୍ତି, ଯୋଇଠି ଖାଆନ୍ତି, ସେଇଠି ଗୋଟିଏ କଣରେ ନେଇ ଅଇଁଠା ଥାଳି ଫୋପାଡି ଦିଅନ୍ତି । ବେଳେବେଳେ ଆବାହକ ମାନେ ସ୍ୱତନ୍ତ୍ର ବ୍ୟବସ୍ଥା ରଖିଥିଲେ ମଧ୍ୟ, ସମସ୍ତେ ତାକୁ ଅଣଦେଖା କରି ନିଜ ମନଇଚ୍ଛା କାମ କରନ୍ତି । ଏ ଯୁଗରେ ସେସବୁ ବଦଅଭ୍ୟାସ ସହିତ ଜୋଡି ହୋଇଯାଇଛି ସେଲ୍‌ଫି । ସମସ୍ତଙ୍କ ହାତରେ ମୋବାଇଲ୍ । ସମସ୍ତେ ଆଜିକାଲି ୟୁଟିୟୁବ୍ ରେ ଭିଡିଓଟିଏ ଅପଲୋଡ୍ କରିଦେଇ ହିରୋ, ହିରୋଇନ୍ ହୋଇଗଲେ ବୋଲି ଭାବନ୍ତି । ଏଣୁ ବିବାହ ସମୟର ସାଜସଜ୍ଜା, ରଙ୍ଗବେରଙ୍ଗ ଆଲୁଅ ସେଲ୍‌ଫି ଓ ଭିଡିଓ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟିକରେ ।

ଏବେ ଆମେରିକାରେ ମଧ୍ୟ ସେମିତି ଔପଚାରିକତାର ଅଭାବ ଦେଖାଗଲାଣି । ମନଇଚ୍ଛା ଗପ କରୁଥିବେ । ଯିଏ ନିମନ୍ତ୍ରଣ କରିଛି, ସିଏ କଣ ପ୍ରୋଗ୍ରାମ୍ ରଖିଛି, କଣ କହୁଛି, କେତେବେଳେ କଣ ସବୁ ହେବାର ଅଛି, ସେକଥା ଦେଖିବାର ନାହିଁ । ଆସିବେ ଡେରିରେ, ଗପ ଆରମ୍ଭ କରିଦେବେ, କାହା କଥା କିଛି ନିଜେ ତ ଶୁଣିବେନି, ଏବଂ ନିମନ୍ତ୍ରଣ କରିଥିବା ବ୍ୟକ୍ତି ଯାହା କହୁଥିବ, ତାକୁ ବି ଅନ୍ୟ କାହାକୁ ଶୁଣେଇଦେବେନି । ସେମିତି ହିଁ ହେଲା । ଅନନ୍ତର ପାର୍ଟିରେ ଖରାବେଳର ଭୋଜନ ଆରମ୍ଭ ହେଉହେଉ ତିନିଟା ପଇଁତାଳିଶି ବାଜିଗଲା । ଛନକା ପଶିଲା ନନ୍ଦିନୀ ମନରେ । ସେତେବେଳକୁ ସୁନନ୍ଦା ମଞ୍ଚ ଉପରକୁ ଗୀତ ଗାଇବାକୁ ଆସୁଥାଏ ଓ ପ୍ରକାଶ କେତେ ଜଣ ସାଙ୍ଗଙ୍କ ସହିତ ଗପୁଥାଆନ୍ତି । କିଏ ଜଣେ ଗୀତ ଆରମ୍ଭ କରିବାବେଳେ ଖାଇବା ପାଇଁ ଉଠିଯିବା ଏକ ଅସଭ୍ୟ ଆଚରଣ ବୋଲି ନନ୍ଦିନୀର ଡିକ୍‌ସିନାରୀରେ ଥାଏ । ହେଲେ ଆଜି ସିଏ ସେଭଳି ଆଚରଣ କରିବାକୁ ବାଧ୍ୟହେଲା । ସିଏ ଖାଇବା ପାଇଁ ଧାଡିରେ ଠିଆ ହେବାକୁ ବାହାରିବା ସମୟରେ, ପ୍ରକାଶଙ୍କୁ ଟିକେ ଚିମୁଟିଦେଲା ଓ ସିଏ ସେକଥା ବୁଝିପାରିଲେ । ଗପ ଶେଷ କରି ସିଏ ବି ଯାଇ ନନ୍ଦିନୀର ପଛରେ ପ୍ଲେଟ୍‌ଟିଏ ଧରି ଠିଆ ହୋଇପଡିଲେ । ଏମିତିରେ ପ୍ରାୟ ଚାରିଟା ବେଳକୁ ସେମାନଙ୍କ ଭୋଜନ ସରିଗଲା ଓ ସେମାନେ ତରତର ହୋଇ ପାର୍ଟି କୋଠରିରୁ ବାହାରିଆସିଲେ ।

ଘରେ ଆସି ପହଞ୍ଚୁ ପହଞ୍ଚୁ ୫ଟା ୧୫ । ପ୍ରକାଶ କହିଲେ, "ଟିକେ ଚାହା କର । ପିଇଦେଇ ମନ୍ଦିର ଯିବା ।' ଅଗତ୍ୟା ନନ୍ଦିନୀକୁ ଚାହା ତିଆରି କରିବାକୁ ପଡିଲା । ଚାହା ପିଇ ପ୍ରକାଶ

ISSN NO.
2582-208X

ମନ୍ଦିର ଚାଲିଗଲେ । ଅନ୍ତତଃ ଆୟୋଜକ ହିସାବରେ ଜଣେ ତ ଠିକ୍ ସମୟରେ ଉପସ୍ଥିତ ରହିଥିବା ଉଚିତ୍ । ମନ୍ଦିର ଯିବା ପୂର୍ବରୁ ନନ୍ଦିନୀର କେତେଟା ନିୟମ ଥାଏ । ସିଏ ସମସ୍ତ ଅନ୍ତର୍ବାସ ବଦଳାଏ । ଆଉଥରେ ଦାନ୍ତ ଘଷେ, ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଗାଧାଏ ଓ ଧୁଆ ବସ୍ତ୍ର ପିନ୍ଧି ଯାଏ । ଆଗରୁ ସିଏ ଖାଦ୍ୟ ପ୍ରସ୍ତୁତ କରି ପାର୍ଟିକୁ ଯାଇଥିଲା । ତେଣୁ ଶୁଦ୍ଧ ବସନ ପରିଧାନ କରି ସିଏ ସମସ୍ତ ଖାଦ୍ୟ ପଦାର୍ଥ ଯତ୍ନରେ ଗାଡି ଭିତରେ ରଖିଲା ଓ ଘରୁ ପାଞ୍ଚଟା ୫୦ରେ ବାହାରିଗଲା । ନିଜକୁ ଖରାପ ଲାଗୁଥାଏ ଭାବିକି କି ହୁଏତ କିଛି ଲୋକ ଆସିସାରିବେଣି । ହେଲେ ମନ୍ଦିରରେ ପହଞ୍ଚି ଦେଖିବା ବେଳକୁ କେହି ବି ନଥିଲେ । ମନଟା ମରିଗଲା । ଏମିତିରେ ସାତଟା ପର୍ଯ୍ୟନ୍ତ କେହି ଆସିନଥିଲେ । ସାତଟା ପରେପରେ ଆଉ ପାଞ୍ଚଟି ପରିବାର ଆସି ଭିନ୍ନଭିନ୍ନ ସମୟରେ ଯୋଗଦେଲେ । ଏବେ ଭଲଲାଗିଲା । ଭଜନ ଓ ଆରତୀ ଠିକ୍‌ଠାକ୍ ହେଲା । ତାପରେ ସମସ୍ତେ ପ୍ରସାଦ ସେବନ କରି ନିଜନିଜ ଘରକୁ ଫେରିଲେ ।

ଏମିତି ଏବେ ଅନେକ ସ୍ଥାନରେ ଘଟୁଛି । ଲୋକଙ୍କର ପୂଜା, ଭଜନ, ଇତ୍ୟାଦିରେ ଆଗ୍ରହ ଏତେଟା ନାହିଁ । କିନ୍ତୁ ଲୋକଙ୍କ ସହିତ ମିଶିବା, ଗପିବା ଓ ଖିଆପିଆରେ ଆଗ୍ରହ । ତେଣୁ ପ୍ରାୟତଃ ଆଜିକାଲି ଅନେକ ସେମିତି କରୁଛନ୍ତି । ଯଦିଓ ଆଜିକାଲି ଗୋଟିଏ ଦିନ ଭିତରେ ସେପରି ଅନେକ କିଛି ପ୍ରୋଗ୍ରାମ୍ ରହିଯାଉଛି ଓ ଅନେକଙ୍କୁ ଗୋଟିଏ ନୁହେଁ, ଦୁଇ କି ତିନିଟା ଇଭେଣ୍ଟକୁ ଯିବାକୁ ପଡୁଛି; ସେଥିରେ ଆଉ ଏତେ ଶିଷ୍ଟାଚାର କଥା କିଏ ଭାବୁଛି । ଏମିତି ସମୟରେ ପହଞ୍ଚିଯାଅ, ଯେଉଁ ସମୟରେ ସବୁକିଛିରେ ଉପସ୍ଥିତି ବଜାୟ ରହିବ । ପୂଜାରେ କିଛି ସମୟ ସାମିଲ୍ ହେବ, ପ୍ରସାଦ ବି ମିଳିବ ଓ ସାଙ୍ଗସାଥୀଙ୍କ ସହିତ ଗପଶପ ବି । ଏବେ ନନ୍ଦିନୀ ବି ବେଳେବେଳେ ସେମିତି ଭାବୁଛି । କିଏ କୋଣସି ପୂଜାକୁ ୧୦ଟା ବେଳେ ଡାକିଥିଲେ, ସିଏ ହିସାବ କରି ୧୧ଟାରେ ପହଞ୍ଚିବାକୁ ଭାବୁଛି । ତା ଅର୍ଥ, ଘଣ୍ଟାଏ ପୂଜାରେ ରହିପାରିବ; ଆଉ ଘଣ୍ଟାଏ ପ୍ରସାଦ ଓ ଗପଶପରେ ବିତାଇ ଘରକୁ ଫେରିବାକୁ ପଡିବ । କାରଣ ବାହାରେ ଅଧିକ ସମୟ ରହିଗଲେ, ତାର ଘରେ ଅନେକ କାମ ବିଶୃଙ୍ଖଳିତ ହୋଇଯାଉଛି ।

ତା' ପର ସପ୍ତାହରେ ଜଣକର ଜନ୍ମଦିନ ଥାଏ । ପିଲାଟିକୁ ଦୁଇବର୍ଷ ପୂରିଲା । କୋଭିଡ୍ ଚାଲିଥିଲା ବୋଲି ଗତବର୍ଷ ତାର ପିତାମାତା ସେ ଜନ୍ମଦିନ ଭଲରେ କରିପାରିନଥିଲେ ।

ISSN NO.
2582-208X

ତେଣୁ ଏବର୍ଷ ସେମାନେ ଅତି ଆଡମ୍ବରରେ କରିବାକୁ ଆୟୋଜନ କରିଥିଲେ ଓ ଅନେକ ଲୋକଙ୍କୁ ଡାକିଥିଲେ । ସେଥିପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର୍ ଭଡା ନେଇଥିଲେ । ସେଣ୍ଟର୍‌ଟି ଭଲରେ ସଜା ହୋଇଥାଏ । ପିଲାଟିର ଅଜା, ଆଇ ଓଡିଶାରୁ ଆସିଥାନ୍ତି । କିଛି ବନ୍ଧୁବାନ୍ଧବ, ସାଙ୍ଗସାଥୀ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ଅନ୍ୟ ରାଜ୍ୟମାନଙ୍କରୁ ଆସିଥାଆନ୍ତି। ପିଲାର ଜନ୍ମଦିନ ତ; କଣ ଆଉ କାର୍ଯ୍ୟକ୍ରମ ରୁହନ୍ତା । ଯିଏ ଆସିଲେ, ସମସ୍ତେ ଉପହାର ଦେଇ, ପିଲାଟି ସହିତ ଫଟୋ ଉଠେଇଲେ । ତାପରେ ଯେତେବେଳେ କେକ୍ କଟା ସମୟ, ହଠାତ୍ ଦେଖିବା ବେଳକୁ କିଛିଲୋକ ଦିଶିଲେନି । ଦେଖୁଦେଖୁ ସେମାନେ ଗୋଟିଏ କଣରେ ବସି ତାସ୍ ଖେଳୁଛନ୍ତି । ଏସବୁ ଦେଖି ପ୍ରକାଶ ସତରେ ରାଗିଗଲେ । ଯଦିଓ ଏଇଟା ତାଙ୍କ ପାର୍ଟି ନୁହେଁ, ଅନ୍ୟ ଜଣକର ପାର୍ଟି; ତଥାପି ଲୋକମାନେ ଏମିତି ଅଶିଷ୍ଟ ହୋଇପାରନ୍ତି କେମିତି ? ଜଣକର ଜନ୍ମଦିନକୁ ଆସିଛ, କିନ୍ତୁ ତା' କେକ୍ କାଟିବା ସମୟରେ ନ ରହି ତମେ ତାସ୍ ଖେଳିବ; ତାହେଲେ ପାର୍ଟିକୁ ଆସୁଥିଲ କାହିଁକି ? ପିଲାଟିର ପିତାମାତା କଣ ଭାବିଥିବେ କେଜାଣି; ହେଲେ ତାର ଅଜା କିନ୍ତୁ ଏଇଟିକୁ ଅପସନ୍ଦ କଲେ । କେକ୍ କଟା ସରିବାପରେ ଆସି ତାସ୍ ଖେଳୁଥିବା ବ୍ୟକ୍ତିମାନଙ୍କୁ ପଚାରିଲେ, "କଣ ଏ ପାର୍ଟିରେ ଆପଣମାନେ ବୋର୍ ହୋଇଗଲେ ନା' କଣ ? ହଁ, ପିଲାଟିର ଜନ୍ମଦିନ ପାର୍ଟି ତ; ସେଥିରେ ଆଉ ଲୋକଙ୍କ ମନ ବହଲେଇବା ପାଇଁ କଣ ବା ଅଧିକ କରିହେବ । ହେଲେ ବି ଜମା ଦୁଇଘଣ୍ଟାର କଥା । କିନ୍ତୁ ଆପଣମାନେ ବଡ ତାସ୍ ଖେଳ ପ୍ରେମୀ ବୋଧହୁଏ । ତାସ୍ ଖେଳୁଥିବା ସମୟରେ ସେଥିରେ ମଜ୍ଜିଯାଆନ୍ତି । ହଉ ଖେଳନ୍ତୁ ।'

ତାସ୍ ଖେଳୁଥିବା ସେ ବ୍ୟକ୍ତି ମାନେ ସମସ୍ତେ ଉଚ୍ଚଶିକ୍ଷିତ ଓ ଉଚ୍ଚ ପଦବୀରେ ଆସୀନ । ହେଲେବି ଏ ସାମାନ୍ୟ ସୌଜନ୍ୟର ଅଭାବ ଦେଖି ନନ୍ଦିନୀ ମଧ୍ୟ ମନେମନେ ଚିନ୍ତାକଲା, "ସତରେ ମଣିଷର ଏଭଳି ଆଚରଣ କାହିଁକି ?'

ପ୍ରକାଶଙ୍କୁ ଏବେ ଆଉ ଘରେ କିଛି ଆୟୋଜନ କରିବାକୁ ଭଲଲାଗୁନି । କାରଣ, ଅନେକ ସମୟରେ ସିଏ ଦେଖୁଛନ୍ତି, କିଛି ଲୋକଙ୍କର କୌଣସି କଥାରେ ମନ ରହୁନାହିଁ । ସେମାନେ ଏତେ ମାତ୍ରାରେ ବୋର୍ ହେଉଛନ୍ତି ଯେ ଯାଇ ଗୋଟିଏ କୋଣରେ ତାସ୍ ଖେଳୁଛନ୍ତି, ନହେଲେ ବାହାରକୁ ଯାଇ ଫୋନ୍‌ରେ ଗପ କରୁଛନ୍ତି, ନହେଲେ କିଛି ପାଖ

ISSN NO.
2582-208X

ଦୋକାନକୁ ଡ୍ରାଇଭ୍ କରି ଯାଇ କଫି ପିଉଛନ୍ତି କି ଫେସ୍‌ବୁକ୍ ରେ ଭିଡିଓ ଦେଖୁଛନ୍ତି । ସେମାନଙ୍କର ଏମିତି ଆଚରଣ ଦେଖି ପ୍ରକାଶ ବେଳେବେଳେ ମନ୍ତବ୍ୟ ଦିଅନ୍ତି, "ଦେଖ, ଲୋକଙ୍କୁ ଡାକିବ ଡାକିବ ବୋଲି କେତେ ଯୋଜନା କରୁଛ, କେତେ ବ୍ୟସ୍ତ ରହୁଛ, ଦିନସାରା ଖଟୁଛ; ହେଲେ ତୁମ ପାର୍ଟିକୁ ଆସୁଥିବା ଲୋକ ଏମିତି ବୋର୍ ହେଉଛନ୍ତି ଯେ, କେବଳ ଉପସ୍ଥାନଟିଏ ପକେଇ ନିଜନିଜ କାମରେ ଲାଗିପଡୁଛନ୍ତି । ତେଣେ ପାର୍ଟିର ଉଦ୍ଦେଶ୍ୟ ଚୁଲିକି ଯାଉଛି । ଏଣୁ ଘରେ କିଛି ଆୟୋଜନ କରିବା ହିଁ ବୃଥା ।'

ଆଜିକାଲି କେତେଜଣ ସେଭଳି ବୋର୍ ହେଉଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ଛୋଟ ପିଲାର ଜନ୍ମଦିନରେ ବି ଦାରୁ ପରିବେଷଣ କରାଯାଉଛି । ନାଚ, ଗୀତ, ମସ୍ତି ବି ଜୋରରେ ଚାଲୁଛି । ଯେମିତି ଆଜିକାଲି ବିବାହ ସମୟରେ ସଙ୍ଗୀତ ପାର୍ଟି ଚାଲୁଛି, ସେମିତି ଛୋଟପିଲାର ଜନ୍ମଦିନରେ ବି ସଙ୍ଗୀତ ପାର୍ଟି ଚାଲୁଛି । ନହେଲେ କିଏ ତାସ୍ ଖେଳିବ । କିଏ ବସି ସେଲ୍‌ଫୋନ ରେ ଫେସ୍‌ବୁକ୍ ଦେଖିବ । କିଏ ସେଥିରୁ ଲାଇଭ୍ ଭିଡିଓ କରି ୟୁ-ଟିୟୁବ୍ ରେ ଛାଡିବ । ଏମିତି କେତେ ସବୁ ।

ଅଗଷ୍ଟ ମାସ ୧ ତାରିଖ । ପ୍ରକାଶ ଆସି ପଚାରିଲେ, "ମନୁର ଇ-ଭାଇଟ୍ ଦେଖିଥିଲ ? ତା' ଭଉଣୀ, ଭିଣୋଇ ଏବେ ଆମେରିକା ଆସିଛନ୍ତି ।'

"କଣ ସେଥିପାଇଁ ମନୁ ପାର୍ଟି ରଖିଛି ନା କଣ ?' - ନନ୍ଦିନୀ ପଚାରିଲା ।

"ଠିକ୍ ସେମିତି କଥା ନୁହେଁ; ହେଲେବି ସେଇଭଳି କଥା ।' - ପ୍ରକାଶ ଜଣେଇଲେ ।

"ଏମିତି ଗୌରଚନ୍ଦ୍ରିକା ନକରି ଠିକ୍ ଭାବେ କୁହ । ମନୁକୁ ତ ପାର୍ଟି କରିବା ପାଇଁ ଗୋଟିଏ ବାହାନା ଦରକାର । ତାହେଲେ ସିଏ ଟିକେ ଚକ୍‌ମକ୍ ହୋଇ ସଜେଇ ହେବ ଓ ନାଚିବ । ଜଣାପଡୁଛି, ଭଉଣୀ, ଭିଣୋଇଙ୍କ ସ୍ୱାଗତାର୍ଥେ କିଛି ଗୋଟିଏ କରିବାକୁ ତା' ମୁଣ୍ଡର ପଶିଛି ।'

ISSN NO.
2582-208X

ନନ୍ଦିନୀର ଏମିତି ବିଶଦ କଥା ଶୁଣି ପ୍ରକାଶ ହସିଲେ । "ତମ ଅନୁମାନ ଅନେକାଂଶରେ ଠିକ୍ । ଯଦିଓ ଶତକଡା ଶହେଭାଗ ଠିକ୍ ନୁହେଁ । ମନୁ ତା' ଭଉଣୀର ଏକବର୍ଷର ପୁଅର ଜନ୍ମଦିନ ପାଇଁ ପାର୍ଟି ରଖିଛି ଓ ସେ ପାର୍ଟିର ଡ୍ରେସ୍ କୋଡ୍ ବି ଦେଇଛି । ସେଇ ଡ୍ରେସ୍ କୋଡ୍ ଦେଖି ମତେ ହସମାଡିଲା । ଆମମାନଙ୍କର ଜନ୍ମଦିନରେ ଚକୁଳି ତିଆରି କରି ମୋ ଜେଜେମା ସାହିରେ ବାଣ୍ଟୁଥିଲା । ମୋର ତ ଇଚ୍ଛାହେଉଛି ଏ ଯୁଗର ଶିଶୁଟିଏ ହେଇ ଜନ୍ମ ହେବାକୁ । ତାହେଲେ ମୋ ଜନ୍ମଦିନ ବି ଏମିତି ଜାକଜମକରେ ହୁଅନ୍ତା ।'

ନନ୍ଦିନୀ - "ସେଇଟା କଣ ସମସ୍ତଙ୍କ ଜୀବନରେ ଘଟୁଛି । କେତେପୁଣି ଗରୀବ ଲୋକ ଅଛନ୍ତି । ସେମାନଙ୍କ ଘରେ ପିଲାଟିଏ ଜନ୍ମହେଲେ କଣ ଏତେ ଆଡମ୍ବର ହେଉଛି ? ଖାଲି ଏ ଯୁଗର ଶିଶୁଟିଏ ହୋଇ ଜନ୍ମନେଲେ ଯେ ସବୁ ସୁଖ ମିଳିଯିବ, ସେମିତି ନୁହେଁ । ଥିଲାବାଲା ଘରେ ଜନ୍ମ ନେବାର ସୌଭାଗ୍ୟ ବି ମିଳିବା ଦରକାର । ତେଣୁ ତମ ପରଜନ୍ମରେ ସେମିତି ଥିଲାବାଲା ଘରେ ଶିଶୁଟିଏ ହୋଇ ଜନ୍ମହେବାକୁ ଭଗବାନଙ୍କ ପାଖରେ ଆଜିଠାରୁ ମାନସିକ କର ।'

ପ୍ରକାଶ ପଚାରିଲେ, "ଅଗଷ୍ଟ ୧୨ ତାରିଖ ଶନିବାର ଦିନ ତମର କିଛି ନାହିଁ ତ ?'

ନନ୍ଦିନୀ - "ପାର୍ଟି କେତେବେଳେ ଓ କୋଉଠି ?'

ପ୍ରକାଶ - "ପାର୍ଟି ସନ୍ଧ୍ୟା ୫ଟା ବେଳେ ଓ କଲମ୍ବିଆର ଡବଲ୍ ଟ୍ରି ହୋଟେଲ୍‌ର ବଲ୍‌ରୁମ୍‌ରେ ।'

ନନ୍ଦିନୀ - "ସତରେ ନା' କଣ ? ଗୋଟିଏ ବର୍ଷ ପିଲାର ଜନ୍ମଦିନ, ସିଏ ପୁଣି ହୋଟେଲରେ ?'

ପ୍ରକାଶ - "ଆରେ, ଇଏ ପରା ଯୁବପିଢି; ଅୟସରେ ବଢିଛନ୍ତି; ଅୟସ କଣ ଜାଣିଛନ୍ତି । ଆଉ କଣ ଆମ ଭଳି ଚୁଡା ଖାଇ ବଢିଛନ୍ତି । ଆମେ ଚୁଡା ହେଲେ, ଏମାନେ ଚୌମିନ୍ । ତମେ ଯିବ ଯଦି କୁହ, ମୁଁ ଆର୍.ଏସ୍.ଭି.ପି. କରିଦେବି ।'

ISSN NO.
2582-208X

ନନ୍ଦିନୀ - "ପ୍ରୋଗ୍ରାମ୍ କଣ ?'

ପ୍ରକାଶ - "ସେଠିକୁ ଗଲେ ଠିକ୍ ଭାବେ ଜାଣିବ । ତେବେ, ୫ଟା ବେଳେ ଜଳଖିଆ, ୬ଟାରୁ ସାତଟା ପ୍ରୋଗ୍ରାମ୍ । ସାତଟାରେ କେକ୍ କଟା ଓ ଡିନର୍ । ସାଢେ ଆଠଟାରୁ ମେହେଫିଲ୍ । ତମେ ଇନଭାଇଟ୍ ପାଇଥିବ ମ । ହୁଏତ ସ୍ପାମ୍‌କୁ ଯାଇଥିବ । ଟିକେ ଚେକ୍ କରିବ ।'

ନନ୍ଦିନୀ - "କଣ କହିଲ ? ମେହେଫିଲ୍ । ସିଏ ପରା ଗୋଟିଏ ବର୍ଷର ଛୁଆ । ସିଏ ଶୋଇବନି କି ?'

ପ୍ରକାଶ - "ଛୁଆ ତାର ଶୋଉ । ଅତିଥି ମାନେ ମେହେଫିଲ୍‌ର ମଜା ନେବେ । ମନୁ ସେ ଦାୟିତ୍ୱ ନେବ । ପିଲା ଖାଲି କେକ୍ କାଟିବା ସମୟରେ ଚେଇଁ ଥିଲେ ହେଲା ।'

ନନ୍ଦିନୀ - 'ତମେ ଆର୍.ଏସ୍.ଭି.ପି. କରିଦିଅ । ଦେଖିବା, ବର୍ଷେ ଛୁଆର ଜନ୍ମଦିନ ହୋଟେଲ୍ ରେ କେମିତି ପାଳନ କରାଯାଉଛି । ଆମ ଜୀବନରେ ତ ଏପର୍ଯ୍ୟନ୍ତ ସେମିତି କିଛି ଅନୁଭବ କରିନାହାନ୍ତି । ଏଇଟା ପ୍ରଥମ ଅନୁଭବ ହେବ । ଆମେ ଯାଇ ସାଢେ ପାଞ୍ଚଟା, ଛଅଟା ବେଳକୁ ପହଞ୍ଚିବା ।'

ଅଗଷ୍ଟ ମାସ ୧୨ ତାରିଖ । ନନ୍ଦିନୀ ଓ ପ୍ରକାଶ ଯାଇ ସାଢେ ପାଞ୍ଚଟାରେ ଡବଲ୍ ଟ୍ରି ହୋଟେଲରେ ପହଞ୍ଚିଗଲେ । ସେତେବେଳକୁ ପ୍ରାୟତଃ ୫୦-୬୦ ଜଣ ଅତିଥି ପହଞ୍ଚି ଯାଇଥିଲେ । ସମସ୍ତେ ଜଳଖିଆ ଖାଉଥିଲେ ଓ ନିଜନିଜ ଭିତରେ ଗପଶପ ହେଉଥିଲେ । ବଲ୍‌ରୁମ୍ ବନ୍ଦ ଥିଲା । ପାଞ୍ଚଟା ପଇଁଚାଳିଶି ବେଳକୁ ଖୋଲିବ ବୋଲି ଜଣେ ସାଙ୍ଗ କହିଲା। ସିଏ ମନୁର ଭଲ ସାଙ୍ଗ ଓ ସିଏ ସମସ୍ତଙ୍କୁ ସ୍ୱାଗତ କରିବା ଦାୟିତ୍ୱରେ ଥିଲା । ମନୁ ହୁଏତ ଏବେ ବ୍ୟସ୍ତ ଥିବ । ଲବିରେ ହିଁ ଏ ଜଳଖିଆ ପର୍ବ ଚାଲିଥିଲା । ୧୦ ମିନିଟ୍ ଭିତରେ ୧୦୦-୨୦୦ ଖଣ ଲୋକ ପହଞ୍ଚିଗଲେ । ପାଞ୍ଚଟା ପଚାଶ ବେଳକୁ ବଲ୍‌ରୁମ୍ ଖୋଲିଲା ।

"ବାପ୍ ରେ, ଆଖି ଖୋସି ହୋଇଯାଉଛି । ଇଏ କଣ ? ଏତେ ସାଜସଜା ? ଏତେ ଆୟୋଜନ ?'

ISSN NO.
2582-208X

ମନୁ ତ ସେଇ ସଦା ଚଳଚଞ୍ଚଳ ଚପଳଛନ୍ଦା ମନୁ । ଆଜି ଗୋଟିଏ ଫିକା ଗୋଲାପୀ ଶାଢ଼ୀରେ ଅତି ସୁନ୍ଦର ଦିଶୁଥିଲା ।

ଡିଜେ ଦାୟିତ୍ୱରେ ଥିବା ପଞ୍ଜାବୀ ଭଦ୍ରବ୍ୟକ୍ତି ଜଣକ ହିନ୍ଦୀ ଭାଷାର ଅତି ସୁନ୍ଦର ଜନ୍ମଦିନର ଗୀତଟିଏ ବଜେଇଦେଲେ । ତାପରେ ଆଉ କିଛି ଜନ୍ମଦିନର ଗୀତ ମଧ୍ୟ ଗୋଟିଏ ପରେ ଗୋଟିଏ ବାଜିଚାଲିଲା । ବାତାବରଣରେ ମାଦକତା ଭରିଗଲା । ସେଇ ଭିତରେ ସେ ବର୍ଷକର ପିଲାଟି ତା ବାପା, ମା', ମାଉସୀ ଓ ମଉସାଙ୍କ ଗହଣରେ କେକ୍ କାଟିଲା । ସମସ୍ତେ ହାପି ବାର୍ଥଡେ କହିଲେ । ସେ ପିଲାଟିର ଅନେକ ଫଟୋ ନିଆଗଲା । ଉପସ୍ଥିତ ସମସ୍ତ ଅତିଥିଙ୍କର ମଧ୍ୟ ପିଲାଟି ସହିତ ଫଟୋ ନିଆଗଲା । ତାପରେ ଆରମ୍ଭ ହେଲା ମନୁର ସ୍ୱାଗତ ଭାଷଣ, ନିଜ ଭଉଣୀ ଓ ଭିଣୋଇଙ୍କୁ ଚିହ୍ନେଇଦେଲା ସମସ୍ତଙ୍କ ସହିତ । ସ୍ୱାଗତ ଭାଷଣ ପରେ ମନୁର ସ୍ୱାମୀ ଆସି ପ୍ରୋଗ୍ରାମ୍ ଆରମ୍ଭକଲା । କେତୋଟି ନାଚ, କେତୋଟି ଗୀତ ଏସବୁ ଭିତରେ ପିଲାଟିର ଖାଇବା ଓ ଶୋଇବା ବେଳ ହୋଇଗଲା । ତା' ବାପା, ମା' ଛୁଆଟିକୁ ଧରି ହୋଟେଲ୍ ରେ ବୁକ୍ ହୋଇଥିବା ରୁମ୍‌କୁ ଚାଲିଗଲେ । ସେତେବେଳକୁ ୭ଟା ୫୫ ହୋଇଥିଲା । ଶେଷରେ ମନୁ ଜଣେଇଲା, "ସାତଟା ବେଳେ ଡିନର୍ ପରିବେଷଣ ହେବ । ଡିନର୍ ପରେ ମେହେଫିଲ୍ ୧୧ଟା ପର୍ଯ୍ୟନ୍ତ ଚାଲିବ ।'

ସେଇଆ ହିଁ ହେଲା । ଡିନରରେ ଖାଦ୍ୟ ଭଲ ଥିଲା । ପ୍ରକାଶ ଓ ନନ୍ଦିନୀ ମଧ୍ୟ ଏ ସମାରୋହକୁ ବହୁତ ଉପଭୋଗ କଲେ । ହେଲେ ଡିନର୍ ପରେ ଦେଖିବା ବେଳକୁ କେତେକ ବ୍ୟକ୍ତି ବାର୍ ରେ ଯାଇ ମଦ ପିଉଛନ୍ତି । କିଛି ଚିହ୍ନାଜଣା ଓଡିଆଙ୍କ ସହିତ କରିଡର୍ ରେ ଭେଟ ହୋଇଗଲା । ନମସ୍କାର କରି ଭଲମନ୍ଦ ପଚାରିବାକୁ ଯାଉଛନ୍ତି ତ, ସେମାନେ ଏମିତି ଭାବେ କଥାବାର୍ତ୍ତା କଲେ, ଯେଉଁଥିରୁ କିଛି ଗଡବଡ ଅଛି ବୋଲି ପ୍ରକାଶ ଅନୁମାନ କରିନେଲେ । ଏତିକି ବେଳେ ତାଙ୍କ ମଧ୍ୟରୁ ଜଣଙ୍କର ପତ୍ନୀ ରାନୁ ଅପା ଆସି ତାଙ୍କ ସ୍ୱାମୀଙ୍କର ହାତ ଧରି ଟାଣିନେଲେ ଓ ତାଗିଦ୍ କଲେ, "ତମେ ବାର୍‌କୁ ଯାଇ କଣ ପାଇଁ ପିଇଲ ? ରାତିରେ ଏତେ ବାଟ ଡ୍ରାଇଭ୍ କରି ଫେରିବନି ବୋଲି ହୋଟେଲ୍ ରେ ରୁମ୍ ବୁକ୍ କଲ । କଣ ଏଇ ପିଇବା ପାଇଁ ? ତମେ କିନ୍ତୁ ଏମିତି ଅବସ୍ଥାରେ ସେ ମେହେଫିଲ୍‌କୁ ଯାଇପାରିବନି । ସିଧା ରୁମ୍‌କୁ ଆସ ।' ଏମିତି କହି ସିଏ ତାଙ୍କ ସ୍ୱାମୀଙ୍କ ହାତ ଧରି ଟାଣିଟାଣି ନେଇ ଏଲିଭେଟର ଆଡକୁ ଗଲେ ।

ISSN NO.
2582-208X

ନନ୍ଦିନୀ ମନେମନେ ରାନୁଅପାଙ୍କୁ ଧନ୍ୟବାଦ ଦେଲା । ଯାହାହେଉ, ସିଏ ଗୋଟିଏ ଭଲକାମ କଲେ । ନହେଲେ ଦେଖ ତ ଏ ଭାଇନାଙ୍କୁ ? ଗୋଟିଏ ବର୍ଷକର ପିଲାର ଜନ୍ମଦିନ ପାର୍ଟିକୁ ଆସିଛନ୍ତି । ସେଠି ବି ମଦ ପିଇବେ ? ଏମିତି ନିଶା ? ଏମିତି ଆସକ୍ତି ? ଏମିତି ଗୋଟିଏ ଘଟଣା ତ ଗତ ଜୁଲାଇ ମାସରେ ଥିବା ଓସା କନଭେନସନ୍ ମେହେଫିଲ୍ ରେ ଘଟିଥିଲା । ଜଣେ ଲୋକ ମଦ ପିଇ ଆସି ଯାହାକୁ ନାହିଁ ତାକୁ ମନକୁ ଯାହା ଆସିଲା କହିଗଲା । ସେ ଲୋକ ପୁଣି ଆସି ନନ୍ଦିନୀ ଓ ପ୍ରକାଶଙ୍କ ପାଖରେ ବସିଗଲା । ସେ ମଦର ଗନ୍ଧରେ ସେ ଦୁଇଜଣ ସେଠି ବସିପାରିଲେନି । ଚାରିପାଞ୍ଚ ଧାଡି ପଛକୁ ଆସି ବସିଲେ । ମନରେ ପ୍ରଶ୍ନ ଆସିଲା, "ଏମିତ କାହିଁକି ? କୁଆଡେ ଗଲା ସେ ସଂଯମ । ହଁ, ତମର ଯଦି ମଦ ପିଇବାକୁ ଇଚ୍ଛା ହେଲା ତ ନିଜ ରୁମ୍ ରେ ବସି ପିଇଥାନ୍ତ କି ହୋଟେଲ୍ ର ବାର୍ ରେ ବସି ପିଇଥାନ୍ତ । ମେହେଫିଲ୍‌କୁ ଆସିଲ କାହିଁକି ?'

ଆଜି ବି ସେମିତି ପ୍ରଶ୍ନ ନନ୍ଦିନୀ ମନକୁ ଆସିଲା, "ଏମିତ କାହିଁକି ? ସାଧାରଣ ଶିଷ୍ଟାଚାରର ଏମିତି ଅଭାବ କାହିଁକି ?'

ନନ୍ଦିନୀର ମୁହଁ ଦେଖି ମନକଥା ପଢିନେଲେ ପ୍ରକାଶ । କହିଲେ, "ଆମେ ଆଉ ସେ ମେହେଫିଲ୍ ପାଇଁ ରହିବାନି । ଚାଲ ଘରକୁ ଫେରିଯିବା ।'

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଫଟା ଜିନ୍



ଶଶଧର ମହାପାତ୍ର

ଆମ ପିଲାବେଳେ ପ୍ୟାଣ୍ଟ ଚିରିଗଲେ
ପିନ୍ଧୁନଥିଲୁ ଆଉ
ବୋତାମକୁ କାଢ଼ି , କଟାକଟି କରି
ବ୍ୟାଗ୍ କରୁଥିଲା ବୋଉ
ତାକୁ ସ୍କୁଲକୁ ନେଇକି ଯାଉ
କିଛିଦିନ ପାଇଁ କାମ ଚଳୁଥିଲା
ଚିରିଯିବା ଯାଏ ଯାଉ ।
ମିନି ସ୍କର୍ଟ ସଙ୍ଗେ ଫଟା ଜିନ୍ ପ୍ୟାଣ୍ଟ
ଫେସନ୍ ହେଇଛି ଆଜି
ଅଲ୍ଟ୍ରା ମଡର୍ଣ୍ଣ ଫେସନ ଦେଖେଇ
ବଜାର ବୁଲନ୍ତି ପାଜି
ବାପ-ମା' ପଛେ ମୂଲ ଲାଗୁଥାନ୍ତୁ
ପୁଅ ଝିଅ ଦୁହେଁ ରାଜି ।
ଗାମୁଛାଟେ ପିନ୍ଧି ବାପ ବୁଲେ ଗାଁ
ଏ ମୁଣ୍ଡରୁ ସେ ମୁଣ୍ଡ
ପୁଅ ଝିଅ ଦୁହେଁ ଫଟା ଜିନ୍ ପିନ୍ଧି
ଦୁଲୁକାନ୍ତି ଗାଁ ଦାଣ୍ଡ
'ତମର କ'ଣ ଫାଟିଲା' କହନ୍ତି
ଘଟାନ୍ତି ସେ ମହାକାଣ୍ଡ ।
କି ସମୟ ଆସିଗଲା

ISSN NO.
2582-208X

ଯିଏ ଯେତେପାରେ ଦେହ ଦେଖେଇଲା
ସିଏ ସେତେ ସ୍ମାର୍ଟ ହେଲା
ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀ ସିଏ
ଉତ୍ତରାଖଣ୍ଡ ରାଜ୍ୟର
କହିଲେ ନିକଟେ କ'ଣ ଭାବିଚିନ୍ତି
ଥିଲା ତାଙ୍କର ଏ ବିଚାର
ଆମ ପୁଅ ଝିଅ ଫଟାଜିନ୍ ପିନ୍ଧି
ଭୁଲିଗଲେ ଶିଷ୍ଟାଚାର
ସବୁ ନଙ୍ଗା ମିଶି କଂପମାନ କଲେ
ହେଲେ ସିଏ ଥରହର ।
ଆମର ସଂସ୍କୃତି, ଆମ ପରଂପରା
ଭୁଲିଯାଉଛନ୍ତି ଆମେ
ପାଶ୍ଚାତ୍ୟ ସଭ୍ୟତା ଆମକୁ ଘାରିଛି
କହିହେଲେ ନାକେଦମେ
ଆମେ ଦେଖେଇଲୁ ସଂପତ୍ତି ଆମର
ରୁଗ୍ଣ ମାନସିକତା ଅଟଇ ତୁମର
ତୁମେ ବଡ଼ବାବୁ କହିବାକୁ କିଏ ?
କିଏ ଦେଲା ଅଧିକାର ?

(ନିକଟରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ 'ତୀର୍ଥସିଂହ ରାଓ୍ବତ'ଙ୍କ 'ଫଟାଜିନ୍' ଉପରେ ମନ୍ତବ୍ୟ ଶୁଣିଲାପରେ ଇଣ୍ଟରନେଟ୍‌ରେ ଖୁବ୍ ଜୋର୍‌ରେ ହୋହାଲ୍ଲା ହେଇଥିଲା । ତାକୁ କେନ୍ଦ୍ରକରି ଏ କବିତା)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ମୋ ଭାରତ ମାଟିର ଜୟ ହେଉ



ଡ଼ ସୁନନ୍ଦା ମିଶ୍ର ପଣ୍ଡା

ଡହ ଡହ ତତଲା ପବନ ଧରି
ଲହୁ ଓ ଲୁହକୁ ଏକାକାର କରି
ବ୍ୟଥାକୁ ଆଖିରେ ପୋଛି ପୋଛି
ଯେଉଁମାନେ ବତୁରାଇ ଦେଇଥିଲେ
ଭାରତର ଶୁଷ୍କ ହୃତପିଣ୍ଡକୁ
ସ୍ୱାଧୀନତାର ସ୍ୱପ୍ନର ଜୟଗାନ କରି
ଭିଜିଯାଇଥିଲେ
ଧର୍ଷିତା ମା ମାଟିର କୋଳରେ ....
ସେମାନେ କଣ ଜାଣିପାରିବେ
ଆଜିର ଲୋକତନ୍ତ୍ର ଓ ଗଣତନ୍ତ୍ରର ବିଚାର ...

ପୁଣି ଥରେ
ମନେପଡେ, ସେହି ବୀର ସୁର ମାନଙ୍କର କରୁଣ ଆର୍ତ୍ତଚିତ୍କାର -
ଭାରତୀୟ ମୁଁ ର ସ୍ଲୋଗାନ
ମୋ ସ୍ୱର୍ଣ୍ଣ ଭାରତକୁ ସ୍ୱାଧୀନ କର ର ସ୍ଲୋଗାନ;

କେତେଯେ ଶବ୍ଦ ଲେଖି ହୋଇଯାଏ,
ଆତ୍ମାର ହସ୍ତାକ୍ଷର ରେ,

ISSN NO.
2582-208X

କିନ୍ତୁ
ଆଶା ଆକାଂକ୍ଷା ସବୁ
ଚାପି ହୋଇଯାଏ
ଉଇହୁଙ୍କାର ସୌଧରେ...

ପୁଣି ଥରେ
ମଳିନ ଆଭା ପୋଛି ମନେପଡେ,
ମୃତ ଆତ୍ମୀୟଙ୍କ ହତାସା ରାଗିଣୀ
ଗୁଳି, ଗୋଳା, ବାରୁଦ ଓ
ମର୍ମନ୍ତୁଦ ଯନ୍ତ୍ରଣା କାହାଣୀ,
ତଥାପି ସେମାନେ
ଫେରାଇଦିଅନ୍ତି, ଆଞ୍ଜୁଳାଏ ଅମୃତ ଦେଇ
ସେହି ଅମର ଆତ୍ମା ମାନଙ୍କୁ
ପବିତ୍ର ଧ୍ୱନିରେ ରାମ ନାମ ସତ୍ୟ ହେ ବୋଲି କହି ...

ଆସ ପ୍ରତିଜ୍ଞାର ତାଳେ ଗାଇଯିବା...
ଲିଭି ଯାଉ ଆଜି
ବର୍ଷ ବର୍ଷର ସଂତାପ
ହା ହୁତାସର ଚରମ ଅବସାଦ,
ସେହି ମହାନ ଆତ୍ମା ମାନଙ୍କ ଭଳି
ଭକ୍ତି ଓ ଶ୍ରଦ୍ଧାର ପତାକା ଉଡାଇ,
ଶାନ୍ତି ଓ ମୈତ୍ରୀରେ କାନ୍ଧ ମିଳାଇ
ଉଚ୍ଚାରିତ କରି ଉଠିବା –
"ମୋ ଭାରତ ମାଟିର ଜୟ ହେଉ"
"ମୋ ଭାରତ ମାଟିର ଜୟ ହେଉ" ..

ଟରେଣ୍ଟୋ, କାନାଡ଼ା

ISSN NO.
2582-208X

# ମନ



ସ୍ୱର୍ଣ୍ଣମୟୀ ଷଡ଼ଙ୍ଗୀ

ମନରୁ ସୃଷ୍ଟି ଏ ସାରା ଜଗତ
ମନହିଁ ଆକାଶର ନୀଲିମା
ସାଗରର ଗଭୀରତା
ପ୍ରକୃତିର ସବୁଜିମା
ମାଟିର କୋମଳତା
ମନହିଁ ସୃଷ୍ଟି ସ୍ଥିତି ପ୍ରଳୟର କାରଣ ।।

ମନରୁ ଝରିପାରେ ଶାନ୍ତିର ବୀଜ ମନ୍ତ୍ର
ମନ ବାଣ୍ଟି ପାରେ ସୁଖର ପସରା
ମନ ତୋଳି ପାରେ ସ୍ୱର୍ଗରୁ ପାରିଜାତ
ଫୁଟାଇପାରେ ସମୃଦ୍ଧିର ଫୁଲ
ଖୋଲି ପାରେ ମୁକ୍ତିର ଦ୍ୱାର
ପ୍ରାପ୍ତ ହୋଇପାରେ ନିର୍ବାଣ
ଜାଗ୍ରତ କରିପାରେ ଅନ୍ତର ଆତ୍ମାକୁ
ରୋପଣ କରିପାରେ ଦେବତ୍ୱ ମାନବର
ଶରୀର ମଧ୍ୟରେ ।।

ମନ ଚଞ୍ଚଳ ମନ ଗତିଶୀଳ
ମନ ବଳଶାଳୀ, କ୍ଷଣକେ ଅତିକ୍ରମେ

ISSN NO.
2582-208X

ତେର ନଈ ସାତ ସମୁଦ୍ର,
ଆଙ୍କିପାରେ ଶୂନ୍ୟର ଛାତିରେ ଚାରୁ ଚିତ୍ରପଟ
ଜିତିପାରେ ଆକାଶ ପାତାଳ ଆଉ ମାଟି
ମନ ଅଚିନ୍ତନୀୟ ସ୍ୱରୂପ ବିହୀନ
ସ୍ଥୂଳ ମଧ୍ୟରେ ସୂକ୍ଷ୍ମ ସତ୍ତାଟିଏ।।

ମନ ଯାଇପାରେ, ସାଧନାର ଶୀର୍ଷ ଦେଶକୁ
ଦର୍ଶନ କରିପାରେ ସତ୍ ଚିତ୍ ଆନନ୍ଦଙ୍କୁ
ଭିଜିପାରେ କରୁଣାମୟଙ୍କ
କରୁଣା ବର୍ଷାରେ,
ଚାଖିପାରେ ଅମୃତ ଆନନ୍ଦର ସ୍ୱାଦ।

ଶିକ୍ଷୟିତ୍ରୀ କେନ୍ଦ୍ରାପଡ଼ା

ISSN NO.
2582-208X

# ସଂକ୍ଷେପରେ ପଣ୍ଡିତ ଗୋଦାବରୀଶ



ଭାରତୀ ମୁଦୁଲି

କାତ ଧରି ଧୀରେ ନାଉରି ନାଆ ଦେଇଛି ମେଲି
ଉତ୍ତରା ପବନ ଆଗକୁ ଦିଏ ତଲେଇ ଠେଲି। (କାଳିଯାଇରେ ସନ୍ଧ୍ୟା )

ପ୍ରସିଦ୍ଧ "କାଳଜାଇ"କବିତାର କବି ତଥା ସତ୍ୟବାଦୀ ଚେତନାର ଅନ୍ୟତମ ଆଦର୍ଶ ବ୍ୟକ୍ତିତ୍ୱ ହେଉଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର । ପଣ୍ଡିତ ଶ୍ରୀ ମିଶ୍ର ଓଡ଼ିଶାର ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ସାହିତ୍ୟ କ୍ଷେତ୍ରକୁ ପ୍ରଭାବିତ କରିଥିବା ଜାତୀୟବାଦୀ ମହାନ୍ ସ୍ରଷ୍ଟାଙ୍କ ମଧ୍ୟରେ ଅନ୍ୟତମ ଯଶସ୍ୱୀ ପ୍ରତିଭା ।୧୮୮୬ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୨୬ ତାରିଖ କାର୍ତ୍ତିକ କୃଷ୍ଣପକ୍ଷ ଦୀପାବଳୀ ଅମାବାସ୍ୟା ଦିନ ଗୋଦାବରୀଶଙ୍କ ଜନ୍ମ । ପଣ୍ଡିତଙ୍କ ପିତା-ମାତା ଗୋଦାବରୀ ତୀର୍ଥ ଦର୍ଶନ ପରେ ପୁତ୍ର ଲାଭ କରିଥିବାରୁ ତାଙ୍କ ନାମ ରଖିଥିଲେ 'ଗୋଦାବରୀ' । ପରବର୍ତ୍ତୀ କାଳରେ 'ଭକ୍ତକବି' ମଧୁସୂଦନ ଗୋଦାବରୀଶ ପଢୁଥିବା ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ତାଙ୍କ ନାମ ଶୁଣି ଆଶ୍ଚର୍ଯ୍ୟ ହେବା ସହ 'ଗୋଦାବରୀ'କୁ ଏକ ନାରୀ ନାମ କହି ସେଥିରେ 'ଶ' ଯୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ତାହା ହିଁ ହେଲା, ତାଙ୍କ ନାମ ସେଦିନ ଠାରୁ ଗୋଦାବରୀଶ ହୋଇ ରହିଲା । ପିଲାଦିନେ ସେ ଡରକୁରା ଥିଲେ, ଅନ୍ଧାରକୁ ତାଙ୍କୁ ଟିକେ ଭୟ ଲାଗୁଥିଲା ଓ ଭାରି ନରୀହ ତଥା ଶାନ୍ତଶିଷ୍ଟ ସ୍ୱଭାବର ମଧ ଥିଲେ । ତାଙ୍କର ଏହି ଗୁଣ ଯୋଗୁଁ କେହି କେହି ତାଙ୍କୁ ଠକ ଦେବାର ଯୋଜନା ମଧ୍ୟ କରୁଥିଲେ । ଏତଦବ୍ୟତୀତ ତାଙ୍କର ଅନ୍ୟ ଏକ ଉତ୍ତମ ଗୁଣ ଥିଲା ସେ ଗାଁର ସମସ୍ତଙ୍କୁ ସମ୍ମାନ ଦେଉଥିଲେ। ଏହି ସବୁ ରାଧାଚରଣ ପଣ୍ଡାଙ୍କ 'ଗଣସେବକ ଡକ୍ଟର ଗୋଦାବରୀଶ' ଜୀବନୀ ପୁସ୍ତକଟିକୁ

ISSN NO.
2582-208X

ପଢିଲେ ଜଣାଯାଏ । ସେ ଥିଲେ ତତ୍କାଳୀନ ପୁରୀ ଜିଲ୍ଲା ଖୋର୍ଦ୍ଧା ସବଡିଭିଜନର ବାଣପୁର ଥାନାର ସର୍ବପ୍ରଥମ ଉଚ୍ଚପାଠୁଆ ତଥା ପ୍ରଥମ ଆଇ.ଏ, ପ୍ରଥମ ବି.ଏ, ଏବଂ ସାକ୍ଷୀଗୋପାଳରେ ଉତ୍କଳମଣିଙ୍କ ଦ୍ୱାର୍ ପ୍ରତିଷ୍ଠିତ ବନବିଦ୍ୟାଳୟର ପ୍ରଥମ ଶିକ୍ଷକ ।

ବାଲ୍ୟକାଳରୁ ସେ ଦାରିଦ୍ର୍ୟତା ଦେଖି ଆସିଥିଲେ । ଏହି ଦାରିଦ୍ର୍ୟତା ସମ୍ପର୍କରେ ଭଗୀରଥୀ ନେପାକଙ୍କ ପୁସ୍ତକ "ପଣ୍ଡିତ ଗୋଦାବରୀଶ" ପଢିଲେ ଜଣାଯାଏ -"ଦିନେ ଦିନେ ଗୋଦାବରୀଶ ଖାଇବାକୁ ନ ପାଇ ପାଚଲ୍ ତାଳ ଖାଇ କାଳ କାଟୁଛନ୍ତ । ବହୁକାଳ ଦେଶ ସେବା କରିବା ପରେ ବି ସେ ଦାରିଦ୍ର୍ୟ କଷାଘାତ ସହ୍ୟ କରିଛନ୍ତ । ୧୯୪୭ ମସିହାରେ ସେ ଅର୍ଥ ଅନାଟନ ହେତୁ ନର୍ବାଚନରେ ପ୍ରାର୍ଥୀ ହୋଇ ନଥିଲେ । ତାଙ୍କର ସେତେବେଳେ ଏତେଦୂର ଅର୍ଥର ଅଭାବ ହେଲା ଯେ, ସେ ବହି ଲେଖି ଓ ବହିର ସ୍ୱତ ବିକ୍ରୟ କରି ନଜର ଦୈନନ୍ଦିନ ଗୁଜୁରଣ ମେଣ୍ଟାଉ ଥିଲେ ।"୧ ଏହିପରି ଭାବେ ସେ ଘୋର ଅର୍ଥାଭାବରେ କାଳଯାପନ କରୁଥିଲେ ବୋଲି ଜଣାଯାଏ । କନ୍ତୁ ପିଲାଦିନୁ ସେ ଅତି ଦୁଃଖମୟ ସ୍ଥିତି ଦେଇ ଗତି କରିଥିଲେ ମଧ ଦାରିଦ୍ର୍ୟ ତାଙ୍କୁ ପିଲାଦିନୁ ଶିଖେଇ ଦେଇଥିଲା ନଜକୁ କପରି ଦୃଢ କରି ଆଗକୁ ବଢିବାର ଅଛି ଓ ବିଭିନ୍ନ ପରିସ୍ଥିତିର ସାମ୍ନା କରି ଯୁଝିବାକୁ ପଡିବ ।

ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ସହ କଟକର ଡାକ୍ତରୀ କଲେଜ ସ୍ଥାପନ ମଧ କରାଇଥିଲେ । ସିଂହଭୂମୀର ଚକ୍ରଧରପୁରରେ ଥିଲାବେଳେ ସେ ଓଡ଼ିଆଙ୍କ ମଧରେ ନବଜାଗରଣ ଆଣିବା ଦିଗରେ ବହୁତଗୁଡିଏ କାର୍ଯ୍ୟ କରିବା ସହ ଓଡ଼ିଆ ଭାଷାର ପ୍ରଚାର କାର୍ଯ୍ୟ ମଧ କରିଥିଲେ । ସେ ତିନ ଥର ବିହାର-ଓଡ଼ିଶା ସଭ୍ୟ ହୋଇଥିଲେ । ସେହି ସମୟରେ ସେ ଯେଉଁ କାର୍ଯ୍ୟ କରିଥିଲେ, ସେଗୁଡିକ ହେଉଛି -:

୧- ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୀମା ତଦନ୍ତ କାର୍ଯ୍ୟରେ ନଜକୁ ନଯୁକ୍ତ କରିଥିଲେ ।

୨- ସମ୍ବଲପୁର ସେତେବେଳେ ଅନୁନ୍ନତ ଜିଲ୍ଲା ବୋଲି ସରକାର ସ୍ଥିର କରିଥିଲେ ଓ ତାହାକୁ ଉନ୍ନତ କରିବା ପାଇଁ ପ୍ରସ୍ତାବ କରାଇଥିଲେ ।

୩- ସ୍ତ୍ରୀ ଲୋକମାନେ କାଉନସିଲର ଭୋଟର ତଥା ସଭ୍ୟ ହେବାପାଇଁ ମଞ୍ଜୁର କରାଇଥିଲେ।

୪- ଓଡ଼ିଶାର କମିଶନର ପଦ ଉଠିବା ପାଇଁ ପ୍ରସ୍ତାବ ମଞ୍ଜୁର କରାଇଥିଲେ ।

ISSN NO.
2582-208X

୫- ଓଡ଼ିଶାରେ ଥିବା ସବୁ ଦେବୋତ୍ତର ସମ୍ପତ୍ତି ରକ୍ଷା କରିବା ସକାଶେ ଗୋଟିଏ କମିଟି ଗଢ଼ିବା ପାଇଁ ପ୍ରସ୍ତାବ ମଞ୍ଜୁର କରାଇଥିଲେ ।

୬- ରାଜନୀତିକ ବନ୍ଦୀମାନଙ୍କୁ ମୁକ୍ତ ଦେବା ଲାଗି ପ୍ରସ୍ତାବ ମଞ୍ଜୁର କରାଇଥିଲେ ।

୭- ପାଟଣା ଅସ୍ଥାୟୀ ଜେଲରେ ଥିବା ଓଡ଼ିଆ ବନ୍ଦୀମାନଙ୍କୁ ବିହାରୀ ଖାଦ୍ୟ ଦିଆଯାଉଥିଲା। ତଦ୍ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ନଷ୍ଟ ହେଉଥିଲା । ଏହା ବଦଳରେ ଓଡ଼ିଶା ଖାଦ୍ୟ ଓ ମଶାରି ଦେବା ପାଇଁ ପ୍ରସ୍ତାବ କରାଇଥିଲେ ।

୮- ୧୯୩୩-୩୪ରେ ପାରିକୁଦ ଚିଲିକା ବଢ଼ିରେ ଫସଲ ନଷ୍ଟ ହେବାରୁ ସରକାର ତରଫରୁ ତୁରନ୍ତ ସାହାଯ୍ୟ ଓ ବନ୍ଧ ପାଇଁ ଟଙ୍କା ମଞ୍ଜୁର କରାଇଥିଲେ ।

୯- ଓଡ଼ିଶାର ଜଙ୍ଗଲ ବିଭାଗର ଆଇନ ସବୁ କୋହଳ କରାଇ ଲୋକମାନେ ସୁବିଧାରେ କାଠ ପ୍ରଭୃତି ଆଣିବା ବ୍ୟବସ୍ଥା କରାଇଥିଲେ ।

୧୦- ସରକାରୀ ଦରବାରଗୁଡିକ ଲାଟ ସାହେବ ଘରେ ହେଉଥିଲା ଓ ସେଠାକୁ ଯିବା ପାଇଁ ସଭ୍ୟମାନଙ୍କୁ ନିମନ୍ତ୍ରଣ କରାଯାଉଥିଲା । କିନ୍ତୁ ସଭ୍ୟମାନେ ନିୟମିତ ପୋଷାକ ପିନ୍ଧିବା ପାଇଁ ବାଧ୍ୟ ହେଉଥିଲେ । ଏ ବାଧ୍ୟବାଧକତା ଉଠାଇ ଦେବା ପ୍ରସ୍ତାବ କରି ମଞ୍ଜୁର କରାଇଥିଲେ।

ଆରମ୍ଭରୁ ତାଙ୍କର ଆର୍ଥିକ ଅଭାବ ଓ ଶିକ୍ଷାଲାଭ କରିବା ସମୟର ସଂଘର୍ଷ ତଥା ଶିକ୍ଷକ ଭାବେ ଯୋଗ ଦେବା ପର୍ଯ୍ୟନ୍ତ ପ୍ରାୟତଃ ସମସ୍ତ ପ୍ରସଙ୍ଗକୁ ସେ ତାଙ୍କ ଆତ୍ମଜୀବନୀରେ ସ୍ଥାନ ଦେଇଛନ୍ତି । ଅନୁମେୟ ହୁଏ ଯେ ଏହିଭଳି ଅଭାବ, ପରିସ୍ଥିତି ସହ ସଂଘର୍ଷ କଲେ ହିଁ ଜୀବନ ଓ ବ୍ୟକ୍ତିତ୍ୱ ପରବର୍ତ୍ତୀ ସମୟରେ ଦୃଢ଼ ହୋଇ ତିଆରି ହୁଏ । ସେ ଓଡ଼ିଶାର ରାଜନୀତିକ ଆନ୍ଦୋଳନ ସାହିତ ସାମିଲ ହେବା ପୂର୍ବରୁ ଶଶିଭୂଷଣ ରାୟ ଚୌଧୁରୀଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ସେ ହିଁ ଥିଲେ ତାଙ୍କର ପଥପ୍ରଦର୍ଶକ ତଥା ସେ ହିଁ ତାଙ୍କୁ ଜାତୀୟତାର ମନ୍ତ୍ରରେ ଦୀକ୍ଷିତ କରାଇଥିଲେ ବୋଲି ସେ ସ୍ୱୀକାର କରନ୍ତି ତାଙ୍କ ଆତ୍ମଜୀବନୀରେ । ପଣ୍ଡିତ ଗୋଦାବରୀଶ ଯେଉଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସିଥିଲେ, ସେମାନେ ହେଉଛନ୍ତି ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ମୁକ୍ତାର ରାମଚନ୍ଦ୍ର, ସଂସ୍କାରକ ବୈରାଗୀ ମିଶ୍ର, ଚନ୍ଦ୍ରମୋହନ ମହାରଣା ଓ ମଧୁବାବୁ ପ୍ରମୁଖ। ପଣ୍ଡିତ ଗୋପବନ୍ଧୁଙ୍କ ଠାରୁ ଗଣସେବା କରିବାର ଶିକ୍ଷା ମଧ ସେ ପାଇଥିଲେ ଏବଂ ନିଜର ସମସ୍ତ ସମୟ ଜନସେବା ରେ ହିଁ କଟାଇଥଲେ । ଏତଦବ୍ୟତୀତ

ISSN NO.
2582-208X

ସର୍ବଭାରତୀୟ ସ୍ତରରେ ଶଶିଭୂଷଣ ରାୟ ଚୌଧୁରୀ, ସୁଭାଷ ଚନ୍ଦ୍ର ବୋଷ, ସୁରେନ୍ଦ୍ର ବାନାର୍ଜୀ ଓ ରାଜେନ୍ଦ୍ର ପ୍ରସାଦଙ୍କ ସହିତ ଜଡ଼ିତ ଥିଲେ । ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପର୍କରେ ସେ କୁହନ୍ତି-"ଏ ଭବ ପାରାବାରରେ ମୋ କ୍ଷୁଦ୍ର ଜୀବନ-ତରୀର କର୍ଣ୍ଣଧାର ସେ । ମୋ ପ୍ରାଣର ଉପାସ୍ୟ ଦେବତା । ଦୁର୍ବଳ ମୂହୁର୍ତ୍ତମାନଙ୍କରେ ଆଜି ସୁଦ୍ଧା ମୁଁ ତାଙ୍କରି ମୂର୍ତ୍ତି ଆଙ୍କି ଆଗରେ କଳ୍ପନାରେ ଦେଖି ସାନ୍ତ୍ୱନା ପାଏ ।"୨

'ଗଣସେବକ ଡକ୍ଟର ଗୋଦାବରୀଶ' ରେ ଉଲ୍ଲିଖିତ-"ରାଜନୀତି କ୍ଷେତରେ ପଣ୍ଡିତ ଗୋଦାବରୀଶ ଅନ୍ୟ ସାଧାରଣ କଂଗ୍ରେସ ସଭ୍ୟଙ୍କ ପଛରେ ପଡି ନଥିଲେ । ସେ କଂଗ୍ରେସର ଜଣେ ପରମ ଭକ୍ତ ଥିଲେ । ଓଡ଼ିଶାରେ କଂଗ୍ରେସ ଦଳ ସୁଦୃଢ ହୋଇ ସ୍ଥାପିତ ହେବାର ବହୁ ଆଗରୁ ସେ କଂଗ୍ରେସ ନୀତିକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ତାହାଙ୍କର ଯଥେଷ୍ଟ ରାଜନୀତିକ ଯୋଗ୍ୟତା ଥିଲା, ସୁବିଧା ଓ ସୁଯୋଗ ପାଇବା ମାତ୍ରେ ସେ ନଜର ଯୋଗ୍ୟତା ଦେଖାଇବା ପାଇଁ ମଧ୍ୟ ପଛେଇ ନଥିଲେ ।"୩

ପଣ୍ଡିତ ଶ୍ରୀ ମିଶ୍ର ଜଣେ ସୁସାହିତ୍ୟିକ ଭାବେ ପରିଚତ । ତାଙ୍କର ବହୁ ଗୀତିକବିତା ରଚନା କରିଛନ୍ତି ଯେଉଁସବୁ 'ଚୟନକା', 'କଳକା', 'କୁସୁମ', 'ଗୀତାୟନ' ଆଦି ସଂକଳନରେ ସ୍ଥାନତ । ସେ ସବୁଥିରେ ରହିଛି ମଣିଷ ଜୀବନର ଦୁଃଖଦ ଅନୁଭୂତି ତଥା ବାସ୍ତବ ଜୀବନର କରୁଣ ଚନ୍ଦ୍ର ଓ ଉଚ୍ଚ ମାନବତାବାଦର ସ୍ୱର ଝଙ୍କାର ଦେଖିବାକୁ ମିଳଛି । ତାଙ୍କର ଦୁଇଟି ନାଟକ 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ଓଡ଼ିଆମାନଙ୍କ ମନରେ ଜାତୀୟତା ଭାବନା ଆଣିଦିଏ । 'ଆଲେଖିକା' ତାଙ୍କର ଏକ ରୋମାନ୍ତୁକପ୍ରବଣ ତଥା ଶ୍ରେଷ୍ଠ ଗାଥା କବିତା ଓଡ଼ିଶାର ଐତିହାସିକ ଘଟଣା ଓ ଜାତୀୟତା ମନ୍ତ୍ରରେ ରସାଣିତ କମ୍ବଦନ୍ତୀଙ୍କୁ ନେଇ ବହୁତ ଗାଥା କବିତା ସୃଷ୍ଟି କରିଯାଇଛନ୍ତୁ । ଏହା ବ୍ୟତୀତ ସେ ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ମଧ୍ୟ ରଚନା କରିଛନ୍ତୁ । ତାଙ୍କ ଦ୍ୱାରା ରଚତ ଆତ୍ମଜୀବନୀ ପୁସ୍ତକ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଯାହା ୧୯୫୮ ମସିହାରେ ପ୍ରକାଶିତ ଏବଂ ୧୯୬୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ଏହି ପୁସ୍ତକଟି ପାଠ କଲେ ଜଣାଯାଏ ସେ ଏହାକୁ ୨ ଭାଗରେ ବିଭକ୍ତ କରି ଜନ୍ମଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ (୧୯୩୬) ଯାଏଁ ପ୍ରାୟତଃ ୪୦ ବର୍ଷର ଘଟଣାବଳୀକୁ ପ୍ରଥମ ଭାଗରେ ଏବଂ ପରବର୍ତ୍ତୀ ଜୀବନର ବିଷୟ ବସ୍ତୁ ଦ୍ୱିତୀୟ ଭାଗରେ ସ୍ଥାନତ କରିବାକୁ ମନସ୍ଥ କରିଥିଲେ । ମାତ୍ର ଅର୍ଦ୍ଧେକ ଅଂଶ ସେ ଲେଖିପାରିନଥିଲେ । ଏ ସମ୍ପର୍କରେ ପଣ୍ଡିତ ଗୋଦାବରୀଶଙ୍କ ଜ୍ୟେଷ୍ଠପୁତ୍ର ରଘୁନାଥ

ISSN NO.
2582-208X

କୁହନ୍ତି- "ସେ ଯେଉଁ ସୂଚୀ ପତ୍ର କରିଛନ୍ତି ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି । ବାକି ତକ ଅଲେଖା ରହିଯାଇଛି। ଦ୍ୱିତୀୟ ଭାଗର ସୂଚୀ ସେ ଆୟୋଜନ କରି ଲେଖିଥିଲେ ମଧ୍ୟ କିଛି ହେଲେ ବିଷୟ ଲେଖିଯାଇନାହାନ୍ତି ।"୪ ତେଣୁ ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଦ୍ୱିତୀୟ ଭାଗର ପ୍ରଥମ ଅନୁଚ୍ଛେଦଠାରୁ ଚାଳିଶ ଅନୁଚ୍ଛେଦ ଯାଏଁ ସେ ଯୋଜନା କରି ମଧ୍ୟ ମୃତ୍ୟୁ ପୂର୍ବରୁ ତାକୁ ଲିପିବଦ୍ଧ କରିନାହାନ୍ତି । ତେଣୁ ଏହାକୁ ଅସମ୍ପୂର୍ଣ୍ଣ ଆତ୍ମଜୀବନୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ପଣ୍ଡିତ ଗୋଦାବରୀଶଙ୍କୁ ଆତ୍ମଜୀବନୀ ଲେଖିବାକୁ ତାଙ୍କର ବନ୍ଧୁମାନେ ଅନୁରୋଧ କରିଥିବା ପ୍ରସଙ୍ଗ ସେ ଆତ୍ମଜୀବନୀ ପୁସ୍ତକର ପୃଷ୍ଠଭୂମୀରେ ଉଲ୍ଲେଖ କରିଛନ୍ତି । ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସେ ସାମ୍ନା କରି ତଥା ସଂଘର୍ଷର ପଥକୁ ଅତିକ୍ରମ କରି ଶିକ୍ଷାଲାଭ କରିଛନ୍ତି ଏବଂ ଓଡ଼ିଆ ଭାଷାର ବିକାଶ ନିମନ୍ତେ ତାଙ୍କର ଉଦ୍ୟମ ଅବ୍ୟାହତ ରଖିଥିଲେ । ସେଥିପାଇଁ ସେ ଶିକ୍ଷକତାକୁ ଜୀବିକା ଭାବେ ଗ୍ରହଣ କରିଥିଲେ । ସେହି ସମୟକୁ ଅନୁଧ୍ୟାନ କଲେ ଏହା ପ୍ରତୀତ ହୁଏ ଯେ ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶ ମିଶ୍ର ସେନାପତିଙ୍କ ଠାରୁ ଟିକେ ପୃଥକ ଲାଗନ୍ତି । କାରଣ ଜୀବନର ଶେଷ ସମୟରେ ଯେତେବେଳେ ଫକୀର ମୋହନ ସାହିତ୍ୟ ସାଧନା କ୍ଷେତ୍ରରେ ବ୍ରତୀ ଥିଲେ, ସେତେବେଳେ ନୀଳକଣ୍ଠ ଓ ଗୋଦାବରୀଶ ଓଡ଼ିଶାର ଦଳୀୟ ରାଜନୀତି ସହିତ ଜଡ଼ିତ ଥିଲେ । ସେଥିପାଇଁ ସେ ତାଙ୍କ ଜୀବନରେ ହାସ୍ୟରସ ସୃଷ୍ଟି କରିବାରେ ତଥା ବିଭିନ୍ନ ପରିସ୍ଥିତିକୁ ସମାଧାନ କରିବାର ଦକ୍ଷତାକୁ ବେଶୀ ମାତ୍ରାରେ ପାଇପାରିନାହାନ୍ତି । ଏ ସମ୍ପର୍କରେ ଜନ୍ ଭିକ୍ଟର କହନ୍ତି- "I am writing of them therefore, their authors could not afford the flippancy and human or that characterised the autobiographies of their distinguished predecessors."୫

ତାରିଣୀଚରଣ ଦାସ ଗୋଦାବରୀଶଙ୍କ ଆତ୍ମଜୀବନୀର ବୈଶିଷ୍ଟ୍ୟ ସମ୍ପର୍କରେ କୁହନ୍ତି- "ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମାସତିଗତ ଜୀବନକୁ ନେଇ ପ୍ରକାଶ ପାଇଛି । ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି । ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେ ସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷ ଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି ।"୬ ତେବେ ଦେଖିବାକୁ ଗଲେ ଜୀବନର ଶେଷ ସମୟ ଯାଏଁ ସେ ଓଡ଼ିଶାର ରାଜନୈତିକ ଜୀବନଧାରା ସହିତ

ISSN NO.
2582-208X


ସଂଶ୍ଳିଷ୍ଟ ଥିଲେ । ତାଙ୍କର ଆତ୍ମଜୀବନୀରେ ଉଲ୍ଲିଖିତ-"ମୁଁ ଯାହା ଲେଖିବି, ତାକୁ ପଢି କେହି ଦୁଃଖ ବା ଆନନ୍ଦ ଅନୁଭବ କରିବାକୁ ଲେଖିବି ମାତ୍ର । ସେଥିପାଇଁ ସେ ସାଧାରଣ ଜୀବନ ଓ ରାଜନୈତିକ ଜୀବନ ସହିତ ସଂଶ୍ଳିଷ୍ଟ ଯେତେବେଳେ ଦୁଃଖ, ଦୁର୍ଗତି, ଉତ୍ଥାନ ଓ ପାଟଣାର ସମ୍ମୁଖୀନ ହୋଇଛନ୍ତ ତାହାକୁ ସେ ପ୍ରକାଶ କରିଛନ୍ତ । ପଣ୍ଡିତ ଗୋଦାବରୀଶ କେବଳ ସାହିତ୍ୟିକ ନଥିଲେ ସେ ଜଣେ ତୁଙ୍ଗ ନେତା, ଶିକ୍ଷକ ଓ ଜଣେ ମନ୍ତ୍ରୀ ଭାବେ ମଧ୍ୟ ପରିଚତ ଥିଲେ । ଓଡ଼ିଶାର ରାଜନୀତି, ଶିକ୍ଷା ବ୍ୟବସ୍ଥା, ସଂସ୍କୃତି ଓ ସାମାଜିକ ବ୍ୟବସ୍ଥାର ଜଣେ ନିଖୁଣ ବ୍ୟାଖ୍ୟାକାର ମଧ୍ୟ ଥିଲେ । ସଂକ୍ଷେପରେ କହିବାକୁ ଗଲେ ଗୋଦାବରୀଶଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଗ୍ରନ୍ଥଟି ଅସମ୍ପୂର୍ଣ୍ଣ ହୋଇଥିବାରୁ ଯୋଜନା କରାଯାଇଥିବା ପଚିଶ ବର୍ଷ ଘଟଣାଗୁଡିକ ଏଥିରେ ସ୍ଥାନିତ ହୋଇପାରିନାହିଁ । ତେଣୁ ଏହା କୁହାଯାଇପାରେ ଯେ -ସେ ଯାହା କହିଛି ସେ ଅନୁଭବ କରିଛନ୍ତ ସେହି ଆଦର୍ଶବାଦ, ବାସ୍ତବ ସତ୍ୟତାକୁ ସେ ଯଥାଯଥ ଭାବେ ପ୍ରକାଶ କରିଛନ୍ତ । ଦେଶମାତୃକା ପାଇଁ ତଥା ଦେଶବାସୀଙ୍କ ପାଇଁ ସେ ଖୁବ କାର୍ଯ୍ୟ କରିଯାଇଛନ୍ତ କହିଲେ ଅତ୍ୟୁକ୍ତ ହେବ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ -

୧- ନେପାକ, ଭଗିରଥି- ପଣ୍ଡିତ ଗୋଦାବରୀଶ, ଶାରଦା ଭବନ, କଟକ, ପ୍ରଥମ ସଂସ୍କରଣ, ୧୯୭୬, ପୃ. ୬
୨- ମିଶ୍ର, ଗୋଦାବରୀଶ- ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ- ପୃଷ୍ଠା. ୬୫
୩- ପଣ୍ଡା, ରାଧାଚରଣ-ଗଣସେବକ ଡକ୍ଟର ଗୋଦାବରୀଶ, ଛାତ୍ରବୃତ୍ତି ସଂଘ, ବ୍ରହ୍ମପୁର, ପ୍ରଥମ ସଂସ୍କରଣ, ୧୯୫୬, ପୃ.୪-୫
୪- ମିଶ୍ର, ଗୋଦାବରୀଶ-ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ- ପୃଷ୍ଠା.୨
୫- Victor, John-Oriya Autobiography (1917-1970), p. 90
୬- ଦାସ ,ତାରିଣୀଚରଣ- ନୂତନ ସମୀକ୍ଷା, ପୃ.୧୩୯

ପିଏଚ.ଡ଼ି ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଆଶା ଭରଷାର ଜୀବନ



ଆଶୁତୋଷ ମେହେର

ଆଶା ଆଉ ଭରଷା ସେ, ଜୀବନର ଦୁଇଧାର
ସୁଖ ଦୁଃଖ ସବୁଭୁଲି, ସଂସାର କରେ ସେ ପାର ।
ଅନ୍ଧାର ଗଳିକୁ ଡେଇଁ, ଆଲୁଅ ଭରା ଇସାରା
ଆଜି ବର୍ଷା କାଲି ଖରା, ଜୀବନେ ଲେଖିଲା ଧାରା। ।

ବଞ୍ଚିବାକୁ ଲଢିବାକୁ, ଗଢା ମଣିଷ ପରାଣ
ଆଶା ଭରସା କୁ ଭାବେ, ଜୀବନ ଶକ୍ତି ଇନ୍ଧନ ।
ତାକୁ ଧରି ଆଗେ ବଢେ, ନଜାଣି ଭବିଷ୍ୟ ଲେଖା
କିଛି ଆଶା କର୍ମଫଳେ, ଫଳିବ ନିଶ୍ଚୟ ଏକା । ।

ଭରଷା ରେ ଧ୍ୟାନ ରଖି, ପରିଶ୍ରମ ଏକା ରାହା
ଉପରୁ ଆଶୀଷ ଝରେ, ସାହା ସେଇ ଚଉବାହା। ।
ଆଶୀର୍ବାଦ ବୁନ୍ଦା ବୁନ୍ଦା, ପୁରେ ଜୀବନ ଘଡାରେ
କର୍ମବଳେ ବଞ୍ଚେ ସିଏ, ଫଳ ଭୋଗେ ଏକା ଧାରେ। ।

ପ୍ରଭୁଙ୍କ ଆଦେଶ ଏଠି, ଦିନ ଆଉ ରାତି ଅଛି
ଆଶା ମିଶା ଭରଷା ରେ, ସଦା ମଣିଷ ବଞ୍ଚିଛି । ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪/ଦୂରଭାଷ 9437085396

ISSN NO.
2582-208X

# ପାପ ର ଶେଷ ଯନ୍ତ୍ରଣା



ସସ୍ମିତା ନାୟକ

ମୋର ର ଇଚ୍ଛା ନାହିଁ ତୁମକୁ ଆପଣେଇ ବାରେ,
କିଏ ଦେଲା ସେ ଅଧିକାର ମୋତେ ଛୁଇଁବାରେ।।
ବାଧ୍ୟତା ଗୋଟେ ଅପରାଧ ବାଧ୍ୟଟା କେବେ ଯନ୍ତ୍ରଣା
ପୁଣି ବାଧ୍ୟତା ଗୋଟେ ନିର୍ଯାତନା
ଆକୁ ହିଁ ତ କୁହନ୍ତି ପାପ ପ୍ରେମର
ଶେଷ ଯନ୍ତ୍ରଣା।।
ବାଧ୍ୟ ବାଧ୍ୟକ୍ତାରେ  ନାରିତ୍ୱ କୁ
ବେ ସମ୍ମାନ ର ଚାପୁଡ଼ା ମାରି
ଶୂନ୍ୟ ଗର୍ଭକୁ ଗର୍ଭାଶୟ କରି ପୁଣି
ଭୟଭୀତ ରେ ଗର୍ଭ ଶୂନ୍ୟ କରିବା
ଅଜଣା ଭୟକୁ ପୁର୍ଣ୍ଣଆବୃତ୍ତି କରି
ଭୟବିତ କରି ଚାପି ରଖିବା
ଇଏ ପ୍ରେମ ନା ପାପ ପ୍ରେମର
ଶେଷ ଯନ୍ତ୍ରଣା।।
ହେ ଶୁଣ
ଯଦି ଏମିତି ନିଯେ ଜଳି
ମୋତେ ଜାଳିବାର ଥିଲା
ତେବେ ଜ୍ୱଳନ୍ତା ନିଆଁରେ

ISSN NO.
2582-208X


ମୋତେ ଜାଳି ଦେଇଥାନ୍ତା ।।
ହେଲେ ଏମିତି କାହିଁକି କଲ
ପାଉଁଶ ତଳର କୁହୁଳା ଅଙ୍ଗାର ପରୀ
ତିଳ ତିଳ କରି ଛଟ ପଟ କରି
ଯନ୍ତ୍ରଣା ନିଆଁରେ ଜାଳିଚାଲିଲ
ଇଏ କଣ ପାପ ସମ୍ପର୍କର
ଶେଷ ଯନ୍ତ୍ରଣା ଅନୁଭବ ନୁହେଁ ।।
ଇଏ କଣ ପ୍ରେମ ନା ପୂର୍ବ ଜନ୍ମର
କିଛି ବାକିରହିଥିବା ଅପରାଧ
ନା ପ୍ରତିଶୋଧ ।।
ବାସ ସେତିକି ଥାଉ
ବହୁତ ହେଇଗଲା
ତୁମ ପ୍ରେମ ନାରେ ପ୍ରତାରଣା
ଆଉ ସହିବାର ନାହିଁ
ଏ ପାପ ସମ୍ପର୍କ କୁ
ପାଇବାର ଆଶା ବି ନାହିଁ
ନାରୀତ୍ୱ ହରେଇବାର ଭୟ ବି ନାହିଁ ।।
ଯୋଉଠି ସହିବା କହିବାର କ୍ଷମତା ଶେଷ
ଚାଲିବା ପାଇଁ ପାଦେ ପାଦେ କଣ୍ଟା
ଯୋଉଠି ଶେଷ ଠିକଣା ମୁକ୍ତି
ପ୍ରତିଟି ସମୟ କ୍ଳାନ୍ତି
ଏ ପାପ ଠିକଣା ଶେଷ ଯନ୍ତ୍ରଣାରୁ
ମନ ଖୋଜେ ଶାନ୍ତି ।।

ହେ ଇଶ୍ୱର ତୁମ ଆଜ୍ଞାଧୀନ

କାକଟପୁର, ନଇଁଗୁଆଁ, ପୁରୀ

ISSN NO.
2582-208X

# ତୁଷ୍ଟି ଓ ପୁଷ୍ଟି



ସୁଲୋଚନା ବେହେରା

ଶରୀର ପୋଷଣ ଯାହାଟି
ତାହା ଅଟଇ ପୁଷ୍ଟି,
ମନ ତୁଷ୍ଟି ଯାହା କହିବା
ତାହା ଅନ୍ତ ସନ୍ତୁଷ୍ଟି।(୧)

ପରସ୍ପର ପରିପୂରକ
ମନ ଶରୀର ଦୁହେଁ,
ଏକ ପତନରେ ଆରେକ
କେବେ ତିଷ୍ଠି ନ ରୁହେ।(୨)

ସୁସ୍ଥ ମନଟିର ଆଧାର
ସୁସ୍ଥ ଶରୀର ହୁଏ,
ସୁଷମ ଖାଦ୍ୟର ବିହୁନେ
ଦେହ ଅକାଳେ ଯାଏ(୩)

ଶରୀର ପୋଷଣ ନୁହଁଇ
ବାସ ଗହଣା ବସ୍ତ୍ର,
ସନ୍ତୁଳିତ ଖାଦ୍ୟ ଆହାର
ନୁହେଁ ଅନିୟମିତ।(୪)

ଶରୀର ତତ୍ତ୍ୱକୁ ପ୍ରାଧାନ୍ୟ
ଦେଇ ଦୁଶ୍ଚିନ୍ତା ମୁକ୍ତ,
ଛଳ ପରିହରି ନିର୍ମଳ
ମନେ ଆନନ୍ଦ ପ୍ରାପ୍ତ।(୫)

ପଞ୍ଚ ଇନ୍ଦ୍ରିୟ କୁ ଦମନ
କଲେ ଝରିବ ଶାନ୍ତି,
ଇନ୍ଦ୍ରିୟ ଲାଳସା ଲାଗିଲେ
ଆସେ ଅନେକ କ୍ଲାନ୍ତି।(୬)

ନିରାଶ ବିଷାଦ ହତାଶ ଙ୍କର ଚାଲେ
ରାଜତ୍ୱ,
ଶିରିହୀନ ଲାଗେ ଦୁନିଆଁ
ହାରେ ମାନ ଅସ୍ତିତ୍ୱ।(୭)

କୁପଥ ବର୍ଜନ କରିଣ
ସୁପଥରେ ଗମନ,
ଗର୍ବ ଅହଂ ଇର୍ଷା ଦୂରାଇ
ଲୋଭକୁ ସମ୍ବରଣ।(୮)

ISSN NO.
2582-208X

ଧର୍ମ ଶାସ୍ତ୍ର ପ୍ରଭୁ ଚିନ୍ତନେ
ମନ କରି ନିବେଶ,
ସ୍ନେହ ଶ୍ରଦ୍ଧା ପ୍ରେମ ପରଶି
ସ୍ୱଚ୍ଛ ହୃଦୟେ ତୋଷ(୯)

ମାଧବ ସେବା ଯେ ମାନବ
ସେବା ଭାବି ହୃଦୟେ,
ନିଶ୍ୱାର୍ଥ ପରରେ ସେବିବ
ସମ ଆପଣା ପ୍ରାୟେ।(୧୦)

କ୍ଷଣିକ ସନ୍ତୁଷ୍ଟି ନିମିତ୍ତ
କାମନା ପରିହରି,
ଯାହା ଚିରନ୍ତନ ସତ୍ୟକୁ
ନିଅ ଆଧାର କରି।(୧୧)

ଆତ୍ମା ଯେ ସନ୍ତୋଷ ଲଭିବ
ଜୀବନ ପାଏ ଶାନ୍ତି,
ସୁସ୍ଥ ଦେହ ମନ ପରାଣ
ହୃଦେ ତୁଷ୍ଟି ଓ ପୁଷ୍ଟି (୧୨)

ବଇଁଚୁଆ, ଖୋର୍ଦ୍ଧା

ISSN NO.
2582-208X

# ହେ ଈଶ୍ୱର



ରଘୁନାଥ ତ୍ରିପାଠୀ

ହେ ଈଶ୍ୱର,
ତୁମେ କ 'ଣ ବୁଝ ନିଃସଙ୍ଗତାର ଅର୍ଥ
ବୁଝି କି ପାର ତୁମେ ଏକାକୀତ୍ୱର ଯନ୍ତ୍ରଣା
ଅମର ନିର୍ଜର ତୁମେ ନିତ୍ୟ ଯଉବନ
ବୁଝିବ କିପରି ତୁମେ ବାର୍ଦ୍ଧକ୍ୟ ଆଉ ମୃତ୍ୟୁର ଖେଳକୁ
ବୁଝିପାରିବନି ତୁମେ ଆତ୍ମୀୟ ଓ ଆତ୍ମଜଙ୍କ ଠାରୁ
ଦୂରେଇ ରହିବାର ପୀଡା ।
କିପରି ବିଶ୍ୱାସ ଯିବି
ତୁମର ଆଖି କାନ ଆଉ ହୃଦୟ ଅଛି ବୋଲି ?

ତ୍ରେତୟାରେ ଅହଲ୍ୟାକୁ ମୁକ୍ତି ଦେଲାପରେ
ନିଜେ ସତେକି ପାଲଟିଲ ଏକ ପାଷାଣ ମୂର୍ତ୍ତି
ନା, ଦ୍ୱାପରରେ ନିଜ ବଂଶର ବିଧ୍ୱଂସ ରଚ଼ିବାରେ
ରୂପାନ୍ତରିତ ଶିଳା ହେଲା ତୁମର ମନ ଓ ହୃଦୟ
ପଶ୍ଚାତ୍ତାପର ବହ୍ନିରେ ଛଟପଟ ହୋଇ ।

ISSN NO.
2582-208X

ସେତେବେଳେ ବୃନ୍ଦାବନର ରାଧିକା ଗଉଡୁଣୀ
ଅବା ଦ୍ୱାରକାର ଅଷ୍ଟ ପାଟବଂଶୀ
ତୁମ ମନକୁ ଆନ୍ଦୋଳିତ କଲେନି ?

ଯଦି ନୁହେଁ, ତେବେ ଶିଆଳି ଲଟାରେ
ଜରା ଶବରର ପ୍ରତୀକ୍ଷା କାହିଁକି ?
ଆଉ ଯଦି ହୃଦୟଙ୍ଗମ କରିଛ ସେ କଷ୍ଟ
ଆଉ ଜାଣିଛ ମୁଁ ମହାପାପୀ ବୋଲି
ପଠାଇ ରାବଣ ଅବା କଂସ ମାମୁଁ ପାଶେ
ଦେଇ ଦିଅ ମୋତେ ଏ ନିଃସଙ୍ଗତାରୁ ମୁକ୍ତି ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# କଥାକାର ହେଉଛନ୍ତି ବିପିନ ବିହାରୀ ମିଶ୍ର



ଡ. ହରିହର ପ୍ରଧାନ

ସାଂପ୍ରତିକ କାଳର ଜଣେ ଅନୁଭୂତି ସମ୍ପନ୍ନ କଥାକାର ହେଉଛନ୍ତି ଶ୍ରୀ ବିପିନ ବିହାରୀ ମିଶ୍ର କ୍ଷୁଦ୍ରଗଳ୍ପ ଉପନ୍ୟାସ, ଶିଶୁ ସାହିତ୍ୟ ବିଜ୍ଞାନ ଆଧାରିତ ଗଳ୍ପ ତଥା ପ୍ରବନ୍ଧ ସତୁରି ଦଶକ ପରେପରେ ଲେଖନୀ ଚାଳନା କରି ଏଯାବତ୍ ଶ୍ରୀ ମିଶ୍ର ତାଙ୍କ ଲେଖନୀକୁ ଜୀବନ୍ତ କରି ଆସିଛନ୍ତି । ସଂପ୍ରତି ଶ୍ରୀ ମିଶ୍ର ଙ୍କ ବହୁ ଉପାଦେୟ ତଥ୍ୟ ଆଧାରିତ ଉଚ୍ଚକୋଟୀର ପ୍ରବନ୍ଧ ମାନ ଓଡିଶାର ସୁନାମଧନ୍ୟ ସମ୍ବାଦପତ୍ର ସମାଜ, ସମ୍ବାଦ, ପ୍ରମେୟ ଏବଂ ଧରିତ୍ରୀ ଇତ୍ୟାଦି ଦୈନିକ ଖବରକାଗଜ ମାନଙ୍କରେ ପ୍ରକାଶିତ ହୋଇ ଲୋକଦୃଷ୍ଟିକୁ ଆସି ବୁଦ୍ଧିଜୀବି ମହଲରେ ବହୁଚର୍ଚ୍ଚିତ । ତାଙ୍କ ଗଳ୍ପଗୁଡିକ ଏଯାବତ୍ ୧୮ ଟି ସଂକଳନରେ ପ୍ରକାଶ ପାଇସାରିଛି । ଯଥା- ମନର ମୁକୁର, ଶପଥ ଶାନ୍ତାଳର, ଦାରୋଗା ସାହିତ୍ୟିକ, ଗୋମତିର ଶେଷ ହସ, ମୃତ୍ୟୁଶଯ୍ୟାର ମାନଚିତ୍ର, ଜନ୍ମ,ମୃତ୍ୟୁ ଓ ଅନ୍ୟାନ୍ୟ ଗଳ୍ପ, ଧୂଳି ଜମିଥିବା ବହିଟିଏ, ବେଶୀଦୂର ନୁହେଁ ଆକାଶ, କାୟା ପ୍ରବେଶ, ଅନ୍ୟଏକ କୁରୁକ୍ଷେତ୍ର, ମନ, ମାଟି ଓ ମଣିଷ, ତୋଲାଗି ଗୋପଦାଣ୍ଡ, ଗାଁର ନାଁ ସୁଜନପୁର ବିପିନ ବିହାରୀ ମିଶ୍ରଙ୍କ ଶ୍ରେଷ୍ଠଗଳ୍ପ, ଇତ୍ୟାଦି ।

ଏହି ଗଳ୍ପ ସଂକଳନ ଗୁଡିକରେ ସନ୍ନିବେଶିତ ଗଳ୍ପର ବୈଶିଷ୍ଟ୍ୟ ତଥା ସ୍ୱାଦ ସ୍ୱତନ୍ତ୍ର । ଜଣେ ଦାୟିତ୍ୱସମ୍ପନ୍ନ ଆଇ.ପି.ଏସ. ଅଫିସର ଭାବରେ ଓଡିଶା ତଥା ଓଡିଶା ବାହାରକୁ ଯାଇ ଉପରିକି ଭାରତ ବାହାରକୁ ଯାଇ ମଧ୍ୟ ଭ୍ରମଣଜନିତ ଅନୁଭୂତି ତଥା ଆବେଗକୁ ନିଜଗଳ୍ପର ବିଷୟବସ୍ତୁ କରିଥିବା ଗାଳ୍ପିକଙ୍କ ଗଳ୍ପଗୁଡିକ ବିଭିନ୍ନ ଚିନ୍ତା ଓ ଚେତନାର ବଳିଷ୍ଠ ଭାବାବେଗକୁ ପ୍ରକାଶ କରିବାରେ ସମର୍ଥ ହୋଇପାରିଛି । ବିଭିନ୍ନ ଅଂଚଳ ତଥା ଦେଶ ବିଦେଶର ଚଳଣୀ ସଭ୍ୟତା ସଂସ୍କୃତି ତତ୍ ସମ୍ପର୍କୀତ ବାତାବରଣ ଆଦିକୁ ଗାଳ୍ପିକ ଆଣିଛନ୍ତି

ISSN NO.
2582-208X

ନିଜ ଗଳ୍ପ ମଧ୍ୟକୁ । ବିଭିନ୍ନ ଆଙ୍ଗିକ ଓ ଆତ୍ମିକ ବୈଚିତ୍ର୍ୟରେ ଭରପୂର ହୋଇଉଠିଥିବା ତାଙ୍କର ଗଳ୍ପରାଜି ଏକକ ଭାବରେ ଓଡିଆ ଗଳ୍ପ ସାହିତ୍ୟରେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ । କ୍ଷୁଦ୍ରଗଳ୍ପ ସୃଷ୍ଟି ପୂର୍ବରୁ ସାହିତ୍ୟରେ କଥା ଓ କାହାଣୀର ବିଭିନ୍ନ ରୂପ ଦେଖିବାକୁ ମିଳେ । ବୈଦିକ ସାହିତ୍ୟର ଆରମ୍ଭ ଓ ବିକାଶ ସମୟରେ ମଧ୍ୟ କାହାଣୀର ସୂଚନା ଦେଖିବାକୁ ମିଳେ । ଋକ ବେଦର ଇନ୍ଦ୍ର ବୃତ୍ତାସୁର କାହାଣୀ, ପୁରୁରବା ଓ ଉର୍ବଶୀ କାହାଣୀ, କଠୋପନିଷଦର ନଚିକେତା କାହାଣୀ ତୈତ୍ତରୀୟ ଉପନିଷଦର ଭୃଗୁ ଓ ବରୁଣ କାହାଣୀ ହିତୋପଦେଶର ରଙ୍ଗକାରର କଥା ଓ ନୀଳବର୍ଣ୍ଣ ଶୃଗାଳ କଥା ଆଦି ବିଶ୍ୱର ସର୍ବପ୍ରାଚୀନ କାହାଣୀ ଭାବରେ ଗୃହୀତ । ଗଳ୍ପ ମଧ୍ୟରେ କାହାଣୀ କହିବା ଓ ଆନନ୍ଦ ଦେବା ଅପେକ୍ଷା ଶିକ୍ଷାଦାନ ଅଧିକ ବିଧେୟ ବୋଲି ସେ କାଳର କଥାକାର ମାନେ ଧରି ନେଇଥିଲେ । ଆଉ ସେହି କାରଣରୁ ଏ ଦୁଇଟି ଆଭିମୁଖ୍ୟ ସେ ଯୁଗର ଗଳ୍ପ ସାହିତ୍ୟରେ ମୁଖ୍ୟତଃ ପ୍ରକଟିତ ହୋଇଛି ।

ଆଜିକାଲିର ଓଡ଼ିଆ କ୍ଷୁଦ୍ରଗଳ୍ପରେ ବହୁ ପରୀକ୍ଷା ନିରୀକ୍ଷାର ସ୍ୱାକ୍ଷର । ଓଡ଼ିଆ କ୍ଷୁଦ୍ରଗଳ୍ପର ଆକାର, ଭାଷା, ବିଷୟବସ୍ତୁ, ସବୁଠି କିଛି ନୂତନତା ଦେବା ପାଇଁ ଆଜିର ଗାଳ୍ପିକ ବିଶେଷ ତତ୍ପର । ଗଳ୍ପର ପରିସରକୁ ଗୋଟିଏ ପୃଷ୍ଠାରେ ବି କେହି କେହି ସୀମିତ କରି ବସିଲେଣି । ଏ ସମୟରେ ଯେଉଁ କେତେକ ଗାଳ୍ପିକ ଲେଖନୀ ଚାଳନା କରି ଓଡ଼ିଆ ଗଳ୍ପ ସାହିତ୍ୟକୁ ସୁସମୃଦ୍ଧ କରି ଥିଲେ ସେମାନଙ୍କ ମଧ୍ୟରେ ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ବସନ୍ତ ଶତପଥୀ, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ, ପଦ୍ମଜ ପାଳ, ବ୍ରହ୍ମାନନ୍ଦ ପଣ୍ଡା, ଅଚ୍ୟୁତା ନନ୍ଦ ପତି । କିଶୋରୀ ଚରଣ ଦାସ, ରାମଚନ୍ଦ୍ର ବେହେରା, ପ୍ରତିଭା ରାୟ, ଅଖିଳ ମୋହନ ପଟ୍ଟନାୟକ, ବିଷ୍ଣୁ ସାହୁ, ଜଗଦିଶ ମହାନ୍ତି, ସରୋଜିନି ସାହୁ, ବୀଣାପାଣି ମହାନ୍ତି ଆର୍ଯ୍ୟ ଯଜ୍ଞଦତ୍ତ, ପୂର୍ଣ୍ଣାନନ୍ଦ ଦାନୀ ପ୍ରମୁଖ ଅଗ୍ରଗଣ୍ୟ । ଏମାନଙ୍କ ମଧ୍ୟରୁ କଥାକାର ବିପିନ ବିହାରୀ ମିଶ୍ରଙ୍କ ସ୍ଥାନ ସ୍ୱତନ୍ତ୍ର । ଉଭୟ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ସାହିତ୍ୟରେ ସେ ଜଣେ ସମୃଦ୍ଧ କଥାକାର । ଏ ସମୟରେ ଓଡ଼ିଆ କ୍ଷୁଦ୍ରଗଳ୍ପର ଆଙ୍ଗୀକ ଓ ଆତ୍ମିକ ରେ ଏକ ବିରାଟ ସଂସ୍କାର ଦେଖା ଦେଇଥିଲା । ବିଶେଷ କରି ଫ୍ରୟେଡ଼ୀୟ ମନୋ ବିଶ୍ଲେଷଣ ପରେ ଓଡ଼ିଆ କ୍ଷୁଦ୍ରଗଳ୍ପ ରାଜ୍ୟରେ ତୁମୂଳ ପରିବର୍ତ୍ତନ ଘଟିଥିଲା । ମନରାଜ୍ୟର ସମସ୍ତ ବିପ୍ଳବ ଓ ଆଲୋଡନ କୁ କ୍ଷୁଦ୍ରଗଳ୍ପ ସୀମିତ ପରିବେଶ ମଧ୍ୟରେ ପରୀକ୍ଷା ନିରୀକ୍ଷା କରା ଯାଇଛି ।

ISSN NO.
2582-208X

ଏତତ୍ ବ୍ୟତୀତ ମାର୍କସ୍ ଙ୍କ ସାମ୍ୟବାଦୀ ଦର୍ଶନ ଓ ଶ୍ରେଣୀ ଚେତନା ମଧ୍ୟ କ୍ଷୁଦ୍ରଗଳ୍ପ ରେ ବିଶେଷ ପ୍ରଭାବ ବିସ୍ତାର କରିଛି । ଫଳରେ ଶ୍ରେଣୀ ସଂଘର୍ଷ, ସାଧାରଣ ମଣିଷ ର ହତାଶା ଓ ହାହାକାର, ଯୁଦ୍ଧ ପର ଜୀବନର ଦୁରବସ୍ଥା, ବିଭିନ୍ନ ବାଦ ଯଥା-ପ୍ରୟୋଗ ବାଦ, ନାସ୍ତିବାଦ, ଅତି ମାନବବାଦ, ଅସ୍ତିତ୍ୱ ବାଦ, ଅଭିବ୍ୟକ୍ତି ବାଦ, ଦେହବାଦ, ସଂଶୟବାଦ, ଆଦି କ୍ଷୁଦ୍ରଗଳ୍ପରେ ପ୍ରକାଶ ପାଇ କଥାବସ୍ତୁର ମୋଡ଼କୁ ବଦଳାଇ ଦେଇଛି । ଫଳରେ କ୍ଷୁଦ୍ରଗଳ୍ପ ସାହିତ୍ୟରେ ଅଣୁଗଳ୍ପ ଅଗଳ୍ପ, ଓ ସ୍କେଚ ଗଳ୍ପ ପ୍ରଭୃତି ସୃଷ୍ଟି ହୋଇଛି । ଗାଳ୍ପିକ ବିପିନ ବିହାରୀ ମିଶ୍ର ମଧ୍ୟ ସ୍ୱାଭାବିକ ଭାବରେ ଏହି ଚେତନା ଦ୍ୱାରା ପ୍ରଭାବିତ ହୋଇ ଗଳ୍ପ ଲେଖିଥିବା ପରିଲକ୍ଷିତ ହୁଏ ।

ସମାଜ, ରାଷ୍ଟ୍ର, ଓ ବ୍ୟକ୍ତି ଚେତନାର ସଂଜ୍ଞା ସେତେବେଳେ ବଦଳି ଗଲା ଯେତେବେଳେ ଦୁଇଟା ବିଶ୍ୱଯୁଦ୍ଧ ପୃଥିବୀ ପୃଷ୍ଠକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଲା । ଏହି ପରିପ୍ରେକ୍ଷୀରେ ଏକ ନୂଆଚେତନା ମୁଣ୍ଡଟେକି ଉଠିଲା ସାହିତ୍ୟ କ୍ଷେତ୍ରରେ । ଯେଉଁ ସାହିତ୍ୟରେ ସୁନ୍ଦର ସ୍ୱପ୍ନ ଓ ସବୁଜ ଶସ୍ୟ ଶ୍ୟାମଳ ଚିତ୍ର ପ୍ରକାଶ ପାଉଥିଲା ତା ବଦଳରେ ଏକ ଧୁସର ଧ୍ୱସ୍ତ ପୃଥିବୀ ଓ ଅସହାୟ ମଣିଷର ଚିତ୍ର ଫୁଟି ଉଠିଲା । ଗୁରୁ ପ୍ରସାଦ ମହାନ୍ତି ଙ୍କ କବିତା କାଳପୁରୁଷ ଓ ସୁରେନ୍ଦ୍ର ମହାନ୍ତିଙ୍କର ଫଟାଭୂଇଁ ଉପନ୍ୟାସ ଏହାର ମାର୍ମିକ ଅଭିବ୍ୟକ୍ତି । ସାଂପ୍ରତିକ କ୍ଷୁଦ୍ରଗଳ୍ପ ରେ ବି ଏହି ଚେତନାଟି ଏକ ମୁଖ୍ୟସ୍ୱର ହିସାବରେ ଗୃହୀତ ।ଏ ସମୟରେ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରପାତିର ଉଦ୍ଭାବନ ଫଳରେ ଶିଳ୍ପ କ୍ଷେତ୍ରରେ ମଧ୍ୟ ଅବିନବତ୍ୱ ଦେଖାଗଲା । ମଣିଷ ଯନ୍ତ୍ରର ଦାସ ହୋଇ ନିଜେ ଏକ ଯନ୍ତ୍ର ହୋଇ ପଡିଲା । ଏହି ଯନ୍ତ୍ର ସଭ୍ୟତା ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିଦେଲା । ଯେମିତି ଜଣକର ବେଦନା ଓ ନିଃସଙ୍ଗତା କେବଳ ସେହିଜଣକର । ଏଣୁ ଅସହାୟ ମଣିଷ ନିଜେ ହିଁ ତାର ପରିଚୟ ମିଥ୍ୟା ବୋଲି ପ୍ରତିପାଦିତ କଲା । ଫଳରେ ନିଜକୁ ଅସହାୟତାର ପ୍ରାଚୀରରେ ବନ୍ଦୀକରି ନିଜ ଜୀବନକୁ ଅନ୍ଧକାରାଚ୍ଛନ୍ନ ମନେକଲା ।

ବିଜ୍ଞାନ ଓ ସଭ୍ୟତାର ପ୍ରଗତି ସଙ୍ଗେ ସଙ୍ଗେ ଏକ ବସ୍ତୁବାଦୀ ସଭ୍ୟତାର ବିକାଶ ଘଟିଲା । ଜୀବନ ହେଲା ବସ୍ତୁକୈନ୍ଦ୍ରିକ ଓ ସହରାଭିମୁଖୀ । ସାଂପ୍ରତିକ କାଳର ଅଧିକାଂଶ ଗଳ୍ପ ଗୁଡ଼ିକର ପରିବେଶ ସହରକୁ କେନ୍ଦ୍ରକରି ପରିକଳ୍ପିତ । କିନ୍ତୁ ଏହା ପୂର୍ବରୁ ଓଡ଼ିଆ କ୍ଷୁଦ୍ରଗଳ୍ପର ପରିବେଶ ଥିଲା ପଲ୍ଲୀ । ମାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟର ଲେଖକ ବୃନ୍ଦ

ISSN NO.
2582-208X

ସହରକୁ ଚାକିରୀ ଉଦ୍ଦେଶ୍ୟରେ ଆସି ସହରକୁ ବାସସ୍ଥଳୀ ଭାବରେ ବାଛି ନେଇଥିବାରୁ ତାଙ୍କ ଲେଖନୀ ମୁନରେ ଆଉ ସେହି ପଲ୍ଲୀକଥା ସ୍ଥାନ ପାଇଲା ନାହିଁ । ଫଳରେ ଗ୍ରାମ୍ୟ ଜୀବନର ସ୍ନେହ ମମତା, ପ୍ରେମ, ଶାନ୍ତ ପଲ୍ଲୀ ସଭ୍ୟତା, ଆଦର୍ଶ ମାତୃତ୍ୱ, ସୁସଂଯତ ପରିବାର, ଦାମ୍ପତ୍ୟ ପ୍ରେମ, ଏସବୁର ପରିବର୍ତ୍ତିତ ରୂପ ଦେଖିବାକୁ ମିଳିଲା ଗ୍ରାମ୍ୟ ଜୀବନ ଆଉ ସ୍ନେହ ମମତାରେ ବାନ୍ଧି ହୋଇ ରହିଲା ନାହିଁ । ଯେଉଁ ପରିବେଶରେ କି ଦିନେ ପଲ୍ଲୀ ଜୀବନର ଚିତ୍ରଲିପି, ମାଟିର ମହମହ ବାସ୍ନା ବିଜଡ଼ିତ ଗୋବରଲିପା ପିଣ୍ଡା, ତାଳବଣକୁ ଜାବୁଡ଼ି ଧରିଥିବା ଦିଗ୍ ବଳୟ ର କଥା, ସଜନା ଫୁଲ ପୋଇ ଶାଗ, ଗୋଧୂଳି ଲଗ୍ନର ଦୃଶ୍ୟ, ଧୂଳି ଜମିଥିବା ଗାଁ ଦାଣ୍ଡ, ଗ୍ରାମ୍ୟ ଝରଣାରେ ହଳଦୀ ମାଖୁଥିବା ଅନୂଢ଼ା କିଶୋରୀର ମୁହଁ, ଗାଁ ଭୁଆସୁଣୀର ଲାଜଲାଜ ଚାହାଣୀ, କଳସୀଭରା ଉଛୁଳା ପାଣି, ପ୍ରଭୃତିର ଚିତ୍ର ପ୍ରକାଶ ପାଇଁ ଗୋଟିଏ ଗୋଷ୍ଠୀକୁ ସୂଚାଇ ବିଭିନ୍ନ ଗଳ୍ପ ଗଢ଼ି ଉଠିଥିଲା ତା ସ୍ଥାନରେ ଆଜି ପ୍ରକାଶ ପାଉଛି କଳକାରଖାନାର ଧୂଆଁ ବିଜଡିତ ପରିବେଶ । ଏପ୍ରସଙ୍ଗରେ ଦାଶରଥୀ ଦାଶ କହନ୍ତି – "ଆଜି ପଲ୍ଲୀ ଜୀବନାନୁଭବ ବୃନ୍ତରୁ କ୍ଷୁଦ୍ରଗଳ୍ପ ଝରି ପଡ଼ିଛି ଗ୍ରାମୀଣ ସଂସ୍କୃତିର ସ୍ନିଗ୍ଧତା ମଧ୍ୟ ଆଉ ନାହିଁ କହିଲେ ଚଳେ ।" ୧

ସତୁରୀ ପରବର୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପର ପ୍ରମୁଖ ବିଶେଷତ୍ୱ ହେଲା ତତ୍କାଳୀନ ବାହ୍ୟିକ ଓ ଆତ୍ମିକ ସମସ୍ୟା ସବୁକୁ ଉପସ୍ଥାପନ କରିବା ବାହ୍ୟିକ ସମସ୍ୟା ମଧ୍ୟରେ ଅନ୍ନ, ବସ୍ତ୍ର, ବାସଗୃହ ସଂପର୍କୀତ ସମସ୍ୟା ଗୁଡ଼ିକ ସ୍ୱାଧୀନତା ପରବର୍ତ୍ତୀ କ୍ଷୁଦ୍ର ଗଳ୍ପ ଗୁଡ଼ିକରେ ବିଶେଷ ଭାବରେ ପ୍ରଭାବ ପକାଇଥିଲା । ଏପରିକି କ୍ଷୁଧା ନିବାରଣ ପାଇଁ ମଣିଷ ଆସାମ କାଳୀମାଟି, ରେଙ୍ଗୁନ, ଯିବାକୁ ବାଧ୍ୟ ହୋଇଛି ବୁଭୁକ୍ଷୁ ମଣିଷ ପେଟ ପୋଷିବାରେ ପାପ ପୂଣ୍ୟକୁ ଆଉ ବିଚାରକୁ ଆଣି ନାହିଁ । ଏପରିକି ନାରୀ ଶେଷରେ କ୍ଷୁଧା ନିବାରଣ ପାଇଁ ବେଶ୍ୟା ପାଲଟିଛି ତାର ଚିତ୍ର ସାଂପ୍ରତିକ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ବହୁଳ ଭାବରେ ଦେଖିବାକୁ ମିଳେ । ଆତ୍ମିକ ସମସ୍ୟା ଗୁଡ଼ିକ ମଧ୍ୟରେ ଚାକିରୀ ସମସ୍ୟା ହେଉଛି ସାଂପ୍ରତିକ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଶିକ୍ଷାଲାଭ ପରେ ଚାକିରୀ ନପାଇବାର ବ୍ୟର୍ଥତା ଓ ତଜ୍ଜନୀତ ହତାଶାର ଚିତ୍ର ଆମେ ଦେଖିବାକୁ ପାଇଥାଉ ଆମ କ୍ଷୁଦ୍ରଗଳ୍ପ ମାନଙ୍କରେ । ମଣିଷ ଶିକ୍ଷାଲାଭ କରି ଶାନ୍ତିରେ ନିଃଶ୍ୱାସ ମାରିବା ପାଇଁ ସହରକୁ ଯାଇ କେତେ ଅଫିସରେ ଚାକିରୀ ପାଇଁ ନାନା ପ୍ରକାରର ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଛି ସେଥିରେ ବାରମ୍ବାର

ISSN NO.
2582-208X

ବିଫଳ ହୋଇ ନବଯୁବକ ନାନା କୁକର୍ମରେ ଲିପ୍ତ ହୋଇ ଏକ ଭିନ୍ନ ଜୀବନକୁ ଆବୋରି ନେଇଛି ।

ବିଶେଷତଃ ୧୯୭୦ ମସିହା ପରେ ଓଡ଼ିଆ କ୍ଷୁଦ୍ର ଗଳ୍ପ ବହୁ ନୂଆ ନୂଆ ସାମାଜିକ ସମସ୍ୟାର କଥା କହିଛି । ବାହାରେ ନୂତନତାର ଢେଉ ଏବଂ ସେଥିରେ ନିଜ ବାଟ ନିଜକୁ ବାଛିବାକୁ ହେବ । ତେଣୁ ଏହି ସମୟରେ ଆତ୍ମକୈନ୍ଦ୍ରିକ ଜୀବନର ପରିଚର୍ଚ୍ଚା ଏକ ଚୂଡ଼ାନ୍ତ ଅନୁଭବ ଅଣିଛି । ବିଶେଷତଃ ଶିକ୍ଷିତ ମଧ୍ୟବିତ୍ତ ମାନେ ଏଠି ନିଜ ସ୍ୱାର୍ଥ ଆଉ ସମୃଦ୍ଧିର ଅନ୍ତରାଳରେ ଯେଉଁ ଆଭ୍ୟନ୍ତରୀଣ ବିକାର ଭୋଗୁଛନ୍ତି ତାହାହିଁ ଓଡ଼ିଆ କ୍ଷୁଦ୍ର ଗଳ୍ପର କଥାବସ୍ତୁ ହୋଇ ଉଠିଛି । ପୁଣି ଗଳ୍ପ ଭାଷାର ପ୍ରବେଶିକା ଶକ୍ତି ଉପରେ ଗୁରୁତ୍ୱ ନଦେଇ ଭାଷା ଓ ଭାବର ସଂକ୍ଷିପ୍ତୀ କରଣ ଉପରେ ବେଶି ଗୁରୁତ୍ୱ ଦିଆଯାଇଛି । ଏଣୁ ଆଧୁନିକ ଯୁଗର ଗାଳ୍ପିକଗଣ କଥାବସ୍ତୁ ଅପେକ୍ଷା କାହାଣୀ ହୀନତା ଓ ଭାଷା କ୍ଷେତ୍ରରେ ସଂକ୍ଷିପ୍ତତାକୁ ଅବଲମ୍ବନ କରି ଗଳ୍ପ ରଚନା କରୁଛନ୍ତି । ସେଥିପାଇଁ ସତୁରୀ ମସିହା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ର ଗଳ୍ପରେ ମିନି ଗଳ୍ପ ଯୌଥ ଗଳ୍ପ , ସ୍କେଚ ଗଳ୍ପ , ପ୍ରତୀକ ଗଳ୍ପ ଓ ଅଗଳ୍ପ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଛି । ସାଂପ୍ରତିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ଗୁଡ଼ିକ ହେଉଛି ଆଧୁନିକ ଜୀବନର ଏକ ମନ୍ମୟ ଆଲେଖ୍ୟ । ଏଥିରେ ମଣିଷ ଜୀବନର ଦୁଃଖ ସୁଖର କାହାଣୀ ସମେତ ବ୍ୟକ୍ତିଗତ ଜୀବନର ଦୁଃଖ ପୂର୍ଣ୍ଣ ଚିତ୍ର ପ୍ରକାଶିତ । ଏଣୁ ସୁନିର୍ବାଚିତ ପୃଷ୍ଠଭୂମି ଯୋଜନା, ସୁପରିକଳ୍ପିତ ସମସ୍ୟା , ବିଧିବଦ୍ଧ କାହାଣୀ ସଂଯୋଜନା ମାଧ୍ୟମରେ ସାମାଜିକ ଜୀବନର ଚିତ୍ର ସାଂପ୍ରତିକ ଗଳ୍ପ ଗୁଡ଼ିକରେ ମୁଖ୍ୟ ସ୍ୱର ହୋଇଛି ।

ଗାଳ୍ପିକ ବିପିନ ବିହାରୀ ମିଶ୍ର ଙ୍କ ଶୈଳୀ କୁ ଆଲୋଚନା କଲେ ଜଣାଯାଏ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଜଣେ ଦକ୍ଷ କଥାକାର । ତାଙ୍କ ଶୈଳୀ ଓଡ଼ିଆ ଗଳ୍ପ ସାହିତ୍ୟର ଅନ୍ୟାନ୍ୟ ଗାଳ୍ପିକଙ୍କ ଠାରୁ ଯଦିଓ ସ୍ୱତନ୍ତ୍ର ନୁହେଁ ତଥାପି ତାଙ୍କର କଥାବସ୍ତୁ ଗ୍ରାମ ଠାରୁ ସହର ପୁରାଣ ଠାରୁ ଅତ୍ୟାଧୁନିକ ବିଜ୍ଞାନ ସମସ୍ତ ପରିବେଶକୁ ନେଇ ସୃଷ୍ଟି । ସେ ଜୀବନାନୁଭୂତିର ଜଣେ ଦକ୍ଷ ପୂଜାରୀ । ଜୀବନରେ ଘଟି ଯାଇଥିବା ଅନୁଭୂତି ହିଁ ତାଙ୍କ ଗଳ୍ପ ସାହିତ୍ୟର ପ୍ରାଣ କେନ୍ଦ୍ର । ମଣିଷର ହସକାନ୍ଦ, ବିଳାସ ବ୍ୟସ, ଲୁହ ଭରା ଦୁନିଆଁ ତଥା ଜୀବନର ଦ୍ୱନ୍ଦ୍ୱ, ଛଳନା, ଦୋଷ ,ଦୁର୍ବଳତା ଆଦିକୁ ଗଳ୍ପରେ ପ୍ରକାଶ କରିବା ପାଇଁ ସେ ଯେମିତି ତତ୍ପର ଓ ତାଙ୍କ ଲେଖନୀ ବି ସେମିତି ଚଂଚଳ । ସମାଜ ପରିବର୍ତ୍ତନ ହିଁ ତାଙ୍କ ଗଳ୍ପର ମୁଖ୍ୟ

ISSN NO.
2582-208X

ଉଦ୍ଦେଶ୍ୟ। ଏଣୁ ସମାଜରେ ଥିବା ଚଳଣୀ ରୀତି ନୀତି ଆଦିରେ ସଂସ୍କାର ଆଣି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କ ଏକମାତ୍ର ଲକ୍ଷ୍ୟ ।

ଗାଳ୍ପିକ ବିପିନ ବାବୁ ତାଙ୍କର ଅଧିକାଂଶ ଗଳ୍ପରେ ଆତ୍ମ ଚରିତାତ୍ମକ ଶୈଳୀ ରେ ଲେଖିଛନ୍ତି। ସେ ନିଜକୁ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ କରିଛନ୍ତି ତାଙ୍କ ପରିପାର୍ଶ୍ୱିକ ଘଟଣା ଓ ଚରିତ୍ର ମାନଙ୍କୁ ଏଭଳି ଭାବରେ ସଂଯୋଜିତ କରିଛନ୍ତି ଯେ ପାଠକ ତାକୁ ସତଘଟଣା ବୋଲି ଭାବିନେବାକୁ ବାଧ୍ୟ ହୋଇ ଯାଏ । ଏପରିକି ଲେଖକ ତାଙ୍କ ମାଆ ବାପା ସ୍ତ୍ରୀ, ପୁଅ ଝିଅ ବଡ଼ଭାଇ ଭଉଣୀ ତଥା ପରିବାରର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ଉପସ୍ଥାପନ କରିଛନ୍ତି । ଗାଳ୍ପିକ ବିପିନ ବାବୁ ତାଙ୍କ ଛାତ୍ର ଜୀବନରେ ତଥା ଚାକିରୀ କାଳ ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତଥା ଓଡ଼ିଶା ବାହାରେ ଏପରିକି ଭାରତ ବାହାରେ ମଧ୍ୟ ବିତାଇଛନ୍ତି ଏବଂ ସବୁ ସ୍ଥାନର ରୀତି ନୀତି ଆଚାର ବ୍ୟବହାର ଭାଷା ସଂସ୍କୃତିର କଥା କହିଛନ୍ତି । ଗାଳ୍ପିକଙ୍କ ଅଳ୍ପ ମୁହୂର୍ତ୍ତ ଗଳ୍ପରେ ତାଙ୍କ ମାଜିଷ୍ଟ୍ରେଟ ବାପାଙ୍କକଥା କହିଛନ୍ତି, ବୁଇମା ଗଳ୍ପରେ ତାଙ୍କ ମାଆଙ୍କ କଥା ଲେଖିଛନ୍ତି । ଲମ୍ବା ରାସ୍ତା ଗଳ୍ପରେ ସେ ତାଙ୍କ ନିଜ ସ୍ୱାମୀ ସ୍ତ୍ରୀ ଙ୍କ କଥା ଓ ବ୍ୟାକୁଳତା ବର୍ଣ୍ଣନା କରିଛନ୍ତି । ଏପରିକି ଶାନ୍ତି ଅଶାନ୍ତି, ବିଚାରକ, ଲମ୍ବାରାସ୍ତା ଇତ୍ୟାଦି ବହୁ ଗୁଡ଼ିଏ ଗଳ୍ପରେ ତାଙ୍କ ପୁଅ ପୁପୁ ଓ ଇନି ବୋଲି ବର୍ଣ୍ଣନା କରିଛନ୍ତି ଯାହାକି ଗାଳ୍ପିକଙ୍କ ପୁଅ ଓ ଝିଅଙ୍କ ନାମ ବାସ୍ତବ କ୍ଷେତ୍ରରେ । ବିପିନ ବାବୁ ଙ୍କ ନାଟକୀୟ ଶୈଳୀ ଅନେକ କ୍ଷେତ୍ରରେ ଖୁବ ଜୀବନ୍ତ ମନେହୁଏ ତାଙ୍କ ରଚିତ ଅଭିନୟର ତ୍ରିଭୁଜ ଗଳ୍ପରେ ସେ ଏହି ନାଟକୀୟ ଶୈଳୀ ପ୍ରୟୋଗ କରିଛନ୍ତି- ଯଥା-"ଅନିମେଷା- କଣ ହେଲା ?

"ମାନସ- କଣ ଆଉ ହେବ ତୁମ ପୁଅଙ୍କ କୃତିତ୍ୱ । ଆଜି ତିନିଟା ପିଲାଙ୍କ ସାର୍ଟରେ ପଛରୁ କଲମ ଗାରେଇ ଦେଇଛି ------- ।"

ଅନିମେଷା- ଅମର କଣ ପ୍ରକୃତରେ ସେଇୟା କରିଛି ?

ମାନସ- ସ୍କୁଲରେ ଦୁଇ ହଜାର ପିଲା ପାଠ ପ ଢୁଛନ୍ତି । କମ୍ପ୍ଲେନ ତୁମ ପୁଅ ନାଁରେ କାହିଁକି ହେଲା ?

ISSN NO.
2582-208X

"ଅନିମେଷା- ତୁମ ପୁଅ ବୋଲି ବାରମ୍ବାର କାହିଁକି କହୁଛ? ଯେତେବେଳେ କ୍ଲାସ ରେ ଫାଷ୍ଟ ହେଲା ସବୁଆଡ଼େ ତ କହି ବୁଲିଲ ଯେ ମୋ ପୁଅ ଫାଷ୍ଟ ହୋଇଛି । ଏବେ କଣ ଗୋଟେ କମ୍ପେ୍ଲନ ହେଲା ବୋଲି ତୁମ ପୁଅ--- ।"

ଗାଳ୍ପିକଙ୍କ ଡାଇରୀ ଶୈଳୀ ଖୁବ୍ ଚମତ୍କାର । ଏପରିକି ଗୋଟିଏ ଗଳ୍ପର ନାମକରଣ ବି ବାପାଙ୍କ ଡାଇରୀ ନାମରେନାମିତ । ଲେଖକ ସେହି ଗଳ୍ପରେ ଖୁବ୍ ସୁନ୍ଦର ଭାବରେ ଡାଇରୀ ଶୈଳୀର ପ୍ରୟୋଗ କରିଛନ୍ତି ତାଙ୍କ ଭାଷାରେ--"ଆଜି ଡାକ୍ତରାଣୀ କହିଲେ ଯେ ମୋ ସ୍ତ୍ରୀ ମା ହେବାକୁ ଯାଉଛନ୍ତି । ବିଶ୍ୱାସ କରିହେଲାନି କାରଣ ବିବାହର ବହୁ ବର୍ଷ ପର୍ଯ୍ୟନ୍ତ କିଛି ସୁରାକ ନ ପାଇ ଆମେ ଆଶା ଛାଡ଼ି ଦେଇଥିଲୁ । ସେଥିପାଇଁ ମା ବାରମ୍ବାର ପଚାରିଲେ ମା ଭଲ ଭାବରେ ଦେଖିଛ? ଏକଥା ସତ ? ମୁଁ ଅପେକ୍ଷା କରିବି ସେଇ ଶୁଭ ଲଗ୍ନକୁ ଯେତେବେଳେ ଏଘରକୁ ଆଉଏକ ସଦସ୍ୟ/ସଦସ୍ୟା ଆସିବ------ ।"

ଚିଠି ଶୈଳୀ ଗାଳ୍ପିକଙ୍କ ଆଉ ଏକ ପ୍ରକାର ନିଆରା ଶୈଳୀ ତାଙ୍କ ସୁନା ଚୁଡ଼ି ଗଳ୍ପରେ ଖୁବ ଚମତ୍କାର ଭାବରେ ଅଙ୍କିତ । ରକ୍ତର ସମ୍ପର୍କ ନୁହେଁ ବରଂ ଆତ୍ମାର ସମ୍ପର୍କରେ ଯୋଡ଼ି ହୋଇଯାଇଥିବା ମାଆ ଟିଏ ତାର ଅନେକ ଦିନରୁ ସାଇତି ରଖିଥିବା ସୁନାଚୁଡ଼ି ଦୁଇପଟକୁ ଝିଅ କରିଥିବା ନାରୀଟିଏକୁ ଶେଷ ସନ୍ତକ ଭାବରେ ରଖିବାକୁ ଅନୁରୋଧ କରି ଚିଠି ଲେଖିଛି । ଗାଳ୍ପିକ ପୁଣି ବ୍ୟଙ୍ଗାତ୍ମକ ଶୈଳୀରେ ସୁଜନ ପୁରରେ ହଇଚଇ ଗଳ୍ପରେ ମ୍ୟାଟ୍ରିକ ପଢ଼ିଥିବା ଦାମ ଚରିତ୍ର ଜରିଆରେ ଲେଖିଛନ୍ତି ଏକ ପ୍ରେମପତ୍ର ଯାହାକି ଗ୍ରାମ୍ୟ ତରୁଣ ତରୁଣୀଙ୍କ ଶସ୍ତା ପ୍ରେମ ପତ୍ରର ନିଛକ ନମୂନା ଟିଏ ଭାବରେ ଦୃଷ୍ଟି ଗୋଚର ହୁଏ । ବିପିନ ବାବୁ ତାଙ୍କ ନିଆରା ଗଳ୍ପ ସଂକଳନ ଗାଁର ନାଁ ସୁଜନପୁର ରେ ପ୍ରାୟ ପତ୍ୟେକ ଗଳ୍ପରେ ବର୍ଣ୍ଣନାତ୍ମକ ଶୈଳୀ ଦୃଶ୍ୟମାନ । ଏହା ବ୍ୟତୀତ ଶପଥ ସାନ୍ତାଳର ଗଳ୍ପ ସଂକଳନ ର ଅନେକ ଗଳ୍ପରେ ଏହି ଶୈଳୀ ଦୃଷ୍ଟିଗୋଚର ହୁଏ । ଗାଳ୍ପିକ ମିଶ୍ରଙ୍କ ମନ ମାଟି ଓ ମଣିଷ ଗଳ୍ପ ସଂକଳନର "ବୃତ୍ତାକାର ଭାବରେ" ଗଳ୍ପରେ ଗାଳ୍ପିକ ୧ ରୁ ୨୫ ପର୍ଯ୍ୟନ୍ତ ବିଭାଗୀକରଣ କରିଛନ୍ତି ଗଳ୍ପଟିକୁ । ପ୍ରତ୍ୟେକ ଭାଗରେ ଭିନ୍ନ ଭିନ୍ନ ଅବସ୍ଥା ର କଥା କୁହାଯାଇଛି । ଗୋଟିଏ ଚରିତ୍ର ମାତୃ ଗର୍ଭରୁ ପରିଣତ ବୟସ ଯାଏଁ ବିଭିନ୍ନ ପରିସ୍ଥିତିରେ ତାର ଭୂମିକା କୁ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ଗାଳ୍ପିକ ଯାହାକି ଓଡ଼ିଆ ଗଳ୍ପ ସାହିତ୍ୟରେ ଏକ ଭିନ୍ନ ପରଂପରା ସୃଷ୍ଟି କରିବାର ଦମ୍ଭ ସଂଚାର କରେ । ଗାଳ୍ପିକ ମିଶ୍ରଙ୍କ

ISSN NO.
2582-208X


ଆଙ୍ଗୀକ ପାଟବ କୁ ଦୃଷ୍ଟି ଦେଲେ ସାଂପ୍ରତିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତ ରେ ଯେଉଁ ସବୁ ସମ୍ପଦ ରହିଛି ତାହା ଯଥାର୍ଥ ଭାବରେ ଆବିଷ୍କୃତ ହୋଇଥାଏ ପାଠକ ମାନସରେ । ଏଥିରେ ଦ୍ୱିମତ ନାହିଁ ଯେମିତି।

ଏକ କ୍ଷୁଦ୍ରଗଳ୍ପ 'ବଂଶଧାରାର ଶହୀଦ" ନାମରେ । ଏହି କ୍ଷୁଦ୍ର ଗଳ୍ପଟି ପ୍ରକାଶ ପାଏ ତତ୍କାଳୀନ ପତ୍ରିକା"ସମାଜ"ରେ ଏବଂ ଗାଳ୍ପିକଙ୍କ ପାଖକୁ ଆସେ ପ୍ରଚୁର ପରିମାଣରେ ପତ୍ର ବିଭିନ୍ନ ଧରଣର ପାଠକ ମାନଙ୍କ ଠାରୁ । ନିଜ ଭିତରେ ଥିବା ଗାଳ୍ପିକ ସତ୍ତାକୁ ଅନୁଭବ କରନ୍ତି ଲେଖକ । ମାତ୍ର ଉକ୍ତ ଗଳ୍ପକୁ ଗାଳ୍ପିକ ପ୍ରଥମ କ୍ଷୁଦ୍ରଗଳ୍ପର ମର୍ଯ୍ୟାଦା ଦେବାକୁ କୁଣ୍ଠା ପ୍ରକାଶ କରନ୍ତି । କାହିଁକିନା ତାହା ଏକ ନିଛକ ସତ୍ୟ ଘଟଣା ହୋଇଥିବାରୁ ଗାଳ୍ପିକ ତାକୁ ଏକ ରିପୋର୍ଟ ବୋଲି ଆଖ୍ୟାୟିତ କରନ୍ତି । ତତ୍ପରେ ସେ ସେହି ବନ୍ୟାକ୍ଲିଷ୍ଟ ମଣିଷ ମାନଙ୍କ ଦୁର୍ଦ୍ଦଶା କୁ ନେଇ ପୁଣି ଲେଖନ୍ତି ଏକ ସାର୍ଥକ କ୍ଷୁଦ୍ରଗଳ୍ପ ଯାହାର ନାମ କରଣ କରନ୍ତି "ଶୁଖିଲା ପତ୍ର ଓ ସବୁଜ ସ୍ୱପ୍ନ" ଭାବରେ । ସେହି ଦିନ ଠାରୁ ଆଉ ସେ ପଛକୁ ଫେରି ନାହାନ୍ତି । ଏହା ପରେ ଗାଳ୍ପିକଙ୍କ କର୍ମମୟ ଜୀବନର ଆୟମାରମ୍ଭ ହୁଏ । ଓଡ଼ିଶାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଂଚଳ କୁ ଜିବିକା ଅନ୍ୱେଷଣ ପାଇଁ ଯାଆନ୍ତି ଚାକିରୀ ନିର୍ଦ୍ଦେଶରେ ଏବଂ ଲୋକ ମାନଙ୍କ ଜୀବନ ଧାରା ପରୀକ୍ଷା କରୁକରୁ ଜୀବନ ଦର୍ଶନ କୁ ଆବିଷ୍କାର କରନ୍ତି ଲେଖକୀୟ ଦୃଷ୍ଟିକୋଣରୁ । ତାଙ୍କ ପ୍ରଥମ କ୍ଷୁଦ୍ର ଗଳ୍ପ ସଂକଳନ ହେଲା ସେହି ନିରୀହ ସରଳ ବିଶ୍ୱାସୀ ଆଦିବାସୀ ମାନଙ୍କ ଉପରେ ବିଭିନ୍ନ ଜାତିର ଆଦିବାସୀ ଯଥା-ବଣ୍ଡା, ଶାନ୍ତାଳ, କୋୟା, କନ୍ଧ ପରଜା, ସଉରା, ଲାଞ୍ଜିଆ ସଉରା, ଇତ୍ୟାଦି ଆଦିବାସୀ ମାନଙ୍କ ସଂସ୍କୃତି ପରମ୍ପରା ବିଶ୍ୱାସ ବୋଧ ଓ ଜୀବନ ଚର୍ଯ୍ୟାକୁ ନେଇ ତାଙ୍କର ପ୍ରଥମ ଗଳ୍ପ ସଂକଳନ "ଶପଥ ସାନ୍ତାଳର"ର ସୃଷ୍ଟି । ଯାହାକୁ ଲେଖକ ଦାବୀ କରନ୍ତି ଓଡ଼ିଆ କ୍ଷୁଦ୍ର ଗଳ୍ପ ଜଗତରେ ଆଦିବାସୀ ମାନଙ୍କ ଉପରେ ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ ଭାବରେ ।

ଗାଳ୍ପିକଙ୍କ ଦ୍ୱିତୀୟ ଗଳ୍ପ ସଙ୍କଳନ "ମନର ମୁକୁର" । ଏହି ଗଳ୍ପ ସଙ୍କଳନରେ ସେ ବିଶେଷତଃ ମାନବେତର ଚରିତ୍ର ସବୁକୁ ନେଇ ରଚନା କରିଛନ୍ତି ଗଳ୍ପ ଗୁଡ଼ିକ । ତତ୍ପରେ ଗାଳ୍ପିକ ଏକ ବ୍ୟଙ୍ଗ ଗଳ୍ପ ସଙ୍କଳନ ପ୍ରକାଶ କରନ୍ତି "ଦାରୋଗା ସାହିତ୍ୟିକ" ନାମରେ । ସେହି ଦିନଠାରୁ ଏଯାବତ୍ ସେ ସୃଷ୍ଟି କରି ଚାଲିଛନ୍ତି ବିଭିନ୍ନ ଧରଣର ଗଳ୍ପ ସମୂହ । ଏହି ଘଟଣା ରେ ହାର ମାନିଛି ଲେଖକଙ୍କ ସହରୀ ଜୀବନ । ଟଙ୍କା ଯେ ତା ଉଦ୍ଦେଶ୍ୟରେ ସେ

ISSN NO.
2582-208X

ଛାଡି ଆସିଥିଲେ ସେକଥା କହିବାକୁ ଲେଖକଙ୍କ ସାହସ ହେଲାନି । ବୁଦ୍ଧିଆର ସଚ୍ଚୋଟ ଓ ନିରୀହ ପଣିଆଁରେ ସେ ମୁଣ୍ଡ ନୁଆଁଇଛନ୍ତି ।

ଲେଖକଙ୍କ ଆଉ ଗୋଟିଏ ସୃଷ୍ଟି ହେଉଛି ଜଗାର ହସ ଯେଉଁଥିରେ ସେ ଅନାବିଳ ଭକ୍ତି ଓ ନିଛକ ମଣିଷପଣିଆଁ ର ଜୀବନ୍ତ ଚିତ୍ର ଅଙ୍କନ କରିଛନ୍ତି । ଆଜି ଯେଉଁ ଜଗନ୍ନାଥଙ୍କୁ ନେଇ ଶ୍ରୀକ୍ଷେତ୍ର ପୁରୀ ରେ ବଡପଣ୍ଡା ମାନେ ନିଜ ପୈତୃକ ସମ୍ପଦ ବୋଲି ଭକ୍ତମାନଙ୍କୁ ସ୍ୱଷ୍ଟଦିବାଲୋକରେ ଲୁଟିଚାଲିଛନ୍ତି ସେହି ଦେବତା ଯେ ଦିନେ ଥିଲା ଅଦିବାସୀ ସଂପ୍ରଦାୟର। ଶବର ମାନଙ୍କ ମତରେ ଜଗାକାଳିଆ ଶ୍ରୀକ୍ଷେତ୍ର କୁ ଯାଇ ବ୍ରାହ୍ମଣ ମାନଙ୍କ ଦ୍ୱାରା ବନ୍ଦୀ ଜୀବନ କାଟୁଛି । ପରଜା ଭାଷାରେ "କୋରା" ଅର୍ଥ ସୂର୍ଯ୍ୟ ଓ "ପୁଟ" ଅର୍ଥ ହେଉଛି ଗାଁ । କୋରାପୁଟ କହିଲେ ସୂର୍ଯ୍ୟଙ୍କ ଗାଁ । ସେହି ସୂର୍ଯ୍ୟଦେବତା ହିଁ ତାର ଆଦରର ଜଗାକାଳିଆ, ତାହାର ଗାଁ ଏଇ । ଲେଖକଙ୍କ ଭାଷାରେ "କଳାଠାକୁରଙ୍କ ବଂଶଧର ଥିଲେ ଏହି ପରଜା ଆଦିବାସୀ କେଉଁ ପୁରୁଣା କାଳରେ। ସେମାନଙ୍କ ସାଙ୍ଗେ ସେ ପ୍ରଥମେ ଖେଳୁଥିଲେ । କାହୁଁ କେତେଜଣ ବ୍ରାହ୍ମଣ ଆସି ତାକୁ ଦାରୁବ୍ରହ୍ମ କରିଦେଲେ ଓ ଟେକି ନେଲେ ଶାବର ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ । ବାନ୍ଧି ରଖିଲେ ଛପନ ପଉଟି ଖିରି ଖିରିସା ଖୋଇ କିନ୍ତୁ ଆଜି ସୁଦ୍ଧା ଶବର ଗୋଷ୍ଠୀ ତାକୁ ଭୁଲି ନାହିଁ । ଜଗନ୍ତା, ଜଗା, ଜଗୟା, ଜୋଗୁଲୁ, ଜଗାଡୁ ଇତ୍ୟାଦି ନାମରେ ତାକୁ ଡାକୁଛି । ଜଗାର ହସଟି ଅବିକଳ ଅନୁସରଣକରି ଆସିଛି ଓ ଜଗାପରି ଏହାର ସରଳ, ନିଷ୍ପାପ, ନିରାଡମ୍ବର ଜୀବନ । ପ୍ରକୃତି ଦତ୍ତ କଷାପିତା ଫଳ ଖାଇ ଜୀବନ ଧାରଣ କରି ଏ ପାହାଡ଼ ସେ ପାହାଡ଼ ରେ ଲୋଟି ପଡୁଛି । ଡଙ୍ଗର କାଟୁଛି, ଚାଷ କରୁଛି, ଜଗାକୁ ଦେଉଛି ଓ ନିଜେ ଖାଉଛି ।" ସୁଦୂର ଲିଟିଗୁଡା ଗାଁରୁ ପରଜୁଣୀ ମାନେ ଧାଇଁ ଆସିଛନ୍ତି କୋରାପୁଟକୁ ଜଙ୍ଗଲି ଫଳ ବିକ୍ରି କରିବା ପାଇଁ । ସେ ଦଳରେ ରହିଛି ବୃଦ୍ଧା ସମ୍ବାରୀ ଡୋକରୀ । ଜଗନ୍ନାଥ ସଂସ୍କୃତି ଉପରେ ଚାଲିଛି ସଭା । ସେ ସ୍ଥାନରେ ରଖାହୋଇଥିବା ଜଗନ୍ନାଥ ପ୍ରତିମାକୁ ଭକ୍ତି ଗଦଗଦ୍ ହୃଦୟରେ ଜାବୁଡି ଧରିଛି ଜଗନ୍ନାଥକୁ ଓ କାନିରୁ ଖୋଲି ଥୋଇଛି କେତେଗୁଡିଏ ହରିଡା ଓ ବାହାଡା । ବେଳେବେଳେ ହରିଡା ଓ ବାହାଡାକୁ ଜଗାର ମୁହଁରେ ଲଗାଇ ଅଧରରେ ଘସୁଛି ଅନବରତ ।

ISSN NO.
2582-208X

ଆଖିରେ ସେଇ ନୀରବ ଭାଷା- ନେ ପୁଅ ଖା ଯାହାକି କେଉଁ ଯୁଗରେ ଶବରୀ ଟିଏ କହିଥିଲା " । ପ୍ରଦର୍ଶନୀ ଦାୟିତ୍ୱରେ ଥିବା ବ୍ୟକ୍ତିର ତାଗିଦ୍ କୁ ତାର ଖାତିର ନାହିଁ । ଚାଖି ଚାଖି ଘଷୁଛି ଠାକୁର ମୁହଁରେ ହରିଡା ଓ ବାହାଡା, ଆଖିରୁ ତାର ବହିଯାଇଛି ଦୁଇଧାର ପ୍ରେମାଶ୍ରୁ । ନିଜ ଭାବପ୍ରବଣତାକୁ ରୋକି ପାରିନାହାନ୍ତି ବିଶିଷ୍ଟ ପୁରୀ ପଣ୍ଡିତ, କୁଣ୍ଢେଇ ଧରିଲେ ଗୋଡ ଦୁଇଟିକୁ ପରଜୁଣୀର । "ଥା ମା ଥା---! ପୂଜା କର ତୋର ଠାକୁରକୁ, ଆମେ କିଏ ମନା କରିବାକୁ ? ଠାକୁର ତୋର ଓ ତୁ ତାଙ୍କର-------କଥା ରୋକିଗଲା ଗଳାରେ । ଆଖିରୁ ଦୁଇଧାର ଲୁହଝରି ପଡିଲା ପଣ୍ଡିତ ମହାଶୟଙ୍କର । ପୂରୀରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦେଖିଥିବା ପଣ୍ଡିତ ଙ୍କୁ ଏ ଭକ୍ତି ଟି ଦିଶିଲା ଅଲଗା ଧରଣର । ଠାକୁରଙ୍କୁ ଦେଖି ଆଣ୍ଠେଇଲାନି କି ମୁଣ୍ଡ ନୁଆଁଇଲାନି । କୋଳେଇ ପକାଇଲା ଓ ଖୁଆଇଦେଲା ଆଦରରେ ଅଣିଥିବା ଶୁଷ୍କ ଫଳ ଗୁଡିକ । ସତେ ଯେମିତି ଏ ଭକ୍ତ ନୁହେଁ ଠାକୁରଙ୍କୁ ଜନ୍ମରୁ ପାଳିଥିବା ମାଆ" ।

ଜଗାରହସ ଗଳ୍ପରେ ସମ୍ପ୍ରତି ପୁରୀରେ ଚାଲିଥିବା ପଣ୍ଡା ପଢିଆରୀ ଙ୍କ ଦୌରାତ୍ମ୍ୟ ବିରୁଦ୍ଧରେ ଗାଳ୍ପିକଙ୍କ ନୀରବ ବିଦ୍ରୋହ ଯେ ସାଧାରଣ ମଣିଷ ଙ୍କୁ ତଥା ଅତ୍ୟାଚାରର ଶରବ୍ୟ ହୋଇଥିବା ଭକ୍ତ ମାନଙ୍କୁ ସାନ୍ତ୍ୱନା ଦେଇଛି ଏଥିରେ ସନ୍ଦେହ ନାହିଁ । ତାଙ୍କ ଭାଷାରେ- "ଜନତା ନିସ୍ତବ୍ଧ, ଚକିତ ଜଗା ଠାକୁର ପରଜୁଣୀ ବୁଢିକି ଜାବୁଡି ଧରିଛି ତାର ଦୁଇ ବାହୁ ଭିତରେ । ମନଖୋଲା ହସୁଛି । ସତେକି କହିଚାଲିଛି ମାଆ--ମୁଁ ସବୁବେଳେ ତୋର, ମୋତେ ଆଉ ଶ୍ରୀକ୍ଷେତ୍ର ଭଲଲାଗୁ ନାହିଁ । ତୋରି କୋଳକୁ ଶିଘ୍ର ଆସୁଛି । ମୋ ପାଇଁ ଗଢିବୁ ଶାବର ଶ୍ରୀକ୍ଷେତ୍ର, ଅଣସର ଘରେ ରହିଥିବା ବେଳେ ମୋତେ ଗୁପ୍ତରେ ଆଦିବାସୀ ଭାଷାରେ ପୂଜାକରିବୁ । ପିତାକଷା ଫଳ ଖାଇବାକୁ ଦେବୁ । ମୋର ଶରୀରରୁ ସବୁ ରୋଗ ଉପଶମ ହେବ । ମୋତେ ପୁରୀ ରାଜା ଗଜପତିର ଛେରା ପହଁରା ମୋ ରଥରେ ଦରକାର ନାହିଁ । ମୋର ଆଦିବାସୀ ଭାଇଜଣେ କରିବ । ତାମ୍ମୁଣ୍ଡରେ ମୋ ତରଫରୁ ଶିରପା ବନ୍ଧାଯିବ— ।

ବିପିନ ବାବୁ ଙ୍କ ଲେଖନୀ ସେଭଳି ନିରୀହ ଚରିତ୍ର ମାନଙ୍କୁ ନେଇ ହୋଇ ଉଠିଛି ବେଶ ଚଂଚଳ ସତେ ଯେମିତି ସେ ସେହି ଚରିତ୍ରମାନଙ୍କ ଭିତରୁ ହୋଇଯାଇଛନ୍ତି ଜଣେ ।

ISSN NO.
2582-208X

କୈଶୋର ବୟସରୁ ତାଙ୍କ ତିକ୍ତ ଅନୁଭୂତି ଆହୁରି ଜୀବନ୍ତ ହୋଇ ଉଠିଛି ପ୍ରାପ୍ତ ବୟସରେ। ଶ୍ରୀ ମିଶ୍ରଙ୍କ ମାନବିକ ମୂଲ୍ୟବୋଧର ଆଉ ଏକ ପରିଚୟ ହେଉଛି ଗୁରୁ ଶିଷ୍ୟ ପରଂପରାରଏକ ଜୀବନ୍ତ ଅଲେଖ୍ୟ । ତାଙ୍କ ଗଳ୍ପ "ବହୁଦିନ ପରେ" ଓ "ପ୍ରତିଶୋଧ" ରେ ଶିକ୍ଷକ ଠାରେ ଛାତ୍ରଟିଏ ସର୍ବଦା ଋଣୀ ଏବଂ ଗୁରୁ ସବୁ ସମୟରେ ସବୁ ସତ୍ତ୍ୱେ ନମସ୍ୟ ଏକଥା ମଣିଷ କେବେ ଭୁଲିଯିବା ଉଚିତ ନୁହେଁ । ବେଳେବେଳେ କିଛି ମଣିଷ ଭୁଲି ଯାଆନ୍ତି ଗୁରୁ ଶିଷ୍ୟ ପରଂପରାର ସେହି ନିଆରା ସମ୍ପର୍କକୁ । ହାସଲ କରିଥିବା କ୍ଷମତାରେ ଅନ୍ଧହୋଇ ଗୁରୁଙ୍କୁ ଦୁର୍ବ୍ୟବହାର କରିବାକୁ ପଛେଇ ନଥାନ୍ତି । ଅଥଚ ସେହି ଶିକ୍ଷକ ପାଇଁ ଯେ ଅତୀତର ସେହି ଛାତ୍ର ଆଜିର ଏତେ ବଡ କ୍ଷମତାଶାଳୀ ମଣିଷ ହୋଇପାରିଛି । ଲେଖକଙ୍କ ଅନ୍ୟ ଏକ ସୃଷ୍ଟି "ବାହାରେ ଠିଆ ହୋଇଥିବା ଲୋକଟି" ଗଳ୍ପରେ ସରଳ ବିଶ୍ୱାସୀ ବୁଢା ଚୌକିଦାର ଭୂତ ଭୟ ରହିଥିବା ଡାକ ବଙ୍ଗଳାରେ ନିସ୍ୱାର୍ଥପର ଭାବେ ଜଗିରହିଛି ଲେଖକଙ୍କୁ ରାତିରେ କେବଳ ଭାବପ୍ରବଣତାର ସମ୍ପର୍କରେ ।

ଗାଳ୍ପିକଙ୍କ ଆଉ ଗୋଟିଏ ଗଳ୍ପ "କଳା ମୋହର ଓ ସୁନା ମୋହର" ରେ ସେ କହିଛନ୍ତି ମଣିଷ ମନର ସେହି ଅନାଲୋଚିତ ପ୍ରସଙ୍ଗ । ଲେଖକଙ୍କ ଆଉ ଏକ ଗଳ୍ପ "ଅନ୍ୟ ଏକ କୁରୁକ୍ଷେତ୍ର" ରେ ଦୁଇ ବାଲ୍ୟ ବନ୍ଧୁ ରମେଶ ଆଉ ଅବିନାଶ ଏକା ସାଙ୍ଗରେ ପାଠ ପଢ଼ିଛନ୍ତି ସ୍କୁଲ କଲେଜ ଏପରିକି ଇଂଜିନିୟରିଂ କଲେଜ ରେ ମଧ୍ୟ। ସୌଭାଗ୍ୟ କ୍ରମେ ଏକା ସାଙ୍ଗରେ ଚାକିରୀ କରିଛନ୍ତି ଗୋଟିଏ କମ୍ପାନୀରେ । ମାତ୍ର ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ସୃଷ୍ଟି ହୁଏ ସେମାନଙ୍କ ସ୍ତ୍ରୀ ଅନିତା ଓ ମନୀଷା ଦେବୀଙ୍କ ଯୋଗୁଁ । ଉଭୟେ ଉଭୟଙ୍କୁ ନ୍ୟୁନ ଆଖିରେ ଦେଖିବାକୁ ଚାହାନ୍ତି । ଉଭୟଙ୍କ ପିଲାଙ୍କ ମଧ୍ୟରେ ବି ସୁ ସମ୍ପର୍କ ରହିଛି ମାତ୍ର ତାଙ୍କ ମନ ଭିତରେ ଘୃଣାର ବିଷ ମଞ୍ଜି ବୁଣି ଦିଆଯାଉଛି ଯେମିତି ମାଆ ମାନଙ୍କ ଦ୍ୱାରା କେବଳ ସେମାନଙ୍କ ଅନୁଚ୍ଚାରିତ ଅହଙ୍କାର ଯୋଗୁଁ । ଗାଳ୍ପିକ ଆଦିବାସୀ ତରୁଣ ତରୁଣୀ ଙ୍କ ରୂପ ତଥା ଯୌବନ ବର୍ଣ୍ଣନା କରିବାରେ ଖୁବ ସିଦ୍ଧହସ୍ତ । ସତେ ଯେପରି ସେମାନଙ୍କ ସଙ୍ଗେ ବିତାଇଥିବ ବହୁମୂଲ୍ୟ ସମୟ ରେ ସେମନଙ୍କ ଅତି ବିଶ୍ୱସ୍ତ ମଣିଷ ଟିଏ ହୋଇ ରହିଯାଇଛନ୍ତି ଗାଳ୍ପିକ ନିଜେ । ବଣ୍ଡା ରମଣୀ ହେଉ ଅବା କୋୟା, ପରଜୁଣୀ ଲଳନା ହୁଅନ୍ତି ଅବା ଜୁଆଙ୍ଗ, କନ୍ଧ ରମଣୀ ହୁଅନ୍ତୁ ଅବା ସଉରା ନହେଲେ ଲାଞ୍ଜିଆ ସଉରା ସମସ୍ତଙ୍କୁ ଯେପରି ସେ ଦେଖିଛନ୍ତି ଏକ ସ୍ରଷ୍ଟାର ବିଭୋର ପଣିଆଁ ଆଖିରେ। ତାଙ୍କ ବର୍ଣ୍ଣନା ଏମିତି ଭାବରେ- କନ୍ଧ ରମଣୀଙ୍କ ଦେହରେ ନାଲି ନେଳି ବିଭିନ୍ନ

ISSN NO.
2582-208X

ରଙ୍ଗର ପଟା ପଡ଼ିଥିବା ଲୁଗା କେବଳ ଆଣ୍ଠୁ ଠଅରୁ ଅଣ୍ଟା ପର୍ଯ୍ୟନ୍ତ । ଲୁଗା ଭିତରେପାଇକାଛା । ଆଉ କେତେକ ଆଣ୍ଠୁ ଠଅରୁ ଅଂଟା ପର୍ଯ୍ୟନ୍ତ ଲୁଙ୍ଗୀ ପିନ୍ଧିଛନ୍ତି । ଛାତିକୁ ଘୋଡ଼ାଇବା ପାଇଁ ଆଉ ଗୋଟିଏ ଗୋଟିଏ କନାର ଦୁଇ ମଙ୍ଗକୁ ଡେବିରିପାଖ କାନ୍ଧରେ ନେଇ ଗଣ୍ଠି ପକାଇଛନ୍ତି । ଦେହରେ ଡେଣା ଓ ଛାତିରେ ବିଭିନ୍ନ କିସମର ଚିତାକୁଟା । ହାତରେ ପିତଳ ବା ରସର ଖଡୁ । ବେକରେ ବିଭିନ୍ନ ପ୍ରକାରର ପୋହଳା ଓ ରସର ମାଳି । ଅବିବାହିତା ଧାଙ୍ଗୀଡ଼ି ମାନଙ୍କର କାନରେ ଫୁଲ ଛାଂଚୁଣୀର ଡାଙ୍ଗ । ଏହି ଡାଙ୍ଗ ପିନ୍ଧିଲେ ତାକୁ ଅବିବାହିତା ସୂଚାଏ । କାନରେ ରସର କାନମୁଦି, ହାତ ଆଙ୍ଗୁଠି ଗୁଡ଼ାକରେ ରୂପାଟଙ୍କା ଆଠଣି, ଚାରଣି, ଇତ୍ୟାଦିରେ ତିଆରି ହୋଇଥିବା ମୁଦି । ଗୋଡ଼ରେ ରସର ଝୁଂଟିଆ ଓ ରସର ଖଡୁ ମୁଣ୍ଡର ବାଳକୁ ବାରମ୍ବାର ଜଡ଼ା ତେଲ ବା ଟୋଲର ତେଲରେ ମାଲିସ କରି ଚିକ୍କଣ କଲାପରେ ଫସ୍ ଫସିଆ ସୁନ୍ଦର ଚିକ୍ କଣ ଜୁଡ଼ା ବାଁ କିମ୍ବା ଡାହାଣ ପାଖକୁ ପଡ଼ିଛି । ଜୁଡ଼ା ନଫିଟିବା ପାଇଁ ସମ୍ବର ହାଡ଼ରେ ବା ରସରେ ତିଆରି ବାଳଛପା । କାହାର ଜୁଡ଼ାରେ ମୟୁର ପୁଚ୍ଛ ବା ବଗର ପର । କେତେକଙ୍କ ଜୁଡ଼ାରେ ଅଧାପୋଡ଼ା ପିକା ବା ଛୋଟକାତି ଟିଏ । କନ୍ଧ – ଯୁବକ ହେଉ ବା ବୃଦ୍ଧ ହେଉ ସଦାବେଳେ ଲାସ୍ୟମୟ ।" ୧୩

ବଣ୍ଡା ଆଦିବାସୀ ର ବେଶ ଭୂଷାରେ ଗାଳ୍ପିକ କୁହନ୍ତି – "ବଣ୍ଡାର ଲୁଗାର ଆବଶ୍ୟକ କଣ ? ସେ ଲେଙ୍ଗୁଟି ପିନ୍ଧା ଉର୍ଦ୍ଧ୍ୱ ଲଙ୍ଗଳା । ବଣ୍ଡା ସ୍ତ୍ରୀ ଆଙ୍କୁଲ କିମ୍ବା କେରଙ୍ଗ ଗଛର ପଟରେ ବୁଣି ଜଙ୍ଘ ଲୁଚାଉଥିବା ଲୁଗା ପଟେ ପିନ୍ଧେ । ଖୋଲା ଛାତିକୁ ଘୋଡ଼ାଇ ରଖେ ପୋହଳା ମାଳିରେ । ସେଇ ପୁରୁଣା ବିଶ୍ୱାସ ତାର ଅଛି । ସୀତା କୁଆଡ଼େ ବନବାସ ସମୟରେ ଏଇ ରାଇଜକୁ ଆସିଥିଲେ । ସେ ଗାଧୋଉଥିବା ସମୟରେ ବଣ୍ଡା ରମଣୀଙ୍କ ପରିହାସ ଦେଖି ଅଭିଶାପ ଦେଲେ । ସେହି ଦିନ ଠାରୁ ବଣ୍ଡା ସ୍ତ୍ରୀ ମୁଣ୍ଡ ନାଣ୍ଡି କରି ଅଧା ଲଙ୍ଗଳା ହୋଇ ବୁଲୁଛି ।"୧୪

ଗାଳ୍ପିକଙ୍କ ଗାଁର ନାଁ ସୁଜନ ପୁର ଗଳ୍ପ ସଂକଳନର ଅନେକ ଗୁଡ଼ିଏ ଗଳ୍ପରେ ସେ ବ୍ୟଙ୍ଗ ଓ ବିଦ୍ରୁପକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ଗାଁରେ ଅଳ୍ପ ପାଠ ପଢ଼ିଥିବା ପୁଅ ଝିଅ ପରସ୍ପରକୁ ଭଲପାଇ ଯେଉଁ ପ୍ରେମପତ୍ର ଦିଆନିଆ ହୁଅନ୍ତି ତାର ଉଦାହରଣ ଏକ ଚିଠି ମାଧ୍ୟମରେ ସେ ଆବିଷ୍କାର କରନ୍ତି । ଦାମୋଦର ନାମକ ଜଣେ ଯୁବକ ସେହି ଗାଁର

ISSN NO.
2582-208X

ସୁମିତ୍ରା କୁ ଭଲପାଇଲା ଓ ଶେଷରେ ସେମାନେ ଗାଁରୁ ପଳେଇଯାଇ ମନ୍ଦିରରେ ବାହାହେବାର ନିଷ୍ପତ୍ତି ନେଇ ସଫଳ ହେଲେ । ତାଙ୍କ ପ୍ରେମ ପତ୍ରକୁ ଲେଖକ ଏହିପରି ବର୍ଣ୍ଣନା କରିଛନ୍ତି । ଦାମ ଲେଖିଥିବା ଚିଠିଟା ଫିକା ଗୋଲାପୀ ରଙ୍ଗର ଓ ଉପରେ ବଡ଼ ବଡ଼ ଅକ୍ଷରରେ ଛପା ହୋଇଛି- ଆଇ ଲଭ୍ ୟୁ । ସମସ୍ତ ଜ୍ଞାନ ଉପଯୋଗ କରି ସେ ଲେଖିଥାଏ -ମୋ ମନ ମନ୍ଦିରର ଦେବୀ (ରେଖା), ତୋ ପତ୍ରଟି ପାଇ ମୋତେ ଖାଲି ଅନ୍ଧାର ଅନ୍ଧାର ଲାଗୁଛି । ତୋ ମା ଜାଣିଲେ କେମିତି ? ତୋ ଭାଇ ଜାଣିନିତ ? ସେ ଓ ତା ସାଙ୍ଗ ଗଦାଧରଙ୍କ କଥା ତ ସମସ୍ତେ ଜାଣନ୍ତି । ଗୁଣ୍ଡାମି ଓ ଜାଲିଆତିରେ ଓସ୍ତାଦ । ଚାଲ ଜଲ୍‌ଦି ପଳେଇବା । କାଲି କଲେଜ ପାଖ ବସଷ୍ଟାଣ୍ଡ ରେ ମୁଁ ଅପେକ୍ଷା କରିଥିବି । ଚାରିଟାବେଳ ବସ୍ ରେ ଆମେ କଟକ ଯିବା ଓ ସେଠୁ କୁଆଡ଼େ ଯିବା ମୁଁ ପରେ କହିବି । ଥରେ ମନ୍ଦିରରେ ବାହାଘର ହୋଇଗଲେ ସମସ୍ତେ ଚୁପ୍ ହୋଇଯିବେ । ଆଦୌ ବ୍ୟସ୍ତ ହେବୁନି । ତୋ ପାଇଁ ମୁଁ ପଥର ହାଣିବି । ମାଟି ବୋହିବି ଓ କୁଡ଼ିଆ ଘରେ ରହିବାକୁ ହେବ, କିନ୍ତୁ ତୋତେ ଛାଡ଼ି ରହିପାରିବି ନାହିଁ । ମୋ ହୃଦୟର ରାଣୀ, ମୋ ରେଖା ଲୋ, ତୋ ଅପେକ୍ଷାରେ ରହିଲି ।

।।ଇତି ।।

ତୋର

ଅମିତାଭ ବଚ୍ଚନ ଓରଫ୍ ଦାମୋଦର ।

ଗାଲ୍ପିକଙ୍କ ଆହୁରି ଅନେକ ଗୁଡ଼ିଏ ଗଳ୍ପ ରହିଛି ଯେଉଁଥିରେ କି ହାସ୍ୟ ଓ ବ୍ୟଙ୍ଗର ସଫଳ ପ୍ରୟୋଗ କରାଯାଇଛି । ଯାହା ପାଠକକୁ ଅତ୍ୟନ୍ତ ଆମୋଦିତ କରିବା ସଙ୍ଗେ ସଙ୍ଗେ ଏକ ମହତ୍ୱ ପୁର୍ଣ୍ଣ ଶିକ୍ଷଣୀୟ ଦିଗ କୁ ମଧ୍ୟ ଆବିଷ୍କାର କରିବାକୁ ପଛେଇ ଯାଇନାହିଁ ।ଗାଲ୍ପିକ ବିପିନ ବାବୁ ନାରୀକୁଏବଂ ତାର ମାନସିକସ୍ଥିତିକୁ ଠାବ କରିପାରିଛନ୍ତି ଯୁକ୍ତି ସଙ୍ଗତ ଭାବରେ ତାଙ୍କ କ୍ଷୁଦ୍ର ଗଳ୍ପ ମାନଙ୍କ ମାଧ୍ୟମରେ । ଗାଲ୍ପିକ ସରଳ ନିରୀହ ପରଜୁଣୀ ଆଦିବାସୀ ଡୋକରୀ ସମ୍ବାରୀ ଠାରୁ ପ୍ରୌଢ଼ା ତଥା ଅଭିଜ୍ଞା ଅତ୍ୟାଧୁନିକା ମହିଳା ମିସ୍ ରାଧା ପର୍ଯ୍ୟନ୍ତ ସବୁ ପ୍ରକାର ନାରୀ ଚରିତ୍ରକୁ ଚିହ୍ନାଇ ଦେଇଛନ୍ତି ପାଠକମହଲକୁ ଖୁବ ଭଲଭାବରେ । ତାଙ୍କରି ଲେଖନୀ ଚଳଚଂଚଳ ହୋଇ ଉଠିଛି ଯେମିତି ନାରୀକୁ ଏକଭିନ୍ନ ଦୃଷ୍ଟି କୋଣରେ ଆବିଷ୍କାର କରିବାକୁ । ଗାଲ୍ପିକ ଉଚ୍ଚ ମଧ୍ୟବିତ୍ତ ପରିବାର ର ସାମାଜିକ ଜୀବନ ସମ୍ପର୍କରେ

ISSN NO.
2582-208X

ସୁନ୍ଦର ଭାବରେ ଆଲୋକପାତ କରିଛନ୍ତି ତାଙ୍କ "ଆଉଥରେ" ଗଳ୍ପରେ ଧନ ପ୍ରତିପତ୍ତି କୁ ଆଖି ଆଗରେ ରଖି ମଣିଷ ଅମଣିଷ ପାଲଟି ଯାଉଥିବାର ଦୃଷ୍ଟାନ୍ତ ଏବଂ ପିତା ମାତା ମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ନକରି କେବଳ ତାଙ୍କ ସମ୍ପଦକୁ ଅକ୍ତିଆର କରିବା ଆଜିର ମଣିଷ ପାଇଁ ହୋଇଯାଇଛି ଏକ ପ୍ରଚଳିତ ପ୍ରଥା । ଏବଂ ତାକୁ ସଭ୍ୟ ସମାଜ ବୋଲି ଆଖ୍ୟାୟିତ କରିଥାଏ ମଣିଷ ।ଗାଳ୍ପିକ ଏହି ଆଚରଣ ସବୁକୁ ସୁନ୍ଦର ଭାବରେ ରୂପାୟିତ କରିପାରିଛନ୍ତି ତାଙ୍କ ଗଳ୍ପ ମାନଙ୍କ ମଧ୍ୟରେ । ଗାଳ୍ପିକ ତାଙ୍କର "ଦୁଇ ଆଞ୍ଜୁଳା ମାଟି" ଗଳ୍ପରେ ସାମାଜିକ ବିବର୍ତ୍ତନର ଏକ ପ୍ରଚ୍ଛନ୍ନ ଉଦାହରଣ ଦେଇଛନ୍ତି।

ସମାଜରେ ଭଦ୍ରମୁଖା ପିନ୍ଧି ବିଚରଣ କରୁଥିବା ଭଦ୍ରଲୋକଙ୍କର ଅସଲ ସ୍ୱରୂପ କଣ ତାହା ଉଦ୍ ଘାଟନ କରନ୍ତି ଯଥା ସମୟରେ । "ଦୁଇ ଆଞ୍ଜୁଳା ମାଟ" ଗଳ୍ପରେ ଗାଳ୍ପିକ ତାହା ଦେଖାଇଛନ୍ତି । ମା ଦୁର୍ଗା ସ୍ୱପ୍ନାଦେଶ ଦିଅନ୍ତି ପୂଜକଙ୍କୁ ତାଙ୍କ ମୃଣ୍ମୟ ପ୍ରତିମା ଗଢ଼ିବାକୁ ଦୁଇ ଆଞ୍ଜୁଳା ମାଟି ଆଣିବାକୁ ଅଭିନ ପ୍ରଣାଳୀରେ । ଏଥର ସେ ଆଞ୍ଜୁଳାଏ ମାଟି କୌଣସି ଏକ ଚୋର ଘରୁ ଏବଂ ଆଉ ଆଞ୍ଜୁଳାଏ ମାଟି କୌଣସି ଏକ ସାଧୁ ଲୋକଙ୍କ ଘରୁ ଆଣିବାକୁ । ଯେଉଁମାନେ ଚୋର ସେମାନେ ନିଜ ସହରରୁ ଚୋରୀ କରନ୍ତି ନାହିଁ ଏବଂ ଯେଉଁମାନେ ଧରା ପଡ଼ନ୍ତି ସେମାନେ ପ୍ରମାଣ ଅଭାବରୁ ନିର୍ଦୋଷ ରେ ଖଲାସ ହୁଅନ୍ତି **?"** ଶ୍ରୀଯୁକ୍ତ ମିଶ୍ରଙ୍କ ଆଦିବାସୀ ଚରିତ୍ର ଚିତ୍ରଣର ଗୋଟିଏ ବିଶେଷତ୍ୱ ହେଲା ଯେ ଅନ୍ୟ ସାଧାରଣ ଲେଖକଙ୍କ ପରି ସେମାନଙ୍କର ଯୌବନ ଜୀବନର ବ୍ୟଭିଚାର ବା ଯଥେଚ୍ଛାଚାର ଯାହା ଇତର ଗୋଷ୍ଠୀମାନଙ୍କ ର ପ୍ରତାରଣାରେ ହୋଇଥାଏ ସେହି ଦିଗ ଟିକୁ ନିଜ ଗଳ୍ପରେ ଅଯଥା ବିଶେଷତ୍ୱ ଦେଇନାହାନ୍ତି । ବରଂ "ଶପଥ ସାନ୍ତାଳର" ଓ "ଚକ୍ରବ୍ୟୂହ" ଗଳ୍ପ ଦୁଇଟିରେ ନାରୀ ପ୍ରତି ଆଦିବାସୀ ମାନଙ୍କ ସମ୍ମାନ ଏବଂ ସେମାନଙ୍କ ପ୍ରତି ଅପମାନ ହେଲେ ସେମାନେ ଯେକୌଣସି ପଦେକ୍ଷପ ନେବା ପାଇଁ କିପରି ପଶ୍ଚାଦପଦ ହୁଅନ୍ତି ନାହିଁ ତାର ବର୍ଣ୍ଣନା ଅତ୍ୟନ୍ତ ସରସ ।"

ଗାଳ୍ପିକ ବିପିନ ବିହାରୀ ମିଶ୍ର ଉତ୍ତର ସତୁରୀ ଗଳ୍ପ ଜଗତର ଜଣେ ସମୃଦ୍ଧ କଥାକାର । ସେ ବହୁ ଗଳ୍ପ ତଥା ଗଳ୍ପ ସଂକଳନର ସ୍ରଷ୍ଟା । ବିଭିନ୍ନ ପରିବେଶ ଅନୁଯାୟୀ ବିଭିନ୍ନ ଚରିତ୍ରର ଅବତାରଣା କରିଛନ୍ତି । ତା ଛଡ଼ା ଜୀବନର ସତ୍ୟତା ବ୍ୟର୍ଥତା, ଓ ଦାର୍ଶନୀକତା ଆଦି ତାଙ୍କ ଗଳ୍ପର ପ୍ରାଣ । କଥାବସ୍ତୁ ଭାଷା ଶୈଳୀ ଆଦି ଦୃଷ୍ଟିରୁ ତାଙ୍କ ସ୍ଥାନ ଓଡ଼ିଆ ଗଳ୍ପ

ISSN NO.
2582-208X

ସାହିତ୍ୟରେ ବଳିଷ୍ଠ ମନେହୁଏ । ଭାଷା ଦୃଷ୍ଟିରୁ ବିଚାର କଲେ ବିପିନ ବାବୁ ଜଣେ କୁଶଳୀ କଥାକାର । ତାଙ୍କ ଭାଷା ସମ୍ବେଦନଶୀଳତାର ଦ୍ୟୋତକ ଯେମିତି । କେଉଁ ପରିବେଶରେ କିଭଳି ଭାଷା ର ପ୍ରୟୋଗ ଆବଶ୍ୟକ ତାହା ସେ ଉଚିତ ସମୟରେ ସ୍ଥାନ କାଳ ପାତ୍ର ଭେଦରେ ସଂଯୋଜନା କରିଛନ୍ତି । ତେଣୁ ସେ ଇଂରାଜୀ, ହିନ୍ଦୀ, ସଂସ୍କୃତ ସମ୍ବଲପୁରୀ, ଆଦିବାସୀ ଇତ୍ୟାଦି ଭାଷାକୁ ତାଙ୍କ ବିଭିନ୍ନ ଗଳ୍ପରେ ସ୍ଥାନ ଦେଇଛନ୍ତି । ଏସବୁ ଭାଷାର ସମ୍ମିଶ୍ରିତ ରୂପ ଗଳ୍ପରେ ଥିଲେହେଁ ସେ ଗୁଡ଼ିକ ଖୁବ ସୁନ୍ଦର ଭାବରେ ଗୁମ୍ଫିତ । ଏତତ୍ ବ୍ୟତୀତ ବିଭିନ୍ନ ତତ୍ସମ ଓ ତଦ୍ଭବ ଶବ୍ଦର ଛିଟା ମଧ୍ୟ ପ୍ରୟୋଗ କରିବାକୁ ଭୁଲି ନାହାନ୍ତି ।

ଶବ୍ଦ ସଂଯୋଜନା କ୍ଷେତ୍ରରେ ନୂତନ ପ୍ରୟୋଗ ଉପମା ଓ ରୂପକଳ୍ପ ଚୟନ, ଚିତ୍ରକଳ୍ପ ତଥା ଆଞ୍ଚଳିକ ଭାଷାର ପ୍ରୟୋଗ ଆଦି ତାଙ୍କ ବର୍ଣ୍ଣନାକୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଚାତୁର୍ଯ୍ୟପୂର୍ଣ୍ଣ କରିଛି । ସମାଜକୁ ସବୁ ସମୟରେ ସଜାଡ଼ିବବାକୁ ଯାଇ ତାଙ୍କୁ ଦାର୍ଶନୀକ ସଂସ୍କାରକ, ବିଚାର, ସମାଲୋଚକ ଇତ୍ୟାଦି ଭୂମିକାରରେ ଅବତୀର୍ଣ୍ଣ ହେବାକୁ ପଡ଼ିଛି । ଯେଉଁ ସମାଜରେ ସେ ଛୋଟରୁ ବଡ଼ ହୋଇଛନ୍ତି ସେ ସମାଜ ବିରୁଦ୍ଧରେ ଗାଳ୍ପିକ ବିଦ୍ରୋହ କରିବାକୁ ମଧ୍ୟ ପଶ୍ଚାଦ୍ ପଦ ହୋଇ ନାହାନ୍ତି । ଗାଳ୍ପିକ ବିପିନ ବିହାରୀ ମିଶ୍ର ହେଉଛନ୍ତି ଜଣେ ପରମ୍ପରା ବାଦୀ କଥାକାର । ଏଣୁ ସେ ତାଙ୍କ ଗଳ୍ପ ମାନଙ୍କରେ ଓଡ଼ିଆ ତଥା ଭାରତୀୟ ସଂସ୍କୃତି ପରମ୍ପରାକୁ ଉଚ୍ଚ ସମ୍ମାନର ଅଧିକାରୀ କରିଥିବା ସଙ୍ଗେ ସଙ୍ଗେ ତାକୁ ଶାନ୍ତି ମୈତ୍ରୀ ପ୍ରୀତି ଓ ପ୍ରଗତିର ବାର୍ତ୍ତାବହ ରୂପେ ଗ୍ରହଣ କରିଛନ୍ତି । ଅନ୍ୟାନ୍ୟ ପରଦେଶୀ ଚରିତ୍ର ଘଟଣା ଇତ୍ୟାଦିକୁ ଗ୍ରହଣ କରିଥିଲେ ସୁଦ୍ଧା ଆପଣା ସଂସ୍କୃତି ଯେ ସବୁରି ଊର୍ଦ୍ଧ୍ୱରେ, ତାହା ସେ ପ୍ରମାଣ କରି ଦେଇଛନ୍ତି । ତାଙ୍କ ଗଳ୍ପ ସାହିତ୍ୟକୁ ପର୍ଯ୍ୟାଲୋଚନା କଲେ ଜଣା ଯାଏ ଅଧିକାଂଶ ବକ୍ତବ୍ୟ ଓ ଦର୍ଶନର ଭିତ୍ତିଭୂମି ଉପରେ ଯେତିକି ପର୍ଯ୍ୟବେସିତ ସେହିପରି ଦିଗନ୍ତ ପ୍ରସାରୀ ଓ ଅନ୍ତର୍ଭେଦୀ । ସେ ଦୃଷ୍ଟିରୁ ତାଙ୍କ ଗଳ୍ପ ଗୁଡ଼ିକ ଆଧୁନିକ କ୍ଷୁଦ୍ରଗଳ୍ପ ସାହିତ୍ୟକୁ ଏକ ନୂତନ ରୂପରେଖ ପ୍ରଦାନ କରୁଥିବାରୁ ତଥା ଶୈଳୀ, ଭାଷା, ବିଷୟବସ୍ତୁ କାହାଣୀ, ଚିତ୍ରକଳ୍ପ ଉପମା ର ସୁନ୍ଦର ଉପସ୍ଥାପନ ଆଦି ଦୃଷ୍ଟିରୁ ଏକ ନୂତନ ତଥା ଜୀବନ୍ତ ଧାରା ସୃଷ୍ଟି କରୁଥିବାରୁ ଗାଳ୍ପିକ ଙ୍କ ସ୍ଥାନ ଓଡ଼ିଆ ସାହିତ୍ୟରେ ଉଚ୍ଚ କୋଟୀର ବୋଲି ସ୍ୱୀକାର କରିବାକୁ ହେବ ।

ISSN NO.
2582-208X

-------------୦୦୦-----------

ପ୍ରାନ୍ତଟୀକା:

୧-ଦାଶ ଦାଶରଥୀ, ସୃଜ୍ୟମାନ ଓଡ଼ିଆ କ୍ଷୁଦ୍ରଗଳ୍ପ ; ୧୯୭୨ସାହିତ୍ୟ ସନ୍ଧାନ, ଅଗ୍ରଦୂତ ପ୍ରକାଶନୀ ବାଙ୍କା ବଜାର କଟକ ୧୯୭୫ -ପୃ-୧୮୯.

୧୩- ମିଶ୍ର ବିପିନ ବିହାରୀ ଗାଁ ବାହୁଡ଼ା -ଶପଥ ସାନ୍ତାଳର ବିଜୟ ବୁକ୍‌ଷ୍ଟୋର୍ ବ୍ରହ୍ମପୁର ୧୯୮୩ପୃ-୭୫ ।

୧୪- ମିଶ୍ର ବିପିନ ବିହାରୀ ବଣ୍ଡା ମହାଦେଇ-- ଶପଥ ସାନ୍ତାଳର ବିଜୟ ବୁକ୍‌ଷ୍ଟୋର୍ ବ୍ରହ୍ମପୁର ୧୯୮୩,ପୃ-୮୬ ,

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲଣ ବିଶ୍ୱ ବିଦ୍ୟାଳୟ,ଚାଇଁବସା, ଝାଡଖଣ୍ଡ
ମୋ-୮୦୯୨୧୮୪୭୯୫

ISSN NO.
2582-208X

# ଅନ୍ଧାର ରାତିର ଗର୍ଜନ



ଶାନ୍ତିଲତା ମିଶ୍ର

ଛୁଟି ସରିଗଲା, ମନ ନ ଭରିଲା,
କିଛି ଦିନର ତ ଥିଲା ରହଣି ।
ସମସ୍ତଙ୍କ ଅନୁରୋଧ, କାହିଁ ତର ତର,
ରହି ଯାଆ ଆଉ କିଛି ଦିନ ପାଇଁ ।।
ଅଶ୍ରୁଳ ନିବେଦନ, କରିବାକୁ ପ୍ରତ୍ୟାଖ୍ୟାନ
ବାଧ୍ୟ ସିଏ ପେଟ ପୋଷିବା ପାଇଁ ।
ଯିବାକୁ ତ ହେବ ଆତ୍ମୀୟଙ୍କ ଠାରୁ ବହୁଦୂର
ଆଖିର ଲୁହକୁ ଆଖିରେ ଲୁଚାଇ ।।
ଆଗ ପେଟ, ପରେ ସବୁ ନାଟ,
ସମସ୍ତେ ଜାଣନ୍ତି, ତଥାପି ଝୁରନ୍ତି,
ଫେରନ୍ତି ବାଟକୁ ଚାହିଁ ରହିଥାନ୍ତି,
କେବେ ସେ ଫେରିବ ଘରକୁ ଲେଉଟି ।।
ମା' ର ସ୍ନେହ ଶ୍ରଦ୍ଧା, ସ୍ତ୍ରୀର ପ୍ରେମ,
ରୋକନ୍ତି ଯଦିଓ ବାଟ ତାହାର ।
ଯିବାକୁ ତ ହେବ, ସେହି ଦୂର ଦେଶ,
ଖାଦ୍ୟ ମୁଠେ ପାଇଁ, କରି ଛାତି ପଥର ।।
ଆସନ୍ତା ମାସକୁ, ରଜ ବେଳକୁ ପୁଣି ସେ ଆସିବ,
ଶପଥ କରିକି ହୁଏ ଘରୁ ବାହାର ।


ISSN NO.
2582-208X

କିନ୍ତୁ ଏ କି ହେଲା, କିଛି ଘଣ୍ଟା ପରେ,
ଖାଲି ଶୁଭୁଥିଲା ଦୂରୁ କରୁଣ ଚିତ୍କାର ।।
ଯାନ୍ତ୍ରିକ ଦାନବ କଡ ଲେଉଟାଇ,
ନିମିଷକେ କରିଦେଲା ସବୁ ଛାରଖାର ।
ଶପଥ ଭାଙ୍ଗିଲା, ଆଉ ନଫେରିଲା,
ଚାହିଁ ଚାହିଁ ଆଖି ଥକି ଗଲା ମାଆର ।
ବାଲେଶ୍ୱର ବାହାନଗାର ଘଟଣାବଳୀ,
ପଡିଲେ ଯେଉଁମାନେ ଅସମୟରେ ବଳି ।
ଇତିହାସରେ ସିନା ଲେଖା ହୋଇ ରହିବ,
ପଢିବା ଲୋକ ଆଖିରୁ ଝରାଇ ପାଣି ।।
ଭାଇ, ପୁତ୍ର, କନ୍ୟା, ସ୍ୱାମୀ, ସ୍ତ୍ରୀ, ବାପ ମା,
ଏଇ ଥିଲେ ଏଇ ନାହାଁନ୍ତି ଆଜି ।
ଯିଏ ହରାଇଛି, ଜୀବନୁ ଅଧିକ,
ତାର କିପରି ପାହୁଥିବ ରାତି !!

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# କସ୍ତୁରୀ



ବିନୟ ମହାପାତ୍ର

କାହାକୁ ଖୋଜୁଛୁ ?
ମୁଁ ଯିଏ, ତୁ ବି' ସିଏ,
କେବଳ ଫରକ୍ ଏତିକି
ମୁଁ ମୋତେ ଜାଣିଛି
ତୁ ତୋ ନିଜକୁ ଜାଣିବା
ଏବେ ମଧ୍ୟ ବାକି ରହି ଅଛି ।
ନିଜର ସତ୍ତାକୁ ଭୂଲି,
ଭ୍ରମରେ ଏ ମଣିଷ
ନିଜେ ନିଜକୁ ଖୋଜୁଛି ।
ଅନନ୍ତ କୋଟି ବ୍ରହ୍ମାଣ୍ଡ
ମୁଁ ଯେ ତୋ ଅନ୍ତରେ ସ୍ଥାପିଛି
ମୋତେ ଥରେ ନୁହେଁ କେତେ ଥର
ମୁହଁ ଖୋଲି ପ୍ରମାଣ ଦେବାକୁ ପଡିଥିଲା,
କିନ୍ତୁ ତୋତେ, ତୋ ନିଜ ପରିଚୟ
ଆଜି କହ କିଏ ବା ମାଗୁଛି ?
ନିଜେ ନିଜକୁ ହଜାଇ ପୁଣି
ଅରଣ୍ୟ କାନ୍ତାରେ ଗୁମ୍ଫା ଗହିରୀରେ
ପାଗଳ ପରାଏ ନିଜେ ନିଜକୁ ଖୋଜିଛୁ ।

ISSN NO.
2582-208X

ଥରେ ନିଜ ଅନ୍ତରରେ ମନ ଦେଇ ଖୋଜ,
ନିଜକୁ ପାଇ ଗଲେ
ଅନନ୍ତ ବ୍ରହ୍ମାଣ୍ଡ ଭିତରେ
ଯେତେ ସବୁ ଖୋଜିବା ପାଇବା,
ପାଇ ପୁଣି ହରାଇବା,
ଅନନ୍ତ ଜିଜ୍ଞାସାର ଅନ୍ତ ହୋଇ ଯିବ,
ସେତେ ବେଳେ,
ତୋ ମୋ ଭିତରେ କିଛି ପାର୍ଥକ୍ୟ ନଥିବ ।
ଜଟାଜୁଟେ ସାଜି,
ନିଘଞ୍ଚ ଅରଣ୍ୟ, ଗହନ କାନ୍ତାରେ
ଅନ୍ଧାରୀ ଗୁମ୍ଫା ଗହରୀରେ
ନିଜେ ନିଜକୁ ହାରିଛି,
କସ୍ତୁରୀ ମୃଗ ତୁଲ୍ୟ, ନିଜେ ଜାଣେ ନାହିଁ,
ଅନାୟାସେ ନିଜେ ନିଜକୁ ଭୁଲିଛି,
ନିଜ ନାଭି କମଳକୁ ଭୁଲି
ଅନନ୍ତ ବ୍ରହ୍ମାଣ୍ଡେ ବ୍ରହ୍ମକୁ ଖୋଜୁଛି ।
ସାଗର ଜଳରେ ଲବଣ
ନିଜେ ନିଜ ସତ୍ତା ପରଖୁଛି,
ନିଜକୁ କେତେ ଛୋଟ ମଣେ ସିଏ,
କେମିତି ସେ ଭୁଲି ଯାଏ,
ଲବଣ ଯେ ସମଗ୍ର ସାଗରେ ବ୍ୟାପିଛି ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ନିଜକୁ ଖୋଜୁଛି



ସଂଯୁକ୍ତା ସାହୁ

ନିଜକୁ ଖୋଜି ଖୋଜି ବାଟ ପାଉନାହିଁ
ମୁଁ କିଏ ପଚାରୁଛି ମୋ ନିଜକୁ ନିଜେ
ପାଉନାହିଁ ଉତ୍ତର କି କେଉଁଠୁ ମିଳୁନାହିଁ
ନିଜକୁ ବି ଚିହ୍ନି ହେଉନାହିଁ କିଏ ବୋଲି
ଶୁଣିଥିଲି ହୃଦୟରେ ଆତ୍ମାଟିଏ ଅଛି
ନିୟତିର ନିର୍ଦ୍ଦେଶରେ ଏଇ ଆତ୍ମା ଯେ
ମରିବନି କେବେ ଶରୀରରୁ ଚାଲିଯିବ
ଅନ୍ୟ କେଉଁ ଘଟରେ ହେବ ସ୍ଥାପିତ
ନିଶ୍ୱାସ, ପ୍ରଶ୍ୱାସ ବନ୍ଦ ହୋଇଗଲେ
ଏ ଶରୀର ଅଲୋଡା ହୋଇପଡିବ
ଏ ଘଟ କାହା ଦେହେ ପ୍ରବେଶ ହେବ
ଜୀବନ ତ ଛାଇ ଆଲୁଅର ଖେଳ
କେତେ ପାପ ପୁଣ୍ୟର ଗଣିତ ହିସାବ
ବାରମ୍ବାର ପରୀକ୍ଷାର ସମ୍ମୁଖୀନ ହୁଏ
ମରି ମରି ବଞ୍ଚୁଥାଏ ନିୟତି ନିର୍ଦ୍ଦେଶରେ
ତଥାପି ଆଶା ଆଉ ସ୍ୱପ୍ନରେ ଭିଜି ଭିଜି
ବଞ୍ଚିବାର ସୌଧ ଗଢିଚାଲେ ଅହରହ

ISSN NO.
2582-208X

କାହିଁକି ବଞ୍ଚିବାର ଏତେ ଲୋଭ ମୋହ
ମୁଁ ନିଜକୁ ପଚାରେ ମୁଁ ଯାହା କରୁଛି
ଠିକ୍ କେତେ ଭୁଲ କେତେ କରିଛି
ତା'ର ବି କେବେ ଉତ୍ତର ପାଇନାହିଁ
ଖୋଜି ଖୋଜି ଚାଲିଛି ଅନବରତ
ମୁଁ ଏବେ ବ ନିଜକୁ ବି ଚିହ୍ନିପାରୁନି
କେଉଁଠୁ ବା ଠିକ୍ ଉତ୍ତର ମିଳିବ
ଏମିତି ଖୋଜୁ ଖୋଜୁ ଆୟୁଷ ସରିବ ।

ଗ୍ରାମ-ହାମା, ଜଗତସିଂହପୁର

ISSN NO.
2582-208X

# ନାରୀ ଏକ ଯୁଗାନ୍ତ ଆହ୍ୱାନ



ଛବି ରାଣୀ ପତି

ସମୟର ନଦୀ ଧାର ପରି ନାରୀ
ଜୀବନ ତମାମ୍ ଗତି କରେ
କେତେ ଅଙ୍କାବଙ୍କା କଣ୍ଟକିତ
ବନ୍ଧୁର ସର୍ପିଳ ପଥରେ
ନାନା ସମ୍ଭାବନାର ସମ୍ଭାର ବୋହି
ବୁଣେ ଅସୁମାରୀ ସ୍ୱପ୍ନ
ମଧୁମୟ ସୁଧା ଝର ସିଞ୍ଚି
ଦୁବକୁ ଦାରୁ କରେ ଆଉ
ଭରିଦିଏ ଦୁଇକୁଳେ ଆଶା ସଞ୍ଜିବନି ।।

ପ୍ରବାହ ପ୍ରବୀଣ ବିଚାରଧାରାରେ
ତଲ୍ଲୀନ କରେ ସବୁରି ମନ - ପ୍ରାଣ
ସ୍ନେହ ପ୍ରେମ, ବାତ୍ସଲ୍ୟ ମମତା ଢାଳି
ନିଷ୍ଠା ପ୍ରତିଷ୍ଠା, ସେବା, ତ୍ୟାଗ ସମର୍ପଣରେ
ଶକ୍ତି ସାମର୍ଥ୍ୟ, ଦୟା କ୍ଷମା କରୁଣା ପ୍ରେରଣାରେ
ନିଜକୁ ଆତ୍ମବିଶ୍ୱାସରେ ବଳିଷ୍ଠ କରି
ସେ  ନିଜର ଅସ୍ତିତ୍ୱ ଜାହିର୍ କରେ
ନିଜ ସମୃଦ୍ଧ ସାଧନାର ପତିଆରା
ଛିଡ଼ାକରେ ଦୁନିଆଁ ଦାଣ୍ଡରେ

ISSN NO.
2582-208X

କିଛି ଆତ୍ମପ୍ରତ୍ୟୟ, କିଛି ଚୁକ୍ତି
ଆଉ ବାକି ସବୁ ତାର ନିଜସ୍ୱ
ଅବିଶ୍ରାନ୍ତ ଦୃଢ଼ ସଂକଳ୍ପ ବଳରେ ।।

ସଫଳତାର ବିଜୟ ଗୀତି ହେଉ
ବା ବିଫଳତା ର ସପ୍ତଫେଣୀ
ଉଦ୍ୟମୀ ସ୍ୱାଧ୍ୟାୟ ରେ ଅଧ୍ୟବସିତ
ସ୍ନେହାଙ୍ଗିନୀ ଅନୁପମ ଭାବଚ୍ଛ୍ୱାସରେ
ତୋଳି ଧରେ ମାଧୁର୍ଯ୍ୟ ଭାବାବେଗର
ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ୟାନାଦି ପ୍ରୟୋଗସାଳାରେ
ଅସମାପ୍ତ ଜାଗୃତି ର ବିପୁଳ ପ୍ରୟାସ ତାର
ଯାହାର ଅନ୍ତରାଳେ....
ସେ ନିଜେ ଏକ ଯୁଗାନ୍ତ ଆହ୍ୱାନ ।

ମଧ୍ୟଶାସନ, ବିରିଡ଼ି
ଜଗତସିଂହପୁର
ଫୋନ -୯୩୩୭୯୬୦୦୬୦

ISSN NO.
2582-208X

# ଲଳତ ନବନ୍ଧ-
# ବିଶ୍ୱାସରେ ବିଷ



ବଦ୍ରୀ ମହାନ୍ତ

ଉତଥାନ ପତନ ଓ ଆଲୁଅ ଅନ୍ଧାରରେ ବିଚରଣ କରିବା ଜୀବନର ଏକ କ୍ରମାଗତ କ୍ରିୟା। ଏଥିରୁ କେହି ହେଲେ ନିଜକୁ ମୁକ୍ତ ରଖି ପାରି ନାହାନ୍ତି। ପ୍ରାପ୍ତି ଦ୍ୱାରା କେତେବେଳେ ମଣିଷ ଖୁସିରେ ଉଦବେଳିତ ହୋଇ ଉଠେ ତ କେତେବେଳେ ମ୍ରିୟମାଣ ହୋଇପଡେ ବିଫଳତା ଓ ବଂଛିତ ବସ୍ତୁ ହାତ ପାଆନ୍ତାରୁ ଦୂରକୁ ଚାଲି ଯିବାର ଦେଖି। ସାରା ସଂସାର ତା ପାଇଁ ହୋଇଉଠେ ବିଷମୟ। ସେତେବେଳେ ମନେକରେ ସତେଯେପରି କଳା ଅନ୍ଧାର ତାକୁ ଘୋଡ଼େଇ ବସିଛି। ନକରାତ୍ମକ ଭାବନା କବଳିତ କରେ ଏ ଯନ୍ତ୍ରଣାସିକ୍ତ ଓ ଦୁଃଖଦ ସମୟରେ। ଭୟ, କ୍ରୋଧ, ନିରାଶା, ଦୁର୍ଭାବନା ଓ ଅଶାନ୍ତିର ବଳୟ ଭିତରେ ଯେଉଁ ଅମୁଲ୍ୟ ବସ୍ତୁଟି ହଜିଯାଏ, ତାହା ହେଉଛି ବିଶ୍ୱାସ। ନିଜ ଆତ୍ମୀୟ ସ୍ୱଜନ ପରିବାର, ନିଜ ଚାରିପାଖ,ଏପରିକି ସମଗ୍ର ବିଶ୍ୱ ଉପରୁ ତୁଟିଯାଏ ବିଶ୍ୱାସ। ସେ ମୁହୂର୍ତ୍ତରେ ସ୍ୱୟଂ ନିଜକୁ ସୁଦ୍ଧା ଛିଡା କରାଇଦିଏ ଅବିଶ୍ୱାସ ଗଳିରେ।

ଭରସା ଓ ବିଶ୍ୱାସ ଜୀବନର ସବୁଠୁ ମହତ୍ୱପୂର୍ଣ୍ଣ କଥା ହୋଇଥିବାରୁ, ଏହାର ଛାତି ଉପରେ ଛିଡା ହୋଇଥାଏ ସମ୍ପର୍କ। ଆଉ ସମ୍ପର୍କର ସୂତାରେ ଗୁନ୍ଥି ହୋଇ ଯାଆନ୍ତି ଆନନ୍ଦ ସୌଭାଗ୍ୟ ଓ ପ୍ରଶାନ୍ତି। ବିଶ୍ୱାସ ସୃଷ୍ଟି କରିବା, ତା ବଳୟ ଭିତରେ ବାନ୍ଧିରଖିବା ଏବଂ ସ୍ରୋତରେ ଅନୁକୂଳରେ ତାକୁ ପ୍ରବାହିତ କରିବା ସଭିଙ୍କ ଦ୍ୱାରା ସମ୍ଭବ ହୁଏନାହିଁ। ସେଥିପାଇଁ ସୃଷ୍ଟି ହୁଏ ଅନର୍ଥ ଓ ଅରାଜକତା। ବିଶ୍ୱାସ ଏକ ଶକ୍ତି ଯାହାଦ୍ୱାରା ଆଲୋକିତ ହୁଏ ଦୁନିଆ, ପହଞ୍ଚାଇ ଦେବାର ସାମର୍ଥ୍ୟ ରଖିଥାଏ ଅପରିକଳ୍ପନୀୟ ଓ ଅଗମ୍ୟ ଇଲାକାରେ। ନିର୍ଜୀବ

ISSN NO.
2582-208X

ପଥରକୁ ଭଗବାନରେ ପରିଣତ କରିଦେଉଥିବା ବିଶ୍ୱାସର ଶକ୍ତି ଅପରିମିତ। ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ମଣିଷକୁ ପଥର ହୃଦୟଯୁକ୍ତ କରିଦେଇ ପାରେ ଅବିଶ୍ୱାସ। ସେଥିପାଇଁ ବାଇ ମହାନ୍ତି ପରାମର୍ଶ ଦିଅନ୍ତି, "ଭାଗ୍ୟରେ ନୁହେଁ, ନିଜ ଶକ୍ତି ଉପରେ ବିଶ୍ୱାସ ରଖ, ସଫଳତା ଓ ଶ୍ରେଷ୍ଠତ୍ୱ ତୁମ ପଦ ସ୍ପର୍ଶ କରିବ।"

ପ୍ରେମ, ଭଲ ପାଇବା ଓ ଅନ୍ତରଙ୍ଗତାର ପୃଷ୍ଠଭୂମି ହିଁ ସତ୍ୟନିଷ୍ଠ ବିଶ୍ୱାସ। ବିଶ୍ୱାସ ବନ୍ଧଟି ଯେତେ ମଜଭୁତ ଓ ସ୍ଥାୟୀ ହେବ ସେତେ ଗଭୀର ଓ ଓଜଲ୍ୟମୟ ହେବ ପ୍ରେମ। କୌଣସି କାଳେ ଏହାକୁ ହାତଛଡା କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। ଏହା ସତ୍ୟ ଯେ, ସଭିଙ୍କ ଦ୍ୱାରା ପ୍ରେମର ଜୟଗୀତି ଅସମ୍ଭବ, ସଭିଏଁ ଏକ ସ୍ୱଚ୍ଛ ସୁଗନ୍ଧିତ ବାତାବରଣର ଯୋଗ୍ୟ ହୋଇ ପାରନ୍ତି ନାହିଁ, ତାର କାରଣ ଅବିଶ୍ୱାସ। ମଝି ରାସ୍ତାରେ ଛିଡା ହୋଇ ଏହା ଭଲପାଇବା ନାମକ ସମ୍ପର୍କ ତିଆରି କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ଧ୍ୱଂସ କରିଦିଏ ସହଯୋଗ ଓ ସହାବସ୍ଥାନର ଧାରା। ଚିରକାଳ ବିଶ୍ୱାସ ଇ ଇଚ୍ଛାକୁ ସାକାର କରି ଆଲୋକର ସନ୍ଧାନ ଦିଏ, ପ୍ରେମରେ ବୁଡାଇ ରଖେ ସବୁ ସମ୍ପର୍କକୁ। କୌଣସି ଅନାହାତ କାରଣ ବା ପରିସ୍ଥିତିର ତାଡନାର ବିଶ୍ୱାସରେ ଫାଟ ସୃଷ୍ଟି ହେଲେ ନିରାଶା ଭୟ ଓ କ୍ରୋଧରୁ ମୁକ୍ତି ପାଇବା ନିମନ୍ତେ ଯେଉଁ ଦୁଇଟି ରାସ୍ତା ଉନ୍ମୁକ୍ତ ହୋଇଯାଏ, ତାହା ହେଉଛି ମନର ଅବସ୍ଥାକୁ ତଟସ୍ଥତାର ସହ ପ୍ରତକ୍ଷ କରିବା ଓ ଅନ୍ୟଟି ମନର କଥା ମାନିନେଇ ନିରାଶାର ଅନ୍ଧକାର ଭିତରେ ବୁଡିଯିବା। ଏଠାରେ ମନ ପ୍ରମୁଖ ଭୂମିକାରେ ଥିବାରୁ ତାକୁ ନିୟନ୍ତ୍ରଣ କରିବା ହିଁ ଜୀବନର ଅପରିହାର୍ଯ୍ୟ ଆବଶ୍ୟକତା। ଚିରକାଳ ଖୁସି ଅଶା କରୁଥାଏ ମନ। ଏପରି ଏକ ଜୀବନଟିଏ କଳ୍ପନା କରୁଥାଏ, ଯେଉଁଠି ଅନୁପ୍ରବେଶ ନଥିବ ଦୁଃଖର, ଯନ୍ତ୍ରଣାର, ଅସହାୟତାର। ଇଚ୍ଛା କରୁଥିବ ତା ଚାରିପଟରେ ଥିବା ଗତିଶୀଳ ଦୁନିଆ ତା ମର୍ଜି ଉପରେ ଚାଲୁ, ତାର ଅଜ୍ଞାତରେ ପତ୍ରଟିଏ ସୁଦ୍ଧା ନ ହଲୁ। ମାତ୍ର ଏହା କଣ ସବୁବେଳେ ସମ୍ଭବ? ମନ ଅଧୀନରେ ବିଚାର ଫଳପ୍ରଦ ନହେଲେ ମନ ହରାଇ ବସେ ବିଶ୍ୱାସ। ଏହିଠାରେ ଅବସଦଗ୍ରସ୍ତ ହୁଏ ଜୀବନ। ସୁଖ ଦୁଃଖ ଜୀବନର ଅଂଶୀଦାର ହୋଇ ଥିବାରୁ, ଏଥିରୁ କୌଣସି ଜୀବନ ନିଜକୁ ଅଲଗା କରି ରଖିବା ସମ୍ଭବ ନୁହେଁ। ଅତଏବ ମନର ଗତି ପ୍ରକୃତି ଓ ପ୍ରଲମ୍ବିତ ଇଛା ସମୂହ ବିଶ୍ୱାସର ଛାଇରେ ଛାଇରେ ସତତ ଗତିଶୀଳ।

ISSN NO.
2582-208X

ସଂକଟର ସମ୍ମୁଖୀନ ହେବା ନିମନ୍ତେ ଶକ୍ତି ଲୋଡ଼ା, ଆଉ ସେ ଶକ୍ତିର ଜନକ ବିଶ୍ୱାସ। ଏହାକୁ ବହୁଗୁଣିତ କରିବା ପାଇଁ ମାନସିକ ପ୍ରସ୍ତୁତି ଓ ସତ୍ୟନିଷ୍ଠ ଉଦ୍ୟମର ଆବଶ୍ୟକତା ରହିଛି। ପ୍ରଥମରେ ବିଶ୍ୱାସ କରିବା ଉଚିତ ଯେ, ଅସୁମାରି କଠିନ ବିପରୀତ ପରିସ୍ଥିତିକୁ ସାମ୍ନା କରି ସମସ୍ତ ଦୁଃଖକୁ ଆତ୍ମସ୍ତ କରିପାରୁଛି ବୋଲି ଏତେ ଆନନ୍ଦମୟ ଏ ଜୀବନ। ଦ୍ୱିତୀୟରେ ପ୍ରତିଟି କର୍ମ ଆରମ୍ଭ କରିବା ପୂର୍ବରୁ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦେବା ଆବଶ୍ୟକ। ସେ ହିଁ ହର୍ତ୍ତା କର୍ତ୍ତା ଏବଂ ବିଧାତା। ସେ ସୃଷ୍ଟିକାରୀ, ସେ ଧ୍ୱଂସକାରୀ ଓ ସେ ହିଁ କଲ୍ୟାଣକାରୀ। ଏବଂ ଶେଷକଥାଟି ହେଉଛି ନିଜ ସଫଳତା ଓ ଅନନ୍ଦପ୍ରାପ୍ତିର ଉତ୍ସ। ପ୍ରତିଟି ସୁଯୋଗ ଓ ସହାୟତାକୁ ସ୍ମରଣ କରି ସାହାଯ୍ୟ ସମ୍ପ୍ରସାରିତ କରିଥିବା ହାତ ଓ ବ୍ୟବସ୍ଥା ପ୍ରତି ଧ୍ୟାନ ରଖି ବିଶ୍ୱାସର ଇମାରତ ନିର୍ମାଣ କରା ଯାଇପାରେ। ଲକ୍ଷ୍ୟ ସ୍ଥିର କରି ସାରି ତା ଦିଗକୁ ଗତି କଲାବେଳେ ସଞ୍ଚିତ ବିଶ୍ୱାସର ବାଟ ଓଗାଳି ଛିଡାହୁଏ ଅନିଶ୍ଚିତତା । ଏହା ଏକ ମନଃସ୍ଥିତି। ତାକୁ ଅତିକ୍ରମ କରିବା ପାଇଁ ସ୍ଥିରତା ସହ ପରିବର୍ତ୍ତନ ଲୋଡ଼ା। ମାତ୍ର ପରିବର୍ତ୍ତନ ଅନେକ ସମୟରେ ମନରେ ଭୀତି ସଂଚାର କରେ। ଭୟ ଅନିଶ୍ଚିତତା ଓ ଦୋଦୁଲ୍ୟମାନ ସ୍ଥିତିର ଭୟରୁ ଦୂରକୁ ନେଇଯାଏ ଆସ୍ଥା। ଭରସା ଓ ବିଶ୍ୱାସକୁ ଫଳପ୍ରସୂ କରିବାର ଦାୟିତ୍ୱ ଆସ୍ଥା ଉପରେ ରହିଛି। ତେଣୁ କୌଣସି ସମୟରେ ଏ ମହତ ତ୍ରୟୀ ସମ୍ପର୍କ ତୁଟାଇ ଦେଲେ ଦୁର୍ବିସହ ହୋଇ ଉଠେ ଜୀବନ।

ସଫଳତାର ମଞ୍ଜି ବିଶ୍ୱାସ-ଏକଥା ସତ, ମାତ୍ର ସବୁ ବ୍ୟକ୍ତି, ସବୁ ଅବସ୍ଥା ଓ ସବୁ ସମୟକୁ ବିଶ୍ୱାସ କରାଯିବା ବିପଦପୂର୍ଣ୍ଣ ହୋଇପାରେ। ସଙ୍କଟକୁ ସାମ୍ନା ନ କରିବା ନିମନ୍ତେ ଆଚାର୍ଯ୍ୟ ଚଣକ୍ୟ ଯେଉଁ ପାଞ୍ଚ ବ୍ୟକ୍ତି ଓ ଅବସ୍ଥା ଠାରୁ ନିଜକୁ ଦୂରେଇ ରଖିବାକୁ ସତର୍କ କରାଇ ଦେଇଛନ୍ତି, ସେମାନେ ହେଲେ ଅସ୍ତ୍ରଶସ୍ତ୍ର ଧାରୀ ବ୍ୟକ୍ତି, ଦୁଷ୍ଟ ଆଚରଣ କରୁଥିବା ନାରୀ, ନଖ ଓ ଶିଙ୍ଗ ଥିବା ପଶୁ, ଦ୍ରୁତ ବେଗରେ ପ୍ରବାହିତ ନଦୀ ଓ ରାଜବଂଶୀୟ ଉଚ୍ଚପଦାଧିକାରୀ ଙ୍କ ସହ ଅତ୍ୟଧିକ ମିତ୍ରତା। କାଳର ପ୍ରବାହରେ ଏହା ଅନେକଙ୍କୁ ଅପ୍ରାସଙ୍ଗିକ ମନେ ହୋଇପାରେ, ମାତ୍ର ବିଶ୍ୱାସ ସ୍ଥାପନ କଲାବେଳେ ଏ ପାଞ୍ଚ ପ୍ରତି

ISSN NO.
2582-208X

ଅଣଦେଖା କରାଯାଇ ନ ପାରେ। ବସ୍ତୁତଃ ବିଶ୍ୱାସରେ ବିଷ ସଂଚରିତ ହେବା ପ୍ରମୁଖ କଥା ନୁହେଁ, ବିଶ୍ୱାସ ସ୍ଥାପନ କରି ଜୀବନର ଜୟଗାନ ମହତ୍ୱପୂର୍ଣ୍ଣ। ତେଣୁ ବାଇ ମହାନ୍ତି କହନ୍ତି, "ନିଜ ଚିନ୍ତା ଚେତନା ଏବଂ ସତ୍ୟନିଷ୍ଠତାରୁ ଜନ୍ମ ନେଉଥିବା ସମୁଦ୍ରଠାରୁ ବି ଗଭୀର ବିଶ୍ୱାସକୁ କେହି କ୍ରୟ କରି ପାରେନାହିଁ, ତ୍ୟାଗ ସମର୍ପଣ ମାନସିକ ସ୍ୱଚ୍ଛତାରୁ ଜନ୍ମଲାଭ କରେ ଏ ବିଭୁଦତ୍ତ ଶକ୍ତି। ସେଥିରେ ବିଷ ଦେଇ ଅନ୍ଧକାର ଘୁର୍ଣ୍ଣୀରେ ନିଜକୁ ଆବିଷ୍କାର ନ କରି ସମ୍ମାର ସମୟକୁ ଦେଖ,ଜାଣିବ କେତେ ଆନନ୍ଦମୟ ମଧୁମୟ ଓ ଆଲୋକିତ ଏ ସଂସାର !

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ତୁମକୁ ରହିଛି ଚାହିଁ



ଡଃ ପ୍ରିୟମ୍ବଦା ସାମଲ

ଏକାକୀ ପଣରେ ନିର୍ଜନ ବେଳାରେ
ଦୁଃଖର ଚାଦର ନାଇ
ସଳିତା ପରିକା ଜଳୁଛି ଜୀବନେ
ରହି ତୁମ ପଥ ଚାହିଁ ।
ଦିନ ପରେ ଦିନ ନଈ ସୁଅ ପରି
ଯାଉଅଛି ସଦା ବହି
କେତେ ଅନୁରାଗ ପୁଣି ଯେ ବିରାଗ
ବ୍ୟଥା ଦିଏ ରହି ରହି ।
ଗ୍ରୀଷ୍ମର ଡହକେ ଉତ୍ତପ୍ତ ମରୁରେ
ପଥ ଚାରିଟିଏ ହୋଇ
ଆଖି ଲୁହ ଯେତେ ଆଖିରେ ଶୁଖିଲା
ମନ ସତେ ମରୁଭୁଇଁ ।
ଶ୍ରାବଣ ଧାରାରେ ମନ ତୁଠ ନୀରେ
ନୟନେ ଲୁହ ଝରାଇ
ଆଖିରେ ବହିଛି ପ୍ରୀତିର ଶ୍ରାବଣ
କୋହ ଭରା ହୃଦ ନେଇ ।
ଫୁଲେଇ ଫଗୁଣ ରଚାଏ ସପନ
ମୋହଞ୍ଜନ ଦିଏ ଛାଇ

ISSN NO.
2582-208X

ଝରା ଶେଫାଳିର କ୍ଷଣିକ ଜୀବନ
ତୁମକୁ ରହିଛି ଚାହିଁ ।
ବସନ୍ତ ମଳୟେ ଚୂତ ବକୁଳର
ବାସ୍ନାରେ ଆତୁର ହୋଇ
କୋଇଲି ଗାଇଲା ମଧୁ ବରଷିଲା
ତୁମେ ତ ଆସିଲ ନାହିଁ ।
ଫଗୁ ରଙ୍ଗ ନେଇ ଫଗୁଣ ଆସିଲା
ରଙ୍ଗୀନ ହୋଇଲା ଧରା
ତୁମ ପଥ ଚାହିଁ ରହିଛି ଅନାଇ
ନ ଦେଲ ତ ତୁମେ ଧରା ।
ଆଖିରେ ଆଖିଏ ସପନ ସଜାଡି
ରାଧା ରଚେ ଅଭିସାର
ମଧୁପୁର ଗଲେ ଯେ ଶ୍ୟାମ ସୁନ୍ଦର
ଅକ୍ରୁର ସାଜିଲେ କ୍ରୁର ।
ହୋଇଛି ଶ୍ରୀହୀନ ସତେ ବୃନ୍ଦାବନ
ବଂଶୀ ସ୍ୱର ଶୁଭୁନାହିଁ
ହୋଇଛି ବିଜନ କଦମ୍ବର ବନ
ତୁମକୁ ରହିଛି ଚାହିଁ ।

ଛତିଶଗଡ଼/ନନ୍ଦନ ବିହାର,
ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଅଟଳ ତୁମେ ଫେରିଆସ...



କୁଞ୍ଜବିହାରୀ ରାଉତ

ବିଶ୍ୱ ମନୀଷାର ସ୍ଥିତପ୍ରଜ୍ଞ ହେ ଉତ୍ତୁଙ୍ଗ ଅଚଳ ଅଟଳ
ତୁମକୁ ମୁଁ କରେ ବାରମ୍ବାର ନମସ୍କାର
ମହାନିଦ୍ରାରେ ଶୋଇଅଛ ଏବେ
ଜୀବନର ଝଞ୍ଜା ପଥେ ଝଡର ଇଗଲ ସାଜି
ଭାରତର ଗରିମାକୁ ଉର୍ଦ୍ଧ୍ୱେ ତୋଳି
ଶତ୍ରୁ ବୁକେ ଜଗାଇ କମ୍ପନ
କଠୋର କର୍ମର ଶେଷେ
ଏବେ ଟିକେ ଶୋଇପଡ
ଲୋଡା ଅଛି ତୁମ ପାଇଁ ଅନନ୍ତ ବିଶ୍ରାମ ।
ବିଶ୍ରାମର ଶେଷେ ବୀର ଉଠିବ ଉଠିବ ପୁଣି
ମାଆ କୋଳୁ ରାଜଧର୍ମ ପାଳିବାକୁ
ବୀରରତ କେବେ ମୃତ୍ୟୁ ନାହିଁ
ଅସ୍ଥି ତୁମ କଥା କହେ,
ମାଆର ବନ୍ଦନା ଗାଏ
ମାତୃଭୂମି ଜୟଗାନେ

ISSN NO.
2582-208X

ଶତ୍ରୁ ର ଶୋଣିତ ଧାରେ
ଭାରତର ଜୟଗୀତି
ଉନ୍ମାଦନା ଭରିଦିଏ
ଜାଗିଉଠେ ଏ ଭାରତ
ଅଇରିର ବୁକୁତଳେ ଥରି ଉଠେ
ତୁମ ବଜ୍ର ନିର୍ଘୋଷରେ
ନଭ, ଜଳ, ସ୍ଥଳ କମ୍ପିଉଠେ
ବିଶ୍ୱ ଅନୁଭବେ ସେହି ଦୁନ୍ଦୁଭ କମ୍ପନ ।।

ପ୍ଲଟ ନଂ: ୧୪୮/୫, ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# କୃଷ୍ଣଚୂଡ଼ା



ଅରୁଣ କୁମାର ମହାପାତ୍ର

କଳା ମିଚି ମିଚି ପିଚୁ ରାସ୍ତା କଡ
ଦିଶୁଛି ସୁନ୍ଦର ଆଜି
ଧାଡ଼ି ଧାଡ଼ି ଠିଆ ନୁଆଣିଆ ଶାଖା
କୃଷ୍ଣଚୂଡ଼ା ଶୋଭାରାଜି
କାହାକୁ କହିବ ଦୁଃଖ କଥା ତାର
ପାଇନି ବାସ ଟିକିଏ
ମୁଗ୍ଧ ପଥିକ ଚାହେଁ କ୍ଷଣେ ସିନା
ଆଦର ଟିକେ ନ ପାଏ
ପୂର୍ଣ୍ଣ ଅବୟବ ଲୋହିତ ଚାଦରେ
ଢାଙ୍କି ଦେଇଅଛି ସତେ
ପ୍ରେମିକ ପ୍ରେମିକା କରନ୍ତି ଆଳାପ
ଅଟକି ଯାଇ ସେ ପଥେ
ଫେରିଯାଇ ପତ୍ର ଲେଖେ ପ୍ରେମିକାକୁ
କୃଷ୍ଣଚୂଡ଼ା ଗୁଣ ଗାଇ
ସେହି ସବୁ ସନ୍ଧ୍ୟା ବିଗତ ଆସର
ଆଖିରେ ତା ନାଚୁଥାଇ
କିଏ ଜାଣିଥିଲା ସେଦିନ ମିଳନ
ଶେଷ ଫଗୁଣର ଖରା

ISSN NO.
2582-208X

ଦେଖିଦେଲେ କୃଷ୍ଣଚୂଡ଼ା ଭର୍ତ୍ତି ଡାଳେ
ସ୍ମୃତି ଆସେ ଅପାସୋରା ।
ସେହି ଅତୀତକୁ କରି ବିଶ୍ଳେଷଣ
ଆଜି ବାଟର ବାଟୋଇ
ଦିଗହରା ସିଏ ବୁଝିନି ପ୍ରେମକୁ
କୃଷ୍ଣଚୂଡ଼ାକୁ ନିନ୍ଦଇ ।
କେଉଁ ଫୁଲ ମାଳ ହୋଇ ପାଏ ଶୋଭା
ଗଳାର ସୌନ୍ଦର୍ଯ୍ୟ ବଢେ
ଆଉ କିଛି ଯାଏ ମନ୍ଦିର ପ୍ରାଙ୍ଗଣ
ଦେବଙ୍କ ମସ୍ତକେ ଚଢ଼େ ।
କୃଷ୍ଣଚୂଡ଼ା କିନ୍ତୁ ମନକୁ ଲୋଭାଇ
ବିଦଗ୍ଧ ମନକୁ ତୋଷେ
ଫୁଲରୁ ଫୁଲକୁ ଘୁରି ବୁଲେ ସିନା
ମହୁମାଛି ଦୂରୁ ହସେ ।
କିଏ କେଉଁ ମତେ ପାଇଛି ସନ୍ତୋଷ
ଆତ୍ମସନ୍ତୋଷ ଶୀର୍ଷର
କୃଷ୍ଣଚୂଡ଼ାର ସେ ରଙ୍ଗ ମନୋହର
କାହିଁ ପାଇଛି ଆଦର ?
ଏହି ଦୁନିଆର ନୀଳ ଛାତ ତଳେ
ରଙ୍ଗ ସେ କୃଷ୍ଣଚୂଡ଼ାର
ଆତ୍ମସନ୍ତୋଷର ବାର୍ତ୍ତା ଦିଅଇ
ପ୍ରିୟ ବା କିଏ କାହାର ।

ପ୍ରତାପ ପୁର, ଗଞ୍ଜାମ
(ଅଶ୍ୱପୁରମ୍, ତେଲେଙ୍ଗାନା)

ISSN NO.
2582-208X

# କ୍ଷୁଦ୍ରଗଳ୍ପ- ଭାଗ୍ୟ



ପ୍ରଦୀପ୍ତ କୁମାର ମିଶ୍ର

ହଠାତ ମୋବାଇଲ ଖେଳାଉ ଖେଳାଉ ସରୋଜ ଖୁସିହୋଇ ଦେଖାଇଦେଲା ରାଶିଫଳ ସମ୍ପର୍କିତ ବିସ୍ତୃତ ଲେଖାଟିକୁ ପତ୍ନୀ ସସ୍ମିତା କୁ । ଏହିରାଶି ଆଗାମୀ ଦଶବର୍ଷ ପର୍ଯ୍ୟନ୍ତ କୋଟିପତି ହୋଇଯିବେ। ତା ମଧ୍ୟରେ ତାର ଓ ତା ପତ୍ନୀର ରାଶି ଦୁଇଟି ଥିଲା। ସରୋଜର ହସସହ ଶୁଖିଲା ହସଟିଏ ଓଠରେ ଖେଳାଇଦେଲା ସସ୍ମିତା। ପୁଣି ପ୍ରକୃତିସ୍ଥ ହୋଇ କହିଲା ଆମଭାଗ୍ୟର କିଛି ଦୋଷ ରହିଛି ଯେ ଆମକୁ ଆମ ରାଶିର ଫାଇଦା ବୋଧହୁଏ ମିଳିପାରିନି ।

ସରୋଜ ଗୋଟିଏ ଛୋଟିଆ ଚାକିରିଆ। ବାହାଘର ପରେ ସହରରେ ରହଣୀ। ନିଜର ଘରଟିଏ ଜାଗାଟିଏ କିଣିବା ପାଇଁ ପ୍ରବଳ ଇଛା। ହେଲେ ତାର ସ୍ୱଳ୍ପ ଦରମା ମାସ ଶେଷ ପୂର୍ବରୁ ସରିଯାଏ। କେଉଁଠାରୁ ହେଲେ ତାକୁ ଧାର କରିବାକୁ ପଡେ। ବାପାଙ୍କର ଦେହ ଖରାପରେ କରିଥିବା ବ୍ୟାଙ୍କ ଋଣ ଏବେ ସେ ସୁଝି ଚାଲିଛି, ତାର ଶେଷ ନାହିଁ। ଅନ୍ୟର ଘର ଦେଖିଲେ ଅନେକ ଭାବେ ଅନେକ ଆଶୀର୍ବାଦ ଇଶ୍ୱରଙ୍କ ଖୋଜେ। କେବଳ ଘରଟିଏ ନିଜର ପାଇଁ ଅନୁନୟ କରେ। ସର୍ବଶେଷ ରେ ଭାଗ୍ୟ ଜାତକ ଦେଖାଏ, ଆଶ୍ୱାସନା ର ପାହାଡ଼ ଉପରୁ ତାର ନଗରକୁ ନିରେଖି ଦେଖେ। ହେଲେ କିଛି ସମୟପରେ ପୁଣି ଫେରିଆସେ ତାର ପୁର୍ବ ଅବସ୍ଥାକୁ। ସସ୍ମିତାର ଯାଆଁଳା ପୁଅ ହେବାପରେ ସେ ବହୁତ ଘାଣ୍ଟି ହୋଇଯାଇଥିଲା। ମାଆ ତାର ସହରରେ ରହି ବାପାଙ୍କୁ ଏକୁଟିଆ ରଖିବାରୁ ସେ ରୋଗରେ ପୀଡିତ ହୋଇଗଲେ। ମାଆ ବି ବାପାଙ୍କ ପରେ ଔଷଧରେ ବଞ୍ଚିଛି ।

ISSN NO.
2582-208X

ବେଳେବେଳେ ସରୋଜ ଭାବେ ଏ ସଂସାରର ମୂଲ୍ୟକଣ ଯେ କେବଳ ସବୁବେଳେ ଜଳିବା। କେମିତି ସବୁ ହାତ ଠାରୁ ପାଟି ପୁଣି ପାଟିଠାରୁ ହାତ ସିନା। କିନ୍ତୁ ତାର ଅଫିସରେ ଅନ୍ୟମାନଙ୍କୁ ଲକ୍ଷକରି ସେ ଭାବେ ଏସଂସାର ଏମାନଙ୍କୁ ସବୁ ଦେଇଛି। ତାକୁ ଦେଇନି ତାର ପୂର୍ବଜନ୍ମର ଯନ୍ତ୍ରଣା ପାଇଁ ବୋଧହୁଏ ଭାଗ୍ୟ ପାଇଁ ବୋଧହୁଏ। ପିଲାମାନଙ୍କୁ ବଡ କରିବା ପଢେଇବା ଯତ୍ନନେବା ଏହି କେବଳ ସଂସାର ନିୟମ ତାରି ପରି ଲୋକମାନଙ୍କ ପାଇଁ। ଆଉସବୁ ତାପାଇଁ ବେକାର। ସେହି ପୁରୁଣା ଗାଡ଼ିରେ ଯେତେ କମଖର୍ଚ୍ଚରେ ଚାଲିହେବ ସେତିକି ତାପାଇଁ ଯଥେଷ୍ଟ। ସେ ବି ସ୍ୱପ୍ନ ଦେଖିଥିଲା କିନ୍ତୁ ସ୍ୱପ୍ନ ସମସ୍ତଙ୍କର କଣ ସତ୍ୟ ହୁଏ। ତଥାପି ସ୍ୱପ୍ନ ଦେଖିବା ତାପରି ମଧ୍ୟବିତ୍ତ ଲୋକର ନିହାତି ଉଚିତ। ବେଳେବେଳେ ଅନ୍ୟମାନଙ୍କୁ ଦେଖି ଭାବେ କେବେ ଲଟେରୀ ଫଟେରୀ ଉଠନ୍ତାକି ରାତାରାତି ଅନ୍ୟମାନଙ୍କ ସହ ସମାନ ହୋଇଯାଆନ୍ତା। କିନ୍ତୁ ଏସବୁ ଦିବା ସ୍ୱପ୍ନ ଭାବି ଭୁଲ ହୋଇଯାଏ ।

ରାଶିଫଳ ଦ୍ୱାରା ସେ ଖୁସିହୋଇ ଆଉଗୋଟେ ରାଶିଫଳ ପଢିଲାବେଳେ ଦେଖିଲା ତାରି ରାଶି ବହୁତ ଖରାପ, ସେ ଶୀଘ୍ର ବନ୍ଦ କରିଦେଇ ଦାଣ୍ଡକୁ ବାହାରିଗଲା। ସେହିସମୟରେ ଧଳା ପୋଷାକ ପରିହିତ ଜଣେ ଲୋକ ତାକୁ ଦେଖି ତାର ପ୍ରକୃତି ବିଷୟରେ ବିସ୍ତୃତ ସଠିକ ଆକଳନର କଥା କହିଯାଉଛନ୍ତି। ସେ ଆଗ୍ରହର ସହ ଶୁଣିଲା। ଏହି ସମୟରେ ସସ୍ମିତା ବି ପଦାକୁ ଆସିଯାଇଥାନ୍ତି, ସେ ଭବିଷ୍ୟତ ବାଚକ ହଠାତ କହିଲେ ନିଅ ପୁତ୍ର ଏହି ଦ୍ରବ୍ୟ ରଖି ପୂଜାକର ତମର ଭାବନା ଉନ୍ନତ୍ତ ହେବ ଓ ଆର୍ଥିକ ଅନଗ୍ରସରତା ଦୁରୀଭୂତ ହେବ। ଏବାବଦରେ ତମେ ଯାହାଦେବ ଆମେ ସାଦରେ ଗ୍ରହଣ କରିବୁ। ସରୋଜ ଭାବିଗଲା ବୋଧହୁଏ ତାର ଭଲବେଳର ଗଣନା ଆରମ୍ଭ ହୋଇଗଲା। ହଠାତ ଏପରି ବ୍ୟକ୍ତି ଜଣକଙ୍କର ଆବିର୍ଭାବ କାହିଁକି ହୁଅନ୍ତା। ବେଶ ଖୁସି ହେଲେ ଦମ୍ପତି ସେମାନେ ସେହି ପୁଟୁଳା କୁ ନେଇ ପୂଜା ସ୍ଥାନରେ ଥୋଇ ପୂଜାର ବନ୍ଦୋବସ୍ତ କଲେ। ସରୋଜ ଏବେ ବେଶ ଖୁସି ହୁଏ ତା ଜୀବନର କିଛି ହେବାକୁ ଯାଉଛି। ସେ ଆଉ ଧାର କରିବନି ପତ୍ନୀକୁ ଭଲ ଶାଢ଼ୀ ଦେଇପାରିବ, ମାଆକୁ ଟିକେ ତୀର୍ଥ ବୁଲେଇ ନେବ। ଅର୍ଥ ନଥିବା ମନଟା ଯେମିତି ବୁଡିଯାଉଥିବା ମଣିଷ କୁଟାଖଣ୍ଡକ ବି ତାର ସାହରା ।

ସରୋଜର ମାଆ ଠାକୁରଙ୍କ ପାଖରେ ଏପରି ଜିନିଷ ଦେଖି ସଂଶୟ ରେ ଖୋଲିଦେଲେ। ଦେଖିଲେ ମେଞ୍ଚାଏ ପାଉଁଶ। ସରୋଜ ଓ ସସ୍ମିତା ଏହା ଦେଖି ଭାଗ୍ୟର ପରିବର୍ତ୍ତନ ହେବାର

ISSN NO.
2582-208X

ସୁଯୋଗକୁ ଅଣ୍ଡାଳୁଥିଲେ, ଭାବୁଥିଲେ ହାତଭାଗା କପାଳ ରେ କେବଳ ଲଙ୍କାରେ ଲଙ୍କା। ଯିଏ ନିଜର ଭାଗ୍ୟ ନବଦଳାଇ ଯାଯାବର ହୋଇଥାଏ ସେପୁଣି କଣ ଅନ୍ୟକୁ ବଦଳାଇବ।

ସେ ଏବେ ଖୁସିହେଲା ଯାହା ଅଛି ବେଶ ଭଲଅଛି। ସେତିକି ଅନେକଙ୍କର ବି ନାହିଁ ଏଥିରେ ଖୁସିହେବାକୁ ହେବ।।

ସସ୍ମିତା ହସୁଥିଲା ଆମର ଭାଗ୍ୟର କଣ ଆବଶ୍ୟକତା ଅଛି ଯେ ରାତି ପାହିଲେ ଦିନର ଚିନ୍ତା ପୁଣି ରାତି ହେଲେ ଭଲ ନିଦ୍ରାର ଚିନ୍ତା । ବାସ ଏହିତ ଜୀବନ।

ଅରେଇ, ଯାଜପୁର, 9658614728

ISSN NO.
2582-208X

# ଅଭିମାନୀ ମହାଲକ୍ଷ୍ମୀ



ଅଳକା ମହାନ୍ତି

ଦେଖି ହସୁଛି ମୋ କାଳିଆ ଠାକୁର
ପଦ୍ମାଳୟା ଙ୍କ ର ରୋଷ,
ତିନି ଦିନ ପରେ ବାହୁଡ଼ି ଆସିବୁ
ଭାଙ୍ଗ ନାହିଁ  ନନ୍ଦିଘୋଷ !  ୧

ମାନବୀୟ ଲୀଳା ଚାଲିଛି ଏଇଠି
ଖାଉଛୁ ମାଉସୀ ରନ୍ଧା,
ସଂସାର ଜାଣିଛି ଆମର ସମ୍ବନ୍ଧ
ପ୍ରେମ ବନ୍ଧନ ରେ ବନ୍ଧା।  ୨

କଳିଯୁଗ ଲୋକେ ନ ଲୋଡ଼ନ୍ତି କେବେ
ବାପା ମାଆ, ଭାଇ - ଭଗ୍ନି,
ନ ପାଳିବୁ ଯଦି ସଂସାରେ ଆଦର୍ଶ
ନିନ୍ଦା ଟି ଶୁଣିବୁ ପୁଣି ।୩

ତୁମେ ମା କମଳା ଦାରିଦ୍ର୍ୟ ଭଞ୍ଜନୀ
ପତି-ଦାତ୍ରୀ ପଦ୍ମାଳୟା,

ISSN NO.
2582-208X

ତୁମେ ନ ବୁଝିଲେ କିଏ ସେ ବୁଝିବ
କିଏ ଦେବ ସ୍ନିଗ୍ଧ ଛାୟା ?? ୪

ମିଠା ତୁମ ହୃଦ, ମିଠା ତୁମ ସ୍ନେହ
ମିଠା ତୁମେ କମଳିନୀ,
ମୋର ମିଠା ପ୍ରେମ, ତୁମକୁ ଉତ୍ସର୍ଗ
ରୋଷ ତେଜ ପ୍ରଣୟିନୀ ! ୫

ସ୍ଥାବର ଜଙ୍ଗମ ଯେତେ ଶଙ୍ଖ କ୍ଷେତ୍ରେ
ଅବା ଆମ ଶ୍ରୀମନ୍ଦିର,
ତୁମ ବିନା ପ୍ରିୟେ, ସବୁ ଶିରି ହୀନ
ଜାଣିଛ, ସର୍ବେ ତୁମର। ୬

ଭାଙ୍ଗ ତୁମ ମାନ କର ହେ ସ୍ୱାଗତ
ପ୍ରସନ୍ନ ହୁଅ ମୋ ପ୍ରିୟେ,
ରଥେ ବୁଲି ବୁଲି ଭକ୍ତ ଙ୍କ ଗହଣେ
ହେଲୁ ଅବସନ୍ନ ପ୍ରାୟେ । ୭

ସ୍ମିତ ହାସ୍ୟେ ମାଆ ସ୍ୱାଗତ କରନ୍ତି
ଭାଇ ଭଉଣୀ ଙ୍କୁ ସ୍ନେହେ,
ସ୍ୱାଗତ କରୁଛି, ହେ ଜଗତ ସାଇଁ !
ବିଜେ କର ସିଂହାସନେ। ୮

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ପ୍ରେମ ଦରବ



ଜୟଶ୍ରୀ ପଟ୍ଟନାୟକ

ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ
ଯିଏ ବୁଝିଛିରେ ତା ମୂଲ ଜୀବନେ
ପାଇନାହିଁ କେବେ ଦୁଃଖ । 0

ପ୍ରେମର ହିସାବ ପ୍ରେମୀଟିଏ ଜାଣେ
କେତେ ପାଏ କେତେ ନାହିଁ
ସତ ପ୍ରେମ ପଥେ ବାଧା ଯେତେ ଆସୁ
ପ୍ରେମ କେବେ ହାରେ ନାହିଁ
ଚୋରା ପୀରତିରେ ଥାଏ ତ ଛଳନା
ଦିଏ ବେଦନା ଅଧିକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।1

ରାଧା କରିଥିଲା ପ୍ରେମ ମୋହନକୁ
ମୀରା ବି ତ କରିଥିଲା
କାହା ଭାଗରେ ତ ନଥିଲା କହ୍ନେଇ
ରୁକ୍ମିଣୀ ର ଥିଲା ଅଧିକ

ISSN NO.
2582-208X

ସମର୍ପଣ ଭାବ ରହିଲେ ପ୍ରେମରେ
କେବେ ଦିଏନାହିଁ ଦୁଃଖ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।2

ଶରୀର ଚିନ୍ତା କରଇ ଯେ ନର
ପ୍ରେମ ତ ତାଲାଗି ବସ୍ତୁ
ବୈଶାଖୀ ଝାଞ୍ଜି ଆଣଇ ଜୀବନେ
ଆସେନି ଫଗୁଣ ଋତୁ
ଦୁଃଖ ବିରହରେ ନିତି ସ୍ନାନ କରି
ହରାଏ ପ୍ରେମ ମହକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।3

ଗଙ୍ଗନଗର ଛକ
ଆକ୍ସସ ଏଟିଏମ ପାଖ
ଭୁବନେଶ୍ୱର 7 / ମୋ: 7978110474

ISSN NO.
2582-208X

ବେଦାନ୍ତି

# ହେବାନାହିଁ ବେଇମାନ



ନରେନ୍ଦ୍ର ପ୍ରସାଦ ବେହେରା

ବାଲେଶ୍ୱର ମାଟି ଶିକ୍ଷାର ତ ମାଟି
ଭୁଲିତ ପାରିବା ନାହିଁ
କେତେ ମହାରଥୀ ଗଲେଣି ଜିଲ୍ଲାରୁ
କା' ପାଖେ ହିସାବ ନାହିଁ ।୧।

କବି କବୟିତ୍ରୀ ଲେଖକ ଲେଖିକା
ହୋଇଛନ୍ତି କେତେ ଗଢା
ଶିକ୍ଷାକ୍ଷେତ୍ରେ ପୁଣି ସବୁଠୁ ଉଚ୍ଚରେ
ପଢିଛନ୍ତି କେତେ ପଢା ।୨।

ଏହି ଜିଲ୍ଲା ଆମ୍ଭ ଜନମ ଭୁଇଁ ତ
ବଢିଛେ କେତେ ଯତନେ
ପାରିବାନି ଭୁଲି ଜୀବନରେ କେବେ
ବସିଛେ ଆଜି ଆସନେ ।୩।

ଶସ୍ୟ ଓ ଶ୍ୟାମଳା ଏହି ବାଲେଶ୍ୱର
ଜିଲ୍ଲାଟି ଅଟେ ମହାନ
ସାତଜନ୍ମ ପାଇଁ ଗୁଣଗାନ କରି
ଆନନ୍ଦେ କାଟିବା ଦିନ ।୪।

ଧାର୍ମିକ ପୀଠ ଯେ ଅଛି ଏହିଠାରେ
କ୍ଷେପଣାସ୍ତ୍ର ଘାଟୀ ପୁଣ
କଳାକ୍ଷେତ୍ରେ ପୁଣି ସୁନାମ ରହିଛି
କରିବ କିଏ ବଖାଣ ।୫।

ମହା ପୁରୁଷଙ୍କ ଜନ୍ମସ୍ଥଳୀ ଏଠି
ସମସ୍ତେ କହନ୍ତି ଧନ୍ୟ
ଆଶୀର୍ବାଦ ତାଙ୍କ ନମିଳିଲେ ଆମ୍ଭ
ଜୀବନ ହୋଇବ ଶୂନ୍ୟ ।୬।

ISSN NO.
2582-208X

କଲମ ଚାଳନା   କରୁଛନ୍ତି ଆମ୍ଭେ
ଜିଲ୍ଲାର ଉନ୍ନତି ପାଇଁ
କେବେ କେଉଁଦିନ   କା' ଆଗରେ ଆମ୍ଭେ
ଦେବାନାହିଁ ମୁଣ୍ଡ ନଇଁ ।୭।

ସବୁ ଚକଚକ   ନୁହେଁ ସେ ମାଣିକ
ମହାକାଳ ଫଳ ପରି
ଆମ ରାଜଧାନୀ   କେଡେ ମନୋହର
ହେବାନି ତା' ସଙ୍ଗେ ସରି ।୮।

ରହିଛନ୍ତି କେତେ   ବହୁରୂପୀ ଲୁଚି
କହୁଛନ୍ତି ମିଷ୍ଟଭାଷା
ଆଶା ଓ ଭରସା   ଦେଉଛନ୍ତି କେତେ
କରୁଛନ୍ତି ଲୋକହସା ।୯।

ଆମ୍ଭେ ଜିଲ୍ଲାବାସୀ   ଏକତ୍ର ହୋଇବା
ହୋଇବା ନାହିଁ ଗୋଲାମ
କଲମ ମୁନରେ   ଲେଖିବା କବିତା
ପାଇବା ଯେବେ ସଲାମ ।୧୦।

ଭୁଲି ଯିବାନାହିଁ   ନିଜ ଭାଇବନ୍ଧୁ
ପରକୁ ଦେଇ ସମ୍ମାନ
ଦେବାନାହିଁ ତଥ୍ୟ   କାହାକୁ ଯୋଗାଇ
ହେବାନାହିଁ ବେଇମାନ ।୧୧।

ଯୋଡହସ୍ତେ ମୁହିଁ   କରେ ନିବେଦନ
ବୁଝାଇ ଦିଅ ମନକୁ
ଭୁଲ୍ ଥିଲେ ମୋତେ   କରିଦେବ କ୍ଷମା
ନିବେଦନ ସମସ୍ତଙ୍କୁ ।୧୨।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୨୫ )

## ନୁଆଖିଆ ( ନୁଆଖାଇ ) -

ଓଡ଼ିଶାର ପଶ୍ଚିମାଞ୍ଚଳ ପରି ଏହା ଆମଆଡେ ଗୋଟାଏ ସ୍ୱତନ୍ତ୍ର ଦିନ ନୁହେଁ । ଲୋକେ ଏଇ ଶାରଦୀୟ ଋତୁରେ କେବେ ବି ଖାଇ ପାରନ୍ତି ନୁଆ । ଦଶହରା ଦିନଟାକୁ ବେଶି ମହତ୍ତ୍ୱ ଦିଆ ଯାଇଥାଏ ।

ଚୈତ୍ର ମାସରେ ମଧ୍ୟ ଏକ ଆମ୍ବ ନୁଆଖିଆ ପାଳନ ହୁଏ। କୌଣସି ଏକ ଚୈତ୍ର ମଙ୍ଗଳବାର ଦିନ ମଙ୍ଗଳା ଘଟ ପୂଜାରେ କଞ୍ଚାଆମ୍ବ ଓ ଗୁଡ଼ ଭୋଗ କରାହୁଏ । ତା ପୂର୍ବରୁ ଆମ୍ବ ଖାଇବା ନିଷେଧ । ଆଜିକାଲି ତ ବାରମାସୀ ଆମ୍ବ ଋତୁ । ତେଣୁ ଏଇଟା ଅବାନ୍ତର ହେଇ ଗଲାଣି ।

ହଁ, ଧାନ ଅମଳ ହେବା ପୂର୍ବରୁ ଗଡା ଧାନ, ଯେହେତୁ ଉଞ୍ଚା ଜାଗାରେ ହୋଇଥାଏ, ଶୀଘ୍ର ପାଚେ ଓ କମ ଫଳେ । ସେହି ଗଛ ସବୁ କାଟି ତାରି ନାଲିଆ ଚାଉଳରେ କ୍ଷୀରି ହୁଏ । ନୁଆ ଚାଉଳ କିଣା ମଧ୍ୟ ମିଳେ । ଟିକେ ଅଧିକା ଦାମ । ଅତି ଗରିବ ଗୁରୁବା ମାନେ ପୋଷେ ଚାଉଳରେ ଚିନି କିମ୍ବା ଗୁଡ଼ ଦେଇ ଭୋଗ କରି ଦିଅନ୍ତି । ମାଆ ଲୋକଙ୍କର ନୂଆ ଧାନ କୁଟି କିଛି ଚାଉଳ ଭୁତି ପାଇଥାଏ । ସେଇଥିରେ ଆମର କାମ ଚଳେ ।

ISSN NO.
2582-208X

ନୁଆ ଚାଉଳର ନାଲିଆ ନାଲିଆ କ୍ଷୀରି, ଭେଣ୍ଡି ଆମ୍ବିଳା, ବୋଇତାଳୁ ଶାଗ, ଏହାହିଁ ନୁଆଖିଆର ସ୍ୱତନ୍ତ୍ର ଅନ୍ନ ବ୍ୟଞ୍ଜନ । ବୋଇତାଳୁ ଶାଗରେ କଷି ବୋଇତାଳୁ, ଝିଙ୍ଗା (ଜହ୍ନି), ଭେଣ୍ଡି, କେନା (କାନସିରି), ପୋଇ ପତ୍ର, ପୁରୁଣି ଓ ଅନାବନା ଶାଗ ମିଶେଇ ଲୁଣ ସହିତ ସିଝେଇ ତା ଉପରେ ଶୁଖିଲା ଲଙ୍କା ଓ ରସୁଣ ଛୁଙ୍କ ଦିଆ ହୁଏ । ଏତେ ସରଳ ଭାବରେ ରନ୍ଧା କିନ୍ତୁ ଅତ୍ୟନ୍ତ ସ୍ୱାଦିଷ୍ଟ ।

କଂସା ବେଲା ଗୋଟିଏକୁ ବୁନିଆଦି  ଏକ ମାତ୍ର କଂସା ଥାଳିରେ ମାଆ ନାଲିଆ କ୍ଷିରୀ ବାଢ଼ି ଦିଏ, ପୂଜା ଆଗରୁ। ଥଣ୍ଡା ହେବା ଲାଗି, ନହେଲେ  ଗରମ ଅଠାଳିଆ କ୍ଷୀରି ଚଟ୍ ଚଟ୍ ତାଳୁ ଓ ଜୀଭରେ ଲାଗି ଫସକା ହେଇ ଯିବ ଯେ।

କୋଉ ଅମଳର ଆମ କୁଳଦେବତା  ବିଶ୍ୱକର୍ମା,  ପାଞ୍ଚ ଛଅ କିଲିଆ ଶିଳପୁତା (ଶିଳପୁଆ) ପରି ଲୁହା ପିଣ୍ଡକୁ ମାଆ ଗାଧେଇ ଦେଇ ଦେଇ ପିଣ୍ଡି ପାଖରେ ଥୁଏ । ସିନ୍ଦୂର, ଚନ୍ଦନ ପରିପାଟି କରି,  ଧୂପ, ଦୀପ, ଦୂବ, ବରକୋଳି ପତ୍ର ଦେଇ ପୂଜା କରେ । କଦଳୀ ପତ୍ରରେ ଭୋଗ ଲଗାଏ। ବାଡ଼ିରେ ମଧ୍ୟ ଭୋଗ ଲଗାଏ।

ଆଜି ତ ଅନୀନାନି ଆସିଥାନ୍ତି, ତେଣୁ କଂସାଥାଳିରେ ନାନୀ ଖାଆନ୍ତି । ମୁଁ ରଫଲ୍ ଥାଳିରେ ଖାଏ। ବାପା ଛକରୁ ଆସି ନଥାନ୍ତି। ମିଠା କ୍ଷୀରିକୁ ଚେଙ୍କା (ଖଟା) ଭେଣ୍ଡି ଆମ୍ବଳା ଆଉ କଞ୍ଚାଲଙ୍କା ଦଳା ରାଗୁଆ ରାଗୁଆ ଶାଗ ଅମୃତ ପ୍ରାୟ ଲାଗେ ।

ନାନୀ ନିଜର ପାଠପଢ଼ା କଥା କହି ଉଲୁସି ଉଠୁଥାନ୍ତି। ମୁଁ ମୋ ହୋଷ୍ଟେଲ୍ ଜୀବନ ବିଷୟରେ ଗପେ, ନାନୀ ତାଙ୍କର ଶାଶୁଘର ବିଷୟରେ ଗପନ୍ତି। ଟାଟା ସହର ବିଷୟରେ କୁହନ୍ତି। ସେଠାରେ କେତେ କଳ କାରଖାନା କେତେ ଗାଡ଼ି ମଟର କେତେ ବିଜୁଳି ଆଲୁଅ। ରାତିଟା ମଧ୍ୟ ଦିନପରି ଉଜ୍ଜ୍ୱଳ। ମୁଁ ମଧ୍ୟ ଉତ୍ସାହିତ ହୋଇ କହୁଥାଏ ଯେ ଆମ ସ୍କୁଲରେ ମଧ୍ୟ ବିଜୁଳି ଆଲୁଅ ଜଳେ। ମୁଁ ଢେର୍ ରାତି ପର୍ଯ୍ୟନ୍ତ ପଢ଼ି ପାରେ।

ଆଉ ମଧ୍ୟ କୁହନ୍ତି ସେଠାରେ ଝିଅ ମାନଙ୍କର ସ୍କୁଲ୍ ଅଛି। ଝିଅମାନେ ପାଠ ସହିତ କେତେ କାମ ଶିଖନ୍ତି। ଉଲ୍ ବୁଣା, ଲୁଗାସିଆଁ, ଫୁଲପକା ଆହୁରି କେତେ କଣ। ମୋ ମୁଣ୍ଡରେ

ISSN NO.
2582-208X

ସେତେବେଳେ ଭି ନୀରୁ ଭାଉଜଙ୍କ ମଉଳି ଯାଉଥିବା ପ୍ରତିଭା ବିଷୟ ବୁଝେ ନାହିଁ କି ସିଆଡେ ଧ୍ୟାନ ଯାଏ ନାହିଁ ।

ଦଶହରା ସରିଯାଏ, ମୋର ବିଦାୟ ବେଳ ଆସିଯାଏ। ମଧୁର ବେଳା ମାନଙ୍କର ଆୟୁଷ ଖୁବ୍ କମ୍ ଥାଏ, ମଧୁର ବେଳା ମାନେ ଦଗାବାଜ୍, ପଲକ ମାତ୍ରେ ସରି ଯାଆନ୍ତି। ଦୁଃଖ ଦୀର୍ଘଜୀବୀ, ମଣିଷର ଚିର ସହଚର ହେଇ ରହି ଯିବାଟା ତାର ଉପଲବ୍ଧି, ସେ ଶୀଘ୍ର ଛାଡ଼ି ଯିବାକୁ ମନ ବଳାଏ ନାହିଁ।

"ଦୁଃଖ ତୋ ଅପନା ସାଥି ହୈ"

ମାଆ ପୁଣି ଗୁମୁରି ଗୁମୁରି କାନ୍ଦିଲା ଲୁଚେଇ ଲୁଚେଇ, ବାପା ପୁଣି ନିଃସ୍ୱ ହେଇଗଲା ପରି ଦେଖାଗଲେ। ତାଙ୍କର ଭରଣିକିଆ ମୁହଁଟା ଫେଣଫେଣିଆ ଦେଖାଗଲା, ମୁଁ ପୁଣି ସେହି ସ୍ୱପ୍ନଟାକୁ ଆଉଡେଇଲି। ଚଇନୁ ତ ଜମା ରାଜୀ ହେଉ ନଥିଲା ପୁନର୍ବାର ହୋଷ୍ଟେଲ୍ ଯିବାପାଇଁ।

- ପାଠଟା କି ନିହାତି ଦରକାର? ପାଠ ନାଇଁ ପଢ଼ିଲେ ସମ୍ଭିଏଁ ମରି ଯାଉଛନ୍ ନା କି? ମୋର୍ ବେଠି ଖଟବି ପଛେ ନାଇଁ ଯିବି? ମୋର୍ ମୁଣ୍ଡ୍ ରେ ଭୁକତେ ନାଇଁ ଗୋ ପାଠ। ଏ ମାଆ ମୁଇଁ ନାଇଁ ଯିବି ଗୋ।।

ଭେଁ ଭେଁ ରଡ଼ୁଥିଲା ଆଉ ଛକରେ ଗଡ଼ୁଥିଲା ଚଇନୁ । ଖୁଡ଼ୀ ସାଉଁଟି ଧରୁଥିଲେ ତାକୁ ।

- ନାଇଁ ଯାଉ ନା। ମନ୍ ଟା ଖାଟ କରିକରି ଗଲେ କି ଟା କେନ୍ଦଲେଇ ପକେଇବ । ଥାଉ ଏଢ଼େ ମୋର୍ । ମରଦ ଛୁଆ । ହାତ ଗୋଡ଼ ଦେଇଛନ୍ ଭଗବାନ୍। ଖଟବ ଖାଇବ। ଗୁଟେଇ ତ ଚାକରୀ କରୁଛି। ସମ୍ଭାଳି ନେବ ନାଇଁ?

ଏଇଆ ଥିଲା ସେ ସମୟର ମନୋବୃତ୍ତି ବାପ ମାଆଙ୍କର। ଜଣେ ଯଦି ପାରିଗଲା ତାରି କାନ୍ଧରେ ସବୁ ଭାଇ ଭଉଣୀ ବସି ଯାଆନ୍ତି। ଭାଇ ଭଉଣୀ ପୁଣି ଗୋଟେ ନା ଯୋଡେ? ଦଶ

ISSN NO.
2582-208X

ବାର ପର୍ଯ୍ୟନ୍ତ ଭାଇ ଭଉଣୀ ହେଉଥିଲେ। ଘରର ବଡ଼ପୁଅ ହେଲେ ଭାଇ ଭଉଣୀଙ୍କ କଥା ସମ୍ଭାଳୁ ସମ୍ଭାଳୁ ଅଣ୍ଟା ଭାଙ୍ଗି ଯାଉଥିବ କି କଣ।

ପରିବାର ନିୟୋଜନ କେବଳ କାନ୍ଥରେ ବାଡ଼ରେ ପୋଷ୍ଟର୍ ହେଇ ରହିଥିଲା ସେତେବେଳେ। ଯେବେ କି ଉଣେଇସ ଶହ ବାଉନ୍ ମସିହାରେ ଭାରତ ବିଶ୍ୱର ପ୍ରଥମ ଦେଶ ଥିଲା ପରିବାର ନିୟୋଜନ ପ୍ରବର୍ତ୍ତକ ହିସାବରେ । ମଇସୁର ମହାରାଜା ବାଙ୍ଗାଲୋରରେ 1930 ମସିହାରେ ପରିବାର ନିୟୋଜନ କ୍ଲିନିକ୍ ଖୋଲା କରେଇଥିଲେ। ନେହେରୁଙ୍କ ସମକ୍ଷରେ ଏହି ପ୍ରସ୍ତାବ ବାଢ଼ିଥିଲେ ଟି ରାମାରାଓ ସ୍ୱାଧୀନତା ପରେ। କି ଆଶ୍ଚର୍ଯ୍ୟ ନା? ସ୍ଥିତି ଏଇଆ ଯେ ଆଜି ଆମ ଭାରତ ଜନସଂଖ୍ୟାରେ ଚୀନକୁ ପରାଜିତ କରିବାର କଗାରରେ।

ଆମ ସ୍କୁଲ୍ ପାଚେରୀ ବାହାର ପଟେ ହଳଦିଆ ରଙ୍ଗରେ ଚିତ୍ର ସବୁ ଦେଖିବାକୁ ମଜା ଲାଗୁଥିଲା। ବାପ ମୁଣ୍ଡ, ମାଆ ମୁଣ୍ଡ, ଗୋଟିଏ ବେଣୀ ଥାଇ ଝିଅ ମୁଣ୍ଡ ଓ ପୁଅ ମୁଣ୍ଡ। କଣ ପାଇଁ ସେ ଚାରିଟା ମୁଣ୍ଡ ଚିତ୍ର ଛପା ହେଉଥିଲା ସେସବୁ ବିଷୟରେ କାହାର ମୁଣ୍ଡ ଖେଳେଇବା ଦରକାର ନଥିଲା। ଛପେଇବା ବାଲା କହିଦେଲେ, ଛାପିବା ଲୋକେ ଛାପି ଦେଲେ। କାମ ଖତମ୍ ପୈସା ହଜମ୍ ।

ସେସବୁ ସ୍ଲୋଗାନ୍ ଆମେ ପିଲାମାନେ ଗାଇବା କଥା ଗାଉଥିଲୁ, ଟାୟାର୍ ଗଡ଼ଉ ଗଡ଼ଉ, ନଇରେ ଉଞ୍ଚା ପଥରରୁ ଡିଙ୍ଗବାଜି ମାରୁ ମାରୁ, ଟିର୍ ବାଡ଼ି ( ଗୁଲି ଡଣ୍ଡା) ଖେଳୁ ଖେଳୁ -

"ହମ୍ ଦୋ ହମାରେ ଦୋ"
"ଦୁସରା ବଚ୍ଚା କବ୍ , ପହଲା ପଢ଼ନେ ଯାଏ ତବ୍"
"ଦୁସରା ବଚ୍ଚା ଅଭି ନହିଁ, ତିସରା ବଚ୍ଚା କଭି ନହିଁ"

ଗଣିଆ ଭାଇ କିନ୍ତୁ କିଛି ଶୁଣି ନଥିଲେ। ଚଇନୁକୁ ମଣିଷ କରି ଠିଆ କରେଇବେ ହିଁ କରେଇବେ। ତାଙ୍କ ଜିଦି ସାମନାରେ ତାଙ୍କ ମାଆଙ୍କ କାନ୍ଦର କିଛି ମୂଲ୍ୟ ନଥିଲା । ସେ ଚଇନୁକୁ ଟାଣି ଟାଣି ନେଇ ବସେଇଦେଲେ ଡଙ୍ଗାଧର କାକାଙ୍କ ଡଙ୍ଗାରେ। ରାସ୍ତା ସାରା ସେ ଧକଉଥିଲା। ମୁଁ ବୁଝେଇ ପାରୁ ନଥିଲି, ମାଆ ମୁହଁ, ବାପା ମୁହଁ ମନେ ପଡ଼ି ମୋ ଅବସ୍ଥା

ISSN NO.
2582-208X

କାହିଲା, ଗଣିଆ ଭାଇ ଓଲଟା ତଡ୍ ତଡ୍ ଦୁଇଟା ଥାପଡ୍ ବସେଇଦେଲେ, ତା ଗାଲରେ ପାଞ୍ଚ ଆଙ୍ଗୁଳି ଚିହ୍ନ ହେଇଗଲା।

- ଚୁବ୍ ଦେଉଛୁ ନା ଦେଖବୁ ଏନାଗି, ଡଙ୍ଗାଧର କାକା ବୁଝେଇ ସୁଝେଇ ଦେଲେ।

ସେଇ କାନ୍ଦ ଶେଷ କାନ୍ଦ ଥିଲା ଚଇନୁର। ଏଥର ଆଉ କିଛି ନାଇଁ, ଖାଲି ପାଠପଢ଼ା। ମନ ଲାଗିଗଲା ।

ଧୀରେ ଧୀରେ ଧିମା ପଡ଼ି ଆସିଲା ଆମର ବାଲ୍ୟ ଚଞ୍ଚଳତା । କୈଶୋରର ଗାମ୍ଭୀର୍ଯ୍ୟ ଛଡେଇ ନେଉଥିଲା ଶିଶୁ ସୁଲଭ ବାଚାଳତା। ଦାୟିତ୍ୱବୋଧ ଓ କର୍ତ୍ତବ୍ୟଶୀଳତା ଆମକୁ ଆଗେଇ ନେଉଥିଲା । ମହତ୍ତ୍ୱାକାଂକ୍ଷା ଡାକ ଦେଉଥିଲା, ଚାଲ୍, ଆଗକୁ ବଢ୍, ଛୁଇଁ ପକା ଆକାଶର ସୁନୀଳ ଉଚ୍ଚତା, ନାପି ଦେ ସମୁଦ୍ରର ସୁନୀଳ ଗଭୀରତା, ଆକଣ୍ଠ ପାନ କର୍ ପୃଥିବୀର ନୀଳ ସୁନ୍ଦରତା।

ଛୁଟିରେ ଗାଁକୁ ଯାଉଥିଲୁ, ଛୁଟି ସରିଲେ ଫେରୁଥିଲୁ। ଚିରାଚରିତ ଭାବରେ ଚାଲିଥିଲା ଜୀବନ କିନ୍ତୁ ସେଇ ମଝିରେ ବଦଳି ଯାଉଥିଲା ଅନେକ କିଛି । ବଦଳି ଯାଉଥିଲୁ ଆମେ ଶାରୀରିକ ଓ ମାନସିକ ସ୍ତରରେ। ବଦଳି ଯାଉଥିଲା ଗାଁ ସେଇମିତି ଶାରିରୀକ ଓ ମାନସିକ ସ୍ତରରେ। ହାଫପେଣ୍ଟ ଛାଡ଼ି ଫୁଲପେଣ୍ଟ ଓ ଲୁଙ୍ଗୀ ପିନ୍ଧିଲୁ ଆମେ ।

ନିପଟ ଗାଁ ବିକାଶର ମୁଖ୍ୟ ଧାରାରେ ଯୋଡ଼ି ହେବା ପାଇଁ କଳେବର ବଦଳୁଥିଲା। ଶ୍ରୀଧର ସାଆନ୍ତ ଆଉ ଚଇନୁ ଘରକୁ ଛାଡ଼ି ଆହୁରି ଦଶ ପନ୍ଦର କୋଠା ଠିଆ ହେଇଗଲା ଗାଁରେ। ବର୍ଷା ଦିନରେ ମଧ୍ୟ ନିର୍ମଳ ପାଣି କଳକଳ ହେଇ ବୋହୁଥିବା ମୁରୁମ୍ ରାସ୍ତାରେ ଟ୍ୟୁବ୍ ୱେଲ୍ ରୁ ଅହରହ ପାଣି ବୋହି ପଙ୍କୁଆ, କାଦୁଆ, କେଚକେଚିଆ ହେଇ ଯାଉଥିଲା ରାସ୍ତା ଖରା ଦିନରେ ମଧ୍ୟ।

ନଈର ପଥୁରିଆ ଘାଟରେ ପାହାଚ ସବୁ ତିଆରି ହେଇ ପିଚ୍ଛିଳ ଓ ଶିଉଳିଆ ହେଇଗଲା। ନଈ ପାଖର ଚାଷଜମି ବିକ୍ରି ହେଇ ଫ୍ୟାକ୍ଟ୍ରୀ ବସିଲା । ବାହାର ଲୋକ ରମଣୀୟ

ISSN NO.
2582-208X

ସ୍ୱାସ୍ଥ୍ୟପ୍ରଦ ଜାଗା ବୋଲି ଜାଗା କିଣିଲେ, କୋଠା ପିଟିଲେ। ପାକାଘରର ପ୍ରତିଯୋଗିତା ଚାଲିଲା । ଫ୍ୟାକ୍ଟରୀର ଗନ୍ଧିଆ ପାଣି ନଈକୁ ଛାଡ଼ିଲେ । ନଈ ହେଲା ମଇଳା । ବାଲି ବୁହା ହେଲା ଶଗଡ଼ ଶଗଡ଼ । ଚାଲିଲା ପଥର ବାଲି ମାଫିଆ ।

ଏଥିରେ ବଳୀ ପଡ଼ିଲେ ସରଳତା, ଆତ୍ମୀୟତା, ସହୃଦୟତା। କୋଠା ମାଳ ମାଳ ଭିତରେ ରେ ହଜିଗଲା, ନଡ଼ିଆମାଳ, ତାଳବଣ, ଆମ୍ବ ପଣସ ତୋଟା, କିଆ କେତକୀ ବଣ, ସିଜୁ ଅମରି ବାଡ଼, ବାସଙ୍ଗ ଫୁଲ, ଏମିତି ଆହୁରି କେତେ କଣ । ଆହୁରି ଆହୁରି ବିକାଶୋନ୍ମୁଖି ହେଉଛି ଗାଁ, କେଜାଣି କେଉଁଠି ଏଇ ବିକାଶ ଉନ୍ମାଦର ବିରାମ ?

ନବମ ଶ୍ରେଣୀରେ ମୁଁ ଯାଇଥିଲି ଟାଟା, ଛାତ୍ରବୃତ୍ତି ପରୀକ୍ଷା ଦେବାନାଗି। ଗଣିଆ ଭାଇଙ୍କ ସାଙ୍ଗରେ । ସେଇ ଜିଲ୍ଲା ସ୍କୁଲ ଠାରୁ ଅଳ୍ପ ଦୂରରେ ଥିଲା ବସ୍ ଷ୍ଟାଣ୍ଡ। ସକାଳେ ସଞ୍ଜେ ଦୁଇଟା ବସ୍ ଯାଉଥିଲା ଟାଟା ନଗର।

ଅନୀନାନିଙ୍କ ସ୍ୱାମୀ ଅଧ୍ୟାପକ ବିରଞ୍ଚି ନାରାୟଣ ଗୋଟାଏ ଗାଡ଼ି ନେଇ ଆସିଥିଲେ। ଧଳା ଆମ୍ବାସାଡର୍। ନୂଆ ନେଇଥିଲେ ବୋଧେ। ମୁଁ ପ୍ରଥମ ଥର ପାଇଁ କାର୍ ରେ ବସିଲି।

ତାଙ୍କ ଘରେ ପହଞ୍ଚି ମୁଁ ବିଶ୍ୱାସ କରି ପାରିଲି ନାହିଁ ଯେ ଘର ପୁଣି ଏମିତି ହୁଏ। କି ସୁନ୍ଦର ଘର କି ହୋ ? ଶ୍ରୀଧର ସାଆନ୍ତଙ୍କ ଘର ମଧ୍ୟ ଅନେକ ବଡ଼ କିନ୍ତୁ ଗାଉଁଲୀ ହିସାବରେ । ଏଠାରେ ତ ଏମିତି ଏମିତି ଚିଜ ସବୁ ଖଞ୍ଜା ହେଇଥିଲା ଯେ, ସେ ସବୁ ବିଷୟରେ କଳ୍ପନା ମଧ୍ୟ କରି ନଥିଲି ମୁଁ । ଘର ସାମନାରେ ବିରାଟ ବଗିଚା । କେତେ ପ୍ରକାର ଦେଶି ବିଦେଶୀ ଫୁଲ । ଘାସ ଗାଲିଚା । ଗୋଲାପ ଫୁଲ ପୁଣି ଏତେ ପ୍ରକାର ନା ।

ଗ୍ୟାସ ଚୁଲ୍ହା, କୁକିଂ ରେଞ୍ଜ, ଖୁବ୍ ବଡ଼ ରେଡ଼ିଓ, ବିଭିନ୍ନ ରକମର ଚେୟର୍, ଖାଇବା ପାଇଁ ପୁଣି ଯେ ସତରେ ଟେବୁଲ୍ ଚେୟର୍ ହୁଏ ପଢ଼ିଥିଲି ମୁଁ, ଏଇଠି ସତରେ ଦେଖିଲି । ଓଃ କେଡ଼େ ଭାଗ୍ୟବତୀ ସତରେ ଅନିନାନୀ ।

ଅନୀନାନି ମେଟ୍ରିକ ପାସ୍ କରି ଆହୁରି ପଢୁଥିଲେ ଆଗକୁ ।

ISSN NO.
2582-208X

ମୁଁ ସ୍କଲାର୍ଶୀପ୍ ପରୀକ୍ଷା ଦେଇ ଘରକୁ ଫେରିଲି । ନାନୀ ବିବେକା ମାଷ୍ଟର୍ ପାଇଁ ଗଦାଏ ବହି ଓ ଛୋଟିଆ ଟ୍ରାଞ୍ଜିଷ୍ଟର୍ ଟିଏ, ଗଣିଆ ଭାଇଙ୍କୁ ଓ ମୋତେ ଗୋଟିଏ ଲେଖା ରୋଲେକ୍ସ ଘଡ଼ି ଦେଇଥିଲେ ।

ପ୍ରଥମ ଛାତ୍ରବୃତ୍ତି, ଜିଲ୍ଲା ସ୍କୁଲରେ ଏକ ଉତ୍ସବର ଦିନ ସିଏ ଆଉ ମୋ ଜୀବନର ଭି ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମଝିଆ



ବାସନ୍ତୀ ଲତା ଜେନା

ବାଲ୍ୟ ଯୌବନ ବୃଦ୍ଧ ଅବସ୍ଥା ଆସେ ଜୀବନ କାଳେ
ମଧ୍ୟମ ସ୍ଥାନ ଯୌବନ ନିଏ ବୃଦ୍ଧ ଅବସ୍ଥା ଭାଳେ ।୧ ।
ମାନବ ତନୁ ମୋଟା ପତଳା ମଧ୍ୟମା ପ୍ରିୟ ହୁଏ
ମଝି ଦଣ୍ଡଟି ସଫା ସୁତାରା ମନ ଲୋଭାଉ ଥାଏ ।୨।
ମଝି ଶବ୍ଦଟି କେଡେ ସୁନ୍ଦର ଲାଗଇ ମନ ଛୁଆଁ
ମଝି ମଝିକା ଘରଟି ଯାର ଚୋରକୁ ଡର କିଆଁ ।୩।
ମଝି ସନ୍ତାନ ଅତି ଉତ୍ତମ ପୁରାଣେ ଅଛି ଲେଖା
ବଡ଼ ସାନଠୁ ଶ୍ରେଷ୍ଠ ସେ ହୁଏ ବିଦ୍ୟା ବୁଦ୍ଧିର ଚୋଖା ।୪।
ତ୍ରିଦେବ ମଧ୍ୟେ ବିଷ୍ଣୁ ମହାନ ପାଳନ କର୍ତ୍ତା ପରା
ସାରା ସଂସାର ପାଳନ କାରୀ କରୁଣା ବାରୀ ଧାରା ।୫।
ପଞ୍ଚୁ ପାଣ୍ଡବ କୁନ୍ତୀଙ୍କ ପୁତ୍ର ଅର୍ଜୁନ ହେଲେ ଶ୍ରେଷ୍ଠ
ମହାଭାରତେ ଶ୍ରୀକୃଷ୍ଣ ଦେଲେ ଗୀତା ଜ୍ଞାନର ପାଠ ।୬।
ଦଶରଥଙ୍କ ତୃତୀୟ ରାଣୀ କୈକେଇ ନାମ ଯାର
ଯୋଦ୍ଧା ସାହସୀ କର୍ମଠ ବୀରା ମାନ ବହୁତ ତାର ।୭।
ରାମ ଚନ୍ଦ୍ରଙ୍କ ମଝିଆଁ ଭାଇ ଭରତ ଶ୍ରେଷ୍ଠ ସିଏ
ଭାତୃ ପ୍ରେମର ତ୍ୟାଗର ମୂର୍ତ୍ତି ଯୁଗ ଗାରିମା ଗାଏ ।୮।

ISSN NO.
2582-208X

ପୃଥିବୀ ପୃଷ୍ଠେ ବିଷୁବ ରେଖା ମଧ୍ୟ ଭାଗରେ ଥାଏ
ଉପର ପଟେ କର୍କଟ କ୍ରାନ୍ତି ତଳେ ମକର ଥାଏ ।୯।
ମଝି ଶବଟି ନ୍ୟୁନ ନୁହଇଁ ସ୍ୱତନ୍ତ୍ର ତାର ସ୍ଥାନ
ଗୀତ କାହାଣୀ ମଝି ଅଂଶଟି ନ ଥିଲେ ଲାଗେ ଶୂନ ।୧୦।
ମଝିଆଁ ଯେତେ ଭଉଣୀ ଭାଇ ନ ମଣ କେବେ ସାନ
ତୁମର ମାନ ସବୁଠୁ ବେଶୀ ନ କର ଅଭିମାନ ।୧୧।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଚନ୍ତା



ଡ. ଜ୍ଞାନେଶ୍ୱର ମିଶ୍ର

ଦୁନିଆରେ ଏପରି କେହି ଲୋକ ଅଛିକି
ଯିଏ ଛାତିରେ ହାତ ରଖି ହଲପ କରି କହିପାରିବକି
କିଛି ଚିନ୍ତା ନାହିଁ ମୋରେ ।
ଏ ମଣିଷ ତ ଛାର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ଚିନ୍ତା ବି କରନ୍ତି କିପରି ଚଳାଇବେ
ତାଙ୍କ ଗଢା ଏ ସଂସାର ॥
ପୁଳା ପୁଳା ସୁଚିନ୍ତା, କୁଚିନ୍ତାରେ ଭରପୂର
ମୃତ୍ୟୁ ଅବଧି ଏ ମଣିଷ ମନରେ ।
ଅଲିଖିତ ନିୟମ ଏ ସମଗ୍ର ସୃଷ୍ଟିର
ପ୍ରକାରରେ ଭେଦ ଥାଇପାରେ ॥
ମନ୍ତ୍ରୀ ତନ୍ତ୍ରୀଙ୍କର ଚିନ୍ତା ବଞ୍ଚି ରହିଥାଉ
ତାଙ୍କ ପଦବୀ ଆସନ ।
ଉଗ୍ରପନ୍ଥୀ ଚିନ୍ତାକରେ ହତ୍ୟା ଓ ହିଂସାର
ବିଷାକ୍ତ ଔଷଧ ପିଇ ଜନସାଧାରଣ
କାହାର ସ୍ତ୍ରୀକୁ କ୍ୟାନ୍ସର,
ଯୁକ୍ତ ୧ ରେ ପୁଅ ୨ ଥର ଫେଲ
ଉବୁଟୁବୁ ହୁଏ ସେ ଚିନ୍ତାରେ
ନାହିଁ ଅର୍ଥ, ସବୁ ବ୍ୟର୍ଥ

ISSN NO.
2582-208X

କପାଳରେ ହାତମାରେ ॥
ବୁଢା ଜେଜେର ଚିନ୍ତା ପୁଅ କିମ୍ବା ନାତି
ଟଂକା ଦେବେକି ଭଂଗା ଚଷମା ସଜାଡିବା ପାଇଁ
ଦାନ୍ତ ଡାକ୍ତର ଫିସ୍ ଦେଲା ପରେ
ପାଖରେ ଆଉ ଟଂକାଟିଏ ନାହିଁ ॥
ଭିକାରୀଟି ଭାବେ ଆଜି ଭିକ ମୁଲୁବେଶୀ
ଆନନ୍ଦରେ ଖାଇବ ଓଳିଏ
ଖୁସିରେ ହସଟିଏ ହସି
ଚାରିଆଡେ ଚିନ୍ତାର ଭାଇରସ
ସମଗ୍ର ସଂସାରକୁ କବଳ କରିଛି
"ମୋର କିଛି ଚିନ୍ତା ନାହିଁ" କହିବା ଲୋକଟା
ତାହା ମିଛ କହୁଅଛି ॥

୪୯/୫/ଏଚ-୫୫, କର୍ଲ ମାର୍କ୍ସ ସରଣୀ
କୋଲକାତା ୭୦୦୦୨୩

ISSN NO.
2582-208X

# କର୍ତ୍ତବ୍ୟ ପଥେ ପଥଗାମୀ



ଅଜିତ କୁମାର ରାଉତ

ରାଗଃ- ଶଙ୍କରାଭରଣ

ଆସ ଭାଇ କର୍ତ୍ତବ୍ୟର ପଥେ ରହିଥିବା
ସମାଜ କଲ୍ୟାଣେ କର୍ମ ନିତ୍ୟେ କରୁଥିବା
କର୍ମରେ ପ୍ରୀତି ରଖିବା
ରାଷ୍ଟ୍ର ଶକ୍ତିଶାଳୀ ବନ୍ଧୁ ସେବାରେ କରିବା !!
ଉଚିତ ସମୟ ବନ୍ଧୁ ଭାରତେ ଆସିଛି
ଆତ୍ମନିର୍ଭରରେ ଯୁବା ରାଷ୍ଟ୍ରରେ ହେଉଛି
ନୂଆ ନୂଆ ଆବିଷ୍କାର
ଯୁବା ଓ ଯୁବତୀ କରେ କର୍ମ ନିରନ୍ତର !!
ଅମୃତ ଏ କାଳ ପରା କର୍ମରୁ ଆସିଛି
ଅତ୍ୟାଧୁନିକ ର ଚାଷ କୃଷକ କରୁଛି
ବୈଜ୍ଞାନିକ ରୀତି ଚାଷ
ପାଏ ଚାଷୀ ଭାଇ ଲାଭ ଅଧିକା ତା ଶସ୍ୟ !!
ସଂସ୍କୃତି ସଂସ୍କାର ରକ୍ଷା କର୍ତ୍ତବ୍ୟ ଆମର
ଧର୍ମ ସନାତନ ଅଟେ ବିଶ୍ୱାସ ଦେଶର
କର ସୁରକ୍ଷା ତାହାର
ରାଷ୍ଟ୍ର ଦେଉ ଅଛି ମନ୍ତ୍ର ଶାନ୍ତି ଓ ପ୍ରେମର !!
ରାମଙ୍କ ବିଶାଳ କୀର୍ତି ସଂସ୍କୃତି ସଂସ୍କାର
ଶାସନ ରାଷ୍ଟ୍ରର ମନ୍ତ୍ର ସମଭାବ ଯାର
କରୁ ଅଛି ତା ଗୁଞ୍ଜନ

ISSN NO.
2582-208X

ତାର ବଳେ ହୁଏ ପ୍ରାପ୍ତି ରାଷ୍ଟ୍ରର ସୁନାମ !!
ଗାଆଁରୁ ସହର ଏବେ ଏକ ହିଁ ପ୍ରକାର
ହେଲା ସୁସଜ୍ଜିତ ଏବେ ବଡ଼ ହିଁ ସୁନ୍ଦର
ତହିଁ ପୁଣି ଡିଜିଟାଲ
ଡ଼ର ଭ୍ରଷ୍ଟାଚାରୀ ଅତି ହୁଏ କଲବଲ !!
ପ୍ରେମ ଶ୍ରଦ୍ଧାଭକ୍ତି ପ୍ରୀତି ରାଷ୍ଟ୍ରେ ଅଙ୍କୁରିତ
କୃଷ୍ଣ ରାମ ଦାରୁବ୍ରହ୍ମ ଗୁଞ୍ଜେ ଅବିରତ
ନାମ ଗୁଞ୍ଜେ ହନୁମାନ
ଗାଉ ଛନ୍ତି ଜନ ନାମ ହୋଇଣ ପ୍ରଶନ୍ନ !!
ଅପୂର୍ବ ଉତ୍ସାହ ରାଷ୍ଟ୍ରେ ନାହିଁ କା ଅଭାବ
ପୂରଣ କରେ ଶାସନ କୁଟୁମ୍ବର ଭାବ
ସେବା ହିଁ ଶାସନ ମନ୍ତ୍ର
ଦିଶୁ ଅଛି ରାଷ୍ଟ୍ରେ ବନ୍ଧୁ ଏବେ ଲୋକତନ୍ତ୍ର !!
ବସୁଧୈବ ଭାବ ରାଷ୍ଟ୍ରେ ହେଲା ଅଙ୍କୁରିତ
ଅନ୍ୟାୟ ଓ ଅତ୍ୟାଚାର ହେଉଛି ସମାପ୍ତ
ଡ଼ର ଭୟେ ଭ୍ରଷ୍ଟାଚାରୀ
ନ ପାରନ୍ତି ଆଉ ଏବେ ଭ୍ରଷ୍ଟାଚାର କରି !!
ସ୍ୱପ୍ନ ଟା ସାକାର ପରି ଜନତା ଜାଣୁଛି
ସମ୍ମାନ ଆଦର ବହୁ ବିଶ୍ୱରେ ହେଉଛି
ସ୍ୱପ୍ନ ଏହୁ ବିଶ୍ୱ ଗୁରୁ
ଅମୃତ କାଳରେ ତାହା ହୋଇ ଗଲା ଶୁରୁ !!

କଳାବାଡିଆ
ମୋ:- ୬୨୦୫୩୪୩୫୬୯
ସଭାପତି ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା ଝାଡ଼ଖଣ୍ଡ ରାଜ୍ୟ

ISSN NO.
2582-208X

# କନିଷ୍କଙ୍କ "ପିପି": ଏକ ସ୍ମୃତିଲିପି



ଡ. ପ୍ରତୀଚୀ ନନ୍ଦ

(୧)

ଏକବିଂଶ ଶତାବ୍ଦୀର ବହୁ ଚର୍ଚ୍ଚିତ, ବିତର୍କିତ କବି ଓ କଥାକାର ହେଉଛନ୍ତି କନିଷ୍କ ଶ୍ରୀଚରଣ ମହାନ୍ତି । ସେ ମୋଟ ତିନିଗୋଟି ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ପ୍ରଥମ ଉପନ୍ୟାସ "ଘାଟ" ଏକ ସତ୍ୟ ଘଟଣାକୁ କେନ୍ଦ୍ର କରି ରଚିତ କଥାବସ୍ତୁ ସମ୍ବଳିତ ଉପନ୍ୟାସ । ଯାହା ୧୯୯୪ ମସିହାରେ ପ୍ରକାଶ ପାଇଥିଲା । ଏହା ଦୂରଦର୍ଶନରେ ଧାରାବାହିକ ଭାବରେ ମଧ୍ୟ ପ୍ରସାରିତ ହୋଇଛି । ଦ୍ୱିତୀୟ ଉପନ୍ୟାସଟି ହେଉଛି "ପାପ" ୧୯୯୫ ମସିହାରେ ପ୍ରକାଶିତ । ବଙ୍ଗ ଦୁର୍ଭିକ୍ଷ ଓ ଦେଶ ବିଭାଜନର ଭୟଙ୍କରିତା, ଲୁଟପାଟ୍, ଗଣଧର୍ଷଣ ଓ ନରସଂହାର ଉପରେ ଆଧାରିତ ଐତିହାସିକ ଘଟଣା ସମ୍ବଳିତ କଥାବସ୍ତୁରେ ଏହା ପୁଷ୍କଳ । ତାଙ୍କ ଦ୍ୱାରା ରଚିତ ତୃତୀୟ ଉପନ୍ୟାସଟି ହେଉଛି "ପିପି" । ୨୦୧୯ ମସିହାରେ ଏହା ପ୍ରକାଶିତ ଏକ ଭିନ୍ନ ରଚିର ଉପନ୍ୟାସ । ଗୋଟିଏ ପାଳିତ ଠେକୁଆର ସ୍ମୃତିରେ ଏହା ରଚିତ । ନାମ ତାର "ପିପି" । ସେ କେବଳ ଠେକୁଆଟିଏ ନୁହେଁ ତାର ଆନ୍ତରିକତା, ଭଲପାଇବା, ଅଭିମାନ, କ୍ରିୟା-ପ୍ରତିକ୍ରିୟାରୁ ସେ ପୁଅଟିଏ ହୋଇପାରିଛି । ସାମାନ୍ୟ ପଶୁଟିଏ ହୋଇବି ସେ ସନ୍ତାନ ପାଲଟିଯାଇଛି ତା ବିଶ୍ୱସ୍ତତାରେ । ସମଗ୍ର ଉପନ୍ୟାସରେ ପ୍ରାଣୀ ମନର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟବେକ୍ଷଣ ବେଶ ଅନୁମେୟ । ପ୍ରଥମେ ବଜାରରୁ କିଣାହୋଇ ଆସିବା ଦିନଠାରୁ ମୃତ୍ୟୁ କୋଳରେ ଶୋଇବା ପର୍ଯ୍ୟନ୍ତର ବୃତ୍ତାନ୍ତ ବେଶ ଅଶ୍ରୁସିକ୍ତ କରେ ପାଠକଙ୍କୁ ।

ISSN NO.
2582-208X

ଏ ବିଶ୍ୱ ସର୍ଜନାରେ ସର୍ବଶ୍ରେଷ୍ଠ ପ୍ରାଣୀ ହେଉଛି ମନୁଷ୍ୟ । ସେ ଅପାର ଶକ୍ତିର ଅଧିକାରୀ । ସେଥି ମଧ୍ୟରୁ ମୁଖ୍ୟ ହେଉଛି ତାର ଚିନ୍ତା କରିବାର ଶକ୍ତି ଏବଂ ଦ୍ୱିତୀୟଟି ବାକଶକ୍ତି । "ପିପି" ର ମନୁଷ୍ୟ ପରି କହିପାରିବାର ସାମର୍ଥ୍ୟ ନଥିଲେ ହେଁ ତାର ପ୍ରତିକ୍ରିୟା, କାରଯ୍ୟକଳାପରୁ ଅନେକ କିଛି ବୁଝିହୁଏ ବୋଲି ବେଶ ହୃଦବୋଧ କରିଛନ୍ତି ଔପନାସିକ । "ପିପି" ଭିତରେ ଅନେକ ମାନବୀୟ ଗୁଣାଗୁଣ ସହିତ ରହିଛି ମଧ୍ୟ ପ୍ରାଣୀ ସୁଲଭ ଜୈବିକ କ୍ରିୟା । ତାର ହସ, କାନ୍ଦ, ମାନ, ଅଭିମାନ ସବୁକୁ କେତେ ନିଖୁଣ ଭାବରେ ବୁଝିହୁଏ, ଉପନ୍ୟାସ ଭିତରେ ।

(୨)

"ପିପି" ଉପନ୍ୟାସରେ ମାନବୀୟ ଚରିତ୍ରର ବର୍ଣ୍ଣନା ରହିଥିଲେ ହେଁ ଅଣମାନବୀୟ ଚରିତ୍ର ଠେକୁଆ "ପିପି" ହିଁ ଏହାର ମୁଖ୍ୟ ଚରିତ୍ର । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କାହାଣୀ ର ଗତିରେ "ପିପି" ହେଉଛି କେନ୍ଦ୍ରବିନ୍ଦୁ । ଘଟଣାକ୍ରମରେ ନିଜେ କଥାକାର, ତାଙ୍କର ପତ୍ନୀ, ଝିଅ, ଅନ୍ୟ ଠେକୁଆ "ପିପି" ପରି ଚରିତ୍ରମାନେ ଆସିଥିଲେ ହେଁ "ପିପି" ରହିଛି ମୁଖ୍ୟ ଭୂମିକାରେ । ଉପନ୍ୟାସର ପ୍ରାକ୍ ପୃଷ୍ଠାରେ ଗେଲା ପୁଅ "ପିପି" କୁ ସମର୍ପି କଥାକାର ଲେଖିଛନ୍ତି – "ଯୋଉ "ପିପି" ର ଋଣ ଆମେ ସୁଝିପାରିବୁନି କେବେ, ଯୋଉ "ପିପି" କୁ ନେଇ ଏ ଉପନ୍ୟାସ, ସେଇ "ପିପି" ପୁଅକୁ ....." (କନିଷ୍କ, ପିପି, ପୃଷ୍ଠା-୩ ) ।

ଠେକୁଆଟିକୁ ଘରେ ପାଳିବା ନେଇ ସମାଜରେ କେତେ ଅନ୍ଧବିଶ୍ୱାସ ରହିଛି । ଯାହାକୁ କଥାକାର ତାଙ୍କ ଡ୍ରାଇଭର ସଂଳାପରେ ଦେଖାଇ ଦେଇଛନ୍ତି – "ପୁଣି ଆଉଗୋଟେ ଠେକୁଆ! ଠେକୁଆ ପାଳିଲେ ଭଲ ନୁହେଁ, ଭିକାରୀ ହେଇଯାଆନ୍ତି ।" (ପୃଷ୍ଠା-୭) ତାର ଏପରି ମନ୍ତବ୍ୟର ପ୍ରତି ଉତ୍ତରରେ ମଧ୍ୟ ରଖିଛନ୍ତି କଥାକାର କନିଷ୍କ ।

"ପିପି" ନିଜର ଜନ୍ମଗତ ପ୍ରବୃତ୍ତି ହେତୁ ଥରେ ଲେଖକଙ୍କ ଦୁଇଦିନ ଅନୁପସ୍ଥିତିରେ ବହି ଗୋଦାମର କେତୋଟି ବହି, କମ୍ପ୍ୟୁଟର ପାୱାର ସପ୍ଲାଏ କର୍ଡ, ସ୍କାନରର କର୍ଡ ସାତ ଆଠ ଜାଗା, ମାଉସ୍, କି ବୋର୍ଡ ଓ ମୋବାଇଲ୍ ଚାର୍ଜର କର୍ଡକୁ କାଟି ଛିଣ୍ଡେଇ ଦେଇଛି । ଲେଖକ

ISSN NO.
2582-208X

କିନ୍ତୁ ଏଥିରେ ପ୍ରତିକ୍ରିୟାଶୀଳ ହୋଇ ନାହାନ୍ତି । ବାସ୍ ଟିକିଏ ଦେଖାଣିଆ ଅଭିମାନରେ ପୁପୁକୁ କୋଳରେ ବସାଇ ଆଦରକରି ପିପିକୁ କହିଛନ୍ତି – ତୁ ଦୁଷ୍ଟ ! ତୁ ସବୁ କାଟିକୁଟି ପକଉଛୁ । ତୋତେ ମୋଟେ ଗେଲ କରିବିନି । ଲେଖକ ଯେତେଥର ତା ମୁଣ୍ଡକୁ ଠେଲି ଦେଲେ ମଧ୍ୟ "ପିପି" ବାରମ୍ବାର ତା ମୁଣ୍ଡ ଦେଖଉଥାଏ ଗେଲ ହେବ ବୋଲି । ସେ ଯେମିତି ବୁଝିପାରୁଥିଲା ମାନବୀୟ ଶବ୍ଦପୁଞ୍ଜର ଅର୍ଥ । ଆଦର ପାଇଁ ସେ କେମିତି ବିକଳ ହୋଇ ଉଠେ ତାର ସ୍ୱଷ୍ଟ ଚିତ୍ର ଏଠାରୁଏ ଦେଖିବାକୁ ମିଳେ ।

ପୁପୁ ଏବଂ "ପିପି" କୁ ଦେଇଦିଆଗଲା ଝିଅ ସ୍କୁଲରେ ସାଇନ୍ସ ମିସ୍ ଙ୍କ ଘରକୁ । ଗୋଟିଏ ଅନ୍ଧବିଶ୍ୱାସ ପାଇଁ ଦୁଇଟି ନିଷ୍ପାପ ପ୍ରାଣ ସ୍ଥାନାନ୍ତରିତ ହୋଇଗଲେ । କ୍ଷୋଭ, ଅଭିମାନରେ ସେଠାରେ ସେମାନେ କିଛି ଖାଇଲେନି । ଶେଷରେ ମିସ୍ ଙ୍କ ଘରୁ ଫେରାଇ ଆଣିଲେ ଦୁହିଁଙ୍କୁ । ହେଲେ ଏପରି ଆଚରଣ ତାକୁ ଭାରି ବାଧିଥିଲା । "ପିପି" ତିନି ଚାରିଘଣ୍ଟା ପରେ ଡିଆଁଡେଇଁ କଲା ମାତ୍ର ପୁପୁ ସେଇ ଗୋଟିଏ ଜାଗାରେ ଚୁପଚାପ୍ ବସି ରହିଲା । ଡାକ୍ତର ଦେଖି କହିଲେ ତାକୁ ଜର ହେଉଛି । ସେଇ ଜରରେ ସେ ଚାଲିଗଲା ଇହଧାମକୁ ।

ଜଣଙ୍କର ଅନୁପସ୍ଥିତିରେ ଯେମିତି ବିବ୍ରତ ହେଉଥିଲା "ପିପି" । ଖଟତଳେ, ପଞ୍ଜୁରୀ ଭିତରେ, ଡାଇନିଂ ଟେବୁଲ୍ ଚେୟାର୍ ତଳେ, ସୋଫା ତଳେ ଥରକୁ ଥର ପଶିଯାଇ ଖୋଜି ଆସୁଥିଲା "ପିପି" । ଲେଖକ ନିଜକୁ ଆଉ ସମ୍ଭାଳି ନପାରି କୋହ ଚାପି ଉଠି ଆସିଲେ ଅଧାକାମରୁ । "ଏତିକିବେଳେ "ପିପି" ଦୌଡି ଆସିଲା । ପଛ ଦି ଗୋଡରେ ଠିଆ ହୋଇ ସେ ଦ୍ୱାର ମୁହଁରୁ ଚାହିଁ ରହିଲା ମୋ ମୁହଁକୁ । କେତେ କରୁଣ କାତର ତା ଆଖି! ମୋତେ ପଚାରୁଥିଲା ! ପୁପୁ କାଇଁ?" (ପୃଷ୍ଠା-୧୯) କଥାକାରଙ୍କ ଭାଷାରେ ପିପି କାନ୍ଦୁଥିଲା – "ମୁଁ ତାକୁ କୋଳକୁ ଉଠାଇ ଆଣିଲି । ସେ ସୁଁ ସୁଁ ହୋଇ କାନ୍ଦୁଥିଲା । ତା କାନ୍ଦଣାର କ୍ଷୀଣ ସ୍ୱର ମୋ ଠି ଭେଦି ଯାଉଥିଲା । କୋହରେ ଥରି ଉଠୁଥିଲା ତାର ଓଠ । ଏତିକି ଟିକିଏ ଛାତି ।" (ପୃଷ୍ଠା-୨୪)

କୌଣସି ଅଚିହ୍ନା ପ୍ରତି "ପିପି"ର ବ୍ୟବହାର ଦେଖିବାକୁ ମିଳେ ନୂଆ ମାଇ ଠେକୁଆଟିଏ କିଣା ହୋଇ ଆସିବା ପରେ । ତାକୁ ବାରମ୍ବାର ଠେଲି ପକାଏ । ନିଜେ ଖାଇନା କି ତାକୁ

ISSN NO.
2582-208X

ମଧ୍ୟ ଖାଇବାକୁ ଦିଏନା । ଧିରେ ଧିରେ ଆପଣେଇ ନେଲା । ହେଲେ ମାଈ ଠେକୁଆଟିର ଖେଳରେ ଆଗ୍ରହ ନଥିବାକୁ "ପିପି" ଦୌଡିଯାଇ ଲେଖକଙ୍କୁ ଚାହିଁ ପାଦରେ ଚଟାଣ ଆମ୍ପୁଡି ଅଭିଯୋଗ ଜଣାଏ । ଶେଷରେ ନୂଆ ମାଈ ଠେକୁଆକୁ ଫେରାଇ ଦିଆଗଲା । "ପିପି" କିନ୍ତୁ ସବୁବେଳେ ପୁପୁ କୁ ଝୁରେ, ଖୋଜେ ।

ଖାଲି "ପିପି" ନୁହେଁ, ଲେଖକ ସେତିକି ସମ୍ବେଦନଶୀଳ ମଣିଷ ହୋଇ ନଥିଲେ ଶବ୍ଦବିହୀନ ପିପିର ସବୁ ଭାଷାକୁ ବୁଝିପାରିନଥାନ୍ତେ । ସେତିକି ଉଦାର ବୋଲି ତ "ପିପି" ମୁହଁକୁ ଚାହିଁ ଖାଇପାରିଲେନି ରନ୍ଧା ଖାସି ମାଂସ । ସେବେଠୁ ଲେଖକ ତାଙ୍କର ପତ୍ନୀ ଏବଂ ଝିଅ ମଧ୍ୟ ମାଂସ ଛାଡିଦେଲେ ।

"ପିପି" ତା ପାଉଥିବା ଆଦରକୁ ବାଣ୍ଟିବାକୁ ଚାହେଁନା । ତେଣୁ ଖୁସିରେ ମୋ ବାବା ବୋଲି କହି ଅନ୍ୟ କେହି ଗେଲ ହେଲେ ଲୁଗାକୁ ଆମ୍ପୁଡି ଟାଣି ସେଠୁ ତଡିଦିଏ । ସେ ଯତ୍ନ ନିଏ, ତେଣୁ ରାତିରେ ସାଢେ ଦଶରୁ ସାଢେ ଏଗାର ଭିତରେ ଆସୁଥିବା ନିର୍ଦ୍ଦିଷ୍ଟ କଲ୍ କୁ ରାଗେ । ଝିଅର ପରୀକ୍ଷା ସମୟରେ ପାଠ ପଢିବାକୁ ତାଗିଦ୍ କରି ଗାଳି ଦେବାପରେ ଝିଅର କାନ୍ଦ ଦେଖି "ପିପି" ଚଟାଣରେ ଖୁବ୍ ଜୋରରେ ଦି ଥର କାହାକୁ ଧରା ଦେଲାନି ଚାରି ପାଞ୍ଚଦିନ । ସେବେଠୁ ଝିଅକୁ ଯେତେ ଦୁଷ୍ଟ ହେଲେ ବି କେହି ଗାଳି କରନ୍ତିନି । "ପିପି" ର ପ୍ରତିବାଦ ର ସ୍ୱର ଏଠାରେ ଖୁବ୍ ମାର୍ମିକ ।

ଅନେକ ଥର "ପିପି" ଅନେକ ବିପଦରୁ ଉଦ୍ଧାର କରିଛି । ତେଲ କଡେଇକୁ ଗ୍ୟାସରେ ବସାଇ ବାଥରୁମ୍ ଚାଲିଯାଇଥିବାରୁ "ପିପି" ତିନି ଚାରିଥର ତାଳି ମାରିଲା ପରି ଶବ୍ଦ କରି ବାଥରୁମ୍ କବାଟକୁ ଆମ୍ପୁଡି ଘର ନିଆଁ ଲାଗିବାରୁ ରକ୍ଷା କରାଯାଇଥିଲା । କ୍ଷୀର ଉତୁରିଯିବାରୁ ଡାକ ପକେଇବା, ଗୋଦାମ ଘରେ ବଣୁଆ ମୂଷାକୁ ଡାକି ନେଇ ଦେଖାଇଦେବା, ଗୋଦାମ ଘରେ କେହି ପଶିଗଲେ ଜଣେଇ ଦେବା ଆଦି ପରି ଅନେକ କିଛି "ପିପି" କରିଛି । ସେତିକି ନୁହେଁ ନାଗ ସାପ କବଳରୁ ଲେଖକଙ୍କ ଜୀବନ ମଧ୍ୟ ବଞ୍ଚାଇଛି ।

ISSN NO.
2582-208X

କଥାକାରଅଙ୍କ ମତରେ – "ଆହାର ନିଦ୍ରା ମୈଥୁନ ... ଏଥିରୁ କାହାର ନିସ୍ତାର ନାଇଁ! ପିପି ବାଦ୍ ଯିବ କେମିତି? ସେଟା ତା ଜୀବନର ସ୍ରୋତ !" (ପୃଷ୍ଠା-୪୯) । ସେ କାମବଶତଃ ନିଜର ଯୌନାଙ୍ଗକୁ ବାହାର କରି ଲୁଚି ଲୁଚି ଚାଟେ । ଏହା ଏକ ସ୍ୱାଭାବିକ ପ୍ରବୃତ୍ତି ।

(୩)

"ପିପି" ଠେକୁଆର ଚାରିବର୍ଷର ଜୀବନ ଅବଧି ହିଁ ଅଲୋଚ୍ୟ ଅପନ୍ୟାସସ୍ଥ କାହାଣୀର ସମୟ ପରିଧି । ଗୋଟିଏ ଅଣମାନବୀୟ ଚରିତ୍ରକୁ ମୁଖ୍ୟ ସ୍ଥାନରେ ରଖି ଉପନ୍ୟାସ ରଚନା କରିବା ସାହିତ୍ୟିକ ସମାଲୋଚନାରେ ପରୀକ୍ଷା ନିରୀକ୍ଷା ବା ପ୍ରୟୋଗ ହୋଇପାରେ । ମାତ୍ର "ପିପି" କୌଣସି ପ୍ରୟୋଗର ଉର୍ଦ୍ଧ୍ୱରେ । ଗୋଟିଏ ଜୀବନ ଅବଦାନ । ଆନ୍ତରିକତାରେ ସନ୍ତପ୍ତ ପିତୃତ୍ୱର ସ୍ମୃତି ର୍ଝାରଣରୁ ଜନ୍ମ ନେଇଛି ଏଇ ଉପନ୍ୟାସ । "ପିପି" ଏପରି ଏକ ଚରିତ୍ର ଲେଖକଙ୍କ ଜୀବନରେ, ଯାହାର ବିକଳ୍ପ ନାହିଁ । ତା ଚାଲିଯିବାକୁ ଗ୍ରହଣ କରିନେବା ପରିବାର ପକ୍ଷରେ ଦୁଃସାଧ୍ୟ ଥିଲା । ତା ଠାରୁ ଅଧିକ ମର୍ମନ୍ତୁଦ ଥିଲା "ପିପି" ଚାଲିଯିବା ପରେ ଘରେ ବିଛେଇଯାଇଥିବା ଶୂନ୍ୟସ୍ଥାନ । ଯାହା କେବେ ପୂରଣ ହେବନି । ସେ ଯାଇଛି ଯେତିକି, ତାଠାରୁ ଅଧିକ ଦେଇଯାଇଛି ନିଃଶବ୍ଦରେ । ଖୁବ୍ ବାସ୍ତବ ଭାବରେ ଉପସ୍ଥାପିତ ହୋଇଥିବା ଉପନ୍ୟାସର କାହାଣୀକୁ ଅଧିକ ବାସ୍ତବ କଲେ ପ୍ରଥମପୁରୁଷୀୟ ଶୈଳୀର ଉପସ୍ଥିତି । ଲେଖକ ମୁଁ, ମୋର ଆଦି ପରି ଶବ୍ଦ ଯୋଗେ କାହାଣୀ ମଧ୍ୟରେ ସ୍ୱୟଂ ଉପସ୍ଥିତ ରହି ନିଜ ଜୀବନର କିୟଦଂଶ ପ୍ରକାଶ କରିବା ବେଳେ "ପିପି" ର ସମତ କ୍ରିୟା ପ୍ରତିକ୍ରିୟା, ହର୍ଷ, ବିଷାଦ, ଅଭିମାନ, ଭୟ, ରାଗ ଚିତ୍ରକଳ୍ପ ପରି ଆଙ୍କି ହୋଇଯାଏ ଆଖିରେ । ଏହା କହିବା ଅନୁଚିତ ହେବ ନାହିଁ ଯେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପନ୍ୟାସସ୍ଥ କାହାଣୀରେ ଆବେଗର ତୀବ୍ର ପ୍ରବାହ ସହିତ ଲେଖକଙ୍କର "ପିପି" କୁ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ବେଶ ଅନୁମେୟ ।

ଭାଷାରେ ନାହିଁ ସାହିତ୍ୟରେ ଆଡ଼ବ ଶବ୍ଦ ଗାମ୍ଭୀର୍ଯ୍ୟ । ଖୁବ୍ ସହଜ ସରଳ କଥିତ ଭାଷା ଏବଂ ଶବ୍ଦ ବିନ୍ୟାସରେ ଉପନ୍ୟାସ ଗତି କରିଛି । ତାର ଆବଶ୍ୟକତା ମଧ୍ୟ ପଡିନାହିଁ । ପାଠକଟେ ଗୋଟିଏ ଥରରେ ପଢି ଶେଷ କରିଦେବା ପରି ଉପନ୍ୟାସ ରଚନା କରିବା ପାଇଁ

ISSN NO.
2582-208X

ଦରକାର ହୁଏ ଭାବ ତାରଲ୍ୟ ଶବ୍ଦ ବିନ୍ୟାସ । ଯେଉଁଥିରେ ଗୋଟିଏ ଶବ୍ଦ ପାଖରେ ପାଠକ ବ୍ୟାଘାତପ୍ରାପ୍ତ ହେଉନଥିବା ଭାବ ଓ ଆବେଗର ଝର ଝର ରସ ଆସ୍ୱାଦିବାରେ । "ପିପି" ର ସମ୍ପୂର୍ଣ୍ଣ ଜୀବନ ସହ ନିଜ ଜୀବନର କିୟଦଂଶ ଶବ୍ଦରେ ବସାଇ ଅବିକଳ କହିପାରିବାରେ ବେଶ୍ ସଫଳ ହୋଇଛନ୍ତି ଔପନ୍ୟାସିକ । ଏହି ସଫଳତାର ପରିସୀମା ବାହାରେ କିନ୍ତୁ ରହିଥିବା ନଗ୍ନସତ୍ୟଟି ହେଉଛି, ଏ ସମସ୍ତ "ପିପି" ପାଇଁ ସମର୍ପିତ ।

ଅମ୍ବାପୂଜା, ହଳଦୀପଦା,
ବାଲେଶ୍ୱର - ୭୫୬୦୨୭
Email: pratichinanda@gmail.com

ISSN NO.
2582-208X

# ଏ ଜୀବନ
# ଦୁଇଦିନିଆ ଧନ



ପ୍ରତିଭା ଦାସ

ଏ ଜୀବନ, ଦୁଇଦିନିଆ ଧନ
ହାତ ପାପୁଲିରେ ପ୍ରାଣ
ହାତ ଖୋଲି ଗଲେ
ପକ୍ଷୀ ଉଡ଼ି ଯିବ
ଛିଣ୍ଡାଇ ସ୍ନେହ ମମତାର ବନ୍ଧନ ।

ମିଛ ଧନ ଜନ, ମିଛ ଏ ଯୌବନ
ମିଛ ଏହି ମାୟାର ସଂସାର
କ୍ଷଣିକ ମଧ୍ୟରେ ସବୁ ଶୁନ୍ୟ ହେବ,
ମଶାଣିରେ ହୋଇବ ଘର ତୋର ।

କାହିଁପାଇଁ ଏତେ ଅହଂକାର
କ'ଣ ଅଛି ତୋର
ଜୀବନ ଉଧାର, ଶରୀର ଉଧାର
ନାମ ବି ପାଇଛୁ ଉଧାରରେ

କେଉଁ କଥାରେ ଏତେ ଦମ୍ଭ ତୋର,
ଗଲା ବେଳେ ସବୁ ଛାଡ଼ି ଯିବୁ ସାର
ଖଣ୍ଡିଏ ଲୁଗାରେ ଘୋଡ଼ାଇବେ
ଶବ ତୋର
ପରଦିନ ତୋତେ ବୋଲିବେ ଭୂତ
ଏହାହିଁ ଜୀବନର ଧ୍ରୁବସତ୍ୟ ।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X



# ମଧୁର ସ୍ମୃତି ଟିଏ

ମନୋରମା ମହାନ୍ତ

ତୁ ତ ମୋର
ଅଭୁଲା ଅତୀତଟିଏ
ମଧୁର ସ୍ମୃତି ଟିଏ !
କେମିତି ଭୁଲିବି ତୋତେ
ତତେ ଭୁଲିଲେ ତ
ନିଜେ ବି ନିଜକୁ ଭୁଲି ଯିବି !
ତୋତେ ଭୁଲିବାର
ସକଳ ପ୍ରଚେଷ୍ଟା ମୋର
ବ୍ୟର୍ଥ ହୋଇଯାଏ ;
ତୁ ତ ମୋ
ଭିତରେ ବାହାରେ
ସମଗ୍ର ସତ୍ତାରେ !!

ଭାବନାର ଖିଅ
ଯେଉଁଠି ଛିଡିଯାଏ.....
ସବୁ ସ୍ୱପ୍ନର ସମ୍ଭାବନା
ଯେଉଁଠି ଗୋଳ ମାଳ ହୋଇଯାଏ;
ଆଖି ଉଠାଇ
ଚାହିଁଲା ବେଳକୁ
ସେଇଠି ନୀରବରେ
ତୁ ଛିଡ଼ା ହୋଇଥାଉ !!!

କୂଳସାହି,
ଜଗତସିଂହପୁର

ISSN NO.
2582-208X

# ପୁସ୍ତକ ପ୍ରେମୀ



ବର୍ଷାରାଣୀ ମହାମଲ୍ଲିକ

କରିବା କୁ ଯଦି ଅଛି କାହାକୁ ନିଜର
ତ କର ପୁସ୍ତକ କୁ,
ପୁସ୍ତକ ବି ତୁମକୁ ଭଲ ପାଇ ବସିବ
ଯଦି ତୁମେ ଦେବ ତାକୁ ମନ, ପ୍ରାଣ, ହୃଦୟ
ତା ପ୍ରତି ବଦଳ ରେ ସେ ତୁମକୁ ଫେରେଇ ଦେବ
ସଫଳତା, ସ୍ୱାତନ୍ତ୍ର୍ୟତା, ବଞ୍ଚିବା ର ସ୍ୱାଧୀନତା
ସେ କେବେ ଠକି ଦିଏନା କଳାବଜାରୀ ଦୋକାନୀ ପରି
ଶସ୍ତା ବେକାରୀ ପ୍ରେମ ପରି
ନିଶ୍ଚିତ ଭାବରେ ସେ ଦେବ ଏକ ନୂଆ ପରିଚୟ,
ଯାହାକୁ ନେଇ ବଞ୍ଚିବ ତୁମେ ଅତି ଗର୍ବ ରେ...
ତାକୁ ତୁମେ ଚାହିଁଦେଖ,
ଯେତେ ପରିମାଣ ରେ ଦେଖନା କାହିଁକି
ପରିଣାମ କିନ୍ତୁ ସୁନ୍ଦର ହେବ ଅତି ସୁନ୍ଦର
ଗଛ ର ନବ ବିକଶିତ ଫୁଲ ପରି

ISSN NO.
2582-208X

ସଦ୍ୟ ପ୍ରସ୍ଫୁଟିତ ବାସ୍ନାଯୁକ୍ତ ଫୁଲ ର୍ ଗନ୍ଧ ପରି
ଆଉ ବି କେତେ...
ତାକୁ ଥରେ ଜୀବନ ରେ ଉପଯୋଗ କରିପାରିଲେ
ସେ ଆଣିଦେବ ନୂଆ ଉନ୍ମାଦନା, ନିଆରା ଭାବନା
ନୂଆ ନୂଆ ସ୍ୱପ୍ନ, ନୂଆ ଅକାଂକ୍ଷା ଆଉ ହଁ ନୂଆ ଜୀବନ।
ବାସ୍ ଥରେ ଆଜେବାଜେ ଜିନିଷ ଛାଡ଼ି..
ପୁସ୍ତକ ପ୍ରେମୀ ହୁଅ।

ବରଗଡ଼
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

ISSN NO.
2582-208X

# ତଥାପି ଆଶା ବଞ୍ଚିଛି



ଦେବଦତ୍ତା ଦେବୀ

ପ୍ରାୟ ଆଠ ବର୍ଷ ପରେ ଜେଲ ବାହାର କୁ ଆସି ଖୋଲା ପବନ ଦେହ ରେ ବାଜି ବାରୁ ପ୍ରତୀକକୁ ଲାଗିଲା ସତରେ ତା ଦେହ ରେ ଜୀବନ ଅଛି, ଜୋର ରେ ନିଶ୍ୱାସ ନେବାକୁ ଲାଗିଲା । କିନ୍ତୁ ଜେଲ ଫାଟକ ବାହାରେ ଅନ୍ୟ କଏଦୀ ଙ୍କ ପାଇଁ ତାଙ୍କ ସମ୍ପର୍କୀୟ କିଏ ନା କିଏ ଅପେକ୍ଷା କରିଛନ୍ତି । ହେଲେ ଆଖି ବୁଲେଇ ଆଣିଲା ବେଳକୁ ତାକୁ ତ ଏଡ଼େବଡ଼ ପୃଥିବୀରେ ଜଣେ ବି କେହି ଅପେକ୍ଷା କରିବାର ପାଇଲାନାହିଁ । ସରକାରଙ୍କର କୌଣସି ଏକ ନିଜ ଲୋକ କୁ ଜେଲରୁ ବାହାର କରିବାର ପ୍ରଶାସନିକ ଆଦେଶ କାର୍ଯ୍ୟ କରା ହେବାରୁ ପ୍ରତୀକ ଏବଂ ଆଉ ଚାରିଜଣ ବି ସେଇ ମାଡ ରେ ମୁକ୍ତ ହେବାର ଆଦେଶ ପାଇଲେ । ହଠାତ ଜେଲ କତୃପକ୍ଷ ଙ୍କମତ ରେ ନରହନ୍ତା ପ୍ରତୀକ ତା ଚରିତ୍ର ରେ ଅନେକ ସୁଧାର ଆସିଯାଇଛି । ନମ୍ର, ବିନୟୀ, ଶାନ୍ତ, ପାଠୁଆ, ଜେଲ ରେ ଥିଲା ବେଳେ କମ୍ପୁଟର ଏକ୍ସପେର୍ଟ ର ଅତିଉତ୍ତମ ପ୍ରମାଣ ପତ୍ରଟିଏ ପାଇ ସମ୍ପୂର୍ଣ ସଜା ପାଇବାର ସମୟ ପୂର୍ବରୁ ବିଦ୍ଧିମତେ ସରକାର ଙ୍କ ଦ୍ୱାରା ଅବଶିଷ୍ଟ ଦଣ୍ଡ ସମୟ କ୍ଷମା କରାଯାଇ ଜେଲ ରୁ ମୁକ୍ତ ହେଲା ।

ଜେଲ ବାହାରକୁ ଏତେ ଦିନ ପରେ ବାହାରିବା ବେଳେ ମନ ଭାଇ କୁ ଖୋଜୁଥିଲା । ସେ ନିଶ୍ଚିତ ଥିଲା ଯେ ଭାଇ ନିଶ୍ଚୟ ଚିଣ୍ଟୁ କୁ ଧରି ପ୍ରତୀକ କୁ ନବାକୁ ଆସିବ । କିଛି ଗୋଟେ ଅସୁବିଧା ହେଇଥିବ ଭାବି ସେ ଆଗେଇ ଚାଲିଲା ବସ ଷ୍ଟାଣ୍ଡ ଆଡକୁ । ବସ ରେ ବସିଲା ଗାଁ ଗୋବିନ୍ଦପୁର ଉଦ୍ଦେଶ୍ୟ ରେ । ଗାଁ ଦାଣ୍ଡରେ ଓହ୍ଲେଇ ପଡିଲା ବଡ ଖୁସିରେ ଲମ୍ବା ନିଶ୍ୱାସଟିଏ ନେଇ ଗାଁ ପାଣି ପବନ କୁ ଅନୁଭବ କରିବାକୁ ଲାଗିଲା । ଚାଲି ଚାଲି ଗାଁ ରାସ୍ତାରେ ଗଲା ବେଳକୁ କେତେ ବଡ଼ ବଡ ଦୋକାନ ସବୁ ଠିଆ ହବାର ଦେଖି ଏଇ ଆଠ ବର୍ଷରେ ଗାଁ

ISSN NO.
2582-208X

ମାନଚିତ୍ର ରେ କେତେ ପରିବର୍ତ୍ତନ ନିରେଖି ନିରେଖି ଦେଖୁଥିଲା ବେଳେ ହଠାତ ତା କାନରେ ବାଜୁଥିଲା ପଥଚାରି ଙ୍କର କଥା । ଏଇଟା ତ ପ୍ରମୋଦ ର ଭାଇ ପ୍ରତୀକ ମଣିଷ ମରାଟାରେ । କାନ ରେ ବାଜୁଥିବା କଥା ସବୁକୁ ଭୃକ୍ଷେପ ନକରି ବଡ ବଡ଼ ପାହୁଣ୍ଡ ପକେଇ ଆଗେଇ ଚାଲିଲା ପ୍ରତୀକ। ମନରେ ଯେ ଅଦମ୍ୟ ଆଗ୍ରହ ଭାଇ ଭାଉଜ ମିଲ୍ଲୀ ଚିଣ୍ଟୁ କୁ ଦେଖିବା ପାଇଁ। ଚିଣ୍ଟୁ ଏ ଭିତରେ କେତେ ବଡ ହେଇଜିବଣି ତୃତୀୟ କି ଚତୁର୍ଥ ଶ୍ରେଣୀରେ ପଢିବନି, ଏମିତି କେତେ କଥା ମୁଣ୍ଡ ଭିତରେ ଆଉଟ ପାଉଟୁ ହଉ ହଉ ଘର ଆଗରେ ପହଂଚି ଭାଇ ବୋଲି ପାଟିଟେ କରିଦେଲା। ପାଟି ଶୁଣି ଭାଇ ବାହାରକୁ ଦୌଡ଼ି ଆସିଲା, ତାକୁ ଦେଖି ଭାଇ ଆଖିରେ ଖୁସିର ଝଲକ ତ ଦେଖି ପାରିଲାନି ପ୍ରତୀକ ବରଂ ବିସ୍ମୟ ଏବଂ ବିରକ୍ତି ର ଭାବ ଫୁଟି ଉଠୁଥିଲା। ଭାଇ ପଛରେ ଭାଉଜଙ୍କୁ ଦେଖି ପାରୁଥିଲା ସେ, ମାତ୍ର ସେ ବି ଯେମିତି କହୁଥିଲେ କୁଆଡେ ଆସିଲ ଏଠୁ ଶୀଘ୍ର ଯାଅ ନହେଲେ ତୁମର କୁ ଦୃଷ୍ଟି ପଡିବ ମୋ ପିଲାଙ୍କ ଉପରେ। ଭାଇ ଭାଉଜ ଙ୍କ ଠାରୁ ପଦଟିଏ ବି ଆଶ୍ୱାସନା ଭରା କଥା ନ ଶୁଣି ବୋଉ, ମିଲ୍ଲୀ, ଚିଣ୍ଟୁ କୁ ଦେଖିବାକୁ ଘର ଭିତରକୁ ଯିବା ପାଇଁ ଯେତେବେଳେ ପାହାଞ୍ଚ ଉପରକୁ ପାଦ ବଢ଼େଇଲା ହଠାତ ଭାଉଜ ପାଟି କରି ଉଠିଲେ ନାଇଁ ନାଇଁ ତୁମେ ଭିତରକୁ ଯାଆନାହିଁ । ତୁମକୁ ଦେଖିଲେ ମୋ ପିଲା ଦୁଇ ଜଣ ଡରିବେ। ଭାଉଜ ଙ୍କ କଥା ପ୍ରତୀକ ର କାନ ଗ୍ରହଣ କରିବାକୁ ରାଜି ନ ଥିଲା। ସତରେ ଏଇ ଭାଉଜ ଯାହା ପାଇଁ ସେ ଆଜି ନରହନ୍ତା ପାଲଟିଛି । ତାଙ୍କ ମୁହଁ ରୁ ଏପରି କଥା ପ୍ରତୀକ କୁ ହଜମ କରିବାକୁ କଷ୍ଟ ହେଉଥାଏ।

ଏଇସମୟ ରେ ପାଟିତୁଣ୍ଡ ଶୁଣି ବୋଉ ବାହାରକୁ ଆସି ଭାଇ ଭାଉଜଙ୍କ ମନା ନ ମାନି ଆସି ପ୍ରତୀକ କୁ କୁଣ୍ଢେଇ ଭୋଭୋ କରି କାନ୍ଦି ଉଠିଲା । ବାହୁନି ବାହୁନି କହିଲା ଯାହାପାଇଁ ତୋ ଜୀବନ ତୁ ମାଟିରେ ମିଶେଇଦେଲୁ ତୋ ପିଲାଙ୍କୁ ସେ ଆଶ୍ରୟ ଟିକିଏ ବି ଦେଇ ପାରିଲେନି। ବୋଧେ ବାପ ଘରେ ମିଲ୍ଲୀ ଚିଣ୍ଟୁ ମାମୁଁ ପାଖରେ ଅଛନ୍ତି। ଯେଉଁ ଦିନରୁ ତୋତେ ସଜ୍ଜା ହେଲାଣି ପ୍ରାୟ ଛ ବର୍ଷ ହେଲାଣି ସେମାନେ ଏ ଘର ଛାଡିଲେଣି । ତୋ ଭାଇ ବି ତାଙ୍କର କିଛି ଖବର ରଖିନାହିଁ। ଏ କଣ ଶୁଣୁଛି ପ୍ରତୀକ, କାନ କୁ ସେ ବିଶ୍ୱାସ କରି ପାରୁନାହିଁ। ନିଜ ଭାଇ ଭାଉଜ ଯାହାକୁ ମା ଠାରୁ ଦିନେ ବି ଊଣା ଦେଖିନାହିଁ, ଯାହା ପାଇଁ ନିଜ ଜୀବନ କୁ ପାଣି ଛଡେଇ ଦେଲା ଥରଟାଏ ବି ଚିଣ୍ଟୁ ର ଭବିଷ୍ୟତ କି ମିଲି ର ସୁରକ୍ଷା କଥା ଚିନ୍ତା କଲାନାହିଁ ସେଇମାନେ ଆଜି ତାରି ସ୍ତ୍ରୀ, ପୁଅ ଙ୍କୁ ଅନ୍ଧକାର ଭିତରକୁ ଠେଲିଦେଇ

ISSN NO.
2582-208X

ଅସୁରକ୍ଷିତ ର ବଳୟ ଭିତରେ ଆବଦ୍ଧ କରିଦେଇ ନିଶ୍ଚିନ୍ତ ରେ କାଳ କେମିତି କାଟୁଛନ୍ତି ଭାବିପାରୁନାହିଁ ।

ଏଇ ଭାଉଜ ବାହା ହେଇ ଘରକୁ ଆସିଲା ବେଳକୁ ତା ର ମୋଟେ ଚତୁର୍ଥ ଶ୍ରେଣୀ । ଡଉଲ ଡାଉଲ ଚେହରା ରବୀନ୍ଦ୍ର ର ଭାଉଜ ପାଖ ଛାଡେନି । ଭାଉଜ ବି ଏଇ ଗୋଟିଏ ସାନ ଦିଅର କୁ ଭାରି ଗେଲ୍ହା କରେ । ମୁଣ୍ଡ ରୁ ଝାଳ ଟିକିଏ ବାହାରିଲେ ସାଙ୍ଗେ ସାଙ୍ଗେ ପଣତ କାନିରେ ପୋଛି ଦିଏ । ଧୀରେ ଧୀରେ ରବୀନ୍ଦ୍ର ମା କୁ ଖୋଜିବା ଭୁଲିଗଲା । ଭାଉଜ ର ରବି ରବି ଗେଲ୍ହା ପଣରେ ତା ସମୟ ସୁରୁଖୁରୁରେ ଆଗେଇ ଚାଲିଲା । ଭାଇର ପୁଅ କୁନୁ କି ଝିଅ ମୁନୁ ର ଆଗମନ ପରେ ବି ଭାଉଜ ର ରବି ପ୍ରତି ସ୍ନେହ ଶ୍ରଦ୍ଧା ଆଦର ପଣ କି ଗେଲ୍ହା କରିବାରେ କିଛିବି କମ ହେଲାନାହିଁ । ବାପ ନ ଥିବା ପୁଅପାଇଁ ଭାଇ ଭାଉଜ ଙ୍କର ଏତେ ସ୍ନେହ ଶ୍ରଦ୍ଧା ଦେଖି ମା ଙ୍କ ମନ ପୁରି ଉଠୁଥିଲା । ରବି ମଧ୍ୟ ପୁତୁରା ଝିଆରୀ ଙ୍କୁ ଆଖିର ତାରା ଭଳି ଦେଖୁଥିଲା । ବାପା ଙ୍କ ର ଅକସ୍ମାତ ମୃତ୍ୟୁ ପରେ ଭଲ ପାଠ ପଢୁଥିବା ଭାଇ ପାଠ ରେ ଡୋରି ବାନ୍ଧିଲା । ଯାହେଉ କଲେଟେରୀଏଟରେ କିରାଣି ଚାକିରୀ କରି ଘର ଚଳେଇଲା ତା ସାଙ୍ଗକୁ ରବୀନ୍ଦ୍ର କୁ ବି ଇଞ୍ଜିନିୟରିଙ୍ଗ୍ ପଢେଇଲା । ରବୀନ୍ଦ୍ର ପାସ କଲା ପରେ ଭୁବନେଶ୍ୱର ଟିସିଏସ ରେ ଚାକିରୀ ପାଇଲା ପରେ ଖୋର୍ଦ୍ଧା ରୁ ଡେଲି ଘର ରୁ ଯିବା ଆସିବା କରେ । କେଡେ ସୁରୁଖୁରୁରେ ଦିନ ଯାଉଥିଲା । କେତେବେଳେ ଯେ ମାଉସୀ ଙ୍କ ଭଉଣୀ ପ୍ରୀତି ଘରକୁ ଯିବା ଆସିବା କଲା ବେଳେ ପ୍ରେମ ହେଇଗଲା ନିଜେ ରବୀନ୍ଦ୍ର ବି ଜାଣିପାରିଲାନି । ଏଇ ସେଇ ଭାଉଜ ପ୍ରମୁଖ ଭୂମିକା ନେଇଗଲେ ଆମର ପ୍ରେମ କୁ ବିବାହ ର ରୂପ ଦେବାରେ ।

ପ୍ରୀତି ର ମୋର ସଂସାର ଭାଇ ଭାଉଜ ଙ୍କ ସାଙ୍ଗରେ ସୁରୁଖୁରୁରେ ଗଡି ଚାଲିଲା । ଦୁଇଟା ବାସନ ଏକାଠି ରହିଲେ ତ ଶବ୍ଦ କରିବାକୁ ଭୁଲନ୍ତିନାହିଁ । ଆଉ ଦୁଇ ଯା ନିଶ୍ଚୟ ତ ମନ ଫଟାଫଟି ହେବ । କିନ୍ତୁ ଭାଉଜ ଙ୍କର ମନୋଭାବ ଯୋଗୁ ବିବାଦ ଟି ବେଶୀ ସମୟ ଲାଗି ରହେନାହିଁ । ସମାଧାନ ହେଇ ଯାଇ ପୁଣି ଦୁଇ ଯା ଆପଣାର ଦୁଇ ଭଉଣୀ ଭଳି ଜୀବନ ର ଗଡି ଚାଲେ । କେଡେ ସୁନ୍ଦର ଜୀବନର ଗାଡି ଆଗେଇ ଚାଲିଥିଲା । ମା ର ଦିନ ରାତି ଦୁଇ ପୁଅ ବୋହୂ ଦୁଇ ନାତି ଦୁଇ ନାତୁଣୀ ଙ୍କ କୋଳାହଳ ଜଂଜାଳ ଭିତରେ କଟି ଯାଉଥିଲା । ସାଢେ ଆଠ ଟା ବେଳକୁ ଦୁଇ ଭାଇ ଖାଇ ପିଇ ଯେଝା କର୍ମ ସ୍ଥଳ ଖୋର୍ଦ୍ଧା ଭୁବନେଶ୍ୱର

ISSN NO.
2582-208X


ଯାଉଥିଲେ ରାତିଆଠଟା ସୁଦ୍ଧା ଘରେ ହାଜର । କାକା କି ଦାଦା ଯାହା ବି ଆଣନ୍ତୁ ସବୁ ସମାନ ନିଜ ପୁଅ ଝିଅ ଙ୍କ ପାଇଁ ପାତର ଅନ୍ତର ନାହିଁ । ଏତେ ସୁନ୍ଦର ଘର କାହାର ନଜର ଲାଗିଗଲା ବୋଧେ । କଥା ରେ କୁହନ୍ତିନାହିଁ ଭଗବାନ କାହାର ଅତି ସୁଖ ସହି ପାରନ୍ତିନି, କାରଣ ଦୁଃଖ ନ ଦେଲେ ତାଙ୍କୁ ଡାକିବାକୁ ଯେ ମଣିଷ ଭୁଲିଯିବ । ଆଜିବି କାଳ ମୁହୂର୍ତ୍ତ ଟାକୁ ମନେ ପକେଇବାକୁ ପ୍ରତୀକ କୁ ଡରଲାଗେ ।

ସେ ଦିନ ଛୁଟି ଥାଏ ଭାଇ ତିନି ଚାରି ଦିନ ହେଲା ତା କାମରେ ଭୁବନେଶ୍ୱର ରେ ରହିଥାଏ । ସକାଳୁ ସକାଳୁ ପ୍ରୀତି ର ପାଟି ଶୁଣି ଦୌଡ଼ି ଗଲା ପ୍ରତୀକ ଦେଖିଲା ବେଳକୁ ଶୋଇଲା ଘର ପଙ୍ଖା ରେ ଭାଉଜ ଶାଢ଼ୀ ଗୁଡେଇ ଓହଳି ପଡିଛନ୍ତି । ହସଖୁସିଆ ଭାଉଜ ଟା ଯେ ଏମିତି କରିଛି ବିଶ୍ୱାସ କରିହେଉନଥିଲା । କେତେ ଆଉ କେତେ ପ୍ରକାର ଦୁର୍ଭାବନା ମନ ଭିତରେ ଗୋଳେଇ ଘାଣ୍ଟି ହେଉଥିଲା । ତର ତର ରେ ପ୍ରୀତି ର ସାହାଯ୍ୟ ରେ ଦୌଡ଼ି ଖୋଲି ତଳକୁ ଭାଉଜ କୁ ଓହ୍ଲାଇ ଆଣିଲେ, ଯା ହେଉ ଜୀବନ ରେ ପ୍ରାଣ ଥିଲା । ପାଣି ଦେଇ ବିଞ୍ଚା ବିଞ୍ଚି କରି ଭାଉଜ କୁ ପ୍ରତୀକ ଆଉ ପ୍ରୀତି ମରଣ ମୁଖରୁ ଫେରେଇ ଆଣିଲେ । କିଛି ସମୟ ପରେ ଭାଉଜ ପ୍ରକୃତିସ୍ଥ ହେଲା ପରେ ଏମିତି କରିବାର କାରଣ କଣ ପଚାରିବାରୁ ଉତ୍ତର କେବଳ ନୀରବତା ରହିଲା । ପ୍ରତୀକ ଭାବିଲା ଦିନେ ଦୁଇ ଦିନ ଯାଉ ପଚାରି ବୁଝିବ କାରଣ କଣ ।ପ୍ରୀତି କୁ ଭାଉଜ କୁ ଏକୁଟିଆ ନ ଛାଡିବାକୁ ନିର୍ଦ୍ଦେଶ ଦେଇ ବାହାରକୁ ପଳେଇଆସି ଭାଇ କୁ ଫୋନ ଲଗେଇଲା ବେଳକୁ ଖାଲି ନଟ ରିଚେବଲ ଦେଖେଇଲା । କଣ ଭାବି ପାଖ ଘର ମନୀନନୀ ଯିଏ କି ଖୋର୍ଦ୍ଧା ହସ୍ପିଟାଲ ରେ ନର୍ସ ଅଛି ତାକୁ ଫୋନ ଲଗେଇଲା କାଳେ ଭାଇ କୋଉଠି ଜାଣିଥିବ ବୋଲି । କିନ୍ତୁ ତା ଫୋନ ବି ନଟ ରିଚେବଲ ଆସିଲା । ମନି ନାନୀ ଏକା ଗାଁ ର ଝିଅ ବାହା ହେଇଛି ଡ଼କ୍ଟର ସୌମ୍ୟ ଙ୍କୁ । ସୌମ୍ୟ ଭୁବନେଶ୍ୱରରେ କାର୍ଯ୍ୟକାରୀ ଡାକ୍ତର । ମନୀ ଖୋର୍ଦ୍ଧାରେ ହସ୍ପିଟାଲ ରେ ନର୍ସ ଅଛି । ଦୁହିଁ ଙ୍କର ଏତେ ଭଲ ପଡେ ନାହିଁ । ଡାକ୍ତର ବାବୁ ଅନ୍ୟ ଜଣେ ଡାକ୍ତର ଙ୍କର ପ୍ରେମ ରେ ଉବୁଟୁବୁ । ମନୀ ନାନୀ ଗାଁ କୁ ଆସିଲେ ସବୁବେଳେ ପ୍ରତୀକ ଘରକୁ ଆସିଯାଏ । ମନୀ ର ଦୁଃଖ ଦେଖି ଘରର ପ୍ରତ୍ୟେକ ସଦସ୍ୟ ତାକୁ ଆପଣେଇ ନେଇଥାନ୍ତି । ବୋଉ ର ସେ ଝିଅ ଭାଉଜ ଓ ପ୍ରୀତି ଙ୍କ ପ୍ରିୟ ନଣନ୍ଦ ପିଲାଙ୍କର ନାନୀ ଆଉ ଦୁଇ ଭାଇଙ୍କର ପ୍ରିୟ ଭଉଣୀ । ପୂଜା ପର୍ବ ସବୁଥିରେ ସେ ଲୋଡ଼ା ହୁଏ ତାପାଇଁ ତା ପସନ୍ଦ ର ଲୁଗାପଟା ହୁଏ ।

ISSN NO.
2582-208X

ଭାଇ ସାଙ୍ଗରେ ବେଶୀ ଭଲ ପଡେତାର ସବୁ ସୁଖ ଦୁଃଖ ସମୟ ମନ ଦେଇ ଶୁଣେ ଓ ବେଳେ ବେଳେ ସମାଧାନ ବି କରିଦିଏ ।

ଆଜି ମନୀ ନାନୀକୁ ନ ପାଇ କରି ମନ ଟା ଭାଙ୍ଗି ପଡିଲା । ମନେ ମନେ କେତେ କଣ ଭାବି ଯାଉଥାଏ ପ୍ରତୀକ ତାର କୋଉ କଥା କୁ ଧରି ବସିଲେ କି ଭାଉଜ, କି ପ୍ରୀତି କଣ କହିଲା କି । ଭାବନା ର କିଛି ଥଳ କୂଳ ପାଉ ନ ଥାଏ, ଏପଟେ ଭାଇ ର ବି କିଛି ଖୋଜ ଖବର ନାହିଁ। ରନ୍ଧା ଘରେ କିଛି ବି ଖୁଡ଼ ଖାଡ଼ ନାହିଁ । କିଛି ବୁଝି ନ ପାରୁଥିବା ପିଲା ମାନେ ଭୋକ ଯୋଗୁ କେଁ କାଁ ଆରମ୍ଭ କଲେଣି । ଯାହଉ ଏସମୟ ରେ ବୋଉ ର ଉପସ୍ଥିତ ବୁଦ୍ଧି ଯୋଗୁ ପରିସ୍ଥିତି ଟିକିଏ ସମ୍ଭାଳ ପଡିଲା। ପ୍ରୀତି ଯାଇ ରନ୍ଧା ଆରମ୍ଭ କଲା। କିଛି ସମୟ ପରେ ଭାଉଜ ମୁଁହ ହାତ ଧୋଇ ମିଶିଲେ । ସମସ୍ତେ ଖାଇବା ପରେ ପ୍ରିତି, ବୋଉ, ଭାଉଜ ଖାଇ ବସିଲେ । ଭାଉଜ ଙ୍କ ପାଟିକୁ ଗୁଣ୍ଡା ଯାଉନଥାଏ ତା ଦେଖି ବୋଉ ଯେମିତି କହିଛି ମା ରେ ସବୁ ସମସ୍ୟା ର ସମାଧାନ ଅଛି ତାକୁ ଶୁଣି ଭାଉଜ ଙ୍କ କୋହ ବାଧା ମାନିଲାନି । ଭୋ ଭୋ କରି କାନ୍ଦି ଉଠିଲେ କିନ୍ତୁ ଯେତେ ପଚାରିଲେ ଉତ୍ତର ଦେଲେନି କି ତାଙ୍କ ଦୁଃଖ ର କାରଣ କହିଲେନି । ଏମିତି ଏମିତିରେ ଦୁଇ ଦିନ ଚାଲିଗଲା । ତୃତୀୟ ଦିନ ଭାଇ ପହଂଚିଲା। ସବୁ ଶୁଣିଲା ପରେ ତାର ମୌନ ରହିବାଟା ଜଣେଇ ଦେଲା ସେହି ଏକା କାରଣ ଜାଣିଛି । ଯାହେଉ ଏଟା ଭାଇ ଭାଉଜଙ୍କର ବ୍ୟକ୍ତିଗତ କଥା ବୋଲି ପ୍ରତୀକ ନିଶ୍ଚିନ୍ତ ହୋଇଗଲା । ଏମିତି ଏମିତି ମାସେ କଟିଗଲା ପୁଣି ଛୁଟି ଦୁଇ ଦିନ ଭାଇ ନାହିଁ ଭାଉଜ ପୁଣି ଆତ୍ମହତ୍ୟା କରିବାକୁ ଉଦ୍ୟମ । ଏଥର ବି ତାଙ୍କୁ ରକ୍ଷା କରାଗଲା । ଏଥର କିନ୍ତୁ ଆପ୍ରାଣ ଚେଷ୍ଟା କରି ଭାଉଜ ଙ୍କ ବ୍ୟଥା ର କାରଣ ଜାଣି ପାରି ବିଶ୍ୱାସ କରିପାରିଲାନି ଭାଇ ଏମିତି କରିପାରିଲା ବୋଲି । ପୁଣି ମନୀ ନାନୀ ଯାହାକୁ ନିଜ ଭଉଣୀଠାରୁ ସେ ଭଲ ପାଉଥିଲା, ଭାଉଜ ଙ୍କ ସରଳ ବିଶ୍ୱାସରେ ବିଷଦେଇ ଭାଉଜ ଙ୍କର ସଂସାର ଟାକୁ ଭାଙ୍ଗିଦେଲା । ରାଗ ରେ ତମ ତମ ହେଇ ଚାଲିଲା ପଡୋଶୀ ଘରକୁ ମନୀକୁ ପଚାରିବାକୁ କିନ୍ତୁ ଘର ଯେ ତାଲା ପଡିଛି । ଘରକୁ ଫେରି ମୁଣ୍ଡରେ ହାତ ଦେଇ ବସିପଡ଼ିଲା, ଭାଇ ଘରେ ନାହିଁ, ଭାଉଜ କୁ ଯାଇ କୁଣ୍ଢେଇ ଭୋଭୋ କାନ୍ଦି କାନ୍ଦି କହିଲା ତୁମେ ମୋଟେବ୍ୟସ୍ତ ହୁଅନାହିଁ । ତୁମ ଘର ମୁଁ କେବେ ବି ଭାଙ୍ଗି ବାକୁ ଦେବିନାହିଁ । ମୁଁ ସେ ମନୀ ନାନୀ କୁ ଏ ଘରେ ପୁରେଇ ଦେବିନି । ମା ଦୌଡ଼ି ଆସି କହିଲା ନିଜ ଘର ତ ବଂଚେଇ ପାରିଲାନି ମୋ ଘର ଭାଙ୍ଗୁଛି । ଜଗନ୍ନାଥ ତାକୁ କେବେ ବି କ୍ଷମା କରିବେନି ।

ISSN NO.
2582-208X

ଏ ଭିତରେ ଭାଇ ଘରକୁ ଫେରିଲା, ପ୍ରତୀକ ର ପ୍ରଶ୍ନ ର ଉତ୍ତର ଦେବାକୁ ଯାଇ ସଫେଇ ଦେଲା ଗୋଟେ ଦୁର୍ବଳ ମୁହୂର୍ତ ରେ ସେ ତାର ନିଜ ଦୁଃଖ କହୁ କହୁ ମୋର ଗୋଟେ ଭୁଲ ଯୋଗୁ ମୋତେ ସେ ଛାଡିବାକୁ ନାରାଜ । କହୁଛି ମୋ ବିନା ମରିଯିବ । ମୁଁ କଣ କରିବି ଜାଣିପାରୁନି. ମଝି ଦରିଆ ରେ ପଡିଛି । ପ୍ରତୀକ ଭୁଲିଗଲା ବଡ଼ ଭାଇ ସାଙ୍ଗରେ କଥା ହେଉଛି ବୋଲି । ଜୋର ରେ ପାଟି କରି ଉଠିଲା ତୋତେ ଟିକିଏ ଲାଜ ଲାଗୁନି ଭାଉଜ ଙ୍କର ତୋ ପ୍ରତି ତୋ ପରିବାର ପ୍ରତି ଏତେ ଭଲପାଇବା ତ୍ୟାଗ ପ୍ରେମ ତୋତେ ଥର ଟିଏ ପାଇଁ ବି ମନା କଲାନାହିଁ ଏ ଅବାଟରେ ଯିବା କୁ । ସେ ଯାହା ବି ହଉ ଏ ସବୁ ଫାର୍ସ ଯଦି ବନ୍ଦ ନ କରୁ ଦେଖିବୁ କଣ କରିବି । ଅନେକ ଦିନ ଯାଏ ମନୀ ଗାଁ କୁ ଆସିଲାନାହିଁ କି ଭାଇ ବି ଛୁଟି ହେଲେ ବାହାନା କରି ଘରୁ ବାହାରକୁ ଗଲା ନାହିଁ । ସବୁ ଠିକ ଠାକ ଚାଲି ଥିଲା ବେଳେ ହଠାତ ଭାଇ ର ଜଣେ ସାଙ୍ଗ ଫୋନ ରେ ଯେତେ ବେଳେ ପଚାରି ଲେ ଚାରି ଦିନ ହେଲା ଭାଇ ଅଫିସ ଯାଇନି ବୋଲି ପ୍ରତୀକ । ନିଜ କାନକୁ ବିଶ୍ୱାସ କରି ପାରିଲାନି ଯେ ସବୁ ଦିନ ତା ସାଙ୍ଗରେ ଏକାଠି ଅଫିସ ବାହାରୁଥିବା ଭାଇ ଯେ ବାଟରେ ବାଟବଣା ହେଇଯାଉଛି । କଣ କରିବ ମୁଣ୍ଡ କୁ ବୁଦ୍ଧି ଦିଶୁନି । ଅନେକ ଭାବିବା ପରେ ସ୍ଥିର କଲା ହାଫ ସି ଏ ଲ ପକେଇ ମନୀ ପାଖକୁ ଯାଇ କଥା ର ସତ୍ୟତା କୁ ପରଖିବ । ମନୀ ଖୋର୍ଦ୍ଧା ହସ୍ପିଟାଲ ରେ ନର୍ସ ଅଛନ୍ତି, ତେଣୁ ନିଶ୍ଚୟ କ୍ୱାଟର ପାଇଥିବେ ତେଣୁ କ୍ୱାଟର ପାଇବାର କିଛି ଅସୁବିଧା ହେଲାନି । ଦୁଆର ବେଲ ବଜେଇଲା ପରେ ମନୀ ପଛରେ ଭାଇ କୁ ଦେଖି ମୁଣ୍ଡ କୁ ରକ୍ତ ଚଢ଼ିଗଲା ପ୍ରତୀକ ର । ହିଂସ୍ର ବାଘପରି ପାଟିକରି ଭାଇ ପାଖକୁ ଝାମ୍ପି ପଡି ମାଡି ବସି ଦୁମ ଦୁମ କରି ପିଟି ପକେଇ ପୁଣି ଭୋଭୋ କରି କାନ୍ଦି କହିଲା ଭାଇ ତୁ ଏ କଣ କଲୁ । ଏ ସମୟ ରେ ମନୀ ଦୌଡ଼ି ଆସି ଭାଇ କୁ କୁଣ୍ଢେଇ ଧରି ପାଟି କରି ଉଠିଲା ବେଲଜ୍ୟା ଭଳି କହି ଉଠିଲା ସେ ମୋର ତାଙ୍କ ଦେହରେ ହାତ ମାରିଲେ ଭଲ ହେବନି । ପ୍ରତୀକ ହଠାତ କହିଲା ମନୀ ନାନୀ ତୁ ପରା ରାକ୍ଷୀ ବାନ୍ଧି ଥିଲୁ ଭାଇ ହାତରେ ତା ଘର ଭାଙ୍ଗୁଛୁ ଲାଜ ଲାଗୁନି । ଅଲାଜୁକ ଭଳି ମନୀ ଉତ୍ତର ଦେଲା ମୋ ପ୍ରେମ ରେ କେହିବି ହସ୍ତକ୍ଷେପ କରିବା ମୁଁ କେବେ ବି ବରଦାସ୍ତ କରିବିନି । ସେ ସମ୍ପୂର୍ଣ ମୋର, ମୋର ଇ ରହିବ କେବେ ବି ମୁଁ ତାକୁ ଛଡିବିନି । ମନୀ ର ଏ ପ୍ରକାର ପାଗେଳାମି ଦେଖି ହଠାତ ପ୍ରତୀକ ଉତକ୍ଷିପ୍ତ ହେଇ ଠେଲାଟେ ମାରିଦେଲା ମନୀ ମୁଣ୍ଡ ପଛ କାନ୍ଥ ରେ ପିଟି ହେଇ ଅଜସ୍ର ରକ୍ତସ୍ରାବ ମନୀ କୁ ମୃତ୍ୟୁ ମୁଖ କୁ ଠେଲିଦେଲା । କ୍ଷଣକ ରେ ଦୁନିଆ ଓଲଟପାଲଟ ହେଇଗଲା ପ୍ରତୀକ ହତ୍ୟାକାରୀ ପଲିଗଲା ।ଭାଉଜ ର ଉଦ୍ଧାର କରି ଗେଲ୍ହା ଦିଅର ହଠାତ

ISSN NO.
2582-208X

ହତ୍ୟାକାରୀ ପ୍ରତୀକ ସେଇ ଭାଇ ଆଗରେ ପୋଲିସ ହାତ ରେ ବନ୍ଧା ହେଲା । ଜେଲ ଭିତରେ ଥିଲା ବେଳେ ପ୍ରଥମେ ପ୍ରଥମେ ଭାଇ ଭାଉଜ ଆସୁଥିଲେ । ଭାଉଜ କାନ୍ଦି କାନ୍ଦି କହୁଥିଲେ ମୋ ଲାଗି ପ୍ରତୀକ ତୁମେ ତୁମର ସୁନ୍ଦର ଜୀବନ ସାରିଦେଲ । ଆଶ୍ୱାସନା ଦଉଥିଲେ ତୁମେ ପ୍ରତୀକ ମୋଟେ ବ୍ୟସ୍ତ ହୁଅନି ପ୍ରିତି ପିଲାଙ୍କର କିଛି ବି ଅସୁବିଧା ହେବନି । କିନ୍ତୁ ଆସ୍ତେ ଆସ୍ତେ ପ୍ରତୀକ କୁ ଦେଖି ଆସିବା କମି ଗଲା । କେଶ ସରି ଦଣ୍ଡ ହେଲା ପରେ ଆସିବା ଟା ପୁରା ଶୂନ୍ୟ ହେଇ ଗଲା । ମନେମନେ ଭାବୁଥିଲା ସମସ୍ତ ଙ୍କ କଥା ବୁଝି ହୁଏତ ବେଳ ହେଉ ନ ଥିବ ।

କିନ୍ତୁ ଆଜି ବାସ୍ତବ ଚିତ୍ର ଦେଖିଲା ପରେ ଏ ସଂସାର ରୁ ସମ୍ପର୍କ ଉପରୁ ବିଶ୍ୱାସ ତୁଟିଯାଉଛି ଯେ ପଛକୁ ପାଦ ଫେରେଇଲା ପ୍ରତୀକ । ଘର କୁ ପଛ କରି ଗାଁ ଦାଣ୍ଡ କୁ ମୁଁହ କରି ଆଗେଇ ଚାଲିବାକୁ ଆରମ୍ଭ କଲା । ହଠାତ ଉପର କୁ ଚାହିଁଲା ଆକାଶ ରେ କେଡେ ବଡ଼ ବଡ଼ ଧଳା ବାଦଲ ସବୁ ଭାସି ଯାଉଛି । ଜେଲ ଭିତରେ ଥିଲା ବେଳେ ବି ଆକାଶ ଏମିତି ସ୍ୱଚ୍ଛ ସଫେଦ ଥିଲା । ତେବେ ଜେଲ ବାହାରକୁ ଆସିଲା ବେଳକୁ ତା ଜୀବନ ରେ ଏତେ କାଳିମା ଭରିଗଲା କେମିତି । ଯେତେ ଭାବିଲେ ବି ସେ କିଛି ହିସାବନିକାସ ପାଉନି । ଗୋଟେ ଲମ୍ବା ଅଯଥା ନିଶ୍ୱାସ ନେଇ ଲମ୍ବା ଲମ୍ବା ପାଦ ପକେଇ ଶଶୁର ଘର ଅଭିମୁଖେ ଚାଲିଲା ଚିଣ୍ଟୁ ଆଉ ପ୍ରିତି ତା କୁ ଚିଂହୁଛନ୍ତି କି ନାହିଁ ଦେଖିବାକୁ । ଏ କଣ ଶାଶୁ ଘରେ ପାଦ ଦେଉ ଦେଉ ବଡ଼ଶଳା, ଶଳାଭାଉଜ ଙ୍କର ସେ ଘୃଣା ଭରା ଚାହାଣି ତାକୁ ସତେ ଯେପରି ନିର୍ଦ୍ଦେଶ ଦେଉଥିଲା ତୁ ଏଠୁ ଶୀଘ୍ର ପଳା । ଅସହାୟ ବିଧବା ଶାଶୁ ଆଖିରେ ଆଖିରେ କ୍ଷମା ମାଗୁଥିଲେ ଝିଅ କୁ ଆଶ୍ରୟ ଦେଇପାରିଲେନି ବୋଲି । ପ୍ରତୀକ କୁ ଲାଗୁଥିଲା ଜେଲ ର ଚାରିକାନ୍ଥ ଭିତରେ ହୁଏତ ତାକୁ ଅତ୍ମୀୟତା ର ସ୍ୱାଦ ମିଳୁଥିଲା। ସାଙ୍ଗ କଏଦୀ ତଥା ଜେଲର ଙ୍କ ଠାରୁ ଭାଉଜ ଙ୍କ ଜୀବନ ସୁଧାରିଥିବାରୁ ଅନେକ ପିଠି ଥାପୁଡ଼ା ମିଳୁଥିଲା । ମାତ୍ର ଜେଲ ବାହାରେ ଆତ୍ମୀୟ ଙ୍କ ଠାରୁ ଏମିତି କରଛାଡ଼ ବ୍ୟବହାର ତାକୁ ବଡ ବ୍ୟଥିତ କରୁଥିଲା । ଲୋକେ ତଥା ସମାଜ କୁହେ ସଂଯୁକ୍ତ ପରିବାର ର ମହତ୍ୱ ଅନେକ ବେଶୀ ଜଣେ ଜଣ ଙ୍କ ସୁଖ ର ତାର ଜୀବନ ଥିଲା ଆଜି ତା ପିଲାମାନେ ବି ଦୋଷ ନକରି ହତ୍ୟାକାରୀ ର ଛୁଆ ହେଇଗଲେ । ହାଏରେ ସମାଜ ପରିବାର । ଆଖିକୁ ପ୍ରିତି ଆଉ ଚିଣ୍ଟୁ ଙ୍କ ପାଇଁ ଲୁହ ଆସିଯାଉଥିଲା ଅସହାୟ ବାପା ଆଖିରେ । କିନ୍ତୁ କିଛିବି କରିପାରୁନି କୋଉଠି ଖୋଜିବ ସେମାନଙ୍କୁ ଚିଣ୍ଟୁ କାହାଘରେ ବାସନ ମାଜୁଥିବ କି କୋଉଠି ଭିକ ମାଗୁଥିବ ।

ISSN NO.
2582-208X

ପ୍ରୀତି କେମିତି ଥିବ କିଛି ଅନ୍ୟାୟ ର ଶିକାର ହେଇନିତ । ମୁଣ୍ଡ ଭିତରେ ନାନା ପ୍ରକାର ଭାବନା । ଏଇସମୟ ରେ ପଛ ପଟୁ ଭାଇନା ଡାକ ଶୁଣି ଫେରିଚାହିଁଲା ବେଳକୁ ସାନଶାଳା ଗୋଟେ କାଗଜ ଧରେଇ କହିଲା ଏଇ ଆଡ୍ରେସ ରେ ନାନୀଚିଣ୍ଟୁ ଅଛନ୍ତି ମୋହନ ଭାଇ ରଖେଇ ଦେଇଛନ୍ତି । ମୋହନ ଭାଇ ପ୍ରୀତି ର ଦାଦାପୁଅ ଭାଇ ଛପନ ବର୍ଷ ବୟସ ରେ ବି ସମସ୍ତ ଙ୍କୁ ସାହାଯ୍ୟ କରିବାର ମନୋବୃତି । ଠିକଣା ଟି ପଢିଲା ପ୍ରତୀକ କୋରାପୁଟ ର ଗୋଟେ ଗାଁ । ପକେଟ ରେ ଜେଲ ରେ ଥିବା ବେଳେ ବିଭିନ୍ନ କାମରୁ ପଚିଶ ହଜାର ଟଙ୍କା ଆୟ ସୁରକ୍ଷିତ ଅଛି । ହତ୍ୟା କାଣ୍ଡ ର ଦୋଷୀ ପ୍ରତୀକ କିନ୍ତୁ ଜେଲ ଛାଡି ଆସିଲା ବେଳକୁ ଜେଲର ତଥା ସାଥି କଏଦି ଙ୍କର ସହନାଭୁତି ଭରା କଥା ବାର୍ତା, ଭବିଷ୍ୟତ ପାଇଁ କେତେ ଆଶ୍ୱାସନା, କିନ୍ତୁ ଜେଲ ବାହାରେ ଏ ଭିତରେ ଯେ ଏତେ ଅଲୋଡ଼ା ପାଲଟି ଯାଇଛି । ଏଇ କଣ ସଂସାର ହେ ଈଶ୍ୱର ତୁମେ ଆଜି ମୋତେ ସତରେ ଚେତେଇ ଦେଉଛ ଏ ସଂସାର କ୍ଷଣିକ ମାତ୍ର ଏଠାରେ ମୋହ ରଖିବା ଉଚିତ ନୁହେଁ । ତଥାପି ତା ଜୀବନ କୁ ସେ ପ୍ରୀତି ଆଉ ଚିଣ୍ଟୁ ଙ୍କୁ ଆଣିଛି ତେଣୁ ସେମାନେ ତାର ଦାୟିତ୍ୱ । ଦେଖାଯାଉ ସେମାନେ ତାକୁ ଗ୍ରହଣ କରୁଛନ୍ତି କି ନାହିଁ । ଆକାଶ କୁ ପୁଣି ଥରେ ଶୂନ୍ୟ ଦୃଷ୍ଟି ରେ ଚାହିଁ କୋରାପୁଟ ଆଡେ ପାଦ ବଢ଼େଇଲା ପ୍ରତୀକ ।

କୋରାପୁଟ ରେ ପହଂଚି ଚନ୍ଦକା ଗାଁ କୁ ଯିବାର ବାଟ ପାଇଗଲା । ଲୋକମାନେ କି ସରଳ ହସି ହସି ବାଟ ବତେଇ ଦେଉଛନ୍ତି । ଚନ୍ଦକା କନ୍ୟା ଆଶ୍ରମ ରେ ପହଂଚିଲା ବେଳକୁ ଅଜଣା ଆଶଙ୍କା ରେ ଛାତି ଧଡ ଧଡ଼ ହେଉ ଥାଏ । ଗେଟ ଖୋଲି ପାଦ ଦେଇଛିକି ନାହିଁ ପ୍ରିତି ର ଦୃଷ୍ଟି ରେ ଧରା ପଡିଗଲା । ପ୍ରୀତି ତାକୁ ଅବାକ ହେଇ ଚାହିଁଲା । ପ୍ରତୀକ ଆଶଙ୍କା କଲା ହୁଏତ ପ୍ରୀତି ବି ଦୁରଦୂର ମାରମାର କରିବ ଚିଣ୍ଟୁ ଠାରୁ ଦୁରେଇ ରହିବାକୁ କହିବ । ଟିକିଏ ପ୍ରକୁତିସ୍ଥ ହେଲା ପରେ ଦୌଡ଼ିଆସି କୁଣ୍ଢେଇ ଧରି ଭୋଭୋ କରି କାନ୍ଦିଉଠିଲା । ଟିକିଏ ପ୍ରକୁତିସ୍ଥ ହେଲା ପରେ ପାଟିକରି ଉଠିଲା ଚିଣ୍ଟୁ ଦଉଡିଆସେ ବାପା ଆସିଲେଣିରେ । ପ୍ରୀତି ପାଟି ଶୁଣି ନାହାନହକା ଦଶ ଏଗାର ବର୍ଷ ର ପିଲାଟିଏ ଭିତରୁ ଦୌଡ଼ିଆସି ତାକୁ କୁଣ୍ଢେଇ ଧରି ପଚାରିଲା ବାପା ଏତେ ଦିନକେ ଆମେ ମନେପଡ଼ିଲୁ କୁଆଡେ ଥିଲ ତମେ? ଏତେ ପ୍ରଶ୍ନ ର କଣ ବା ଉତ୍ତର ଦେବ ଜାଣିପାରିଲନି ପ୍ରତୀକ, ଚିଣ୍ଟୁ କୁ ଛାତି ରେ ଚାପିଧରୀ କାନ୍ଦି ଉଠିଲା କହିଲା ବାବା ରେ ତୁମକୁ ଛାଡି କୁଆଡେ ଆଉ ଯିବିନାହିଁ । କିଛି ସମୟ ପରେ ଆଶ୍ରମ ର ପରିଚାଳକ ଆଉ କିଛି ଅନ୍ତେବାସୀ ଆସି ପ୍ରତୀକ କୁ ସ୍ୱାଗତ କରି

ISSN NO.
2582-208X

ଭିତରକୁ ନେଇଗଲେ । ପ୍ରତୀକ ଧରିନେଲା ଏମାନେ ବୋଧେ ତାର ଅତୀତ ବିଷୟ ରେ ଅଜ୍ଞ, ପ୍ରୀତି କିଛି ବି କହିନି । ନହେଲେ ତାକୁ ଏଠି ଜାଗା ମିଳି ନ ଥାଆନ୍ତା । କେବେ ଯଦି ପ୍ରତୀକ ର ଅପରାଧ ଓ ଦଣ୍ଡ ବିଷୟ ରେ ଏମାନେ ଜାଣିବେ ପ୍ରୀତି, ଚିଣ୍ଟୁ ଙ୍କର ଅବସ୍ଥା କଣ ହେବ ଏ ବିଷୟ ରେ ଆଶଙ୍କା କରୁ କରୁ ହଠାତ ଚିଣ୍ଟୁ କହି ଉଠିଲା ବାପା ତୁମେ ସେଦୁଷ୍ଟ ଟାକୁ ମାରି ବଢିଆ କରିଛ । ତୁମେ ପୁରା ହିରୋ । ଏଇ ସମୟ ରେ ଆଉ ତିନିଜଣ ଆଦିବାସୀ ବ୍ୟକ୍ତି ପ୍ରତୀକ ପାଖରେ ବସିପଡିଲେ ଜଣେ ତା ଭିତରୁ ଜଣେ କହିଲେ ଜାଣିଛ ବାବୁ ମୋ ବା ବି ମୋ ମା ଆଉଗୋଟେ ପୁରୁଷ ପିଲା ସାଙ୍ଗରେ ପଳେଇଥିଲା ଜଙ୍ଗଲ କୁ ବୋଲି କଟୁରୀ ରେ ଦି ଗଡ଼ କରିଦେଇ ଥାନା ବାବୁ ପାଖରେ ମା ମୁଣ୍ଡ ଆଉ କଟୁରୀ ନେଇ ହାଜର । ତାକୁ ବି ଦଣ୍ଡ ହେଇଥିଲା ସେ ଜେଲ ରେ ମରିଗଲା । ମୋର ବାପା ନାହିଁ କି ମା ନାହିଁ ମୁଁ ଏକା ଏକା ଏଇ ଆଶ୍ରମ ରେ ଗୁରୁଜୀ ପାଖରେ ମଣିଷ ହବାର । ତୁ ଜମା ବ୍ୟସ୍ତ ହନାହିଁ ଚିଣ୍ଟୁ ବାବା ଆମର ଭଲ ପାଠ ପଢି ହାକିମ ହବାର ।

ଗୋଟେ କୃତଜ୍ଞତା ପୂର୍ଣ୍ଣ ଆଖିରେ ପ୍ରୀତି କୁ ଚାହିଁଲା ପ୍ରତୀକ, ତା ଜୀବନ ରେ ଘଟିଥିବା ଘଟଣା ଟିକୁ ଚିଣ୍ଟୁ ତଥା ଏଇ କୋରାପୁଟ ର ଚନ୍ଦକା ଗାଁ ରେ ବର୍ଣ୍ଣନା କରିଛି ଯେ କେହିବି ତାକୁ ମଣିଷ ମରା କହି ଘୃଣା କରୁନାହାନ୍ତି । ବରଂ ଆଗକୁ ବଂଚିବାର ରାସ୍ତା ଦେଖାଉଛନ୍ତି । ପ୍ରୀତି ଏ ଆଶ୍ରମ ରେ ଶିକ୍ଷୟତ୍ରୀ ଅଛି । ପରିଚାଳକ ପ୍ରତୀକ କୁ ପିଲାମାନଙ୍କୁ କମ୍ପୁଟର ଶିଖେଇବାକୁ କହିଲେଣି । ହୁଏତ ତା ଜ୍ଞାନ ଦ୍ୱାରା ଏ ଆଦିବାସୀ ପିଲାମାନଙ୍କର କିଛି ଅଗ୍ରଗତି ହେଇ ପାରେ । ଉପରକୁ ହାତ ଟେକି ପ୍ରଭୁଙ୍କୁ ଅନ୍ତର ର ସହ ପ୍ରଣାମ କଲା । ଗୋଟେ ସମୟ ରେ ଲାଗୁଥିଲା ଏ ଜୀବନ ରଖି ଲାଭ କଣ । ଏଇଲେ ଲାଗୁଛି ଯଦି ଏ ଜୀବନ କାହାର ବି ଉପକାର ରେ ଆସେ ଜୀବନ ସାର୍ଥକ ହେଇଯିବ । ଯେତେବେଳେ ସବୁ ଆଖିଦେଖା ବାଟ ବନ୍ଦ ହେଇଯାଏ ଆପେ ଗୋଟେ ନୂଆ ବାଟ ଟିଏ ଖୋଲିଯାଏ । ଏବେ ତାକୁ ପରିଶ୍ରମ କରିବାକୁ ପଡିବ ତା ର ନୂଆ ପରିଚୟ ମଣିଷ ମରା ପ୍ରତୀକ ରୁ ମଣିଷ ଗଢୁ ଥିବା ପ୍ରତୀକ ସୃଷ୍ଟି କରିବାକୁ ପଡିବ । ଜୀବନ ର ଅନ୍ୟ ନାମ ସଂଘର୍ଷ । ବଂଚିଥିବା ଯାଏ ଜିଇ ବାକୁ ପଡିବ ଏ ସମାଜ କୁ କିଛି ଦେବାକୁ ହବ, ଏଇମିତି ସଂକଳ୍ପ ଟିଏ ନେଇ ଖୋଲା ଆକାଶ ର ନୀଳିମା କୁ ମନ ଭରି ଉପଭୋଗ କରି ଅନେକ ଦିନ ପରେ ଟିକିଏ ହସିଦେଲା ପ୍ରତୀକ । ତାକୁ ଦେଖି ପ୍ରୀତି ଆଉ ଚିଣ୍ଟୁ ବି ଅତି ନିଶ୍ଚିନ୍ତ ରେ ହସିଦେଲେ । ଏଇ ମଣିଷ ମାନଙ୍କୁ ସିନା ଆମେ ଆଦିବାସୀ କହିହସି ଦେଉ, କିନ୍ତୁ ତାଙ୍କ ବେଶ ଭୁଷା, ଚଳଣି,

ISSN NO.
2582-208X

ତାଙ୍କ ଭିତରେ ବି ବଂଚିବାର କି ଅଦମ୍ୟ ସଂକଳ୍ପ ଓ ଉତ୍ସାହ । ଏମାନଙ୍କୁ ନେଇ ପ୍ରତୀକ କୁ ଆଗେଇବାକୁ ପଡିବ । ସଂକଳ୍ପ କଲା ମଣିଷ ମରା ପ୍ରତୀକ ନିଶ୍ଚୟ ମଣିଷ ଗଢ଼ା ପ୍ରତୀକ ହେବ, ଏଇ ଆତ୍ମବିଶ୍ୱାସ ରେ ସେ ଗୋଟେ ଲମ୍ବା ନିଶ୍ୱାସ ନେଇ ଭଗବାନ ଙ୍କୁ ପ୍ରଣାମ କଲା ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ମିଛୁଆ ରାଧା



ଜୟ କୁମାର ମିଶ୍ର

ମିଛ କହିବାଟି, ଫେସନ ହେଲାଟି
ପିଲା ଠାରୁ ବୁଢ଼ା ଯାଏ,
ମିଛ କହି କହି, କେତେ ବେଳେ କେହି
ଦାଣ୍ଡେ ଧରା ପଡ଼ୁ ଥାଏ ॥(1)
ବାପା ମାଆ କା'ର କୁଟୁମ୍ବ ଗୁମର କହିବାକୁ ପଛଘୁଞ୍ଚା
ଭଲ ଅତି ଭଲ, ନାହିଁ ସମତୁଲ
କଞ୍ଚା ସୁନା ମୁଣ୍ଡା ମେଞ୍ଚା ॥(2)
ବୟସ କହେନା, ଯୁବତୀଟି ସିନା
ସଜାଇ ଲୁଚାଏ କେତେ,
ଆୟ କହେ ନାହିଁ, ପୁରୁଷଟି କେହି
କହୁଥାଏ ଇଚ୍ଛା ମତେ ॥(3)
ମାର୍କଟି ଲୁଚାଏ, ଛାତ୍ର, ଛାତ୍ରୀ ଟିଏ
ବାହାନା ବହୁତ କାଢ଼େ,
ମିଶାଣ, ଗୁଣନ, ସଂଯୋଜନା ପୁଣ
ମିଛୁଆ, ନିଶୁଣି ଚଢ଼େ ॥(4)
ଅଭାବୀ ମାନେନା, ଅଭାବ ବେଦନା
ଆତ୍ମ ସମ୍ମାନର ଚିନ୍ତା,
ସ୍ୱଛଳ ପରାଏ, କଥା କହୁଥାଏ
ବୃଥାଟାରେ ମିଛ ପନ୍ଥା ॥(5)
ଅଜ୍ଞାନୀ ମୁରୁଖ, କହୁଥାଏ ଟେକ
ବଡ଼ ପଣ୍ଡିତଟି ସିଏ,

ISSN NO.
2582-208X

କରେ ଯୁକ୍ତି ତର୍କ, କହି ନିଜ ଟେକ
ଏଠି ସେଠି ଭାଷା ଥୁଏ ॥(6)
ଯୋଗ୍ୟତା ନଥାଇ, ଗଳାକୁ ଫଟାଇ
ଶିକ୍ଷାର ଯୋଗ୍ୟତା ମାନ,
ଉଚ୍ଚ ଡିଗ୍ରୀ ଧାରି, ପୁଅ ଝିଅ ମୋରି
ସବୁ ପଣ୍ଡିତର ସ୍ଥାନ ॥(7)
ଘରେ ଲୁଣ ତୁଣ, ଖାଇ ଜେନତେଣ
ଶାଗ ପଖାଳ ଓ ଜାଉ,
ଅଣ୍ଡା, ମାଛ, ମାଂସ, ଭଜା ନବରସ
କହି କେ ମାରଇ ଭାଉ ॥(8)
ପାଖାଳକୁ ଖାଇ, ବିରିୟାନୀ କହି
ଫୁଲେଇ ଗେଲେଇ କେହି,
ପରଲୁଗା ପିନ୍ଧି, ଅଳଙ୍କାର ଖୁନ୍ଦି
ହୁଅନ୍ତି କେତେ ଦେଖାଇ ॥9)
ଦାଣ୍ଡେ ଟେକପଣ, ମନ ଖାଏ ଘୁଣ
ଅକୁହା ବେଦନା ଝଡ଼,
କହି କଥା ମିଛ, ଅପରକୁ ତୁଚ୍ଛ
ଗଢ଼ନ୍ତି କଳ୍ପନା ଗଡ଼ ॥(10)
ମିଛୁଆ ରାଧାଟି, ମିଛ କହି ପାଟି
ଧରା ପଡିଯାଏ ଦିନେ,
ବିଶ୍ବାସ ହରାଏ, ଅଲୋଡ଼ାଟି ହୁଏ
ପଡିରୁହେ ଘର କୋଣେ ॥(11)
ଆଲୁ ଖୋଲୁ ଖୋଲୁ, ମହାଦେବ ତଲୁ
ଉଭା ହୋଇ ହଟହଟା,
ସମସ୍ତ ରହସ୍ୟ, ହୁଅଇ ପ୍ରକାଶ
ଶୁଣିବାକୁ ଲାଗେ ଖଟା ॥(12)

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଲେଖୁଛି ଅଳପ ଭାବୁଛି ବେଶି



ବିନୋଦିନୀ ଦାଶ

ସୁନ୍ଦର ସୃଷ୍ଟିଟେ ଗଢ଼ି ତୋଳିବାକୁ
ଲେଖୁଛି ଅଳପ ଭାବୁଛି ବେଶି
ଭାବନା ରାଜ୍ୟରୁ ସମ୍ୟକ୍ ସୂଚିତ
କରିଦେଲେ ପରା ଉଠଇ ହସି ।

ଅସରନ୍ତି ଥିଲେ ମନର ଭାବନା
ଲେଖି ବସିବାକୁ ସମୟ କାହିଁ
ଲେଖି ମନ କଲେ ପୃଷ୍ଠା ପରେ ପୃଷ୍ଠା
ତାହା ବି ସମାପ୍ତ ହୋଇବ ନାହିଁ ।

ଶବଦ ଫୁଲରେ ସିନା ଗୁନ୍ଥା ମାଳ
ରଙ୍ଗ ସୁରଭିରେ କରି କିମିଆ
ଚହଟାଇ ବାସ ମହକାଇ ଦେବ
ଦେଶଠୁ ବିଦେଶ ସାରା ଦୁନିଆ ।

ଭାବନା ପଥକୁ ରୋଧି ହୁଏ ନାହିଁ
ଲେଖାକୁ ସୀମିତ ହୁଅଇ କରି
ତା' ଭିତରେ ମଜ୍ଜି ହଜାଇ ମନକୁ
ଯେତେ ମଣିମୁକ୍ତା ଦିଅଇ ଭରି ।

ଅଳପ ଲେଖାଟି ଯେବେ ମହତ୍ତର
ଛୁଏଁ ପାଠକର ମନ-ଅଗଣା
ଅଧିକକୁ ମନ କିଆଁ ବଳାଇବା
ତାହା ମଣ୍ଡି ଥାଉ ମନ ଭାବନା ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଭଡ଼ା ମିଛ



ମଧୁମିତା ମିଶ୍ର

"ଅମୁ.. ଆସ ଜଳଖିଆ ପ୍ରସ୍ତୁତ"

"ହଁ ଭାଉଜ" କହି ସିଡି ତଳକୁ ଦୌଡି ଆସିଲା ଅମୀୟ । ଗରମ ଗରମ ଆଳୁ ପରଟା ଖାଇ ଚରମ ତୃପ୍ତିରେ ପାଣି ଗ୍ଲାସ୍ ପିଇଲା ବେଳେ ସୁନନ୍ଦା ଭାଉଜ କହିଦେଲେ "ଏଥର ପ୍ରିୟା କୁ ନେଇ ଆସି ଯାଅ। ଆଉ କେତେଦିନ ଏମିତି ରହିବ କହିଲ। ତା ଛଡା ତମ ବଖରା କୁ ଲାଗି ଆଉ ଦୁଇଟି ରୁମ ତ ବଢ଼େଇ ଦିଆ ଗଲା ନା"..

କଥା ସମାପ୍ତ ହେବା ଆଗରୁ ହୁଁ ହୁଁ କହି ବାହାରିଗଲା ଅମୀୟ। ସେ ସବୁବେଳେ ଏମିତି। ସୁନନ୍ଦା ଭାଉଜ ଯାହା କହିଲେ ତାହା ସତ। କିନ୍ତୁ...

ଦୁଇ ବର୍ଷ ତଳେ ଅମୀୟ ନୂଆ ଚାକିରି ପାଇ ଭୁବନେଶ୍ବର ଆସିଥିଲା। ଭଡ଼ା ଘର ମିଳିବା ଏତେ କଷ୍ଟ ଏଇଠି!! ଆଉ ତା ପରେ ପୁଣି ସର୍ତ୍ତ.. ବିବାହିତ ହିଁ ରହି ପାରିବେ । ଖୋଜା ଖୋଜି କରି ବିରକ୍ତ ହୋଇଯିବା ପରେ ଶେଷରେ ଏହି ଘର ପାଇଥିଲା ଅମୀୟ। ଘର ମାଲିକ ତଳେ ରୁହନ୍ତି। କିଶୋର ମହାନ୍ତି... ସିଡି ଉପର ଦେଇ ଗଲା ପରେ ଗୋଟିଏ ବଖରା ଘର ଆଉ ତା ସଂଲଗ୍ନ ବାଥରୁମ୍.. ଘର ତା ଅଫିସ୍ ପାଖରେ ହୋଇ ଥିବାରୁ ଆଉ ଭଡ଼ା ମଧ୍ୟ ସୁହେଇବାରୁ ସେ ହାତ ଛଡା କରି ନ ଥିଲା ।

ପରିବାର କଥା ପଚାରିବାରୁ ସେମାନେ ଗାଆଁ ରେ ରୁହନ୍ତି କହି ଦେଇଥିଲା। ପତ୍ନୀ ପ୍ରିୟା ଓ ମା ବାପା.. ବାସ୍.. ତା ପରେ କିଶୋର ଭାଇ ଓ ଭାଉଜ ତାକୁ ନିଜ ପରିବାର ର ସଦସ୍ୟ କରି ଦେଇଥିଲେ। ବାହାରେ ଖାଇବା ଖର୍ଚ୍ଚ ମଧ୍ୟ ସେ ସୁନନ୍ଦା ଭାଉଜଙ୍କୁ ଦେଇ ଦେଉଥିଲା।

ISSN NO.
2582-208X

ଆଉ ସେ ନିଜ ଘରେ ଅମୀୟ ପାଇଁ ରୋଷେଇ କରି ଦେଉଥିଲେ। ସେମାନଙ୍କ ଏକମାତ୍ର ପୁଅ ପିଣ୍ଟୁ ଦାଦା ଦାଦା କହି ଦୌଡି ଆସେ ପଢା ବହି ଧରି ଅମୀୟ ପାଖକୁ। ଦୁଇ ବର୍ଷ କେମିତି ଚାଲିଗଲା ଜାଣି ହେଉନି... ଏସବୁ ଭାବୁ ଭାବୁ ଅମୂ ପହଞ୍ଚି ଯାଇଥିଲା ଅଫିସ୍ ରେ..

ବିଶୋୟୀ ବାବୁ ଡକରାରୁ ଅମୀୟ କୁ ଆଉ ଅମୀୟରୁ କେତେବେଳେ ଅମୁ ଡକା ଆରମ୍ଭ ହୋଇଯାଇଥିଲା ତାହା ମଧ୍ୟ ତାର ମନେ ପଡେ ନାହି.. କିଶୋର ଭାଇ ଙ୍କ ଅଡିଟ ଚାକିରି ଯୋଗୁଁ ଭାଉଜ ତା ଉପରେ ନିର୍ଭର କରିବା ମଧ୍ୟ ଆରମ୍ଭ କରି ଦେଇଥିଲେ ।

ଅମୀୟ ରହିବା ପରେ ସେମାନେ ତା ପରିବାର ରହିବା ସୁବିଧା ହେବ ଭାବି ଆଉ ଦୁଇଟି ରୁମ ଅଧିକା କରି ଦେଇଥିଲେ।ଆଜିକାଲି ଘର ଭଡ଼ା ଯାହା ହେଲାଣି...!! ପଇସା ଦେଇ ମଧ୍ୟ ମନ ମୁତାବକ ଘର ପାଇବା ସ୍ୱପ୍ନ ହେଇଗଲାଣି। ଏ ଅବସ୍ଥାରେ ଏପରି ସହଯୋଗ ପାଇଁ ଅମୀୟ ମନ କୃତଜ୍ଞତା ରେ ଭରି ଯାଉଥାଏ...

ପ୍ରତି ସପ୍ତାହରେ ଗାଆଁକୁ ଯାଏ ଅମୀୟ। ଶନିବାର ସନ୍ଧ୍ୟାରେ ଯାଇ ପୁଣି ସୋମବାର ସକାଳୁ ଆସି ଅଫିସ୍। ରୀତିମତ ରୁଟିନ ଥିଲା ଏହା। ହେଲେ ଗତ ତିନି ସପ୍ତାହ ହେଲା ତା ଅଫିସ୍ ରେ କିଛି ଦରକାରୀ କାମ ଥିବାରୁ ସେ ଜମା ଯାଇ ପାରି ନ ଥିଲା । ମନଟା ବହୁତ ବ୍ୟସ୍ତ ହେଉଥିଲା। ଅବଶ୍ୟ ସେ ଫୋନରେ କଥା ହୋଇଯାଏ। ହେଲେ ମଧ୍ୟ..!!??

"ଅମୁ.." ବାପାଙ୍କ କଣ୍ଠ ଶୁଣି ଅମୀୟ ଖୁସିରେ ଦୌଡି ଆସିଲା ଅଫିସ୍ ବାଲକୋନୀକୁ ।

"ଆମେ ତୋ ଘରେ ଅପେକ୍ଷା କରିଛୁ ତୋତେ.."

ଏତିକି ଶୁଣି ଅମୀୟ ଆଶ୍ଚର୍ଯ୍ୟ ହୋଇଗଲା ...ସେମାନେ କେମିତି ତାକୁ ନ ଜଣେଇ ଭୁବନେଶ୍ୱର ଆସିଗଲେ !!?? ତା ସହ ଆନନ୍ଦିତ ମଧ୍ୟ ହେଲା ଯେ ଏତେ ଦିନ ଦେଖା ହୋଇନି ଯା ହେଉ ଆଜି ଦେଖା ହେବ..ସେମାନଙ୍କ ଦେହପା ନେଇ ଅମୀୟ ସବୁବେଳେ ଚିନ୍ତିତ ରହିଥାଏ ।

"କିନ୍ତୁ ବାପା..ମୋ ଘର ଠିକଣା କିପରି ପାଇଲେ!!??" ପଚାରିଲା ଅମୁ..

ISSN NO.
2582-208X

"ତୋ ସୁନନ୍ଦା ଭାଉଜ ଦେଇଥିଲେ..କାଲି ଫୋନ୍ କରିଥିଲେ।"

ଅମୀୟ ମନେ ପକେଇଲା..କିଛି ମାସ ତଳେ ଭାଉଜ ତା ବାପାଙ୍କ ନମ୍ବର ମାଗିଥିଲେ। ଗୋଟିଏ ଘର ପରି ଚଳୁ ଥିବାରୁ ସେ ମଧ୍ୟ ଅନାୟାସରେ ଦେଇଥିଲା। ହେଲେ ଭାଉଜ...କାହିଁକି ଯେ ଫୋନ୍ କରିଥିଲେ ଆଉ ସେ ମା ବାପାଙ୍କୁ କାହିଁକି ଡାକିଛନ୍ତି..!!??
ଏହା ଭାବି ବିଚଳିତ ହୋଇ ଉଠୁଥିଲା ଅମୀୟ..

ଘରେ ପହଞ୍ଚିଲା ବେଳେ ଦେଖିଲା ତା ମା ବାପା କିଶୋର ଭାଇଙ୍କ ଘରେ ତଳେ ଅଛନ୍ତି। କିଛି କହିବା ଆଗରୁ ବାପା କହି ଉଠିଲେ "ତୁ କିଛି ଦିନ ଘରକୁ ନ ଯିବାରୁ ବ୍ୟସ୍ତ ହୋଇ ତୋ ଭାଉଜ ଫୋନ୍ କଲେ। କାରଣ ତୋ ଦ୍ଵାରା ସେ ଆମକୁ ମଧ୍ୟ ନିଜର ଭାବି ପାରିଲେ..ଆଉ ତୁ..!!??"

ଅମୀୟ କଣ ବା କହି ଥାଆନ୍ତା? ଅପରାଧୀ ପରି ଠିଆହେବା ଛଡା ଆଉ କଣ କରନ୍ତା??

"ଅନେକ ଥର ଭାବିଛି...ସତ କହିବାକୁ..ହେଲେ ପିଣ୍ଟୁ..ସେ କଣ ଭାବିବ!!?? ତା ଦାଦା ମିଛ କୁହନ୍ତି? କେବଳ ଏତିକି ଭାବି ମୁଁ ଅବିବାହିତ ଏ କଥା ଆଉ କହି ପାରିନି ଭାଉଜ.."ଏକ ନିଃଶ୍ଵାସ ରେ କହି ଗଲା ଅମୀୟ..

"ତା ହେଲେ କଣ କରିବା ଏବେ"? ଭାଉଜ ପ୍ରଶ୍ନ କଲେ...

ସମସ୍ତେ ପରସ୍ପରକୁ ଚାହୁଁ ଥିଲେ.. ହେଲେ ଉତ୍ତର..!!??

ଉତ୍ତର ମିଳିବା ବୋଧେ ଆଉ ସମ୍ଭବ ନଥିଲା...!!

ଭୁବନେଶ୍ଵର

ISSN NO.
2582-208X

# ସହନରେ ଘର



ଅଲେଖ ମେହେର

ବୁଢ଼ୀଆଣୀ, ଦୁଇ ତରୁ ଡାଳରେ, ବାସ ବାନ୍ଧଇ ମୋଦରେ
ମରୁତ ଭାଙ୍ଗଇ ଶ୍ରମ ବୃଥା ଯାଇ
ନପାରଇ ତିଷ୍ଠି ଥରେ ।
ହେଜିଲା ମାନସେ ଅସହ୍ୟ ବିରସେ
ଦାଉ ସାଧିଲା ଅନିଳ,
ଉଟଜ ବିହୁନେ ରହିବ କେ ବନେ
କୁକ୍ଷି ହୁଏ ହାଉ ହାଉ ।
ଉଦର ପାଳନେ ଫନ୍ଦର ଗହନେ
ବାସ ବିତୁଥିଲା ମୋର,
କାଳ ବଇଶାଖି ସମକରେ ଆଖି
ବତାସ ଆସଇ ଘୋର ।
ଏକାଳେ ନିକଟ ତ୍ୟକତ ଶକଟ
ଇକ୍ଷଣରେ ବିରାଜିଲା,
ମନ ଉଛାଟରେ ଚକର ମଧ୍ୟରେ
ବସା ଖରେ ବାନ୍ଧି ଦେଲା ।

ISSN NO.
2582-208X

କିଛିକ୍ଷଣ ପରେ ଯୋଖିଲା ତହିଁରେ
କୃଷକ ଆସିଣ ହଳ,
ହାଟକ ସ୍ୱପନ ନିମିଷକେ ଶୁନ
ପେଟ ହେଲାଣି ବିକଳ।
ନର ବାସେ ବାସ ବୁଣି ଭରି ହସ
ଆନନ୍ଦେ କାଟିଲା କାଳ,
କହେ ଯାଯାବର ସହନରେ ଘର
ଅସହନେ ଘୋଟେ ଜାଲ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# କନ୍ୟା ରତନ



ବାଙ୍କାବିହାରୀ ମହାକୁର

ବଢେ ଗରଭରେ କେତେ ସରାଗରେ
ଭେଦିବାକୁ ଅନ୍ଧକାର
ମନେ ଆସୁମାରି ହୃଦୟରେ ଭରି
ଡାକୁଥାଏ ରକ୍ଷାକର ।

ଆଲୋକ ଦେଖିବି ହସି ହସାଇବି
ମୁଖେ ଉକୁଟାଇ ହସ
କୁସୁମର ସମ ସଦା ରଖି ଭାବ
ବିତରି ଦେବି ସୁବାସ ।

କନ୍ୟାଭ୍ରୁଣ ଜାଣି କ୍ରୁର ଭାବ ଘେନି
ଦିଅନ୍ତି ମୋତେ ଉଜାଡି
ମନର ସରାଗ ରୂପନେଇ ରାଗ
ଗର୍ଭଧାରୀ ଦିଏ ଛାଡି ।

ବଞ୍ଚିବାକୁ ମୋର ନାହିଁ ଅଧିକାର
ଅଲୋଡା ମୁହିଁ ସଂସାରେ
ଭାବନ୍ତି ଅଲକ୍ଷ୍ମୀ ହେବୁ ନାହିଁ ସୁଖି
ଦୟା ନାହିଁ କା ଅନ୍ତରେ ।

ମୋର ଅଧିକାର ଦିଅ ନାରୀନର
କର ନାହିଁ ହତାଦର
କେମିତି ଚଳିବ ଚରାଚର ଭବ
କନ୍ୟା ବିହୁନେ ସଂସାର ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।।। ୬ ଦୃଶ୍ୟ ।।

(ନବିନା ପ୍ୟାରେଡ଼ କରୁଥାଏ, ବେଣ୍ଟ ମହାକୁଡ଼ ସମ୍ମୁଖରେ ରହି ନିରୀକ୍ଷଣ ସହିତ ହ୍ୱୁସିଲ ତାଳେ ତାଳେ ଏକ-ଦୋ,ଏକ-ଦୋ କମାଣ୍ଡିଙ୍ଗ କରୁଥାଏ।)

ବେଣ୍ଟ- ସା-ବ-ଧା-ନ!ସାମନେ ଦେଖ- (ହ୍ୱୁସିଲ ବଜାଇ ଏକ-ଦୋ, ଏକ-ଦୋ କରୁଥାଏ)

ନବିନା-(କିଛି ସମୟ କଦମତାଲ କରି ପୂରା ଝାଳ ସରସର ହୋଇଯାଏ)ଓଃ ଆଉ ପାରିବିନି ସାର!

ବେଣ୍ଟ-ହ୍ୱାଟ!ପାରିବୁନି! ପୋଲିସ ଚାକିରୀ କରି ଏତେ ପେଁ-କାଳିଆ ହେଲେ ଚଳିବ? ଇଏସ, ରେଡି ଷ୍ଟାର୍ଟ ଏକ-ଦୋ (ହ୍ୱୁସିଲ ସହିତ)

ନବିନା-ନା ସାର! ଆଉ ଜମାରୁ ପାରିବିନି। ମୋ ହାଲତ ବିଗିଡି ଗଲାଣି।

ବେଣ୍ଟ-ଉଁ ଶଳା! ମୋ ପାଖେ ପେଁ-କାଳିଆ ମାରୁଛୁ! ତୁ ଜାଣୁ ମୁଁ କିଏ?

ନବିନା- ଆପଣ କିଏ ସାର?

ISSN NO.
2582-208X

ବେଣ୍ଟ- ବେଣ୍ଟ ମହାକୁଡ଼। ଥାନା ଲୋକ ମୋତେ ପ୍ରଷ୍ଟିଜରେ ଡାକନ୍ତି ବେଣ୍ଟ ବାବୁ। ତୁ ଗୋଟେ ପାରିବୁନି କଣବେ ? ଶଳାକୁ ଦେବି ଏଇନା ଗୋଟେ ପିତଳ ଠୁସା ଯେ ପାରି ପାରି ଥକିଯିବୁ। ଚାଲ-ଷ୍ଟାର୍ଟ କର-

ଏକ-ଦୋ,ଏକ-ଦୋ, ଆବେ ଗଛ ଭଳି ଠିଆ ହେଇଛୁ କଣ ଷ୍ଟାର୍ଟ କର ? ମୋ କମାଣ୍ଡିଙ୍ଗ ତୋତେ ଶୁଭୁନି ?

ନବିନା-ସତ କହୁଛି ସାର! ମୁଁ ଆଉ ଜମା ପାରିବିନି। ଗୋଡ଼ ଫୁଲି ଗୋଦରା ହେଲାଣି। ଆପଣଙ୍କ ଗୋଡ଼ ଧରୁଛି ସାର! ମୁଁ ଆଉ ସେ କଦମତାଲ କରିପାରିବିନି।(ଗୋଡ଼ ଧରେ)

ବେଣ୍ଟ- ସତ କହୁଛୁ ତୁ ଆଉ ପାରିବୁନି ?

ନବିନା- ଆପଣଙ୍କ ମୁଣ୍ଡ ଛୁଉଁଛି ସାର! (ମୁଣ୍ଡ ଛୁଇଁବାକୁ ହାତ ବଢ଼ାଏ)

ବେଣ୍ଟ- (ଘୁଞ୍ଚି ଯାଇ) ଥାଉ ମୋ ମୁଣ୍ଡ ଛୁଇଁ ମୋତେ ମାରା କରନା। ମୋଠାରୁ ଗୋଟେ ମିଟର ଦୂରରେ ଛିଡା ହୁଅ ପେଁ-କାଳିଆ।

ନବିନା- ନା ସାର ମୁଁ ଯାଉଛି।(ପ୍ରସ୍ଥାନ ଉଦ୍ୟତ)

ବେଣ୍ଟ- କୁଆଡେ ? କୁଆଡେ ଯିବୁ ? ଶୁଣ-ମୋ ପାଖକୁ ଆ-

ନବିନା- ନା ସାର ମୁଁ ଯାଉଛି-

ବେଣ୍ଟ- ଆବେ ଶୁଣ! ଶଳା ଏମିତି ମାଇ ପିଲା ଭଳି ପେଁ-କାଳିଆ ହେଉଛୁ କାହିଁକି ?

ନବିନା- ନା ସାର ମୁଁ ଷଣ୍ଢ।

ବେଣ୍ଟ-ସେଇୟା କହୁନୁ! କାହା ବାଡ଼ି ବଗିଚାରେ ପଶିଲୁଣି ନା ନାହିଁ ?

ନବିନା- ସେକଥା କୁହନ୍ତୁନି ସାର! କହିଲେ ମୋତେ ଖାଲି କାନ୍ଦ ମାଡିବ।(କାନ୍ଦେ)

ବେଣ୍ଟ- କିରେ- କହୁ କହୁ କଣ କାନ୍ଦିଲୁଣି। କଣ ହେଇଛି ତୋର ?

ISSN NO.
2582-208X

ନବିନା- କନେଷ୍ଟବଳ ନବିନା ଦାସ ବଡ଼ ହତଭାଗାଟିଏ ସାର! ଯେଉଁ ଡାଳ ଧରିଲା ସେ ଡାଳ ଭାଙ୍ଗିଲା। ୨୮ ବର୍ଷର ବଛା ଦାମୁଡ଼ିଆ ହେଲିଣି ଅଥଚ ଭାଗ୍ୟରେ ଗୋଟେ ବି ଛଡା ଜୁଟୁ ନାହାନ୍ତି।

ବେଣ୍ଟ- ସତରେ ତୁ ଟା ଅଣପୁରୁଷା।

ନବିନା-ନା ସାର! ମୁଁ ଷଣ୍ଢ। ହେଲେ ଭାଗ୍ୟହୀନ ଶଣ୍ଢଟିଏ।

ବେଣ୍ଟ- ଆବେ ନବିନା!

ନବିନା-ସାର!

ବେଣ୍ଟ- ସେ ଯେଉଁ ଆମ ଡିପାର୍ଟମେଣ୍ଟରେ ଜଏନ କରିଛି।

ନବିନା-କିଏ ସାର?

ବେଣ୍ଟ- ଆବେ କଣ ଯେ ତା' ନାଆଁଟା....?

ନବିନା- ନାରଙ୍ଗୀ?

ବେଣ୍ଟ- ଏଇ ଜାଣିଛୁ ତ ଆଉକଣ? ଆ-ହା-ହା, କି ନାଁ ଖଣ୍ଡେରେ ତା'ର ନବିନଚାନ୍ଦ। ମାଇର ନାଁ ଯେମିତି ହେଇଚି ସେମିତି। ପୂରା କାଶ୍ମୀର ସେଓ ତ...

ନବିନା- ସାର ମୋତେ ଫାଳେ ଦେବେନି?

ବେଣ୍ଟ- ଚୋପ ବେ-, କହିଲା ଫାଳେ ନେବ, ବେ ନାରଙ୍ଗୀ ଗୋଟା ସାରା ମୋର।

ନବିନା-ଆପଣଙ୍କର ଏ ବୟସରେ ବି ଟେଲରିଂ ରୋଗ ଅଛି ସାର?

ବେଣ୍ଟ- କିରେ ନବିନା!ମୋର ଆଉ ବୟସ କେତେ ହେଲାକି? ଏଇ ଫଗୁଣକୁ ଛପନ ପୂରି ସତାବନ ହେବ। ଚୁଳ ଦିଇ କେରା ପାଚି ଯାଇଛି ବୋଲି କଣ ବୁଢା ହେଇଗଲି?

ନବିନା-ନା ସାର! ଆପଣ ପୂରା ଛନଅଛନିଆ।

ISSN NO.
2582-208X

ବେଣ୍ଟ-ଆବେ ନବିନା ?

ନବିନା-ସାର !

ବେଣ୍ଟ-ମୁଁ ଆଜି ନାରଙ୍ଗୀକୁ ଏଇଠିକୁ ମାନେ ଆମ ଡିପାର୍ଟମେଣ୍ଟକୁ ଡାକିଛି ।

ନାରଙ୍ଗୀ (ପ୍ରବେଶି ସେଲ୍ୟୁଟ ମାରେ )କୁହନ୍ତୁ ସାର ? କଣପାଇଁ ମୋତେ ଡାକିଥିଲେ ?

(ଦୁହେଁ ଏକ ଧ୍ୟାନରେ ଅନେଇ ରହିଥାନ୍ତି)

ଭ଼ଁ-- ଏମିତି ଚରା ଡାହାଣା ପରି ଅନେଇଛନ୍ତି କଣ ?କହୁ ନାହାନ୍ତି କଣପାଇଁ ଡାକିଥିଲେ ?

ବେଣ୍ଟ- ତମେ... ?

ନାରଙ୍ଗୀ- ମୁଁ ପରା କନେଷ୍ଟବଳ ନାରଙ୍ଗୀ ।

ବେଣ୍ଟ-ସତରେ ତମେ ଆସିଛ ନାରଙ୍ଗୀ.. ?

ନବିନା- ମୁଁ ତ ଭାବିଥିଲି ତମେ ଆସିବିନି ବୋଲି...

ବେଣ୍ଟ-ଚୁପ ଶଳା ପେଁ-କାଳିଆ ! ଯାଆ- ସେପଟେ ଡିୟୁଟି କରିବୁ ।

ନବିନା- ସାର ! ମୁଁ ଟିକେ ଶିଖିବି ?

ବେଣ୍ଟ- ଏବେ ଟାଇମ ନାହିଁ ଯାଆ ପରେ ଶିଖେଇଦେବି ।

ନବିନା- ବଡ଼ ମନ ହେଇଥିଲା ସାର !ଶିଖିଯାଇଥିଲେ କାହା ବାଡ଼ି ରେ ପଶି ଥାଆନ୍ତି ।

ବେଣ୍ଟ- ଓ ହୋ ତୁ ଏଠାରୁ ଯିବୁ ନା ଗୋଟେ ପିତଳ ଠୁସା ମାରିବି ?

(ରୋଲ ବାଡ଼ି ଉଞ୍ଚାଏ )(ନବିନା ଅତର୍ଛିଆ ଧାଇଁ ପଳାଏ )

ବେଣ୍ଟ- (ଗଳା ଖିଙ୍କାରି )ନା-ର-ଙ୍ଗୀ

ISSN NO.
2582-208X

ନାରଙ୍ଗୀ- କୁହନ୍ତୁ ସାର ?

ବେଣ୍ଟ- ନା ମାନେ କଥା କଣ କି..ମୋ ଚେମି କଥା ମନେ ପଡି ଯାଉଛି ତ...! କେତେ ମୋତେ ପ୍ରେମ କରୁଥିଲା!କେତେ ତା' ଛତିରେ ଜଡେଇ ଧରୁଥିଲା...କିନ୍ତୁ ୧୦ ବର୍ଷ ହେଲା ମୋତେ ଫାଙ୍କା କରି ଚାଲିଗଲା। ତମେ ଆଉଥରେ ବେଣ୍ଟ ପାଖକୁ ଫେରିଆସ ଚେମି ମୋତେ ତମ ଛାତିରେ ଜଡେଇ ଧର...(ନାରଙ୍ଗୀକୁ ଜଡେଇ ଧରେ)

ନାରଙ୍ଗୀ- ଓଃ ଏ କଣ ହେଉଛି ସାର! ମୁଁ ଆପଣଙ୍କ ଚେମି ନୁହେଁ ମୁଁ କନେଷ୍ଟବଳ ନାରଙ୍ଗୀ।

ବେଣ୍ଟ- ନା ତମେ ମୋ ଚେମି।ତମେ ମୋ ଚେମି।ମୁଁ ତୁମକୁ ଆଉ ଛାଡିବିନି ଚେମି।ମୁଁ ତୁମକୁ ...

(ଇନ୍ସପେକ୍ଟର ନିହାର ଓ ନବିନା ପ୍ରବେଶି)

ନିହାର- ବେଣ୍ଟ ବାବୁ! ଏ କଣ ହେଉଛି ? ଛାଡ଼! ନାରଙ୍ଗୀକୁ ଛାଡିଦିଅ।

ବେଣ୍ଟ- ନା ମୁଁ ଆଜି କାହାରି ଆଦେଶ ମାନିବିନି। ମୋ ଚେମି ମୋ ପାଖକୁ ଫେରି ଆସିଛି। ମୁଁ ତାକୁ ଗୋଟେ ମଧୁର ଚୁମା ଦେବି(ଚୁମା ଦେବା ସମୟରେ ନିହାର ରୋଲ ବାଡ଼ିରେ ମାରେ)

ବେଣ୍ଟ- ଓଃ- କିଏବେ ସେ ବେଣ୍ଟକୁ ଘାଏଲ କଲା।

ନିହାର- ଏସବୁ କଣ ଚାଲିଛି ?ଏଇଟା ଗୋଟାଏ ପୋଲିସ ଡିପାର୍ଟମେଣ୍ଟ ନା ଆଉକିଛି ?

ବେଣ୍ଟ- ନା ସାର ମୋ ଚେମି କଥା ମନେ ପଡ଼ିଗଲାତ...

ନିହାର- ହ୍ୱାଟ ନନସେନ୍ସ! ଚେମି ? ଚେମି କିଏ ?

ନବିନା- ବେଣ୍ଟ ମହାକୁଡ଼ଙ୍କର ଧର୍ମପତ୍ନୀ ସାର।

ନିହାର- ଚୁପଚାପ ଡିୟୁଟି କର। ନାରଙ୍ଗୀ ଆସ ମୋ ସହିତ। (ନିହାର ଓ ନାରଙ୍ଗୀର ପ୍ରସ୍ଥାନ)

ISSN NO.
2582-208X

ବେଣ୍ଟ- ନବିନା!...

ନବିନା- ଆଜ୍ଞା ସାର !

ବେଣ୍ଟ- ଶଳା ପେଁ-କାଳିଆ! ଚଢ଼େଇଟା ଜାଲରେ ଫସିବା ବେଳେ ଦେଲୁ ଭଣ୍ଡୁର କରି। ତୋତେ ମୁଁ ଆଜି ଛାଡିବିନିରେ ନବିନଚାନ୍ଦ! ନଚେଇ ନଚେଇ ତୋ ବେଦମ ନିକାଲିଦେବି। ସାବଧାନ! ସାମନେ ଦେଖ! କଦମତାଲ କରଙ୍ଗେ- ଏକ- ଦୋ(ବେଣ୍ଟ ବି କ୍ରୋଧରେ ଆଖି ବନ୍ଦ କରି କଦମତାଲ କରିଚାଲେ।ମଉକା ପାଇ ନବିନା ଚମ୍ପଟ ହୋଇଯାଏ )

(ଆଖି ଖୋଲି ଦେଖେ ତ ନବିନା ନାହିଁ। )ଉଁ---ଶଳା ବାଙ୍ଗା- ନବିନା ବାଙ୍ଗଚଲକାନା.....!


[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଅନ୍ଧଗଳିର ଅନ୍ଧାର



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ଆମ ଆରମ୍ଭହିଁ ତାଙ୍କର ଶେଷ
ସେତ ଚପଲ ମାଡି ଚାଲନ୍ତି
ଆମ ଖାଲି ପାଦର ଦୈନିକ ମଜୁରିରେ
ଆମ ଶହେ ଟଙ୍କିଆ ଜୀବନକୁ
ସେ ପାଞ୍ଚ ଥର ଭାଙ୍ଗନ୍ତି
ତାଙ୍କ ଦଶ ଟଙ୍କିଆ କୋଡିଆ ଟଙ୍କିଆର ତାଡାରେ....

ତାଙ୍କ ପାଦର ନିକଟରତର
ଆମ ଆଶା ଆଉ ନିଶା
ସେ କିନ୍ତୁ ମଝିରେ ମଝିରେ ଥୋଇ ଚାଲନ୍ତି
ଆମ ଜୀବନ ରାସ୍ତାରେ
ମେଞ୍ଚେ ମେଞ୍ଚେ ଲୁହା କଣ୍ଟା
ସେ କଣ୍ଟା ପାଦ ଫୁଟାଇ
ରକ୍ତ ଝରାଇ ଚାଲେ
ଆମ ନିଶା ଟିଟାନାସ ସାଜି
ପାଦର ବ୍ୟଗ୍ରତାକୁ ବଢାଇଚାଲେ.....

ISSN NO.
2582-208X

ନିଜ ମୁଣ୍ଡର ଛାତକୁ
ପାଞ୍ଚ ମହଲାରେ ପରିଣତ ପାଇଁ
କାହା ମୋ କୁଡିଆରୁ
ଦଶ ହଜାର ଲାଞ୍ଚ
ସେ ପୁଣି ଶୂନସାନ ଜନଶୂନ୍ୟ ରାସ୍ତାରେ....

ତୁମେ ନିଶ ମୋଡି
ମୁଣ୍ଡଟେକି ଚଉପାଢୀରେ
ଚଉରସିଆ ଗପ
ଧର୍ମ ବିନା ଅର୍ଧମକୁ ତୁମେ ଛୁଇଁନ
କିଏ ଜାଣେ
ତୁମ ଘରେ ବସିଥିବା ଧର୍ମବତାର
ଖାଉଥିବା ଭୋଗ
କାହା ଝାଳ ଆଉ ରକ୍ତର
ମୂଲ୍ୟ ନୁହେଁତ ........

କେତେ ଚାଉଳରେ କେତେ ପାଣି
କେତେ ଚୁନାରେ କେତେ ପିଠା
ଯେ ଗଢେ ସେତ ଜାଣେ
ତୁମେତ କଳାପାହଡ ସାଜି
ଭାଙ୍ଗି ଚାଲିଛ
କାହା ଚୁଲି ସହ ହାଣ୍ଡିର ସମ୍ପର୍କତ
ଭାତ ସହ ପେଟର ବିଚ୍ଛେଦ........

ଚଣ୍ଡିଖୋଲ, ଯାଜପୁର

ISSN NO.
2582-208X

# ସ୍ୱପ୍ନ



ନିରୂପମା ପଟେଲ

ସ୍ୱପ୍ନ ଅସୁମାରୀ ଆସେ ଅବତରି
ମୁଦ୍ରିତ ନୟନେ ମୋର
ପାନ୍ଥଶାଳା ଭାବି ଲେଖି ଯାଏ କିଛି
ଅବୋଧ ମନରେ ତାର ।

ଅନ୍ଧାର ରାତିରେ ପଥିକ ସାଯେରେ
ମନରେ ଭରି ଆଲୁଅ
ଅଜଣା ରାଇଜେ ପାଦ ଥାପି ସିଏ
ପାଏରେ ମଧୁର ସୁଅ ।

ଦୂର ଦେଶେ ତାର ମନ ଭାସୁଥାଏ
ପକ୍ଷୀରାଜ ଘୋଡ଼ା ଚଢ଼ି
ସ୍ୱପ୍ନ ର ମହଲେ ଶୋଭା ପାଉଥାଏ
ପଦୁଅଁ ଫୁଲ ର କଢ଼ି ।

ଇନ୍ଦ୍ର ଉପବନେ ବିହରଣ କରେ
ମନର ମଣିଷ ସଙ୍ଗେ
ପ୍ରେମ ପାରିଜାତ ତୋଲିଆଣି କରେ
ସୁସଜ୍ଜିତ କରେ ଅଙ୍ଗେ ।

ମଧୁଭରା ରାତି ଯାଉଅଛି ପାହି
କେମିତି ଭୁଲିବି କୁହ
ମଳୟ ପବନ ଆସୁଅଛି ବହି
ଏ ସ୍ୱପ୍ନ ଟିକିଏ ରୁହ
ଏ ସ୍ୱପ୍ନ ଟିକିଏ ରୁହ ।।

ମହିଆପଲ୍ଲୀ, ବଲାଙ୍ଗୀର

ISSN NO.
2582-208X

# ମୁକ୍ତିଦାତ୍ରୀ



ରଶ୍ମିତା ସାହୁ

କିଏ କହେ ତୁମେ ନିଷ୍ଠୁର,
କିଏ କହେ ତୁମେ ଭୟଙ୍କର
କିଏ କୁହେ ତୁମେ ନିର୍ଦ୍ଦୟୀ,
କିଏ ପୁଣି କହେ ତୁମେ ଆତତାୟୀ
ଯିଏ ତୁମକୁ ନ ଦେଖିଛି
ତୁମ କଳ୍ପନାରେ ଆତଙ୍କିତ ଅଛି
କିନ୍ତୁ,
ତୁମେ ସମ୍ମୋହିନୀ,
ତୁମେ ଦିବ୍ୟ ସ୍ଵରୂପା
ତୁମେ ଶାନ୍ତି ପ୍ରଦାୟୀ
ତୁମେ ସ୍ୱର୍ଗ ସୁଖଦାୟୀ ।।
ଥରେ ତୁମକୁ ଯେ ଦେଖିଛି,
ତା ହୃଦ୍ ସ୍ପନ୍ଦନ ଅଟକି ଯାଇଛି
ଏହି ଭୌତିକ ସଂସାର ସୁଖ,
ତାକୁ ଗୌଣ ମନେ ହୋଇଛି ।
ହରଡ଼ଘଣାରେ ପଡ଼ି ଏ ଜୀବନ
ଯେବେ ଯନ୍ତ୍ରଣା ଭୋଗୁଛି,

ISSN NO.
2582-208X

ତୁମ କୋଳେ ମଥା ରଖି
ସେ ଯେ ପୀଡ଼ା ରୁ ମୁକ୍ତ ହୋଇଛି ॥
ତୁମ ସ୍ପର୍ଶେ କି ଯାଦୁ ଅଛି କେଜାଣି,
ଆତ୍ମୀୟଙ୍କ ବେଦନା ନପାରେ ଜାଣି
ତୁମ ହାତ ଧରି ଚାଲିଯିବା ପାଇଁ
ଏ ସଂସାରୁ ବିଦାୟ ନେଇଛି ।
ପରିଶେଷରେ ଏତିକି କହିବି
ନା ତୁମେ ନିର୍ଦୟୀ,ନା ହି ତୁମେ ଆତତାୟୀ
ତୁମେ ପରା ମୁକ୍ତିଦାତ୍ରି ।।
ଏ ଦୁନିଆ ତୁମକୁ ମୃତ୍ୟୁ ନାମ ଦେଇ,
ମିଛେ ବଦନାମ୍ କରୁଛି...ମିଛେ ବଦନାମ୍ କରୁଛି।॥

ଛତ୍ରପୁର(ଗଞ୍ଜାମ)
email - rasmi.k.sahu777@gmail.com

ISSN NO.
2582-208X

# ସ୍ୱାଧୀନତା ପରବର୍ତ୍ତୀ ଓଡିଆ ନାଟକରେ ବିଭିନ୍ନ ବାଦର ପ୍ରଭାବ ( ୧୯୬୦-୧୯୮୦ )



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ମଣିଷ ଜୀବନ କର୍ମମୟ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ କୌଣସି ନା କୌଣସି କର୍ମରେ ଲିପ୍ତ ଥାଏ । କର୍ମ କ୍ଳାନ୍ତ ମାନବ ନିଜର କ୍ଳାନ୍ତି ଦୂରୀକରଣ ନିମିତ ଅନେକ ଉପାୟ ବାହାର କରିଛି, ନାଟ୍ୟ ସାହିତ୍ୟ ତା ମଧ୍ୟରୁ ଅନ୍ୟତମ । ନାଟକ ହେଉଛି ଏକ ମନୋରଞ୍ଜନ ମୂଳକ ଦୃଶ୍ୟ, ଶ୍ରାବ୍ୟ କାବ୍ୟ ର ସୁସମନ୍ୱୟ । ତେଣୁ ଏହା ଦର୍ଶକ ପ୍ରାଣକୁ ମୁଗ୍ଧ କରିବାରେ ଅଧିକ ସଫଳ ହୋଇପାରିଛି । ମଣିଷ ଜୀବନ ଯେତେବେଳେ ସରସ, ସୁନ୍ଦର, ଶୋଭାମୟ ସେତେବେଳେ ମଣିଷ ଉପଲବ୍ଧି କରେ କାବ୍ୟର ଆସ୍ୱାଦ । ଜୀବନ ଯେତେବେଳେ ଜଟିଳ, ସଂଘର୍ଷ, ଦ୍ୱନ୍ଦ୍ୱମୟ ସେତେବେଳେ ଦେଖାଯାଏ ନାଟକ । ଜୀବନ ସୁଖ-ଦୁଃଖ, ହସ-କାନ୍ଦ, ଉତ୍ଥାନ -ପତନ, ଆରୋହ -ଅବରୋହ ମଧ୍ୟ ଦେଇ ଗତି କରେ । ନାଟକ ଏହି ଜୀବନକୁ ଉପସ୍ଥାପନ କରେ । ନାଟକରେ ଦର୍ଶକ ହେଉକି ଶେଷ୍ଠ । ନାଟ୍ୟକାର ସର୍ବଦା ଦର୍ଶକଙ୍କୁ ଆଖି ଆଗରେ ରଖି ନାଟକ ରଚନା କରିଥାଏ । ନାଟକ ମାଧ୍ୟମରେ ନାଟ୍ୟକାର ଦର୍ଶକଙ୍କୁ ନେଇଯାଏ ଏକ କାଳ୍ପନିକ ଜଗତକୁ । ନାଟ୍ୟକାରଙ୍କର ନାଟକ ସେତିକି ବେଳେ ସଫଳ ହୁଏ, ଯେତେବେଳେ ଦର୍ଶକ, ନାଟ୍ୟକାର ଏବଂ ଅଭିନେତା ଆତ୍ମ-ଚେତନାର ଉର୍ଦ୍ଧ୍ୱକୁ ଯାଇ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି । ମନୋରଞ୍ଜନ ହିଁ ନଟକାର ପ୍ରକୃତ ଧର୍ମ । ଓଡିଆ ନାଟକର ଆଦ୍ୟ ଓଁ କାର ଜଗନ ମୋହନ ଲାଲାଙ୍କ "ବାବାଜୀ" ନାଟକରୁ ଆରମ୍ଭ ହୋଇଛି ।

ନାଟକ ଶବ୍ଦଟି "ନଟ୍" ଧାତୁରୁ ଉତ୍ପନ୍ନ ବୋଲି "ନାଟ୍ୟ ଦର୍ପଣ" ରେ ଉଲ୍ଲେଖ ଅଛି । ଏହାର ଅର୍ଥ ଅନୁକରଣ । ଅନ୍ୟ କେତେକ ଆଲୋଚକ 'ନୃତ୍ୟ' ଶବ୍ଦରୁ ନାଟକର ଉତ୍ପତି ବୋଲି ମତ ଦେଇଥାନ୍ତି, ଏହି ନଟ୍ ଧାତୁର ଅର୍ଥ ଅଭିନୟ । ଆରିଷ୍ଟଟଲଙ୍କ ମତରେ "ନାଟକ

ISSN NO.
2582-208X

ଏକ ଅନୁକରଣ କଳା" । ସିସେରୋଙ୍କ ମତରେ "Drama is the copy of life, a mirror of custom, a reflection of truth" ଅର୍ଥାତ ମାନବୀୟ ଜୀବନର ବିଶ୍ୱସ୍ତ ଅନୁସରଣ, ରୀତିନୀତିର ଦର୍ପଣ ଓ ସତ୍ୟର ପ୍ରତିଫଳନ । ଇଂରେଜ କବି କଲେରିଜଙ୍କ ମତରେ "Drama is not a copy but an imitation of nature" ବିଭିନ୍ନ ଆଲୋଚକଙ୍କ ମତ ଅନୁସାରେ ନାଟ୍ୟକାର ନିଜର ନାଟକ ପାଇଁ ପ୍ରକୃତି ବ ବାସ୍ତବ ଜଗତରୁ ଉପାଦାନ ସଂଗ୍ରହ କରନ୍ତି ଏବଂ ଏଥିରେ ଉତ୍ସାହପୂର୍ଣ୍ଣ ଆଗ୍ରହ ବର୍ଦ୍ଧକ ଦୃଶ୍ୟାବଳୀର ସଂଯୋଗ କରି ଦର୍ଶକଙ୍କ ନିକଟରେ ଉପସ୍ଥାପନ କରନ୍ତି ।

ସ୍ୱାଧୀନତା ପରବର୍ତୀ ନାଟକରେ ଯେଉଁପରି ଭାବରେ ନଟ ନଟୀ, ସୂତ୍ରଧର ସାହାର୍ଯ୍ୟରେ ବିଷୟବସ୍ତୁର ଉପସ୍ଥାପନା କରାଯାଉଥିଲା, କିନ୍ତୁ ସ୍ୱାଧୀନତା ପରବର୍ତୀ ନାଟକ ଗୁଡିକରେ ସିଧାସଳଖ ଚରିତ୍ର ମାଧ୍ୟମରେ ବିଷୟ ପ୍ରବେଶ ଘଟାଯାଉଛି । ଅତୀତରେ ଦେବାଦେବୀଙ୍କ ଅଲୌକିକ କାହାଣୀ ହିଁ ସାହିତ୍ୟର ବିଷୟ ରୂପେ ଗୃହୀତ ହେଉଥିଲା । କଥାବସ୍ତୁ କଳ୍ପନାରେ ମୂଳତଃ ଅବାସ୍ତବ ଭାବପ୍ରବଣତା ହିଁ ଅଧିକ ଗୁରୁତ୍ୱ ଲାଭ କରୁଥିଲା । ପ୍ରାକ ସ୍ୱାଧୀନତା କାଳରେ ନାଟକ ଗୁଡିକରେ ଜାତୀୟତାର ଯେଉଁ ସ୍ୱର ଅସ୍ପଷ୍ଟ ଭାବରେ ଶୁଣାଯାଉଥିଲା, ସ୍ୱାଧୀନତା ପରେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇଗଲା । ନାଟକ ଗୁଡିକରେ ଜାତୀୟତା ଭାବ ବ୍ୟତୀତ କାଳ୍ପନିକ ଆଦର୍ଶର ସ୍ୱପ୍ନ ସୁନ୍ଦର ଭାବରେ ଝଙ୍କୃତ ହୋଇଛି । ସ୍ୱାଧିନତା ପରବର୍ତୀ କାଳରେ ଓଡିଆ ଭାଷାରେ ଯେଉଁ ନାଟକ ଗୁଡିକ ରଚିତ ହୋଇଛି ପରିମାଣରେ ବିପୁଳ ନହେଲେ ସୁଦ୍ଧା , ଉଭୟ ଆଙ୍ଗିକ ଓ ଆତ୍ମିକ ରୂପବିଭବ ଦୃଷ୍ଟିରୁ ଏଗୁଡିକ ସମାସମୟିକ ନାଟ୍ୟ ସାହିତ୍ୟର ବିଶ୍ୱସ୍ତ ପ୍ରତିନିଧି । ଏକ ବିସ୍ତୃତ ପଟ୍ଟଭୂମିରେ ଏହାର ପରିକଳ୍ପନା । ଆମର ସାମାଜିକ ସମସ୍ୟା ଓ ସାଧାରଣ ଜନତାଙ୍କ ଆଶା ଆକାଂକ୍ଷା ଏଗୁଡିକରେ ପ୍ରାୟ ଅନୁପସ୍ଥିତ ।

ଅବଚେତନ ମନର ଗୋପନୀୟତାକୁ ପ୍ରତ୍ୟକ୍ଷୀଭୂତ କରାଇବାରେ, ମାନବ ମନର ରୁଦ୍ଧ ଯୌନ ଆକାଂକ୍ଷାକୁ ପ୍ରକଟିତ କରାଇବାରେ ଓ ବ୍ୟକ୍ତିର ଅସଙ୍ଗତ କମାନାର ବେଦନାଶିକ୍ତ ବହିପ୍ରକାଶରେ ଫ୍ରଏଡିୟ ଦର୍ଶନ ଉପସ୍ଥାପନ ହୋଇଛି ମନୋରଞ୍ଜନ ଦାସଙ୍କ 'ଅରଣ୍ୟ ଫସଲ' ନାଟକରେ । ଏଥିରେ ମାନବର ସ୍ୱେଚ୍ଛାଚାରୀ ଯୌନ ପ୍ରବୃତି ପ୍ରକାଶିତ ହୋଇଛି ଛେଳିର ପ୍ରତୀକ ମାଧ୍ୟମରେ । ଭଞ୍ଜକିଶୋରଙ୍କ ର 'ପହିଲି ରଜ', 'ଜୟମାଲ୍ୟ', କମଳଲୋଚନଙ୍କର 'ଡାକବଙ୍ଗଳା', କିରାଣୀ, ମନୋରଞ୍ଜଙ୍କ 'ଜନ୍ମମାଟି' ପ୍ରଭୃତି ନାଟକରେ

ISSN NO.
2582-208X

ଏକ ସୁନ୍ଦର ଏବଂ ମୈତ୍ରିମୟ ସମାଜର ଇଙ୍ଗିତ ପ୍ରଦାନ କରାଯାଇଥିଲେ ମଧ୍ୟ ୧୯୬୦ ମସିହା ବେଳକୁ ଓଡିଆ ନାଟକ କ୍ଷେତ୍ରରେ ବ୍ୟାପକ ପରିବର୍ତନ ଘଟିଛି । ଇତି ମଧ୍ୟରେ ଦୁଇ ଦୁଇଟା ବିଶ୍ୱଯୁଦ୍ଧର ଘନଘଟା ଓ ସାହିତ୍ୟରେ ବିଭିନ୍ନ ବାଦର (ISM) ପ୍ରବେଶ ମଣିଷର ଚିନ୍ତାଧାରାକୁ ବହୁମୁଖୀ କରିଦେଇଥିଲା । ଷଷ୍ଠ ଦଶକରେ ରଚିତ ଅନେକ ନାଟକ ଏହି ଚିନ୍ତାଧାରାକୁ ନେଇ ରଚନା କରାଯାଇଥିବାର ଜଣାଯାଏ ।

୧୯୬୮ ମସିହାରେ ରଚିତ ବିଜୟ ମିଶ୍ରଙ୍କର "ଶବବାହକ ମାନେ" ନାଟକ ନୂତନ ଧରଣର ଓ ସାମାନ୍ୟ ଭିନ୍ନ ଚିନ୍ତାଧାରାର ବୋଲି ସୂଚିତ ହୋଇଛି । ମଣିଷର ପ୍ରବୃତିକୁ ନେଇ ଏହାର କଥାବସ୍ତୁ ପରିକଳ୍ପିତ । ମନୋରଞ୍ଜନଙ୍କ 'ଅରଣ୍ୟ ଫସଲ', ସାଗର ମନ୍ଥନ (୧୯୬୮), ବନହଂସୀ (୧୯୬୮), ଅମୃତସ୍ୟପୁତ୍ର (୧୯୭୪ ), କାଠଘୋଡା (୧୯୭୪), ଶବ୍ଦଲିପି (୧୯୭୫), କ୍ଲାନ୍ତ ପ୍ରଜାପତି (୧୯୭୮), ନାଟକ ଗୁଡିକ ମଣିଷର ମାନବିକ ଆବେଗ ଏବଂ ତଦଜନିତ ହତାଶାର ଚିତ୍ର ବହନ କରିଥିଲା । ଅତୀତ, ବର୍ତମାନ, ଭବିଷ୍ୟତ ତିନି କାଳକୁ ଗୋଟିଏ ବିନ୍ଦୁରେ ଧରି ରଖିବାର ପ୍ରଚେଷ୍ଟା "ବନହଂସୀ" ରେ ପରିଦୃଷ୍ଟ ହୁଏ । ଏହା ଓଡିଆ ନାଟକ କ୍ଷେତ୍ରରେ ନୂତନ । ଏହି ନାଟକ ଗୁଡିକ ସଂପୂର୍ଣ୍ଣ ଭାବରେ କାଳ୍ପନିକ ନହୋଇ ମଧ୍ୟ ଦର୍ଶକଙ୍କୁ ଯଥେଷ୍ଟ ମନୋରଞ୍ଜନ ପ୍ରଦାନ କରିଥିଲା । ଏଗୁଡିକରେ ଦ୍ୱନ୍ଦ୍ୱ, ଆକସ୍ମିକତା, ନାଟ୍ୟଉତ୍କଣ୍ଠା, କାହାଣୀ, ଚରିତ୍ର, ସଂଳାପ ଦର୍ଶକ ମାନଙ୍କୁ ବେଶ ଆନନ୍ଦ ପ୍ରଦାନ କରିଛି ।

ଶ୍ରୀ ବିଶ୍ୱଜିତ ଦାସ ଓଡିଆ ନବନାଟ୍ୟ ଆନ୍ଦୋଳନର ଅନ୍ୟତମ ପ୍ରମୁଖ ପୁରୋଧା । ତାଙ୍କର ପ୍ରବେଶରେ ନାଟ୍ୟ ଜଗତରେ ସୃଷ୍ଟି ହୋଇଛି ଅପୂର୍ବ ଆଲୋଡନ । ତାଙ୍କ ରଚିତ ନାଟକ ଗୁଡିକ ହେଉଛି ନାଲିପାନ ରାଣୀ, କାଳାପାନ ଟୀକା, ନିଶିପଦ୍ମା, ଶୁଣ ସୁଜନେ, ମୃଗୟା ଇତ୍ୟାଦି । ମୃଗୟା (୧୯୭୦) ସ୍ଥିତିବାଦ ଦର୍ଶନର ଏକ ସଫଳ ରୂପାୟନ । ନାଟ୍ୟକାର ଯଦୁନାଥ ଦାସ ମହାପାତ୍ରଙ୍କର ଅଥବା ଅନ୍ଧାର, ରତ୍ନାକର ଚଇନିଙ୍କର ଅଥଚ ଚାଣକ୍ୟ, ପୁନଷ୍ଚ ପୃଥିବୀ, ଶୂନ୍ୟତାର ସିଡି, ରଙ୍ଗତରଙ୍ଗ, ଅକ୍ଷୟ ମହାନ୍ତିଙ୍କର ସମ୍ବିତ, ରମେଶ ପାଣିଗ୍ରାହୀ ଙ୍କ ମୁଁ, ଆମେ ଓ ଆମ୍ଭେମାନେ ଇତ୍ୟାଦି ପରିକ୍ଷାଧର୍ମୀ ନାଟକ ଓଡିଆ ନାଟ୍ୟ ସାହିତ୍ୟକୁ ଏକ ନୂଆ ଦିଗ ଦେଖାଇ ଥିଲା ମାତ୍ର ଏ ସବୁ ନାଟକ ସୃଷ୍ଟିର କିଛି ବର୍ଷ ପୂର୍ବରୁ ରଚିତ ଭଞ୍ଜାକିଶୋର ଙ୍କର 'ଏ ଯୁଗର ଝିଅ' (୧୯୬୦), ସୁଖୀ ସଂସାର (୧୯୬୧), ଆଦି

ISSN NO.
2582-208X

ନାଟକ ଗୁଡ଼ିକ ବ୍ୟକ୍ତିର ସାମାଜିକ ଓ ମାନସିକ ସ୍ଥିତି ତଥା ଆଭିମୁଖ୍ୟ ସ୍ପଷ୍ଟ ଭାବେ ରୂପାୟିତ ହୋଇଥିବାର ଅନୁଭବ କରିହୁଏ ।

"ମୃଗୟା" ନାଟକର କଥାବସ୍ତୁ ପରିକଳ୍ପନାରେ ପାପ- ପୂଣ୍ୟ, ନ୍ୟାୟ - ଅନ୍ୟାୟ, ସତ - ମିଛର ଉଦାରତା ଓ ଶଠତାର ବ୍ୟବଧାନ ଘୁଞ୍ଚାଇ ଦିଆଯାଇଥିବାର ଘଟଣାବଳୀ ଗୁଡ଼ିକୁ ଚମତ୍କାର ଭାବରେ ଦେଖାଇ ଦିଆଯାଇଛି । ଅକ୍ଷୟ ମହାନ୍ତି ଙ୍କ "ସମ୍ବିତ" ନାଟକରେ ଚେତନା ରହିତ ମନକୁ ଅବଚେତନ ଚରିତ୍ର ସାହାଯ୍ୟରେ ପ୍ରକାଶ କରାଯାଇଛି । ଯଦୁନାଥ ମହାପାତ୍ର ଙ୍କର "ଅଥବା ଅନ୍ଧାର" ନାଟକରେ ଅନ୍ଧାର; ବିଭତ୍ସ, ଭୟାୟକ ତଥାପି ଅନ୍ଧକାରର ଏକ ନିଜସ୍ୱ ସୌନ୍ଦର୍ଯ୍ୟ ରହିଛି । ଏହାର ମନସ୍ତାତ୍ୱିକ ଚିତ୍ରଣ 'ଅଥବା ଅନ୍ଧାର' ନାଟକରେ କରାଯାଇଛି । ସ୍ଥିତିବାଦୀ ଦର୍ଶନର ଏହା ମୂଳପିଣ୍ଡ । ନବପର୍ଯ୍ୟାୟର ନାଟକରେ କିଛି ପ୍ରାୟୋଗିକ ନୂତନତା ମଧ୍ୟ ଦେଖା ଦେଇଛି । ଲୋକ ନାଟକ ଓ ବୌଦ୍ଧିକ ନାଟକ ସାଲିସବିହୀନ ଭାବରେ ଆଗେଇ ଚାଲିଛନ୍ତି । ବିଗତ ୩୦-୩୫ ବର୍ଷ ମଧ୍ୟରେ ଓଡିଶାରେ ଯେତେ ନାଟକ ରଚିତ ହୋଇଛି ବିଶେଷତଃ ଉତର ଷାଠିଏର ନାଟକ ଗୁଡ଼ିକରେ ବିଭିନ୍ନ ଧରଣର ପରୀକ୍ଷା ନିରୀକ୍ଷା କରାଯାଇଛି । ସ୍ୱାଦ ପରିବର୍ତନ ନିମନ୍ତେ, ନୂତନତାର ଖାତିରରେ ଯେତେ ବୈଦେଶିକ ଭାବ ଚିନ୍ତା ଆଣି ଏଠାରେ ଭର୍ତି କରିଦେଲେ ସୁଦ୍ଧା ନିଜସ୍ୱତକୁ ସଂପୂର୍ଣ୍ଣ ଉପେକ୍ଷା କରିବା ଉଚିତ ହେବ କି ? ସମସ୍ତେ ଯୋଗୀ ହେଲେ ଭିକ ଦେବ କିଏ ?

ସାମୟିକ ଓ ତତ୍କାଳୀନ ଜୀବନବୋଧ ସହିତ ଆମ ନାଟ୍ୟକାର ମାନଙ୍କର ଯୋଗ ସୂତ୍ର ର ଅଭାବ ରହିଛି । ଆମ ଦେଶ, ସମାଜ ଏହି ସବୁ ପରୀକ୍ଷାଧର୍ମୀ ନାଟକରେ ପ୍ରାୟ ଉପେକ୍ଷିତ । "ଅରଣ୍ୟ ଫସଲ' ଯେଉଁ ବିଦଗ୍ଧ ମଣ୍ଡଳୀ ମାନଙ୍କ ପାଇଁ ଆବଶ୍ୟକ, ସେମାନେ ନାଟକ ବିଷୟରେ ନିସ୍ପୃହ । ନାଟକ ଯେତେ ପରୀକ୍ଷା ମୂଳକ ସେତେ ଉଚ୍ଚକୋଟୀର। ତା'ର ଦର୍ଶକ ସଂଖ୍ୟା ଖୁବ୍ କମ ।

୧୯୬୦ -୧୯୮୦, ଏହି ୨୦ ବର୍ଷ ସମୟ ମଧ୍ୟରେ ଓଡିଆ ନାଟକ ଅନେକ ପରିବର୍ତନ ଦେଖିଛି । କଥାବସ୍ତୁ ପରି କଳ୍ପନାରେ, ଚରିତ୍ର ଚିତ୍ରଣରେ ଓ ବର୍ଣ୍ଣନା ବିନ୍ୟାସରେ ଏହି ସମୟ ମଧ୍ୟରେ ରଚିତ ନାଟକ ଗୁଡ଼ିକ ଦୃଷ୍ଟିକୋଣରୁ ନୂତନତାକୁ ଗ୍ରହଣ କରିନେଇଥିବା ଜଣାଯାଏ । ଫ୍ରାୟେଡ, ନିତଶେ ଙ୍କ ସମେତ ପାଶ୍ଚାତ୍ୟ ଦାର୍ଶନିକ ଙ୍କ ଦର୍ଶନ ତତ୍ୱ କୁ

ISSN NO.
2582-208X

ଆପଣେଇ ନେଇ ଏହି ନାଟକ ଗୁଡିକ ଯେପରି ବିଶ୍ୱଚେତନାର ପରିଚୟ ଦେଇଛନ୍ତି ଠିକ ସେହିପରି ପାଶ୍ଚାତ୍ୟ ନାଟ୍ୟ ଶୈଳୀକୁ ଗ୍ରହଣ କରି ନାଟକ ରଚନା କ୍ଷେତ୍ରରେ ଏକ ନୂତନ ଚିନ୍ତାଧାରା ସମୃଦ୍ଧ ବାତାବରଣ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ।

ଅତିଥି ଅଧ୍ୟାପିକା,
ଓଡିଆ ଭାଷା – ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର

ISSN NO.
2582-208X

ବେଦାନ୍ତି

# ମାଆ



ରାଜକିଶୋର ସ୍ୱାଇଁ

ଦୀପର ସଳିତା ହୋଇ ଯେ ଜଳି ଦିଏ ଆଲୋକ
ତ୍ୟାଗ ପ୍ରେମ ମମତାର ଯେ ମୂର୍ତ୍ତିମନ୍ତ ପ୍ରତୀକ
ଆପଦେ ବିପଦେ ଜୀବନେ ଯିଏ ହୁଅଇ ସାହା
ଛୋଟରୁ ଯେ ବଡ କରଇ ତାର ନାଆଁଟି ମାଆ ।୧ ।
ଭଲ ଭଲ ଚିଜ ଖୁଆଏ ନିଜେ ଅଳପ ଖାଇ
ଭୋକ ଉପାସ ଯେ ଭୁଲଇ ନିଜ ସନ୍ତାନ ପାଇଁ
ସବୁବେଳେ ଯିଏ କୁହଇ ମୁଁ ତା ସୁଖ ପସରା
ମୋ ଆଖିରେ ଦିନେ ଦେଖିବ ସିଏ ଦୁନିଆଁ ପରା ।୨ ।
ନାନା ବାୟା ଗୀତ ଗାଇ ଯେ ନିଦେ ଶୁଆଇ ଦିଏ
ରୋଗରେ ପଡିଲେ ପାଖରେ ବସି ଆଉଁସୁଥାଏ
ହାତ ଧରି ଯିଏ ଶିଖାଏ ଚାଲିବାକୁ ସଂସାରେ
ସୁଝିପାରିବେ କେ ତା ଋଣ କୁହ ଏ ଜନମରେ ।୩ ।
ଆସୁ ଯେତେ ଦୁଃଖ ବେଦନା ଏକା ବୁଝଇ ମାଆ
ଅତି ନିଜର ତୁ ଜନନୀ ଅପାଶୋରା ତୋ ନାଆଁ
ତୋ ଆଶୀର୍ବାଦରୁ ମିଳଇ ସବୁ ସୁଖ ସମ୍ପଦ
ଅବହେଳା କଲେ ତୋ ପ୍ରତି ମାଡି ଆସେ ବିପଦ ।୪ ।
ସେଥିଆଇଁ ତୋତେ ମିଳଛି ସୃଷ୍ଟିରେ ଶ୍ରେଷ୍ଠ ସ୍ଥାନ
ଦୁନିଆଁକୁ ତୁହି ସ୍ରଷ୍ଟାଙ୍କ ଅମୂଲ୍ୟ ବରଦାନ

ISSN NO.
2582-208X

ତୋର ସେବା କରି ନିଜକୁ ମୁହିଁ ମଣିବି ଧନ୍ୟ
ତୋ ପାଦ ଧୂଳିକୁ କରିବି ଲଲାଟରେ ଚନ୍ଦନ ।୫ ।
ସ୍ନେହ ଶ୍ରଦ୍ଧାର ତୁ ଢାଳୁଛୁ ପିୟୁଷ ଅବିରତ
ସରଗଠୁଁ ବଡ ଜନନୀ ତୋ ପାଦେ ପ୍ରଣିପାତ
ତୋ ଆଶିଷ ସଦା ଝରୁ ମୋ ଜୀବନ ଚଲାପଥେ
ଦୋଷାଦୋଷ କ୍ଷମା କରି ଦେ ଦୟା ବହି ତୋ ଚିତ୍ତେ ୬ ।
ସବୁ ମିଛ ତୁହି ଏକାଟି ଏଇ ଜଗତେ ସତ
କାଳେ କାଳେ ମାଆ ନାଆଁଟି ଅତି ଶୁଦ୍ଧ ପବିତ୍ର
ଏ ସବୁ କଥାକୁ ହେଜନ୍ତୁ ଆଜିର ସବୁ ମାତା
ସୃଷ୍ଟି ନ କରନ୍ତୁ କିଛି ବି ଘୃଣ୍ୟ ନିନ୍ଦିତ ପ୍ରଥା ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ସାଧବ ବୋହୂ



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଆଜିକାଲି ତମକୁ
ମନା କରିଛିକି କଏ ?
ମୋ ଏରୁଣ୍ଡି ବନ୍ଧ
ନ ଟପିବା ଲାଗି ??
ସବୁଜ ଘାସର ଗାଲିଚ୍ଚ ନାହିଁ
ନା ଲାଜରେ ସୁଡୁ ବୁଡୁ ବୋଲି ??
ତମ ପିଲାଖେଳ
ଏବେବି ମନେ ଅଛି
ଲାଲ ଟୁକ୍ ଟୁକ ଗୁଲି ନେଇ....
ଆସି ଯାଉଥିଲ ସାଙ୍ଗ ଗହଣରେ....
ବିଶ୍ୱାସ ଆଉ ପ୍ରତ୍ୟୟ ନେଇ...
ମୋ ସଙ୍ଗେ ଲୁଚକାଳି
ଖେଳ ପାଇଁ ।??
ତମ ଆଖିରେ
ସେଇ ରଙ୍ଗ ଅଛି .. ନାଲି....
ଆଗେ ଯାହା ଥିଲ
ଏବେବି ସେଇଆ ;
ତମ ଭସା ଭସା ଆଖି
ପଲକରେ......

ISSN NO.
2582-208X

ଛୁଟୁଥିଲା ନଈର ସୁଅ....
ହସୁଥିଲ ତମେ
ନଷ୍ଟାପ ଫୁଲ ପରି।।

ଆଜି କଣ ହେଲା ??
ଆୟସ୍କାନ୍ତ ମଣିଷର
ବୟସ ନେଇ
ଗ୍ଭଲି ଆସିଛ
ମୋ ପାଖକୁ ??
କନ୍ତୁ  ଦୂରେଇ ରହିଛ
କାହିଁକ ??
ମୁଁ ଆଉ କଣ
ଶୁଦ୍ଧ ଶାଳଗ୍ରାମ ??
ପିପାସା ର ମୋହ
ଆଜିବି ଅଛି
ସ୍ୱପ୍ନ ସମ୍ଭାର ନେଇ!!

ଜାମସେଦପୁର

ISSN NO.
2582-208X

# ଗୋଟିଏ ହୃଦୟ..କୋଟିଏ ଦହନ



ଦିବାକର ନାୟକ

ଗୋଟିଏ ହୃଦୟ ଏଠି କୋଟିଏ ଦହନ
କୋଟିଏ ରଜନୀ ଏଠି ଗୋଟିଏ ସପନ
ସେ ସପନେ ନିତି ପ୍ରିୟାକୁ ଖୋଜୁଛି
ବୁଝୁନି ଅବୁଝା ମନ (୦)

ଜହ୍ନ ଅଛି ମନ ଅଛି ନାହିଁ ତ ଜୋଛନା
ଗୀତ ଅଛି ଓଠ ଅଛି ନାହିଁ ତ ମୂର୍ଚ୍ଛନା;
ମୋ ଶିଳା-ବୁକୁରେ ଖୋଦେଇ ବେଦନା
ନିଲଠା ଓଠେ ମୋ ହସର ବାହାନା;

ମରୁ ପିଆସୀ ମୁଁ ଆଜି ଖୋଜୁଛି ଶ୍ରାବଣ..
ଗୋଟିଏ ହୃଦୟ ଏଠି କୋଟିଏ ଦହନ (୧)

କଣ୍ଟକର ଶରଶେଯ ବିରହୀ ଜୀବନ
ଜୀବିକାର ମାୟା ଏଠି ହରିଛି ମିଳନ;
ଟୋପେ ଲୁହ ମୋତେ ସାଗର ଲାଗୁଛି
ତଟିନୀକୁ ଖୋଜି ଚିବୁକ ପିଉଛି;

ଆଉ ଭଲ ଲାଗୁନାହିଁ ସୁରାର ଚୁମ୍ବନ..
ଗୋଟିଏ ହୃଦୟ ଏଠି କୋଟିଏ ଦହନ (୨)

ଆକାଶବାଣୀ ଗୀତିକାର
ପାଟପୁର, କନସି-୭୬୧୦୦୮
ମୋ-୯୯୩୮୭୧୯୯୮୧

ISSN NO.
2582-208X

# ମହାପ୍ରସାଦର ମାହାତ୍ମ୍ୟ


ଜୟନ୍ତୀ ଦେବୀ

ବ୍ରହ୍ମବୈବର୍ତ୍ତ ପୁରାଣ

ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକନାଶନମ୍ ।
ଭକ୍ଷଣାତ୍ ଫଳମାପ୍ନୋତି କପିଳା କୋଟି ଦାନଜମ୍ ।।

ଜଗନ୍ନାଥଙ୍କର ନୈବେଦ୍ୟ ମହାପାତକ ନାଶ କରେ । ଲୋକ ଏହାକୁ ଭକ୍ଷଣ କଲେ କୋଟି କପିଳା ଗାଈ ଦାନ କରିବାର ଫଳ ଲାଭ କରେ ।

ବାୟୁ ପୁରାଣ

ଶୁଷ୍କଂ ପର୍ଯ୍ୟୁଷିତଂ ବାପି ନୀତଂ ବା ଦୂର ଦେଶତଃ ।
ଦୁର୍ଜନେନାପି ସଂସ୍ପୃଷ୍ଟ ସର୍ବସୈ୍ୟ ବାଘନାଶନମ୍ ।

(ଜଗନ୍ନାଥଙ୍କର) ପ୍ରସାଦ ଶୁଖି ଯାଇଥିଲେ, ବାସି ହୋଇଥିଲେ ଏବଂ ଦୂରଦେଶକୁ ନିଆ ଯାଇଥିଲେ ଅଥବା ଦୁଷ୍ଟଲୋକ ତାକୁ ଛୁଇଁଥିଲେ ମଧ୍ୟ ତାର ପବିତ୍ରତା ନଷ୍ଟ ହୁଏ ନାହିଁ, ତାହା ସମସ୍ତଙ୍କର ପାପ ନାଶ କରେ ।

ISSN NO.
2582-208X

ଚତୁର୍ବର୍ଗ ଯୋଗୀଶ୍ୱର

କ୍ରନ୍ଦନ୍ତି ସର୍ବପାପାନି ନିଃଶ୍ୱସନ୍ତି ମୂହୁର୍ମୂହୁଃ ।
ହାହା କୃତ୍ୱା ପଳାୟନ୍ତେ ଜଗନ୍ନାଥସ୍ୟ ଭକ୍ଷଣାତ୍ ।

ଜଗନ୍ନାଥଙ୍କ ପ୍ରସାଦ ସେବନ କଲେ ସବୁ ପାପ କାନ୍ଦି ଉଠନ୍ତି, ବାରମ୍ବାର ଦୀର୍ଘଶ୍ୱାସ ତ୍ୟାଗ କରନ୍ତି ଓ ହାହାକାର କରି ଦୂରକୁ ପଳାନ୍ତି ।

ସୁତ ସଂହିତା

ଯଜ୍ଞାସ୍ତପାଂସି ବିପ୍ରେନ୍ଦ୍ରା ! ବ୍ରତାନି ବିବିଧାନି ଚ ।
ତୀର୍ଥାଟନ ତେନୈବ ଚ କୃତାନି ସୁକୃତାନି ଚ ।

(ଜଗନ୍ନାଥ କହୁଛନ୍ତି) ହେ ବିପ୍ରମାନେ ! ଯେ ମୋର ଅନ୍ନ ଭକ୍ଷଣ କରେ, ସେ ସମସ୍ତ ଯଜ୍ଞ, ତପ, ବ୍ରତ, ତୀର୍ଥାଟନ ଓ ପୁଣ୍ୟକର୍ମମାନ କରିଛି ବୋଲି ମନେ କରାଯାଏ ।

ନୀଳାଦ୍ରି ମହୋଦୟ

ଅଶ୍ୱମେଧ ସହସ୍ରାଦ୍ ବୈ ରାଜସୂୟ ଶତାଇଯତ୍ ।
ତତ୍ରୋପବାସ୍ତୋ ଭୂପ ତତ୍ଫଳଂ ଜାୟତେ ଭୁବି ।
ଯତ୍ତତ୍ ଫଳମବାପ୍ନୋତି ଜଗନ୍ନାଥାନ୍ନ ଭକ୍ଷଣାତ୍ ।

ହେ ରାଜା ! ଏକ ସହସ୍ର ଅଶ୍ୱମେଧ ଓ ଏକଶତ ରାଜସୂୟ ଯଜ୍ଞ ଓ ତଦନୁଷ୍ଠିତ ଉପବାସରୁ ଯେଉଁ ଫଳ ମିଳେ, ଜଗନ୍ନାଥଙ୍କର ପ୍ରସାସ ସେବନ ଦ୍ୱାରା ମନୁଷ୍ୟ ପୃଥିବୀରେ ସେହି ଫଳ ଲାଭ କରେ ।

ISSN NO.
2582-208X

ଆପ୍ତବାକ୍ୟ

ଶୁନୀ ମୁଖିଭ୍ୟୋଽପି ଚ କାକତୁଣ୍ଡାତ୍ ବିଡ଼ାଳ ବକ୍ତ୍ରାତ୍ ବର୍ଷତି ଯଦନ୍ନମ୍ ।
ସ୍ୱର୍ଗମ୍ ପରିତ୍ୟଜ୍ୟ ସମସ୍ତ ଦେବା ଭ୍ରମନ୍ତି ଭୂମୌ ପୁରୁଷୋତ୍ତମାଖ୍ୟେ ।

କୁକ୍କୁରୀର ମୁହଁରୁ, କାଉର ତୁଣ୍ଡରୁ ଏବଂ ବିରାଡ଼ି ମୁହଁରୁ ଯେଉଁ ଅନ୍ନପ୍ରସାଦ ଖସିପଡ଼େ, ତାହା ସେବନ କରିବାକୁ ସମସ୍ତ ଦେବତାମାନେ ସ୍ୱର୍ଗଧାମ ତ୍ୟାଗ କରି ପୁରୁଷୋତ୍ତମ ନାମକ ତୀର୍ଥ କ୍ଷେତ୍ରରେ ଆସି ଭ୍ରମଣ କରିଥାନ୍ତି ।

ମଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗାରିମାମୟ ମୋ ଜନ୍ମଭୂମି



କାର୍ତ୍ତୀକେଶ୍ୱର ନାୟକ

ଉତ୍କଳ ମୋର ଉନ୍ନତ କଳାର
ଉଜ୍ଜ୍ୱଳ ତା' ଇତିହାସ
ଉଲ୍ଲସିତ ଆଜି ଭବ୍ୟ କିର୍ତୀରାଜି
ବିଚ୍ଛୁରୀତ ଯା'ର ବାସ.....

ଊଂକି ମାରେ ତା'ର ଅତୀତ ଉତ୍କର୍ଷ
କଣାରକ ଚିତ୍ରକଳା
ଛଉ ଗୋଟିପୁଅ ଦଣ୍ଡ ଦାସକାଠି
ଘୁମୁରା, ଶଉରା କେଳା......

ମୋ ଓଡିଶୀ ଦେଖ ବିଶ୍ୱ ପରିଚିତ
ସ୍ୱାଭିମାନ ଓଡିଶାର
ତାରକଷି,ଚିତା ପାଟବସ୍ତ୍ର ମିଠା
ବାରମାସେ ଯାତ୍ରା, ତେର...


ମୋ ପ୍ରିୟ କବାଡି ହକୀ ପିଲବାଡି
ବହୁଚୋରୀ ରଜ ଦୋଳୀ
ବିବିଧ କ୍ରୀଡାର ଏକ୍ଷୁଡ଼ି ଶାଳ ଏ
ଶୈଶବ ନ ପାରେ ଭୁଲି..

ମନ୍ଦିର ମାଳିନୀ ,ବୀରପ୍ରସବିନୀ
ବିବିଧ ଯା' ବନଭୂମି
ସୁଭାସ, ବାଜିଆ ବିର୍ଶା, ବୀର ସାଏ
ଶ୍ରେଷ୍ଠ, ଉତ୍କଳ ର ମଣି..

ଶ୍ରୀବିହାର ବୌଦ୍ଧ
ph.7978128353.

ISSN NO.
2582-208X

# ଅନ୍ଧ ପୁଟୁଳି



କୀର୍ତ୍ତନ ସାହୁ

ମୋ ଆଖିର
ଅନ୍ଧ ପୁଟୁଳି ଖୋଲିଦିଅ
ଖୋଲିଯାଉ ବିବେକର
ରୁଦ୍ଧଦ୍ୱାର
ମୋ ହୃଦୟରେ
ସ୍ୱାଧୀନତାର ମନ୍ତ୍ର
ଉଚ୍ଚାରିତ ହେଉ
ମୁଁ ପାଦ ଥାପେ
ମୋ ଇଚ୍ଛାମତେ
ଏକ ସୁବ୍ୟବସ୍ଥିତ ମାର୍ଗରେ
ମୁଁ ଆଗେଇ ଚାଲେ ।

ବୁଣି ଦିଏ ସୁନ୍ଦର
ପୃଥିବୀ ଗଢ଼ଣର ସୁମଧୁର ବାଣୀ
ଆପଣାପଣର ରଜ୍ଜୁରେ
ବାନ୍ଧି ଦିଏ ହୃଦୟ ସହ ହୃଦୟ
ଯୋଡ଼ି ଦିଏ
ଦ୍ୱାରକୁ ଦ୍ୱାର ଭାଇଚାରାର
ସମ୍ମୋହନ ମୁଦ୍ରାରେ
ଖେଳି ଯାଉ ଉଲ୍ଲସିତ ଢେଉ ।
ମୁଁ ଟାଣି ଆଣେ
ସୁଖ ଚଳଣିର
ପୁଲକିତ ଭାବଧାରା
ଫୁଟାଇ ପାରେ
କଥା କବିତାର କଦମ୍ବ ଫୁଲ
ନିଦ୍ରାର ସ୍ୱପ୍ନ ପାଲଟି ନେଉ
ବାସ୍ତବ ସ୍ୱପ୍ନର ରୂପରେଖ
ମୁଁ ମୋର ମଣିଷତ୍ୱ ଫେରି ପାଏ
ଜୀବନ ଜିଇଁବାର
ବାସ୍ତବ ନକ୍ସା
ମୁଁ ଗଢି ଦିଏ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ସହରୀ ସପନ

ସୁଶ୍ରୀ ଶୁଭସ୍ମିତା ମହାନ୍ତ

ସହର କୁ ନିଜର କରିବା ପାଇଁ
ନିତି ଦେଖୁଛ ସପନ,
ଗାଁ ର ସେନେହ ମିଳିବ ନାହିଁ ସେଠି
ଏ କଥା କାହିଁ ବୁଝୁନ ?

ଗାଁ ର ପରିବେଶ ସ୍ୱଚ୍ଛ ନିରିମଳ
ସହର ରେ ମିଳେ ନାହିଁ,
ଯାନବାହାନ ର ଶବଦ ରେ ପରା
ମନ ଅସ୍ଥିର ହୁଅଇ।

ସହରେ ସୁବିଧା ପାଇବା ଆଶାରେ
ଗାଁ କୁ ସଭିଏଁ ଛାଡୁଛ,
ଭିଟା ମାଟି ର ସୁରକ୍ଷା କୁ ନ ଦେଖି
ନିଜର କଥା ଭାବୁଛ।

ଅର୍ଥ ରୋଜଗାର କରିବା ପାଇଁ ଯେ
ଏତେ ନିଷ୍ଠୁର ହେଉଛ,
ସହରୀ ସପନ ମନରେ ରଖି ଯେ
ଗାଁ କଥା ଭୁଲି ଯାଉଛ।

ଧିରେଧିରେ ଏବେ ଗାଆଁ ଗହଳିର
ବିକାଶ ହୋଇଗଲାଣି,
ସହରୀ ସପନ ମନରୁ ଦୂରେଇ
ରୁହ ଗାଁ ରେ ମନ ଜିଣି।

ନବରଙ୍ଗପୁର

ISSN NO.
2582-208X


# ସ୍ୱାଧୀନତା ପରବର୍ତ୍ତୀ କାବ୍ୟିକ ଜିଜ୍ଞାସା ଓ କବି ସଚ୍ଚି ରାଉତରାୟ

ଡ଼. ସୁଶୀଲ କୁମାର ନାଗ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟିକ ଦୃଷ୍ଟି ଓ ଦିଗନ୍ତ ବିଚିତ୍ର ବର୍ଣ୍ଣୋଜ୍ଜ୍ୱଳ। ଜୀବନର ଚଳନ୍ତି ଧାରା ସହ ଏହା ଓତଃପ୍ରୋତ ଭାବେ ଜଡିତ। ଯୁଗ ସମସ୍ୟା ଓ ସଙ୍କଟ ସହ ନିବିଡ଼ ଭାବରେ ସଂଶ୍ଳିଷ୍ଟ। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟିକ ଧାରା କେବଳ ଶବ୍ଦ ଓ ଛନ୍ଦର ଲୀଳା ବିଳାସ ନୁହେଁ ଏହା ସମସାମୟିକ ଜୀବନ ବୋଧ ତଥା ଯୁଗଚେତନାର ମନ୍ମୟ ଅଭିବ୍ୟକ୍ତି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟିକ ପ୍ରବୃତ୍ତି ପ୍ରକରଣ କୌଣସି ସୁନିର୍ଦ୍ଧିଷ୍ଟ ଧାରାରେ ଆବଦ୍ଧ ନୁହେଁ ବରଂ ସେ ମୁକ୍ତ ଅନ୍ତଃଭେଦୀ ତା'ର ଗତି। ତା'ର ସୃଜନ କର୍ମ ବେଶ ଝଲସି ଦୃଷ୍ଟି ପରିଧିକୁ ପରିବ୍ୟାପ୍ତ ଓ ଦିଗନ୍ତ ପ୍ରସାର କରିଛି ।

ସ୍ୱାଧୀନତା ପରବର୍ତ୍ତୀ କବିତାରେ ବାସ୍ତବ ବାସ୍ତବବାଦୀ ଚେତନା ବାସ୍ତବ ଜୀବନର ସତ୍ୟର ରୂପକାର ଭାବେ ବିଭିନ୍ନ ଭାବକୁ ଉଦଘାଟକ କରେ। ଏହାଛଡା ପାଶ୍ଚାତ୍ୟ ସାହିତ୍ୟ, ସଂସ୍କୃତି ଓ ଚିନ୍ତାଧାରାର ସଙ୍କର୍ମଣରେ ଯେଉଁ ଫଳ ସୃଷ୍ଟି ତନ୍ମଧ୍ୟରୁ ବାମପନ୍ଥୀ ଚେତନା ମୁଖ୍ୟ ସ୍ୱର ହୋଇଛି। ଯାହାର ଆଭିମୁଖ୍ୟ ହେଉଛି--ଜୀବନ ପାଇଁ କଳାର ଉପଯୋଗିତାକୁ ଅଧିକ ପ୍ରାଧାନ୍ୟ ଦେବା। ମନୁଷ୍ୟ ଜୀବନର ବାସ୍ତବ ଚିତ୍ର ଅଙ୍କିତ ହେବା ସହ ପରାଜୟର ଗ୍ଲାନିରୁ ମୁକ୍ତି ପାଇଁ ଆହ୍ୱାନ କରେ। ସର୍ବଦା ଶ୍ୱାଶତ, ସତ୍ୟ, ନ୍ୟାୟ ଓ ନୈତକାତର ସାମ୍ୟବାଦର ସମାଜ ପ୍ରଦାନ କରେ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ କବିତାର ମିଥ୍ ବଳିଷ୍ଠ ଉପାଦାନ। ଯାହା ଜୀବନର ପ୍ରତ୍ୟେକ ଘଟଣା ସହ ପ୍ରାଚୀନ ସଂସ୍କୃତି ଓ ବିଶ୍ୱାସର ଚଳଣୀର ପ୍ରତିଭୂ। ଏହା ସହ ପ୍ରତୀକବାଦୀ ଚେତନା ଅଧିକ ଦୃଷ୍ଟି ଦିଆଯାଏ। ବିଚାରବୋଧର କବିତା ସୌନ୍ଦର୍ଯ୍ୟ ବର୍ଣ୍ଣର କ୍ଷେତ୍ର ନୁହେଁ, ବଂର ରହସ୍ୟ ଓ ବିସ୍ମୟର କ୍ଷେତ୍ର। ଯେଉଁଠି ରହିଥାଏ ବିଶିଷ୍ଟ ମାନବିକ

ISSN NO.
2582-208X

ଅବସ୍ଥା, ଅନ୍ତର୍ଦୃଷ୍ଟି ଓ ରହସ୍ୟ ଚେତନାର ପ୍ରତିମୂର୍ତ୍ତି। ଯାହାର ବ୍ୟାପ୍ତି ଅତୀନ୍ଦ୍ରୀୟ ଆଧ୍ୟାତ୍ମିକ ଜଗତ ପର୍ଯ୍ୟନ୍ତ ପରିବ୍ୟାପ୍ତ।କାବ୍ୟକାର ମାନେ କାବ୍ୟିକ ଅନୁଭୂତି ପରିପ୍ରକାଶ ପାଇଁ 'କାବ୍ୟିକ ଚିତ୍ରକଳ୍ପ' କୁ ଗ୍ରହଣ କରି ନେଇଥାନ୍ତି। ଯାହା ମାଧ୍ୟମରେ କବି ନିଜର ଅନନ ରୂପେ ଦୈହିକ ଚେତନାକୁ ପାଠକ ମନରେ ପୁନଃ ରୋପଣ କରିବାର ଅବସର ପାଇଥାଏ ।

ମୃତ୍ୟୁ ଚେତନା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟିକ ଚେତନାର ଏକ ସାହିତ୍ୟିକ ପରମ୍ପରା। ଜାଗତିକ ସତ୍ୟକୁ ସୂଚିତ କରି ବର୍ତ୍ତମାନ ପ୍ରତି ସଚେତନ କରାଇବା ସହିତ ଅସାର ଜୀବନର ମାୟା ବନ୍ଧନରେ ବୁଡି ନ ଯିବାର ସତର୍କବାଣୀ ଶୁଣାଇଥାଏ। କଳ୍ପନାକୁ ବାଦ୍ ଦେଇ ସାହିତ୍ୟ ସୃଷ୍ଟି ହୁଏ ନାହିଁ। ଅତୀତ ପ୍ରୀତି ,ପ୍ରକୃତି ପ୍ରେମ, ଆଧ୍ୟାତ୍ମିକ ଚେତନା, ସୌନ୍ଦର୍ଯ୍ୟ ଗ୍ରାହୀ, ଦୃଷ୍ଟିକୋଣ, ମାନବିକତା ଆଦି ବିବିଧ କ୍ଷେତ୍ରକୁ ସାହିତ୍ୟରେ ବେଶ ଜନପ୍ରିୟ ଓ ବାସ୍ତବଧର୍ମୀ କରିଛି। ମୋଟ ଉପରେ ଆଧୁନିକ କାବ୍ୟ ସ୍ୱରରେ ଆଧୁନିକ ଜୀବନ ଓ ସମୟରେ ଚିତ୍ର ପ୍ରତିଫଳିତ ହୋଇଛି ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଉତ୍ତରଣ ପର୍ବରେ ଯେଉଁ ଯଶସ୍ୱୀ କବି ମାନଙ୍କ ଆବିର୍ଭାବ ହୋଇଛି ସେମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ରାଉତରାୟ ଜଣେ ପ୍ରସିଦ୍ଧ କବି। ଆଧୁନିକ ଓଡ଼ିଆ କବିତାର ମୂଳଭିତ୍ତି ସ୍ଥାପୟିତା ଭାବରେ ଅଗ୍ରଗଣ୍ୟ। ସମସ୍ତ ଉତ୍କଳ ଦେଶର ତତ୍କାଳୀନ ତଥାକଥିତ ବାମପନ୍ଥୀ ଗୋଷ୍ଠୀର; ବାମପନ୍ଥୀ ଚିନ୍ତାଧାରାର ଭାଗୀରଥି ଓ ମହାନ ପ୍ରତିଭାଧରଙ୍କ ଜନ୍ମ ହୁଏ ୧୯୧୬ ମସିହା ମେ ମାସ ୩ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ଗ୍ରାମରେ। ଜୀବନ ବ୍ୟାପି ନିରଳସ କାବ୍ୟ ସାଧନା ତାଙ୍କୁ ଦେଶ ତଥା ଦେଶ ବାହାରେ ଅନନ୍ୟ ସମ୍ମାନର ଅଧିକାରୀ କରି ପାରିଛି। ବିଶ୍ୱର ବିଭିନ୍ନ ଦେଶ ଭ୍ରମଣ କରି ଦେଶର ସାମାଜିକ ଓ ସଂସ୍କୃତିକ ପରମ୍ପରାକୁ ତର୍ଜମା କରିଛନ୍ତି। ତାଙ୍କର ଦୀର୍ଘ ଜୀବନବ୍ୟାପୀ ନିରଳସ ସାହିତ୍ୟ ସାଧନାର ଫଳ ସ୍ୱରୂପ ଓଡ଼ିଆ ସାହିତ୍ୟକୁ ଉପହାର ଦେଇଛନ୍ତି-ପାଥେୟ, ଅଭିଯାନ, ପଲ୍ଲୀଶ୍ରୀ, ହସନ୍ତ, ବାଜିରାଉତ, ପାଣ୍ଡୁଲିପି, ସ୍ୱଗତ, ବାଜିରାଉତ, ପାଣ୍ଡୁଲିପି ଭାନୁମତିର ଦେଶ, କବିତା ୧୯୬୨, କବିତା ୧୯୬୯, କବିତା ୧୯୭୧, କବିତା ୧୯୭୨ଠାରୁ ଆରମ୍ଭ କରି କବିତା ୨୦୦୫ ଆଦି କବିତା ସଙ୍କଳନ, ଚିତ୍ରଗ୍ରୀବ ଉପନ୍ୟାସ, ମଶାଣିର ଫୁଲ, ମାଟିର ତାଜ୍, ମଲ୍ଲିକଇଁ, ଅନ୍ଧାରୁଆ, ରାଜାପୁଅ, ଆଙ୍ଗୁଠି ଆଦିଗଳ୍ପ। ଅପୂର୍ବ ସୌନ୍ଦର୍ଯ୍ୟାନୁଭୂତି, ପଲ୍ଲୀଚେତନା, ବୈପ୍ଲବିକ ନାନ୍ଦିମୁଖ ଓ

ISSN NO.
2582-208X

ଆଧୁନିକ କାବ୍ୟିକ ଜିଜ୍ଞାସାରେ ତାଙ୍କର ସମସ୍ତ ସୃଷ୍ଟି ଗୁଡିକ ଯେତିକି ପ୍ରାଣବନ୍ତ ସେତିକି ହୋଇଛି ରସୋତୀର୍ଣ୍ଣ ।

କବି ରାଉତରାୟଙ୍କ ସମଗ୍ର କାବ୍ୟମାନସକୁ ଅନୁଶୀଳନ କଲେ ଜଣାଯାଏ ଯେ ମୋଟାମୋଟି ଭାବେ ତାଙ୍କ କାବ୍ୟ ଜୀବନ ୩ ଟି ପର୍ଯ୍ୟାୟରେ ବିଭକ୍ତ ଯଥା: ପ୍ରସ୍ତୁତି ପର୍ବ, ପ୍ରୟୋଗ ପର୍ବ, ପ୍ରକୀର୍ଣ୍ଣ। ପ୍ରାଥମିକ କାବ୍ୟ ସ୍ୱରରେ ଶ୍ରୀ ରାଉତରାୟ ରବୀନ୍ଦ୍ର କାବ୍ୟମାନସ ଦ୍ୱାରା ପ୍ରଭାବିତ ହୋଇ ନିଜକୁ ଏକ ଆଧିଭୌତିକ ଚେତନାର ପ୍ରଭାବିତ କରିଛନ୍ତି ତାହା ନୁହେଁ କବି କାରୁଣ୍ୟ ଓ ହତାଶାରେ ଜଡ଼ିତ ହୋଇ ପଡିଛନ୍ତି। ଯେପରି ତାଙ୍କ କାବ୍ୟରେ ଉଲ୍ଲେଖ କରି କହିଛନ୍ତି-

"ଶୂନ୍ୟ ମୋ ଜୀବନ ବେଣୁ ଶତଛିଦ୍ରେ ଭରା
ତହିଁ ମଧ୍ୟେ ତୁମ ଗାନ ବାଜି ଉଠେ ପରା।"

କବିଙ୍କର 'ପାଥେୟ '(୧୯୩୧) କବିତାର ଯେଉଁ ଆଧିଭୌତିକ ଚେତନା ମୁଣ୍ଡ ଟେକିଛି ତାହା ଋଷିକବି ମଧୁସୂଦନ ଓ ସବୁଜ କବି ବୈକୁଣ୍ଠନାଥଙ୍କ ଭଳି ଅଧିକ ରହସ୍ୟମୟ ହୋଇଉଠିଛି।କବିତାମାନଙ୍କ ଅନ୍ତରାଳରୁ ଅଗ୍ନିଗର୍ଭା ବୈପ୍ଳବିକ ଚେତନାର କେତୋଟି ଚିହ୍ନ ବେଳେବେଳେ କାବ୍ୟିକ ମନରେ ସୁପ୍ତ ପରିଚୟ ବହନ କରି କବିଙ୍କର ଲେଖାରୁ ବାରି ହୋଇପଡେ। ଯେତେବେଳେ କବି କୁହନ୍ତି -

"ମନୁଷ୍ୟର ପରାଜୟ ନୁହେଁ ପାପ ହାତେ,
ବିଜୟ ନିଶାଣ ତା'ର ଉଡେ ସଦା ବାତେ।"
କିମ୍ବା

"ଦାରିଦ୍ର୍ୟର ଅଭିଶାପେ ଧରଣୀ ମଳିନ
ଦୁର୍ବଳର ଅଶ୍ରୁଧାରେ ସୃଷ୍ଟି ହେବ ଲୀନ ।
ପ୍ରବଳର ଅତ୍ୟାଚାର, ଉତ୍ପୀଡନ ହସ
ଦୀନର ଲୋତକ ଲାଗି ହେବ ଦିନେ ଧ୍ୱଂସ।"

କବି ଦୁଃଖର ଅନଟନ ଭିତରେ ବି ଫୁଟାଇ ପାରନ୍ତି ଜୀବନର ବିମଳ ହାସ୍ୟ ଓ ଚିନ୍ତା ଭସ୍ମ ଭିତରେ ନନ୍ଦନ ବନର ପାରିଜାତ ପୁଷ୍ପ।ଗ୍ଳ ମଧ୍ୟେ ସନ୍ଧାନ କରିପାରନ୍ତି ଅମୃତର ଅସରନ୍ତି

ISSN NO.
2582-208X

ଉତ୍ସ, ଅନ୍ଧକାର ଭିତରେ ମୁକ୍ତିର ଆଲୋକ। ରୋମାଣ୍ଟିକ ଚେତନା ସହ ବାସ୍ତବବାଦୀ ଚେତନାର ସମାହାର ଅଛି 'ପଲ୍ଲୀଶ୍ରୀ' କବିତାରେ। ପଲ୍ଲୀର ହସ-କାନ୍ଦ, ସୁଖ-ଦୁଃଖ, ନଈ-ନାଳ, ବିଲ-ପାହାଡ, ତା'ର ସାଧାରଣ ଜନତା, ପୁଅ-ଝିଅ, ପର୍ବ-ପର୍ବାଣୀ ଆଦିର ନିଛକ ବାସ୍ତବ ଚିତ୍ର କୁ ସଚି ରାଉତରାୟ ଅତି ରୋମାଣ୍ଟିକ ଭାବେ ବର୍ଣ୍ଣନା କରିଛନ୍ତି ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସାମ୍ୟବାଦୀ ଓ ବୈପ୍ଲବିକ କବିତା ରଚନା କ୍ଷେତ୍ରରେ ସିଦ୍ଧି ଓ ପ୍ରସିଦ୍ଧିର ଅଧିକାରୀ ହେଉଛନ୍ତି ସଚି ରାଉତରାୟ। ବିଶ୍ୱଯୁଦ୍ଧର ଭୟାବହତା ପୃଥିବୀରେ ଯେଉଁ ହିଂସ୍ର ଓ ନାଟକୀୟତାର ତାଣ୍ଡବ ସୃଷ୍ଟି କଲା, ତାହା ସମଗ୍ର ମାନବ ସମାଜକୁ ଭୀତତ୍ରସ୍ତ କରିଥିଲା। ଏହି ଯନ୍ତ୍ରଣାର କ୍ଷତକୁ ମୁକ୍ତି ପାଇଁ ମାନବାତ୍ମା ଚାହିଁଲା ଶାନ୍ତି। ଯୁଦ୍ଧ ପରବର୍ତ୍ତୀ କାଳରେ ରଚିତ କବି ଶ୍ରୀ ରାଉତରାୟଙ୍କ କବିତାରେ ଆଧୁନିକ ଯନ୍ତ୍ରଣାକ୍ଲିଷ୍ଟ ମଣିଷର ଚିତ୍ର ବହୁଳ ଭାବରେ ପ୍ରତୀକୀତ ହୋଇଛି। ନବଜାଗରଣ ସହ ରାଜନୈତିକ ଶାସନତନ୍ତ୍ରର ଆର୍ବିଭାବ, ନୂଆ ଆଶା, ନୂଆ ଉନ୍ମାଦନା ସତ୍ୟ ଓ ସମ୍ଭାବନା ଭିତରେ ବି ଦୁଃଖ ଓ ଦୈନ୍ୟତାର କରାଳ ଗ୍ରାସରେ ପୀଡ଼ିତ ମଣିଷର ମୁକ୍ତି ନାହିଁ, ଆନନ୍ଦ ନାହିଁ। ମନଖୋଲି ହୋଇପାରୁନାହିଁ, ଅଥଚ କୃତ୍ରିମ ହସର ଅଭିନୟ କରୁଛି।କୋଟି କୋଟି ଜନତାର ମୁଖରେ 'ଅନ୍ନଂ ଦେହିର' ବିକଳ ଚିତ୍କାର।

"କହ କହ ହେଲାଣି ପାହାନ୍ତି
ନାଁ ଅଛି ରାତି ?
ଆଗରେ ସେ କଳା ଘୁମ ଅଜଗର ରାତି ?
ଜାଣେ ଜାଣେ ହୁଏତ ଉଦୟର ଏହାହିଁ ଲକ୍ଷଣ
କାରଣ ରାତି ସକାଳର ପରିଚୟ
ମେଘ ଇ ବର୍ଷାର ସମ୍ବୋଧନ।"

ସର୍ବୋପରି ଅଙ୍ଗିକୃତ କାବ୍ୟ ଶପଥ ଶୁଣାଉ ଶୁଣାଉ କବି ବିପ୍ଲବୀ ସାମ୍ୟବାଦୀ ଶିବିରରୁ ବିଦାୟ ନେଇ ଉତ୍ତର ଷାଠିଏ କବିତାର ବହୁ ପରୀକ୍ଷା ନିରୀକ୍ଷା କରି ମଣିଷ ଜୀବନର ଦରଦକୁ ଉପଲବ୍ଧ କରିଛନ୍ତି। ଯେଉଁଥିପାଇଁ ତାଙ୍କ କବିତ୍ୱ ମଣିଷ ଭିତରେ ହଜିଯିବାକୁ ଚେଷ୍ଟା କରିଛି। ମଣିଷର ସ୍ନେହ, ପ୍ରେମ, ପ୍ରଣୟ ଓ ସମତ୍ୱ ଭିତରେ ହଜି ଯିବାବେଳେ ଜୀବନର ବାସ୍ତବତାକୁ ଉଖାରିବାକୁ ଚେଷ୍ଟା କରିଛି। ଫଳରେ କବି ଦୃଷ୍ଟିରେ ଧରାପଡ଼ିଛନ୍ତି

ISSN NO.
2582-208X

ପ୍ରତିମା ନାୟକ, ଅଳକା ସାନ୍ୟାଲ, ସାଲିତମାମି ଓ ରାଜଜେମା ଆଦି ଚରିତ୍ର ଗଣ। କବିତାର ପ୍ରତିଟି ପଙ୍କ୍ତିରେ ପ୍ରତିଟି ଧାଡ଼ିରେ ରହିଛି ମଣିଷର ତତଲା ନିଃଶ୍ୱାସ।କବି ନିଜର କାବ୍ୟ ଶପଥ ଶୁଣାଇବାକୁ ଯାଇ କହିଛନ୍ତି -

"ମୁଁ ନୁହେଁ ସଚି ରାଉତରାୟ
ନୁହେଁ ଟାଗୋର ବା ହେଲି
ମୁଁ ଏଇ ମାଟିର ଧରା
ଆଉ ଆକାଶର କବି
କାମ ନୁହେଁ ମୋ'ର ଖାଲି ଆଙ୍କିବା କାଗଜର ଛବି
ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଜାତି
ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋ'ର।"


ଶ୍ରୀ ରାଉତରାୟ ଉତ୍ତର ଷାଠିଏ କବିତାଗୁଡ଼ିକରେ ବହୁ ମିଶ୍ର ଭାବାବେଗର ସ୍ୱର ସହ ଆର୍ଥିକ ଦୂରାବସ୍ଥା, ଜନତାର ଦୁର୍ଗତୀ, ନେତୃତ୍ୱର ପରାଗତି ଏକ ବିସ୍ମୟ ଦୀପ୍ତ ଅଧ୍ୟାୟ ଆଭିମୁଖ୍ୟ ସୃଷ୍ଟି କରିଛି। କବିଙ୍କର କବିତାମାନ ଅତି ସାର୍ଥକ ଭାବେ ରସୋତୀର୍ଣ୍ଣ ଓ କାଳୋତୀର୍ଣ୍ଣ। ତତ୍କାଳୀକ ପ୍ରତିକ୍ରିୟାଶୀଳ ସହ କେତେକ କବିତାରେ ଚିତ୍ରକଳ୍ପ ଓ ପ୍ରକାଶଭଙ୍ଗୀ ରୁଚିକର ହୋଇଛି ।

କହିବାକୁ ଗଲେ ସଚି ରାଉତରାୟ ଙ୍କ କବିତାଗୁଡ଼ିକ ସମୟରେ ପ୍ରାଣସ୍ପନ୍ଦର ପ୍ରକାଶ ପାଉଥିଲେ ମଧ୍ୟ ଅବରୋହ ଓ ଅବକ୍ଷୟ ହିଁ କାବ୍ୟିକ ଉଚ୍ଚାରଣ।

ଅଧ୍ୟାପକ, ଏସ୍.ଡି. ମହିଳା କଲେଜ
ସୁନ୍ଦରଗଡ଼

ISSN NO.
2582-208X

# ମନ ମୋହନ ସିଂହ ସ୍ମରଣେ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ସେପ୍ଟେମ୍ବର ମାସ ଛବିଶି ତାରିଖ
ଊଣିଶହ ବତିଶିରେ
ମାତା ପିତାଙ୍କର ନାମକୁ ସାର୍ଥକ
କରିଲ ଏହି ମହୀରେ ।

ଆଶ୍ରିତ କାଉର୍ ଥିଲେ ତୁମ ମାଆ
ଗୁରୁମୀରା ସିଂହ ବାପା
କିରାଣୀ ଚାକିରୀ କରିଥିଲେ ସିଏ
ମନେ ନହୋଇଣ ଖପା ।

ପଞ୍ଜାବ ରାଜ୍ୟର 'ଖାଇ' ଅଞ୍ଚଳରେ
ଜନମି ମନ ମୋହନ
ଶିଖ୍ ଜାତିଟାକୁ ମଜବୁତ୍ କଲ
ପ୍ରଧାନ ମନ୍ତ୍ରୀ ଥାଇଣ ।

ପାଞ୍ଚ ବର୍ଷ କାଳ ରାଜୁତି କରିଲ
ସ୍ୱାଧୀନ ଭାରତ ବର୍ଷେ
ଚଣ୍ଡୀଗଡ଼ ଯାଇ ପାଠ ପଢିଥିଲ
ଆଗରହରେ ଯେମନ୍ତେ ।

ISSN NO.
2582-208X

ସୀତତ୍ୱାନ୍ତି ଥିଲେ ତୁମ ସାବତମା
ତୁମକୁ ମଣିଷ କଲେ
ଊଣିଶ ପାଞ୍ଚରେ ଗୁରୁ ଚରଣଙ୍କୁ
ତୁମ ହାତେ ଛନ୍ଦି ଦେଲେ ।

ଭାରତୀୟ କଂଗ୍ରେସକୁ ଯାଇ ତୁମେ
ରାଜ ନେତା ବନିଥିଲ
ନରେନ୍ଦ୍ର ମୋଦିଙ୍କ ଆଗରୁ ତ ତୁମେ
ପ୍ରଧାନ ମନ୍ତ୍ରୀ ହୋଇଲ ।

ଡ଼କ୍ଟର ଉପାଧି ପାଇଥିଲ ତୁମେ
ମନ ମଧ୍ୟେ ତୋଷକରି
ତୁମ ପରି ନେତା ସାରା ଭାରତରେ
ନଥିବେ କେହି ଏପରି ।

***

ଧାନ୍ୟରାଶି, ଜେମା ମହଲ
ନୂଆପଡ଼ା (ଗଞ୍ଜାମ)୭୬୧୦୧୧
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ମଣିପୁର ବର୍ବରତା



ଦଣ୍ଡାସି ପ୍ରଧାନ

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତୁ ତତ୍ର ଦେବତା"
ମୋ ମାଟିର ମହାର୍ଘ, ସନାତନୀ ସଂସ୍କୃତିର ମନ୍ତ୍ର।
ଏଇଥି ପାଇଁ ପୃଥିବୀରେ ମୋର ସତନ୍ତ୍ର ପରିଚୟ।
କିନ୍ତୁ ଆଜି ମୁ ମଣିଷ ନା ପଶୁ
ନିଜକୁ ଚିହ୍ନିତ କରିପାରେ ନାହିଁ ।
ଲଜ୍ଜାହୀନ ନଗ୍ନତାର ବିଚିତ୍ର ଉଚ୍ଚାଟନ
ଉଦ୍ଭଟ ଦୃଶ୍ୟ ପଟ,
ଔଦ୍ଧତ୍ୟର ବିକାର ଗ୍ରସ୍ତ କଳଙ୍କ।
ମଣିପୁର ରାଜ ରାସ୍ତାରେ, ଦିବାଲୋକରେ
ଦୁଃଶାସନ ମାନଙ୍କର ଚରମ ତାଣ୍ଡବରେ
ଆଶ୍ଚର୍ଯ୍ୟ ଚକିତ ପୃଥ୍ୱୀ।
ଶତାବ୍ଦୀ ଶତାବ୍ଦୀକୁ କଳୁଷିତ କଲା ଇତିହାସ ।
ଚରମ ବେଦନାର ସାଂସ୍କୃତିକ ପ୍ରଦୂଷିତ ବିଷାଦ ।
ମନ ପ୍ରାଣ ହୃଦୟକୁ ବିଦାରିତ କରି
ଧିକ୍କାରୁଛି ମୋର ସତ୍ତ୍ୱ-ଚିତ୍ତ ଚେତନ ପୌରୁଷ କୁ ।

ISSN NO.
2582-208X

ନାରୀ ଓ ମାତୃତ୍ୱ ଆଜି ହିଂସ୍ରକ ମାନଙ୍କ ହସ୍ତରେ
ବିଭତ୍ସ ବିବସ୍ତ୍ର ବଜାରର ଖିଆଲୀ ପୁତ୍ତଳକା।
ଧିକ ମୋର ଶିକ୍ଷା, ସଂସ୍କାର, ବିଜ୍ଞାନ -
ମାନବିକ ତତ୍ତ୍ୱ, ଦର୍ଶନ ସିଦ୍ଧାନ୍ତ ତଥାକଥିତ
ଭୌତିକ ବିକଶିତ ସଭ୍ୟତାର ପ୍ରଗତିକୁ ।
ନୀଚ ଅଶ୍ଳୀଳ ନିକୃଷ୍ଟ ମାନସିକତା ଅଭିବ ଭାବନାର ଭେକ
ଆଜି ରସାତଳଗାମୀ ଅନୁକ୍ଷଣ।
ମୋ ଭିତରର ପାଶବିକ ଅତ୍ୟାଗ୍ରର ବର୍ବରତା,

ବିବେକକୁ ହନନ କରି ଦଂଶନ କରୁଛି ଆତ୍ମ ସତ୍ତା ପର୍ଯ୍ୟନ୍ତ। ।
ମୁ ଆଜି ଏତେ ତଳକୁ ଖସିଯାଇଛି ଯେ,
ଆଉ ଏକ କୁରୁକ୍ଷେତ୍ର ଯୁଦ୍ଧ ବିଭୀଷିକାର
ବାଞ୍ଛନୀୟତାକୁ, ଅସ୍ୱୀକାର କରିହୁଏ ନାହିଁ ।
ସାଂସ୍କୃତିକ ପ୍ରଦୂଷଣର ସାଂପ୍ରତିକ ଉଦଣ୍ଡ
ଉଗ୍ରବାଦ ଧୃତରାଷ୍ଟ୍ରଙ୍କ ଦରବାର ରେ--
ମାନେ ନାହି ମର୍ଯ୍ୟାଦାର ସରହଦ ।
ସୁସଭ୍ୟ ସମାଜରେ ଏତାଦୃଶ୍ୟ କଳୁଷିତ କଳଙ୍କ,
ଅତିକ୍ରମିତ ହୁଏ ଉର୍ଦ୍ଧ୍ୱଶ୍ୱାସୀ ଶରଭେଦୀ ସ୍ପନ୍ଦନରେ ।
ମାନବିକ ବିକର୍ମ, ଆଶ୍ଚର୍ଯ୍ୟର ତାର୍କିକ ନିର୍ବିବାଦ ସିଦ୍ଧାନ୍ତରେ ।
ମୁ ଆଜି ସନ୍ଦିହାନ ଆଧ୍ୟାତ୍ମିକ ଅଭିବ୍ୟକ୍ତକୁ ନେଇ।
କି ଉତ୍ତର ଦେବି ମୋର ଉତ୍ତର ଦାୟାଦମାନଙ୍କୁ !!
ଲଜ୍ଜା ! ଲଜ୍ଜା !! ଲଜ୍ଜା !!!
ସାର୍ବଭୌମତ୍ୱ ନ୍ୟାୟବନ୍ତ ନିକିତି

ISSN NO.
2582-208X

ମୋତେ ହୁଏତ ଫାସି ଦେଇ ପାରେ -
କିନ୍ତୁ ପିଡ଼ୀତାମାନଙ୍କ ପୀଡା ବ୍ୟଥିତ -
'ଆର୍ତ୍ତ ଚିତ୍କାର' ବିଷ୍ଣୁଲୋକ ପର୍ଯ୍ୟନ୍ତ ଚହଲାଇ ଦେଲାଣି ।
ମହା ଭାରତର ବିଭୀଷିକା ଭିତରେ---
ଯୁଗ ଯୁଗ ର ଶାଶ୍ୱତ ସତ୍ତାଙ୍କ ମୁଖ ନିଃସୃତ ବାଣି ---
"ଯଦା ଯଦି ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତଥାନମ୍ ଅଧର୍ମସ୍ୟ ତଦାତ୍ମନମ୍ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୁନାମ୍ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ ।"
ଧର୍ମ ସଂସ୍ଥାପନ ନମିତ୍ତ ପରମ ସତ୍ତାଙ୍କ ସୁନଶ୍ଚିତ ଅଭ୍ୟୁଦୟ , ନଃସନ୍ଦେହ।

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବାସଂସଦ,
ପାତ୍ରପୁର ଗଞ୍ଜାମ ଭ୍ରାମ୍ୟଭାଷ୍ୟ- 08660194967

ISSN NO.
2582-208X

# ସ୍ୱାଧୀନତାର ସ୍ୱାଦ



ରୀତା ଅପରାଜିତା ମହାନ୍ତ

ଗାନ୍ଧୀ, ଗୋପବନ୍ଧୁ, ବାଜିରାଉତ
ବକ୍ସି ଜଗବନ୍ଧୁ, ସୁବାଷ ଚନ୍ଦ୍ର ବୋଷ
ମଙ୍ଗଳ ପାଣ୍ଡେ ତାନ୍ତିଆ ଟୋପେ
ସଭିଙ୍କ ବଳିଦାନର ନାହିଁ ତୁଳନା ।
ଗାନ୍ଧୀଙ୍କ ଅସହଯୋଗ
କର ବା ମର ଆନ୍ଦୋଳନ
କେ ଭୁଲିପାରିବ ।
ସେମାନଙ୍କ ପାଇଁ ଆମେ ଚାଖି ପାରିଲୁ
ସ୍ୱାଧୀନତା ର ସ୍ୱାଦ ।
ସେହି ବୀର ସହିଦଙ୍କ ଅମର ଗାଥା
କେବେ ଭୁଲିଯିବା ନାହିଁ ।
ତ୍ରିରଙ୍ଗା ତଳେ ପ୍ରାର୍ଥନା କରିବା
ଆଜି ଆମେ ସବୁ ଭାରତୀୟ
ଦେଶ ମାଟିର ଟେକ ରଖିବା ।

ଆଉ ଦେଶ ର ପ୍ରଗତିର ଉନ୍ନତି
ଆକାଶକୁ ନେଇଯିବା ।
ତେବେ ଆମ ବୀର ମାନଙ୍କ ତ୍ୟାଗ
ବଳିଦାନ
ପାଇବା ଉଚିତ ସମ୍ମାନ ।
ଘରେ ଘରେ ତ୍ରିରଙ୍ଗା ଉଡେଇ
ଗାଇବା ତାର ଜୟଗାନ
ଜନଗଣ ମନ ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା ।
ଜୟ ହିନ୍ଦ ଜୟ ଭାରତ ମା

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ
ଭୁବନେଶ୍ୱର -୨୧

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## କୈଶୋର ଉମଙ୍ଗ

(୬)

ଚାରିଦିନ ଲାଗି ନେଞ୍ଜା ଦିଦି ତା' ବର ଆଉ ଦି ପିଲାଙ୍କୁ ନେଇ ଗାଁକୁ ବାହାରି ପଡ଼ିଲା । ମାଳତୀର ଆଠମାସ ଗର୍ଭ । କଲେଜରୁ ମଧୁସୂଦନକୁ ଏ ଅସୁବିଧା ସମୟରେ ଛୁଟି ମିଳିବନି । ଏକା ଏକା ମାଳତୀ କେମିତି ଚାରିଦିନ ରହିବ । ଯିବା ପାଇଁ ବାରଣ କଲା ମଧୁସୂଦନ । ହେଲେ ନେଞ୍ଜା ଜମା ଶୁଣିଲାନି । ବାଧ୍ୟହୋଇ ମଧୁସୂଦନ ନେଞ୍ଜାର ବର ସଂଗେ କଥାବାର୍ତ୍ତା କଲା । କ'ଣ କହିବ ଚିନ୍ତା କରି ପାରିଲାନି । ଭାବିଚିନ୍ତି କହିଲା ନେଞ୍ଜାର ପିଲା ହବାର ଅଛି ଅସଲାମ ଭାଇ ଏ ସମୟରେ ଏତେ ଦୂର ଗାଡ଼ିରେ ବସି ତୁମର ଗାଁକୁ ଯିବାଟା ଠିକ୍ ହେବନି ନେଞ୍ଜାର ମାସ ହେଇଗଲାଣି ବୋଧେ ।

ହଁ, ଦାଦା ବାବୁ, ସେଇଥି ପାଇଁ ତ ମା', ବାପାଙ୍କୁ ଥରେ ଦେଖାକରି ତାଙ୍କରି ଅନୁଗ୍ରହ ଆଣିବାକୁ ଯାଉଛି ।

ତା' ଠିକ୍ ଯେ, ହେଲେ ଏତେ ଦୂର ଯିବ, କେତେବେଳେ କୋଉ କଥା ।

ନାଁ ଦାଦା ବାବୁ, ତମେ ଡରନା, ମୁଁ ସାଙ୍ଗରେ ଥିବି । ଯିବାକୁ ଦେଢ଼ ଦିନ ଆସିବାକୁ ଦେଢ଼ ଦିନ । ମଝିରେ ଗୋଟେ ଦିନ ମା' ବାପାଙ୍କ ପାଖରେ ରହି ଚାଲି ଆସିବୁ । ଚାରିଟା ଦିନ

ISSN NO.
2582-208X

ଚାହୁଁ ଚାହୁଁ ଗଡ଼ିଯିବ । ବୋହୂମା'କୁ ଏକା ଛାଡ଼ି ଯାଇପାରୁ ନ ଥିଲୁ । ଏବେ ସେ ଟିକିଏ ବାଗକୁ ଆଇଚନ୍ତି ।

ଅସଲାମ ଭାୟା ନେଞ୍ଜା ଆଉ ତା ଛୋଟ ପିଲା ଦି'ଟାଙ୍କୁ ନେଇ ବାପା, ମା'ଙ୍କ ଆଶୀର୍ବାଦ ଆଣିବା ପାଇଁ ଚାଲିଗଲା । ଅଥଚ ସେ.... ମାଳତୀର ପ୍ରଥମ ଗର୍ଭ । ତଥାପି ମଧ୍ୟ ସେ ନାଁ ତା ବାପା ମା'ଙ୍କ ପାଖକୁ ନେଇ ଯାଇ ପାରୁଛି ନାଁ ମାଳତୀର ମା' ବାପାଙ୍କ ପାଖକୁ । ନେଇ କରି ଯିବା ତ ଦୂର କଥା । ମାଳତୀ ପେଟରେ ହେଇଚି ବୋଲି ମଧ୍ୟ କାହାକୁ ଜଣାଇନି । କାଳେ ଖବରଟା ପାଇ କିଏ ଆସିଯିବ । ବର ଘରକୁ ଆସି ଚାରିଟା ମାସ । ମାତ୍ର ପେଟରେ ସାତ ମାସ । ଆପେ ଯାଇ ବାପା, ମା'ଙ୍କୁ ଦେଖି ଆସେ । ଦଙ୍ଗା ଟିକିଏ କମ୍ ହେଲେ ମାଳତୀକୁ ନେଇ ଆସିବ ବୋଲି ହଲପ କରେ । ଗଲା ବେଳକୁ ମାଳତୀ ହାତ ତିଆରି କେତେ କାରୁକାର୍ଯ୍ୟ ମା' ପାଇଁ ନେଇଯାଏ । ବାପାଙ୍କ ପାଇଁ ଜାତିଜାତିକା ପିଠା। ଯଦିଓ ସେଗୁଡ଼ିକ ମାଳତୀ ନୁହେଁ ନେଞ୍ଜା ତିଆରି କରିଥାଏ । ଥରେ ଅଧେ ମାଳତୀର ଗାଁ ମଧ୍ୟ ହେଇ ଆସିଛି । ଶ୍ୱଶୁର ଘର ହେଲେ କ'ଣ ହେଲା ! ତା' ପ୍ରାଣର ମାଳତୀର ଗାଁ ଆଉ ବାପା, ମା' ତ । ସେଇ ଗୋଟିଏ ବାହାନା ଦେଖାଏ । ଆଜିକାଲି ସେଠା ହାଲତ ଖରାପ । ତେଣୁ କେହି ଘରୁ ବାହାରୁ ନାହାନ୍ତି । କେବେ କେବେ ବାଲୁ ଭାଇନା କହେ ମୁଁ ଥରେ ଯାଇ ମାଲୁକୁ ଦେଖି ଆସିବି ମଧୁବାବୁ । ଚାରି ମାସ ଚାରି ବର୍ଷ ଭଳି ଲାଗୁଛି ।

ଜୋର୍‌ରେ ହସି ମଧୁସୂଦନ କହେ, "କ'ଣ କିହେ ବାଲୁ ଭାଇନା ତୁମଗେହ୍ଲୀ ଭଉଣୀକୁ ମୁଁ ଦାନା ପାଣି ନ ଦେଇ ଆଉ କ'ଣ ଦେଉଛି କି ? ସେ କେବେ ତୁମର ଗେହ୍ଲୀ ଥିଲା । ଏବେ ମୋର ଗେହ୍ଲୀ । ଶାଶୁ କୁହନ୍ତି, "ତେମେ ରୋଷ କରନା ଜୋଇଁ ବାବୁ । ପିଲାଗୁରା ଏକ ଦୁସରା ପାଇଁ ପାଗଳ ହୁଅନ୍ତି ।"

ନାଁ ବୋଉ, ରୋଷ କାହିଁକି କରିବି ! ବାଲୁ ଭାଇନାଙ୍କ ସାଙ୍ଗରେ ଟିକିଏ ଟାପରା ଖେଳୁଥିଲି ।

ମତେ ଗୋଟାଏ କଥା ସତ ସତ କହିବ ମଧୁବାବୁ । ସେଦିନ ତୁମକୁ କଥା ଦେଇ ରଖି ନ ପାରିଥିଲି ବୋଲି ମୋ ଉପରେ ରାଗ କରିନ ତ । ହେଲେ ସେଦିନର ପରିସ୍ଥିତି ସେମିତି

ISSN NO.
2582-208X

ହୋଇ ଯାଇଥିଲା । ତହିଁ ଆରଦିନ ମାଳକୁ ପଚାରି ଥିଲି ସେ ନାସ୍ତିବାଣୀ ଶୁଣାଇ ଥିଲା । ଧିକ୍କ ମୋର ବଡ଼ ଭାଇ ପଣିଆ । ମୋ ସହ ତ ତୁମେ ନଇ ପଠାକୁ କେତେ ଥର ଯାଇଛ। ଏକା ଏକା ହେଲେ ଚାଲି ଯାଇଥାଆନ୍ତ । ମୁଁ ନ ଥିଲେ ମଧ୍ୟ ଦୁହେଁ ଦୁହିଁଙ୍କ ସହ ଦି ପଦ କଥା ହୋଇଥିଲେ ଦିହିଙ୍କୁ ଭଲ ଲାଗି ଥାଆନ୍ତା ।

ଗଲା କଥା ଗଲାଣି ଭାଇନା । ସେଇ ଛୋଟ ପୁରୁଣା କଥାଟିକୁ ମନେ ଧରି ବସିଛ ! ପ୍ରକାଶ୍ୟରେ ଏତିକି କହି ମନକୁ ମନ ଦୋହରାଉ ଥିଲା ମଧୁସୂଦନ ।

ସେଦିନ ସନ୍ଧ୍ୟା ମତେ ଅସୁମାରୀ ଆନନ୍ଦର ବାଦଶା କରିଥିଲେ ମଧ୍ୟ ବର୍ତ୍ତମାନ ଅନୁତାପ ଅଗ୍ନିରେ ମୁଁ ଦଗ୍ଧି ହେଉଛି । ସେ ଅଦୃଶ୍ୟ ବଡ଼ବାନଳ ବିଷୟରେ ନାଁ କାହା ଆଗରେ ପ୍ରକାଶ କରି ପାରୁଛି ନାଁ ସହ୍ୟ କରି ପାରୁଛି । ଫେରିବା ବେଳକୁ ବୋଉ କେତେ ଜାତିର ଖାଇବା ଜିନିଷ କରି ପଠାନ୍ତି । ଏଇଟା ମାଳ ପାଇଁ । ତାକୁ ପତର ପୋଡ଼ା ଭାରି ଭଲ ଲାଗେ । ତେନ୍ତୁଳି ଆଚାର ଟିକିଏ ବି ନେଇଯାଅ । ଆଉ ଖଣ୍ଡେ ଆମ୍ବସଢ଼ା । ଏଇଟାରେ ଗଣ୍ଡାଏ ଫୁଲବଡ଼ି ଆଉ ମଞ୍ଜି ବଡ଼ି ରହିଲା । ସେଇତକ ମୋର ବୋଉ ।

ତମୁକୁ କ'ଣ କିଛି ପେଇଁ ମନା ଜୋଇଁ ବାବୁ ।

କେଡ଼େ ନିରାମୟ ସ୍ନେହବୋଳା ମଣିଷଗୁଡ଼ିକ ଏମାନେ । ସମସ୍ତଙ୍କୁ ସେ ପ୍ରତାରଣା କରୁଛି। କ'ଣ ବା ଆଉ କରନ୍ତା । ଜଣକର ମାନ ମହତ୍‌କୁ ଜଗେଇ ରଖିବା ପାଇଁ ତ ସେ ଏ ସବୁ କରୁଛି ।

ଆଜି ନେଞ୍ଜା ଦିଦି ଆସିବ । ମାଳତୀର ପାଦ ଭୂଇଁ ଛୁଉଁ ନ ଥିଲା । ଏଘରରୁ ସେ ଘର । ପୁଣି କେବେ ମଧୁସୂଦନ ପାଖେ ଗେହ୍ଲେଇ ହେଇ କୋହୁଥିଲା, "ଆଜି କ'ଣ ଖାଇବ । କେଉଟ ଭାଇ ଆଇଥେଲା । ଏଇ କେଇଦିନ ହେଲା ମାଛ କିଣିନି ବୋଲି ମନଦୁଃଖ କରୁଥେଲା । ଆଜି ଜାତି ଜାତିକା କେତେଗୁଡ଼େ ମାଛ କିଣି ନେଲି ।"

ଆଉ ନେଞ୍ଜା ଯଦି ନ ଆସେ!

ISSN NO.
2582-208X

ଛିଃ, ଘରୁଠୁ ଭାଆରେ ଅଛି, ସିମିତି କୁଅନ୍ତିନି ।

ଆଚ୍ଛା ବାବା ହେଲା, ଯା' ଦୁଆରେ ଗୋଟେ ପୂର୍ଣ୍ଣ କୁମ୍ଭ ରଖ । ଆମ୍ବ ଡାଳ ଆଣିଦେବି ? ନାସି ଲଗା ପଇଡ଼ ??

ମଧୁସୂଦନଠୁ କିଛି ଆଶାର ବାଣୀ ନ ଶୁଣି ଭିତରୁକୁ ଚାଲିଗଲା ମାଳତୀ । ଆରେ ହଁ, କାଲି ଗୋଟେ କାମରେ ଯାଜପୁର ଯାଇଥିଲି । ତୁମ ଘର ଆଡ଼େ ମାଡ଼ିଗଲି । ବୋଉ କ'ଣ କ'ଣ ସବୁ ବାନ୍ଧି ପଠେଇଛନ୍ତି । କୋହୁଥିଲେ ତୁ ଲଗେଇଥିବା ମାଳତୀ ଗଛଟା ହୁତୁହୁତୁ ହେଇ ବଢୁଛି । କହିଲି ଫୁଲ ଫୁଟିବା ବେଳୁକୁ ମୁଁ ମାଲୁକୁ ନେଇ ଆସିବି ।

ହଁ, ଖାଲି ମୋ ମନ ରଖିବା କଥା ଗୁରେ କୋଉଚ । ମତେ କୋଉଠିକି ନୋଉଚ ଯେ ? ମାସ ମାସ ଧରି ଏଇ ଘରୁଟା ଭିତେରେ ପଡ଼ି ରହିଛି । ଯିବା ଆଗ ଦିନ ନେଞ୍ଜାଦିଦି କୋହୁଥିଲା, ଏ ଯାକେ ତମ ବାପଘରୁ ସାଦ ଆସିଲାନି ?

କେଜାଣେ ତୁମେ ବୋଉକୁ ମୋ ପେଟରେ ହବା କଥା କଇଚ କି ନାହିଁ । ଅଭିମାନ ଭରା ସ୍ୱରରେ ଏତିକି କହିଦେଇ ମାଳତୀ ଚାଲିଗଲା ।

ନିଜକୁ ନିଜେ କହୁଥିଲା ମଧୁସୂଦନ, ଘରୁଟା ଭିତେରେ... ମତେ କ'ଣ ଏସବୁ ଭଲ ଲାଗୁଛି। ହେଲେ 'କପାଳ ଲିଖନ, କେ କରିବ ଆନ' । ଛୁଆଟା ଜନ୍ମ ହେଇଯାଉ । ହେଲେ ତା' ପରେ ! ଦେଖିବା, ଯାହା ହବାର ଥିବ । ଘର ବାହାରେ ପାଟିଗୋଳ ଶୁଣି ବାହାରକୁ ବାହାରି ଆଇଲା ମାଳତୀ । ଅସିଫ ଦାଦାର ରେକସାଟା ଭରତି ହେଇ ତାଙ୍କ ଘର ଆଡୁକୁ ଆଉଚି । ଅସିଫ ଦାଦା କ'ଣ ସବୁ ଏତେ ଜିନିଷ ଲଦି ଆଣୁଛି । ପାଖୁକୁ ଆସିବାରୁ ନେଞ୍ଜା ଦିଦିର ମୁହଁଟା ବାରି ହେଇ ପଡ଼ିଲା । ନେଞ୍ଜା ଦିଦି ତେବେ ତା' ଗାଁରୁ ଏତେ ସବୁ ଜିନିଷ ବୋହି ଆଣିଛି । ଅସଲାମ ଦାଦା କାଇଁ ? ଛୁଆ ଦିଇଟା ବି ଦେଖା ଯାଉ ନାହାନ୍ତି । ଆଉ ଜଣେ କିଏ ରେକ୍ସାରେ ବଇଚି । ନେଞ୍ଜା ଦିଦିର ଭାଇ ହେଇଥିବ ବୋଧେ । ଏତେ ବର୍ଷ ବାଦ ନେଞ୍ଜା ଦିଦି ବାପଘର ଯାଇଥେଲା । ସେଇଥିନାଗି ଭାଇ ଛାଡ଼ିବାକୁ ଆଇଚି । ହେଲେ ସେ ନୋକୁଟା ନେଞ୍ଜା ଦିଦିକୁ ଇମିତି ଜାବୁଡ଼ି ଧରିଛି କାହିଁକି ? ଚମକି ପଡ଼ିଲା ମାଳତୀ ।

ISSN NO.
2582-208X

ଅସଲାମ ଦାଦା ଓପରେ ଖଣ୍ଡେ ଚାଦର ଢ଼ଙ୍କା ହୋଇ ଗୋଟେ ଦୋଉଡ଼ିରେ ତାକୁ ବାନ୍ଧି ଦିଆଯାଇଛି । ମାଛକଟା ବଡ଼ ଛୁରି ଖଣ୍ଡକ ମାଳତୀ ହାତରୁ ଖସି ପଡ଼ିଲା । ଦେହ ହାତ ବରଡ଼ା ପତ୍ର ଭଳି ଥରୁଛି । ଆଉ ପାଟିରେ ଯେମିତି ଜାବ ପଡ଼ିଗଲାଣି । ଘର ଆଗରେ ଅସିଫ ଦାଦା ରେକସାଟାକୁ ଛିଡ଼ା କଲା । ଧୀରେ ଧୀରେ ନାହିଁ ନ ଥିବା ଭିଡ଼ । କେହି ଜଣେ ନେଞ୍ଜା ଦିଦିକୁ ଆଣି ବାରଣ୍ଡାରେ ଶୁଆଇ ଦେବାର ଚେଷ୍ଟା କରୁଥିଲା । ମାଳତୀ ଦଉଡ଼ି ଯାଇ ଘର ଭିତୁରୁ ଖଣ୍ଡେ ମସିଣା ଆଣି ବିଛେଇ ଦେଲା । ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିଲା ନେଞ୍ଜା । ମଧୁସୁଦନ କଲେଜ ଯାଇଛନ୍ତି । କହି ଯାଇଥିଲେ ଡେରିରେ ଆସିବେ । ପଡ଼ିଶା ଘରର ଅଇଁଠା କା' ଇସାରାରେ ସାଇକଲ ଖଣ୍ଡକ ପବନ ବେଗରେ ଉଡ଼େଇ କୁଆଡ଼େ ଉଭେଇ ଗଲା । ପଥର ଭଳି ଛିଡ଼ା ହେଇ ଥରେ ନେଞ୍ଜା ଦିଦିକୁ ଆଉ ଥରେ ରେକ୍ସା ଉପରେ ବନ୍ଧାବନ୍ଧି ଗଣ୍ଠିଲିଗୁଡ଼ାକୁ ଚାହୁଁଥାଏ ମାଳତୀ । ରେକସାରେ ବଇଥେବା ମଣିଷଟା କହି ଚାଲିଥେଲା, ପାହାନ୍ତିଆ ପହରରୁ ହାବୁଡ଼ା ପୁରୀ ରେଳ ଗାଡ଼ି ଦୁର୍ଘଟଣା । ପୋକମାଛି ଭଳି ମୁର୍ଦ୍ଦାର ଗୁଡ଼େ ଟେସନରେ ପଡ଼ିଥିଲେ । ଖଣ୍ଡିଆ ଖାବରା ମଣିଷଗୁଡ଼ାଙ୍କ କାନ୍ଦ ବୋବାଳିରେ ଟେସନଟାର ଖୁଣ୍ଟ ପଥର ଗୁରା ଯିମିତି ରାହା ଧରୁଥିଲେ। ଆମ କୁଲିମାନଙ୍କର ଆଜିକା କାହିଁକି କେଇଦିନ ନାଗି ଦାନାପାଣି ମଲା । ଯିଏ ଯୁଆଡ଼େ ପଳେଇଲେ । ମତେ ସୁହା ଗଲାନି । ଅସିଫ ଭାଇକୁ ସାଂଗରେ ନେଇ ଟେସନ ଭିତରୁକୁ ଗଲି । ଏଇ ତିନିଟା ମୁର୍ଦ୍ଦାରକୁ ଦେଖି ଅସିଫ ଭାଇ କାନ୍ଦି ପକେଇଲା । ବହୁ କଷ୍ଟରେ ମୁର୍ଦ୍ଦାରଗୁଡ଼ାକୁ ବାନ୍ଧି ଅଧା ମୁର୍ଦ୍ଦା ଏଇ ପୋଖତୀ ମାଇକିଣାଟାକୁ ରେକ୍ସାରେ ବସେଇ ଆଣୁଛି ।

ମାଳତୀ କାନରେ ଆଉ କିଛି ପଡୁ ନ ଥାଏ । ନେଞ୍ଜା ଦିଦି ପାଖେରେ ବସି ହାଉଳି ଖାଉଥାଏ । ଅସହ୍ୟ ଯନ୍ତ୍ରଣାରେ ନେଞ୍ଜା ଦିଦି ଛଟପଟ ହେଉଥାଏ । ଭିଡ଼କୁ ଦୁଇହାତରେ ଆଡ଼େଇ ଆଡ଼େଇ କିଏ ଜଣେ ପଶୁଥିଲା । ଆଗେ ଆଗେ ଅଇଁଠୁ । ପଛେ ପଛେ ନୋକୁଟା। ନୋକୁଟା ଆଉ କେହି ନୁହେଁ, ମାଳତୀର ଜୀବନ ମଧୁସୂଦନ । ମଧୁସୂଦନକୁ ଦେଖି ଆଉରି ଜୋର୍‌ରେ ହାଉଳି ଖାଇ କାନ୍ଥ ଫଟେଇଲା ମାଳତୀ । ଆକଟିବା ଗଳାରେ ମଧୁସୁଦନ କହିଲା, ଭାଗ୍ ଏଠୁ । କିଛି ତ କରି ପାରିବୁନି, ଏଠି ବସି ଯାତରା ଦେଖୋଉଚୁ । କିମିତିକା ମାଇପିଟାଏ ତୁ । ଗୋଟେ ପୋଖତି ମାଇକିଣାର ଯନ୍ତ୍ରଣା ତୋ ଆଖିକୁ ଦେଖାଯାଉନି କି କାନକୁ ଶୁଣା ଯାଉନି । ଏତିକି କହି ଆଣ୍ଠୁରେ ମାଳତୀକୁ ଜୋର୍‌ରେ ଠେଲାଟିଏ ମାରି

ISSN NO.
2582-208X

ମଧୁସୂଦନ ନେଞ୍ଜାକୁ ଟେକି ନେଇ ରେକସାରେ ବସେଇ ସିଧା ଚାଲିଲା ସରକାରୀ ଡାକ୍ତରଖାନା । କହିବା ପାଇଁ ସରକାରୀ ଡାକ୍ତରଖାନା । ନାଁ ଡାକ୍ତର ଅଛନ୍ତି ନାଁ ଯନ୍ତ୍ରପାତି । ଧାଈଟି ୱାର୍ଡ ପରିଚର ବାଉରିଆ ସାହାଯ୍ୟରେ ନେଞ୍ଜାକୁ ନେଇ ପରଦା ପଛକୁ ଥିବା ଗୋଟେ ବେଞ୍ଚ ଓପରେ ଶୁଆଇ ନେଞ୍ଜାର ପିନ୍ଧିଥିବା ଲୁଗା ଖଣ୍ଡକୁ ଓପୁରୁକୁ କରିଦେଲା । ବାହାରୁ ମଧୁସୂଦନ ଚିତ୍କାର କରି ଚାଲିଥାଏ, ଡାକ୍ତର ବାବୁଙ୍କ ଠିକଣାଟା ଦିଅ ଦିଦି । ମୁଁ ରେକ୍ସାରେ ଯାଇ ଘିନି ଆସିବି । ଧାଇ କାନରେ କିଛି ପଡୁ ନ ଥିଲା । ପେଟ ଯନ୍ତ୍ରଣାରେ ଦହଗଞ୍ଜ ହେଇ ଧାଇର ହାତ ଦିଟାକୁ ଦି ହାତରେ ଜାବୁଡ଼ି ଧରିଥାଏ ନେଞ୍ଜା । ବହୁ କଷ୍ଟରେ ନେଞ୍ଜାର ପଥର ଭଳି ଶକତିଆ ହାତ ଦିଟାକୁ ନିଜଠୁ ଅଲଗା କଲା ଧାଇ । ବାହାରୁ ମଧୁସୂଦନ ଗଳା ଫାଡ଼ି କହି ଚାଲିଥାଏ, ଡାକ୍ତର ବାବୁଙ୍କୁ ଡାକିବା ଦିଦି । ଧାଇ ଯେମିତି କାଲ ପାଲଟି ଯାଇଥିଲା । ବାଉରିଆକୁ ଯନ୍ତ୍ରପାତି ଟେବୁଲ୍‌ଟାକୁ ଠେଲି ଆଣିବାକୁ କହି ନିଜ କାମ ଆରମ୍ଭ କରିଦେଲା । ରକ୍ତ ବୋହି ଚାଲିଛି । ନେଞ୍ଜାର ଗଳାରେ ଆହୁରି ଅସହ୍ୟ ରୋଦନ । ବ୍ୟସ୍ତ ହୋଇ ପଡୁଥାଏ ଧାଇ ଜଣକ । ମାଇପିଟାର ଯନ୍ତ୍ରଣା ବଢ଼ି ବଢ଼ି ଯାଉଛି । ସାଙ୍ଗରେ ରକ୍ତଧାରାର ମାତ୍ରା । ଈଶ୍ୱର ତ ପ୍ରାଣୀର ଦୁଃଖ ବୁଝିଥାନ୍ତି । ଡାକ୍ତରଖାନା ଭିତୁରୁକୁ ପଶିଲେ ଦୁଇଟା ମାଇପେ । ଗୋଟେ ପୋଖତି, ଆରୁଟା ତା ସାଙ୍ଗେରେ । ମା' ମାଉସୀ କିଏ ହେଇଥିବ ବୋଧେ । ମାଇକିଣା ଗଳା ଶୁଣି ବିକଳରେ ଡାକ ପକେଇଲା ଧାଇ ଜଣକ । କିଏ କିରେ ବାଉରିଆ । ଭିତୁରୁକୁ ପଠେଇ ଦେ ତ । ପୋଖତି ଜଣକ ନେଞ୍ଜାକୁ ଦେଖୁ ଦେଖୁ ଯେମିତି ତା ନିଜର ସବୁ ଯନ୍ତ୍ରଣା କୁଆଡ଼େ ଉଭେଇ ଗଲା । ପାଟି କରି କହିଲା, "ଦିଦିକୁ ଟିକିଏ ସାହାଯ୍ୟ କର ମା । ତୋର ତ ଏଇଟା ନିତି ଦିନିଆ କାମ ।"

ଧାଇ ଜଣକ ମୁହଁ ବୁଲେଇ ପଛକୁ ଦେଖିଲା "ଇଏ ବର୍ଷ ବର୍ଷ ହେଲା ଶୂଳୁଣୀ କାମ କରନ୍ତି ଦିଦି । ଶୁକୁଟୀ ମାଉସୀ ନାଁରେ ପରିଚିତା ।" ଆନନ୍ଦରେ ବିହ୍ୱଳା ହୋଇ କହିଲା ଧାଇ ଜଣକ, "ଟିକିଏ ସାହାଯ୍ୟ କରିବ ମାଉସୀ ।"

"ତୁ ଉଠୁଲୋ ଝିଅ । ଇଏ ତ ମୋର ନିତିଦିନିଆ କାମ । ତୁ ମୋ ହାତୁକୁ ଖାଲି ଦରବ ଗୁରା ବଢ଼େଉ ଥା ।" ବିନା ଦ୍ୱିଧାରେ ଧାଇଟି ଆଡ଼ ହେଇଗଲା । ମାତ୍ର କେଇଟା ଦିନ ହେଲା ଚାକିରୀରେ ପଶିଛି । ସାଧାରଣ ପ୍ରସବ କେଇଟା କରେଇଛି । ହେଲେ ଆଜିର ଏଇ

ISSN NO.
2582-208X

ପୋଖତି ମାଇକିଣାଟା ତା ଜୀବନ ମରଣ ସାଂଗରେ ଯୁଝୁଛି । ଟିକିଏ ବିଳମ୍ବରେ ମା' ଛୁଆ ଧିଏଁ ଆରପାରି ଚାଲି ଯାଇପାରନ୍ତି । ଟରଚଟା ଟିକିଏ ଦେଖା ତ ଲୋ ମା । ଚାଦର ଖଣ୍ଡକ ରକ୍ତରେ ଜୁଡୁବୁଡୁ ହେଇ ଟପ୍ ଟପ୍ ଝଡ଼ିବା ଆରମ୍ଭ କଲାଣି । ଗୋଡ଼ରେ ଅଳିଆ ବାଳିତିଟାକୁ ସିଧାରେ କରିଦେଲା ଧାଇ ଜଣକ । ଶୁକୁଟୀ ମାଉସୀ ନେଞ୍ଜା ପେଟ ଓପରେ ହାତ ରଖି ତା'କୁ ଜୋର୍‌ରେ କୁନ୍ଥେଇବାକୁ ଇଙ୍ଗିତ କରୁଥାନ୍ତି । ଏତିକିରେ ତାଙ୍କ ଝିଅ ଜଣକ ବାହାରକୁ ଆସି ଘନିଆ ମେହନ୍ତର ଆଡୁକୁ ଚାହିଁ କହିଲା, ଯେତେ ଶୀଘ୍ର ଗୋଟେ ପଲମରେ ନିଆଁ ଜଳା ଭାଇ । ଛୁଆ ଜନମ ହବା ଓପରେ । ଦଉଡ଼ି ଯାଇ ମଧୁସୂଦନ କୋଉଠୁ ଶୁଖିଲା କାଠ ମେଞ୍ଚାଏ ନେଇ ଆସି ଘନିଆକୁ ପଲମରେ ନିଆଁ ଜଳାଇବାକୁ କହିଲା।

ଆଉ ବେଶୀ କୁନ୍ଥେଇ ପାରିବିନି ମାଉସୀ, ମୋ ଛୁଆକୁ ବଞ୍ଚାଅ । ବୋକୀ ଟେ କିଲୋ । ଛୁଆ ଆଗେ ବାହାରକୁ ଆଉ ତ । ଇଏ ଯେତେ ଯନ୍ତ୍ରଣା ତତେ ହୋଉଚି ଖୁବ୍ ଜୋର୍‌ରେ ଗୋଟେ କୁନ୍ଥା ମାରିଲା ପରେ ସବୁ ଠିକ୍ ହେଇଯିବ । ସତକୁ ସତ ସେଇଆ ହେଲା । ଆଖିକୁ ଆସିଲା ମେଞ୍ଚାଏ କଳା ବାଳ । ପରେ ପରେ ସୁନ୍ଦୁରିଆ ନାକୁଟେ । ଆଖି ପିଛୁଡ଼ାକେ ଛୁଆଟା ପଚ୍ କରି ଭୂଇଁ ଉପରେ । ସତକୁ ସତ ନେଞ୍ଜାର ଯନ୍ତ୍ରଣା ସବୁ ହରଣ ହେଇଗଲା । ଗାଢ଼ ନିଦରେ ଶୋଇ ପଡ଼ିଲା ନେଞ୍ଜା । ଧାଇ ହାତୁରୁ ଧାରୁଆ ଛୁରି ଖଣ୍ଡକରେ ଫୁଲନାଡିଟା କାଟିଦେଇ ଖଣ୍ଡେ ମୋଟା ସୂତାରେ ଜୋର୍‌ରେ ବାନ୍ଧି ଦେଲା ଶୁକୁଟୀ ମାଉସୀ । ଆଉ ସବୁ କାମ ଧାଇକୁ କରିବାକୁ କହି ଛୁଆଟାକୁ ପଲମ ପାଖୁକୁ ନେଇ ଯାଇ ସେକିବା ଆରମ୍ଭ କଲା ।

ଇଏ କ'ଣ ମା' ! ଏ ଯାକେ ଛୁଆ କାନ୍ଦୁନି । କହିଲା ଶୁକୁଟୀ ମାଉସୀ ଝିଅ । ହଁ ଲୋ ମା। ସେଇ ତ ମତେ ତାଜୁବ ନାଗୁଛି । ପେଟରେ ଜୋର୍‌ରେ ବାଜିଥିଲା ବୋଧେ । ମଲା ଛୁଆଟେ ।

ମଲା ଛୁଆଟେ । ନେଞ୍ଜାର ସଂସାର ବୁଡ଼ିଗଲା । ପାଗଳ ଭଳି ଏପଟ ସେପଟ ହବା ଆରମ୍ଭ କରିଦେଲା ମଧୁସୂଦନ । ଘନିଆର କଣ୍ଠସ୍ୱରରେ ଚେତା ଆସିଗଲା ଯେମିତି । ଆଉ ଗୋଟେ ମାଇକିଣା ଆଇଲାଣି ଦିଦି । ବାଉରିଆକୁ କୁହ ଭିତୁରୁକୁ ନେଇଯିବ ।

ISSN NO.
2582-208X

ମାଳତୀ… ଚିତ୍କାର କରି ଉଠିଲା ମଧୁସୂଦନ । ସେଇମିତି ଚିତ୍କାର କରିବା ସ୍ୱରରେ କହି ଚାଲିଲା, ତମ ଡାକ୍ତରବାବୁଙ୍କ ଠିକଣାଟା ଦେଲୁ ଘନିଆ ।

ତା' ତ ମୁଁ ଜାଣିନି ବାବୁ, ହେଲେ ମୁଁ ତାଙ୍କ ଘର ଦେଖିଛେଁ । ଚାଲ ତାଙ୍କୁ ନେଇ ଆସିବା । ଆଜି ଦିନୁଟା କିଛି ଭଲ ଦେଖା ଯାଉନି । ଏ ଧାଇ ଦିଦି ଜଣକ ଟେନିଂରେ ଅଛନ୍ତି । ଖୁବ୍ ଶୀଘ୍ର ଯାଇ ମଧୁସୂଦନ ଡାକ୍ତର ବାବୁଙ୍କୁ ନେଇ ଆସିଲା ।

ଡାକ୍ତର ବାବୁ ଝଡ଼ ବେଗରେ ପରଦା ପଛକୁ ଯାଇ କହିବା ଆରମ୍ଭ କଲେ, “କ'ଣ ହେଲା ନର୍ସ । ଆଗରୁ ଘନିଆକୁ ପଠେଇ ଦେଲନି ।”

ପିଲାଟି ଦୁର୍ଘଟଣାରେ ମା' ପେଟରୁ ମରି ଯାଇଥିଲା ସାର । ଦ୍ୱିତୀୟ ପିଲାଟି ସଂପୂର୍ଣ୍ଣ ସୁସ୍ଥ । ମୁଁ ତାକୁ "କୁଣ୍ଡୀ' ଭିତରେ ରଖିଛି । ହେଲେ ଦୁଇଟି ଯାକ ମା' ମୂର୍ଚ୍ଛା ଯାଇଛନ୍ତି । ଆପଣ ସେଇମାନଙ୍କୁ ପରୀକ୍ଷା କରନ୍ତୁ । ମୁଁ ଛୁଆଟିକୁ ସଫା ସୁତୁରା କରୋଉଛି ।

ମାଳତୀ ପିଲା ସୁସ୍ଥ । ଆନନ୍ଦ ସାଗରରେ ଭାସିଗଲା ମଧୁସୂଦନ । ହେଲେ ମାଲୁ ମୂର୍ଚ୍ଛା ଯାଇଛି । ଚେତା ଆସିଯିବ ତ ! ମାଲୁ, ମଧୁ ଜୀବନକୁ ସୁଗନ୍ଧିତ କରିଥିବା ମାଳତୀ । ପରଦା ବାହାରକୁ ଆସି ଖୋଜିବା ଆଖିରେ ଚାରିଆଡ଼କୁ ଦେଖୁଥିଲେ ଡାକ୍ତର ବାବୁ । ମୁଁ ଦୁଇଜଣ ଯାକଙ୍କୁ ନେଇ ଆସିଛି ଡାକ୍ତର ବାବୁ । ଯାହା କରିବାକୁ ହେବ ମତେ କୁହନ୍ତୁ ।

ନାଁ, ଆଉ ସେମିତି କିଛି କରିବାର ନାହିଁ । ଭଗବାନଙ୍କୁ ଶତ ସହସ୍ର ଧନ୍ୟବାଦ । ଗର୍ଭରେ ପିଲାର ମୃତ୍ୟୁ ହେଲେ ମା' ସହଜରେ ବଞ୍ଚେନା । ଭାଗ୍ୟ ଭଲ । ପିଲାଟା ବାହାରି ଆସିଛି। ସେଇ ଉପର ବାଲାକୁ ଧନ୍ୟବାଦ କର । ହଁ, ଆଉ ଗୋଟାଏ କଥା । ସେଇ ସାନ ଝିଅଟିର କୌଣସି ଏକ ମାନସିକ ଧକ୍କା ଯୋଗୁ ତା'ର ପ୍ରସବ ପୀଡ଼ା ଆରମ୍ଭ ହୋଇ ଯାଇଥିଲା । ମାତ୍ର ୩୧-୩୨ ସପ୍ତାହ ଗର୍ଭ । ସମୟ ପୂର୍ବରୁ ପିଲା ଜନ୍ମ ହେଲେ ପିଲା ପାଇଁ ସଂକଟାପର୍ଣ୍ଣ। ମାତ୍ର ଆପଣ ବହୁ ଭାଗ୍ୟବାନ । ପିଲାଟି ଆଶାତୀତ ଭାବେ ସୁସ୍ଥ । ମା' ଦୁଇ ଜଣଙ୍କ ଅବସ୍ଥାରେ ଭଲ କରି ପରିବର୍ତ୍ତନ ଦେଖାଗଲେ ଆପଣ ଦୁହିଁଙ୍କୁ ଘରକୁ ନେଇଯାଇପାରନ୍ତି ।

ISSN NO.
2582-208X

ଆମ ବିଜ୍ଞାନ ଭାଷାରେ ଦୁଇଟି ଯାକ ହାଇରିସ୍କ କେଶ୍ । ନିରବରେ ଡାକ୍ତର ବାବୁଙ୍କ କଥା ଗୁଡ଼ିକ ଶୁଣିଗଲା ମଧୁସୂଦନ । ଡାକ୍ତର ବାବୁ କହୁଥିଲେ ଦୁଇ ମା' ଏବଂ ପିଲା ଭଲ ଅଛନ୍ତି । ଈଶ୍ୱରଙ୍କୁ ଧନ୍ୟବାଦ କର । ମାତ୍ର ମଧୁସୂଦନର ଇଚ୍ଛା ହେଉଥିଲା କହିବ କେବଳ ମା ପିଲା ଭଲ ନୁହନ୍ତି ଡାକ୍ତରବାବୁ । ମୋ ଜୀବନର ସବୁ ସମସ୍ୟାର ସମାପ୍ତ କରିଦେଇଛନ୍ତି ଈଶ୍ୱର ।

ଅସିଫ୍ ଦାଦା ଆଉ ଗୋଟେ ରିକ୍ସା ଡାକିବାକୁ କହୁଥିଲା । ମାତ୍ର ମଧୁସୂଦନ ରାଜି ହେଲାନି। ଦ୍ୱିତୀୟ ରିକ୍ସାଟିରେ ଯିଏ ବସିବ ତାକୁ କିଏ ଆସରା ଦେବ ! ମୁଁ ମଝିରେ ବସି ଦୁହିଙ୍କ ଉପରେ ନିଘା ରଖିବି । ନେଞ୍ଜା ତା' ଛୁଆଟିକୁ କୋଡ଼ରେ ଧରି ବସିବ । ମଧୁସୂଦନ ଘର ସାମ୍ନାରେ ରିକ୍ସା ରହୁ ନ ରହୁଣୁ ଆଖପାଖରେ ଭିଡ଼ ଜମିଗଲା । କୋଉ ଗଳିରୁ କେତେ ଲୋକ ଆସି ଗହଳି ଜମେଇଲେଣି ତା'ର ଠିକଣା ନ ଥିଲା । ଗୋଟେ ବଡ଼ ଦୁଃଖର ଘଟଣା ଘଟିଯାଇଛି । ତାପରେ ପୁଣି ଗୋଟିଏ ନୂଆ ଅତିଥିର ଆଗମନ । ସମସ୍ତଙ୍କୁ ହାତଯୋଡ଼ି ମଧୁସୂଦନ କହୁଥିଲା, "କାକା, ପିଇସା, ଦଦେଇ, ମାମୁଁ, ମୋଉସା ମାନେ, ମୋ ଉପରେ ଦୟା କର ଛୁଆ ଦୁଇଟି ସହ ଅସଲମ ଭାୟାର ଶବ ଦାହର ବ୍ୟବସ୍ଥା କରାଅ। ବାପା, କକେଇ ମାନେ ଆସୁ ଆସୁ ବିଳମ୍ବ ହୋଇପାରେ । ଏ ବିଷୟରେ ମୋର କିଛି ହେଲେ ବି ଧାରଣା ନାହିଁ ।

ନାଁ, ନାଁ, ତା' କେମିତି ହେବ ? ଅସଲମ ମୁସଲମାନ । ତାଙ୍କ ପଦ୍ଧତିରେ ତା'ର ଶବ ସଂସ୍କାର ହେବ । ଜଣେ କେହି ପ୍ରୌଢ଼ ଜବାବ ଦେଲେ ।

ମୁଁ ଆପଣମାନଙ୍କ ନିକଟରେ ନେହୁରା ହେଉଛି । ପାଦ ଧରୁଛି । ସେମାନେ ହିନ୍ଦୁ । ଆମ ପରିବାରର ସଦସ୍ୟ ଭଳି । ସେମାନେ ବାଂଲାଦେଶରେ ରହୁଥିଲେ । ହିନ୍ଦୁ, ମୁସଲମାନ ଲଢ଼େଇରୁ ତ୍ରାହି ପାଇବା ପାଇଁ ଅସଲମର ବାପା ତା'ର ନାମ ଅସଲମ ରଖିଥିଲେ । ନେଞ୍ଜା ହିନ୍ଦୁ ଘରର ଝିଅ । ବାସୁଦେବ ପୁରେ ତା' ମା' ବାପା ରହୁଥିଲେ । ଏବେ ଅବଶ୍ୟ କେହି ହେଲେ ନାହାନ୍ତି । ହିନ୍ଦୁ, ମୁସଲମାନ ଦଙ୍ଗାରେ ଆଖି ବୁଜିଛନ୍ତି ।

ISSN NO.
2582-208X

ନାଁ ବାବୁ, ତମେ ଏଠାର ନୁହଁ । ବେକାରରେ ଆମେ ଫସିବୁ । ତୁମ ଗାଁରୁ କାହା କାହାକୁ ଡକାଅ, ସେମାନେ ଅଙ୍ଗେ ନିଭେଇଥିବା କଥା ପ୍ରମାଣ ସହ ହିଁ ଜାଣିଥିବେ । ତା ଛଡ଼ା ଉପଯୋଗୀ ଶବ ସଂସ୍କାର ପଦ୍ଧତି ମାନ ମଧ୍ୟ ବର୍ଣ୍ଣନା କରିବେ । ତୁମେ ଖାଲି କାନଶୁଣା କଥା କହୁଛ ସିନା ।

ଚିନ୍ତାରେ ପଡ଼ିଗଲା ମଧୁସୂଦନ । ଦୌଡ଼ି ଆସ ଦାଦା ବାବୁ । ବୋହୂମା'କୁ ଝଅଟ କରି ଡାକ୍ତରଖାନା ନେଇ ଯା, କେତେ ନା କେତେ ରକତ ଯାଉଛି, ବନ୍ଦ ହବାର ନାଁ ନେଉନି । ବରଂ ବଢ଼ି ଚାଲିଛି, କିଛି ବଡ଼ ଅସୁବିଧାଟେ ହେଇ ଯାଇଚି, ଫୁଲୁଟା ପୁରାପୁରି ଆଇନି ବୋଧେ । ଝଟ୍ କରି ବସିବା ସ୍ଥାନରୁ ଉଠିଆସି ମାଳତୀକୁ ନେଇ ଡାକ୍ତରଖାନା ଧାଇଁଲା ମଧୁସୂଦନ, ଭାଗ୍ୟ ଭଲ ଡାକ୍ତରବାବୁ ଯାଇ ନଥିଲେ, ଡାକ୍ତରଙ୍କୁ ଦେଖି ମଧୁସୂଦନର ଅଧା ଚିନ୍ତା ଦୂର ହୋଇଗଲା । ହେଲେ ମାଳତୀର ଅବସ୍ଥା ଦେଖି ଡାକ୍ତରବାବୁ ପାଗଳ ଭଳି ହେଲେ । ଚିତ୍କାର କରି ଉଠିଲେ, ଯେତେ ଶୀଘ୍ର ରୋଗୀକୁ ବାଉରିଆକୁ ଡାକି ଅପରେସନ ରୁମ୍ ନେଇ ଯା ନର୍ସ । ତୁମେ ଶଲ୍ୟ ଚିକିତ୍ସା ଅନୁମତି କାଗଜରେ ତାଙ୍କ ସ୍ୱାମୀଙ୍କ ଠାରୁ ସ୍ୱାକ୍ଷର ନେଇ ଭିତରକୁ ଆସ ।

ମାଳତୀର ଅପରେସନ ହେଇଗଲା, ସିଧା ଅପରେସନ ରୁମ୍‌ରୁ ମଧୁସୂଦନ ପାଖକୁ ଆସିଲେ ଡାକ୍ତର ବାବୁ । ପଛରୁ ବାଉରିଆ ଡାକ୍ତର ବାବୁଙ୍କର ଗାଉନ ଖୋଲିବାରେ ଲାଗିଥିଲା । ମୁଁ ଦୁଃଖୀତ ମଧୁବାବୁ । ମାଳତୀର ପ୍ରାଣ ବଞ୍ଚାଇବା ପାଇଁ ମୋତେ ଏକ ଅତ୍ୟନ୍ତ ଜରୁରୀ ଶଲ୍ୟ ଚିକିତ୍ସା କରିବାକୁ ହେଲା । ମାଳତୀ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ମାତ୍ର ବଡ଼ ଅବଶୋଷ ସହ କହୁଛି, ସେ ଆଉ ଭବିଷ୍ୟତରେ ମା' ହେବାର ସୌଭାଗ୍ୟ ଲାଭ କରିବେନି । ତାଙ୍କର ବର୍ତ୍ତମାନ ପିଲାଟିକୁ ଅଶେଷ ଯତ୍ନ ସହିତ ପାଳନ କରିବେ । ସେଇ ହିଁ ଆପଣ ଦୁହିଁଙ୍କର ଭବିଷ୍ୟତ ।

ମାଳତୀକୁ ନେଇ ଘରେ ପଞ୍ଚିବା ବେଳକୁ ସମୟ ପ୍ରାୟ ୪ଟା । ତାକୁ ଖଟ ଉପରେ ଶୁଆଇ ଦେଲା । ନେଞ୍ଜାକୁ ମାଳତୀ ଉପରେ ନଜର ରଖିବାକୁ କହି ନିଜେ ମଧ୍ୟ ଟିକିଏ ଗଡ଼ି ପଡ଼ିଲା । ଛଟ କରି ନିଦଟା ଭାଙ୍ଗିଗଲା । ଛଅଟା ବାଜିଲାଣି । ପିଲାଦିନେ ଥରେ ବାପା କହିବାର ଶୁଣିଥିଲା "ଶବଦାହ ସୂର୍ଯ୍ୟାସ୍ତ ବାଦ ହୁଏନା ।"

ISSN NO.
2582-208X

ତିନିଟି ଯାକ ଶବକୁ ନେଇ ଡାକ୍ତରଖାନର "ଶବ ଗୃହ'ରେ ରଖି ଆସିଲା । ଘରେ ପହଞ୍ଚି ଦେଖିଲା ମାଳତୀ ଖୁସିରେ ନାଚୁଛି ଯେମିତି । ସେ ସବୁ ଉପରେ କିଛି ଗୁରୁତ୍ୱ ନ ଦେଇ କହିଲା, "ବାରଂବାର ତତେ କହି ଯାଇଥିଲି ଚୁପ୍‌ଚାପ୍ ବିଛଣାରେ ପଡ଼ି ରହିବାକୁ । ଘର ଉପରେ ଏତେବଡ଼ ଗୋଟାଏ ଦୁର୍ଭାଗ୍ୟ ମାଡ଼ି ବସିଛି । ନାଁ, ଆମେ ତ ନାଚିବୁ, କୁଦିବୁ, କାଲି ତୋ ଉପରେ ଏମିତି ଗୋଟେ ଦୁର୍ଭାଗ୍ୟ ମାଡ଼ି ବସିବ ତ ! ମୁଁ ତ ନ ଥିବି ଦେଖିବାକୁ ।"

କ'ଣ ହେଲାରେ ମାଲୁ ମା' । ମଧୁ ଆସିଲାଣି କି ? ଡରି ଛାନିଆ ହୋଇ ଗୋଟେ କଣକୁ ଛିଡ଼ା ହୋଇ ଲୁହ ଗଡ଼ୋଉ ଥିଲା ମାଳତୀ । ତା' ନ ଦେଖି ବାପା ମଧୁସୂଦନକୁ ଚାହିଁ କହିଲେ, ଘରେ ଏତେ ବଡ଼ ଗୋଟେ ବିପଦ ମତେ ଜଣେଇଲୁନି, ତୋ କଲେଜର ବାବୁ ଜଣେ ମୋ ପାଖକୁ ତାଙ୍କର ଚପରାସୀକୁ ପଠେଇ ଥିଲେ । ବାପାଙ୍କୁ ସାଥିରେ ନେଇ ବସିବା ଠଉଁ ଉଠି ଆସିଲି । ଘର ଅବସ୍ଥା ଦେଖି ମୋର ମନେ ହେଲା ରନ୍ଧା ଘର ଖାଲି, ତେଣୁ ଗାଡ଼ି ନେଇ ବଜାରକୁ ଚାଲି ଯାଇଥିଲି । ସବୁ କାମ ଶେଷ କରି ଦେଲୁଣି! ଯା' ଟିକିଏ ଗରମ ପାଣି ନେଇ ଗାଧେଇ ପଡ଼ । ମାରା କାମ ଗୁଡ଼ା କରି ଆସିଛୁ ।

କିଛି ହେଇନି ବାପା । ଏବେ ତୁମେ ଆସିଗଲଣି, ଏ ପଡ଼ୋଶୀମାନଙ୍କୁ ବୁଝେଇବ, ଶବ, ଶବଘରେ ରଖା ହେଇଛି ।

ହଇରେ ନାଲାୟକ । ମୁଁ ସବୁ ଶୁଣିଛି । ଘର ବୋହୂ ସାଂଗରେ ଏମିତି କଥାବାର୍ତ୍ତା କରନ୍ତି । ମୋର ଧାରଣା ଥିଲା ମୋ ନାତି ମୋ ପୁଅର କାର୍ବନ କପି । କୋଉଠୁ ଆଇଲୁରେ ଲକ୍ଷ୍ମୀଛଡ଼ା । ଏମିତି ତ ନ ଥିଲୁ । ଏଇ ବେଧୁଆ ସାଂଗମାନଙ୍କ ସାଂଗରେ ପଡ଼ି ଏମିତି ହେଲୁଣି । ହୋଉଥା । ଆମ ବୋହୂକୁ ମୁଁ ଆଉ ଘଡ଼ିଏ ତୋ ପାଖରେ ରହିବାକୁ ଦେବିନି । ମାଲୁ ମା, ତୋ ଲୁଗାପଟା ଦି ଖଣ୍ଡ ବାନ୍ଧିପକା ସକାଳୁ ସକାଳୁ ତୁ, ତୋ ବାପା ଆଉ ମୁଁ ଏଠା ଛାଡ଼ି ଗାଁକୁ ପଳେଇବା । ଏ ମୂର୍ଖ, ଅଶିଷ୍ଟ, ଅଯୋଗ୍ୟ ପାଖରେ ମୁଁ ତତେ ଦଣ୍ଡେ ରହିବାକୁ ଦେବିନି । ଆଜି ମୁହଁରେ କହୁଛି, କାଲିକୁ ହାତ ଉଠେଇବ । ପରଘରୁ ଝିଅ ମାଗି କରି ଆଣିଛ । ନିଜକୁ କାବୁରେ ରଖିବା ଶିଖିନ ! ଗାଧୁଆ ଘରୁ ଓଦା ଗାମୁଛାଟା ପିନ୍ଧି ବାହାରୁ ବାହାରୁ କହିଲେ ଜଜମ ।

ISSN NO.
2582-208X

କ'ଣ କହିବ ମଧୁସୂଦନର ପାଟି ଖୋଲୁ ନ ଥିଲା । ଏଣୁ ମାରିଲେ ଗୋ ହତ୍ୟା । ତେଣୁ ମାରିଲେ ବ୍ରହ୍ମହତ୍ୟା । କିଛି ନ କହି ଚୁପ୍‌ଚାପ୍ ଗାଧୁଆ ଘର ଭିତରେ ପଶିଗଲା । ସେ ଜଜମଙ୍କର ଜିଦି ଜାଣିଛି । ଯାହା ଥରେ କହିଦେବେ ସେ କଥା ଆଉ ଓଲଟିବନି । ମାଳତୀ ପ୍ରସବ କରିଛି । ଉପରକୁ କ'ଣ ଗୋଟେ ଛୋଟ ଅପରସନ । ଡାକ୍ତର ଦେଖାଇବାକୁ ତ ହେବ । ତା ଛଡ଼ା ଛୁଆ ମା' କ୍ଷୀର ଖାଇବନି । ସେ ନେଇ ଅସୁବିଧା । କ'ଣ କେମିତି ସବୁ ହେବ ମଧୁସୂଦନର ମୁଣ୍ଡ ଚକର ଖାଉଥିଲା ।

ସକାଳୁ ସକାଳୁ ଆଉ ଥରେ ଘରେ ଭିଡ଼ ଜମିଲା । ଜେଜେବାପା, ବାପା ଧିଏଁ ମିଶି ସମସ୍ତଙ୍କୁ ବୁଝାଉଥାନ୍ତି । ଅସଲମକୁ କୋକେଇରେ ଶୁଆଇ ରାସ୍ତାରେ ଖଇ କଉଡ଼ି ବିଞ୍ଚି ବିଞ୍ଚି ପଟୁଆର ଆଗୁକୁ ଚାଲିଲା । ପଛରୁ କାନ୍ଦର ଗୋଟାଏ ବିରାଟ ଲହରୀ ଘର ଫଟେଇ ଦେଲା । ସେ ଥିଲା ନେଞ୍ଜାର । ଅଳସ ଲାଗିବା ସତ୍ୱେ ହିଁ ମାଳତୀ ଯାଇ ନେଞ୍ଜା ପାଖରେ ବସିଲା । ସେମିତି କାନ୍ଦୁ କାନ୍ଦୁ ନେଞ୍ଜା କହିଲା ତମେ ଯା' ବୋହୂମା । ହାଲିଆ ନାଗୁଥେବା ତୁମୁକୁ ବି ତ ହାଲିଆ ନାଗୁଥେବ । ତୁମେ ଛୁଆ ଜନମ କରିଛ । ମୋର ତ ଭାଙ୍ଗି ଯାଇଚି। ଛୁଆ ମୁହଁ ଦେଖିଲେ ସବୁ ଦରଜ, ହାଲିଆ ଉଡ଼ିଯାଏ ବୋହୂମା । ଓପୁରୁକୁ ଏଇଟା ତ ମୋର ପହିଲା ପିଲା ନୁହେଁ ।

ନାଁ, ସେ ସବୁ କଥା ନୁହେଁ, ଆସ, ଧିଏଁ ମିଶିକି ଶୋଇବା । ଅମୁ ଆମ ପାଖରେ । ମଶାଣିରୁ ଆସିବା ପରେ ଘରେ ପଶିବା ପୂର୍ବରୁ ଯୋଉ ସବୁ ବିଧି ବିଧାନ ଜେଜେବାପା କାହାକୁ କହି ବ୍ୟବସ୍ଥା କରେଇ ଥିଲେ । ଗାଧୁଆ ଘର ଆଡ଼କୁ ଯିବା ବେଳୁକୁ ମଧୁସୂଦନର ଆଖି ପଡ଼ିଲା ଖଟ ଓପରେ । ନେଞ୍ଜା ଗାଢ଼ ନିଦରେ ଶୋଇଛି । ଛୁଆକୁ ଛାତିରେ ଜାକି ମାଳତୀ ଶୋଇବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ଆଖି ଦିଟା ଜଳ ଜଳ କରୁଛି । ମଧୁସୂଦନକୁ ଦେଖି ତରତର ହୋଇ ଉଠିପଡ଼ି ଆଲମାରିରୁ ସଫା ଧୋତି ଚାଦର ବାହାର କଲା । ଗାଧୁଆ ଘର ଭିତରେ ପଶି ନିଜକୁ ନିଜେ ଧିକ୍କାରୁ ଥିଲା ମଧୁସୂଦନ । ମା'ଠାରୁ ତା' ଛୁଆକୁ ଅଲଗା କରି ଦେବା ପାପର ଫଳ ତା'କୁ ନିଶ୍ଚେ ଦିନେ ନା ଦିନେ ଭୋଗିବାକୁ ପଡ଼ିବ । ମାତ୍ର ତା' ଆଗରେ ଅନ୍ୟ କୌଣସି ଉପାୟ ନ ଥିଲା । ତେଣୁ ସେ ପ୍ରଚାର କରିଥିଲା ମାଳତୀର ଗର୍ଭ ନଷ୍ଟ ହେଇଚି । ଜୀବନ୍ତ ପିଲାଟି ନେଞ୍ଜାର । ଏହାଦ୍ୱାରା ଅନ୍ତତଃ ତ ଛୁଆଟି ତା' ମା' ନିଘାରେ ରହିବ । ଅସଲମର ସବୁ କ୍ରିୟା କର୍ମ ମଧୁସୂଦନ କରିଥିଲା ।

ISSN NO.
2582-208X

ତେଣୁ ଘର ବାହାରକୁ ସେ ଦଶଦିନ ବାହାରିବ ନାହିଁ । ଏ ପରିସ୍ଥିତିରେ ବୋହୂକୁ ଗାଁକୁ ନେଇଯିବା କେତେ ଦୂର ଉଚିତ । ତେଣୁ ଜେଜେ ପୁଅକୁ ଯିବା ପାଇଁ କହି ନିଜେ ରହିଲେ । ବାରଦିନ ଚାଲିଗଲା ପରେ ସେ ବୋହୂକୁ ନେଇ ଗାଁ ଚାଲିଯିବେ ।

କଥାଟା ମାଳତୀ କାନରେ ପଡ଼ିଲା । ନେଞ୍ଜା ଆଉ ତା ଛୁଆକୁ ଏକଲା ଛାଡ଼ି ସେ କେମିତି ଗାଁକୁ ଯାଇ ରହିବ । ହେଲେ କାହାକୁ କହିବ ! ବୋଉ ବା ମା' ଥିଲେ ପଚାରିଥାନ୍ତା । ହେଲେ ସେମାନେ ତ କେତେ କେତେ ଦୂରରେ । ହଠାତ୍ ତାର ମନେ ପଡ଼ିଗଲା, ଅଷ୍ଟମଙ୍ଗଳା ଦିନ ବାପଘରୁ ଆସିବାବେଳେ ମଧୁସୂଦନର କଥା, "ଆଜିଠାରୁ ମୁଁ ତୋର, ଯାହା କହିବା କଥା ମତେ କହିବୁ ।"

ଇଜି ଚେୟାର ଉପରେ କପାଳ ଉପରେ ଗୋଟେ ହାତ ରଖି ମଧୁସୂଦନ କିଛି ଲୁଚାଇବାର ପ୍ରୟାସ କରୁଥିଲା ଯେମିତି । ଗୋଡ଼ ଚିପି ଚିପି ଯାଇ ମଧୁସୂଦନ ପାଖେ ଚୁପ୍ ଚାପ୍ ଛିଡ଼ା ହେଲା ମାଳତୀ ।

କ'ଣ କହିବୁ ?

ରାଗ ହବନି ତ ।

କ'ଣ କହ ।

ଜଜମ୍ କୋଉଚନ୍ତି ମତେ ଗାଁକୁ ନେଇଯିବେ । ନେଞ୍ଜା ଦିଦି ଏତେ ଟିକିଏ ଛୁଆକୁ ନେଇ କିମିତି ଘର ଗୋଟାକର କାମ କରିବ ?

ଓଃ, ଏଇ କଥା । ଏତିକି କଥା ପାଇଁ ତୁ ଏତେ ଚିନ୍ତା କରୁଛୁ । ଏଣିକି ତ ତା'କୁ ସବୁଦିନେ ଏକା ରହିବାକୁ ହେବ । କଥା ରହିଲା ଘର କାମ କେମିତି ହେବ ? ନେଞ୍ଜାକୁ ସାହାଯ୍ୟ କରିବା ପାଇଁ ଜଣେ କାହାକୁ ରଖିଦେବା । ତା' ଛଡ଼ା ସବୁ ଶନିବାର ମୁଁ ତୋ ପାଖକୁ ଯାଇ ସୋମବାର ସକାଳେ ଆସିଯିବି ।

ISSN NO.
2582-208X

ତାହା ଠିକ୍ ଯେ, ହେଲେ ମୁଁ ଭାବୁଥିଲି ନେଞ୍ଜା ଦିଦି ଯଦି ତା' ପୁଅକୁ ନେଇ ଆମ ସାଂଗରେ ଗାଁରେ ରହନ୍ତା ।

ଗାଁରେ ରୁମ୍ କାଇଁ ? ନେଞ୍ଜା ପୁଣି ଏକା ନୁହେଁ ଯେ ଯୋଉଠି ସେଇଠି ଶୋଇ ପଡ଼ିବ । ତା ସାଂଗରେ ଛୁଆଟା ଅଛି ।

ଆମ ପେଇଁ ବାପା ଗୋଟେ ଅଲଗା ବଖରା ଦେଇଚନ୍ତି । ତମେ ତ ଏଠି ରହିବ । ନେଞ୍ଜାଦିଦି ସେଇ ବଖରାରେ ମୋ ପାଖେରେ ଛୁଆକୁ ନେଇ ଖଟରେ ଶୋଇବ ।

ଆଉ ଯେତେବେଳେ ମୁଁ ଯିବି ।

ସେ ବେଳ କଥା ସେତେବେଳେ । ବାପା, ମା', ଜଜମ୍ କିଛି ନା କିଛି ବେବସ୍ଥା କରିଦେବେ ।

ଏଥର ମଧୁସୂଦନ ଟିକିଏ ଗମ୍ଭୀର ହେଇଗଲା । ଏ କଥା ମାଳତୀ କୋହୁନି । କହୁଛି ତା'ର ମାତୃତ୍ୱ ।

ହଉ ଦେଖିବା । ଏବେ ତ ଆହୁରି ଆଠ ଦିନ ବାକୀ ଅଛି ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଅସମ୍ଭବ



ଅମରନାଥ ବାରିକ

ଗୋଲାପି କାଗଜ ନିଳ ଲଫାପାରେ
ଲେଖାଥିବା କଳା ଅକ୍ଷର
ଏଯାଏଁ ବଞ୍ଚିଛି ପ୍ରେମଫୁଲ ହୋଇ
ସରିନାହିଁ ବାସ ତାହାର ।
ଆଜିବି ସାଇତି ରଖିଛି ପାଖରେ
ତୁମ ହାତଲେଖା ଚିଠିକୁ
ନିରୋଳାରେ ବସି ଖୋଲି ପଢ଼େ ସବୁ
ପ୍ରତିଟି ଦରଦୀ ଭାଷାକୁ ।
ଭାସି ଆସେ ଆମ ପ୍ରେମ କାହାଣୀର
ପୁରୁଣା ସେ ସ୍ମୃତି ଲହରି
କହି ଯାଏ କାନେ ବିରହୀ ପ୍ରେମିକ
ତୁମେ ତ ଯାଇଛ ହାରି !
ପ୍ରିୟାଟି ତୁମର ଥିଲା ସେ ମିଛେଇ
ଲେଖୁଥିଲା ମିଛ ବାରତା
ପ୍ରତାରଣା ଭରା ପ୍ରତି ଫର୍ଦ୍ଦପରେ
ରଚି ଛଳନାର କବିତା ।

ISSN NO.
2582-208X

ଦିଅ ଚିରି ଏହି ଖ୍ୟାତି ପୁରାତନ
କାହିଁକି ବା କର ବିଳମ୍ବ
ଗଲା ଚାଲି ଯିଏ ଜୀବନରେ କେବେ
ଫେରିବାଟା ନୁହେଁ ସମ୍ଭବ ।
ଘଟି ଯାଇଥିବା ପଛ ଦିନ ଯଦି
ପକାଇବ ମନେ ଏମିତି
ଭବିଷ୍ୟତ ହେବ ଘନ ଅନ୍ଧକାର
ଜଳୁଥିବ ସେମିତି ନିତି।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ତୁ କେମିତିକା ଠାକୁର ?



ବିଜୟ କୁମାର ସାହୁ

ପାଦ ନାହିଁ ତୋର ହାତ ନାହିଁ ତୋର
କାନ ନାହିଁ ତୋର
ତୁ କେମିତିକା ଠାକୁର ?
ହେ ଜଗନ୍ନାଥ !
ତୁ କେମିତିକା ଠାକୁର ?
ପାଦ ନାହିଁ ତ ଯୋଜନ ଚାଲୁ
ହାତ ନାହିଁ ତ କୋଳେଇ ନେଉ
କାନ ନାହିଁ ତ ଗୁହାରୀ ଶୁଣୁ
ହେ ଜଗନ୍ନାଥ !
ତୁ କେମିତିକା ଠାକୁର ?
ଆଖି ତୋର ଅଛି ପଲକ ନାହିଁ
ନିଦ ନାହିଁ ତୋର ସଦା ଉଜାଗର
କହରେ କାଳିଆ !
ତୁ କେମିତିକା ଠାକୁର ?
ହେ ଜଗନ୍ନାଥ !
ତୁ କେମିତିକା ଠାକୁର ?
ନିଃଶବ୍ଦର ଭାଷା ତୁ ଶୁଣିପାରୁ
ଅପଲକ ନେତ୍ରେ ବ୍ରହ୍ମାଣ୍ଡ ଦେଖୁ
ଦାସିଆ ହାତରୁ ନଡିଆ ତୁ ନେଉ

ISSN NO.
2582-208X

ଦାସ ବାଲିରଥେ ପ୍ରକଟିତ ହେଉ
ହେ ଜଗନ୍ନାଥ ! ତୁ କେମିତିକା ଠାକୁର ?
ତୋ ନୀଳାଚଳରେ ପତିତପାବନ
ବାନା ଫରଫର ଉଡୁଥାଉ
ତୋ ନାମ ଉଚ୍ଚାରଣେ ମୋ
ଜୀବନ ପ୍ରଦୀପ ଲିଭିଯାଉ
ରେ କାଳିଆ
ଜୀବନ ପ୍ରଦୀପ ଲିଭିଯାଉ

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ଫୁଲର ମହକ



ଅଭିଲାଶ ବାରିକ୍

ଫୁଲର ବାସନା ଅଦୃଶ୍ୟ ହୋଇଣ
ପବନରେ ମିଲାଇନ ଯାଏ ।
ପବନ ଯେପରି ଦେଖି ହୁଏ ନାହିଁ
ସ୍ଥିତି ଉପଲବ୍ଧି କରି ହୁଏ ।
ଭବେ ଈଶ୍ୱରଙ୍କ ସତ୍ତା ସେହିପରି
ନା ଦେଖି ହୁଏ ଦେଖାଇ ହୁଏ ।
କିନ୍ତୁ ଅନୁଭବୀ ସ୍ୱଚ୍ଛ ହୃଦୟରେ
ମାତ୍ର ଅନୁଭବ କରି ଥାଏ ।
ଧନ୍ୟ ସେ ବିନ୍ଧାଣୀ ବିଶ୍ୱ ସ୍ରଷ୍ଟା ହରି
ସକଳ ହୃଦୟେ ବାସ ଯାର ।
ଭକତର ଭଗବାନ ବୋଲି ପରା
ପ୍ରଚାର ହୁଅଇ ଏ ସଂସାର ।

ଏ.ବି.ପି.ଏମ, ନମତର୍‌,
ରାଜକନକା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X



# ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଜନଜାତି

ପ୍ରିୟବ୍ରତ ପାତ୍ର

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପାଖାପାଖି ୩୦୦ ସରିକି ଦ୍ୱୀପ ରହିଛି ଏହଂ ପ୍ରାୟ ୩୦ ଦ୍ୱୀପରେ ମାନବ ବସତି ରହିଛି । ସମୁଦାୟ ଜନସଂଖ୍ୟା ୩,୪୦,୦୦୦ ରୁ କେବଳ Port Blair ଓ ତାର ଚାରିପଟେ ୩,୦୦,୦୦୦ ଲୋକ ରହନ୍ତି । ଆଦିମ ଜନଜାତି ମାତ୍ର ଶତକଡା ଦଶ ଭାଗ ରହନ୍ତି । ଡିସେମ୍ବର ୨୦୦୪ ରେ ପ୍ରଳୟଙ୍କରୀ ସୁନାମୀ ଭୂକମ୍ପରେ କେତେ ଯେ ମୃତାହତ ହେଲେ ତାର ଠିକଣା ନାହିଁ । ବହୁ ଧନ ଜୀବନ ନଷ୍ଟ ହେଲା-ସେଇଟା ବଡ ଦୁଃଖ । ପ୍ରାଚୀନତମ ଅଧିବାସୀମାନେ କେତେ ସଂଖ୍ୟାରେ ମଲେ – ତାହା ପୃଥିବୀ ପାଇଁ ଗଭୀର ଉଦବେଗର କାରଣ । ଭିନ୍ନ ଭିନ୍ନ ସଂସ୍କୃତି, ଭାଷା, ରଙ୍ଗ, ଧର୍ମ ତଥା ଚାଲିଚଳଣରେ ଭରପୂର ଏହି କୁନି ଭୂଖଣ୍ଡ ହଠାତ୍ ସୁନାମୀ ଭୂକମ୍ପ ପରେ ପୃଥିବୀରେ ବହୁ ଚର୍ଚ୍ଚିତ ହୋଇପଡିଛି । ଏଠାକାର ଆଦିମ ଅଧିବାସୀ, ସ୍ଥାନୀୟ ଅଧିବାସୀମାନଙ୍କ ଉପରେ ଜାଣିବା ଏକାନ୍ତ ଜରୁରୀ ହୋଇପଡିଛି । Port Blair ରେ ଗଠିତ ହୋଇଛି – ନୃତତ୍ତ୍ୱ ସଂଗ୍ରହାଳୟ – ଯାହାକି ସେଠାକାର ଆଦିମ ଜନଜାତିଙ୍କ ବିକାଶ, ଜୀବନଧାରା, ସଂସ୍କୃତି ଉପରେ ଅନେକ ଗବେଷଣାତ୍ମକ ନଥିପତ୍ର, ଫଟୋଚିତ୍ର ଓ ଦୁଷପ୍ରାପ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସଂଗ୍ରହ କରିଥାଏ । ଜନଜାତିଙ୍କ ଇତିହାସ, ସାମାଜିକ ସଂଗଠନ, ଗୃହ ନିର୍ମାଣ ଶୈଳୀ, ଆର୍ଥିକ ନୀତି, ଗମନାଗମନ ପ୍ରକାର ଭେଦ ତଥା କୁଟୀର ଶିଳ୍ପକୁ ନେଇ ବୁଦ୍ଧିମନ୍ତ ସେହି ସଂଗ୍ରହାଳୟ ଆମକୁ ଅନେକ ଭାବେ ସାହାଯ୍ୟ କରେ । ଚାଲନ୍ତୁ ଏହି ଅଜଣା ଜନଜାତି ଉପରେ ଆଲୋକପାତ କରିବା ।

ଏହି ଦ୍ୱୀପପୁଞ୍ଜରେ ଆଦିମ ଅଧିବାସୀମାନେ କିପରି ଓ କେବେ ଆସିଲେ ତାହା ଏପର୍ଯ୍ୟନ୍ତ ରହସ୍ୟାବୃତ୍ତ । ଗବେଷଣା କହେ ଦୁଇ ମିଲିଅନ୍ ବର୍ଷ ତଳର ମେସୋଲିଥିକ୍ ପ୍ରସ୍ତର ଯୁଗର ମଣିଷମାନେ ଏଠାରେ ବାସ କରୁଥିଲେ । ସେମାନଙ୍କ ହାତ ହତିଆର ଏଠାରେ ମିଳିଥାଏ । ଏକଦା ଏହି ଦ୍ୱୀପ ସବୁ ମୂଳ ଭୂଖଣ୍ଡ ସହ ସଂଯୋଜିତ ହୋଇ ରହିଥିଲା ଏବଂ ସମୟକ୍ରମେ

ISSN NO.
2582-208X

ଭୂଚଳନ ଯୋଗୁ ସଂପୂର୍ଣ୍ଣ ରୂପେ ଅପହଞ୍ଚ ହୋଇ ରହିଗଲା । ଦୁଃସାହସୀ ନାବିକମାନେ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଏହି ଦ୍ୱୀପପୁଞ୍ଜର ଅଧିବାସୀମାନଙ୍କ ବିଷୟରେ ଲେଖିଛନ୍ତି । ସେମାନଙ୍କ ବର୍ଣ୍ଣନା ଅନୁଯାୟୀ ଏଠାରେ କୁଆଡେ ମଣିଷଖିଆ ମଣିଷମାନେ ଥିଲେ, କାହାର ମଧ ବେକ ନଥିଲା, ଯାହା କେବଳ କାନ୍ଧ ଉପରେ ମୁଣ୍ଡଟି ଲାଗି କରିଥିଲା । ଏସବୁ କପୋଳକଳ୍ପିତ ଓ ଅତିରଞ୍ଜିତ । ଶୁଣାଯାଏ ନଗ୍ରୋ ଜାତୀୟ ଆଫ୍ରିକୀୟ କ୍ରୀତଦାସଙ୍କୁ ନେଇ ସୁଦୁର ଦେଶ ଅଭିମୂଖେ ଯାଉଥିବା ପାଣି ଜାହାଜ କ୍ଷତିଗ୍ରସ୍ତ ହୋଇ ବୁଡିଗଲା ଓ କିଛି ଲୋକ ସେଥିରୁ ନିସ୍ତାର ପାଇ ଏହି ଦ୍ୱୀପପୁଞ୍ଜରେ ରହିଗଲେ । ସେମାନେ ଆରମ୍ଭ କଲେ ସେଠାକାର ଆଦିମ ସଭ୍ୟତା । ବର୍ତ୍ତମାନର ବିଭିନ୍ନ ସଂପ୍ରଦାୟ ତଥା ଗୋଷ୍ଠୀ କଥା ଚିନ୍ତାକଲେ ମୁଖ୍ୟତଃ ଚାରିଟି ଗୋଷ୍ଠୀ ଆଖି ଦୃଶିଆ ଭାବେ ଦେଖାଯାଏ । ସେମାନେ ହେଲେ ସ୍ଥାନୀୟ ଅଧିବାସୀ, ବସତି ସ୍ଥାପନାର୍ଥେ ବଳପୂର୍ବକ ଅଣାଯାଇଥିବା ଅଧିବାସୀ, ଜୀବିକା ନିର୍ବାହ ପାଇଁ ସ୍ୱତଃ ଆସିଥିବା ଅଧିବାସୀ ତଥା ଆଦିମ ଅଧିବାସୀ ।

(କ) ସ୍ଥାନୀୟ ଅଧିବାସୀ: ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡକୁ ଇଂରଜମାନେ ଦକ୍ଷିଣ ଆଣ୍ଡାମାନ, ନିକୋବର ଆଦିରେ ନିଜର ଉପନିବେଶ ଆରମ୍ଭ କରିଦେଲେ ଯାହାକି ସାରା ଦ୍ୱୀପପୁଞ୍ଜର ନକ୍ସା ବଦଳାଇ ଦେଲା । ବିଭିନ୍ନ କାରଣରୁ ଦେଶାନ୍ତର ଦଣ୍ଡ ଭୋଗ ପାଇ ଯେଉଁ ଅସଂଖ୍ୟ ନରନାରୀଙ୍କୁ ଏଠାକୁ ଅଣା ଯାଉଥିଲା, ସେମାନଙ୍କ ମଧ୍ୟରୁ କିଛିଙ୍କୁ ସେଠାରେ ମୁକ୍ତ ଜୀବନଯାପନ ପାଇଁ ଅନୁମତି ଦିଆଗଲା । ଏପରିକି ମୂଳ ଭୂଖଣ୍ଡରୁ ପରିବାର ବର୍ଗକୁ ଆଣିବାକୁ ମଧ୍ୟ ଦିଆଗଲା । ବିବାହ ବନ୍ଧନ ଭିତରେ ଧିରେ ଧିରେ ଜାତିହୀନ ଏକ ସମାଜ ସୃଷ୍ଟି ହେଲା ଯଦିଓ, ହିନ୍ଦୁ, ମୁସଲମାନ ତଥା ଖ୍ରୀଷ୍ଟିଆନ୍ ଭାବେ ସେମାନେ ବଞ୍ଚି ରହିଲେ ।

(ଖ) ବଳପୂର୍ବକ ଏଠାକୁ ବସତି ସ୍ଥାପନ ପାଇଁ ଅଣା ଯାଇଥିବା ଗୋଷ୍ଠୀମାନେ ହେଲେ ଭାଣ୍ଟୁ – ଇଂରେଜମାନଙ୍କ ନଜରରେ ରାଜପୁତ ଜାତିର ଭାଣ୍ଟୁ ମାନେ ଥିଲେ ଅଭ୍ୟାସଗତ ତଥା ପେଶାଦାର ଭାବେ ଅସାମାଜିକ ଗୋଷ୍ଠୀ । ତେଣୁ ସେମାନଙ୍କୁ ବଳପୂର୍ବକ ଦେଶାନ୍ତର ଦଣ୍ଡ ଦେଇ ଏଠାରେ ରହିବାକୁ ବାଧ୍ୟ କରାଗଲା । ୧୯୨୫ ମସିହାରୁ ଏମାନେ ଦକ୍ଷିଣ ଆଣ୍ଡାମାନରେ ରହିଛନ୍ତି ଓ ଅଧୁନା ଦଶଟି "ଗୋଟୋର୍" ନାମକ କ୍ଷୁଦ୍ର ଗୋଷ୍ଠୀରେ ବିଭାଜିତ ହୋଇ ରହିଛନ୍ତି ।

ISSN NO.
2582-208X

ରାଞ୍ଚିଓ୍ୱାଲା – ଇଂରେଜ ଅମଳରେ ଛୋଟ ନାଗପୁରରୁ ଯେଉଁ ମଜଦୁର ମାନେ ବଳପୂର୍ବକ ଅଣାଯାଇଥିଲେ, ସେମାନେ ରାସ୍ତା ନିର୍ମାଣରେ ଗଛ କାଟିବା, ଘର କରିବା ଆଦି କାମରେ ନିୟୋଜିତ ହେଲେ । ସେମାନେ ମୁଖ୍ୟତଃ ଶ୍ରମିକ ଏବଂ ଚକ୍, ବାରାଇକ୍, ଗୋଣ୍ଡ, ଓହାର, ଖରିଅସ୍, କୁମ୍ଭାର, ମୁଣ୍ଡା ଏବଂ ଓରାନ୍ ଆଦି ଗୋଷ୍ଠୀରେ ବିଭାଜିତ । ସେମାନେ ନିଜ ଗୋଷ୍ଠୀ ଭିତରେ ହିଁ ବିବାହ କରିବାକୁ ଚାହାଁନ୍ତି ।

ବର୍ମୀୟ – ୧୯୦୭ ରୁ ୧୯୨୩ ଭିତରେ ବିଭିନ୍ନ କାରଣରୁ ବର୍ମାରୁ ବିଭିନ୍ନ ଇଲାକାରୁ ଦେଶାନ୍ତରୀୟ ହୋଇ ଆସିଥିବା ପାଲୁଙ୍ଗ, ସାନ, ସାନ୍ତାଲୋକର୍, କଚନ୍, ଚାଲିନି ଆଦି ଜନଜାତି ମାନେ ଏଠାରେ ବସତି ଆରମ୍ଭ କଲେ । ପ୍ରଥମେ ସେମାନଙ୍କ ଭିତରେ ଫରକ୍ ଥିଲା । ଅଧୁନା ସେମାନେ ନିଜକୁ ବର୍ମୀୟ ବୋଲି ପରିଚୟ ଦିଅନ୍ତି ।

କରିନ୍ – ୧୯୨୫ ରେ କରିନ୍ ନାମକ ଏକ ବିରାଟ ବର୍ମୀୟ ଗୋଷ୍ଠୀଙ୍କୁ ଏଠାରେ ଉତ୍ତର ଆନ୍ଦାମାନରେ ବାସ କରିବାକୁ ଦିଆଗଲା । ସେମାନଙ୍କ ମୁଖ୍ୟ କାମ ହେଲା କୃଷି ଓ ମାଛ ଧରିବା ।

ବଙ୍ଗାଳୀ ଶରଣାର୍ଥୀ – ବଙ୍ଗଳା ଦେଶ ବିଭାଜନ ବେଳେ ହଜାର ହଜାର ଶରଣାର୍ଥୀ ଏଠାରେ ବସତି ସ୍ଥାପନର ସୁଯୋଗ ପାଇଲେ । ଏବେ ସେମାନେ ଚାଷବାସ ତଥା ଚାକରୀ ବାକରୀରେ ନିଜର ପାରଦର୍ଶିତା ଦେଖାଉଛନ୍ତି ।

ମୋପଲା – ଏହି ଗୋଷ୍ଠୀଟି ଆରବ ବ୍ୟବସାୟୀଙ୍କ ଦ୍ୱାରା ଆନୀତ ହୋଇ ମାଲବାର୍ ପର୍ବତରେ ବସତି ସ୍ଥାପନ କରିଥିଲେ । ବ୍ରିଟିଶ୍ ଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ କରି ଏମାନେ ଦେଶାନ୍ତର ଦଣ୍ଡ ପାଇଲେ ଓ ପରିବାର ସହ ଦକ୍ଷିଣ ଆଣ୍ଡାମାନରେ ରହିଲେ । ଏମାନେ ହେଲେ ମୁସଲମାନ୍ ଓ ଖୋଦ୍ ନିଜର କିଛି ସ୍କୁଲ ଚଲାନ୍ତି ।

ତାମିଲ୍ ଶରଣାର୍ଥୀ – ଶ୍ରୀଲଙ୍କାରେ ଗୃହଯୁଦ୍ଧରେ କ୍ଷତିଗ୍ରସ୍ତ ଅନେକ ତାମିଲ ପରିବାରଙ୍କୁ ଉତ୍ତର ଆଣ୍ଡାମାନ ଓ ନିକୋବରରେ ବସତିସ୍ଥାପନ ପାଇଁ ଅନୁମତି ଦିଆଯାଇଛି । ସେମାନେ ମୁଖ୍ୟତଃ ବ୍ୟବସାୟ କରନ୍ତି ।

(ଗ) ଭାଗ୍ୟ ଅନ୍ୱେଷଣରେ ଆସିଥିବା ଜନଗୋଷ୍ଠୀ : କେରଳୀ ମାନେ ଶିକ୍ଷିତ, ମୁଖ୍ୟତଃ ସରକାରୀ କାମରେ, ଶିକ୍ଷାଦାନ ତଥା ସ୍ୱାସ୍ଥ୍ୟ ସେବାରେ କାମ କରନ୍ତି । ମାଦ୍ରାସୀମାନେ

ISSN NO.
2582-208X

ବ୍ୟବସାୟ କରନ୍ତ, ଆନ୍ଧ୍ରବାସୀ ତେଲୁଗୁମାନେ ମାଛ ଧରିବା ଓ ସଂଗଠିତ ଶ୍ରମିକ ଭାବେ ବିଭିନ୍ନ ଅନୁଷ୍ଠାନରେ କାମ କରନ୍ତୁ । ପୋଲିସ ବିଭାଗରେ ବେଶୀ ପଞ୍ଜାବୀ ଦେଖାଯାନ୍ତୁ । ଛୋଟିଆ ନେପାଳୀ ସଂପ୍ରଦାୟଟିଏ ମଧ୍ଯ ଏଠାରେ ବିଭିନ୍ନ କାମରେ ଲାଗି ରହିଛନ୍ତୁ । ଦୁଇ ଶହ ସରିକ ଅବସରପ୍ରାପ୍ତ ସେନାବାହିନୀର ପରିବାରକୁ ଗ୍ରେଟ୍ ନକୋବର୍ ଦ୍ୱୀପର ପୂର୍ବ ତଟରେ ରହିବାକୁ ଦିଆଯାଇଛି ।

(ଘ) ଆଦିମ ଜନଜାତି ମଧ୍ୟରେ ମୁଖ୍ୟ ହେଲେ :

ଗ୍ରେଟ ଆଣ୍ଡାମାନଜ୍ – ଊନବିଂଶ ଶତାବ୍ଦୀର ଆକଳନ ଅନୁଯାୟୀ ସେଠାରେ ଦଶଟି ମୂଳ ଅଧିବାସୀ ଥିଲେ ଯେଉଁମାନଙ୍କ ସଂଖ୍ୟା ଥିଲା ସାତ ହଜାର । ବିଭିନ୍ନ ଭୟାନକ ରୋଗରେ ଆକ୍ରାନ୍ତ ହୋଇ ଏହି ଜନଜାତି ନଷ୍ଟିହ୍ନ ହୋଇଗଲେ ଏବଂ ୧୯୭୧ ମସିହା ଆକଳନ ଅନୁଯାୟୀ ମାତ୍ର ୧୯ ଜଣ ଜୀବିତ ଥିଲେ । ଏମାନଙ୍କୁ Strait Island ସରକାରୀ ଯତ୍ନରେ ରଖାଯାଇଛି ଏବଂ ଏବର ସଂଖ୍ୟା ୩୦ ବୋଲି ଜଣାଯାଇଛି ।

ଓଙ୍ଗେ – କଛି ପରିବାରକୁ ନେଇ ଗୋଟିଏ ଗୋଷ୍ଠୀ ଓ କଛି ଗୋଷ୍ଠୀକୁ ନେଇ ସମଗ୍ର ଓଙ୍ଗେ ଜନଜାତି ବଞ୍ଚି ରହିଛି । ସମୂଦାୟ ୧୦୦ ଜନସଂଖ୍ୟା ବିଶିଷ୍ଟ ଏହି ଜନଜାତି ସରକାରୀ ସହାୟତାରେ କେବଳ ଲିଟିଲ୍ ଆଣ୍ଡାମାନର ଡୂଙ୍ଗକ୍ କ୍ରକ୍ ଓ ସାଉଥ୍ ବେ ରେ ରହନ୍ତୁ ।

ସେଣ୍ଟିନାଲିସ୍ – ସବୁଠୁ ଭୟଙ୍କର ଓ ହିଂସ୍ର ଭାବେ କୁଖ୍ୟାତ ଏହି ଜନଜାତି ସେଣ୍ଟିନାଲ୍ ନାମକ ଦ୍ୱୀପରେ ରହନ୍ତୁ ଯାହାଙ୍କ ସଂଖ୍ୟା ମାତ୍ର ୧୨୦ । ବାହାର ଆଗନ୍ତୁକ ଦେଖିଲା ମାତ୍ରେ ଏମାନେ ଜୀବନରେ ମାରିଦିଅନ୍ତୁ । ଅନୁସନ୍ଧାନୀ ଦଳ ଯେତେଥର ଘୁଷୁରୀ, କଦଳୀ, ନଡିଆ ତଥା ଲାଲ ରଙ୍ଗର ବାଲଟି ଧରି ସେମାନଙ୍କ ପାଖକୁ ଯାଇଛନ୍ତୁ, ପ୍ରତ୍ୟୁତ୍ତରରେ କେବଳ ବିଷାକ୍ତ ତୀରର ବର୍ଷା ହିଁ ଦେଖିଛନ୍ତୁ । ତେଣୁ ସେମାନଙ୍କ ବିଷୟରେ ଖୁବ୍ କମ୍ ଜଣାଯାଏ ।

ଜରୱା – ପୋର୍ଟ୍ ବ୍ଲେୟର ରୁ ରଙ୍ଗତ୍ ଯିବା ରାସ୍ତାରେ ୭୫୦ ବର୍ଗ କୋଲୋମିଟର ଘଞ୍ଚ ସଂରକ୍ଷିତ ଜଙ୍ଗଲରେ ୨୫୦ ସରିକି ଜରୱା ବାସ କରନ୍ତି । କେବଳ ଦକ୍ଷିଣ ଓ ମଦ୍ୟ ଆଣ୍ଡାମାନରେ ସେମାନେ ଦେଖାଯାନ୍ତି । ଅତ୍ୟଧିକ ହିଂସ୍ର ଯୋଗୁଁ ଆଧୁନିକ ମଣିଷ ସେମାନଙ୍କ ପାଖ ମାଡନ୍ତି ନାହିଁ । ଦେଖିବାକୁ ଗେଡା ଓ ଆଫ୍ରିକୀୟ ପରି ଭୀଷଣ କଳା

ISSN NO.
2582-208X

ଚେହେରା । ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ସେମାନେ ଏବେ ବି ବାସ କରନ୍ତୁ । ଗୁରିପାଖ ପର୍ଯ୍ୟାବରଣ ଓ ସମୃଦ୍ର ଉପରେ ହିଁ ଏମାନେ ନର୍ଭର କରି ଚଳନ୍ତୁ । ଗୋଟିଏ ଦୁଇଟି ପରିବାର ଏବେ ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍ କଡରେ (ପୋର୍ଟ ବ୍ଲେୟାର ଠାରୁ ରଙ୍ଗତ୍ ରାସ୍ତାରେ) ରହିବାର ଦେଖାଯାଉଛି । ଘୁଷୁରୀ ତଥା ସରୀସୃପ ଜାତୀୟ ଜୀବଙ୍କୁ ମାରି ଖାଇବା ଏମାନଙ୍କ ଜୀବନ ଧାରଣର ପ୍ରଧାନ ଅଙ୍ଗ । ସାମରିକ ବାହିନୀର କଡା ସୁରକ୍ଷା ବଳୟ ଭିତରେ ଏହି ସଂରକ୍ଷିତ ଜଙ୍ଗଲ ପାର ହେବାକୁ ପଡିଥାଏ ।

ନିକ୍କୋବରୀ – ସବୁ ନିକୋବର ଦ୍ୱୀପପୁଞ୍ଜରେ ବାସ କରୁଥିବା ଲୋକଙ୍କୁ ନିକୋବରୀ କୁହାଯାଏ ଯଦିଓ ଭିନ୍ନ ଭିନ୍ନ ଦ୍ୱୀପରେ ରହୁଥିବା ଅଧିବାସୀଙ୍କ ଭାଷା ଓ ଚାଲିଚଳନ ଅଲଗା ଅଲଗା । ଏମାନଙ୍କ ସଂଖ୍ୟା ହେଲା ୩୦,୦୦୦, କାର୍ ନିକୋବର ର ଅଧିବାସୀ ହେଲେ ତାରିକ୍ । କଛଲ୍, କମୋର୍ତା, ତ୍ରିନକେଟ୍ ଦ୍ୱୀପରେ ରହୁଥିବା ଅଧିବାସୀ ହେଲେ ସୋମଇଟା । ଏହି ଅଧିବାସୀ ମାନଙ୍କ ଭିତରେ ସାଂସ୍କୃତିକ ବିବିଧତା ଥିଲେ ମଧ୍ୟ ଏକତ୍ୱ ପରିଲକ୍ଷିତ ହୁଏ । ତୁହେତ୍ ହେଉଛି ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ ଚିନ୍ତାଧାରାକୁ ନିୟନ୍ତ୍ରଣ କରୁଥିବା ଅନୁଷ୍ଠାନ । ଏମାନେ ମୁଖ୍ୟତଃ ଫଳ ଗଛ ଲଗେଇବା, ମାଛ ଧର୍ବା, ନୌକା ଚଳାଇବାରେ ନିୟୋଜିତ ହୋଇଥାନ୍ତି । ଦ୍ୱୀପ ଦ୍ୱୀପ ମଧ୍ୟରେ ଜିନିଷ ଅଦଳବଦଳ କାମ ନୌକା ଦ୍ୱାରା କରାନ୍ତି । ଏମାନେ ମୂଖ୍ୟତଃ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ । ମିଶନାରୀମାନେ ବହୁ ଦୁର୍ଗମ ଅଞ୍ଚଳରେ ପ୍ରବେଶ କରି ଶିକ୍ଷା ସହ ଧର୍ମଦୀକ୍ଷା ମଧ୍ୟ ଦେଇଥାନ୍ତି । ସେମାନେ ଏବେ ପୋଲିସ ବିଭାଗ, ଜାହାଜ ବିଭାଗ ତଥା ସଚିବାଳୟରେ କାମ କରୁଛନ୍ତି ।

ସୋମପେନ୍ – ଏମାନେ ଗ୍ରେଟ୍ ନିକୋବର ଦ୍ୱୀପରେ ରହନ୍ତି ଏବଂ ଅଧା ଯାଯାବର । ଘଞ୍ଚ ଜଙ୍ଗଲ ଓ ସମୁଦ୍ର କୂଳେ ଏମାନେ ଫଳ ଓ ମାଛ ପାଇଁ ବୁଲନ୍ତି । ପଶ୍ଚିମ ତଟରେ ବାସ କରୁଥିବା ସୋମପେନ୍ ନିଜକୁ "କାଲୟ" ପୂର୍ବ ତଟରେ ରହୁଥିବା ସୋମପେନ୍ ନିଜକୁ କିୟେତ୍ ବୋଲି ପରିଚୟ ଦିଅନ୍ତି । ଏମାନେ ଖୁବ୍ ଲାଜୁଆ ଜାତି, ଆଧୁନିକ ମଣିଷକୁ ଦେଖିବା ମାତ୍ରେ ଦୌଡି ପଳାନ୍ତି ।

ISSN NO.
2582-208X

ନିକଟରେ ଘଟି ଯାଇଥିବା ସୁନାମୀ ସାମୁଦ୍ରିକ ଜୁଆର ଦ୍ୱାରା ଏହି ଦ୍ୱୀପପୁଞ୍ଜରେ ନାହିଁନଥିବା କ୍ଷୟକ୍ଷତି ଘଟିଯାଇଥିଲା । ଏହି ଜନଜାତି ଭିତରୁ କିଏ କିଏ ସଂପୂର୍ଣ୍ଣ ଭାବେ ଲୋପ ହୋଇଗଲେ ବୋଲି ଆଶଙ୍କା କରାଯାଉଥିଲା । ସାରା ପୃଥିବୀର ସାଂସ୍କୃତିକ ବିଭବରେ ସେମାନେ ହେଉଛନ୍ତି ଅମୂଲ୍ୟ ରତ୍ନ । ସାରା ପୃଥିବୀ ଏମାନଙ୍କ ପାଇଁ ଖୁବ୍ ଉଦବିଗ୍ନ ଥିଲେ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡ଼ିଶା

ISSN NO.
2582-208X

# ଜୀବନର ପଥେ ପଥେ



ପୁଷ୍ପାଞ୍ଜଳି ମିଶ୍ର

ସୁଖ ଦୁଆର କୁ ଦୁଃଖ ଦୁଆର
ପାଖେ ପାଖେ ମତେ ଜଗିଚି ବାଟ
ସୁଖ ଶହେ ହେଲେ ଦୁଃଖ ମୋ ହଜାରେ
କେମିତି ଚାଲିବି ସଂସାର ହାଟ
ହସ ଅଗଣାକୁ ଲୁହ ଅଗଣା
ଓଗାଳି ବସିଛି ମୋରେ ବାଟ
ହସ ପଚାଶ କୁ ଲୁହ ପାଞ୍ଚଶହ
କେମିତି ଚାଲିବି ଜୀବନ ପଥ
ଏତେ ବଡ ଏଇ ସଂସାର ହାଟ
ଜୀବନ ମରୁଭୂମି ରେ ତୁମେ ଶତତ
ଦିଅ ଟିକେ ଶୁଭାଶିଷ
ଅଳପ ଧନକୁ ସଉଦା ବେଶୀ
କିଣା ବିକାରେ ଯାହା ଲାଗିଚି ନାଟ
ଅହଂକାର ଆଉ ନିରହଂଙ୍କାର ଭିତରେ
ସବୁ ଖାଲି ଯାହା ଟଣା ଓଟରା
ପ୍ରାପ୍ତି ଆଉ ଅପ୍ରାପ୍ତି ଭିତରେ
ଖାଲି ଯାହା ଜୋର ଜବର ଦସ୍ତ
ହେବା ଆଉ ନ ହେବା ଭିତରେ

ISSN NO.
2582-208X

ଖାଲି ଯାହା ଚାଲିଛି ଏ ଜୀବନ ପଥ
ତଥାପି ଜୀଇଁବା ତଥାପି ବଞ୍ଚିବା
ପାଇବାର ହକ୍ ପାଇଁ
ଏ ଜୀବନ ପଥ ବଡ କଣ୍ଟକିତ
ଭାଗଫଳ ଆଉ ଭାଗଶେଷକୁ
ଖାଲି ଯାହା ରହିଛି ଚାହିଁ
ବଡ ବିଷମ ଏ ଜୀବନ ପଥ ॥

ସୁକନ୍ଦା କୋର୍ମାଇଟ୍ ମାଇନ୍ସ
କଲରଙ୍ଗୀ ଅତା ଯାଜପୁର
୯୫୫୭୬୪୩୯୨୧

ISSN NO.
2582-208X

# ତେଲ ଶିଶି




ଡ଼ା. ମଧୁମିତା ଷଢ଼ଙ୍ଗୀ

ବାପା ପଚାରିଲେ ତରତର ହୋଇ
ଗାଧୋଇ ଯିବାର ବେଳେ
ତେଲ ଶିଶିଟାକୁ କୋଉଠି ରଖିଲ
ପାଉନାହିଁ କେତେବେଳେ ॥
ପୁଅ କହିଦେଲା ହରବର ହୋଇ
*ତେଲ ଶିଶି* କଣ କହୁଛ
ଅବାନ୍ତର କଥା ବହୁତ କହୁଛ
ଯେତେବେଳେ ଯାହା ପାଉଛ ॥
ମନେ ପଡିଗଲା ସହସା ମୋହର
ଦୂର ଅତୀତର କଥା
ସେ ସ୍ନେହ ପରଶ, ଅନାବିଳ ପ୍ରେମ
ମନରେ ଯା' ଥିଲା ସାଇତା ॥
ମୋ' ବୁଢ଼ୀମା କହନ୍ତି ସର୍ବଦା
ମାଲପା ଶିଶିଟା କାହିଁ
ଆଣି ଦେ ଲୁନା ମୋ' ପାଖକୁ ଟିକେ
ମୋ' ଗାଧୋଇବା ପାଇଁ ॥
ଧାଇଁଯାଏ ମୁହିଁ ହରବର ହୋଇ
ଖୋଜିଆଣି ତାଙ୍କୁ ଦିଏ

ISSN NO.
2582-208X

ମାଠି ମୁଠି ହୋଇ ମାଲପା ଲଗାନ୍ତି
କାନ ଠାରୁ ନାକ ଯାଏ ॥
ହସି ଦିଏ ମୁହିଁ ତାଙ୍କ ମୁହଁ ଚାହିଁ
(ପଚାରେ ) ମା" ଏପରି କାହିଁକି କଲ ?
ମୁଚୁକୁନ୍ଦା ମାରି ଉତ୍ତର ସେ ଦିଅନ୍ତି
(ମାଆରେ ) ଏହା ଦେହ ପାଇଁ ଭଲ ॥
ଶୁଣିଥା ଲୁନାଲୋ କଥାରେ ଯେ ଅଛି
ଯିଏ ମାଖି ହବ ତେଲ
ବଇଦ ବାପୁଡ଼ା ତା'ପାଖେ ନ ପଶେ
ତା' ଦିହ ରହିଥାଏ ଭଲ ॥
ଭାବନରୁ ଯେବେ ଖସି ମୁଁ ଆସିଲି
ମୋ' ବୋଉ କଥା ଭାବେ
କହୁଥାଏ ନିତି ପଛେ ଆମ ପଡି
ତେଲର ଗାରିମା ସିଏ ॥
ମାଆର ଅଧା ଯେ ମାଲପା ଅଟଇ
ବାପାର ଅଧା ହଳଦୀ
ଚୁପ ଚାପ ହୋଇ ଶାନ୍ତି ଶୃଙ୍ଖଳାରେ
ଖାଇ ଦିଅ ତୁମେ ଜଲଦି ॥
ସେ ଭାବନାରୁ ବି ଚହଟି ଆସିଲି
କହିଲି ପୁଅକୁ ବେଗେ
ମାଲପାଟା ପୁଅ ତେଲ ଯେ ହେଲାଣି
ତୁ' ଶିଶିକୁ ବୋତଲ ଭାଆବେ ॥
ତୁ" ଶିଶିକୁ ବୋତଲ ଭାଆବେ ॥

ଭୁବନେଶ୍ବର

ISSN NO.
2582-208X

# ବସ୍ତୁନିଷ୍ଠ ଉପନ୍ୟାସକାର ମୁନସି ପ୍ରେମଚାନ୍ଦ



ଅସିତ ମହାନ୍ତ

ଉପାଦାନଗୁଡ଼ିକର ବଡ଼ ଜିନିଷ ବିଷୟରେ ଏକ ଗମ୍ଭୀର ବୌଦ୍ଧିକ ଆଲୋଚନା କରିବା ସାହିତ୍ୟିକମାନଙ୍କର କାମ ନୁହେଁ । ସେ ରସର ସୃଷ୍ଟିକର୍ତ୍ତା । ଦାର୍ଶନିକମାନେ ବୁଝିବାକୁ ଚାହୁଁଥିବା ଜିନିଷଗୁଡିକ ଲେଖକମାନେ ବିଭିନ୍ନ ପ୍ରକାରର ମଧୁରତା ସହିତ ରସ ମାଧ୍ୟମରେ ଲୋକଙ୍କୁ ସମାନ ଜିନିଷ ଉପସ୍ଥାପନ କରନ୍ତି ଯାହା ଦ୍ୱାରା ଯଦିଓ ଲୋକମାନେ ବୌଦ୍ଧିକ ଭାବରେ ତାହା କରିପାରୁ ନାହାଁନ୍ତି, ରସ ଗ୍ରହଣ କରିବା ସମୟରେ, ବାକ୍ୟ ଗଠନ ଦ୍ୱାରା ଏହା ଏପରି ହୋଇଯାଏ ଏବଂ ଏହି ଅଭ୍ୟାସ କରି କରି ସେମାନଙ୍କର ମାନସିକ ପରିବର୍ତ୍ତନ କିଛି ପରିମାଣରେ ହୋଇଯାଏ । ବାସ୍ତବରେ ଏହି ହେଉଛି ବାସ୍ତବ ସାହିତ୍ୟର ଚରିତ୍ର । ସେଥିପାଇଁ ସମାଜରେ ମାନସିକ ବିପ୍ଳବ ଏବଂ ସାଂସ୍କୃତିକ କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ସାହିତ୍ୟ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଅସ୍ତ୍ର ଅଟେ । ପ୍ରେମଚାନ୍ଦ ତାଙ୍କ ଲେଖା ମାଧ୍ୟମରେ ଏସବୁରେ ବହୁତ ସହଯୋଗ କରିଛନ୍ତି । ସେ ଜଣେ ବସ୍ତୁନିଷ୍ଠ ଉପନ୍ୟାସକାର । ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ।

ହିନ୍ଦୀ ଏବଂ ଉର୍ଦ୍ଦୁ ର ଶ୍ରେଷ୍ଠ ଲେଖକମାନଙ୍କ ମଧ୍ୟରେ ପ୍ରେମଚାନ୍ଦଙ୍କୁ (୩୧ ଜୁଲାଇ ୧୮୮୦- ୮ ଅକ୍ଟୋବର ୧୯୩୬) ଗଣନା କରାଯାଏ । ପ୍ରେମଚାନ୍ଦଙ୍କ ସୃଷ୍ଟି ଦେଖି ବଙ୍ଗଳାର ପ୍ରସିଦ୍ଧ ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ତାଙ୍କୁ 'ଉପନ୍ୟାସ ସମ୍ରାଟ' ଆଖ୍ୟା ଦେଇଥିଲେ। ପ୍ରେମଚାନ୍ଦ କାହାଣୀ ଏବଂ ଉପନ୍ୟାସରେ ଏକ ନୂତନ ପରମ୍ପରା ଆରମ୍ଭ କରିଥିଲେ ଯାହାକି ଆଗାମୀ ପିଢ଼ି ଲେଖକମାନଙ୍କୁ ମାର୍ଗଦର୍ଶନ କରିଥିଲା । ପ୍ରେମଚାନ୍ଦ ସାହିତ୍ୟରେ ବାସ୍ତବବାଦୀତାର ମୂଳଦୁଆ ପକାଇଲେ। ପ୍ରେମଚାନ୍ଦଙ୍କ କାର୍ଯ୍ୟ ହେଉଛି ହିନ୍ଦୀ

ISSN NO.
2582-208X

ସାହିତ୍ୟର ଐତିହ । ପ୍ରେମଚାନ୍ଦଙ୍କର ପ୍ରତ୍ୟେକ ସୃଷ୍ଟି ମୂଲ୍ୟବାନ ଅଟେ ଯାହା ତାଙ୍କ ସମୟର ସତ୍ୟକୁ କହିଥାଏ ଏବଂ ତାଙ୍କର ବିଶେଷତ୍ୱ ହେଉଛି ଯେ ସେ ଆଜି ମଧ୍ୟ ପ୍ରାସଙ୍ଗିକ । ପ୍ରେମଚାନ୍ଦଙ୍କ କାହାଣୀ 'ଇଦଗାହ' ସମସ୍ତେ ପଢ଼ିଥିବେ । ମେଳାକୁ ଯିବା ପାଇଁ ହମିଦଙ୍କ ଜେଜେମା ଆମିନା ତାଙ୍କୁ ତିନି ପଇସା ଦେଇଥିଲେ। ମେଳାରେ ବିଭିନ୍ନ ପ୍ରକାରର ମିଠା, ଝୁଲା ଏବଂ ଉପହାର ବିକ୍ରି ହେଉଥିଲା । ଅନ୍ୟ ପିଲାମାନେ ମେଳାରୁ ନିଜ ପାଇଁ ଖେଳନା, ବିସ୍କୁଟ ଏବଂ ମିଠା କିଣିଥିବାବେଳେ ଚାରି କିମ୍ବା ପାଞ୍ଚ ବର୍ଷ ବୟସ୍କ ହମିଦ ତାଙ୍କ ଜେଜେମା'ଙ୍କ ପାଇଁ ଚୁମୁଟା କିଣିଥିଲେ। ୬ ପଇସା ଚୁମୁଟା ପାଇଁ ମୋଲ ଭାଓ କରନ୍ତି ଏବଂ ୩ ପଇସା ରେ କିଣନ୍ତି । କାରଣ ରୁଟି ସେକିବା ସମୟରେ ଜେଜେମା'ଙ୍କ ହାତ ତାୱା ସହିତ ଜଳୁଥିଲା ଏବଂ ଟଙ୍କା ଅଭାବରୁ ଜେଜେମା ଚୁମୁଟା କିଣିବାକୁ ସକ୍ଷମ ହୋଇନଥିଲେ । ପିଲାଦିନର ଇଚ୍ଛା ଭୁଲି ହମିଦ ତାଙ୍କ ବୟସରୁ ଅଧିକ ବଢିଯାଇଥିଲା । ଇଦଗାହ କାହାଣୀ ମନୋବିଜ୍ଞାନକୁ ପ୍ରକାଶ କରେ ଯେ ଦାରିଦ୍ର କିପରି ଜଣେ ବ୍ୟକ୍ତିକୁ ତାଙ୍କ ବୟସ ପୂର୍ବରୁ କିପରି ବୟସରେ ବଡ କରିଥାଏ । ଏହାହିଁ ହେଉଛି କାରଣ ଭାରତର ସମସ୍ତ ଭାଷା ଭାଷୀ ଜନସାଧାରଣ ପ୍ରେମଚାନ୍ଦଙ୍କ କାହାଣୀ ଏବଂ ଉପନ୍ୟାସ ଗୁଡିକୁ ପଢିବାକୁ ଭଲ ପାଆନ୍ତି· କାହାଣୀ ଏବଂ ଉପନ୍ୟାସ ଗୁଡିକ ଏତେ ମର୍ମ ସ୍ପର୍ଶୀ ଯେ ପାଠକ ମନକୁ ଆନ୍ଦୋଳିତ କରିଥାଏ ।

ତାଙ୍କର ଲେଖା ଗୁଡିକ ପ୍ରତ୍ୟକ ମନୁଷ୍ୟର ମନକୁ ଛୁଇଁଥାଏ । ବହୁମୁଖୀ ପ୍ରତିଭାରେ ସମୃଦ୍ଧ, ପ୍ରେମଚାନ୍ଦ କାହାଣୀ, ନାଟକ, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା, ସ୍ମୃତି, ସମ୍ପାଦକୀୟ ପରି ଅନେକ ଧାରାବାହିକରେ ସାହିତ୍ୟ ସୃଷ୍ଟି କରିଛନ୍ତି । ସେ ସମୁଦାୟ ୩୦୦ ରୁ ଅଧିକ କାହାଣୀ, ୩ ନାଟକ, ୧୫ ଉପନ୍ୟାସ, ୧୦ ଅନୁବାଦ, ୭ ଶିଶୁ ପୁସ୍ତକ ଲେଖିଥିଲେ। ଏହା ବ୍ୟତୀତ ଶହ ଶହ ପ୍ରବନ୍ଧ, ସମ୍ପାଦକୀୟ ଲେଖିଛନ୍ତି ଯାହା ଗଣନା କରାଯାଏ ନାହିଁ । ପ୍ରେମଚାନ୍ଦ ତାଙ୍କର ସମସ୍ତ ପ୍ରାରମ୍ଭିକ ଉପନ୍ୟାସ ଉର୍ଦ୍ଦୁରେ ଲେଖିଥିଲେ ଯାହା ପରେ ହିନ୍ଦୀରେ ଅନୁବାଦ କରାଯାଇଥିଲା। ୧୯୧୮ ମସିହାରେ, 'ସେବାସଦନ' ହିନ୍ଦୀରେ ଲିଖିତ ତାଙ୍କର ପ୍ରଥମ ଉପନ୍ୟାସ ଥିଲା । ସେ ପ୍ରଥମେ ଏହି ଉପନ୍ୟାସକୁ ଉର୍ଦ୍ଦୁ ଭାଷାରେ 'ବାଜାରେ ହୁସନ୍' ନାମରେ ଲେଖିଥିଲେ କିନ୍ତୁ ହିନ୍ଦୀରେ ଏହାର ଅନୁବାଦ 'ସେବାସଦନ' ଭାବରେ ପ୍ରକାଶିତ ହୋଇଥିଲା। ଏହା ହେଉଛି ଜଣେ ମହିଳା ବେଶ୍ୟା ହେବାର କାହାଣୀ । ହିନ୍ଦୀ ସାହିତ୍ୟିକ ଡକ୍ଟର ରାମ ଭିଲାସ୍ ଶର୍ମାଙ୍କ ଅନୁଯାୟୀ ସେବା ସଦନ ଭାରତୀୟ ମହିଳାଙ୍କ ପରାଧିନତା ର ସମସ୍ୟାକୁ ସାମ୍ନାରେ ରଖିଛି । ଏହା ପରେ,

ISSN NO.
2582-208X

୧୯୨୧ ମସିହାରେ, କୃଷକ ଜୀବନ ଉପରେ ତାଙ୍କର ପ୍ରଥମ ଉପନ୍ୟାସ 'ପ୍ରେମାଶ୍ରମ' ପ୍ରକାଶିତ ହୋଇଥିଲା । ' ପ୍ରେମାଶ୍ରମ ' ବୋଧହୁଏ ହିନ୍ଦୀରେ ପ୍ରଥମ ଉପନ୍ୟାସ ଯାହାକି ଅବଧର କୃଷକ ଗତିବିଧି ସମୟରେ କୃଷକଙ୍କ ଜୀବନ ଉପରେ ଲେଖାଯାଇଥିଲା। ତା'ପରେ ତାଙ୍କର 'ରଙ୍ଗ ଭୂମୀ', 'କାୟାକଳ୍ପ', 'ନିର୍ମଳା', 'ଗବନ', 'କର୍ମଭୂମୀ' ଦେଇ ଉପନ୍ୟାସ ଲେଖିବାର ଯାତ୍ରା ୧୯୩୬ ମସିହାରେ 'ଗୋଦାନ' ରେ ପହଞ୍ଚିଥିଲା। ପ୍ରେମଚାନ୍ଦଙ୍କ ଉପନ୍ୟାସଗୁଡ଼ିକ ମଧ୍ୟରୁ 'ଗୋଦାନ୍' ସବୁଠାରୁ ପ୍ରସିଦ୍ଧ ହେଲା ଏବଂ ବିଶ୍ୱ ସାହିତ୍ୟରେ ମଧ୍ୟ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଜିହ୍ୱା



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ବାଣୀକୁ ସଂଯତ
କରିଥାଅ ବଂଧୁ
ଜିହ୍ୱା ଭାରି ଅମାନିଆ
ସେଇଥି ଲାଗି ତ
ବତିଶଟି ଦାନ୍ତ
ଜଗୁଆଳି ପରି ଠିଆ ।

ଦାନ୍ତଗୁଡା ବନ୍ଧୁ
ଭାରି ମଜବୁତ୍
ତାଂକୁ ବି ମାନେନା ଜିହ୍ୱା
ହାଡ ବି ଟିକିଏ
ନାହିଁ ସେ ଜିହ୍ୱାରେ
ଲଢୁଛି ତୁହାକୁ ତୁହା ।

ମିଥ୍ୟା ବୃଥା ଆଉ
ଚୁଗୁଲି କର୍କଶ
କଥା କହିବାକୁ ମନା
ଏହି ଚାରିଟିକୁ
ନ ମାନିଲେ ବଂଧୁ
ଗର୍ବ ହୋଇଯାଏ ଚୂନା ।

"ଅନ୍ଧର ପୁଅଟା
ଅନ୍ଧ" ବୋଲି ଦିନେ
କହିଥିଲେ ଦ୍ରଉପଦୀ
ମହାଭାରତଟା
ହୋଇଗଲା ବଂଧୁ
ସବୁ ହେଲା ବରବାଦୀ ।

ପାଂଚଟି ଶରକୁ
ଭୀଷ୍ମ ରଖିଥିଲେ
ପଣ୍ଡୁ ପଂଚ ଭାଇ ପାଇଁ
କୃଷ୍ଣ ଷଡଯନ୍ତ୍ରେ
ଦ୍ରଉପଦୀ ଗଲେ
ଭୀଷ୍ମଙ୍କୁ ଭେଟିବା ପାଇଁ ।

ନତ ମସ୍ତକରେ
ପ୍ରଣାମ କରିଲେ
ଭୀଷ୍ମ କଲେ ଆଶୀର୍ବାଦ
"ଭାଗ୍ୟବତୀ ହୁଅ"
କହି ଦେଇଥିଲେ
ବଦଳି ଗଲେ ସେ ସ୍ୱତଃ ।

ISSN NO.
2582-208X

କହିଲେ ଦ୍ରୌପଦୀ
"ତୁମ ପଂଚଶରେ
ନାଶଯିବେ ପଂଚ ପତି
କୁହ ପିତାମହ
କେମିତି ହୋଇବି
ଅଖଣ୍ଡ ସୌଭାଗ୍ୟବତୀ ?"

କହିଥିଲେ ଭୀଷ୍ମ
"ସେହି ପଂଚଶର
ପ୍ରୟୋଗ କରିବି ନାହିଁ
ଚେଷ୍ଟା ହିଁ କରିବି
ତୋ ପଂଚ ପତିଂକୁ
ଜୀବିତ ରଖିବା ପାଇଁ।"

କାହାରିକୁ କେବେ
ମିଥ୍ୟା କୁହ ନାହିଁ
ଚୁଗୁଲି କରନି କାର
ଯାହା ସଂଗରେ ବି
କଥା ହେଉଅଛ
କର୍କଶ କରନି  ସ୍ୱର।

ବାଚାଳଂକ ପରି
କେଉଁଠାରେ କେବେ
ବୃଥା କଥା କୁହ ନାହିଁ
ତୁମ ଲାଗି ତାହା
ବୁମେରାଂଗ ହେବ
ସୁଫଳ ମିଳିବ ନାହିଁ।

ମୋ ନଂ 9937462507

ISSN NO.
2582-208X

# ଜନ୍ମ ଓ ମୃତ୍ୟୁ



ଡକ୍ଟର ମନୋରଞ୍ଜନ ବିଷୋୟୀ

ମୁଁ ନିଶ୍ଚୟ ଜନ୍ମ ହୋଇଥିଲି
ମୋ ମାଆର ଗର୍ଭକୁ ବିଦାରୀ
ଯେଉଁଦିନ ବାହାରର ଆଲୁଅ ଦେଖିଲି
ସେଦିନ ଏ ଧରାବକ୍ଷେ
ଅମାବାସ୍ୟା ନିଶ୍ଚେ ହୋଇଥିଲା ।
କଳା ଶାଢ଼ୀ କ୍ଷୀଣ ଅଙ୍ଗେ ନାଇ
ବୋଧହୁଏ ଏ ଧରଣୀରାଣୀ
ଚୁପ୍‌ଚାପ୍ ଆଖି ବୁଜିଥିଲା ।
ମୋର ମୃତ୍ୟୁ ଦିନ ନିଶ୍ଚୟ
ଏ ଧରାରେ ପୂର୍ଣ୍ଣିମା ହୋଇବ
ଲହରୀର ଗଭୀର ନିଃସ୍ୱନ
ମନେ ମନେ ସ୍ୱର ତୋଳୁଥିବ ।
ସେଦିନ ବସନ୍ତ ବର୍ଣ୍ଣ
ଶାଢ଼ୀ ପିନ୍ଧି ଏ ଧରଣୀରାଣୀ
ହସି ହସି ବେଦମ ହୋଇବ ।

ସେତେବେଳେ ମୋ ଘଡ଼ିରେ
ହୋଇଥିବ ରାତି ବାର ଅବା କିଛି ବେଶି
ଦୂରରୁ ମନ୍ଦିରର ଘଣ୍ଟି ଧ୍ୱନି
ସ୍ୱରକୁ ମୁଁ ସଫା ଶୁଣୁଥିବି ।
ତା' ପରଦିନ ପିଲାମାନେ
ସ୍କୁଲ ଗଲାବେଳେ
ଚୁପ୍‌ଚାପ୍ କଥା ହେଉଥିବେ
କାଲିର ସେ ତୋଫା ଜହ୍ନ ବକ୍ଷେ
କ'ଣ ପାଇଁ କଳାଦାଗ ଥିଲା
ବୋଧହୁଏ ତା' ପାପର ପ୍ରତିଫଳ ପାଇଁ
ତାକୁ ସେଇ ଶାପ ହିଁ ମିଳିଲା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର/ମୋ:୮୮୯୫୧୪୧୭୨୨

ISSN NO.
2582-208X

# ରାକ୍ଷୀ ପୂର୍ଣ୍ଣିମାର ବିବର୍ତ୍ତନ



ବିରଞ୍ଚି ନାରାୟଣ ମିଶ୍ର

ଆମର ଯେତେ ସବୁ ପର୍ବ ପର୍ବାଣୀ ପାଳନ ହେଉଛି, ସେ ଯେତେବେଳେ ବାହାରିଥିଲା ତାହା ଏକ ମହାନ୍ ଉଦ୍ଦେଶ୍ୟରେ ହୋଇଥିଲା। ଏହାକୁ ମୁନିଋଷି ମାନେ ବାହାର କରିଥିଲେ। ସାଧାରଣ ଲୋକମାନେ ଏହାର ଗଭୀର ତତ୍ତ୍ୱ ବୁଝିବାକୁ ଅକ୍ଷମ ଥିବାରୁ ସେଥିପାଇଁ ସେମାନେ ଏହାକୁ ଗୋଟିଏ ପ୍ରଥା ମାଧ୍ୟମରେ ଥୋଇ ଥିଲେ। ସେଇ ପ୍ରଥାକୁ ଯେ ଧୀରେ ଧୀରେ କରିବ ତେବେ ସେ ଅନୁଭବ ସ୍ତରକୁ ଯାଇପାରିବ ଆଉ ଜ୍ଞାନ ବି ପାଇପାରିବ।ମ୍ଏଇଟା ହିଁ ହେଉଛି ଲକ୍ଷ୍ୟ। ସେଇ ଲକ୍ଷ୍ୟ ଟିକୁ ଆଜିକାଲି ବହୁ କମ ଜଣ ପାଳନ କରୁଛନ୍ତି ଯାହା ଜଣା ପଡୁ ନାହିଁ।ଏ ବେ ଯାହା ପାଳନ କରାଯାଉଛି ତାହା ମୌଳିକ ପର୍ବ ଠାରୁ ବହୁତ୍ ଦୂରରେ। ଯୋଉ ଜିନିଷ ଯେତେବେଳେ ବାହାରି ଥାଏ ତାହା ସେଇ ସମୟ ପାଇଁ ହିଁ ବାହାରି ଥାଏ। କିନ୍ତୁ ତା ଯେତିକି ପୁରୁଣା ହୋଇଚାଲେ ମଣିଷ ପୁଣି ଆଉ ଏକ ନୂଆ ଉପଚାର ବାହାର କରେ କିଛି ପୁରୁଣା ଉପଚାର କୁ ମିଶାଇ। ଯାହା ସମୟ ସମୟ ଅନୁସାରେ ପରିବର୍ତ୍ତନ ହୁଏ। ମନେ କର ସେ ସମୟରେ ମୁନିଋଷି ମାନେ ବାଘ ଛାଲ ଉପରେ ବସି ତପସ୍ୟା କରୁଥିଲେ। ଏବେ ଯଦି ତା କରିବେ ଜେଲ ଯିବାର ସମ୍ଭାବନା ଅଧିକ। ତେଣୁ ଯୋଉ ସମୟ ପାଇଁ ଯୋଉ ଉପଚାର ଦରକାର ତାହା ସେଇ ସମୟ ପାଇଁ ଆସିଥାଏ। ତାହା କିଛି ସମୟ ପାଇଁ ଆସିଥାଏ। ତାପରେ ଆମେ ତାକୁ ନୂଆ ରୂପ ଦେଉ।

ବର୍ତ୍ତମାନ ସବୁଠୁ ବଡ କଥା ହେଲା ଏବେ ଆମ ପାଖରେ ଉପଚାର ର କିଛି ମୂଲ୍ୟ ନାହି। ଯେଉଁ ମାନେ ଭିତରୁ ପ୍ରେରଣା ପାଇଲେ ସେଇ ପ୍ରେରଣା କୁ ରୂପ ଦେଇ ଆମେ ଭଗବାନଙ୍କ ସହ ଯୋଡ଼ି ହୋଇପାରୁ। ଯେମିତି ଆପଣ ଆପଣଙ୍କ ପୁଅ ପାଇଁ ମାର୍କେଟ ଯାଇଛନ୍ତି ସେଠି ଶୁଣା ଶୁଣି କରି କଣ ଜିନିଷ ଆଣିବେ ? ପୁଅକୁ କୋଉଟା ଭଲ ଲାଗିବ ତା ଆପଣ

ISSN NO.
2582-208X

ଜାଣିଛନ୍ତି ତେଣୁ ଆପଣ ତାକୁ ହିଁ ଆଣିବେ। ସେମିତି ଆପଣ ଭଗବାନଙ୍କୁ ଭଲ ପାଉଛନ୍ତି ତାଙ୍କୁ ଦେବା ପାଇଁ ଯାହା ସେ ଭଲ ପାଉଛନ୍ତି ତାକୁ ଘରକୁ ନେବାର ଅନ୍ୟନାମ ହେଲା ଉପଚାର। ବାକି ସମସ୍ତ ଉପଚାର କେବଳ ବାହ୍ୟ ଜିନିଷକୁ ପରିପ୍ରକାଶ କରେ। ଖାଲି ଉପଚାରର କିଛି ଅର୍ଥ ନାହିଁ। ଏବେ ସଂସାରରେ ଯାହା ଚାଲିଛି ଖାଲି ଉପଚାର ଚାଲିଛି। ସେଥିରେ ବିକୃତି ଆସିଲାଣି। କାରଣ ପର୍ବ ପର୍ବାଣୀ ର ସମୟ ଚାଲି ଯାଇଛି। ଯୋଉ ଜିନିଷର ସମୟ ଚାଲିଯାଏ ସେଥିରେ ବିକୃତି ଆସିଯାଏ। ତେଣୁ ଏବେ ସବୁଠାରୁ ମୁଖ୍ୟ କଥା ହେଉଛି ଭିତରୁ ବାହାରକୁ ପ୍ରକାଶ କରିବା। ଭିତରୁ ଯୋଉ ଭାବ ବାହାରି ଆସେ ତାହା ଆମେ ଈଶ୍ୱରଙ୍କ ପାଖେ ପ୍ରକାଶ କରିବା ଆବଶ୍ୟକ। ଗପ ଟିଏ କହୁଚି। ଜଣେ ଅନାଥ ପିଲାଟିଏ ଗୋଟିଏ ସର୍କସରେ ରହି ଅନେକ କଳା ପ୍ରଦର୍ଶନ କରେ। ସର୍କସ ମାଲିକଙ୍କର ଦୁର୍ଦ୍ଦିନ ଆସିବାରୁ ସେ ତାଙ୍କ ସର୍କସ ପାର୍ଟି ବନ୍ଦ କରିଦେଲେ। ପିଲାଟି ଦୁଃଖରେ ଭାଙ୍ଗି ପଡ଼ିଲା। ଦିନେ ସେ ଜଙ୍ଗଲ ଭିତରକୁ ଅନ୍ୟମନସ୍କ ହୋଇ ଚାଲିଗଲା। କିଛିବାଟ ଯିବା ପରେ ସେ ଏକ ଦେବୀ ମନ୍ଦିର ଦେଖି ମନ୍ଦିରର ପୂଜାରୀଙ୍କୁ ଭେଟି ତାର ସବୁ କଥା କହିଲା। ପୂଜାରୀ ବହୁତ୍ ଖୁସି ହୋଇ କହିଲେ ମୁଁ ବି ଗୋଟେ ପିଲା ଖୋଜୁଥିଲି। ତୁ ଏଠି ସବୁଦିନ ମନ୍ଦିର ଚାରିପାଖ ସଫା କରିବୁ ଓ ପଣ୍ଡିତ ମାନେ ଆସି ପୂଜା ସାରି ଗଲାପରେ ଭିତର ମନ୍ଦିରକୁ ସଫା କରିବୁ। ତୋର ଏହା ସବୁଦିନ କାମ। ଏଇଠି ରହିବୁ ଓ ଖିଆପିଆ କରିବୁ। ପିଲାଟି ଖୁସି ହୋଇ ତାର କାମ ଖୁସିରେ କଲା। କିଛି ଦିନ ପରେ ସେ ଦେବୀ ମାଙ୍କୁ କହିଲା ମାଆ ଏ ପଣ୍ଡିତ ମାନେ ତୋ ଆଗରେ କଣ ସବୁ ପଢୁଛନ୍ତି ମୁଁ କିଛି ବୁଝି ପାରୁନି କିନ୍ତୁ ମୋର ଇଛା ହେଉଛି ମୁଁ ଜାଣିଥିବା କଳା କୌଶଳ ତୋତେ ଦେଖାଇବା ପାଇଁ। ଏକଥା କହି ପଣ୍ଡିତ ମାନେ ଯିବା ପରେ ସେ ସର୍କସରେ ଜାଣିଥିବା ଖେଳ ମାଆ ଙ୍କ ଆଗରେ ଦେଖାଇଲା। ହଠାତ୍ ଦେବୀ ମାଆ ତା ଆଗରେ ପ୍ରକାଶ ହୋଇ କହିଲେ ତୁ ଆଉ ମୋତେ ତୋର ଖେଳ ଦେଖା ମୋତେ ବହୁତ ଭଲ ଲାଗୁଚି। ପିଲାଟି ଯାହା ସବୁ ଜାଣିଥିଲା ସବୁ ଦେଖାଇଲା। ଏଣେ ପିଲାଟିର ଡେରି ଦେଖି ପୂଜକ ତାକୁ ଖୋଜିବାକୁ ମନ୍ଦିର ଭିତରେ ଆସି ଦେଖନ୍ତି ଯେ ମାଆ ବିଜେ ହୋଇଛନ୍ତି ଟୋକା ତାଙ୍କୁ ଖେଳ ଦେଖାଉଛି। ପୂଜକଙ୍କ ଆଖିରୁ ଲୁହ ବୋହିବାକୁ ଲାଗିଲା। ସେ କହିଲେ ମୁଁ 40 ବର୍ଷ ଦେବୀ ମାଙ୍କୁ ପୂଜା କରି ଯାହା ପାଇ ନଥିଲି ତୁ ଦିନ କେଇଟା ରେ ପାଇଗଲୁ। ପିଲାଟି ସରଳ ହୃଦୟରେ ମାଙ୍କୁ କହିଥିଲା ଯେଉଁଥିରେ ଭାଷା କିଛି ନଥିଲା। ଏମାନଙ୍କର ପାଣ୍ଡିତ୍ୟ କିଛି କାମ ହିଁ କରୁ ନଥିଲା। କାରଣ ସେମାନଙ୍କର ହୃଦୟ ନାହିଁ। ପାଣ୍ଡିତ୍ୟ ର ମୂଲ୍ୟ ଅଛି କିନ୍ତୁ ପାଣ୍ଡିତ୍ୟ

ISSN NO.
2582-208X

ପଛରେ ତାଙ୍କର ହୃଦୟ ନାହିଁ। ତେଣୁ ତା ମୂଲ୍ୟହୀନ। ଏବେ ପ୍ରତ୍ୟେକ ପୂଜା ପାର୍ବଣ ରେ ଆମର ପାଣ୍ଡିତ୍ୟ ଅଛି ସିନା ହୃଦୟ ନାହିଁ। କେବଳ ଏହା ଭୟରେ କରୁଛନ୍ତି ବା ଲୋଭରେ କରୁଛନ୍ତି। କିଛି ପାଇବା ଆଶାରେ। ସେମାନେ ଭାବୁଛନ୍ତି ଏହା ନକଲେ କାଳେ ଭଗବାନ ରାଗିବେ। ସମାଜ ବି କଣ କହିବ । ଏସବୁ ଜିନିଷକୁ ଆଧାର କରି ଆଜିର ପର୍ବ ପର୍ବାଣୀ ପାଳିତ ହେଉଛି।ଯାହାର କିଛି ମୂଲ୍ୟ ନାହିଁ। ଆଧ୍ୟାତ୍ମିକ ସଦାସର୍ବଦା ନିତ୍ୟନୂତନ। ଆପଣା ଭିତରେ ଯେଉ ଆଧ୍ୟାତ୍ମିକ ଗୁଣ ରହିଛି ପ୍ରେମ, ଭକ୍ତି ଓ କୃତଜ୍ଞତା ତାହା ସେଇ ସମୟରେ ଆପଣଙ୍କ ହୃଦୟରୁ ବାହାରିବ, ସେଇଟା ହିଁ ସେଇ ସମୟ ପାଇଁ ଉପଚାର। ଆଜିକାଲି ତ ରାକ୍ଷୀ ପୂର୍ଣ୍ଣିମାରେ ଚାହିଦା ହୋଇଗଲାଣି। ରାକ୍ଷୀ ଯେ ବାନ୍ଧିବ ଆପଣ ତାଙ୍କୁ ଟଙ୍କା ଦେବାକୁ ପଡିବ। ଆଜିକାଲି ସବୁ ଯାନ୍ତ୍ରିକ ହୋଇ ଯାଇଛି। ମନେ ରଖିବାକୁ ପଡିବ ଯେ ମହତ୍ତ୍ୱ ସବୁଥିରେ ଅଛି ତା ଯୋଉ ସମୟରେ ବାହାରିଥିଲା।

ଭୁବନେଶ୍ୱର
9439011063

ISSN NO.
2582-208X

# ଏ ମାଟିର ଗୀତ



ପ୍ରଶାନ୍ତ କୁମାର ନାଥ

ମୋ ମାଟିର ଗୀତ କେଡେ ମିଠା ସ୍ୱର
ସୁନାରଙ୍ଗୀ ତା'ର କ୍ଷେତ
କାଳ ଗର୍ଭେ ଲିନ ହୋଇଣ ବିଲିନ
ଉଡୁଛି ଯାହାର ନେତ ।

ଉତ୍କଳର କିର୍ତ୍ତି ଉତ୍କଳ କିରିଟୀ
ଏଇ ଆମ କୋଣାରକ
ଜାତି ଇତିହାସ ବାରବାଟି ଦୁର୍ଗ
ରଖିଅଛି ଆମ ଟେକ ।

କେତେ ସୁର ବୀର ଏ ମାଟିର ପାଇଁ
ଜୀବନ ଦେଇଛି ହସି
ଗୁଣି ଜ୍ଞାନୀ ପୁତ୍ର ପାଇ ଏ ଜନନୀ
ଗରବ କରଇ ବେଶି ।

ଭାଷା ସାହିତ୍ୟକୁ ବଞ୍ଚାଇ ରଖିଛି
ଅନେକ କବି ଲେଖକ
ତା ମଧ୍ୟରେ ଶ୍ରେଷ୍ଠ ମଧୁବାରିଷ୍ଟର
ଉତ୍କଳ ଜନ ନାୟକ ।

ସ୍ୱତନ୍ତ୍ର ଓଡିଶା ଗଠନ ନିମନ୍ତେ
କବି କୁଳ ଥିଲେ ଚାହିଁ
ଚଳାଇ ଲେଖନୀ ବଞ୍ଚାଇଲେ ଭାଷା
ତା ସାଥେ ଉତ୍କଳ ଭୂଇଁ ।

ଉତ୍କଳ ଭୂଖଣ୍ଡ ହୋଇଗଲା ଧନ୍ୟ
ସ୍ୱତନ୍ତ୍ରତକୁ ସେ ପାଇ
ତାଙ୍କ ପାଇଁ ଆମ ରହିଲା ଓଡିଶା
ହସିଲା ଭାଷାକୁ ନେଇ ।

ଆଜି ବି ଗାଉଛି ଏ ମାଟିର ଗୀତ
ସାତ ସ୍ୱର ଭରି ଦେଇ
ଗୌରବ ମଣ୍ଡିତ ମୋର ଏ ଉତ୍କଳ
ପୂତ ପବିତ୍ରତା ହୋଇ ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଶ୍ରାବଣୀ ଅସିଛି ଶ୍ରାବଣ ନେଇ



ତପସ୍ୱିନୀ ଶତପଥୀ

ପ୍ରୀତି ଶ୍ରାବଣ ର ପ୍ରେମର ମହକ
ଅଭୂଲା ସ୍ମୃତି ସାଜିଥାଏ
ଶ୍ରାବଣୀ ଗୋ ତୁମେ ଫେରିଛ ବରଷକ
ପରେ ଆନନ୍ଦେ ମନ ନାଚିଯାଏ
ଅସହ୍ୟ ନିଦାଘ ର ନିଷ୍ଠୁର ଭରା ଯନ୍ତ୍ରଣା
କେତେ ଅବା ଧରିତ୍ରୀ ସହିବ
ଅପେକ୍ଷାର ଅନ୍ତ ହୋଇଲା ଦେଖ ଶ୍ରାବଣୀ
ସାଥେ ଶ୍ରାବଣ ର ପ୍ରେମ ଭରା ଭାବ
ନିଷ୍କ୍ରିୟ ହୋଇ ଯାଇଥିଲା ଚତୁଃପାର୍ଶ୍ୱ ପରା
ଦିଶେ ହାହାକାର ଶୂନ୍ୟ ମୟ
ଶ୍ରବଣ ର ଭିଜା ବରଷା ଟୋପାରେ ଧରଣୀ
ରାଣୀ ଲାଗେ ଅତି ଶୋଭନିୟ
ଶ୍ରାବଣୀ ର ସଜ ଦେଖି ଶ୍ରାବଣ ଆସିଛି
ସାଥେ ଧରି ବରଯାତ୍ରୀ
ଘଡ଼ଘଡ଼ି ଆଉ ବିଜୁଳି କନ୍ୟା ଶୋଭା
ବଢାନ୍ତି ହୋଇ ଅଭିନେତ୍ରୀ

ISSN NO.
2582-208X

ପ୍ରେମର ରଙ୍ଗକୁ ଆହୁରି ରଙ୍ଗୀନ୍
କରେ ଭିଜା ଶ୍ରାବଣ
ଅମାନିଆ ମନ ମାନେ ନାହିଁ ସୀମା
ନାଚେ ଶ୍ରାବଣୀ ଧରି ଶ୍ରାବଣ
ତୁମ ଆଗମନେ ହସି ଉଠେ ଧରଣୀ
ଖୁସିରେ ହୁଏ ଆତ୍ମହରା
ଶ୍ରାବଣୀ ଆସିଛି ହସଖୁସି ନେଇ ଢାଳେ
ଶ୍ରାବଣ ବରଷା ଧାରା
କଥା ଦିଅ ତୁମେ ଯିବ ନାହିଁ ଦୂରେ
ଛାଡି ଯନ୍ତ୍ରଣା ମଧ୍ୟରେ
ତୁମ ପ୍ରୀତି ଭରା ସ୍ପର୍ଶ ଟିକେ ପାଇଁ
ସଦା ସର୍ବଦା ତୁମକୁ ଝୁରେ ॥

ଯାଜପୁର

ISSN NO.
2582-208X



# ସୁଷମ ଖାଦ୍ୟ

# ମାଣ୍ଡିଆ



ହର ପ୍ରସାଦ ସୁଆର

ରବିଶସ୍ୟ ଗୁଡିକ ମଧ୍ୟରେ ମାଣ୍ଡିଆର ସ୍ଥାନ ଅନ୍ୟତମ । ମୋଟ ଆଠ ପ୍ରକାରର ମିଲେଟ୍ ମଧ୍ୟରେ ମାଣ୍ଡିଆର ସ୍ଥାନ ହେଉଛି ଷଷ୍ଠ । ଭାରତର ମୋଟ ଏକୋଇଶିଟି ରାଜ୍ୟରେ ମିଲେଟ୍ ଚାଷ ହୁଏ । ଇଂରାଜୀରେ ମାଣ୍ଡିଆକୁ ଫିଙ୍ଗର୍ ମିଲେଟ୍ ବୋଲି କୁହାଯାଏ । ହିନ୍ଦୀ ଭାଷାରେ ମାଣ୍ଡୁଆ କୁହାଯାଉଥିବାବେଳେ ଦକ୍ଷିଣ ଭାରତରେ 'ରାଗୀ' ବା 'ରେଗୀ' ବୋଲି କୁହାଯାଏ । ଆମ ଓଡିଶା ଏକ ଗରୀବ ରାଜ୍ୟ । ଏଣୁ ଆଜକୁ ପ୍ରାୟ ପଚାଶ ବର୍ଷ ପୂର୍ବେ ଲୋକେ ମାଣ୍ଡିଆର ପାଉଡର ବା ଅଟାରେ ତିଆରି "ଯାଉ" ଖାଇ ନିଜନିଜ ପରିବାର ପୋଷଣ କରୁଥିଲେ । ଯେଉଁମାନଙ୍କର ଚାଷ ଜମି ଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ମାଣ୍ଡିଆ ଚାଷ କରୁଥିଲେ । ଅନ୍ୟ ରାଜ୍ୟ ତୂଳନାରେ ଓଡିଶାରେ ଭୂତଳ ଜଳକୁ ଉପଯୁକ୍ତ ପରିମାଣରେ ବ୍ୟବହାର କରାଯାଏନାହିଁ କିମ୍ବା ବର୍ଷାଜଳକୁ ମଧ୍ୟ ସଂରକ୍ଷଣ କରାଯାଏ ନାହିଁ ଫଳରେ ଚାଷ ନିମନ୍ତେ ପାଣିର ଅପ୍ରତୁଳତା ଯୋଗୁଁ ଏକ ଫସଲି ଧାନ ଉପରେ ନିର୍ଭର କରିବାକୁ ପଡିଥାଏ । ଉକ୍ତ ଧାନରୁ ଯେତିକି ଚାଉଳ ମିଳେ ତାହା ବର୍ଷକର ନଅ ମାସ ପର୍ଯ୍ୟନ୍ତ ଖାଇବାକୁ ଯଥେଷ୍ଟ । କିନ୍ତୁ ଆଶ୍ୱିନ ମାସଠାରୁ ପରବର୍ତ୍ତୀ ତିନିମାସ ପର୍ଯ୍ୟନ୍ତ ଖାଦ୍ୟପାଇଁ ପରିବାରରେ ଚାଉଳ ନିଅଣ୍ଟିଆ ହୋଇଥାଏ ଫଳରେ ମାଣ୍ଡିଆ ଉପରେ ନିର୍ଭରକରିବାକୁ ପଡିଥାଏ । କିଛିବର୍ଷ ପରେ ଧୀରେଧୀରେ ଲୋକଙ୍କ ହାତକୁ ଟଙ୍କା ଆସିବାକୁ ଲାଗିଲା । କ୍ରମେକ୍ରମେ ମାଣ୍ଡିଆ ପ୍ରତି ବିମୁଖତା ବଢିଲା । କେହି ମାଣ୍ଡିଆରେ ତିଆରି ଖାଦ୍ୟକୁ ପସନ୍ଦ କଲେନାହିଁ । କାରଣ ମାଣ୍ଡିଆର ପୃଷ୍ଟିଗୁଣ ଏବଂ ଉପକାର ସମ୍ବନ୍ଧରେ ଲୋକଙ୍କର ସମ୍ୟକ୍ ଧାରଣା ନଥିଲା । ପୂର୍ବ ତୂଳନାରେ ଲୋକଙ୍କ କ୍ରୟ କ୍ଷମତା

ISSN NO.
2582-208X

ବଢିଥିବା ହେତୁ ଲୋକେ ମନେକଲେ, ମାଣ୍ଡିଆ ହେଉଛି ଗରୀବ ତଥା ଦୀନ ଦରିଦ୍ରଙ୍କ ଖାଦ୍ୟ । ଏଣୁ ମାଣ୍ଡିଆର ପ୍ରଚଳନ ବହୁଳ ଭାବେ କମିବାକୁ ଲାଗିଲା । ଯେଉଁମାନେ ବି ମାଣ୍ଡିଆର ବ୍ୟବହାର କରୁଥିଲେ, ସେମାନେ ହୀନମନ୍ୟତାରେ ଭୋଗିବାକୁ ଲାଗିଲେ । ଲୁଚେଇ ଛପେଇ ମାଣ୍ଡିଆରେ ତିଆରି ଜିନିଷ ଖାଉଥିଲେ । କେହି ଯଦି ପ୍ରଶ୍ନକରେ, ତୁମେ ଆଜି କ'ଣ ଖାଇଲ ତାହାହେଲେ ଉତ୍ତର ମିଳୁଥିଲା ଭାତ ବୋଲି । ଲୋକେ ସାହସ କରି ତୁଣ୍ଡ ଖୋଲି କହିପାରୁନଥିଲେ ମାଣ୍ଡିଆର ଅଟାରେ ତିଆରି "ଯାଉ" ଖାଇଲୁ ବୋଲି । ମାଣ୍ଡିଆର ଦ୍ରବ୍ୟ ଖାଇ ସୁଦ୍ଧା ମିଛରେ ଭାତ ଖାଇଲୁ ବୋଲି କହୁଥିଲେ । ମାଣ୍ଡିଆ ଦୁଇ ପ୍ରକାରର, କଳା ମାଣ୍ଡିଆ ଓ ଲାଲ ମାଣ୍ଡିଆ । ଯଦିଓ ଉଭୟର ପୁଷ୍ଟିଗୁଣ ଏକା ତଥାପି ଲାଲ ମାଣ୍ଡିଆରେ ତିଆରି ଦ୍ରବ୍ୟ ଦେଖିବାକୁ ସୁନ୍ଦର ହୋଇଥିବା ଯୋଗୁଁ ଲୋକେ କିଣିବାକୁ ପସନ୍ଦ କରନ୍ତି ।

ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ଯାଉ ଇଂରାଜୀରେ ପୋରିଜ୍ ଏବଂ ତେଲୁଗୁ ଭାଷାରେ ଗେଞ୍ଜି ବୋଲି କହନ୍ତି । ଘରେଘରେ ଭାତରୁ ବାହାରୁଥିବା ପେଜରୁ ତୋରାଣି ତିଆର କରାଯାଏ । ତୋରାଣି ଚାଖିବାକୁ ଖଟା ଲାଗେ ଏବଂ ଖରାଦିନରେ ପିଇଲେ ପେଟକୁ ଥଣ୍ଡା ରଖେ । ଏହି ତୋରାଣି, ମାଣ୍ଡିଆର ଅଟା, ଆବଶ୍ୟକ ପରିମାଣର ଲୁଣ ଦେଇ କ୍ଷିରୀଭଳି ଯେଉଁ ତରଳ ପଦାର୍ଥ ତିଆରି କରାଯାଏ ତାହାକୁ ଯାଉ ବୋଲି କହନ୍ତି । ଏଥିରେ ଚାଉଳର ଭଙ୍ଗା ଅଂଶ ଅର୍ଥାତ୍ ଖୁଦକୁ ମଧ୍ୟ ବ୍ୟବହାର କରାଯାଏ ସ୍ୱାଦରେ ପରିବର୍ତ୍ତନ ଆଣିବାପାଇଁ। କେହି କେହି ଖଟା ତୋରାଣି ବଦଳରେ ଖଟା ଦହି ବ୍ୟବହାର କରନ୍ତି । ମାଣ୍ଡିଆର ଅଟାରେ ସୁସ୍ୱାଦୁ "ତମ୍ପା" ଅର୍ଥାତ୍ ହାଲୁଆ ମଧ୍ୟ ତିଆରି କରାହୁଏ । କ୍ଷୀର, ଚିନି, ଗୁଆଘିଅ, ତେଜପତ୍ର, ଅଳେଇଚ, ଲବଙ୍ଗ ଆଦି ଦେଇ ଲୋକେ ହାଲୁଆ ତିଆରି କରନ୍ତି ଯାହାକୁ ଦକ୍ଷିଣ ଓଡିଶାରେ ମାଣ୍ଡିଆର ଅଟାରେ ତିଆରି ତମ୍ପା ବୋଲି କୁହାଯାଏ । ଦୀର୍ଘବର୍ଷ ପୂର୍ବେ ଲୋକେ ଏସବୁ ଘରେ ତିଆର କରି ଖାଉଥିଲେ । କାଳକ୍ରମେ ଏସବୁ ଖାଦ୍ୟ ଲୋପ ପାଇଗଲା । ଲୋକେ ମାଣ୍ଡିଆରେ ତିଆରି ଦ୍ରବ୍ୟ ଖାଇ ମଧ୍ୟ ବାହାରେ ପ୍ରକାଶ କରିବାକୁ ମନରେ ଦ୍ୱିଧାବୋଧ କରୁଥିଲେ ଫଳରେ ମାଣ୍ଡିଆ ଚାଷ ବୈଦ୍ୟୁତିକ ବେଗରେ କମିବାକୁ ଲାଗିଲା । ମାଣ୍ଡିଆ କ୍ରମେ ଦୁଷ୍ପ୍ରାପ୍ୟରେ ପରିଣତ ହେବା ସାଙ୍ଗକୁ ଏହାର ମୂଲ୍ୟ ପୂର୍ବାପେକ୍ଷା ବହୁଗୁଣିତ ହେବାକୁ ଲାଗିଲା । ଲୋକେ ଜଙ୍କ୍ ଫୁଡ୍ ପ୍ରତି ମନ ବଳାଇଲେ । ରୋଗବ୍ୟାଧି ବଢିବାରେ ଲାଗିଲା । ଏଣୁ ଲୋକେ ପୂନର୍ବାର ମାଣ୍ଡିଆରେ ତିଆରି ଦ୍ରବ୍ୟ ଖାଇବାକୁ ମନ

ISSN NO.
2582-208X

ବଳାଉଛନ୍ତି । ମାଣ୍ଡିଆର ଅଟାରେ ୩୨ ପ୍ରକାରର ଦ୍ରବ୍ୟ ଯଥା :- କାଞ୍ଜି, ମାଣ୍ଡିଆ ଜୁସ୍, ଲଡୁ, କାକରା ଏବଂ ସ୍ନାକ୍ସ ଆଦି ତିଆରି ହେବାକୁ ଲାଗିଲା । ଅଙ୍କୁରିତ ମାଣ୍ଡିଆ ଖାଇବାଦ୍ୱାରା ଦେହରେ ଫାଇବର୍ ଓ ତନ୍ତୁର ନିର୍ମାଣ ହୋଇଥାଏ । ତ୍ୱଚାର ଉପଯୁକ୍ତ ଗଠନରେ ସହାୟକ ହୁଏ ଫଳରେ ବୟସାଧିକ ହୋଇ ସୁଦ୍ଧା ଲୋକେ ଯୁବକଙ୍କ ଭଳି ଦେଖା ଯାଆନ୍ତି । ଏହା ଆମ ଦେହର ପାଚନ ତନ୍ତ୍ରଠାରୁ ଆରମ୍ଭକରି ସାରା ଶରୀରର ଗଠନରେ ଉପକାର ମିଳେ ।

ଦେଶରେ ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ କି ରାଜ୍ୟ ସରକାର ୨୦୧୭ ମସିହାରେ ମିଲେଟ୍ ମିଶନ୍ ଗଠନ କରିଛନ୍ତି । ଇତିମଧ୍ୟରେ ଏହାର ଶାଖା ସମସ୍ତ ତିରିଶଟି ଜିଲ୍ଲାକୁ ବ୍ୟାପିଲାଣି । ଫଳରେ ଏହି ମିଶନ୍ ମାଧ୍ୟମରେ ମାଣ୍ଡିଆ ପ୍ରତି ଲୋକଙ୍କ ସଚେତନତା ଏବଂ ଚାହିଦା ବୃଦ୍ଧିପାଇବ । ମାଣ୍ଡିଆର ଚାଷ ବଢିବ । ଲୋକେ ପୂର୍ବଭଳି ମାଣ୍ଡିଆ ପ୍ରତି ଅଧିକ ଆକର୍ଷିତ ହେବେ । ଆମ ଓଡିଶାରେ ମାଣ୍ଡିଆର ଏକ ବଜାର ସୃଷ୍ଟି ହେବ । ଏଣୁ ରାଜ୍ୟ ସରକାର ରାଜ୍ୟରେ ଥିବା ଚାଷୀଙ୍କୁ ମାଣ୍ଡିଆ ଚାଷ କରିବା ନିମନ୍ତେ ପାଞ୍ଚ ହେକ୍ଟର ଜମିକୁ ଛବିଶ ହଜାର ଟଙ୍କା ଲେଖାଏ ସବସିଡି ଦେବାର ବ୍ୟବସ୍ଥା କରିଛନ୍ତି। ସରକାରଙ୍କ ଲକ୍ଷ୍ୟହେଲା ଘରେଘରେ ପ୍ରତିଟି ଥାଳିରେ ଜାଉ ପରଶିବା । କର୍ଣ୍ଣାଟକ ରାଜ୍ୟ ସରକାର ମଧ୍ୟ ସେଠାରେ ଥିବା ଚାଷୀମାନଙ୍କୁ ଏକ ଏକର ପିଛା ମାଣ୍ଡିଆ ଚାଷ କରିବା ନିମନ୍ତେ ଚାରିହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଅନୁମୋଦନ କରିଛନ୍ତି । ମାଣ୍ଡିଆ ଚାଷ କଲେ କମ୍ ଖର୍ଚ୍ଚରେ ବେଶୀ ଲାଭ ହୁଏ । ପୃଥିବୀର ଦ୍ୱିତୀୟ ବୃହତ୍ତମ ମିଲେଟ୍ ପ୍ରସ୍ତୁତକାରୀ ଦେଶ ହେଉଛି ଭାରତ । ଆଧୁନିକ ଜୀବନଶୈଳୀରେ ମାଣ୍ଡିଆ ବ୍ୟବହାରର ଯଥେଷ୍ଟ ପ୍ରୟୋଜନୀୟତା ରହିଛି । ପୋଷକତତ୍ତ୍ୱରେ ଭରପୂର ଖାଦ୍ୟ ହେଉଛି ମାଣ୍ଡିଆ । ଆମେ ବାସି ଜାଉ ମଧ୍ୟ ଖାଇପାରିବା । ସୁସ୍ଥ ଜୀବନ ଯାପନ ପାଇଁ ମାଣ୍ଡିଆ ହିତକର । ସେଥିପାଇଁ "ମିଲେଟ୍ ଖାଓ, ସୁସ୍ଥ ରହୋ" ସ୍ଲୋଗାନଟି ଏଠାରେ ପ୍ରାସଙ୍ଗିକ ହେବ । ଏତେ ନଦୀନାଳ ଥିବା ସତ୍ତ୍ୱେ ଓଡିଶା ହେଉଛି ଗ୍ରୀଷ୍ମ ପ୍ରଧାନ ଅଞ୍ଚଳ ଏଣୁ ଚାଷପାଇଁ ପାଣିର ଘୋର ଅଭାବ । ତେବେ ମିଲେଟ୍ ଜାତୀୟ ଫସଲ ଅର୍ଥାତ୍ ମାଣ୍ଡିଆ ଚାଷପାଇଁ ପ୍ରଚୁର ପାଣିର ପ୍ରୟୋଜନ ହୁଏନାହିଁ ଏଣୁ ଏଠାରେ ମାଣ୍ଡିଆ ଚାଷ କରିବାରେ ପାଣି ବାଧକ ହେବନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ମାଣ୍ଡିଆ ହେଉଛି ଏକ ଅର୍ଗାନିକ୍ ଓ ଟ୍ରାଡିଶନାଲ୍ ଖାଦ୍ୟ । ଏଥିରେ ଯଥେଷ୍ଟ ପୌଷ୍ଟିକ ଗୁଣ ଯଥା ନ୍ୟୁଟ୍ରିଶନାଲ୍ ସିକ୍ୟୁରିଟି ରହିଛି ।

ISSN NO.
2582-208X

ମେଦବହୁଳତା ଅର୍ଥାତ୍ କଲେଷ୍ଟ୍ରୋରେଲ୍ କମେଇବାରେ ସାହାଯ୍ୟ କରେ । ଶରୀରର ରକ୍ତହୀନତା ବା ଏନିମିଆ ଦୂରକରେ ଏଣୁ ଗର୍ଭବତୀ ମାଆମାନଙ୍କ ପାଇଁ ମାଣ୍ଡିଆର ବ୍ୟବହାର ଜରୁରୀ କାରଣ ଏଥିରେ ପ୍ରଚୁର ପରିମାଣରେ ଆଇରନ୍ ରହିଛି । ଫଳରେ ଆମ ଦେହରେ ହିମୋଗ୍ଲୋବିନ୍ ର ପରିମାଣ ବୃଦ୍ଧି ହୁଏ । ଏଥିରେ ଆଠରୁ ବାର ଶତାଂଶ ପର୍ଯ୍ୟନ୍ତ ପ୍ରୋଟିନ୍ ରହିଛି ।

ମାଣ୍ଡିଆରେ କ୍ୟାଲସିୟମ୍, ପୋଟାସିୟମ୍, ମାଇକ୍ରୋ ନ୍ୟୁଟ୍ରିଏଣ୍ଟ, କାର୍ବୋହାଇଡ୍ରେଟ୍, ଆଣ୍ଟି ଅକ୍ସିଡେଣ୍ଟ, ଏମାଇନୋ ଏସିଡ୍ ଓ ମିନେରାଲ୍ ରହିଛି । ଫ୍ୟାଟ୍ ନାହିଁ ଏବଂ ଏହା ଖାଇବାଦ୍ୱାରା ପେଟ ଭିତରେ ଥିବା ଲିଭର୍ ଫ୍ୟାଟ୍ ଜମେନାହିଁ । ଭିଟାମିନ୍ ସି ଏବଂ ଡି ମଧ୍ୟ ରହିଛି । ମାଣ୍ଡିଆରେ ତିଆରି ବିଭିନ୍ନ ଦ୍ରବ୍ୟ ଧାରାବାହିକ ଭାବେ ଖାଇବା ଦ୍ୱାରା ଦେହରେ ଥିବା ହାଡ ତଥା ହାଡଜାତୀୟ ରୋଗ ଏବଂ ଦାନ୍ତ ସମ୍ବନ୍ଧୀୟ ରୋଗମଧ୍ୟ ଭଲହୁଏ । ବୟସ୍କଙ୍କ ହାଡକୁ ଯଥେଷ୍ଟ ସୁରକ୍ଷା ଦେଇଥାଏ ଏବଂ ହାଡର କ୍ଷୟକୁ ରୋଧକରେ । ଦେହର ଇମ୍ୟୁନ୍ ସିଷ୍ଟମକୁ ଆହୁରି ମଜବୁତ କରେ । ଗରମଦିନରେ ଦେହକୁ ଥଣ୍ଡା ରଖେ । ଅଷ୍ଟିଓ ପେରୋସିସ୍ ହେବାର ଆଶଙ୍କାକୁ ରୋକିବାରେ ସାହାଯ୍ୟ କରେ । ଦେହର ଅତିରିକ୍ତ ଓଜନ କମେଇବାରେ ସାହାଯ୍ୟ କରେ । ଭୋକକୁ ନିୟନ୍ତ୍ରଣ କରେ । ପ୍ରସୂତି ମାଆ ମାନଙ୍କର କ୍ଷୀର ବଢାଏ । ଏହା ଏକ ସହଜପାଚ୍ୟ ଖାଦ୍ୟ । ହାଇପରଟେନସନ୍, ନିଦ୍ରାହୀନତା, ମୁଣ୍ଡ ବ୍ୟଥା ଓ ଅବସାଦକୁ ଦୂର କରେ । ବ୍ଲଡ୍ ସୁଗରକୁ ନିୟନ୍ତ୍ରଣ କରେ ଫଳରେ ଡାଏବେଟିସ୍ ହୁଏନାହିଁ । ଏଥିରେ ଯଥେଷ୍ଟ କ୍ୟାଲେରୀ ଓ ଖାଦ୍ୟସାର ରହିଛି । ଆମର ହଜମ ଶକ୍ତିକୁ ବଢାଏ ଏବଂ ନର୍ଭସ୍ ସିଷ୍ଟମକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରେ । ମାଣ୍ଡିଆରେ ଏହି ସମସ୍ତଗୁଣ ଥିବାଯୋଗୁଁ ଆଜିର ଦିନରେ ମାଣ୍ଡିଆ କେବଳ ଗରୀବଙ୍କ ଖାଦ୍ୟହୋଇ ରହିନାହିଁ । ଧନୀଲୋକେ ମଧ୍ୟ ମାଣ୍ଡିଆରେ ତିଆରି ଦ୍ରବ୍ୟ ଖାଇବାକୁ ପସନ୍ଦ କଲେଣି । ଦେହରୁ ଥାଇରଏଡ୍ ଓ କୋଷ୍ଠକାଠିନ୍ୟକୁ ଦୂରକରେ । ସଖାଳୁ ଖାଲିପେଟରେ ମାଣ୍ଡିଆ ଖାଇବା ଅଧିକ ଉପଯୋଗୀ । ପଚାଶ ବର୍ଷ ପୂର୍ବେ ସେନାବାହିନୀରେ କର୍ମରତ କର୍ମଚାରୀଙ୍କୁ ଖାଇବା ନିମନ୍ତେ ·ଭାରତ ସରକାର ମାଣ୍ଡିଆର ଅଟାକୁ ବ୍ୟବହାର କରୁଥିଲେ କିନ୍ତୁ କାଳକ୍ରମେ ସରକାର ମାଣ୍ଡିଆ ବଦଳରେ ଗହମର ଅଟାକୁ ପ୍ରାଧାନ୍ୟ ଦେଇଛନ୍ତି । କିନ୍ତୁ ଆନନ୍ଦର ବିଷୟ ଏହି ଯେ, ସରକାର ସେନାବାହିନୀଙ୍କ ନିମନ୍ତେ ପୂନରାୟ ମାଣ୍ଡିଆର ଅଟାକୁ ବ୍ୟବହାର କରିବାର ସିଦ୍ଧାନ୍ତ

ISSN NO.
2582-208X

ନେଲେଣି । ପୁରୁଷ ହକି ବିଶ୍ୱ କପ୍ ଖେଳ ନିମନ୍ତେ ବିଦେଶରୁ ଆସିଥିବା ଖେଳାଳୀ ଓ କୋଚ୍ ମାନଙ୍କୁ ଖାଇବା ନିମନ୍ତେ ମାଣ୍ଡିଆରେ ତିଆରି ଖାଦ୍ୟ ପରଶା ଯାଇଥିଲା । ଏଣିକି ମଧ୍ୟାହ୍ନ ଭୋଜନରେ ସ୍କୁଲପିଲାଙ୍କୁ ମାଣ୍ଡିଆରେ ତିଆରି ଖାଦ୍ୟ ଦିଆଯିବାର ବ୍ୟବସ୍ଥା ହୋଇଛି । ତା'ଛଡା ବିବାହ, ବ୍ରତାଦି ମାଙ୍ଗଳିକ ଅନୁଷ୍ଠାନ ଉପଲକ୍ଷେ ଆୟୋଜନ ହେଉଥିବା ଭୋଜିରେ ମଧ୍ୟ ମାଣ୍ଡିଆରେ ତିଆରି ନାନାପ୍ରକାରର ସୁସ୍ୱାଦୁ ଖାଦ୍ୟ ପରଶାଯାଉଛି ।

ଭାରତର ବିଶିଷ୍ଟ ବୈଜ୍ଞାନିକ "ଡକ୍ଟର ଖାଦର ଭାଲି" ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି କେବଳ ମାଣ୍ଡିଆରେ ତିଆରି ଦ୍ରବ୍ୟ ଖାଇ ସୁସ୍ଥ ଓ ନିରୋଗୀ ହୋଇ ବଞ୍ଚିରହିଛନ୍ତି । ଏଣୁ ତାଙ୍କୁ "ମିଲେଟ୍ ମ୍ୟାନ୍ ଅଫ୍ ଇଣ୍ଡିଆ" ଅର୍ଥାତ୍ ଭାରତର ମାଣ୍ଡିଆ ପୁରୁଷ ବୋଲି କୁହାଯାଏ। ତାଙ୍କର ମତ ହେଲା ମାଣ୍ଡିଆ, କ୍ୟାନସର୍ ଭଳି ଦୂରାରୋଗ୍ୟ ବ୍ୟାଧିକୁ ମଧ୍ୟ ରୋକିବାରେ ସାହାଯ୍ୟ କରେ । ଭାରତ ସରକାର ପାଶ୍ଚାତ୍ୟ ତଥା ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରରେ ମିଲେଟ୍ ପ୍ରୋମୋଟ୍ କରିବାକୁ ଯାଇ ୨୦୨୩ ସାଲକୁ "ଇଣ୍ଟରନ୍ୟାସନାଲ୍ ଇଅର୍ ଅଫ୍ ମିଲେଟ୍" ବୋଲି ଘୋଷଣା କରିଛନ୍ତି । ଓଡିଶା ସରକାର ପ୍ରତିବର୍ଷ ନଭେମ୍ବର ମାସ ଦଶ ତାରିଖ ଦିନଟିକୁ "ମାଣ୍ଡିଆ ଦିବସ" ଭାବେ ପାଳନ କରୁଛନ୍ତି । ମାଣ୍ଡିଆରେ ତିଆରି ଦ୍ରବ୍ୟକୁ ମାର୍ଗଶୀର ମାସର ଗୁରୁବାର ଅର୍ଥାତ୍ ମା'ଲକ୍ଷ୍ମୀଙ୍କ ନିକଟରେ ଭୋଗ ଲଗାଯାଇପାରିବ । ଆଦିବାସୀ ସମ୍ପ୍ରଦାୟର ଲୋକେ ମାଣ୍ଡିଆକୁ "ଆଦିଅନ୍ନ" ହିସାବରେ ମାନନ୍ତି ଏବଂ ତାଙ୍କ ଦେବଦେବୀଙ୍କ ନିକଟରେ ମାଣ୍ଡିଆରେ ତିଆରି ଜିନିଷକୁ ନେଇ ଭୋଗ ନିବେଦନ କରନ୍ତି । ମାଣ୍ଡିଆ ଏକ ସୁଷମ ଖାଦ୍ୟ । ଏହା କେବଳ ଏକ ସାଧାରଣ ଖାଦ୍ୟ ହୋଇ ରହିନାହିଁ ଆମ ଦେହପାଇଁ ଏକ ଔଷଧ ବା ମହୌଷଧି ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୭୫୨୪୨୮

ISSN NO.
2582-208X

# ନୀରବରେ ଯିବି ସହି



ନନ୍ଦିନୀ ରାଉତ

ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି
ମନ ପୋଡି ଗଲେ କିଏ
ପିତା ମାତା ଖାଲି ଜନମ ଦିଅନ୍ତି
ଭାଗ୍ୟ ତ ଲେଖୁଛି ସିଏ..
ଯନ୍ତ୍ରଣା ଜର୍ଜର ହୃଦୟ କାତର
କାହା ଆଗେ କହିବି ଯାଇ
ଦୁଃଖୀ ବୁଝେ ସିନା ଦୁଃଖୀ ଅନ୍ତର
ସୁଖୀ ମୁଁହ ମୋଡୁଥାଇ..
ଗଡି ଚାଲେ ଦିନ ପୁଣି ମାସ ବର୍ଷ
ଯନ୍ତ୍ରଣା ତ ସରେ ନାହିଁ
କାହିଁକି କେଜାଣି କେମିତି ହେଉଛି
ବୁଝି ମୁଁ ତ ପାରେ ନାହିଁ..
କରମ କଷଣ ଦେହ ସାହିଯାଏ
ଅଜଗର ପରି ହୋଇ
ଭାବନାରେ ଯେବେ ଆଘାତ ଆସଇ
ଲୁହ ଦିଏ ସବୁ ଧୋଇ..
ଚକ ଗଡୁଅଛି ଅଖ ଗଡୁ ଅଛି
ଗଡୁ ଅଛି ପୁଣି ମହୀ

ISSN NO.
2582-208X

ସୁଖ ଦୂର ହୁଏ ଲୁହ ମୋ ନିଜର
ଏକଥା ଯାଉଛି କହି..
ଲୁହ ଗଡିଗଲେ ସାନ୍ତ୍ୱନା ମିଳଇ
ବୁଝାଇ ଦେଇ ସେ ଯାଏ
ଏଇ ଦୁନିଆରେ ବଂଚିବାକୁ ହେଲେ
କେତେ କଥା କହେ କିଏ ?
ହୃଦୟରେ ମୋର ଆସୁ ଯେତେ ଝଡ
ନୀରବରେ ଯିବି ସହି
କଷଟି ପଥରେ ପରୀକ୍ଷା କରନ୍ତି
ପ୍ରଭୁ ମୋତେ ଦୁଃଖ ଦେଇ..

ବାଲିପଟା, ଅନୁଗୁଳ

ISSN NO.
2582-208X

# ସରକାରୀ ଚାକିରି



ଝରଣା ବାରିକ

ସର୍କାର ଚାକିରି କରିଛି ମୁଁ ଭାଇ
ରହି ନାହିଁ କିନ୍ତୁ ସୁଖରେ,
କାମ କୁ ପଇସା ଅଣ୍ଟେ ନାହିଁ ମୋର
ଭାବି ମନ କଷ୍ଟ ଦୁଃଖରେ।

ମାସ ଶେଷେ ପୁଣି ଦରମା ମିଳେନି
ପିଛା ଛାଡୁନାହିଁ କରଜ
କାହାକୁ କହିବି କିଏ ସେ ଶୁଣିବ
କିଏ ବୁଝିବ ମୋ ଦରଜ

ବଡ଼ ବାବୁଙ୍କର ଆଜ୍ଞା ନ ମାନିନେଲେ
ଚାକିରି ଖାଇବ କହୁଛି,
ଘରଣୀ ଅର୍ଡ଼ର ନମାନିଲେ ସିଏ
ବାପ ଘର ଚାଲି ଯାଉଛି,

ଆମ ପାଖେ ବାବା କେବେ ବି ରହୁନ
ପିଲା କହି ଲୁହ ଝରାନ୍ତି
ରବିବାର ଛୁଟି ମୋ ପାଇଁ ସପନ
ବଡ ବାବୁ କାମ କରାନ୍ତି ।

ବାପା ମାଆ ଦୁହେଁ କୁହନ୍ତି ବାପାରେ
କି ଚାକିରି ତୁହି କରୁଛୁ
ଆମ ପାଇଁ ତୋର ବେଳ ମୋଟେ ନାହିଁ
ହୃଦୟରେ ଦୁଃଖ ଭରୁଛୁ ।

ସମସ୍ତଙ୍କ କଥା ଭାବିଲା ବେଳକୁ
ମୁଣ୍ଡ ମୋର ହୁଏ ଘାଇଲା,
କାହା କଥା ବୁଝିବି କଣ ଯେ କରିବି
ଚାକିରିଟା ମତେ ଖାଇଲା।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ: 9556846932

ISSN NO.
2582-208X

# ବେନାମ ସମ୍ପର୍କ



ସ୍ମରଣିକା ଧଳ

ସେଦିନ ବସନ୍ତର ମୃଦୁ ଶୀତଳ ପବନ ନ ଥିଲା ସତ, ମାତ୍ର ଗ୍ରୀଷ୍ମର ବି ଏତେ ପ୍ରକୋପ ନଥିଲା ଯାହା ମୋ ମନରେ ଅଶାନ୍ତ ଢ଼େଉ ଭଳି ସୃଷ୍ଟି କରୁଥିଲା । ସବୁଥର ଭଳି ଆଜି ମଧ୍ୟ ବିଡ଼ିଏ ପାର୍କର ଗୋଟିଏ କୋଣରେ ଥିବା ଦୁଇ ଟିକିଆ ଚଉକିରେ ମୁଁ ଗୋଟେ ପଟରେ ବସି ସବୁଥର ଭଳି ତମ ବସିବା ସ୍ଥାନଟି ଛାଡ଼ିଥିଲି । ପାଖରେ ଥିବା ପର୍ସର ଚେନ୍ କୁ ବାରମ୍ବାର ବନ୍ଦ କରି ପୁଣି ଖୋଲୁଥିଲି ହୁଏତ ତା ଭିତରେ ମନର ଦ୍ୱନ୍ଦକୁ ଲୁଚେଇବାକୁ ଚାହୁଁଥିଲି । ପାର୍କରେ ଏକୁଟିଆ ଝିଅଟିଏ ବସିବା, ଲୋକମାନେ ଘୁରିକି ଚାହିଁବା କିଛି ନୁଆ କଥା ନୁହେଁ ଭୁବନେଶ୍ୱରରେ ମାତ୍ର ଉଣେଇଶ ବର୍ଷର ଝିଅଟେ ଗୋଟେ ଢିଲା କୁର୍ତ୍ତା ପିନ୍ଧି ନିଜର ପେଟକୁ ଲୁଚାଇବା ପାଇଁ ବାରମ୍ବାର ହାତ ମାରି ଦୁପଟାକୁ ସଜାଡ଼ିବା ନୂଆ ଥିଲା ମୋ ପାଇଁ ।

ଯେବେବି ଆମେ ପାର୍କକୁ ଆସନ୍ତି ଆମର କିଛି ଖୁସିର ମୁହୂର୍ତ୍ତ ସହ ବହୁତ ସାରା ଝଗଡା ବି ହେଇଥାଏ, କିନ୍ତୁ ଏଥର ନା ମନରେ ଖୁସି ଅଛି ନା ଝଗଡା କରିବାକୁ ସାହସ । ସତେ ଯେମିତି ଡର ର କଳାବାଦଲ ମୋର ସବୁ ଖୁସିକୁ ଛଡେଇ ନେଇଯାଇଛି ।

ଦୂରରୁ ନୀଳ ରଙ୍ଗର ସାର୍ଟ କଳା ରଙ୍ଗର ଡେନିମ୍ ଜିନ୍ସ ପିନ୍ଧି ଆସୁଥିବା ପିଲାକୁ ଦେଖି ନିଜକୁ ସଜାଡିକି ବସିଲି । ତମର ପାଦ ଯେତେ ଆମ ବସିବା ସ୍ଥାନ ପାଖକୁ ଆସୁଥିଲା ଛାତି ଭିତରେ ଯେତେ ସବୁ କୋହ ଥିଲା ଆଖିର ଅଶ୍ରୁରେ ପରିଣତ ହେଇ ବାହରକୁ ଆସିବାକୁ ବହୁତ ଚେଷ୍ଟା କରୁଥିଲା। ବହୁତ ଚେଷ୍ଟା କଲି ତାକୁ ରୋକିବାକୁ ମାତ୍ର ଦୁଷ୍ଟ ଆଖି ରୋକି

ISSN NO.
2582-208X

ପାରିଲାନି । ପାଖରେ ତମେ ବସିବା କ୍ଷଣି ଆଖିର କୋଣରେ ଅଶ୍ରୁ ଧାରା ବୋହିବାରେ ଲାଗିଲା । ସତେ ଯେପରି ତମର ଆସିବା ବାଟକୁ ସେ ଚାହିଁଥିଲା ।

କଣ ହେଲା ? ଏ ଅସମୟରେ କମ୍ପାନୀ ର କାମ ଛାଡି ଆସିଛି । ଏଠି ଦେଖା କରିବାର କାରଣ କଣ ଥିଲା? କଣ ମଣିଷକୁ ଶାନ୍ତିରେ ରହିବାକୁ ଦେବନି। ଜୀବନଟା ତ ନଷ୍ଟ କରିସାରିଲନି ମୋର । ରୁକ୍ଷ ଶବ୍ଦରେ ତମର ଅସଂଖ୍ୟ ପ୍ରଶ୍ନ ସହ ଅସରନ୍ତି ରାଗ ବି ତୁମ ମନରେ । ଥରୁଟିଏ ବି ମୋ ଆଡ଼କୁ ନ ଚାହିଁ ପକେଟ୍ ରୁ ମୋବାଇଲ ଟି ବାହାର କରି ସମୟ ଦେଖିବାରେ ଲାଗିଲ । ସମୟ ଦେଖି ଆହୁରି ବିରକ୍ତି ଭାବ ପ୍ରକାଶ କଲ । ତମର ସବୁ ପ୍ରଶ୍ନ ଭିତରେ ମୋର ଗୋଟିଏ ପ୍ରଶ୍ନ ଥିଲା ମୋତେ ମନ୍ଦିରରେ ବିବାହ କରିବ ? ତୁମ ଉତ୍ତର ଥିଲା କାହିଁକି ? ମୁଁ କଣ ଭୁଲ କରିଛି ନା ଚୋରି କରିଛି ?

ଯଦି କିଛି ଭୁଲ୍ କରିନ ତେବେ ମୋ ଆଖିରେ ଆଖି ମିଶେଇ କାହିଁକି କଥା ହେଉନ ? ତୁମ ଉତ୍ତର ମୋର ପ୍ରଶ୍ନ ଉପରେ ଆଉ ଏକ ପ୍ରଶ୍ନ ଉଠିଥିଲା । ଉତ୍ତରରେ କହିଲ ତୁମକୁ କି ତୁମ ଶରୀରକୁ ଦେଖିବାକୁ ମୋର ଇଚ୍ଛା ନାହିଁ କି ସମୟ ନାହିଁ ।

ଶ୍ରାବଣର ମୁଷଳ ବର୍ଷା ଧାରା ହେଉ କି ପ୍ରଚଣ୍ଡ ଗ୍ରୀଷ୍ମର ଉତ୍ତାପ ହେଉ ଯାହାକୁ ଦେଖିବାକୁ କଲେଜ ଗେଟ ପାଖରେ ୩/୪ ଘଣ୍ଟା ଅପେକ୍ଷା କରୁଥିଲ, ଯାଡୁଆ ଶୀତରେ ହଷ୍ଟେଲ ନିକଟରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲ ଖାଲି ଥରେ ଦେଖା କରିବ ବୋଲି । ଆଜି ସେ ତମ ଆଖି ସାମ୍ନାରେ ବସିଛି ଅଥଚ ତମକୁ ଦେଖିବାକୁ ଇଚ୍ଛା ହେଉନି ।

ସତରେ ଫୁଲର ମହକ ସରିଗଲେ ବାସି ଫୁଲରେ ଯେମିତି ଭଅଁର ର କୌଣସି କାମନା ନ ଥାଏ ସବୁ ପୁଅ ଜାତି କଣ ସେମିତି ? ଛି ନିଜ ଉପରେ ଧିକ୍କାର ଆସୁଥାଏ । କଣ ଏମିତି ହତାଶ ପରିସ୍ଥିତି ଦେଖିବାକୁ ବାପା ମାଆ ଭୁବନେଶ୍ୱର ପଠେଇଥିଲେ। ।

କିଛି କ୍ଷଣପରେ ନିରବ ରହିବା ପରେ ପକେଟରୁ ନର୍ସିଂହୋମର ଠିକଣା ବାହାର କରି ଦେଲ ଯାଓ ସେଠାରେ ଅବୋର୍ସନ କରିଦେବ ମୁଁ ପଇସା କଥା ବୁଝିଦେବି । ଆଉ ହଁ ଦୟାକରି କିଛି ନୂଆ ନାଟକ ବାହାର କରନି । ମୁଁ ମୋ ଜୀବନରେ ଶାନ୍ତି ଆଉ ଖୁସି ଚାହୁଁଛି । ଏସବୁ ଛାଡ଼ି ମୋ ଡ୍ରିମ୍, ମୋ କ୍ୟାରିଅର, ମୋ ଫାମିଲି, ମୋ ଫ୍ରେଣ୍ଡସ୍, ଅଛନ୍ତି । ଏ ଡ୍ରାମା ଆଜି ଶେଷ ହେବା ଦରକାର । ସେ ପାପ ପୂଣ୍ୟର ବାଣୀ ନ ସୁନେଇ ଆଜି ଯାଇ ଆବୋର୍ସନ

ISSN NO.
2582-208X

କର ଯଦି କିଛି ପଇସା ଦରକାର ମେସେଜ କରିଦେବ ମତେ, କଲ କରି ବିରକ୍ତି କରିବ ନାହିଁ ।

ତମର ବି ନିଜର ଲାଇଫ ଅଛି, ଆଗକୁ ବଢ, ଏଇ ସାମାନ୍ୟ ଛୋଟ ଛୋଟ କଥାରେ ଏତେ ସିରିୟସ ନ ହୋଇ ଜଷ୍ଟ ଚିଲ୍ । ଏମିତି ହୁଏ ଜୀବନରେ । ଆଉ ହଁ ଆ ପରଠୁ ତମର ଯେମିତି ଚେହେରା ନ ଦେଖେ । କେବେ କଲ କି ମେସେଜ କରିବନି । ମୋ ଉତ୍ତରର ପ୍ରତୀକ୍ଷା ନ କରି ଯେମିତି ତରତର ହୋଇ ଆସିଥିଲ ସେମିତି ଫେରିଗଲ ।

ସତେ ଯେମିତି ପୃଥିବୀର ସବୁ ଭାର ମୋ ମୁଣ୍ଡ ଉପରେ । ପାଦ ତଳୁ ମାଟି ଖସିଗଲା ମୋର। ଚାରିଦିଗ ଅନ୍ଧାର । ଛିଡାହେବାକୁ ମୋ ଶରୀରରେ ଯେମିତି ବଳ ନଥିଲା । ପାଖରେ କେହି ନାହାନ୍ତି ଯାହା କାନ୍ଧରେ ମୁଣ୍ଡ ଦେଇ କାନ୍ଦି ପାରିବି, ନା କାହା କୋଳରେ ଶୋଇ ନିଜର କୋହ ପ୍ରକାଶ କରିପାରିବି । ସତରେ ଏତେ ବଡ଼ ଦୁନିଆରେ ପର ଏକା ମୁଁ ।

ସହୀଦ ନଗର, ଭୁବନେଶ୍ବର

ISSN NO.
2582-208X

# ଆମ ହାତେ ଆମ ପରିବେଶ



କଳ୍ପନା ମିଶ୍ର

ପଞ୍ଚ ମହଭୂତେ ଗଢ଼ା ଏ ଶରୀର
ଶ୍ରେଷ୍ଠ ଜନ୍ମ ମାନବ ର
ଈଶ୍ୱରୀୟ ସତ୍ତା ବିରାଜଇ ସଦା
ସୁନ୍ଦର ଏ ମର୍ତ୍ତ୍ୟ ପୁର ।

ନଦୀ, ନାଳ, ବଣ, ପାହାଡ଼ ପର୍ବତ
ସବୁ ପ୍ରକୃତି ର ଦାନ
ଗଛ, ଲତା, ଝର, ପଶୁ ପକ୍ଷୀ ତାର
ଅପୂର୍ବ ସୃଷ୍ଟି ମହାନ ।

ରଖିବା ଯତନେ ନିଜ ପରିବେଶ
ଆବର୍ଜନା ସଫା କରି
ରୋଗ ବଇରାଗ ହେବନାହିଁ କେବେ
ସୁଖେ ଦିନ ଯିବ ସରି ।

ପ୍ରକୃତି କାନ୍ଦଇ ଆମ ଅତ୍ୟାଚାରେ
ବିପଦ ଆସଇ ମାଡି
ଆମ ଦ୍ୱାରା ଏବେ ପରିବେଶ ନଷ୍ଟ
ଜୀବ ଜନ୍ତୁ ଦିଅନ୍ତି ରଡି ।

ଜଙ୍ଗଲ କାଟୁଛେ ନିଜ ସୁଖ ପାଇଁ
ଉତ୍ତାପ ବଢି ଚାଲିଛି
ପରିବେଶ ଏବେ ସୁରକ୍ଷିତ ନୁହେଁ
ଧରଣୀ କୋପ କରିଛ ।

ପ୍ରକୃତି ସୁରକ୍ଷା ପରିବେଶ ରକ୍ଷା
ନିମନ୍ତେ କରିବା ପଣ
ମହା ବିପଦରୁ ଉଦ୍ଧାର ପାଇବା
ବଞ୍ଚିବ ଆମର ପ୍ରାଣ ।

ହରିପୁର,ସୁକନ୍ଦା,
ଯାଜପୁର-୭୫୫୦୧୮
ମୋ: 8847849093

ISSN NO.
2582-208X

# ନ ଆସୁ ଫଗୁଣ



ଅଜିତ ପାଢ଼ି

ଦେଖ ଦେଖ ସେମାନଙ୍କୁ
ଶେଷ ହୋଇଅଛି ନିର୍ବାଚନ
ଥିଲା ତବ ଓଜସ୍ୱୀ ଭାଷଣ
ସ୍ନେହ, ଶ୍ରଦ୍ଧା, ପ୍ରେମ ତବ
ମହୁଲୀମଦ ର ଜ୍ୟୋସ୍ନାଏ
ସଜ୍ଞାହୀନ ମୁଁ ଘରଛଡା ଦାଦନ .... (ମୁଁ)....
ଶୀତଳ ରକ୍ତ କୁ ଉଷୁମେଇ
ତବ ଅନୁକମ୍ପା ଅର୍ଥରାଶି
ସର୍ମପିତ ସମଭାବ
ମଦ ବନ୍ୟା ଭିତରେ
ତୁମେ ହୋଇଯାଅ ବଳିୟାନ୍
ହେଲେ ମୁଁ ? ସେହି ତ ଦାଦନ

ଦାଦନ ର ପରିଭାଷା ମୁଁ ନିଜେ
ଫଗୁଣ ତ ସେ .... ଆସେ ତ ଫଗୁଣ
ହୋଲି ଖେଳ ରଙ୍ଗମଞ୍ଚ
ରଙ୍ଗାରଙ୍ଗ ନୁହେଁ କି ?
ଧର୍ଷଣ ତ ଛୋଟବଡ
ହାସ୍ୟସ୍ପଦ ନୁହେଁକି ?

ଚିତ୍କାର ଭିତରେ ଓଜସ୍ୱୀ ଭାଷଣ
ସଜ୍ଞାହୀନ ମୁଁ ଘରଛଡା ଦାଦନ .... (ମୁଁ)....

ଖଟିଆରେ ଗର୍ଭବତୀ
କହନ୍ତି ସେମାନେ .. ଏତ ଦୈନନ୍ଦିନ?
ଅଶ୍ରୁଭରା ଜୀବନ ଭିତରେ
ନ ଆସୁ ଫଗୁଣ
ଭୋକର ନିଲାମ ସଂଘର୍ଷ ରେ
ଚୁକ୍ତିବଦ୍ଧ ସେହି ତ ଦାଦନ ...(ମୁଁ)...
ସେହି ଅଶ୍ରୁଭରା ଭିତରେ
ନ ଆସୁ ଫଗୁଣ...?.. ନ ଆସୁ ଫଗୁଣ ....!

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

ISSN NO.
2582-208X

# କ୍ରୀତଦାସର ଗଦ୍ୟକାବ୍ୟ
# "କୃଷ୍ଣଚୂଡା"

ମାଧବାନନ୍ଦ ପାତ୍ର

"ମଣିଷ ମରିଯାଏ, କୋଉଦିନ ନିଜ ଅଲକ୍ଷିତରେ ମରିଯାଏ । ତା ପରେ ଯେଉଁ ଅବଶିଷ୍ଟ ଜୀବନ ପଡିରହେ, ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା ।" ଏ ଧାଡି କେବଳ ଗୋଟିଏ ଗଳ୍ପର ଧାଡି ନୁହେଁ । ଏହା ଗୋଟିଏ ମଣିଷର ଅନ୍ତସ୍ବର, ଯେଉଁ ମଣିଷ ବଞ୍ଚିରହେ ଅନ୍ୟଜଣକର ଇଙ୍ଗୀତରେ ଗୋଟେ ପରାଧୀନ କ୍ରୀତଦାସ ସାଜି ।

ଆଜିର ଆଧୁନିକତା ପଛରେ ଧାଉଁଥିବା ମଣିଷ କିମ୍ବା ଜ୍ଞାନର ପରିସର ପଢାଇବା ବାହାନାରେ ବୈଷୟିକ ବା ପାଠ୍ୟ ଖସଡା ସଂପର୍କୀତ ଜ୍ଞାନ ଅର୍ଜନ କରି ମଣିଷ ଯେଉଁଠି ଅଟକୁଛି ଏବଂ ନିଜକୁ ମନେ କରୁଛି ଆଧୁନିକ ସମାଜର୍ ଶ୍ରେଷ୍ଠ ନାଗରିକ, ସେହିମାନେ ହିଁ ଏମିତି ଏକ ସମୟରେ ବେଳେବେଳେ ପହଞ୍ଚନ୍ତି, ଯେତେବେଳେ ସେମାନଙ୍କୁ ଲାଗେ ସାଧାରଣ ଚାଷୀର ଜୀବନଠାରୁ ସେମାନଙ୍କ ଜୀବନ କେତେ ଅସହାୟ । ବର୍ତ୍ତମାନ ସମୟରେ ଆମେ ଯଦି କୌଣସି ଖବରକାଗଜର ପୃଷ୍ଠା ଓଲଟାଇ ଦେଉଛେ ତେବେ ପ୍ରତିଟି ପୃଷ୍ଠାରେ ଲକ୍ଷ୍ୟ ଅରୁଛେ ଚାପଗ୍ରସ୍ତ ମଣିଷର କଥା । ଯେଉଁମାନେ ଦିନେ ନିଜକୁ ଏ ସମାଜରେ ପ୍ରତିଷ୍ଠିତ କରାଇବା ପାଇଁ ଧାଇଁଥିଲେ ଗୋଟିଏ ଗାରପକା ଅଦୃଶ୍ୟ ଟ୍ରାକ୍ ରେ, ସେମାନେ ଯେତେବେଳେ ପହଞ୍ଚିଗଲେ ନିଜର ଅଭିଳଷିତ ସ୍ଥାନରେ, ସେଠାରେ ମଧ୍ୟ ସହ୍ୟ କରିବାକୁ ହେଲା କାହାର ଇଙ୍ଗିତରେ ନିଜର ସଫଳତା ଆଉ ବିଫଳତା । ପୁନଶ୍ଚ ତାହାରି ଇଙ୍ଗୀତରେ ହିଁ ଚାଲିବାକୁ ହେବ ନିଜ ଉପସିତ ପଥ ଓ ପୃଥିବୀ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଣିଷ ମନର ଏପରି ଦୟନୀୟ ଏବଂ ଅସହାୟ ଅବସ୍ଥାକୁ ବେଶ୍ ଭଲ ଭାବରେ ଅନୁଭବ କରିଥିଲେ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି । ଉଭୟ ସ୍ଥିତିବାଦ ଓ ମନସ୍ତତ୍ତ୍ୱ ଉପରେ ତାଙ୍କର ଯେଉଁ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଥିଲା, ତାହା ହିଁ ସ୍ୱାଧୀନତା ପରବର୍ତ୍ତୀ ସମୟର ଗଳ୍ପକୁ ଦେଲା ନୂଆ ମୋଡ । ଗଳ୍ପର ବିଷୟ ଅଥବା ପରିବେଷଣ ଶୈଳୀ; ଏ ଦିଗରେ ଗାଳ୍ପିକଙ୍କର ପରୀକ୍ଷା ସଫଳତାର ସହିତ ହେବା ସହିତ

ISSN NO.
2582-208X

ନୂତନ ଗଳ୍ପ ସ୍ରଷ୍ଟାଙ୍କ ପାଇଁ ସୃଷ୍ଟି କଲା ନୂତନ ଆହ୍ୱାନ । ଏ ଦିଗରୁ ଯଦି ବିଚାର କରାଯାଏ ଶ୍ରୀଯୁକ୍ତ ମହାନ୍ତିଙ୍କର "କୃଷ୍ଣଚୂଡା" ଗଳ୍ପ ଏକ ସଫଳ ମନସ୍ତତ୍ତ୍ୱଧର୍ମୀ ଆଧୁନିକ ମଣିଷର ବାସ୍ତବ ସ୍ୱର ।

କୃଷ୍ଣଚୂଡା" ଗଳ୍ପଟି ଚେତନା ପ୍ରବାହ ଧାରାରେ ଚରିତ୍ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ସୃଷ୍ଟି ମଧ୍ୟରେ ସ୍ୱତନ୍ତ୍ର । ଗଳ୍ପ ନାୟକ ସଦାନନ୍ଦ ଜଣେ ପ୍ରୁଫରିଡର ଓ ସମ୍ପାଦକ ମଧ୍ୟ ସାପ୍ତାହିକ ଖବରକାଗଜ "ସଂଗ୍ରାମ" ର । ସାମ୍ବାଦିକ ଜୀବନର ନିୟମରେ ଚାଲିବାବେଳେ ସେ ନିଜକୁ ସ୍ୱାଧୀନ ମନେ କରେନାହିଁ । କୌଣସି ଖବରର ସତ୍ୟତା ସଂପର୍କରେ ମଧ୍ୟ ତାକୁ ନିର୍ଭର କରିବାକୁ ହେଉଛି କାହାର ଆଦର୍ଶକୁ । ସେ ନିଜକୁ ଭାବି ନେଇଛି କ୍ରୀତଦାସ । ଯେତେବେଳେ କୌଣସି ଏକ ଖବରର ପ୍ରୁଫ୍ ଦେଖୁଛି ସେ, ଆଉ ମାତ୍ର ଚାରି ପୃଷ୍ଠା ତାକୁ କ୍ଳାନ୍ତିକର ଲାଗିଛି । ଏ ଚାରିକାନ୍ଥ ଆବଦ୍ଧ ଅଫିସ୍ ଘର ଯେମିତି ମନେହେଉଛି ନର୍କର ଏକ ଭଗ୍ନ ଗୃହ । ଯେଉଁଠାରେ ଜୀବନ ଅସ୍ଥାୟୀ, ସ୍ୱପ୍ନ ମଧ୍ୟ ଅସ୍ଥାୟୀ । ଚେୟାରରୁ ଉଠି ଦେଖିଛି ବାହାରେ ଠିକ୍ ଅଫିସର ଝରକାକୁ ଲାଗି ଗୋଟିଏ ସୁନ୍ଦର କୃଷ୍ଣଚୂଡା ଗଛ । ବର୍ଷା ପରବର୍ତ୍ତୀ ସେ କୃଷ୍ଣଚୂଡା ଯେମିତି ତାକୁ ଖତେଇ ହେଉଛି । ସେ ଭାବିଛି ନିଜ ଯୌବନର କଥା । ତମସା ପାଇଁ ସେ ତୋଳି ଆଣିଥିବା କୃଷ୍ଣଚୂଡା ଫୁଲ ଦିନେ ଖୋସି ଦେଇଥିଲା ତାର ମନୋଲୋଭା କେଶରେ । ଅତୀତଟା କେଡେ ସୁନ୍ଦର ସତେ! ସ୍ୱପ୍ନ, ସ୍ୱାଧୀନତା, ପ୍ରେମ, ହସ- ଏସବୁ କେତେ ଅମ୍ଳାନର ଗୁଣ ବହନ ନକରେ ସତେ !! ଆଜି ବୟସର ଅପରାହ୍ନରେ ସେ ଯଦି ଗଛରେ ଚଢି ଏ ଫୁଲ ତୋଳେ ତେବେ ଲୋକମାନେ ଆଉ ଏ ସମାଜ କଣ ଭାବିବେ? ତଥାପି ମନ ସ୍ଥିର କରି ବର୍ଷାର ସାମାନ୍ୟ ସ୍ପର୍ଶରେ ଚଢିଛି ଗଛରେ । ସୁରକ୍ଷାକର୍ମୀ କନେଷ୍ଟବଳର ଆଖିରେ ପଡି ନିଜକୁ ଲଜ୍ଜିତ କରି ଫେରିଛି ଗଛରୁ ଓହ୍ଲାଇ । ଏଠାରେ ଗଳ୍ପନାୟକ ଭାବିଛି ସେ ମରିଯାଇଛି । ତାର ଅସ୍ତିତ୍ୱ ବୋଲି କିଛି ନାହିଁ । ସମାଜରେ ତାର ସ୍ୱାଧୀନତା ବୋଲି କିଛି ନାହିଁ । ନିଜର ବୋଲି ସେ କାହା ଆଗରେ କିଛି ମଧ୍ୟ ଦାବି କରିପାରିବନି ।

ଏଠାରେ ଆମକୁ ପ୍ରଥମେ ଲକ୍ଷ୍ୟ କରିବାକୁକ୍ ହେବ ଯେ, ଗଳ୍ପର ନାୟକ ସଦାନନ୍ଦ ଆଉ କେହି ନୁହେଁ; ସେ ହେଉଛନ୍ତି ସ୍ୱୟଂ ଗଳ୍ପସ୍ରଷ୍ଟା ସୁରନ୍ଦ୍ର ମହାନ୍ତି । ସେ ମଧ୍ୟ ଥିଲେ ଜଣେ ସାମ୍ବାଦିକ । ସେ ଅନୁଭବ କରିଥିବା ବାସ୍ତବତା ଏଠାରେ କେବଳ କଳାତ୍ମକ ଭାବରେ ଉପସ୍ଥାପିତ ହୋଇଛି କେବଳ । ନିଜତ୍ୱହୀନ ମଣିଷ ଏବଂ ପରାଧୀନ ମଣିଷ ଗୋଟିଏ

ISSN NO.
2582-208X

ମୃତଦେହ ସହ ସମାନ ବୋଲି ଗାଳ୍ପିକଙ୍କ ମତ । ଯେତେବେଳେ ଜଣେ ବ୍ୟକ୍ତି ସମାଜରେ ନିଜକୁ ପ୍ରତିଷ୍ଠା କରିବାକୁ ଚାହେଁ, ସେତେବେଳେ ତାର ଆଖି ସାମ୍ନାରେ ସବୁଠାରୁ ବଡା ଦିଶେ କୌଣସି ଗୋଟିଏ ଚାକିରୀ, ଯେଉଁଥିରେ ପରିଚୟ, ଅର୍ଥ ମିଳିପାରିବ । ଯାହା ଦେଖି ଅନ୍ୟ ମଣିଷମାନେ ସମ୍ମାନ କରିବେ । କିନ୍ତୁ ଏହାରିଭିତରେ ବି ମଣିଷର ବାହ୍ୟ ଜୀବନ ବ୍ୟତୀତ ଗୋଟିଏ ମନଟିଏ ଅଛି, ଯିଏ ଚାହେଁ ସ୍ଥିରତା, ସହାନୁଭୂତି, ଭଲପାଇବା ଇତ୍ୟାଦି ।  ଗାଳ୍ପିକ ଏଠାରେ ସ୍ପଷ୍ଟ କରିଦେଇଚନ୍ତି ଆଜିର ଆଧୁନିକ ମଣିଷ ଯେଉଁ ସମ୍ମାନ ପଛରେ ଧାଇଁଛି ତା ଭିତରେ ଯେ ନିୟମ ରୂପକ ଅଗ୍ନିରେଖା ଟାଣାହେଇଛି ଏବଂ ତାକୁ ଟପିଲେ ବିପଦ; ସେଥିପାଇଁ ନିଜକୁ କ୍ରୀତଦାସ ହିଁ କରିଦେବାକୁ ହେବ । ଯେଉଁମାନେ ଆତ୍ମ ସ୍ୱାଭିମାନୀ ସେମାନେ ଏହାଠାରୁ ବହୁ ଦୂରରେ । ସଦାନନ୍ଦ ନିଜେ ଏ ଚାକିରୀ ଭିତରେ ଏକ ରକମ ଧନ୍ଦି ହୋଇଗଲାଣି । ସ୍ୱପ୍ନ ସବୁ ସରିଗଲାଣି । ପୁନଶ୍ଚ ବ୍ୟକ୍ତିଟିଏ ଯେତେବେଳେ ସମାଜରେ ନିଜର ପରିଚୟ ସୃଷ୍ଟିକରିସାରେ, ସେତେବେଳେ ତାକୁ ବଞ୍ଚିବାକୁ ହୋଇଥାଏ ସଚେତନ ଭାବରେ ସମାଜର ପରମ୍ପରା ଅନୁସାରେ । ଗଳ୍ପର ପରିଣତିରେ ସଦାନନ୍ଦ ଯେତେବେଳେ ଗଛକୁ ଗଢ଼ିଚି, କନେଷ୍ଟବଳ ତାକୁ ଚିହ୍ନି ଦେଇଛି, ସେତେବେଳେ ସଦାନନ୍ଦ ନିଜ ଭିତରେ ଟିକିଏ ଅପ୍ରତିଭ ହୋଇପଡିଛି । ନିଜକୁ ଲଜ୍ଜିତ ମନେକରିଛି ସାମାନ୍ୟ କନେଷ୍ଟବଳ ଆଖିରେ । ସେତେବେଳେ ସେ ଭାବିଛି ନିଜର ସ୍ୱପ୍ନ, ନିଜର ଇଚ୍ଛା କେମିତି କ୍ରୀତଦାସ ହୋଇଯିବା ପରେ ଜଳାଞ୍ଜଳି ଦେଇଦେବାକୁ ହୋଇଥାଏ । ସେହିକ୍ଷଣି ସଦାନନ୍ଦ ମନେକରିଛି ସେ ଆଉ ବଞ୍ଚି ରହିନାହିଁ । ଯାହା ପ୍ରତ୍ୟେକ କର୍ମଜୀବୀ ବ୍ୟତି ଅନୁଭବ କରିଥିବେ ଅଳ୍ପେ ବହୁତେ ।

ଗଳ୍ପଟିକୁ ପ୍ରତୀକାତ୍ମକ ନାମ କରିଛନ୍ତି ଗାଳ୍ପିକ ଶ୍ରୀଯୁକ୍ତ ମହାନ୍ତି । କୃଷ୍ଣଚୂଡା ଫୁଲ ଦେଖିବାକୁ ସୁନ୍ଦର କିନ୍ତୁ ତାର ବାସ୍ନା ନାହିଁ । ପୁନଶ୍ଚ ଏହା କୌଣସି ଦେବତାଙ୍କଠାରେ ଲାଗି ହୋଇପାରେ ନାହିଁ । ଠିକ୍ ସେମିତି ଆଧୁନିକ କର୍ତ୍ତବ୍ୟରତ ମଣିଷ ଦେଖିବାକୁ ଏମାନେ ରାଜକୀୟ, କିନ୍ତୁ ଏମାନଙ୍କ ଅନ୍ତର ଯେ ବାସ୍ନାହୀନ, ରଙ୍ଗହୀନ, ସ୍ୱପ୍ନହୀନ ହୋଇପଡିଛି, ତାହାକୁ ଲକ୍ଷ୍ୟ କରିବାକୁ ଏ ଦୁନିଆରେ କେହି ନାହାନ୍ତି । ଏମାନଙ୍କ ଜୀବନ କୃଷ୍ଣଚୂଡା ଫୁଲର ଜୀବନ ।

ଗାଳ୍ପିକଙ୍କ ଜୀବନରେ ଏମିତି ମୁହୂର୍ତ୍ତ ଆସିଥିବ ନିଶ୍ଚୟ, ଯେତେବେଳେ ସେ ଅନୁଭବ କରିଥିବେ ନିଜ ଜୀବନର କ୍ରୀତଦାସତ୍ୱ । ଯାହା ଫଳରେ ଗଳ୍ପଟିକୁ ଏତେ ସୁନ୍ଦର ଭାବରେ

ISSN NO.
2582-208X

ପରିବେଷଣ କରିପାରିଛନ୍ତି । ସଦାନନ୍ଦର ମନ ମଧ୍ୟରେ ଯେଉଁ ଅତୀତ ଏବଂ ବର୍ତ୍ତମାନର ଚେତନା ପ୍ରବାହୀ ଧାରା ଗାଳ୍ପିକ ଉପସ୍ଥାପନା କରିଛନ୍ତି, ତାହା ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ନିଃସଙ୍ଗ ମଣିଷକୁ ନେଇ ବିଭିନ୍ନ ଗଳ୍ପ ସ୍ରଷ୍ଟାଙ୍କ ପରୀକ୍ଷାନିରୀକ୍ଷା, ଚେତନାପ୍ରବାହୀ ବା ମନସ୍ତତ୍ତ୍ୱଧର୍ମୀ କାହାଣୀ ପରିବେଷଣରେ ଗୋପୀନାଥଙ୍କ ପରି ସୁରେନ୍ଦ୍ର ମହାନ୍ତି ମଧ୍ୟ ପରିଚୟ ସୃଷ୍ଟି କରିପାରିଛନ୍ତି । ତେବେ ସେ ଯାହାହେଉ, ଆଧୁନିକ କର୍ମଜୀବୀ ନିଃସଙ୍ଗ ମଣିଷର ଚେତନାସ୍ତରକୁ ଗାଳ୍ପିକ ସୁରେନ୍ଦ୍ର ମହାନ୍ତି ଯେପରି ଭାବରେ ଅଧ୍ୟୟନ କରି ସଫଳତାପୂର୍ବକ ଗଳ୍ପକଳା ମାଧ୍ୟମରେ  ପରିବେଷଣ କରିଛନ୍ତି, ତାହା ବାସ୍ତବିକ ଅନନ୍ୟ । ଓଡିଆ ଗଳ୍ପ ସାହିତ୍ୟରେ ଏହି କୃଷ୍ଣଚୂଡା ଗଳ୍ପଟି ଆଧୁନିକ ଚେତନାର କ୍ରୀତଦାସମାନଙ୍କ ଗଦ୍ୟକାବ୍ୟ ଭାବରେ ରହିଥିବ କାଳକାଳ ଯାଏଁ ।

ଜ୍ଞାନମନ୍ଦିର, କଲେଜପାଖ
ମଦନପୁର, କେନ୍ଦ୍ରାପଡା-୭୫୪୨୪୬
ମୋ: ୯୯୩୭୨୧୨୭୯୫
Email: madhabanandapatra7@gmail.com

ISSN NO.
2582-208X

# ନୀରବ ଅସହାୟତା

ଆଦ୍ୟରଶ୍ମି ନନ୍ଦ

ଅବିଶ୍ୱାଷର ମାୟା ମଣ୍ଡଳରେ, ସତ୍ୟର ନିଷ୍ଠୁରତା ଲୁଚିଯାଏ
ଦିନର ଦିବାଲୋକରେ, ସତ୍ୟ ଏଠି ଘୂରି ବୁଲୁଥାଏ
ନ୍ୟାୟର ଆଶାରେ ନାଁ ଆଗକୁ ମାଡିବାର ଅଭିମାନ ଅଛି
ନାଁ ପଛକୁ ଫେରିବାର ଆକର୍ଷଣ ଆତ୍ମା ବିବେକକୁ ପ୍ରଶ୍ନ କରୁଥାଏ,
କେତେଦିନ ତୁ ଢାଙ୍କିବୁ "ସତ୍ୟ"କୁ ତୋ ପଣତକାନିରେ !
ଢାଙ୍କିଦେଲେ କଣ ଲିଭିଯିବ ସତ୍ୟର ଜୀବନ .. !
ହେଲେ, ଲିଭିଗଲା ପରେ ବି ସେଇ ଗୋଟିଏ କଥା ସ୍ପଷ୍ଟ ଲିପିବଦ୍ଧ
ହୋଇ ରହିଥିବ ମୋ ସମଗ୍ର ସତ୍ତାରେ –
ମୁଁ ବାରଂବାର ରାଜରାସ୍ତାରେ ଚିତ୍କାର କରୁ କହୁଥାଏ,
ମିଛ ଆଉ ସତର ଫରକ୍ ବିଷୟରେ, ହେଲେ କିନ୍ତୁ କିଛି ଫରକ୍ ପଡୁନଥାଏ
କାହାଭିତରେ, ସମାଜର ବିଡଭାଡ୍ ରେ,
ସବୁ ସେମିତି ଚାଲିଥାଏ କର୍ମମୟ ଜୀବନର ଗତିଚକ୍ରରେ
ସତେ ଯେମିତି କିଏ ମୋ ଭିତରେ ଥାଇ କହୁଥାଏ, ତୁମେ କଣ ଭାବୁଛ, ଏଠି ନ୍ୟାୟ
ମିଳିବ ତୁମକୁ ..... ?.... ?
ତୁମ ଚିତ୍କାରକୁ କେହି କଣ କେବେ ଶୁଣି ପାରିବେ...?
ଏଠି ସବୁ ଡିଲ୍ ହୁଏ ବନ୍ଦ କାରର କୋଠରୀ ଭିତରେ,
ସତ୍ୟ, ନ୍ୟାୟର ପରାଜୟ ଘଟେ ବିଶ୍ୱାସର କଚେରୀରେ
ଏଠି "ମରାମରା" କେବେ "ରାମରାମ" ର ପବିତ୍ର ଶବ୍ଦରେ
ବଦଳିବାର ଗପ ଶୁଣାଏ ଆଉ କେଉଁକାଳୁ ମାଟିର ଚାଦର ଘୋଡେଇ ହୋଇ
ହୁଙ୍କା ପାଲଟିଯାଏ ଦସ୍ୟୁ ରତ୍ନାକର

ISSN NO.
2582-208X

ହେଲେ ମାଟିର ଗର୍ଭ ଫାଟି କେହି ବାଲ୍ମୀକି କେବେ ଜନ୍ମ ନିଅନ୍ତିନି-"ବଲ୍ମିକ" ରୁ
"ବାଲ୍ମୀକି" ହେବାକୁ କେହି କେବେ ଇଛନ୍ତିନି
ବିଧାତା ର ଆଶୀର୍ବାଦ ପାଇଁ ଅପେକ୍ଷାର ବି ସମୟ ନଥାଏ ଏଠି
ଆଦର୍ଶ ରାମରାଜ୍ୟ ସ୍ୱପ୍ନ କିମ୍ବଦନ୍ତୀ ଗପ ଏଠି, ଗାନ୍ଧୀ ବୁଢା ଏକ ବର୍ଣ୍ଣନା ମାତ୍ର
ତଥାପି ବି ସ୍ୱପ୍ନ ଅଛି, ଅଛି ସମ୍ଭାବନା ଆଉ ବାକି ଅଛି ସ୍ୱପ୍ନ ପାଇଁ ରାତି
ପୁଣିଥରେ ଉଷାର ଜଠରୁ ସତ୍ୟର ସୂର୍ଯ୍ୟ ମୁକୁଳି ଆସିବ
ମୁମୂର୍ଷୁ ଅମାବାସ୍ୟାର ଆଦ୍ର ଅସହାୟତାରୁ ॥

ସୁନ୍ଦରପଦା

ISSN NO.
2582-208X

# ସୁରେନ୍ଦ୍ର ସାଏ, ସୁଭାଷ ଚନ୍ଦ୍ର ବୋଷ ଓ ଜାନୁୟାରୀ ୨୩ ତାରିଖ



କାଳପ୍ରସାଦ ମହାପାତ୍ର

ସୁରେନ୍ଦ୍ର ସୁଭାଷ ଉତ୍କଳ ସନ୍ତାନ
ଜଗତେ ରଖିଲେ ନାମ
ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
କରିଗଲେ କେତେ କାମ।।

ଅଠରଶହ ସତେଇଶ ମସିହାରେ
ସୁରେନ୍ଦ୍ର ଜନମ ନେଲେ
ଅଠରଶ  ସତାନବେ ମସିହାରେ
ସୁଭାଷ ଜନମ ହେଲେ।।

ଜାନୁୟାରୀ ମାସ ତେଇଶ ତାରିଖ
ଓଡିଶାର ପାଣିମାଟି
କ୍ରାନ୍ତିକାରୀ ବୀର ସୁରେନ୍ଦ୍ର ସୁଭାଷ
ଭାରତକୁ ଦେଲା ଭେଟି।।

ବଣପାହାଡ ଘେରା ସମ୍ବଲପୁରଟି
ମାଆ ସମଲାଇ ସାହା
ଇଂରେଜ ଶାସନ ସହିପାରଲେନି
ସହିବାରଥିଲା ଯାହା।।

ଭାଇ ବଳରାମ ପୁତ୍ରଟି ଉଦୟ
ଘେଁସ ନେତା ମାଧୋ ସିଂହ
ଘେରାଉ କରିଲେ ଇଂରେଜ ବାହିନୀ
ଧନୁତୀର ଖଣ୍ଡା  ସହ।।

ବନ୍ଦୀର ଜୀବନ ହଜାରିବାଗରେ
ମୁକୁଳିଲେ ଯେବେ ସେଠୁ
ଲଢିଲେ ଲଢିଲେ ହରାଇଲେ ସବୁ
ଭାଇବଂଧୁ କୁଟୁମ୍ବଙ୍କୁ।।

ISSN NO.
2582-208X

ଅଠରଶ ଚୌରାଅଶି ମସିହାର
ଫେବୃୟାରୀ ଅଠାଇଶ
ଅସୁରଗଡର ଜେଲ ଭିତରେଟି
ଛାଡିଲେ ଶେଷ ନିଃଶ୍ୱାସ । ।

କଟକ ସହର ଓଡିଆ ବଜାରେ
ସୁଭାଷ ଚନ୍ଦ୍ର ବୋଷ
ପଢିଲେ ପାଠ କଲେଜିଏଟରେ
କଲେଜ ପ୍ରେସିଡ଼େନସ ।।

ଦୁଇ ଦୁଇଥର ସଭାପତି ହେଲେ
ଭାରତ ଜାତୀୟ କଂଗ୍ରେସର
ଗାନ୍ଧିଜୀଙ୍କ ହାତ ଛାଡିଲେ ନେତାଜୀ
ବୁଝିବାକୁ ଦୁଃଖ ଦେଶ ମା'ର ।।

ଚତୁରତା ସହ ଜେଲରୁ ଖସିଲେ
ଚାଲିଲେ ଜାପାନ ଦେଶ
ଆଜାଦ ହିନ୍ଦ ଫୌଜ ଗଢିଲେ ନିଜେ
ପାଇବାକୁ ଆମ ଦେଶ ।।

ସିମିଲାଠାରୁ "ଦିଲ୍ଲୀ ଚଲୋ" ଡାକରେ
କମ୍ପିଲା ଭାରତ ମାଟି
ରକ୍ତ ଦିଅ ମୋତେ ସ୍ୱାଧିନତା ଦେବି
ଡାକରା ଥିଲେ ଦେଇଟି ।।

ଉଣଇଶ ପଇଁଚାଳିଶ ମସିହା
ଦ୍ୱିତୀୟ ବିଶ୍ୱଯୁଦ୍ଧରେ
ହାରିଲା ଜାପାନ ଆମେରିକାଠାରୁ
କାନ୍ଦିଲା ଯୁଦ୍ଧ ଶେଷରେ ।।

ବିମାନ ଖସିଲା ଆକାଶ ପଥରୁ
ଖଣ୍ଡ ଖଣ୍ଡ ଜଳିଗଲା
ସୁଭାଷ ଆମ୍ଭର କେଉଁଆଡ଼େ ଗଲେ
କିଛି ଜଣା ନ ପଡିଲା ।।

ରହସ୍ୟ ରହସ୍ୟ ହୋଇ ରହିଗଲା
ଇତିହାସ ରହେ ସାକ୍ଷୀ
କେଉଁଆଡ଼େ ଗଲେ ନେତାଜୀ ଆମ୍ଭର
ଖୋଜେ ଭାରତ ମା'ର ଆଖି ।।

କରୁଛି ପ୍ରଣାମ ହେ! ବୀର ପୁରୁଷ
କୋଟି କୋଟି ବାର ମୁଁହିଁ
ଆସିବ କି ଥରେ ଭାରତ ଭୁଇଁକୁ
ଆମେ ରହିଅଛୁ ଚାହିଁ ।।
*************

ଭାରତ ମାତା କି ଜୟ

ଶିକ୍ଷକ, ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ବିଶ୍ୱଗୁରୁ ଭାରତ ଆଜି ନଗ୍ନ

ସରସ୍ୱତୀ ଜୟସିଂହ

ମୋ କଲମ ଯେତେ ଚେଷ୍ଟା କରେ ଟିକିଏ ବିଶ୍ରାମ ନେବ ବୋଲି, କିନ୍ତୁ ପବିତ୍ର ଭାରତବର୍ଷରେ ଘଟିଯାଉଥିବା ଲୋମଟାଙ୍କୁରା ଘଟଣା ଲେଖନୀମୁନରେ ଆପେ ଆପେ ଧରାପଡ଼ିଯାଏ । ତାହା କରମଣ୍ଡଳ ଏକ୍ସପ୍ରେସର ମର୍ମନ୍ତୁଦ ଦୁର୍ଘଟଣା ହେଉ ବା ମଣିପୁରର କଳଙ୍କିତ ଅଧ୍ୟାୟ ହେଉ, ସଦାସର୍ବଦା ସତ୍ୟର ସାରଥି ହୋଇ କଲମ ତାର ପାରିଦର୍ଶିତା ପ୍ରଦର୍ଶନ କରିଛି । ତେବେ ଆଜି କାହିଁକି ସେ ନାରୀର ଅସ୍ତିତ୍ୱ ଉପରେ ଲାଗିଥିବା ପ୍ରଶ୍ନଚିହ୍ନ ଉପରେ ନ ଲେଖିବ ?

ସଂସ୍କୃତରେ ଶ୍ଳୋକଟିଏ ମନେପଡେ - "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତି ତତ୍ର ଦେବତାଃ ।"

ଅର୍ଥାତ୍ ଯେଉଁଠାରେ ନାରୀମାନଙ୍କୁ ସସମ୍ମାନେ ପୂଜନ କରାଯାଏ, ସେଠାରେ ସର୍ବ ଦେବତାମାନେ ବାସ କରିଥାନ୍ତି । କିନ୍ତୁ ମଣିପୁରର ସେହି ଦଙ୍ଗା ଯେଉଁଠି ସମଗ୍ର ପୁରୁଷ ଜାତିର ଭିତରେ ନାରୀଙ୍କୁ ଉଲଗ୍ନ କରି ଗୌରବର ଡିଣ୍ଡିମ ପିଟା ଯାଉଥିଲା ଏବଂ ଭିଡର ଗହଳି ମଧ୍ୟ ନିର୍ଲ୍ଲଜଙ୍କ ଭଳି ସେହି କୁକର୍ମର ପଦାଙ୍କ ଅନୁସରଣ କରୁଥିଲା। ଛି ! ଏହା କ'ଣ ସେହି ପବିତ୍ର ଭାରତବର୍ଷ ଯେଉଁଠି ଜଗତଜନନୀ ମା ଅମ୍ବିକାଙ୍କୁ ପୂଜା କରାଯାଏ ଓ ଯାହାର ପବିତ୍ର କୋଳରେ ଗାର୍ଗୀ, ଅପାଲା ଓ ବିଶ୍ୱମ୍ବରାଙ୍କ ଭଳି ସୁକନ୍ୟାମାନେ ଦେଇ ଗୌରବ ମଣ୍ଡିତ ହୋଇଛନ୍ତି, ସେହି ଭାରତବର୍ଷର ମଣିପୁର ସଂଘଟିତ ହୋଇଯାଇଛି ପିଶାଚିକ ଓ ନାରକୀୟ କାଣ୍ଡ । ସତେ ଅବା ଦ୍ରୌପଦୀଙ୍କ ବସ୍ତ୍ରହରଣର ଦୋହରାକରଣ !

ମଣିପୁରର ଏହି ଘଟଣା ପାଇଁ ସାରା ଭାରତ ଆଜି ନଗ୍ନ। ଗଣତନ୍ତ୍ରର ଧ୍ୱଜାକୁ ଉଡାଉଥିବା ଗଣତାନ୍ତ୍ରିକ ରାଷ୍ଟ୍ରର ସଂଜ୍ଞା କଅଣ ଏହା ? ସାମାଜିକ, ରାଜନୈତିକ ବା ପାରିବାରିକ

ISSN NO.
2582-208X

ବିଷୟ ହେଉ ସବୁବେଳେ ନାରୀକୁ ହିଁ ପ୍ରସଙ୍ଗର କେନ୍ଦ୍ରବିନ୍ଦୁ ପାଇଁ ଏକ ମୋହର ଭଳି ବ୍ୟବହାର କରାଯାଉଛି । ଯେଉଁଠି ନାରୀର ସମ୍ମାନ କେବଳ ତଥାକଥିତ ପୁରୁଷ ଗୋଷ୍ଠୀଙ୍କ ହାତରେ ହିଁ ବନ୍ଧା, ତାହାକୁ ଆମେ ବିଶ୍ୱଗୁରୁ ଭାରତ ବୋଲି କହୁଛେ ? ସେହି ଭାରତ ଯେଉଁଠି ନିର୍ଭୟା ମାମଲାରେ ନ୍ୟାୟ ପ୍ରଦାନ ପାଇଁ ଭାରତର ନ୍ୟାୟ ବ୍ୟବସ୍ଥାକୁ ଦୀର୍ଘ ୭ ବର୍ଷ ୩ମାସ ୪ଦିନ ଲାଗିଯାଇଥିଲା ଏବଂ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କହୁଥିବା ଏହି ଗଣମାଧ୍ୟମକୁ ମଣିପୁରର ଘଟଣାର ସତ୍ୟତା ସମାଜ ଆଗକୁ ଆସିବା ପାଇଁ ୭୮ ଦିନ ସମୟ ଲାଗିଗଲା। ବିଶ୍ୱକୁ ମାନବିକତାର ମୂଲ୍ୟବୋଧ ଶିଖାଉଥିବା ଏହି ରାଷ୍ଟ୍ର ବୋଧହୁଏ ନିଜର ମୂଳ ବୈଶିଷ୍ଟ୍ୟ ହରାଇ ଦେଇଛି। ତେଣୁ ସମାଜ ରାଜନୀତିର ନିକିତିରେ ନାରୀଙ୍କୁ ତଉଲିବା ବନ୍ଦ କରୁ। ପ୍ରଶ୍ନଟିଏ ଉତ୍ଥାପିତ ହୋଇଯାଉଛି ଆପଣାଛାଏଁ ଯେ କେଉଁ ଈପସିତ ଆଂକାକ୍ଷାରେ ରାଜନୀତିର ଯଜ୍ଞକୁଣ୍ଡରେ ଅନୀତିର କାଷ୍ଠରେ ସଜ୍ଜିତ କରାଯାଇ ପବିତ୍ର ଯଜ୍ଞାଗ୍ନିକୁ ଖୋଜା ଯାଉଛି।

ଇତିହାସ ସାକ୍ଷୀରୂପେ ଦଣ୍ଡାୟମାନ ଅଛି ଯେ କିଭଳି ଭାବରେ ସମଗ୍ର ପୁରୁଷ କୁରୁସଭା ମଧ୍ୟରେ ପାଞ୍ଚାଳୀଙ୍କ ପ୍ରତି ହୋଇଥିବା ଅପମାନର ଫଳ ସ୍ୱରୂପ ମହାସମର ମହାଭାରତକୁ ଡାକି ଆଣିଥିଲା ଓ ଜୀବନଯାକ ଧର୍ମର ପାର୍ଶ୍ୱରୁ ଓହରି ନଥିବା ପିତାମହ ଭୀଷ୍ମ ଓ ମହାରଥି କର୍ଣ୍ଣଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ଅଧର୍ମକୁ ମୁଣ୍ଡପାତି ସମର୍ଥନ କରିଥିବା କାରଣରୁ ମୃତ୍ୟୁର ସାମ୍ନା କରିବାକୁ ପଡିଥିଲା। ତେଣୁ ଏ କଳିଯୁଗରେ ଛାର ମଣିଷ ନିଜକୁ ପରିମାର୍ଜିତ କରିବ କିପରି ??

ପରିଶେଷରେ ନାରୀସମାଜକୁ ସଚେତନତାର ବାର୍ତ୍ତାଦେଇ ଜଣାଇବି ଯେ କେବଳ ହାତରେ ଚୁଡି ପିନ୍ଧି ସୌନ୍ଦର୍ଯ୍ୟ ବଢାଇଲେ ହେବନାହିଁ, ସେହି ହାତରେ ଶସ୍ତ୍ର ଚାଳନା କରିବା ଆବଶ୍ୟକ । କେବଳ ମଥାରେ ଟିକିଲି ପିନ୍ଧିଲେ ହେବନାହିଁ ବରଂ ରାଣୀ ଲକ୍ଷ୍ମୀବାଇ ପରି ରଣ ଶୃଙ୍ଗାର ବେଶ ଧାରଣ କରି ବିଜୟ ତିଳକ ପିନ୍ଧିବା ଉଚିତ, କାରଣ ଏହା ଦ୍ୱାପର ନୁହେଁ କଳିଯୁଗ, ଏଠାରେ ଗୋଟିଏ ଦୁର୍ଯ୍ୟୋଧନ ଓ ଦୁଃଶାସନ ନୁହଁନ୍ତି, ଗୋଟିଏ ଗୋଟିଏ ଗଳିରେ ଶହଶହ ଦୁର୍ଯ୍ୟାଧନ ଓ ଦୁଃଶାସନ ଆତଯାତ ହେଉଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିବା ଅପେକ୍ଷା ନିଜ ଲଜ୍ଜା ନିବାରଣ କରିବା ପାଇଁ ନିଜକୁ ଶସ୍ତ୍ର

ISSN NO.
2582-208X

ଉଠାଇବାକୁ ପଡିବ । କଳିଯୁଗରେ ଶହଶହ ଦ୍ରୌପଦୀ ମଣିପୁର ଘଟଣା ପରି ଆପଣାର ଲଜ୍ଜାକୁ ସମ୍ବରଣ କରିପାରୁନାହାଁନ୍ତି ଏବଂ ଓ ତାଙ୍କ ଲଜ୍ଜା ରକ୍ଷାପାଇଁ ମାଧବ ଜଣେ କଣ ବା ସୁରକ୍ଷା ଦେଇପାରିବ !!

"ଇତିହାସ ଅଛି ଇତିହାସ ଥିବ
ନାରୀ ସମ୍ମାନ ସ୍ମରଣ ହେଉ
ଭବିଷ୍ୟତରେ ଏ କଳଙ୍କିତ ପୃଷ୍ଠାର
ପୁନରାବୃତ୍ତି ଘଟି ନ ଯାଉ ।"

ଗଡମୋଟରୀ, ଡେଲାଙ୍ଗ, ପୁରୀ

ISSN NO.
2582-208X

# ବୁଢ଼ା ବରଗଛ



ଡଃ ପ୍ରଦୀପ କୁମାର ପଣ୍ଡା

ସଭିଙ୍କର ଆଶ    ଗ୍ରାମ ଇତିହାସ
ଲେଖୁଛି ଦେଖାଇ ହିଆ,
ଗାଁ କୁ କରି ପଛ    ବୁଢ଼ା ବରଗଛ
ନିରବେ ହୋଇଛି ଠିଆ ।।
ସମ୍ରାନ୍ତ ସାମନ୍ତ    ଗାଆଁର ଏକାନ୍ତ
ଭଲମନ୍ଦେ ସେହୁ ଉଭା,
ନରଠାରୁ ପକ୍ଷୀ    ଆଶ୍ରା ଦିଏ ରଖି
ବଢ଼ାଏ ପ୍ରକୃତି ଶୋଭା ।।
ମାଟିର ମଣିଷ    ଛାୟା କରି ଆଶ
ବସଇ ପାଦପ ତଳେ,
ବରଗଛ ତଳ    ଦିଅଇ ସେ ବଳ
ଦୂର କରି କ୍ଳାନ୍ତି ତଳେ ।।
ବୃକ୍ଷ ଶାଖା ମେଳେ ହର୍ଷେ ଶିଶୁ ଦଳେ
କ୍ରୀଡାରତ କୋଳାହଳେ,
ବିହଙ୍ଗମଗଣ    ବସାକୁ ରଚିଣ
ବସନ୍ତି ପତ୍ର ଗହଳେ ।।

ISSN NO.
2582-208X

ଯେତେ ଗୋରୁଗାଈ ସୂର୍ଯ୍ୟ ତାପ ପାଇ
ବିଶ୍ରାମ ଲୋଡ଼ନ୍ତି ଆସି,
ଗ୍ରାମ ଭଲମନ୍ଦ ଦୂର କରେ ଦ୍ଵନ୍ଦ
ପଞ୍ଚାୟତ ସଭା ବସି ।।
ବିବାହ ରୋଷଣୀ ଅନ୍ୟ ଗ୍ରାମୁ ଆଣି
ଏଇଠୁ କରନ୍ତି ମୂଳ,
ଝିଅ ବିଦା କାଳେ ଚୁମା ଆଙ୍କି ଗାଲେ
ଫେରିଥାନ୍ତି ମାତୃକୁଳ ।।
ଇହ ଲୀଳା ସାରି ଯେବେ ଯାଏ ମରି
ଛଅ ଖଣ୍ଡ କାଠେ ଶୋଇ,
ବସନ୍ତି ଘଡ଼ିଏ ସବୁ ମାଳଭାଏ
କାନ୍ଧ ଯେବେ ଯାଏ ରହି ।।
ଭାବ ଅଭାବରେ ଗ୍ରାମ ଆଶ୍ରା କରେ
ବାରଣ ନ କରେ ବୃକ୍ଷ,
ପଚାରିଲେ କେହି ଗ୍ରାମ କଥା ନେଇ
ଠିଆ ସେ ଦେବାକୁ ସାକ୍ଷ୍ୟ ।।
ଜୀବନ୍ତ ଦେବତା ଗାଆଁର ସେ ଗୀତା
ଛାତିରେ ଲେଖିଛି ତା'ର,
ପାଦପ ପୟରେ ଦଣ୍ଡବତ କରେ
ବାର ବାର ଶତବାର ।।

ଆନନ୍ଦ ନଗର, କୁଲୁଥକାନ
ସମ୍ବଲପୁର- ୭୬୮୦୦୧

ISSN NO.
2582-208X

# ଜୀବନ ଯମୁନା



ସୁହଂସ ଭୋଇ

ଜୀବନ ଯମୁନା ଧାର ନାହିଁ ତାର ଅବସର
ବୋହିଯାଏ ନିରନ୍ତର ଧୀର କେବେ ସେ ପ୍ରଖର ।
ଯାତନା ଯନ୍ତ୍ରଣା ଯେତେ ପଡ଼ିଛି ହୋଇ ପଥର
ମଣିଷ ନିମିତ୍ତ ମାତ୍ର ତହିଁ ଶୁଖିଲା ପତର ।

ବାଧା ବନ୍ଧନ କଷଣ ବନ ଗିରି ମହାଦ୍ରୁମ
ନ ମାନି ନହନ ମାନ କରିଯାଏ ଅତିକ୍ରମ ।
ସୁଗମ ନୁହଁ ସରଣୀ ଦିଶେ ଅତି ମନୋରମ
ଭ୍ରମରେ ଘୁରିବୁଲଇ ଯେସନେ ଘୁରଇ ଧୂମ ।

କୁଟିଳ କୁଞ୍ଚିତ ସୁଅ କେବେ ହସ କେବେ ଲୁହ
ଅତଳ ଗଭୀରେ କୋହ ଥାଇ ଜାଳି ଦିଏ ଦେହ ।
ଶୀତଳ ବିମଳ ଜଳ କେବେ ସେ ପୁଣି ଅନଳ
କୂଳେ ମାନବ କେବଳ ଚାହିଁଥାଏ ଜଳଜଳ ।

ବସନ୍ତେ ଗତି ଗମନ ଚଗଲା କିଶୋର ମନ
ଯୌବନ ଶ୍ରାବଣ ସମ ଉଚ୍ଛୁଳା ସ୍ରୋତ ସମାନ ।
ବୈଶାଖେ ଜଠର ବଳ ପଡ଼େ ସେ ହୋଇ ଦୁର୍ବଳ
ମେଣ୍ଟିଇ ତାହାର ଶୋଷ ଆସିଲେ ଆଷାଢ଼ କାଳ ।

ISSN NO.
2582-208X

ଧରି ଦଦରା ନଉକା ଧୀବର ସାଜିଛି ଏକା
ଅଥଳେ ପାଉନି କାତ ଚାହିଁଛି ହୋଇ ଜଳକା ।
ଆହୁଲା ବୟସ ତାର ଅଳପେ ଦଉଛି ଧକ୍କା
ଫେରିଯିବ ହୋଇ ଏକା ସରିଲେ ତା କିଣାବିକା ।

ପହଣ୍ଡି , ବରଗଡ଼

ISSN NO.
2582-208X

# ସନ୍ଦେହୀ ସ୍ୱାମୀ



ଅରୁଣ କୁମାର ତ୍ରିପାଠୀ

ସସ୍ମିତା । ନାମକୁ ଯଥାର୍ଥ କରି ସବୁବେଳେ ମୁଖରେ ହସଥାଏ । ହେଲେ ବାପା ମାଆ ଡାକନ୍ତି ମୀନ ରାଶିରେ ଜନ୍ମ ହେତୁରୁ ଡାକନ୍ତି ମୀନୁ । ପାଞ୍ଚ ଭାଇ ଚାରି ଭଉଣୀରେ ସବା ସାନ ହେତୁରୁ ସମସ୍ତଙ୍କ ପାଖେ ଜହ୍ନ ମାମୁ ସେ । ଛୁଆ ବେଳେ ସମସ୍ତେ ଏତେ ଚକଲେଟ ଦେଇଥିଲେ ଯେ, ତାର ଗୋଟିଏ ଦାନ୍ତ କଳା ପଡିଯାଇଥିଲା । ଚନ୍ଦ୍ର କଳାଭଳି ବଢିଚାଲିଥିଲା ମୀନୁ । ସପ୍ତମ ଶ୍ରେଣୀରେ ସେ ବଡ ହେଲା ବୋଲି ସମସ୍ତେ କହିଲେ । ତାଙ୍କ ଘରେ ଭୋଜି ବି ହେଇଥିଲା । ବନ୍ଧୁ ବାନ୍ଧବ ସବୁ ଆସିଥିଲେ । କିନ୍ତୁ ମୀନୁ ଜାଣିପାରୁନଥିଲା କଣ ହଉଛି ତାର। ତାକୁ ଅନ୍ୟ ଦିନରେ ଶାଢି ପିନ୍ଧିବାକୁ ବାରଣ କରାଯାଉଥିବା ସ୍ଥଳେ ତା ମାମୁଁ ସେଦିନ ତା ପାଇଁ ବଉଳ ରଙ୍ଗର ଶାଢିଟେ ଆଣିଦେଇଥିଲେ, ଯାହାକୁ ତା ବୋଉ ଓ ଅନ୍ୟମାନେ ବଡ ଆଦରରେ ତାକୁ ପିନ୍ଧେଇ ଦେଇଥିଲେ । ଟିକିଏ ଅଜବ ଲାଗୁଥିଲେ ମଧ୍ୟ ତାକୁ ସମସ୍ତେ ବନ୍ଦାଣ କରି କିଛି କିଛି ପଇସା ଦେଲେ, ଯାହା ତାକୁ ବହୁତ ଆନନ୍ଦ ଦେଇଥିଲା । ବୋହୁଥିଲା ବସନ୍ତର ମଳୟ ପବନ । ଜହ୍ନ ଆଲୁଅରେ ତାକୁ ବହୁତ କୁତୁ କୁତୁ ଲାଗେ । ତାଙ୍କ ଛାତ ଉପରେ ବସି ସେ ତାରା ସବୁ ଗଣେ । ବିଜ୍ଞାନ ବହି ଧରି ଛାତ ଉପରକୁ ସେ ଯାଏ, କିନ୍ତୁ ପଢାରେ ତାର ଜମା ନଜର ନଥାଏ । ଭାବୁଥାଏ, କାଳେ ତାକୁ ଡେଣାଦିଟା ମିଳନ୍ତା କି, ଆକାଶରେ ବୁଲି ନିଜକୁ ପରମତୃପ୍ତି ପ୍ରଦାନ କରିଥା'ନ୍ତା । ଏହି ସମୟରେ ହଠାତ୍ ତା ପଡିଶା ଘର ଛାତରେ ନଜର ପଡିଲା । ସୁକାନ୍ତ ଭାଇନା ତାକୁ ସତୃପ୍ତ ନୟନରେ ଦେଖୁଥିଲା, ତା ଡୋଳାରେ ଚମକ ଦିଶୁଥିଲା, ସତେକି ବିଲେଇଟେ ତାକୁ ରାମ୍ପୁଡି ଦବ ଭାବୁଚି ! ସୁକାନ୍ତର ଏମିତି ଚାହାଣି ତା ପ୍ରତି ବିରକ୍ତି ଭାବ ଜନ୍ମାଉଥିଲା । ସେହି ବର୍ଷ ସାହି ବଣଭୋଜିରେ ମଧ୍ୟ

ISSN NO.
2582-208X

ସୁକାନ୍ତ ଏକଲା ପାଇଁ ତା ହାତ ଧରି ଦେଇଥିଲା । ପ୍ରେମ କଣ ସେୟା ମୀନୁ ଜାଣିନଥିଲା, କିନ୍ତୁ ତାକୁ ସୁକାନ୍ତର ଏତାଦୃଶ ବ୍ୟବହାର ତା ହୃଦସ୍ପନ୍ଦନ କୁ ବଢାଇ ଚାଲୁଥିଲା ।

ଘରେ ମରାମତି ହେଇ ନଥିବା ଟ୍ୟାପ ରୁ ପାଣି ଝରୁଥିବା ଭଳି, ସବୁବେଳେ ସେ ସୁକାନ୍ତ ଭାଇନା ତାକୁ ଦେଖିବାର । ଏମିତି ବିକଳିଆ ନଜରରେ ଦେଖିବାର ଯେ, ସତେକି ସେ ତାକୁ ସନ୍ତାନବତ୍ ସ୍ତନ୍ୟପାନରୁ ବିରତ ରଖିଅଛି । ଏମିତି ଅନେକ ଦିନ ଯାଉ ଯାଉ +୨ ପ୍ରଥମ ବର୍ଷର ଭାଲେଣ୍ଟାଇନ ଦିବାରେ ଗୋଟିଏ ଗ୍ରିଟିଂ କାର୍ଡ ଆସି ତା ପାଖରେ ପହଁଚିଲା । ଯେଉଁଠି ଲେଖା ଥିଲା, ଏଜ୍ ହନି ଇଜ୍ ସ୍ୱିଟ୍, ଓ୍ୱି ଓ୍ୱିଲ୍ ମିଟ୍ I ୟୁ ଆର୍ ମାଇନ୍ ଆଇ ଆମ୍ ଅଫ୍ ଦାଇନ୍ । ଏଟ୍ ଫୋର୍ ପିଏମ୍ ଇନ୍ ଦ ଟେରେସ୍ । ଡୋଣ୍ଟ ଲୁଜ୍ ମାଇଁ କରେଜ୍ । ତାଙ୍କ ଘର ଆଉ ସେ ସୁଶାନ୍ତ ଭାଇନା ଘର ଯେହେତୁ ପାଖାପାଖି, ଏଣୁ ଜଣେ ଆଉଜଣକ ଛାତକୁ କାନ୍ଥି ଡେଇଁ ଅଚିରେ ଯାଇପାରିବ । ସେଦିନ ସେ କାର୍ଡ ଦେଖି ତାକୁ ବହୁତ ଭଲ ଅନୁଭବ ହେଲା । ସେତେବେଳକୁ ୨.୩୦ । ସେ ଭାବିଲା, ଯାହାବି ହଉ, କେହି ଜଣେ ତ ମୋ କେୟାର୍ କରୁଛି । ଯାହା ହଉ ଆଜି ସେ ସଂଜରେ ସୁକାନ୍ତଙ୍କୁ ଭେଟିବ । କିନ୍ତୁ ୪ ଟା ବେଳ ନୁହଁ, ସଜେଇ ହେଇ ଅତର ଲଗେଇ, ହାଲକା ମେକପ ନେଇ ସେ ୪.୪୫ କୁ ଛାତ ଉପରକୁ ଗଲା । ଶୀତଋତୁ । ସେହି ସମୟରେ ୫ ଟା ବାଜିଲା ବେଳକୁ ପ୍ରାୟତଃ ଅନ୍ଧାର ହେଇଆସେ । ସୁକାନ୍ତ ସେତେବେଳକୁ ପ୍ରତୀକ୍ଷା କରି ନୟାନ୍ତ ହେଇସାରିଥାଏ, କିନ୍ତୁ ଭରସା ଛାଡି ନଥାଏ । ମୀନୁକୁ ଦେଖି ତା ଅଖି ବିସ୍ଫାରିତ ହେଇଗଲା । ସବୁଦିନ ତ ମୀନୁ କୁ ଦେଖେ, କିନ୍ତୁ ଆଜି ସେ କାହିଁକି ଏତେ ଭଲ ଦେଖାଯାଉଥିଲା କେଜାଣି । ଚୂର୍ଣ୍ଣକୁନ୍ତଳରୁ ଖସିପଡୁଥିବା ଚୁଟିକୁ ବିଶି ଅଙ୍ଗୁଠିରେ ମୋଡି ମୋଡି ଓଠକୁ ନେଫେଡେଇ ମୁଣ୍ଡ ତଳକୁ କରି କହୁଥିଲା, କଣ ହେଲା ଭାଇନା, କାହିଁକି ମୋତେ ଡକେଇଥିଲ । ସବୁଜ ଛିଟା, ପାରିଜାତ ଫୁଲପକା ଚୁଡିଦାର୍ ରେ ସେ ଅପସରୀ ଠାକୁ କମ୍ ଲାଗୁନଥିଲା । ପୁଣି ଗୋଲପ ଫୁଲର ବାସ୍ନା ତା ଶରୀରରୁ ଏମିତି ଆମୋଦିତ କରୁଥିଲା, ଖୁସିରେ ସେ କହିପକେଇଲା, ମୀନୁଲୋ...ଆଜିଠୁ ତୋ ନା ରୋଜି । କିଦେଇ ପୂଜିବି...ଚରଣ ତୁମର...ମୋର ବୋଲି କିଛି ନାହିଁ । ହେଲେ ରୋଜି, ତୁମ ପାଦତଳେ ଏହି ଗୋଲାପ ଫୁଲକୁ ସ୍ଥାନ ଦିଅ, ମୋତେ ଲାଗିବ ମୋ ଛାତିର ଦୁଆରବନ୍ଧ ଡେଇଁ ତୁମେ ଆମ ଘରେ ପ୍ରବେଶ କରୁଛ । ଧନ ସତ କୁହ, ତୁମ ପାଇଁ ମୋ ମନରେ କିଛି ବି ଅଭିଳାସ ନାହିଁ ? ମୋ ଧମନୀରେ ତୁମ ଭାବନା ରକ୍ତର ସଉତୁଣୀ ତ ଅନେକ ଦିନରୁ ସାଜିଲାଣି, ହେଲେ ତୁମ ହୃଦୟର ମତାମତ

ISSN NO.
2582-208X

ଅପେକ୍ଷାରେ । ଆଇ ଲଭ୍ ୟୁ ରୋଜି ଜୀ, ଓ୍ୱିଲ୍ ୟୁ ମେରି ମିଁ, କହି ଅଣ୍ଟେଇ ପଡିଲା ଗୋଲାପକୁ ଧରି ସୁକାନ୍ତ ! ମୀନୁ ତା କେଶ ଗହଳରେ ଅଙ୍ଗୁଳି ଚାଳନା କରି କହିଲା, ତୁମ ପାଇଁ ଆଜି ଏ ସଜବାଜ, ତୁମ ପାଇଁ ଆଜି ମୋ ଓଠରେ ହସ, ତୁମ ପାଇଁ ମୋ ପ୍ରତି ମୂହୂର୍ତ୍ତ ଉତ୍ସିତ । ଆଇ ଲଭ୍ ୟୁ ଠୁ ଗେଲୁ । ସୁକାନ୍ତ ଠିଆ ହେଇ ଅନେକ ଦିନର ଅଭିଳସିତ ତୃଷ୍ଣାକୁ ତୃପ୍ତ କରିଦେଲା, ମୀନୁର ସରୁ ଅଧର ଚୁମ୍ବିତ କରି, ସେପଟେ ପାରା ଯୋଡ଼ିକ ଘୁମୁରୁ ଘୁମୁରୁ ହେଇ ତାଙ୍କୁ ପରବର୍ତ୍ତୀ ପ୍ରକ୍ରିୟା ନିମିତ୍ତ ଉତ୍ସାହିତ କରୁଥିଲେ । ସୁକାନ୍ତ କୁ ଭଲରେ ଜଣା କିଭଳି ପ୍ରେମ ନିବେଦନ କରି ଝିଅଙ୍କୁ ପଟେଇବା, ସେୟା ସବୁ ତା ବାଁ ହାତର ଖେଳ । ପରବର୍ତ୍ତୀ ସମୟରେ ମୀନୁର ଦେହରେ ବନ ଲତା ପାହାଡ଼ ଆବିଷ୍କାର କରୁଥିଲା ସେ । ସେହି ସମୟରେ ଡାକଦେଲେ, ନନା, ମୀନୁ ଲୋ...ଆସିଲୁ ଏପଟକୁ, ମୋତେ ଟିକିଏ ପାଣିଦବୁ । କରବାବୁ ଜଜମାନ କରନ୍ତି । ନଅଟି ସନ୍ତାନରେ ସବାଶେଷ ମୀନୁ । ଜନ୍ମରୁ ହିଁ ସେ କହିଦେଇଥିଲେ, ମୋ ଝିଅ କୋଟିଏ ରେ ଗୋଟିଏ, କିନ୍ତୁ ତା ଜୀବନ ସଂଘର୍ଷପୂର୍ଣ୍ଣ ରହିବ । ଝାଡ ଝୁଡି ହେଇ ପରେ ମିଶିବାର ପ୍ରତିଶ୍ରୁତି ଦେଇ ମୀନୁ ଆଉ ସୁକାନ୍ତର ରୋଜି ତଳକୁ ଆସିଗଲା । ବିଚରା ସାଜିବାର ଅଭିନୟରେ ସୁକାନ୍ତ ତାକୁ ବିଦାୟ ଦେଲା । ଏଥର ସୁକାନ୍ତକୁ ଭଲ ଖେଳପଡ଼ିଆଟେ ମିଳିଗଲା, ଯେଉଁଠି ସେ ମନଭରି ଖେଳିପାରେ । ସେ ଇଂଜିନିୟରିଂ କଲେଜରେ ପଢୁଥିଲା । ମଦ୍ୟପାନ ଓ କୋମଳମତି ଝିଅଙ୍କୁ ଉପଭୋଗ କରିବା ତାର ଏକ ସଉକ । କିନ୍ତୁ ମୀନୁ ଏସବୁରୁ ଅଜଣା ଥିଲା । ଏମିତି ବହୁତ ଥର ସେ ଅନୁରୋଧ କରେ, ରୋଜି...ଆଜି ହବଟି? ରୋଜି ଆଜି ହବଟି ? ତା ପାଇଁ କେବେ ଟିକିଲି, କେବେ ରିବନ କଜଳ ଯାହା ଦଶଟଙ୍କା ଭିତରେ ସୀମିତ ଥିଲା, ସେୟା ଦେଇ ତାକୁ ସବୁବେଳେ ମୋହରେ ବାନ୍ଧି ରଖିଥିଲା । ମୀନୁର କୌଣସି ଜିନିଷର ଅଭାବ ନଥିଲା, କିନ୍ତୁ ଏମିତି ଜଣେ କେହି କେୟାରିଂ କରିବା ତାର ଦରକାର ଥିଲା । ଏମିତି ଚାଲୁ ଚାଲୁ ମୀନୁ ଯୁକ୍ତ ଦୁଇରେ କମ୍ ନମ୍ବର ରଖି ଯୁକ୍ତ ତିନିରେ ନାମ ଲେଖାଇଲା । ଦିନକର ଘଟଣା । ମୀନୁ ଘରେ କେବଳ ତା ବୟସ୍କା ମାଆ ଥା'ନ୍ତି । ଦଶହରା ସମୟ । ସମସ୍ତେ ମେଢ ଦେଖିବାକୁ ଯାଇଥିଲେ । ଏହି ସମୟରେ ସୁକାନ୍ତ, ତାଙ୍କ କାନ୍ଥିଡେଇ ସିଡିଘର ଦେଇ ଉପର ମହଲାରେ ଥିବା ମୀନୁର ବଖରା ରେ ପହଁଚିଗଲା । ମୀନୁ ବି ତାକୁ ସମାଦରେ ଆଲିଙ୍ଗନ କଲା । ସୁକାନ୍ତ ତା ଗୋଡ ଧରି ନେହୁରା ହେଲା, ଧନ ମୋର ବହୁତ ମନ ହେଉଛି, ଆଜି ମନା କରନି । ମୀନୁର ସେଦିନ ୪ଦିନ ହେଇଥାଏ । ତାକୁବି ବହୁତ ମନ ହେଉଥିଲା । ଲାଇଟ୍ ବନ୍ଦ କରି ଦିହେଁ ଅକାଳବୋଧନ

ISSN NO.
2582-208X

ଭଳି ମଧୁଚନ୍ଦ୍ରିକା ରେ ନିଜକୁ ନିମନ୍ତ୍ରିତ କଲେ । ସୁକାନ୍ତ କାମସାରି ଶୀଘ୍ର ଶୀଘ୍ର ଛାତଉପର ବାଟ ଦେଇ ଚାଲିଗଲା । ମୀନୁଟା ଭାବୁଥିଲା, ଏତେ ସରାଗରେ ମୋ ଦେହରୁ ସବୁତକ କପଡ଼ା ଖୋଲିଦେଲା, କିନ୍ତୁ ପିନ୍ଧିଲା ବେଳକୁ ସେ ନିଜେ ପିନ୍ଧିବାକୁ ପଡୁଛି ? ନିହାତି ସ୍ୱାର୍ଥପର ମଣିଷଟା । ମୀନୁ ଖାଇବାକୁ ଯିବା ସମୟରେ ବଡ କଷ୍ଟରେ ସେ ଛୋଟେଇ ଛୋଟେଇ ଚାଲୁଥିଲା । ତା ବୋଉ କିଛି ଅନୁମାନ କରିପାରୁଥିଲେ, କିନ୍ତୁ ତାଙ୍କ ଝିଅ ଉପରେ ସେ ପୂର୍ଣ୍ଣତଃ ଭରସା ରଖିଥିଲେ । ସୁକାନ୍ତକୁ ମାହାଳିଆରେ ମନ ଫୂର୍ତ୍ତିକରିବାର କଥାକୁହା କଣ୍ଢେଇଟେ ମିଳିସାରିଥିଲା । ଏମିତି ଅନେକ ଦିନ ପରେ ସୁକାନ୍ତର ମନ ଭରିଗଲା । ସେ କହିଲା, ମୁଁ ବିବାହ କରିବି ନାହିଁ । କିନ୍ତୁ ମୀନୁର ଏକା ଜିଦ୍ ସେ ସୁକାନ୍ତକୁ ହିଁ ବିବାହ କରିବ । ସେ ପରେ ଜାଣିଲା, ମୀନୁର ବଡଭାଇ ଦିନେ ସୁକାନ୍ତର ଭଉଣୀ ସହ ଜଙ୍ଗଲରେ ଧରାପଡି ମାଡ ଖାଇ ଥିଲେ । ଏହି ରାଗକୁ ଚରିତାର୍ଥ କରିବାକୁ ସୁକାନ୍ତ ତାକୁ ବ୍ୟବହାର କରୁଥିଲା । ପରେ ଦିହିଁଙ୍କ ପରିବାର ଆପୋଷ ବୁଝାମଣାରେ ବିନିମୟରେ ଉଭୟଙ୍କ ଝିଅକୁ ବୋହୂ କରିବସିଲେ । ସେଥିର ଅନେକ ବର୍ଷ ପୂର୍ବରୁ କରଶର୍ମାଙ୍କ ମୃତ୍ୟୁ ଘଟି ସାରିଥିଲା, ବିଦାୟ ବେଳାରେ ମୀନୁର ବୋଉ କହୁଥିଲେ, ତୋ ନନା ଆଜି ବଞ୍ଚିଥିଲେ, ତୋତେ କେବେ ବି ହଳୁଆ ଘରେ ବିବାହ କରେଇ ନଥାନ୍ତେ । ଯାଆ ମା, ଯାହା ହେଲାତ ହେଲା, ଖୁସିରେ ସଂସାର କରିବୁ ଯା' । ବିବାହର ଆନନ୍ଦ କଣ ମୀନୁ ଆଉ ଜାଣିପାରିଲା ନାହିଁ । କେବଳ ଏକ ସାଲିସ୍ ଥିଲା । ମଧୁଚନ୍ଦ୍ରିକା ରାତିରେ ସୁକାନ୍ତ ତାକୁ ସୁନା ମୁଦିଟେ ଧରେଇ କହିଲେ, ରୋଜିଲୋ…ମୋ ଉପରେ ରାଗିଛୁ କି, କେବଳ ମୋ ଭଉଣୀକୁ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସେହିଭଳି କହୁଥିଲି । ମୁଁ ତ ତୋତେ ଛୁଆ ବେଳୁ ଭଲପାଏ, ମୋ ଉପରେ ରାଗେନି କହି ତା ପାଦ ଧରି ପକେଇଲେ । କେତେ କାକୁତି ମିନତି ହେଇଗଲେ । କିଛି ସମୟ ବୁଝେଇବା ପରେ ମୀନୁ ହସିଦେଲା । ସୁକାନ୍ତ କହିଲା, ମନେ ଅଛି ଟି ମାମା, ଚଉଠି ହୋମରେ ପୁରୋହିତ କ'ଣ କହୁଥିଲେ ! ମୀନୁ କହିଲା କ'ଣ ? ତମେ ଭାରି ଇଏ । ମନେ ନାହିଁ? ସେ ବା କହୁଥିଲେ, ପ୍ରଜା ଉତ୍ପର୍ନାଥେ ବିନିଯୋଗଃ ? ଭୁଲିଗଲ, ଚାଲ ଆମେ ପ୍ରଜା ଉତ୍ପନ୍ନ କରିବା । ଦୁଖେ ସୁଖେ ମୀନୁର ସଂସାର ଆଗେଇ ଚାଲିଥିଲା ।

ବାହାଘର ର ଉଣେଇଶି ଦିନ ହେଇଅଛି, ଦିନେ ହାଣ୍ଡିଶାଳକୁ ଗଲାବେଳକୁ ଯାହା ଦେଖିଲା ସେ ବିଶ୍ୱାସ କରିପାରିଲା ନାହିଁ । ମିଛ ହେଇଥିବ ଅବା ସ୍ୱପ୍ନ ହେଇଥିବ ଭାବି ସେ ନିଜକୁ

ISSN NO.
2582-208X

ଚିମୁଟିଲା । କିନ୍ତୁ ସେହି ଦୃଶ୍ୟ ହିଁ ସେ ଦେଖୁଥିଲା । ସୁକାନ୍ତ ଗ୍ୟାସ ପାଖ ପାଣି ରଖିବା ସ୍ଥାନରେ ବସି ଦୁଇ ଗୋଡରେ ତାଙ୍କ ଭାଉଜଙ୍କୁ ଛନ୍ଦିଥିଲେ । ସୁକାନ୍ତ ବୋଲି ଜୋର୍ ରେ ଡାକଛାଡିଲା ବେଳକୁ ସୁକାନ୍ତର କପାଳ ଝାଳରେ ଜୁଡୁବୁଡୁ ହେଇସାରିଥିଲା । ତା ଗୋରା ତକ ତକ ମୁହଁ ଟମାଟୋ ଭଳି ଲାଲ୍ ପଡିଗଲା । ସେ ତତକ୍ଷଣାତ୍ ମୀନୁ କୁ ଶୋଇବା ଘରକୁ ଡାକି ଫୁସୁଲେଇଦେଲେ, ଯେ, ସେୟା କିଛି ନୁହଁ, ଦିଅର ଭାଉଜରେ ଏମିତି ଗେଲ ଗମାତ ହୁଏ । ତମ ମଥା ଛୁଇଁ ପ୍ରମାଣ କରୁଛି, ଆମର କିଛି ଖରାପ ସମ୍ପର୍କ ନାହିଁ । ତା ଯାଆଙ୍କ ସ୍ୱାମୀ ମାନେ ସୁକାନ୍ତ ବଡଭାଇଙ୍କୁ ସହରଯାକର ଲୋକେ କହନ୍ତି, ତୁମ ସାନଭାଇ ଓ ତୁମ ଭାରିଯାର ଅନୈତିକ ସମ୍ପର୍କ ରହିଛି, କିନ୍ତୁ ମନ୍ଦିର ରେ ପୂଜକଥିବା ପାଢିବାବୁଙ୍କୁ ସେୟା ମିଛ ଲାଗେ । ତାଙ୍କର ପୁଅ ସହ ସୁକାନ୍ତଙ୍କ ମୁହଁ ଅବିକଳ ମିଶେ, କିନ୍ତୁ ଜିନ୍ ଯୋଗୁଁ ସେହିଭଳି ହୁଏ ବୋଲି ତାଙ୍କର ଅବଧାରଣା । ଏମିତି ଅନେକ ଅଭିଯୋଗ ମୀନୁର ଗୋଡ ଧରି ମଥାଛୁଇଁ ରାଣଖାଇ ପ୍ରମାଣ କରନ୍ତି ସୁକାନ୍ତ । ମିନୁ ନିଜ କର୍ମକୁ ଆଦରି ରହିଥାଏ । ସେତେବେଳକୁ ସୁକାନ୍ତ ପାଖ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ । ଇଂଜିନିୟରିଂ ରେ ବିଟେକ୍ ପଢିଗଲେ ଅଧ୍ୟାପକ ଭାବେ ନିଯୁକ୍ତି ମିଳିପାରେ । କିନ୍ତୁ ଏମଟେକ୍ ପଢିଲେ ଦରମା ବଢେ, କିନ୍ତୁ ସେୟା ବ୍ୟୟସାପେକ୍ଷ। ମୀନୁକୁ ସୁକାନ୍ତ ଏକଥା କହନ୍ତେ, ସେ ବାପଘରୁ ଆଣିଥିବା ବାର ତୋଳା ସୁନା ସବୁତକ ଓହ୍ଲେଇ ଦେଇଦେଲା । ପାଠ ପଢିଲେ କାଳେ ମୋ ସ୍ୱାମୀ ବାଟକୁ ଆସିଯିବେ ପୁଣି ତାଙ୍କ ସଂସାର ଖେଳି ଉଠିବ । ଏହାଭାବି ସେ ସବୁ ସମର୍ପିତ କରିବାକୁ ରାଜିଥିଲା । ଏମିତି ବର୍ଷେ ଯାଉ ଯାଉ ତାଙ୍କ ଜୀବନରେ ଖୁସି ଭରିଦେବାକୁ ଆସିଥିଲା ପ୍ରଜାପତିଟିଏ, ବିଶାଖା ନକ୍ଷତ୍ରରେ । ସତେକି ଅପସରୀଟେ ସ୍ୱର୍ଗରୁ ଓହ୍ଲେଇ ଆସିଛି, ସେଦିନ ବକୁଳ ଅମାବାସ୍ୟା ତଥା ଧନୁ ସଂକ୍ରାନ୍ତି ଗୋଟିଏ ଦିନରେ ପଡୁଥିଲା ।

ବାପାଘରେ ଟିକିଏ ଅଧିକ ଯତ୍ନ ମିଳିବ ବୋଲି ମୀନୁ ତାଙ୍କଘରେ ଦିମାସ ରହିବ ବୋଲି ମନସ୍ଥ କରିଥିଲା । ପୂଜାପାର୍ବଣ ହେଲେ ଶାଶୁ ଘରକୁ ତ ଯାଇପାରିବ, ଗୋଟିଏ କାନ୍ଥ ବ୍ୟବଧାନରେ ଦିହିଁଙ୍କ ଘର । ଏମିତି ଦିନେ କଣ କହିବ ବୋଲି ସକାଳ ନଅରେ କାନ୍ଥପାଖରେ ଚଉକିରେ ଠିଆ ହେଇ ଗେଲୁ ବୋଲି ଡାକଦେଲା ବେଳକୁ, ଯାହା ଦେଖିଲା ସେ ଲୁହନୀର ଲୁହତୀର ହେଇଗଲା । ଦେଖିଦେଲା ବେଳକୁ ଦିଅର ଭାଉଜ ମାଛ ଭଳି ଛଟପଟ ହେଇ ପରସ୍ପରକୁ ଗାଧୁଆଘରେ ତୃପ୍ତ କରୁଥା'ନ୍ତି । ଏହା ଦେଖି ସେ ୧୮ ଦିନର ଛୁଆକୁ ତା ବୋଉଙ୍କୁ ଧରେଇ କହିଲା, ବୋଉ...ତୁ ଆଜିଠୁ ୟାର ଯତ୍ନନେବୁ । ତୋତେ

ISSN NO.
2582-208X

ଲାଗିଲା କହି ଅନେକ ବାଟ ଚାଲିଯାଇଥିଲା ମୀନୁ । ଭାଇମାନେ ତଥା ତା ସ୍ଵାମୀ ଏକଥା ଜାଣି ତାକୁ ସହରତଳି ବ୍ରିଜ୍ ପାଖରୁ ଉଦ୍ୟମ ନେଉଥିବା ଅବସ୍ଥାରେ ରୋକିଦେଲେ । ସୁକାନ୍ତ ସେଠି ତା ପାଦ ଧରି କହିଲା, ଧନ ମୋର କିଛି ଦୋଷ ନାହିଁ, ଭାଉଜ ମୋତେ ମୋହିନି ଔଷଧ ଦେଇ ମୋ ଯୌନଶୋଷଣ କରୁଛନ୍ତି । ଆଜିଠୁ ଆମେ ଅଲଗା ରହିବା । ଅନେକ ବୁଝା ସୁଝା ପରେ ମୀନୁ ମାନିକି ଆସିଲା । ସେମାନେ ତାଙ୍କ ବିଶ୍ଵବିଦ୍ୟାଳୟ କ୍ୱାଟର୍ସ ରେ ରହିଲେ । ଘର ଟିକିଏ ଛୋଟ ପଡିବାରୁ କିଛି ଦିନରେ ଅନ୍ୟ ଏକ ସ୍ଥାନକୁ ଯାଇ ରହିଲେ । ଏହି ଭିତରେ ମୀନୁ ଟିଉସନ କରୁଥାଏ, ତଥା ପାଖ ଶିଶୁମନ୍ଦିର ରେ ଆଚାର୍ଯ୍ୟା ଭାବେ କାର୍ଯ୍ୟ କରୁଥାଏ । ଭାଉଜଙ୍କୁ ତାଠୁ ଦୂରେଇ ଦେଲା ବୋଲି ସୁକାନ୍ତର ରାଗ ସବୁବେଳେ ପଞ୍ଚମରେ ଥାଏ । ନିତି ମଦପିଇ ଆସି ମାରଧର କରେ । ସକାଳୁ ଉଠି ଗୋଡଧରି କ୍ଷମା ମାଗେ । ମୀନୁକୁ ଲାଗେ, ସତେକି ସେ ସ୍ଵପ୍ନ ଜଗତରେ ବଞ୍ଚୁଅଛି । ପୁଣି ଅନେକ ଝିଅଙ୍କ ରାଜା ପାଲଟିଥାଏ ସୁକାନ୍ତ । ସେମାନଙ୍କୁ ପରୀକ୍ଷାରେ ସହାୟତା କରିବା ତଥା ଇଣ୍ଟରନାଲ୍ ମାର୍କ ସବୁ ଭଲ ଦେବ ବୋଲି ଅଚିରେ ଉପଭୋଗ କରେ । ଏମିତିକି କିଛି ଦିନ କୁହେ, ଧନଲୋ...ମୋ ପେଟ ପୁରୁନି ଗୋଟିଏ ଟିଫିନ୍ ରେ, ମୋତେ କିଛି ଅଧିକ ଖାଦ୍ୟ ଦେଉଥିବୁ । ପାଖ ଗାଁ ରୁ ଆସୁଥିବା ଅନୁସୂୟା ପାଇଁ ସେତକ ନିତି ନେବାର ତା ଗେଲୁ । ହେଲେ ମୀନୁ ଅବା କଣ କରିବ । ସେ ସ୍କୁଟି ଧରି ସ୍କୁଲ ଯିବା ଅସିବା କରେ । ଦିନେ ପ୍ରଗତି ରେଜିଷ୍ଟର ନେବାକୁ ଭୁଲିଯାଇଥିଲା, ପ୍ରଧାନ ଆଚାର୍ଯ୍ୟ ମାସ ଶେଷରେ ଦସ୍ତଖତ ନକଲେ, ଦରମା ମିଳିବନି । ଏଣୁ ସେ ତନ୍ଦରା ତନ୍ଦରା ରେ ଆସିଲା ବେଳକୁ ଘର କବାଟ ଖୋଲା ଅଛି । ଜୋର୍ ରେ ହର୍ଣ୍ଣ ଦେଲା, କାଳେ କେହି ଚୋର ପଶିଛନ୍ତି ; ଘରକୁ ଯାଇ ଯାହା ଦେଖିଲା, ସେ ବିଶ୍ଵାସ କରିପାରିଲା ନାହିଁ । ସୁକାନ୍ତ ଗୋଟିଏ ଟର୍କିସ୍ ପିନ୍ଧି ବସିଛନ୍ତି । କପାଳରେ ପୁରା ଝାଳ ଭର୍ତ୍ତି । ଭିତର ଘରକୁ ଯାଇ ଦେଖିଲା ବେଳକୁ ଅନୁସୂୟା କେବଳ ଟପ୍ ରେ ଅଛି। ଅନୁସୂୟା ତା ଗୋଡ ଧରି କହିଲା, ସାର୍ ଙ୍କ କିଛି ଭୁଲ ନାହିଁ ମେଡମ୍ ! ଷ୍ଟପ୍ ୟୁ ନନ୍ ସେନ୍ସ । ହୁ ଆର୍ ୟୁ ଥାର୍ଡ ପର୍ସନ ଇନ୍ ହଜବେଣ୍ଡ୍ ଏଣ୍ଡ ୱାଇଫ୍! ଗେଟ୍ ଲଷ୍ଟ । ଝିଅଟି ସେତିକି ବେଳକୁ ସବୁ ପିନ୍ଧା ପିନ୍ଧି କରି ଚାଲିଗଲା । ବଡ ଜୋର୍ ରେ କଇଁ କଇଁ ହେଇ କାନ୍ଦି ତଳେ ବସିପଡିଲା ସେ । ସୁକାନ୍ତ ବୁଝି ପାରୁନଥାଏ, ସେ କଣ କରିବ । ତା ସୈତାନୀ ଦିମାଗ୍ କୁ ଗୋଟିଏ ଆଇଡିଆ ଆସିଲା। ସେକହିଲା, ସେ ଝିଅର୍ ପିରିୟଡ ହେଇଗଲା ବସ୍ ରେ, ସେ ମୋତେ ଅନୁରୋଧ କରିଲା ଯେ, ସାର୍ ଟିକିଏ ସୁବିଧା କରେଇଦିଅନ୍ତୁ, ଏଣୁ ତାକୁ ମୁଁ ଘରକୁ ନେଇ ଆସିଥିଲି।

ISSN NO.
2582-208X

ଏକଥା କହି ସେ ମୀନୁକୁ କୋଳେଇ ନେଇ ତାର ସବୁତକ ଲୁହକୁ ପୋଛିଦେଲା । କହିଲା, ୟାକୁ ଅଯଥାରେ ବୁହାଅନି ମାମା, ମୁଁ ଠିକ୍ ଅଛି । ମୀନୁର ସରଳିଆ ପ୍ରାଣୀଟେ, ବୁଝିବା ବ୍ୟତୀତ ତାର ଆଉ କିଛି ଉପାୟ ନଥିଲା ।

କିଛି ଦିନ ଉତ୍ତାରୁ ସୁକାନ୍ତର ଅନୁଭବ ହେଲା, ତା ବୟସ ବି ବଢିବା ଯୋଗୁ, ଏବଂ ମୁଣ୍ଡର ଚୁଟି ସବୁ କୁକର୍ମ ପାଇଁ ଝଡିଯିବା ଯୋଗୁଁ ତା କଥାରେ ଆଉ କେହି ପଟୁନାହାନ୍ତି । ଭାଉଜ ତାର ଏକମାତ୍ର ସାହାଭରସା । କିନ୍ତୁ ତଥାପି କିଛି ଗଡିଷ ଏବଂ କେରାଣ୍ଡି ତା ଜାଲରେ କେବେ କେବେ ଧରାଦିଅନ୍ତି । ସେ ବିସ୍ତାରିତ କରିବାକୁ ଲାଗିଲା, ତା କୁକର୍ମ ସବୁକୁ । ମୀନୁକୁ ତା ସ୍କୁଲର ଆଚାର୍ଯ୍ୟ ମାନଙ୍କ ସହ ଖରାପ ସମ୍ପର୍କ ଅଛି କହି ନିୟମିତ ବାଡାଏ । ଛାଡପତ୍ରର ଧମକ ଦିଏ । ମୀନୁ ଅଗ୍ନି ପରୀକ୍ଷା ଦେବାଭଳି ଅନୁନୟ ବିନୟ କରି ତା ସାମ୍ନାରେ ଆରୋପିଙ୍କୁ ଡାକି ପ୍ରମାଣ ଦିଏ । କିଛି ଦିନ ତ ସୁକାନ୍ତ ବୁଝିଯାଏ, କିନ୍ତୁ ସ୍ଥିତି ଯଥାପୂର୍ବଂ ସ୍ତଥାପରଂ । ଏମିତିରେ ତାଙ୍କ ବିଶ୍ୱବିଦ୍ୟାଳୟରେ ପିଏଚଡି ଖୋଲିଲା । ସୁକାନ୍ତ ଭାଗ୍ୟରେ ଅଭିପ୍ସା ନାମ୍ନୀ ଝିଅ ସ୍କଲାର ଭାବେ ପଡିଲା । ଯେଉଁ ଗାଇଡ୍ ସ୍କଲାରଙ୍କ ପାଇଁ ସିନୋପସିସ ଲେଖେ, ତାଙ୍କୁ ସେମିନାର୍ ଧରିକି ଯାଏ, ଆଉ ଚାପ୍ଟର ସବୁ ଲେଖେ, ସେମାନଙ୍କୁ ପ୍ରତିବଦଳରେ ଯୌବନ ଦେହସୁଖ ସବୁ ମିଳେ ବୋଲି ସୁକାନ୍ତକୁ ତା ସିନିୟର କୁଲିଗ୍ କହିଥିଲେ । ସେହି ତତ୍ୱକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲା ସୁକାନ୍ତ । ଦିନେ ସେ ଖୋଲାଖଲୋ କହିଲା, ତୋତେ ମୁଁ ଛାଡିବି ଅବା ଅଭିପ୍ସାକୁ ରଖିବି ସେୟା ମୋର ବ୍ୟକ୍ତିଗତ କଥା । ସେଥିରେ ମୁଣ୍ଡ ପୁରେଇବାକୁ ତୁ କିଏ ବେ? ଏଭଳିକି ଅନେକ ଥର ତା ଉପସ୍ଥିତିରେ ଅଭିପ୍ସା ତାଙ୍କ ଘରକୁ ଆସେ । ଇଏ ବିଚାରି ତା ପାଇଁ ଭଲ ଭଲ ଜିନିଷ ସବୁ ରୋଷେଇ କରିଦିଏ । ଦିନେ ସୁକାନ୍ତ ସହ ପ୍ରବଳ ଯୁକ୍ତିତର୍କ ହେଲା । ସୁକାନ୍ତର ବାଡ଼ିଆ ସହିନପାରି ସେ ତାକୁ ଦାଣ୍ଡକୁ ନେଇ ଝିକିକି ଚପଲରେ ସେକିଦେଇଗଲା । ସେହି ସମୟରେ ତାଙ୍କ ଘରବାଲି ବାହାରେ ଜଗିଥିଲେ, ସେମାନଙ୍କ ନାତିସବୁ ସ୍କୁଲ ସାରି ଘରକୁ ଫେରିବେ । କଳି ଉଗରପ ଧାରଣ କଲା । ଏକଥା ଦୁହିଁଙ୍କ ପରିବାର କାନକୁ ଗଲା । ପଞ୍ଚାୟତ ଭଳି ସଭାଟେ ବସିଲା । ଉଭୟେ ପରସ୍ପର ର ଦୋଷ ସବୁ କହିବାକୁ ଲାଗିଲେ । ଏହିଭଳି କିଛି ପରିସ୍ଥିତି ଆଗରୁ କରିବେ ବୋଲି ସୁକାନ୍ତ ତା ମୋବାଇଲ କଲ ରେକର୍ଡ ସ୍କ୍ରିନ୍ ସଟ୍ ସବୁ ନେଇ ପ୍ରିଣ୍ଟ କରି ରଖିଥା'ନ୍ତି । କଥା ଥିଲା ଏୟା ଯେ, ଘର ମାଲିକାଣୀଙ୍କ ପୁଅ ଯାହାଜରେ କାମ କରୁଥା'ନ୍ତି । ସେଠି ସିଗ୍ନାଲ ନଥାଏ । ୱାଇଫାଇ ଲାଗୁଥିବାରୁ ସେଠି କେବଳ ୱାଟସଅପ୍ ରେ କଲ୍ ହୁଏ । ସେକଥା ସୁକାନ୍ତ ବି ଭଲରେ ଜାଣିଥା'ନ୍ତି ।

ISSN NO.
2582-208X

ମାଲିକାଣୀ ବୁଦ୍ଧିମଣିଷଟେ ୱାଟସଅପ୍ ବ୍ୟବହାର ଜାଣିନଥାନ୍ତି । ସଂଧ୍ୟାସମୟରେ ନିୟମିତ କଲ୍ ଆସେ । ମୀନୁ ସେଲ୍ ନେଇ ଦିଅନ୍ତି । କେବେ ସ୍କୁଲ ସମୟରେ କଲ୍ ଆସିଲେ, ସେ ନିଜର ଅସମର୍ଥ ପ୍ରକାଶ କରନ୍ତି । ଦିନେ କୌଣସି ଜରୁରୀ କାଗଜପତ୍ର ଦରକାର ବୋଲି ସେ ଘରକୁ ଆସିଥିଲେ, ସେହି ସମୟରେ ଇଶ୍ୱର ରାଓ ମାନେ ତାଙ୍କ ଘରମାଲିକଙ୍କ ପୁଅଙ୍କ କଲ୍ ଆସିଥୁଲା । ସଂଯୋଗବଶତଃ ସେ ତାଙ୍କ ମାଆଙ୍କୁ ଫୋନ୍ ଦେଇଥିଲେ । ସେକଥାକୁ ନେଇ ପ୍ରବଳ ଯୁକ୍ତିତର୍କ ହେଲା । ମୀନୁର ଭାଇ ମାନେ କହିଲେ, ଏତେ ଯଦି ସନ୍ଦେହ ଝିଅ ଚାକିରି ଛାଡି ଦଉନି । ଏକଥା ଶୁଣି ସୁକାନ୍ତର ତଣ୍ଟି ଶୁଖିଗଲା। କହିଲା, ମୋର ଦରମା କମ୍ ସେ ଚାକିରି ଛାଡିଦେଲେ ଚଳିବି କେମିତି । ଗାଧେଇବାକୁ ଯାଉନୁ କି ବାଟ ଛାଡୁନି ନ୍ୟାୟରେ କଣ ଏସବୁ କହୁଚ ? ଆପୋଷ ସମାଧାନ କିଛି ବାହାରିଲା ବୋଲି ଉଭୟ ପକ୍ଷ ବିଚାର କଲେ । ମନୋମାଳିନ୍ୟ ଦୂର ହେଲା। କିନ୍ତୁ ସୁକାନ୍ତର ମନରେ ଆଉ କିଛି ଚାଲୁଥିଲା । ସେ ସେଦିନ ସଂଧ୍ୟାରେ ପ୍ରଚୁର ମଦ ପିଇ ଆସି ମୀନୁକୁ ବହୁତ ବାଡେଇଲା । ଟୁପସୀମୁହିଁ, ତୁ ମୋତେ ବାଡେଇବୁ, ତୋର ଏତେ ସାହସ । ସୁକାନ୍ତ ପାଢି କିଏ ତୁ ଆଜି ଜାଣିବୁ । ଏମିତିରେ ଲଦିଦେଇଗଲା ଅନେକ ଯାତନାର ଉପହାର । ଚାପୁଡା, ଧକିଆ, ବିଧା ଆଦି ମୀନୁକୁ ଉପହାର ସ୍ୱରପ ପରଶିଦେଲା; ମୀନୁ ନିଜକୁ ନାଶ କରିଦେବ ଭାବୁଥିଲା । କିନ୍ତୁ ତାଙ୍କ ଛୁଆର ମୁହଁ ଚାହିଁ ସେ ରହିଗଲା । ରାଜଧାନୀରେ ରହୁଥିବା ଭାଇ ଘରକୁ ସେ ଚାଲି ଆସିଲା । ସେଠି ରହି ସେ କୌଣସି ଜାଗାରେ ନିୟୋଜିତ ହେବ ଭାବିଲା । ୨୨ ଦିନ ପରେ ଶିଶୁମନ୍ଦିର କର୍ତ୍ତୃପକ୍ଷଙ୍କ କଲ ଆସିବାରୁ ସେ ପୁଣି ଫେରିଲେ । କିନ୍ତୁ ସେହି ସମୟରେ ମୀନୁକୁ ସୁକାନ୍ତ ଚାରିଆଡେ ବଦନାମ କରିସାରିଥିଲେ । ସେ ଯେଉଁଦିନ ଭୁବନେଶ୍ୱର ଯାଇଥିଲା, ସେଦିନ ସେ ସହ ସଂଯୋଗ ଅବା ଦୁର୍ଯୋଗ ବଶତଃ ତାଙ୍କ ଘର ମାଲିକଙ୍କ ପୁଅ ମଧ୍ୟ ନିଜ ଜାହାଜକୁ ଫେରୁଥିଲେ । ସେକଥାକୁ ନେଇ ସୁକାନ୍ତ ସମସ୍ତଙ୍କୁ କହିଚାଲିଲେ, ଯେ, ମୋ ମୀନୁ ସେ ତେଲୁଗୁ ଲୋକ ସହ ଫେରାର ହେଇଗଲା । ମୀନୁକୁ ଏକଥା ବହୁତ ବାଧୁଥିଲା। ସେ ସ୍କୁଲ କୁ ଯାଉଥିଲା, କିନ୍ତୁ ତା ମନ କୋଉଠି ଲାଗୁନଥିଲା । ଶିଶୁ ମନ୍ଦିର ରେ ଚରିତ୍ରକୁ ବହୁତ ଗୁରୁତ୍ୱ ଦିଅନ୍ତି । ଅନୁଷ୍ଠାନକୁ ଅଯଥା ନିନ୍ଦାରୁ ମୁକ୍ତ କରିବା ନିମିତ୍ତ ସେ ଚାକିରି ରୁ ଇସ୍ତଫା ଦେଇଦେଲା । ସେଦିନ ରାତିରେ ପ୍ରଧାନଆଚାର୍ଯ୍ୟ ଓ ସମ୍ପାଦକ ତାଙ୍କ ଘରକୁ ଆସି ବହୁତ ଅନୁରୋଧ କଲେ, ସ୍କୁଲ ନଛାଡିବାକୁ, କିନ୍ତୁ ସେ ନଛୋଡବନ୍ଧା । ଅକଥନୀୟ ଯାତନାକୁ ଆଦରି ଶିଶୁମନ୍ଦିର ପଥରେ ସେ ବିଛେଇଦେଲା ପୁଷ୍ପାଞ୍ଜଳି । ସେହି ସହରରେ

ISSN NO.
2582-208X

ସେ ଟିଉସନ କରି ସୁକାନ୍ତଙ୍କ ଠାରୁ ଅଲଗା ରହୁଥିଲା । ଭଲ ଆୟ ବି ତାର ହେବାର । କିନ୍ତୁ ଏକଥାକୁ ସହିପାରିଲାନାହିଁ ସୁକାନ୍ତ । ପରୋକ୍ଷରେ ଅନେକ ଭାବେ ତାକୁ ହଇରାଣ କଲା । ମଦ ପିଇ ମାତାଲ ହେଇ ତା ଘର ଦୂଆର ସାମ୍ନାରେ ଆସି ଅଭଦ୍ର ଭାଷାରେ ଗାଳି ଗୁଲଜ କରେ । ମିଛସତ କହି ତା ଚରିତ୍ର ସଂହାର କରେ ବଡପାଟିରେ । କ୍ରମେ ମନଗଢା କାହାଣି ସବୁ ବଜାର ରେ ବାଣ୍ଟି ବୁଲିଲା । ଏହି ଭିତରେ ତାଙ୍କ ଝିଅ ବଡ ହେଇସାରିଥାଏ। ଧାରଉଧାର କରି ସେ ଭୋଜିଟେ ଆୟୋଜନ କରିଥିଲା । ଝିଅ ବଡ ହେବା ପରେ, ମୀନୁର ଏକ ଦାୟିତ୍ୱବୋଧ ଅନୁଭବ ହେଲା । ତା ମାଆର ଚରିତ୍ର ସଂହାର କୁନି ଝିଅକୁ ପ୍ରଭାବିତ ନକରୁ ବୋଲି ମୀନୁ ଏକ ବଡ ନିଷ୍ପତ୍ତି ନେଲା । ସେହି ସହରରୁ ୨୦୦ କିମି ଦୂର ସ୍ଥାନକୁ ସେ ଚାଲିଆସିଲା । ମୀନୁ ଶିକ୍ଷିକା ଭାବରେ ବହୁତ ଖ୍ୟାତି ଅର୍ଜନ କରିଥିଲା । ସେହି ସହରରେ ସହଜରେ ତାକୁ ସମସ୍ତେ ଗ୍ରହଣ କରିନେଲେ । ଟିଉସନ କରି ତାକୁ ଅଳ୍ପ ଦିନରେ ସଫଳତା ମିଳିଗଲା । ସଫଳତା ମିଳିବା ସହ ତାକୁ ଚିନ୍ତାରେ ରକ୍ତଚାପ ମଧ୍ୟ ମିଳିଗଲା । ଦିନେ ଟିଉସନ ସାରି ସେ ବସିଛି, ତା ନାକରୁ ପ୍ରଚୁର ରକ୍ତସ୍ରାବ ହେଲା । କଣ କରିବ ଭାବୁପାରିନଥାଏ । ନିଜେ ମରିପାରିବନି । ଝିଅକୁ ସମାଜରେ ଭଲ ମଣିଷଟେ କରି ଠିଆ କରିବା ତାର ଏକମାତ୍ର ଉଦ୍ଦେଶ୍ୟ ଥିଲା । ସେ ଏହି ମଧ୍ୟରେ ତାଙ୍କ ପୁରୁଣା ଘର ମାଲିକାଣୀଙ୍କ ସହ ମଝିରେ ମଝିରେ କଥା ହଉଥାଏ । ଦେହ କ୍ରମାଗତ ଭାବେ ଅସୁସ୍ଥ ରହିବାରୁ ସ୍ଥାନୀୟ ପାଥୋଲାବ୍ ରେ ପରୀକ୍ଷା କରି ସେ ଜାଣିଲା, ତା ମସ୍ତିଷ୍କର ଗୋଟିଏ ଧମନୀ ରେ ସମସ୍ୟା ରହିଛି, ଯାହାର ଚିକିତ୍ସା ନିମିତ୍ତ ଷାଠିଏ ହଜାର ଅର୍ଥରାଶି ଦରକାର। ଯାହା କରଜ ସୂତ୍ରରେ ମିଳିପାରିବ କି ଅନୁରୋଧ କରନ୍ତେ, ସେ ରାଜି ହେଇଗଲେ । ପୁଅ ଇଶ୍ୱରରାଓ କୁ କହି ସେ ଅର୍ଥରାଶି ପୈଠ କରେଇଦେଲେ । ଏଭଳିକି ଯତ୍ନନେବେ ବୋଲି ତାଙ୍କ ଝିଅ ଏବଂ ନିଜେ ଯାଇ ବିଶାଖପାଟଣାର ସେଭେନହିଲ୍ସ ରେ ଜଏନ୍ କଲେ । ଏମିତି ୧୫ ଦିନ ଚିକିତ୍ସା ପରେ, ସେ ଆଶୁ ଆରୋଗ୍ୟ ଲାଭ କଲେ । ଏହି ମଧ୍ୟରେ ଇଶ୍ୱରରାଓଙ୍କ ସହ ପରିଚୟ କିଛି ଅଧିକ ବୃଦ୍ଧିହେଲା । ବେନିଜନେ ସମଦଶା ପଡିଥିଲା। ଇଶ୍ୱରରାଓଙ୍କ ପତ୍ନୀଙ୍କ ମଧ୍ୟ ପରକୀୟା ସମ୍ପର୍କ ଥିଲା । ସେ ତାଙ୍କ ମାଆଙ୍କ ଯତ୍ନ ନେବା ସକାଶେ ତାଙ୍କୁ ଲିଭ୍ ଇନ୍ ର ପ୍ରସ୍ତାବ ଦେଲେ । ପଇସା ଖର୍ଚ୍ଚ କରିଛି ବୋଲି ନୁହଁ, କେବଳ ପରସ୍ପରକୁ ସହାୟତା କରିବା ବୋଲି ମୋର ଉଦ୍ଦେଶ୍ୟ । ବିଗତ ଛଅ ବର୍ଷ ଧରି ମୁଁ ପତ୍ନୀସୁଖରୁ ବଞ୍ଚିତ । ମୀନୁ କହିଲେ, ମୁଁ ଏଦିଗରେ ବିଚାର କରିବି । ମୋତେ କିଛି ସମୟ ଦରକାର । ଇଶ୍ୱରରାଓଙ୍କ ମାଆ ମଧ୍ୟ ତାଙ୍କୁ ଏକଥା ବିଷୟରେ ଅନୁନୟ ବିନୟ

ISSN NO.
2582-208X

ହେଲେ। ମୀନୁ ତାଙ୍କୁ ଦୁଇ ବର୍ଷ ସମୟ ମାଗିଲା । ତାଙ୍କ ବିଷୟରେ ବିଭିନ୍ନ ସ୍ଥାନରେ ଏନ୍‌କ୍ୱାରୀ କରି ଜାଣିଲା, ସେ ଜଣେ ଉତ୍ତମ ମଣିଷ । ତାଙ୍କ ସହ ସେ ଖୁସିରେ ରହିପାରିବ। ସମାଜ ପୁରୁଷଟିଏ ର ଦ୍ୱିତୀୟ ବିବାହ କୁ ରାଜି ହେଉଥିବା ସ୍ଥଳେ ନାରିଟିଏ କୁ କାହିଁ ଏତେ ସନ୍ଦେହ ନଜର ରେ ଦେଖେ, ସେକଥା ସେ ବୁଝିପାରୁନଥିଲା । ଛଅ ମାସ ପରେ ସେ ଇଶ୍ୱରରାଓଙ୍କ ପ୍ରସ୍ତାବରେ ରାଜି ହେଇଗଲା । ଇଶ୍ୱରରାଓ, ମୀନୁ ଓ ତାଙ୍କ ଝିଅ ସମସ୍ତେ ତିରୁପତି ଦର୍ଶନ ନିମନ୍ତେ ଯାଇଥିଲେ । ଦିନସାରା ଗହଳିରେ ରହି ସେମାନେ ହାଲିଆ ହେଇସାରିଥିଲେ । ଲଜିଂରେ ପହଞ୍ଚୁ ପହଞ୍ଚୁ ଝିଅ ଶୋଇପଡିଲା । ମୀନୁ ଦେହରେ ଅଳ୍ପ ବଳଥିଲା । କିନ୍ତୁ ଇଶ୍ୱର ରାଓ ପୁରା ଆକ୍ଟିଭ୍ ଥିଲେ । ସେ ସକାଳୁ ଗାଜର ରସ ପିଇ ଜିମ୍ ଯାଆନ୍ତି । ଆସିକି ୪ଟି ସିଝାଅଣ୍ଡା ନିଅନ୍ତି । ତୈଳ ଜିନିଷ ବର୍ଜନ କରନ୍ତି। ଦେଖିବାକୁ ସୁସ୍ଥ ସବଳ । ସେଠି ସେ ମିନୁଙ୍କୁ ଶାରିରୀକ ସମ୍ପର୍କ ନିମିତ୍ତ ସଫଳ ଅନୁରୋଧ କରିଥିଲେ। ଏମିତିରେ ତାଙ୍କର ଅଟକିଥିବା ସଂସାର ରଥ ପୁଣି ଚାଲିଉଠିଲା । ଇଶ୍ୱରରାଓଙ୍କୁ ସେ ଗେଲରେ ଗୁଲୁ ବୋଲି ଡାକିବାକୁ ଲାଗିଲା । ସୁକାନ୍ତ ସହ ବିତେଇଥିବା ମୂହୂର୍ତ୍ତମାନଙ୍କୁ ସେ ଆସ୍ତେ ଆସ୍ତେ ଭୁଲିବାକୁ ଲାଗିଲା । ଶାରିରୀକ ତୃପ୍ତି, ମାନସିକ ଦୁଷ୍ଚିନ୍ତାରୁ ମୁକ୍ତି ତଥା ସାମାଜିକ ସ୍ୱୀକୃତିକୁ ନେଇ ସେମାନେ ଦୂର ଏକ ସହରରେ ଘର କଲେ, ଯେଉଁଠି ତାଙ୍କ ଉପରକୁ କେହି ଆଙ୍ଗୁଳି ଉଠଉନଥିଲେ ।

ଏମିତି ଭଲରେ କିଛିଦିନ ଗଲା । ତାଙ୍କ ଝିଅବି ଗୁଲୁଙ୍କୁ ନାନା ବୋଲି ଡାକୁଥିଲା । କିଛି ଦିନରେ ତା ନୂତନ ଶାସୁଙ୍କ ବ୍ୟବହାର ରେ ଅନେକ ପରିବର୍ତ୍ତନ ଆସିଗଲା । ପୁଅ ଯାହାଜରେ କାମକରେ । ତିନିମାସ କାମ ଓ ତିନିମାସ ଛୁଟି । ଏହିଭଳି ବର୍ଷକୁ ଛଅମାସ ଘରେ ରହିବାକୁ ହୁଏ । ଯିବା ସମୟରେ ଅନେକ ଜିନିଷ ଧରି ସେ ଯାଆନ୍ତି, ଯେହେତୁ ସେ ଜାହାଜର କ୍ୟାପଟେନ ଥିଲେ, ପଇସା ପତ୍ରର ଅଭାବ ନଥିଲା । କିନ୍ତୁ ଯାହାଜରେ ଭଲ ଜିନିଷ ମିଳୁନଥିଲା । ଏମିତିରେ ବୋହୂ ବିରୁଦ୍ଧରେ ପୁଅର କାନ ସେ ନିୟମିତ ଭରନ୍ତି । ଫୋନ୍ ରେ କାହା ସହ କଥା ହେଲେ ପଚାରିବା, ବାହାରୁ ଫେରିଲେ ସନ୍ଦେହ ଚକ୍ଷୁରେ ଦେଖିବା, ସବୁତକ ଲୁଗାପଟା ଚାକରାଣିକୁ ନଦେଇ ବୋହୂହାତରେ ସଫା କରିବା, ବାସନ କୁସନର ଅଧା ତା ହାତରେ ଧୋଇବା ଆଦି ନୀଚ ମାନସିକତା ତାଙ୍କର ଥାଏ । ଦିନକର କଥା । ପୁଅ ଯିବ ବୋଲି ୮ କେଜି କାନ୍ଦୁଲ ଆଣି କହିଲେ, ୟାକୁ ଭାଜେ । ଗ୍ୟାସ ନୁହଁ, ଅଙ୍ଗାର ଚୁଲିରେ ଭଲ ଭଜା ହେଇପାରିବ । ଭାଜିକି ତାକୁ ହେମଦସ୍ତାରେ କୁଟିବୁ । ସୁକାନ୍ତର ନୀର୍ଯ୍ୟାତନା ତୁଳନାରେ ଏଗୁଡିକ ତାପାଇଁ କିଛି ନଥିଲା । ପୁଣି ମୀନୁର ମାସିକ

ISSN NO.
2582-208X

ଋତୁସ୍ରାବ ସମୟରେ ଦିପହରେ ଶୋଇବାକୁ ବାରଣ କରନ୍ତି । ସେ ଅଚିରେ ସେସବୁ କରିଦେଲା । ଶାଶୁରାଣୀ ସବୁଦିନେ ମୀନୁ ପାଖରେ ରହନ୍ତିନାହିଁ । ଏ ବୋହୂ ପାଖରେ କିଛି ଦିନ ତଥା ଆରବୋହୂ ପାଖରେ କିଛି ଦିନ ରହନ୍ତି । ସୁଗାର ଫ୍ରି ହର୍ଲିକ୍ସ ତାଙ୍କର ସରିଯାଇଥାଏ । ଅଯଥାରେ ଅଉ ଗୋଟେ ଡାବା କାହିଁକି ଖୋଲାହବ ବୋଲି ସେ ୧୦ଟଙ୍କିଆ ପାଉଚ କିଣି ଦିଦିନ ମେନେଜ କରିଦେବେ ଭାବିଲା । କିନ୍ତୁ ସେ କଳିହୁଡି ଶାଶୁ ମିଛରେ ସାଧାରଣ ହର୍ଲିକ୍ସ ଦଉଛୁ କହି ତା ଚୁଟି ଧରିପକେଇଲେ । ଦୋଚାରୁଣି, ମୋତେ ଚିନି ଖୁଏଇ ମରେଇବୁ । ମନେ ପଡିଯାଉଥୁଲା ତା'ର ସେଦିନର ଅନୁନୟ ବିନୟ। ତୁ ଚାହିଁଲେ ମୋ ପୁଅ ପୁଣି ହସିବ; ମୀନୁର ସହିବା ବ୍ୟତୀତ ଆଉ କିଛି କରିବାର ନଥାଏ । ତା ବୟସ ବି ବଢି ଚାଲୁଥାଏ । ମାଆ ସହ ଝିଅ ମାନେ ମୀନୁର ନୂତନ ନଣନ୍ଦ ବି କିଛି କମ୍ ନଥିଲେ । ପଇସା ପାଇଁ ମୋ ଭାଇକୁ ପଟେଇକି ବିବାହ କରିଛି ବୋଲି ତେଲୁଗୁରେ ତା ସାଂଗମାନଙ୍କୁ କହେ । କେବେ ଭାଇ ଘରକୁ ବୁଲି ଆସିଥିବା ସମୟରେ ନିଜର ମଇଳା ଲୁଗା ପଟା ବି ଭାଉଜ ହାତରେ ସଫା କରାଏ । ମୀନୁର ସେଥିପ୍ରତି ସେତେଟା ବିରକ୍ତିଭାବ ନଥାଏ, କିନ୍ତୁ ପାଲଟା ଅନ୍ତବସ୍ତ୍ର ଯେଉଁ ସମୟରେ ତାଙ୍କୁ ଧୋଇବାକୁ ଦିଏ, ମୀନୁକୁ ବଡ ବାଧେ । ସେମାନେ ବୁଲିବାକୁ ଗଲେ ତାଙ୍କ ଅଡି ଗାଡିରେ ଯା'ନ୍ତି । ସେହି ସମୟରେ ଶାଶୁ, ବୁଢିମଣିଷଟେ ବୋଲି ତାଙ୍କ ପାଇଁ ମୀନୁ ଗାଡି ପାଖକୁ ଧରିକି ଆସେ, କିନ୍ତୁ ନଣନ୍ଦଙ୍କର ମଧ୍ୟ ପାଦ ତଳେ ପଡେନି । ପୁଣି ତାଙ୍କ ଅଇଁଠା ବାସନ ସବୁ ଧରିକି ଯିବାକୁ ହୁଏ । ଘରେ ଆଉ ବାହାରେ ସେ ସାଜିଥିଲା ମୁଲିଆ । ଗୁଲୁ ଏକଥା ଜାଣି ନଜାଣିଲା ଭଳି ବ୍ୟବହାର କରନ୍ତି ।

ଏଣେ ଗୁଲୁ କେବଳ ତାଙ୍କ ଶରୀର ଉପଭୋଗ କରୁଥା'ନ୍ତି । ନା କରୁଥା'ନ୍ତି ତାକୁ ବିବାହ ନା ଦଉଥା'ନ୍ତି ତାକୁ ଚାକିରି କରିବାର ଅନୁମତି । ସେ ବି ତାକୁ ପ୍ରତି ମୂହୂର୍ତ୍ତରେ ଜଗନ୍ତି। ଫୋନ୍ କରିବା ସମୟରେ ୱେଟିଂ ଆସିଲେ କହନ୍ତି, ମୁଁ ଏମିତି ଜାଲ ବିଛେଇଚି ଯେ, ତୁ କଣ କରୁଛୁ ସବୁ ସୂଚନା ମୋ ପାଖରେ ରହିଅଛି । ତୁ ଡାଳେ ଡାଳେ ଗଲେ ମୁଁ ପତ୍ରେ ପତ୍ରେ ଯିବି । ପୁଣି ତାକୁ ନଜଣେଇ ତାଙ୍କ ଭଉଣୀଙ୍କ କଳାକୁତୁରା ପୁଅ ସହ ତା ପରୀ ଭଳି ଝିଅର ବିବାହ ପାଇଁ ଜିଦ୍ ଧରିଥିଲେ । ଦିନକର କଥା, ସେ ସ୍ତ୍ରୀଙ୍କ ପାଖକୁ କିଛି ଅଳଙ୍କାର ବାବଦରେ ୬୧ ହଜାର ଟଙ୍କା ଫୋନ୍ ପେ କରୁଥା'ନ୍ତି । ମୀନୁ ଦେଖିକି କେବଳ କୋଉ ବାବଦକୁ ପଇସା ପଠଉଚ ପଚାରିଲା । ଏତିକିରେ ତାଙ୍କ କାନ୍ଥରେ ଲାଗିଥିବା ଏଲଇଡି ଟିଭି ତାକୁ ଲକ୍ଷ କରି କଚାଡି ଦେଲେ । ମୀନୁକୁ ଅନେକ ଚାପୁଡା

ISSN NO.
2582-208X

ବସେଇଦେଲେ। ତୁ ଦଉଛୁ ନା ନଉଛୁ ବେ? ପରେ ସେ ଜାଣିବାକୁ ପାଇଲା, ପୂର୍ବ ସ୍ତ୍ରୀ ସହ ତାଙ୍କର ଭଲ ସମ୍ପର୍କ ରହିଅଛି । ମୀନୁଭଳି ଅନେକ ବେସାହାରାଙ୍କୁ ସେ ରକ୍ଷିତା କରି ରଖନ୍ତି । ମୀନୁ ଯେବେ ଜାଣିଲା, ତା ମନ ଟିକିଏ ଦୁଃଖ ହେଲା, କିନ୍ତୁ ସେ ବିଚଳିତ ହେଲା ନାହିଁ । ସେ ଗୁଲୁଙ୍କୁ ଡକେଇ ପଠେଇଲା । ନିଜର ସ୍କୁଟି ଓ ଦିପଟ ସୁନାଚୁଡି ଯାହାକୁ ସେ ନିଜ ଅର୍ଜିତ ପଇସାରେ କରିଥିଲା, ସେଗୁଡିକୁ ଗୁଲୁଙ୍କୁ ଅର୍ପିତ କରି ତାଙ୍କଠୁ ବିଦାୟ ମାଗିଲା। ଏହି ଚୁଡି ଏବଂ ସ୍କୁଟି ଆଜିଠି ତମର । ମୋ ଉପରେ ବହୁତ ଉପକାର କରିଛ । ଆଉ ଯାହା କରିବ କର, କିନ୍ତୁ ମୋତେ ଫୋନ୍ ଅବା ମେସେଜ୍ କରିବନାହିଁ ।

କଣ କରିବ ଭାବିପାରୁନଥାଏ । କୋଉଠି ରହିବ, କୁଆଡେ ଯିବ । ହାତରେ ତାର କେବଳ ଥାଏ ତାର ସବୁ ମାର୍କସିଟ୍ ଏବଂ ସାର୍ଟିଫିକେଟ୍ । ଝିଅର କିଛି ଡ୍ରେସ୍ ଏବଂ ତାର ଦିହଳ ଶାଢି ଧରି ସେ ଅଗକୁ ବଢୁଥାଏ । ସ୍ଥାନୀୟ ହାଇସ୍କୁଲ ପଡିଆରେ ଅନେକ ଗାଡି ପାର୍କିଂ ହୋଇଥାଏ । କିଛି ଜଣ ଖାଦ୍ୟ ପୁଡିଆ ଧରି ବାହାରକୁ ଆସୁଥା'ନ୍ତି । କଣ ହଉଛି ଦେଖିବାକୁ ସେ ଭିତରକୁ ଆସ୍ତେ ଆସ୍ତେ ପାଦ ବଢେଇଲା । ଅନେକ ଷ୍ଟଲ ରେ ବ୍ଲେଜର ପିନ୍ଧା ବାବୁ ସବୁ ଠିଆ ହୋଇ ପ୍ରତ୍ୟାଶୀ ମାନଙ୍କୁ କଣସବୁ ବୁଝଉଥା'ନ୍ତି । ସେୟା ଥିଲା ଓଡ଼ିଶା ସରକାରଙ୍କ ତରଫରୁ ଜବ୍ ମେଳା । ସେଥିରେ ସେ ନାମାଙ୍କନ ଭରିଲା । ଇଶ୍ୱରଙ୍କ ଆଶୀର୍ବାଦ ସ୍ୱରପ ମାଙ୍ଗାଲୋର୍ ରୁ ଆସିଥିବା ଶୈକ୍ଷିକ ଅନୁଷ୍ଠାନରେ ତା' ଚୟନ ହୋଇଗଲା। ଓରିଏଣ୍ଟେସନ ନିମିତ୍ତ ତାକୁ କିଛି ଦିନ ପ୍ରେରଣ କରେଇ ଭଲ ଚାକିରି ପ୍ରଦାନ କରାଗଲା । ସେଠି ଝିଅକୁ ଉତ୍ତମ ଶିକ୍ଷା ଦେଇ କଳୁସିତ ପୁରୁଷଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ନିମିତ୍ତ ଅଭିପ୍ରେରିତ କଲା । କିଛି କାଳରେ ତାଙ୍କ ଝିଅ ଭାରତୀୟ ପୁଲିସ ସେବାରେ ଚୟନ ହେଲା । ସମାଜରୁ କୁସଂସ୍କାର ତଥା ଲମ୍ପଟ ବୃତ୍ତିରେ କାଳିମା ଭରିଦେଉଥିବା ପୁରୁଷଙ୍କୁ ଉପଯୁକ୍ତ ଶାସ୍ତିବିଧାନ ସେ କରିପାରିଲା ।

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ସମ୍ପର୍କ : +୯୧- ୯୦୭୮୮୩୮୬୨୭
E-Mail : arunkumar.tripathy31@gmail.com

ISSN NO.
2582-208X

# ଭୋଦୁଅ



ନୀଳମଣି ଗୁନ୍ଦ

ଭୋଦୁଅ ତ ଡାକୁଥିଲା ଧରାପରେ ଆସି
ଦେଖିନିଅ ନିରିଖେଇ ସବୁ ଧରାବାସୀ
ଶିରାବଣ-ରାବଣର ଗରବକୁ ଚୁରି
ବରଷକ ପରେ ଆସିଅଛି ଘୂରିଘୂରି ।

ଭରିଛିରେ କାଶତଣ୍ଡୀ ଫୁଲ ମୁଖେ ହସ
ଯା ଦର୍ଶନେ ପଥଚାରୀ ହୋଇଥାନ୍ତି ବଶ
ଜାଣିନା କି ତା ପାଇଁରେ ଚାମର ସେ ଢାଳେ
ଶରତରେ ଏଇ ସେବା ତା'ର କାଳେକାଳେ ।

ବଦଳିଯାଇଛି ଢାଉରଙ୍ଗ ନଇ ପାଣି
ଅଭ୍ର ପରି ଦିଶେ କିଆଁ ହୁଏନାହିଁ ଜାଣି
କାଚକେନ୍ଦୁ ବିଶେଷଣ ସାଥେ ଯୋଡ଼ି ପାର
ଲାଗେ ଝରିଯାଏ ସତେ ଶ୍ୱେତ ଗଙ୍ଗାଧାର।

ଆକାଶେ ବାଦଲ ଭାସେ ବୋଇତଟି ପରି
କଦବା କେମିତି ମେଘ ପଡୁଥାଏ ଝରି
ଧରାଦିଶେ ନିରିମଳ କପା ପରି ସଫା
ସିଏ ଶୁଭ୍ରବସ୍ତ୍ରା ଅବା କେଉଁ ମହାତପା ।

ISSN NO.
2582-208X

ଆଇ ପେଡ଼ିଲୁଗା ଖାଏ ଭୋଦୁଅର ଖରା
ବରଷକ କାମ ଇଏ ଆଇ ମଣେ ପରା।
କମଳ କୁମୁଦ ଫୁଟି ହସେ ସରୋବରେ
ଭୋଦୁଅର ଭାବନାରେ ମନେ ତୃପ୍ତି ଭରେ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ବର୍ଷା



ନରଞ୍ଜନ ସାହୁ

ତୁମରି ଆଖିରୁ ଲୁହ ଝରିଗଲେ
ସତେକି ବରଷା ଝରେ
ତୁମରି ଛାତିରେ କୋହ ଉଠୁଥିଲେ
ବଜ୍ର ପରି ଡରି ମରେ ।

ତୁମେ ରୁଷିଗଲେ ତୁମରି ମୁହଁରେ
ବାଦଲ ଆସଇ ମାଡି
ତୁମ କାନ୍ଦଣାର ଘନ ନିଶ୍ୱାସରେ
ଅଣଚାଷ ବାୟୁ ଧାଡି
ତୁମ ଦୁଃଖମିଶା ଚାହାଣି ଭିତରେ
ବିଜୁଳି ମାରଇ ଖରେ ।

ତୁମେ ରାହା ଧରି ଉଚ୍ଚରେ କାନ୍ଦିଲେ
ଧାର ଧାର ଝରେ ଲୁହ
କେମିତି ସରିବ ଏ ଝଡି ବରଷା
ଉପାୟ ମୋତେ କେ' କୁହ
ସହି ପାରେନା କି କହି ପାରେନା କି
ରହିପାରେ ନାହିଁ ଘରେ ।

ନିହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X



# ଗଛ ଗଛ ଗଛ ଆଉ ସବୁ ପଛ



ଶୁଭଶ୍ରୀ ମହାପାତ୍ର

ଗଛ ଆମର ଜୀବନ, ଗଛ ବିନା ଆମେ ବଞ୍ଚିପାରିବା ନାହିଁ । କାହିଁ ପୂର୍ବ ପୁରୁଷ ଅମଳ ରୁ ଜେଜେ ଓ ଅଣ ଜେଜେ ବାପା ମାନେ ଗଛ ଲଗାଇ ଅନେକ ଉପକାର ପାଉଥିଲେ । ଗଛ ରୁ ଆମେ ଫୁଲ, ଫଳ ଓ ବିଭିନ୍ନ ପ୍ରକାରର ଆୟୁର୍ବେଦିକ ଔଷଧ ମଧ୍ୟ ପାଇଥାଉ । ଗଛ ଟି ବଞ୍ଚି ରହିଥିବା ଯାଏ ଆମ ଉପକାର ରେ ଆସିଥାଏ ଓ ଶେଷରେ ଗଛଟି ଯେତେବେଳେ ମରିଯାଏ,ତାର ପତ୍ର, ଡାଳ ଓ ଗଣ୍ଡି କୁ ଆମେ ଜାଳେଣି ରୂପେ ବ୍ୟବହାର କରିଥାଉ । କିନ୍ତୁ ବାର୍ତ୍ତମାନ ସମାଜ ବିସ୍ତାର ହେଉଥିବାରୁ ବିଭିନ୍ନ କଳକାରଖାନା, ଘରଦ୍ୱାର, ଦୋକାନ ବଜାର ଅତ୍ୟଧିକ ବଢୁଥିବାରୁ ଲୋକ ମାନେ ବସବାସ କରିବା ପାଇଁ ଗଛ ଗୁଡିକୁ କାଟିଦେଉଛନ୍ତି । ଏହାଦ୍ୱାରା କଳକାରଖାନା ରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଳି ଓ ଧୂଆଁ ରେ ବାୟୁମଣ୍ଡଳ ପ୍ରଦୂଷଣ ହେବା ସହ ଜନ ଜୀବନ ଉପରେ ପ୍ରତକ୍ଷ ଓ ପରୋକ୍ଷ ଭାବରେ ଆମ ଉପରେ ପ୍ରଭାବ ପକାଉଛି, ଏହା ଯୋଗୁ ଆମେ ଅନେକ ରୋଗ ର ସମ୍ମୁଖୀନ ହେଉଛୁ । ଆଗକାଳ ରେ ଆମ ଜେଜେ ବାପା, ଜେଜେ ମା ମାନେ ବୈଦରାଜ ଙ୍କ ପାଖକୁ ଯାଇ ଆୟୁର୍ବେଦିୟ ଔଷଧ ଆଣି ଅନେକ ରୋଗ ରୁ ଉପଶମ ପାଉଥିଲେ । ଆଜିର ଦୁନିଆରେ ମଣିଷ ସୁଖରେ ବଞ୍ଚିବା କୁ ହେଲେ ସର୍ବ ପ୍ରଥମେ ନିଶ୍ୱାସ ପ୍ରଶ୍ୱାସ ନେବା ନିହାତି ଜରୁରୀ"ଏହା ପାଇଁ ବୃକ୍ଷ ନିତ୍ୟାନ୍ତ ଆବଶ୍ୟକ । ଆମର ଏହି ଜନଗହଳି ପୁର୍ଣ ଦୁନିଆରେ ଜନ ସମାଜ ବଞ୍ଚିବା ପାଇଁ ଗଛ ଗୁଡିକୁ କାଟି ଦେଉଛନ୍ତି ଏହାଦ୍ୱାରା ଜଙ୍ଗଲ ର ପରିସୀମା କମିଯାଉଛି । ବାଟୋଇ ମାନେ ରାସ୍ତାରେ ଯିବା ସମୟରେ ଟିକେ ଛାଇ ତଳେ ବସିବା ପାଇଁ ଗଛ ଖୋଜୁଛନ୍ତି । ଏହିପରିସ୍ଥିତି ରେ ସମାଜରେ ଅନେକ ସ୍ୱେଚ୍ଛାସେବୀ ଓ ସମାଜସେବୀ ମାନେ ଅଛନ୍ତି ଯେଉଁମାନେ କି ସମାଜ ପାଇଁ ନିଜର ବହୁମୂଲ୍ୟ ସମୟରୁ କିଛି ସମୟ ବାହାର କରି ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରୁଛନ୍ତି । ଏହା କୌଣସି ପ୍ରଶଂସା ପାଇଁ

ISSN NO.
2582-208X

ନୁହେଁ, କେବଳ ସମାଜ କୁ ସୁରକ୍ଷା ଦେବାପାଇଁ ତାଙ୍କ ଭିତରେ ଏକ ଅଜବ ନିଶା । ସେମାନେ ନିଜ ପାରିଶ୍ରମିକ ଅର୍ଥ ରୁ କିଛି କିଛି ସଞ୍ଚୟ କରି ଗାଁ ଗହଳି, ରାସ୍ତା କଡ଼, ମନ୍ଦିର, ମଠ ଓ ଖୋଲାପଡ଼ିଥିବା ପଡିଆ, ଏହିଭଳି ସ୍ଥାନରେ ବୃକ୍ଷରୋପଣ କରି ସୁସ୍ଥ ସମାଜ ଗଠନ ଦିଗରେ ଦିନକୁ ଦିନ ଆଗେଇ ଚାଲିଛନ୍ତି । ଗାଁ ଗହଳି ରେ ଥିବା ମହିଳା, ଗ୍ରାମର ବେକାରୀ ଯୁବକ ମାନଙ୍କୁ ମଧ୍ୟ ପ୍ରେରଣା ଦେଇ ଚାଲିଛନ୍ତି । ମୁଁ ଶ୍ରୀମତୀ ଶୁଭଶ୍ରୀ ମହାପାତ୍ର, ଗ୍ରାମ -ଶବଳକଣା, ବ୍ଲକ -ମାହାଙ୍ଗା, ଜିଲ୍ଲା -କଟକ ଜଣେ ସ୍ୱେଚ୍ଛାସେବୀ ଭାବେ ଆଜକୁ ପ୍ରାୟ ସାତ ବର୍ଷ ହେବ ଏହି କାର୍ଯ୍ୟ ନିୟମିତ ଭାବେ କରି ଆସୁଅଛି । ଏହିକାର୍ଯ୍ୟ କଲେ ମୋ ହୃଦୟକୁ ବହୁତ ଶାନ୍ତି ଓ ଆନନ୍ଦ ମିଳେ, ଏହା କହିବାକୁ ଗଲେ ମୋର ଗୋଟିଏ ନିଶା । ଅତି ନିକଟରେ ଆସିଥିବା କୋରନା ମହାମାରୀ କେବଳ ବାୟୁ ଦ୍ୱାରା ବ୍ୟାପୁଥିଲା, ଏହାକୁ ଆମେ ସମସ୍ତେ ଅଙ୍ଗେ ଲିଭାଇ ଅଛେ । ଏହି ସମୟରେ ଲୋକ ମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନଗହଳି ପୁର୍ଣ ସ୍ଥାନରେ ମାସ୍ ଓ ସାନିଟାଇଜର ବଣ୍ଟନ କରି ଲୋକ ମାନଙ୍କୁ ସଚେତନତା ର ବାର୍ତ୍ତା ବାଣ୍ଟିବା ରେ ନିଜକୁ ନିୟୋଜିତ କରିଅଛି । ଏହି ସମୟ ମୋପାଇଁ ଏକ ଚିର ସ୍ମରଣୀୟ ମୁହୂର୍ତ ଥିଲା । ଆମେ ସମସ୍ତେ ଜାଣିଛୁ କି ଗଛ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ଛାଡେ, ଯାହାକୁ ଆମେ ପ୍ରଶ୍ୱାସ ରେ ଅଙ୍ଗାରକାମ୍ଳ ଗ୍ରହଣ କରି ନିଶ୍ୱାସ ରେ ଅମ୍ଳଜାନ ତ୍ୟାଗକରୁ । ଆଜିର ଦୁନିଆରେ ଅନେକ ବୃକ୍ଷ କୁ କାଟି ନ ଦିଆଯାଇଥାଆନ୍ତା, ତାହେଲେ ଏହି ମହାମାରୀ ଆମ ଉପରେ ଅଧିକ ପ୍ରଭାବ ପକାଇ ପାରି ନ ଥାନ୍ତା।ଏହାକୁ ଦୃଷ୍ଟିରେ ରଖି ମୁଁ ଆମ ଗ୍ରାମର ମହିଳା, ଯୁବକ ଓ ସ୍ୱୟଂ ସହାୟତା ଗୋଷ୍ଠୀ ର କର୍ମୀ ମାନଙ୍କୁ ନେଇ ସମାଜ କୁ ସୁରକ୍ଷା ଦେବାପାଇଁ ବିଭିନ୍ନ ପ୍ରଜାତିର ଔଷଧୀୟ ଗଛ, ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ କରିଅଛି । ସମାଜସେବା କରିବା ମୋର ଗୋଟିଏ ନିଶା, ଜଣେ ପ୍ରକୃତି ପ୍ରେମି ଭାବରେ ମୁଁ ଏହି କାର୍ଯ୍ୟକ୍ରମ ଆମ ଅଞ୍ଚଳ ସହିତ ଆଖପାଖ ଅଞ୍ଚଳରେ ମଧ୍ୟ କରିଆସୁଅଛି । ପିଲାଟି ଦିନରୁ ମୋତେ ଗଛ ଲେଗେଇବା ସହିତ ଏହାର ଯତ୍ନ ନେବାକୁ ବହୁତ ଭଲଲାଗେ । ଛୋଟ ବେଳେ ମୁଁ ମୋ ବାପାଙ୍କ ସାଙ୍ଗରେ ଯାଇ ବାପା ଗଛ ଲଗାଇଲା ବେଳେ ଦେଖେ ଓ ମୋତେ ବହୁତ ଆନନ୍ଦ ଲାଗେ । ତାଙ୍କ ଠାରୁ ଏହି ବୃକ୍ଷରୋପଣ ର ପ୍ରେରଣା ମୁଁ ପାଇଆସିଛି, ବଡ ହେବାପରେ ମୁଁ ମୋର ବିଦ୍ୟାଳୟ, ମଠ, ମନ୍ଦିର, ରାସ୍ତା କଡ଼ ଓ ଖୋଲାପଡିଆ ରେ ଅନେକ ବୃକ୍ଷ ରୋପଣ କରିଛି, ଏହା ସହିତ ସ୍ନାତକ ତର ହାସଲ କରିସାରିବା ପରେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ

ISSN NO.
2582-208X

ନିଶ୍ଚିନ୍ତକୋଇଲି ବ୍ଲକ ଓ ମାହାଙ୍ଗା ବ୍ଲକ ପରିସର ଭୁକ୍ତ ଥିବା ଗ୍ରାମ ମାନଙ୍କ ରେ ବୃକ୍ଷରୋପଣ କାର୍ଯ୍ୟ କରି ଆସୁଅଛି । ଡାକ୍ତରଖାନା ପରିସର ରେ ସଫେଇ କାର୍ଯ୍ୟକ୍ରମ ଓ ଅନେକ ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ନିଜକୁ ନିୟୋଜିତ କରି ଆତ୍ମ ସନ୍ତୋଷ ଲାଭ କରିଛି ।ମୁଁ ଜଣେ ଗୃହିଣୀ ଘରର ଚାରି କାନ୍ଥ ରୁ ବାହାରି ଏହି କାର୍ଯ୍ୟକ୍ରମ କରିବା ମୋ ପାଇଁ ବହୁତ କଷ୍ଟ ହୋଇଥିଲେ ମଧ୍ୟ୍ୟ ମୋର ପରିବାର ର ସମସ୍ତ ସଦର୍ଶ ମୋତେ ଏହିଭଳି କାର୍ଯ୍ୟ କରିବାପାଇଁ ଉତ୍ସାହିତ କରିବା ସହ ଆର୍ଥିକ ସହଯୋଗ ମଧ୍ୟ୍ୟ କରନ୍ତି ।ଆର୍ଥିକ ଅନାଗ୍ରସର ତଳେ ଥିବା ପରିବାର ମାନଙ୍କୁ ନିଜେ ଆର୍ଥିକ ସହଯୋଗ ର ହାତ ବଢ଼ାଇବା ସହ ପାଖରେ ପହଂଚି ଦୁଃଖ ଦୁର କରିବାକୁ ଚେଷ୍ଟା ସବୁସମୟରେ ଜାରିରଖିଅଛି । ବଳକା ସମୟ ରେ ଓଡ଼ିଆ ସାହିତ୍ୟ କୁ ସବୁ ସମୟ ରେ ମାନ୍ୟତା ଦେଇ କବିତା, ଗଳ୍ପ ପଢିବା ଓ ଲେଖିବା କାର୍ଯ୍ୟ ଜାରିରଖିଛି । ଭାଷା ସାହିତ୍ୟ ପାଇଁ ଅନେକ ସମୟରେ ବିଭିନ୍ନ ପ୍ରକାର କବିତା ଯଥା -ଶିଶୁ କବିତା, ମହାପ୍ରଭୁ ଜଗତ ର ନାଥ ଜଗନ୍ନାଥ ଙ୍କ ଉପରେ କବିତା ଓ ଦେଶାତ୍ମବୋଧକ କବିତା ଲେଖି ଆମ ସମାଜରେ ବଞ୍ଚିବା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତ୍ତମାନ ସମାଜରେ ସୁସ୍ଥରେ ବଞ୍ଚିବାକୁ ହେଲେ ଆମକୁ ପ୍ରତି ଘର ପିଛା ଚାରୋଟି ଗଛ ରୋପଣ କରିବାକୁ ହେବ, ଏହାଦ୍ୱାରା ଆସୁଥିବା ବଡ ବଡ ପ୍ରାକୃତିକ ବିପଦ ରୁ ଆମେ ରକ୍ଷାପାଇ ପାରିବା ଏହା ସହିତ ବୈର୍ଜ୍ୟବସ୍ତୁ ଗୁଡିକ, ପ୍ଲାଷ୍ଟିକ ସମସ୍ୟା, ଜୈବ ବିବିଧତା ମୃତିକା ସଂରକ୍ଷଣ କରିବା ଦିଗରେ ଅନେକ ସଚେତନତା ବାର୍ତ୍ତା ବାଣ୍ଟି ଚାଲିଛି । ଏହି ମାନବ ସମାଜ ପାଇଁ ମୋର ଗୋଟିଏ ବାର୍ତ୍ତା 'ଗଛ ହେଉଛି ଆମର ଜୀବନ, ଗୋଟିଏ ଗଛ କୋଟିଏ ଜୀବନ : ଏଥିପାଇଁ ମୁଁ ସବୁବେଳେ କୁହେ, ଗଛ ଗଛ ଗଛ ଆଉ ସବୁ ପଛ । '

କବୟିତ୍ରୀ /ସମାଜସେବୀ
ଶବଳକଣା, ମାହାଙ୍ଗା, କଟକ
ମୋ: ୯୩୩୭୦୭୧୭୧୫
Email :-subhashreemohapatra463@gmail.com

ISSN NO.
2582-208X

# ଅଚିହ୍ନା



ଅମୃତନାରାୟଣ ଶତପଥୀ

ସେ ଏକ ଏମିତି ବ୍ୟକ୍ତି କେହି ତାଙ୍କୁ ଚିହ୍ନନ୍ତି ନାହିଁ,
ଚିହ୍ନୁ ନଥିଲେ, ଚିହ୍ନୁ ନାହାନ୍ତି ଭବିଷ୍ୟରେ କେବେ ଚିହ୍ନିବେ କାହିଁ ?(୧)
ଦେଶ ଜାତି ସମାଜ ସଂସ୍କୃତି ପାଇଁ କର୍ତ୍ତବ୍ୟ ତାଙ୍କର ଯେ କର୍ମ,
ସେଥିପାଇଁ ନମିଳୁ ପଛେ ମାନ ସମ୍ମାନ ଅବା ହେଉ ଅପମାନ।(୨)
ପ୍ରଚ୍ଛଦପଟ୍ଟର ନାୟକ ନୁହଁନ୍ତି ପ୍ରଚ୍ଛଦ ପଛର ଏକ ଲେଖକ,
କରନ୍ତି ସେ କର୍ମ ଯାହା ହୁଏ ମନ ଖଟାଇ ପୁଣି ବୁଦ୍ଧି ବିବେକ।(୩)
ପ୍ରଚ୍ଛଦପଟ୍ଟରେ କାମ ନାହିଁ ତାଙ୍କ ପ୍ରଚ୍ଛଦ ପଛରେ ଲୁଚନ୍ତି ପୁଣି,
ସୁନାକୁ ସିନା ବଣିଆ ଚିହ୍ନଇ ଗୁଣିଆ ଚିହ୍ନଇ ଗୁଣୀ।(୪)
ସବୁ ଅଜଣାକୁ ଜଣାଉଥିବେ ସେ ହେଲା କେଉଁଥିରେ ହେବନି ସିନା,
ଚିହ୍ନିଲେ ଚିହ୍ନନ୍ତୁ ନଚିହ୍ନିଲେ ନାହିଁ ରହିଥାନ୍ତୁ ପଛେ ସଦା ଅଚିହ୍ନା।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଶ୍ରାବଣୀ



ପ୍ରେମଲ୍ଲ ବାଗ

ଆଜି ଖୁବ୍ ମନେ ପଡୁଚ ଶ୍ରାବଣୀ
ଶୋଇବାକୁ ଚେଷ୍ଟା କଲେ ବି ଶୋଇ ପାରୁନି
କଡ ଲେଉଟାଇ ଏପଟ ସେପଟ ହେଉଚି
ଝର୍କା ଖୋଲି ବାରମ୍ବାର ଆକାଶ କୁ ଅନେଇଚି
କାହିଁକି ନା ଶ୍ରାବଣ ଆସିଚି ।
ଶ୍ରାବଣ ମାଟିକୁ ଭିଜେଇ ଦେଲା,
ପାହାଡରୁ ମାଟି ଅତଡା ଖସିଲା,
ଆଉ ନଦୀ ହାତ ବଢେଇ ଦୁଇ କୂଳ ଛୁଇଁଲା ।
ଏପଟେ ......
ତମେ ମୋର ଛାତିକୁ ଭିଜେଇ ଦେଲ
ତତଲା ଲୁହରେ,
ଚୁନା ଚୁନା କରିଦେଲ ସାଇତି ରଖିଥିବା ସ୍ମୃତିକୁ
କେଉଁ ଅଳିଆ ଗଦାରେ,
ଆଉ ବିଦ୍ରୁପ କରୁଚ ରହି ଭିନ୍ନ ସହର ରେ ।
ତଫାତ ଖାଲି ଏତିକି....
ଶ୍ରାବଣ ମାଟିକୁ ଭଲ ପାଇଲା, ଏକାକାର ହେଲା
ଆଉ ତମେ ମୋତେ ପ୍ରତାରଣା କଲ, ଦୁରେଇ ଗଲ
ଖେଳେଇ ଦେଇ ଚକରା ଚକୁରି ଖେଳ ॥

ISSN NO.
2582-208X

# ଶିଶୁପାଳ



ଅଳକା ବାରିକ୍

ଶିଶୁପାଳ ତିନି ଆଖି ଏବଂ ଚାରି ବାହୁ ଥାଇ ଜନ୍ମ ହୋଇଥିଲେ । ତାଙ୍କ ପିତାମାତା ତାଙ୍କୁ ଫୋପାଡି ଦେବାକୁ ଇଚ୍ଛୁକ ଥିଲେ କିନ୍ତୁ ଏକ ସ୍ୱର (ଆକାଶବାଣୀ) ତାହା ନକରିବାକୁ ଚେତାବନୀ ଦେଇଥିଲେ । ଏହା ମଧ୍ୟ ଭବିଷ୍ୟବାଣୀ କରିଥିଲା ଯେ ଯେତେବେଳେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ପିଲାଟିକୁ ତାଙ୍କ କୋଳରେ ବସାଇବା ମାତ୍ରେ ଏବଂ ତାଙ୍କର ସେହି ଅତିରିକ୍ତ ଅଙ୍ଗଗୁଡିକ ଅଦୃଶ୍ୟ ହୋଇଯିବ, ଶେଷରେ ସେ ସେହି ବ୍ୟକ୍ତିଙ୍କ ହାତରେ ହିଁ ନିଧନ ହେବ। ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଆସି କୃଷ୍ଣ ପିଲାଟିକୁ ନିଜ କୋଳରେ ବସାଇଥିଲେ ଏବଂ ଅକସ୍ମାତ ଶିଶୁପାଳର ଅତିରିକ୍ତ ଆଖି ଏବଂ ବାହୁ ଅଦୃଶ୍ୟ ହୋଇଯାଇଥିଲା, ଯାହାଦ୍ୱାରା ଶିଶୁପାଳଙ୍କ ମୃତ୍ୟୁ ଯେ କୃଷ୍ଣଙ୍କ ହାତରେ ହେବ ଏହା ସ୍ପଷ୍ଟ ହୋଇଗଲା । ଏହା ଜାଣିପାରି, ଶିଶୁପାଳଙ୍କ ମା ତାଙ୍କ ପୁତୁରା କୃଷ୍ଣଙ୍କୁ ପ୍ରବର୍ତ୍ତାଇଲେ ଯେ ସେ ତାଙ୍କ ସମ୍ପର୍କୀୟ ଶିଶୁପାଳଙ୍କୁ ଶହେ ଅପରାଧ ପାଇଁ କ୍ଷମା କରିବେ ।

ମହାଭାରତର ବର୍ଣ୍ଣନା ଅନୁସାରେ ବିଦର୍ଭରାଜଙ୍କର ପାଞ୍ଚ ପୁଅ ରୁକ୍ମ , ରୁକ୍ମରଥ, ରୁକ୍ମବାହୁ, ରୁକ୍ମକେଶ ଏବଂ ରୁକ୍ମମାଳ ଏବଂ ରୁକ୍ମଣୀ ନାମକ ଏକ ଝିଅ ଥିଲେ । ରୁକ୍ମଣୀ ଗୁଣବତୀ ତଥା ବହୁତ ସୁନ୍ଦରୀ ଥିଲେ । ତାଙ୍କ ପିତାମାତା ଚାହୁଁଥିଲେ ଯେ ସେ କୃଷ୍ଣଙ୍କୁ ବିବାହ କରନ୍ତୁ କିନ୍ତୁ ରୁକ୍ମ (ରୁକ୍ମଣୀଙ୍କ ବଡ଼ ଭାଇ) ଚାହୁଁଥିଲେ ଯେ ତାଙ୍କ ଭଉଣୀ ଚେଡିରାଜ ଶିଶୁପାଳଙ୍କୁ ବିବାହ କରନ୍ତୁ । ରୁକ୍ମଣୀ କିନ୍ତୁ କୃଷ୍ଣଙ୍କ ପ୍ରତି ଆକର୍ଷିତ ହୋଇଥିଲେ, ତେଣୁ ସେ ଜଣେ ବ୍ରାହ୍ମଣଙ୍କ ହାତରେ କୃଷ୍ଣଙ୍କୁ ଏକ ବାର୍ତ୍ତା ପଠାଇଲେ । ବାର୍ତ୍ତା ଆଣିଥିବା ବ୍ରାହ୍ମଣଙ୍କୁ କୃଷ୍ଣ କହିଛନ୍ତି, "ହେ ବ୍ରାହ୍ମଣ ଦେବତା! ରୁକ୍ମଣୀ ମୋତେ ଯେତିକି ଭଲ ପାଆନ୍ତି ମୁଁ ମଧ୍ୟ ତାଙ୍କୁ

ISSN NO.
2582-208X

ଭଲ ପାଏ । ମୁଁ ଜାଣେ ଯେ ରୁକ୍ମଣୀଙ୍କ ପିତାମାତା ଚାହୁଁଛନ୍ତି ଯେ ରୁକ୍ମଣୀମୋତେ ବିବାହ କରନ୍ତୁ କିନ୍ତୁ ମୋ ସହିତ ତାଙ୍କର ଶତ୍ରୁତା ହେତୁ ଭାଇ ରୁକ୍ମ ତାଙ୍କୁ ଏପରି କରିବାକୁ ବାରଣ କରୁଛନ୍ତି । ତୁମେ ଯାଇ ରାଜକୁମାରୀ ରୁକ୍ମଣୀଙ୍କୁ କୁହ ଯେ ମୁଁ ନିଶ୍ଚିତ ଭାବେ ତାଙ୍କୁ ବିବାହ କରିବି ।" କୃଷ୍ଣ ରୁକ୍ମଣୀଙ୍କୁ ବିବାହ କରିଥିଲେ, କିନ୍ତୁ ଚେଦିରାଜ ଶିଶୁପାଳ ଏହାକୁ ଅପମାନ ବୋଲି ଭାବି କୃଷ୍ଣଙ୍କୁ ତାଙ୍କର ଶତ୍ରୁ ବୋଲି ଭାବିବାକୁ ଲାଗିଲେ ।

ଯେତେବେଳେ ଯୁଧିଷ୍ଠିର ରାଜସୁୟ ଯଜ୍ଞ ଅନୁଷ୍ଠାନ କଲେ, ସେତେବେଳେ ସମସ୍ତ ପ୍ରମୁଖ ରାଜାଙ୍କୁ ଯଜ୍ଞରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା ଯେଉଁଥିରେ ଚେଦିରାଜ ଶିଶୁପାଳକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ଶିଶୁପାଳ ଯୁଧିଷ୍ଠିରଙ୍କ ନିମନ୍ତ୍ରଣ ଗ୍ରହଣ କଲେ ଏବଂ ଇନ୍ଦ୍ରପ୍ରସ୍ଥଠାରେ ଉକ୍ତ ସମାରୋହରେ ଉପସ୍ଥିତ ହେଲେ । ସେହି କାର୍ଯ୍ୟକ୍ରମରେ ପାଣ୍ଡବମାନେ ନିଷ୍ପତ୍ତି ନେଇଥିଲେ ଯେ କୃଷ୍ଣ ଉକ୍ତ ରାଜସୂୟ ଯଜ୍ଞ ସମାରୋହର ବିଶେଷ ସମ୍ମାନିତ ଅତିଥି ହେବେ । ଭୀଷ୍ମ ଶ୍ରୀକୃଷ୍ଣଙ୍କ ଉପସ୍ଥିତିକୁ ସୂର୍ଯ୍ୟ ସହିତ ତୁଳନା କରିଥିଲେ ଏବଂ ଘୋଷଣା କଲେ ଯେ କୃଷ୍ଣ ହିଁ କେବଳ ପ୍ରଥମ ଅର୍ଘ୍ୟର ଯୋଗ୍ୟ । ଯୁଧିଷ୍ଠିର ଖୁସିରେ ରାଜି ହେଲେ ଏବଂ ତାଙ୍କ ଆଦେଶକ୍ରମେ ସହଦେବ ଶ୍ରୀ କୃଷ୍ଣଙ୍କୁ ପ୍ରଥମ ଅର୍ଘ୍ୟ ପ୍ରଦାନ କଲେ । ଶିଶୁପାଳ ଏହାକୁ ସହି ପାରିଲା ନାହିଁ ଏବଂ ସେ ଯୁଧିଷ୍ଠିର, ଭୀମା ଏବଂ କୃଷ୍ଣଙ୍କୁ ତୀବ୍ର ବିରୋଧ କରିଥିଲେ । ଶିଶୁପାଳ କ୍ରୋଧିତ ହୋଇ କୃଷ୍ଣଙ୍କୁ ଅପମାନିତ କରିବାକୁ ଲାଗିଲେ । ସେ ମଧ୍ୟ ଭୀଷ୍ମଙ୍କୁ ଅପମାନିତ କରିବାକୁ ଲାଗିଲେ । ଭୀଷ୍ମ କ୍ରୋଧିତ ହୋଇ ଶିଶୁପାଳଙ୍କୁ ଧମକ ଦେଇଥିଲେ, ହେଲେ କୃଷ୍ଣ ତାଙ୍କୁ ଶାନ୍ତ କରିଥିଲେ । ଏହି କାର୍ଯ୍ୟ ମାଧ୍ୟମରେ ସେ ନିଜର ୧୦୦ତମ ପାପ କରିଥିଲେ ଏବଂ କୃଷ୍ଣ ତାଙ୍କୁ କ୍ଷମା କରିଥିଲେ । ଯେତେବେଳେ ସେ ପୁନର୍ବାର କୃଷ୍ଣଙ୍କୁ ଅପମାନିତ କଲେ, ସେତେବେଳେ ସେ ତାଙ୍କର ୧୦୧ତମ ପାପ କଲେ । ଏହା ପରେ କୃଷ୍ଣ ତାଙ୍କ ସୁଦର୍ଶନ ଚକ୍ରକୁ ଶିଶୁପାଳ ଉପରେ ଛାଡ଼ିଦେଇ ତାଙ୍କୁ ହତ୍ୟା କରିଥିଲେ । କୃଷ୍ଣଙ୍କ ଶରୀରରେ ମିଶି ଶିଶୁପାଳଙ୍କ ଆତ୍ମା ମୁକ୍ତି ପାଇଲା ।

ନମଃ ଭଗବତେ ବାସୁଦେବାୟଃ

ସଂଗ୍ରାହକ-ଅଳକା ବାରିକ୍
ମହୁ, ଆଳି,
କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଗାଲେ ତୁମ ଲାଗିଛି ରଙ୍ଗ



ଜନ୍ମଜୟ ନାୟକ

ଗୋରା ଗାଲେ ତୁମ ଲାଗି ନାଲି ରଙ୍ଗ
କିଣି ନେଉଛି ମୋ ମନ,
ତୁମେ ଆସି ଖୁସିର ରଂଗ ମାଖିଲ
ରଙ୍ଗୀନ କଲ ଜୀବନ।

ଆସିଲ ଯଦି ଏ ଜୀବନକୁ ମୋର
ଯିବନାହିଁ ଏକାକରି,
ସବୁଦିନ ଆମ ହୋଲି ପରି ହେବ
ଦୁଃଖଯିବ ଅପସରି।

ତୁମ ରୂପଲାବଣ୍ୟ ଉପମା ନାହିଁ
ନାଲିରଂଗ ଖାଲି ହସେ,
ମନ ଉପବନେ ବାସ୍ନା ଖେଳିଯାଏ
ପ୍ରେମ ପାରିଜାତ ବାସେ।

ପ୍ରୀତି ରଂଗବରଷାରେ ମନ ଭିଜେ
ହୃଦେ ପ୍ରେମନିଶା ଜାଗେ,
ତୁମ ଗାଲେ ନାଲିରଂଗ ଦେଖି ମନ
ରଙ୍ଗିବାକୁ ତୁମସାଙ୍ଗେ ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# କେହି ଜଣେ



ଚିତରଂଜନ ବେହେରା

ବିଜୁଳି ଚକ୍ ଚକ୍
ମେଘ ଗର୍ଜନରେ ପୃଥିବୀ
ଫାଟିଗଲା ପରି....
ବସ ବି ଅଟକି ଗଲା କିଛିକ୍ଷଣ
ଯାନ୍ତ୍ରିକ ତୃଟି ପାଇଁ.....!!

ହଠାତ୍ ନଜର ପଡିଲା
ରାସ୍ତା କଡ଼ରେ ଥିବା ଗଛ ମୂଳକୁ
ଜଣେ ବୁଢୀ ମା ଛଟପଟ ହୋଇ
ଖାଇବା କୁ କିଛି ଦିଅ
କହି କହି ହାତ ପତେଇବାର
ଆକୁଳ ଚିତ୍କାରର ଦୃଶ୍ୟ ଉପରେ.....!!

କେଜାଣି କାହିଁକି ମୋତେ
ସେ ସ୍ୱର ବହୁତ ଆପଣାର ଲାଗୁଥିଲା
ସମସ୍ତେ ଟର୍ଚ୍ଚ ମାରି ଦେଖୁଥିଲେ
ମୁଁ ବି ଦେଖିଲି ଓ ଚିହ୍ନିଗଲି
ସେ ଥିଲେ ଆମ ଗାଁ ର

ISSN NO.
2582-208X

ଆମେରିକାରେ ରହି
ଚାକିରୀ କରୁଥିବା ମଦନର ମା....!!

ପୁଅ ପାଇଁ ଗର୍ବରେ ଫାଟି ପଡୁଥିବା ଛାତି
ଆଜି ପୁଅ ପାଇଁ ଲୁହରେ ଓଦା
ଅସହାୟ ବୁଢୀ ମା ଟି
କାହାକୁ ବା କହିବ ଅନ୍ତର ବେଦନା
ଦଇବ କୁ ନିନ୍ଦା କରି କରି
ଅନ୍ଧାର ରାତିରେ
ରାସ୍ତା କଡ ଗଛ ମୂଳରେ
ଗଡ଼େଇ ଚାଲିଥାଏ
ନୟନ ରୁ ରକ୍ତର ଅଶ୍ରୁ.......!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ଦ୍ୱାଦଶ ଜ୍ୟୋତି ଲିଙ୍ଗ



ଡ. ଅର୍ଜୁନ ଚରଣ ବାରିକ୍

୧-ସୋମନାଥ ଜ୍ୟୋତିର୍ଲିଙ୍ଗ(ଗୁଜୁରାଟ) :

ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରୁ ପ୍ରଥମ ନାମ ହେଉଛି ଗୁଜୁରାଟର ସୋମନାଥ ମନ୍ଦିର । ଯାହା କାଠିଆୱାଡା ଜିଲ୍ଲାର ବିରାବଲ୍ ନିକଟରେ ଅବସ୍ଥିତ । ଏହା ଦେଶରେ ଏକ ପ୍ରତିଷ୍ଠିତ ଜୀର୍ଥ ସ୍ଥଳ ଭାବେ ପରିଚିତ । ଏହି ସୋମନାଥ ଜୌର୍ତିଲିଙ୍ଗ ସମ୍ବନ୍ଧରେ ପୌରାଣିକ କଥା ରହିଛି । ଶିବ ପୁରାଣ ଅନୁସାରେ ଚନ୍ଦ୍ରଙ୍କ ବିବାହ ଦକ୍ଷ ପ୍ରଜାପତିଙ୍କ ୨୭ ଜଣ କନ୍ୟାଙ୍କ ସହିତ ହୋଇଥିଲା । ଯାହାଙ୍କ ମଧ୍ୟରେ ସେ ରୋହିଣୀଙ୍କୁ ଅଧିକ ଭଲ ପାଇଥିଲେ । ଅନ୍ୟ ଝିଅଙ୍କ ପ୍ରତି ତାଙ୍କର ଦାୟିତ୍ୱହିନତାକୁ ଦେଖଇ ପ୍ରଜାପତି ଚନ୍ଦ୍ରଙ୍କୁ ଅଭିଶାପ ଦେଲେ କି ସେ ନିଜର ସବୁ ଚମକ ହରାଇବେ । ଏହାପରେ ଚନ୍ଦ୍ର ରୋହିଣୀଙ୍କ ସହିତ ସୋମନାଥଙ୍କ ପାଖକୁ ଆସି ଅଭିଶାପ ଖଣ୍ଡନ ପାଇଁ ପୂଜା କଲେ । ଯାହାପରେ ଭଗବାନ ଶିବ ଚନ୍ଦ୍ରଙ୍କର ପୂର୍ବ ଚମକ ଫେରିପାଇବା ପାଇଁ ଆଶିର୍ବାଦ ଦେଲେ । ଅନୁରୋଧ କ୍ରମେ ଭଗବାନ ଶିବ ସୋମଚନ୍ଦ୍ର ନାମରେ ଏକ ଗ୍ରହଣ କଲେ ଏବଂ ସେଠାରେ ଅନନ୍ତ କାଳ ପର୍ଯ୍ୟନ୍ତ ନିବାସ କଲେ । ଉକ୍ତ ସ୍ଥାନ ସୋମନାଥ ନାମରେ ପ୍ରସିଦ୍ଧ ଲାଭ କଲା ।

୨-ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ(ଆନ୍ଧ୍ରପ୍ରଦେଶ) :

ଆନ୍ଧ୍ରପ୍ରଦେଶର ଦକ୍ଷିଣ ଭାଗରେ କ୍ରୁଷ୍ଣା ନଦୀ ତଟରେ ଶ୍ରୀ ଶୈଳ ପର୍ବତ ଉପରେ ଏହି ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ ମନ୍ଦିର ଅବସ୍ଥିତ ।ଏହା ଦକ୍ଷିଣ କୈଳାଶ ନାମରେ ମଧ୍ୟ ପରିଚିତ। ଏହା ଭାରତର ପ୍ରଖ୍ୟାତ ତୀର୍ଥସ୍ଥଳୀ ମାନଙ୍କ ମଧ୍ୟରୁ ଅନ୍ୟତମ । ଏହି

ISSN NO.
2582-208X

ମନ୍ଦିରର ଦେବତା ମଲ୍ଲିକାର୍ଜନ(ଶିବ)ଏବଂ ଭ୍ରାମରାମ୍ବ(ଦେବୀ)ଅଟନ୍ତି । ଶିବ ପୁରାଣ ଅନୁସାରେ ଗଣେଷଙ୍କ ବିବାହ ପ୍ରଥମେ ହୋଇଥିଲା । ଯାହାଫଳରେ କାର୍ତ୍ତୀକେଶ୍ୱର ରାଜି ଯାଇଥିଲେ ଏବଂ ଘର ଛାଡି କ୍ରଞ୍ଚ ପର୍ବତ ଉପରକୁ ପଳାଇ ଆସିଥିଲେ । ସେଠାକୁ ଯାଇ ସବୁ ଦେବାଦେବୀ ମାନେ ତାଙ୍କ ସାନ୍ତ୍ୱନା ଦେଇଥିଲେ କିନ୍ତୁ କାର୍ତ୍ତୀକ ବୁଝିନଥିଲେ । ଶେଷରେ ଭଗବାନ ଶିବ ଏବଂ ମାତା ପାର୍ବତୀ ଉକ୍ତି ପର୍ବତ ଉପରକୁ ଆସିଥିଲେ ପୁଅକୁ ବୁଝାଇ ନେଇଯିବା ପାଇଁ କିନ୍ତୁ କାର୍ତ୍ତୀକ ଯାଇନଥିଲେ । ତେଣୁ ନିଜ ପୁଅକୁ ଏପରି ଅବସ୍ଥାରେ ଦେଖି ଭୋଳାନାଥ ଗଭିର ଭାବେ ଆହାତ ହୋଇଥିଲେ ଏବଂ ଉକ୍ତ ପର୍ବତ ଉପରେ ଜ୍ୟୋର୍ତିଲିଙ୍ଗ ରୂପ ଧାରଣ କରି ମଲ୍ଲିକାର୍ଜୁନ୍ ନାମରେ ପର୍ବତ ଉପରେ ନିବାସ କଲେ । ତେବେ ମଲ୍ଲିକା ଅର୍ଥ ପାର୍ବତୀ ହୋଇଥିବାବେଳେ ଅର୍ଜୁନ ମାନେ ଶିବ ।

୩-ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ(ମଧ୍ୟପ୍ରଦେଶ):

ମଧ୍ୟପ୍ରଦେଶର ଉଜ୍ଜେନରେ ଘନ ମହାକାଳ ବଣରେ ଶିପ୍ରା ନଦୀ ତଟରେ ଏହା ଅବସ୍ଥିତ। ମଧ୍ୟପ୍ରଦେଶର ଏହି ଜ୍ୟୋତିର୍ଲିଙ୍ଗ ଭାରତର ଏକ ମହତ୍ତ୍ୱପୂର୍ଣ୍ଣ ତୀର୍ଥ ସ୍ଥଳ ଅଟେ । ଏହାର ଅନେକ କିମ୍ବଦନ୍ତି ରହିଛି । ପୁରାଣ ଶାସ୍ତ୍ର ଅନୁସାରେ ଏକ ପାଞ୍ଚ ବର୍ଷର ବାଳକ ଶ୍ରୀକର । ଯିଏ ଉଜ୍ଜେନର ରାଜା ଚନ୍ଦ୍ରସେଣଙ୍କ ଶିବଙ୍କ ପ୍ରତି ଭକ୍ତିରେ ବିଭୋର ହୋଇ ଏକ ପଥରକୁ ଆଣି ଶିବଙ୍କ ରୂପରେ ପୂଜା କରିଥିଲେ । ବହୁ ଲୋକ ବାଳକଟିକୁ ଏପରି କରୁଥିବାର ଦେଖଇ ବହୁ ବୁଝାଇବା ସତ୍ତ୍ୱେ ଦିନକୁ ଦିନ ଶିବଙ୍କ ପ୍ରତି ବାଳକଟିର ଭକ୍ତି ବଢିବାରେ ଲାଗିଲା । ତେବେ ବାଳକଟିର ଭକ୍ତିରେ ପ୍ରସନ୍ନ ହୋଇ ମହାଦେବ ଏକ ଜ୍ୟୋର୍ତିଲିଙ୍ଗ ରୂପ ଧାରଣ କଲେ ଏବଂ ମହାକାଳ ବନରେ ନିବାସ କଲେ । ଯାହା ମହାକାଳେଶ୍ୱର ମନ୍ଦିରରେ ନାମିତ ହେଲା । ଯାହା ସାତଟି ମୁକ୍ତି ସ୍ଥଳ ମାନଙ୍କ ମଧ୍ୟରେ ଗୋଟେ ।

୪-ଓଂକାରେଶ୍ୱର ଜ୍ୟୋତିର୍ଲିଙ୍ଗ(ମଧ୍ୟପ୍ରଦେଶ) :

ଓଂକାରେଶ୍ୱର ମନ୍ଦିର ବହୁ ପ୍ରତିଷ୍ଠିତ ମନ୍ଦିର ଅଟେ । ଲହା ମଧ୍ୟପ୍ରଦେଶର ନର୍ମଦା ନଦୀରେ ଶିବପୁରୀ ନାମକ ଏକ ଦ୍ୱୀପ ଉପରେ ଅବସ୍ଥିତ । ଓଂକାରେଶ୍ୱର ଶବ୍ଦର ଅର୍ଥ ଓମ୍ ଧ୍ୱନୀର ଭଗବାନ । ପୁରାଣ ଶାସ୍ତ୍ର ଅନୁସାରେ ଦିନେ ଦେବତା ଏବଂ ଦାନବଙ୍କ

ISSN NO.
2582-208X

ମଧ୍ୟରେ ଯୁଦ୍ଧ ହୋଇଥିଲା । ଯେଉଁଥିରେ ଦାନବମାନଙ୍କର ଜୟ ହୋଇଥିଲା। ଯେଉଁଥିଲେ ଦେବତାମାନେ ଭଗବାନ ଶିବଙ୍କୁ ପ୍ରାର୍ଥନା କରିଥିଲେ । ଦେବତାଙ୍କ ପ୍ରର୍ଥନାରେ ପ୍ରସନ୍ନ ହୋଇ ଭଗବାନ ଶିବ ଓଂକାରେଶ୍ୱର ଜ୍ୟୋତିର୍ଲିଙ୍ଗ ରୂପରେ ଆସି ଦାନବ ମାନଙ୍କୁ ପରାଜିତ କଲେ । ଏହି ପ୍ରକାରରେ ଏହି ସ୍ଥାନ ହିନ୍ଦୁ ମାନଙ୍କର ଏକ ପବିତ୍ର ସ୍ଥଳୀଭାବେ ପରିଚିତ ହେଲା ।

୫-ବୈଦ୍ୟନାଥ ଜ୍ୟୋତିର୍ଲିଙ୍ଗ(ଝାରଖଣ୍ଡ) :

ଏହି ମନ୍ଦିର ଝାରଖଣ୍ଡ ସଂତାଳ ପରଗନାର ଦେଓ୍ୱଗଡଠାରେ ଅବସ୍ଥିତ । ପ୍ରତିଷ୍ଠିତ ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରେ ଏହା ଅନ୍ୟତ୍ତମ । ଏହି ମନ୍ଦିରେ ଯାହା ମାଗିଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତ ମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି । ଏଠାକୁ ଆସିଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ରହିଛି ।

୬-ଭୀମାଶଙ୍କର ଜ୍ୟୋତିର୍ଲିଙ୍ଗ(ମହାରଷ୍ଟ୍ର) :

ଭୀମାଶଙ୍କର ମନ୍ଦିର ପୁଣେ ମହାରାଷ୍ଟ୍ରର ମହାଦ୍ରି କ୍ଷେତ୍ରରେ ଅବସ୍ଥିତ । ଏହା ଭୀମା ନଦୀ ତଟ ଉପରେ ଅବସ୍ଥିତ । ଏହି ଜ୍ୟୋତିର୍ଲିଙ୍ଗର ଅସ୍ତିତ୍ୱ କୁମ୍ଭକର୍ଣ୍ଣଙ୍କ ପୁଅ ଭୀମ ସହିତ ସମ୍ବନ୍ଧିତ ।

୭-ରାମେଶ୍ୱର ଜ୍ୌର୍ତିଲିଙ୍ଗ(ତାମିଲନାଡୁ) :

ରାମେଶ୍ୱର ମନ୍ଦିର ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତ୍ତମ । ଏହା ତାମିଲନାଡୁର ସେତୁ ତଟର ଦୂର ରାମେଶ୍ୱର ଦ୍ୱୀପରେ ଅବସ୍ଥିତ । ଏହି ବନ୍ଦିର ନିଜର ବାସ୍ତୁକଳା ପାଇଁ ପ୍ରସିଦ୍ଧ। ଏହି ମନ୍ଦିରରେ ପ୍ରମୁଖ ଭାବେ ଏକ ଲମ୍ବା ଅଳଙ୍କୃତ ଗ୍ୟାଲେରୀ ରହିଛି । ଏହା ବନାରସର ସହିତ ବହୁ ଲୋକମାନଙ୍କ ଦ୍ୱାରା ଧରାଯାଉଥିବା ଏକ ସମ୍ମାନିତ ତୀର୍ଥସ୍ଥଳ ଅଟେ । ଏହି ଜ୍ୌର୍ତିଲିଙ୍ଗ ରାମାୟଣ ଏବଂ ଶ୍ରୀଲଙ୍କାରୁ ରାମଙ୍କ ବିଜୟ ହୋଇ ଫେରିବା ସହିତ ଜଡିତ ।

ISSN NO.
2582-208X

୮. ନାଗେଶ୍ୱର ଜ୍ୟୋତିର୍ଲିଙ୍ଗ (ଗୁଜୁରାଟ) :

ନାଗେଶ୍ୱର ମନ୍ଦିର ନାଗନାଥ ମନ୍ଦି ଭାବେ ମଧ୍ୟ ପରିଚିତ । ଗୁଜୁରାଟ ତଟର ଗୌମତି ଦ୍ୱାରକା ଏବଂ ବେତ ଦ୍ୱାରକା ଦ୍ୱୀପ ମଧ୍ୟରେ ଥିବା ମାର୍ଗରେ ଅବସ୍ଥିତ । ଏହି ଜ୍ୟୋତିର୍ଲିଙ୍ଗର ବିଶେଷ ମହତ୍ତ୍ୱ ରହିଛି କିଏହା ସବୁ ପ୍ରକାରର ବିଷର ସୁରକ୍ଷାର ପ୍ରତିକ ଅଟେ । ବିଶ୍ୱାଷ ରହିଛି ଯେ ଯିଏ ଏହି ମନ୍ଦିରେ ପୂଜା କରିଥାଏ ସେ ବିଷର ପ୍ରକୋପରୁ ରକ୍ଷା ପାଇଥାଏ ।

୯-କାଶୀବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ (ବାରାଣସୀ) :

କାଶୀ ବିଶ୍ୱନାଥ ମନ୍ଦି ଦୁନିଆର ସବୁଠାରୁ ପୂଜନୀୟ ସ୍ଥଳରେ ଅବସ୍ଥିତ । ଏହା ବନାରସ କିମ୍ବା ବାରାଣସୀର ପବିତ୍ର ସହରର ଭିଡ ଭିତରେ ଥିବା ଏକ ଗଳି ମଧ୍ୟରେ ଅବସ୍ଥିତ । ଏହି ମନ୍ଦିର ଭଗବାନ ଶିବଙ୍କ ସବୁଠାରୁ ପ୍ରିୟ ମନ୍ଦିର ବୋଲି ବିଶ୍ୱାସ ରହିଛି । ଏହି ମନ୍ଦିରେ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ପୁରଣ ହେବା ସହ ମୋକ୍ଷ ପ୍ରାପ୍ତି ହୋଇଥିବା ନେଇ ପୁରାଣରେ ବର୍ଣ୍ଣିତ ରହିଛି

୧୦-ତ୍ରେମ୍ବକେଶ୍ୱର ଜ୍ୟୋତିର୍ଲିଙ୍ଗ (ନାସିକ) :

ତ୍ରେମ୍ବକେଶ୍ୱର ଗୋଦାବରୀର ବ୍ରହ୍ମଗିରୀ ନାମକ ଏବ ପର୍ବତ ପାଖରେ ମହାରାଷ୍ଟ୍ରରେ ନାସିକ ଠାରୁ ପାଖଶପାଖି ୩୦ କିମି ଦୂରରେ ଅବସ୍ଥିତ । ଏହି ମନ୍ଦିଏହି ମନ୍ଦିରକୁ ଗୋଦାବରୀ ନଦୀର ଏକ ସ୍ରୋତ ବୋଲି ଧରାଯାଏ ଯାହାକୁ ଜୋମତୀ ଗଙ୍ଗା ନାମରେ ନାମିତ କରାଯାଇଛି । ଏହା ଦକ୍ଷିଣ ଭାରତର ସବୁଠାରୁ ପବିତ୍ର ନଦୀ ଅଟେ ।

୧୧-କେଦାରନାଥ ଜ୍ୟୋତିର୍ଲିଙ୍ଗ (ଉତ୍ତରାଖଣ୍ଡ) :

ଭାରତର ସବୁ ତୀର୍ଥସ୍ଥଳୀ ମାନଙ୍କ ମଧ୍ୟରେ କେଦାରନାଥ ମନ୍ଦିର ଅନ୍ୟତମ । ଏହା କେଦାର ନାମକ ଏକ ପର୍ବତ ଉପରେ ୧୨ହଜାର ଫୁଟ୍ ଉଚ୍ଚରେ ରୁଦ୍ର ହିମାଳୟ

ISSN NO.
2582-208X

ପର୍ବତମାଳା ଉପରେ ସ୍ଥିତ । ଏହା ହରିଦ୍ୱାରରୁ ପାଖାପାଖି ୧୦ କିମି ଦୂରରେ ଅବସ୍ଥାପିତ। ଏହି ଜ୍ୟୋତିର୍ଲିଙ୍ଗର ଦର୍ଶନ ପାଇଁ ବର୍ଷକୁ ମାତ୍ର ୬ମାସ ଖୋଲାରହିଥାଏ ମନ୍ଦିର । ପରମ୍ପରା ରହିଛି କି ଏଠାକୁ ଆସିବା ପୂର୍ବରୁ ଲୋକେ ପ୍ରଥମେ ୟମୁନତ୍ରୀ ଏବଂ ଗଙ୍ଗାତ୍ରୀ ଯାଇଥାନ୍ତି ଏବଂ ସେଠାରୁ ପବିତ୍ର ଜଳ ଆଣି କେଦାରନାଥକୁ ଅଭିଶେଷ କରିଥାନ୍ତି ।

୧୨-ଘୁଣେଶ୍ୱର ଜ୍ୟୋତିର୍ଲିଙ୍ଗ (ଔରଙ୍ଗାବାଦ ) :

ମହାରାଷ୍ଟ୍ରର ଔରଙ୍ଗାବାଦ ନନିକଟ ଦୌଲତାବାଦରୁ ୨୦ କିମି ଦୁରରେ ଅବସ୍ଥିତ ବରୁଲ ନାମକ ଏକ ଗାଁରେ ଏକ ଅବସ୍ଥିତ । ଏହି ମନ୍ଦିର ନିକଟରେ ପ୍ରସିଦ୍ଧ ପ୍ୟର୍ୟଟନ ସ୍ଥଳୀ ଅଜନ୍ତା ଏବଂ ଏଲୋରା ଗୁମ୍ଫା ରହିଛି । ଏହି ମନ୍ଦିରର ନିର୍ମାଣ ଅହିଲ୍ୟାବାଇ ହୋଲକର କରିଥିଲେ ଯିଏ ବାରାଣସୀରେ କାଶୀବିଶ୍ୱନାଥ ମନ୍ଦିରର ପୁନ୍ନର୍ନିର୍ମାଣ କରିଥିଲେ । ଘୁଣେଶ୍ୱର ମନ୍ଦିରକୁ କୁରୁମେଶ୍ୱର ଘୁମେଶ୍ୱ ଏବଂ ଗ୍ରିସନେଶ୍ୱର ନାମରେ ମଧ୍ୟ ଜଣାଯାଏ ।

ସଂଗ୍ରାହକ: ଡ. ଅର୍ଜୁନ ଚରଣ ବାରିକ୍
ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ସହି ହେଉ ନାହିଁ



ତ୍ରିପତି ପ୍ରଧାନ

ଆସ ହେ କାଳିଆ ସ୍ନାନମଣ୍ଡପକୁ
ସହି ଆଉ ହେଉ ନାହିଁ
ପ୍ରକୃତି ସନ୍ତାନ - ଶ୍ରେଷ୍ଠ କରି ମନ
ବଡ ପଣକୁ ଦେଖାଇ (୧)
ରବି ତାପ ଦେଖ ବଢ଼ଇ ଅମାପ
ବଢ଼ି ବଢ଼ି ଯାଏ ଦାଉ
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ତୁମେ ପ୍ରଭୁ ଥାଉ ଥାଉ (୨)
ଇନ୍ଦ୍ର ରାଜ କୋପ ଦେଖି ଶ୍ରେଷ୍ଠ ଗୋପ
ଗିରି ଗୋବର୍ଦ୍ଧନ ଧରି
ଗୋବର୍ଦ୍ଧନଧାରି ନାମକୁ ବିସ୍ତାରି
ଦେବରାଜ ଗର୍ବ ହାରି (୩)
ଖ ସ୍ନାନମଣ୍ଡପ ତୁ କଳା ବଉଦ
ହଳଦୀ ମୁହିଁ ଚପଳା
ମନ୍ତ୍ର ମେଘଧ୍ୱନୀ ବଳ ଦେବ ଠାଣି
ଭକତ ଜୀବନ ଧାରା (୪)

ଗରବ ଗଞ୍ଜିବ ତାହାକୁ ତଡ଼ିବ
ଆଣିବ ଆଷାଢ଼ ମାସ
ବରଷାରେ ଭିଜି ଧରଣୀ ଜନନୀ
ସଲିଳ ନାଦେ ହରଷ (୫)
ଗଜବେଶେ ତୋତେ ଦେଖି ଚର୍ମ ନେତ୍ରେ
ହରାଇବି ଭବ ଦୁଃଖ
ଜଗତ ସନ୍ତାପ ହରି ପାପ ତାପ
ବହିବ ଶୀତଳ ସୁଖ (୬)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ଶଙ୍ଖ ନାଭି ମଣ୍ଡଳ



ଅଧ୍ୟାପକ ଅବିନାଶ ବାରିକ୍

ଶଙ୍ଖ ନାଭି ମଣ୍ଡଳର ପଞ୍ଚ କ୍ରୋଶ ଯାଏ ସକଳ ପାବନ ।
ନାଭି କ୍ଷେତ୍ର ଶଙ୍ଖର ଏ କ୍ଷେତ୍ର ବର ତାରଇ ପାତକି ଜନ ।
ଇଶାନ ପ୍ରବେଶ ମାତ୍ରେ ଏହି କ୍ଷେତ୍ରେ ଗୋହତ୍ୟା ପାତକ ଗଲା ।
ଆନ ସର୍ବ କ୍ଷେତ୍ର ପରିକ୍ରମା କରି କିଛି ଲାଭ ନ ହୋଇଲା ।
ଗୋହତ୍ୟା ପାତକେ ଗୋରୁମୁଣ୍ଡ ଗୋଟି ହର କରରେ ଲାଗିଲା ।
ବିଶ୍ୱେ ସର୍ବ କ୍ଷେତ୍ରେ କରି ପର୍ଯଟନ ତାହା ହସ୍ତୁ ନ ଛାଡ଼ିଲା ।
ଶେସେ ଶଙ୍ଖ ନାଭି ମଣ୍ଡଳରେ ପଶି ଗୋଶିର ତଳେ ପଡ଼ିଲା ।
ଏହିତ ବିସ୍ମୟ ଏ କ୍ଷେତ୍ର ମାହାତ୍ମ୍ୟ ସର୍ବ ପାପ ହରେ ଭଲା ।
ବ୍ରହ୍ମ ହତ୍ୟା ଦୋଷ ହରଇ ଏ ପୁର ଗୋହତ୍ୟା ଦୋଷ ଆବର ।
ମାତୃ ହତ୍ୟା ପିତୃ ହତ୍ୟା ଦୋଷ ମାନ ନିମିଷେ ହୁଅଇ ଦୂର ।
ଗୁରୁ ହତ୍ୟାଦି ସର୍ବ ଦୁରୀତ ମାନ ଦୂର ହୁଅଇ ନିମିଷେ ।
ଯେଣୁ ହରି ହରଙ୍କର ଅବସ୍ଥାନ ଏହି କ୍ଷେତ୍ରରେ ବିଶେଷ ।
କାମ୍ପିଲ୍ୟ ବାସିନୀ ସୁଭଦ୍ରା ଭଗିନୀ ମଧ୍ୟେ ଯହିଁ ବିରାଜିତ ।
କ୍ଷେତ୍ର ମଧ୍ୟେ ସାର ଏହି କ୍ଷେତ୍ର ବର ଚଉଦ ପୁରେ ବିକ୍ଷାତ ।

ମହୁ,ଆଉଲ, ନମୌଜା,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ବୈକୁଣ୍ଠ ଧାମ

ସୁହାସିନୀ ବାରିକ୍

ବୈକୁଣ୍ଠର ଶବ୍ଦର ଅର୍ଥ ହେଉଛି, ଯେଉଁଠାରେ କୁଣ୍ଠା ନଥାଏ। କୁଣ୍ଠା ଅର୍ଥାତ ନିଷ୍କ୍ରିୟତା, ଅକର୍ମଣ୍ୟତା, ନିରାଶା, ହତାଶା, ଆଳସ୍ୟ ଏବଂ ଦରିଦ୍ରତା। ଏହାର ଅର୍ଥ ହେଉଛି ବୈକୁଣ୍ଠ ଧାମ ଏଭଳି ସ୍ଥାନ, ଯେଉଁଠାରେ କର୍ମହୀନତା ଏବଂ ନିଷ୍କ୍ରିୟତା ହୋଇନଥାଏ। କୁହାଯାଇଥାଏ ମୃତ୍ୟୁ ପରେ ପୁଣ୍ୟ କର୍ମ କରୁଥିବା ଲୋକ ସ୍ୱର୍ଗ ଏବଂ ବୈକୁଣ୍ଠ ଯାଇଥାନ୍ତି। ହିନ୍ଦୁ ଧର୍ମ ଅନୁସାରେ କୈଳାସ ପର୍ବତ ଉପରେ ମହାଦେବ, ବ୍ରହ୍ମଲୋକରେ ବ୍ରହ୍ମଦେବ ବିରାଜମାନ କରିଛନ୍ତି। ଠିକ୍ ସେହିଭଳି ଭଗବାନ ବିଷ୍ଣୁଙ୍କ ନିବାସ ବୈକୁଣ୍ଠରେ ବୋଲି କୁହାଯାଇଥାଏ। ବୈକୁଣ୍ଠ ଲୋକଙ୍କ ସ୍ଥିତି ତିନଟି ସ୍ଥାନରେ ବୋଲି ଉଲ୍ଲେଖ କରାଯାଇଛି। ସେଗୁଡିକୁ ହେୁଛି ଧରିତ୍ରୀ, ସମୁଦ୍ର ଏବଂ ସ୍ୱର୍ଗ। ବୈକୁଣ୍ଠକୁ ବିଷ୍ଣୁ ଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଇଥାଏ। ଭଗବାନ ଶ୍ରୀକ୍ଷ୍ଣଙ୍କ ପରେ ଏହାକୁ ଗୋଲୋକ ମଧ୍ୟ କୁହାଯାଉଛି। କାରଣ ଭଗବାନ ଶ୍ରୀକୃଷ୍ଣ ଏବଂ ବିଷ୍ଣୁ ଜଣେ ହୋଇଥିବାରୁ ଶ୍ରୀକୃଷ୍ଣଙ୍କ ନିବାସ ସ୍ଥାନକୁ ମଧ୍ୟ ବୈକୁଣ୍ଠ କୁହାଯାଇଥାଏ ।

ପ୍ରଥମ ବୈକୁଣ୍ଠ ଧାମ

ଧରିତ୍ରୀରେ ବଦ୍ରିନାଥ, ଜଗନ୍ନାଥ ଏବଂ ଦ୍ୱାରିକାପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହାଯାଇଥାଏ। ଚାରି ଧାମ ମଧ୍ୟରୁ ହିନ୍ଦୁମାନଙ୍କର ସର୍ବଶ୍ରେଷ୍ଠ ପବିତ୍ର ତୀର୍ଥକ୍ଷେତ୍ର ହେଉଛି ବଦ୍ରିନାଥ। ବଦ୍ରିଦାଥ ବ୍ୟତୀତ ଦ୍ୱାରିକା ଏବଂ ଜଗନ୍ନାଥ ଧାମକୁ ମଧ୍ୟ ବୈକୁଣ୍ଠ ଧାମ କୁହାଯାଇଥାଏ। କୁହାଯାଇଥାଏ ସତ୍ୟଯୁଗରେ ବଦ୍ରିନାଥ ଧାମର ସ୍ଥାପନା ନାରାୟଣ ହିଁ କରିଥିଲେ ।

ISSN NO.
2582-208X

ଦ୍ୱିତୀୟ ବୈକୁଣ୍ଠ ଧାମ

ଦ୍ୱିତୀୟ ବୈକୁଣ୍ଠ ଧାମ ପୃଥିବୀ ବାହାରେ ଥିବା କୁହାଯାଇଥାଏ। ଏହାକୁ ବ୍ରହ୍ମାଣ୍ଡ ବାହାରେ ଏବଂ ତିନି ଲୋକ ଉପରେ ଥିବା କୁହାଯାଇଥାଏ । ଏହି ଧାମ ଦୃଶ୍ୟମାନ ହେଉଥିବା ପ୍ରକୃତି ଠାରୁ ୩ଗୁଣା ବଡ। ଏହାର ଦେଖାଶୁଣା ପାଇଁ ଭଗବାନଙ୍କ ୯୬ କୋଟି ଭକ୍ତ ନିଯୁକ୍ତ ରହିଛନ୍ତି । ଆମ ପ୍ରକୃତିରୁ ମୁକ୍ତି ହେଉଥିବା ପ୍ରତ୍ୟେକ ଜୀବାତ୍ମା ଏହି ପରମଧାମରେ ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ସହ ପ୍ରବିଷ୍ଟ ହୋଇଥାନ୍ତି। ସେଠାରୁ ସେହି ଜୀବାତ୍ମା କେବେ ବି ପୁଣିଥରେ ଫେରିନଥାନ୍ତି। ଏଠାରେ ଭଗବାନ ଶ୍ରୀବିଷ୍ଣୁ ୪ ପାଟରାଣୀ ଶ୍ରୀଦେବୀ, ଭୂଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହ ବାସ କରିଥାନ୍ତି ।

ତୃତୀୟ ବୈକୁଣ୍ଠ ଧାମ

ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ପରେ ଅନ୍ୟ ଏକ ନଗର ସ୍ଥାପନା କରିଥିଲେ, ଯାହାକୁ ବୈକୁଣ୍ଠ ଧାମ କୁହାଯାଉଥିଲା। କିଛି ଇତିହାସକାରଙ୍କ ମୁତାବିକ ଅରାବଳୀ ପାହାଡ ଶୃଙ୍ଖଳା ଉପରେ ଅନେକ ବୈକୁଣ୍ଠ ଧାମ ଅବସ୍ଥିତ। ଯେଉଁଠାରେ ମଣିଷ ନୁହେଁ ବରଂ ସାଧକମାନେ ମଧ୍ୟ ରହିଥାନ୍ତି । ଭାରତର ଭୌଗଳିକ ସଂରଚନାରେ ଅରାବଳୀ ପ୍ରାଚୀନତମ ପର୍ବତ। ଭୂ-ଶାସ୍ତ୍ର ଅନୁଯାୟୀ ଭାରତର ସବଠାରୁ ପ୍ରାଚୀନ ପର୍ବତ ଅରାବଳୀ ପର୍ବତ। ମାନ୍ୟତା ରହିଛି ଏଠାରେ ଶ୍ରୀକୃଷ୍ଣ ବୈକୁଣ୍ଠ ନଗର ସ୍ଥାପନା କରିଥିଲେ। ଏହି ପର୍ବତ ରାଜସ୍ଥାନର ଦକ୍ଷିଣ-ପଶ୍ଚିମ ଦିଗରୁ ଯାଇଥିବା ଐଶ୍ୟାନ କୋଣରୁ ପାଖାପାଖି ଦିଲ୍ଲୀ ପର୍ଯ୍ୟନ୍ତ ରହିଛି।

ସଂଗ୍ରାହିକା: ସୁହାସିନୀ ବାରିକ୍
ମହୁ, ଆଲ, କେନ୍ଦ୍ରାପଡ଼ା, ଓଡ଼ିଶା
ପିନ୍ ୭୫୪୨୩୧

ISSN NO.
2582-208X

# ପରାର୍ଥେ ଜୀବନ ଅମୃତମୟ



ସିନ୍ଧୁ ନନ୍ଦିନୀ

ପ୍ରଭୁ ଦେଇଛନ୍ତି ହସ୍ତ ସଭିଙ୍କୁ
କରିବାକୁ ସତକର୍ମ
ଦାନ ଠାରୁ  ପୁଣ୍ୟ ଆଉ ନାହିଁ
ଦାନ କରି ହେବା ଧନ୍ୟ

ଯେ କରମ ଦିଏ ଅନ୍ୟକୁ ଆନନ୍ଦ
ଯେ ପୋଛେ ଅନ୍ୟ ର ଲୁହ
ଜ୍ଞାନୀ ମେଳରେ ସେ ଅଗ୍ରଗଣ୍ୟ
ସଦା ପ୍ରଭୁଙ୍କର  ପ୍ରିୟ

ଦୟା ପ୍ରେମ କ୍ଷମା ଗୁଣରେ ଭୂଷିତ
ମାନବ ହୁଅଇ ମହାନ
ମନରେ ସଦା ସେବା ଭାବନା
ଦୂରାଏ ଅହଂକାର

ଦୈବପ୍ରୀତି ପାପଭୀତି
କର ନିରନ୍ତର କର୍ମ
ସତ୍ୟ ଧର୍ମ ପଥେ ଚାଲିଲେ
ଏ ଜୀବନ ହେବ ଧନ୍ୟ

ବ୍ୟାସଙ୍କ ପୁରାଣ ସାରାଂଶ
ନୀତି କର ଉପକାର
କିଛି ନଦେଲେ ନ ଦିଅ ପଛେ
କୁହ ଦିପଦ ମଧୁର

ମାନବସେବା ହିଁ ମାଧବସେବା
ପରାର୍ଥେ ଜୀବନ ସାର୍ଥକ ହେବ
ଧରିରଖିଥାଅ ହସ୍ତ ମୋର ପ୍ରଭୁ
ପରାର୍ଥେ ଜୀବନ ଅମୃତମୟ

ଧଉଳି, ଭୁବନେଶ୍ୱର

ISSN NO.
2582-208X

# ଅନନ୍ତ ଶୟନ

ଦୀନବନ୍ଧୁ ବେଜ

ଅନନ୍ତ ଶୟନ କରିଲ ପ୍ରଭୁ କଳା ଶ୍ରୀମୁଖ
କାହା ମୁଖଦେଖି କଟିବ ମୋର ଦିନ ଗୋଟାକ
କହ ହେ ଦୟା ସିନ୍ଧୁ ..........,
ଦିନ ବିତୁଅଛି ମୋହର ଆମେ ସରବେ କାନ୍ଧୁ ।

ତୋର ଦରଶନ ପାଇଁକି ହୁଏ ବିକଳ ମନ
ହାତରେ ମୋହର ନାହିଁଟି ଫୁଟି କଉଡ଼ି ଧନ
କହ ହେ ଦୟା ସିନ୍ଧୁ .........,
ଆମର ତ ବାସୀ ପଖାଳ ତୋର ପଉଟି ରାନ୍ଧୁ ।

କ୍ଷୀରି ଖେଚୁଡ଼ି କାନିକା ସହିତ ଅଭଡ଼ା ଅନ୍ନ
ଯାହାକୁ ଯେତେରେ ଖାଇକି କର ଉଦର ପୂର୍ଣ୍ଣ
କହ ହେ ଦୟା ସିନ୍ଧୁ ..........,
ଆମରି ଆଶାରେ କାହିଁକି ତୁହି ମାୟାକୁ ଛନ୍ଦୁ ।

ମାଉସୀ ମାଆର ଘରକୁ ଗଲୁ ହଲି ହିଲି କି
ଭାଇଭଉଣୀଙ୍କୁ ଘେନିଲୁ ସାଥେ ଡ଼ାକି ହାକିକି
କହ ହେ ଦୟା ସିନ୍ଧୁ .........,
ପଡିଲାନି ଲକ୍ଷ୍ମୀମା'ଙ୍କ କଥା ହୋଇ ବିସର୍ଗ ବିନ୍ଦୁ ।

ISSN NO.
2582-208X

ମହଣ ମହଣ ସୁବର୍ଣ୍ଣ ପିନ୍ଧୁ ସୁନା ବେଶରେ
ସାରା ଜଗତର ମାଲିକାଣୀ ଅଛି ତୁମ୍ଭ ସାଥିରେ
କହ ହେ ଦୟା ସିନ୍ଧୁ............,
ଆମେ ସବୁ ଲୋକ କିପାଇଁ ବେଶି କପାଳ ନିନ୍ଦୁ ।

ବିନ୍ଦୁ ବିନ୍ଦୁ ସମ କାକର ପଡ଼ି ଗାଲିଚା ପରେ
ଢଳ ଢଳ ହୋଇ ସଂସାରେ ସୁଖ ଶରଧା ଭରେ
କହ ହେ ଦୟା ସିନ୍ଧୁ ................,
ଏଥର ନିଶ୍ଚିତ ହେବୁକି ତୁହି ଆମ୍ଭ ସଭିଁଙ୍କ ବନ୍ଧୁ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଶ୍ରାବଣୀ



କୁଞ୍ଜ ବିହାରୀ ସାହୁ

ଏତେ ବର୍ଷ ପରେ ଶ୍ରାବଣୀ ଆମ ଘରକୁ ଆସିଛି ।

ଖୁସିରେ ଆତ୍ମହରା ହୋଇଗଲା ବର୍ଷା । ତା ପିଲାଦିନର ସାଥୀ ବାହାହୋଇ ବୁଲିଆସିଛି, ଖୁସିହେବନି କେମିତି ! ଚଟାପଟ ଘର ଭିତରକୁ ନେଇଗଲା ବର୍ଷା ସ୍ୱାଗତ ପର୍ବରେ ।

ଶ୍ରାବଣୀ ଆଖିରୁ ଝରିପଡୁଥଲା କେଇଟୋପା ଲୁହ, ବର୍ଷା ଡରିଗଲା । ଛଳ ଛଳ ଆଖିକୁ ଚାହିଁ ନରମ ମୁଦ୍ରାରେ ପଚାରିଲା - ଶ୍ରାବଣୀ, ତୁ କାନ୍ଦୁଛୁ ! ବାହା ହୋଇ ବରଂ ଖୁସିରେ ରହିବା କଥା । ଧନବାନ- ଗୁଣବାନ ବର ପାଇଛୁ, ପରୋପକାରୀ ଶାଶୁ ଶ୍ୱଶୁର ପାଇଛୁ, ନଣନ୍ଦ କି ଦିଅର ନାହିଁ, ତଥାପି ଦୁଃଖ କାହିଁକି କରୁଛୁ ?

ବର୍ଷାର ଏଭଳି ଆଶ୍ୱାସନାରେ ଶ୍ରାବଣୀ ପ୍ରକୃତିସ୍ଥ ମନେକରି କାନ୍ଥକୁ ଆଉଜିବସିଲା । କଡ଼ା ଚା କପର ଗରମ ହାଓ୍ୱାକୁ ଓଠରେ ଲଗେଇ ହାଲକା କରିଦେଲା ମନକୁ । ଅଧା ଅଧା ଓଦା ହେଇଥିବା ଡ୍ରେସକୁ ଖୋଲିବାପାଇଁ ମନସ୍ଥ କରୁ କରୁ ବର୍ଷା ଉତ୍କଣ୍ଠିତ ମନରେ କହିଲା - ଆ, ବେଡରୁମରେ ଚେଞ୍ଜ କରିଦେବୁ ।

ବର୍ଷାର ବେଡରୁମରେ ଶ୍ରାବଣୀ ଲୁହ ପୋଛି ପୋଛି ଡ୍ରେସ ଚେଞ୍ଜ କଲା । ବର୍ଷା ନିର୍ନିମେଷ ନୟନରେ ଦେଖୁଥିଲା ଶ୍ରାବଣୀର ପୂରିଲା ପୂରିଲା ଦେହଟିକୁ। ଲଘୁଚାପରେ ଖାଲଖମା ପୂରିଲା ପରି ତା ଦେହଟା ଏବେ ବି ଉତ୍ତାଳ ଯୌବନରେ ପୂରି ଉଠୁଛି । ଇଛା ହେଉଥିଲା ଧରିବାକୁ ।

ISSN NO.
2582-208X

କେବଳ ଚାହିଁରହିଲା ବର୍ଷା ଅପଲକ ନୟନରେ । ଲୋମ ଟାଙ୍କରି ହେବାର ନିଆରା ଅନୁଭବକୁ ଆବୋରି ନେଉଥିଲା ପରୋକ୍ଷରେ ।

ବେଡରୁମରେ ଗପୁ ଗପୁ ଶ୍ରାବଣୀ ଜାଣିପାରିଲା ବର୍ଷାର ମନକଥାକୁ, ଭାବପ୍ରବଣତାକୁ ଓ ଆବେଗକୁ । ବର୍ଷାକୁ ଧରିପକେଇଲା ଯେମିତି ଦୁହେଁ ପିଲାଦିନେ ମଜା କରୁଥିଲେ । ପିଲାଦିନେ ଏକୁଟିଆ ଘର ଭିତରେ ପାଠପଢ଼ା ଆଳରେ ଯେଉଁ ମଜା ମସ୍ତି କରୁଥିଲେ ଆଜି ଗୋଟି ଗୋଟି ମନେପଡ଼ିଗଲା ଦୁହିଁଙ୍କର ।

ଶ୍ରାବଣୀ ଆଖିର କେଇଟୋପା ଲୁହରେ ବର୍ଷା ଓଦା ହେଇ ପଚାରିଦେଲା - କହୁନୁ, ଏତେ ବର୍ଷ ପରେ ଆସିଛୁ ଚୁପ୍ ହେଇ ବସିବୁ ନା କଅଣ ?

ତୁଣ୍ଡରେ ଭାଷା ନାହିଁ । ବାହା ସିନା ହେଇଗଲି, ହେଲେ ସ୍ୱାମୀର ପୌରୁଷତ୍ୱ ନାହିଁ । ଦେଖିବାକୁ ସୁନ୍ଦର ହେଲେ ମୋ ଦେହ, ମନକୁ ସୁନ୍ଦର କରିବାରେ ଅସମର୍ଥ । ବରଂ ତୁ ମୋର ମନକଥା ବୁଝିପାରୁଥିଲୁ । ପାଖେ ପାଖେ ରହି ମୋ ଇପସିତ ଆଂକ୍ଷାକାକୁ ପୂରା କରୁଥିଲୁ । କେତେବେଳେ ସେ ମଉଆଲା ସମୟ ବିତିଯାଇଛି ନିଘା ନଥିଲା । ତୁ ସେତେବେଳେ ପତଳା ଥିଲୁ, ଭଲ ଦିଶୁଥିଲୁ । ତୋ ଦେହରେ ଲଘୁଚାପ ଛୁଇଁନଥିଲେ ବି ତୁ ପ୍ରଗଳଭା ନଈପରି ଫୁଲିଯାଉଥିଲୁ । ତୋ ପାତଳି ଅଣ୍ଟାରେ ମୁଁ ଅନେକ ମିଠା ମହକ ପାଇଛି । ଏବେ ବି ପତାଳା ଦିଶୁଛୁ ଆହୁରି ସୁନ୍ଦର ଦିଶୁଛୁ ।

ଶ୍ରାବଣୀର କଥାରେ କମା ଦେଇ ବର୍ଷା କହିଲା - ଆଲୋ ଶ୍ରାବଣୀ, ପିଲାବେଳର ବୟସ ଏବେ ଆଉ ଅଛି ଯେ ମଜାଦାର ଲାଗିବ । ତୁ ଯଦି କହୁଛୁ, ଆସୁନୁ ଟିକେ ଗପି ଗପି ଭରପୁର ମଜା ଉଠେଇବା ।

ଶ୍ରାବଣୀ ଆଖିରେ ଜକେଇଥିବା ଲୁହ ଟୋପା ଅକସ୍ମାତ୍ ଉଭେଇଗଲା ।

ଅବିବାହିତା ରହିବାରେ ବର୍ଷାର ଟିକେ ଅନୁଶୋଚନା ନଥିଲା । ଏବେ ସେ ସମାଜରେ ଭଲ ନାଁ କରିଛି । ଏମିତି ଏ କଳୁଷିତ ଦୁନିଆରେ ବାହା ହେବା ନିହାତି ଜରୁରୀ ନୁହଁ । ନିଜେ ସ୍ୱାବଲମ୍ବୀ ହୋଇ ବଞ୍ଚିଲେ ସନ୍ତୁଷ୍ଟି ମିଳିବ ।

ISSN NO.
2582-208X

ଶ୍ରାବଣୀ ବୁଝିଗଲା ବର୍ଷାର ଅବିବାହିତ ରହିବାର କାରଣ । ଜୀବନସାଥୀ ଯଦି ଜୀବନ ନ ଦେଲା ତେବେ ଜୀବନର ମାନେ କିଛି ନୁହଁ !!!

ବାହାରେ ମେଘକ୍ଳାନ୍ତ ଆକାଶ । ମତୁଆଲା ପବନ । ଝରକା କବାଟ ବନ୍ଦ କରିଦେଲା ବର୍ଷା । ଶ୍ରାବଣୀ ଆସିଛି ଯେଣୁ କେମିତି ନିରାଶ କରିବ ! ଦେହ ଅଲଗା ହେଲେ ବି ଆତ୍ମା ଏକ।

ପରସ୍ପର ଏକ ଆବେଗମୟ ମୁହୂର୍ତ୍ତକୁ ଆଦରିନେଲେ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ପୂଜାରିଣୀ



ବେଣୁଧର ସୂତାର

ତୁମେ ମୋ ମନର ଦିବ୍ୟ ସୁରକାର
ପ୍ରଣବ ଓଁକାର ଧ୍ୱନି
ମୁଁ ଯେ ମମତାର ମଧୁମତୀ ଧାରା
ତନ୍ମୟୀ ତପସ୍ୱୀନୀ
ବ୍ୟାପ୍ତି ଓ ଦୀପ୍ତିର ଅନନ୍ତ ତୃପ୍ତିର
ଅନୁରାଗ ବନ୍ଦୀଶାଳା
ତୁମେ ମୋ ମନର ମଧୁ ସପନର
ଉତ୍ତାଳ ଉର୍ମିମାଳା ।।
ନିତ୍ୟ ସବୁଜ ଏ ଅନ୍ତର ତଳେ
ତୁମେ ପାରିଜାତ ହସ
ବିପୁଳ ଉପାସ୍ୟ ତପସ୍ୟା ବେଦୀର
ଅମୃତର ଅଭିଳାଷ ।।
ତୁମେ ପରା ଭରା ଗଙ୍ଗଶିଉଳିର
ବାସ୍ନା ବିଭୋର ମନ
ରେଶମୀ ରାତିର ସୁନେଲି ସ୍ୱପ୍ନ
ମଧୁଝରା ରୂପା ଜହ୍ନ ।।

ISSN NO.
2582-208X

ସ୍ନେହ ସୋହାଗର ଅମିୟ ପସରା
ପ୍ରୀତିଭରା ଆତ୍ମୀୟତା
ଚିତ୍ରଭାନୁ ତୁମେ ଚଇତି ଚାନ୍ଦର
ତେଜୋଦୀପ୍ତ ତାରୁଣ୍ୟତା ।।
ତୁମେତ ବିଚିତ୍ର ସ୍ୱପ୍ନ ଚାରୁଚିତ୍ର
ସୃଷ୍ଟି ସମଷ୍ଟିର ଧାରା
ତୁମରି ପ୍ରେମର ପୀୟୂଷ ପ୍ଳାବନେ
ମୁଁ ଯେ ଆଜି ଆତ୍ମହରା ।।
ମୁଁ ତପଷ୍ଟାରିଣୀ ତୁମ ପୂଜରିଣୀ
ଅୟୁତ ଅତନ୍ଦ୍ର ରାତି
ସମର୍ପି ଦେଇଛି ବଳକା ଆୟୁଷ
ପବିତ୍ର ପ୍ରେମରେ ବିତି ।।
ମୋ ଜୀବନଯଜ୍ଞ ସମାବର୍ତ୍ତେ ତୁମେ
ଯଜ୍ଞାନଳର ହବିଃ
ନିତ୍ୟ ପ୍ରେମମୟ ଭାବକଳ୍ପ ତୁମ
ଚିର ଚନ୍ମୟ ଛବି ।।
ସୁନ୍ଦର ତୁମେ ଶାଶ୍ୱତ ତୁମେ
ମୃତ୍ୟୁଞ୍ଜୟ ଧରା ତଳେ
ତୁମରି ଚରଣ ଆଶ୍ରିତା ମୁଁ ଯେ
ପାବନ ପ୍ରଦୀପ ଜାଳେ ।।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ବାଟ



ଦୁଷ୍ମନ୍ତ ବେହେରା

ଅପେକ୍ଷା କରିଛି ଏଇ ହସ ବନରେ
ସହଳୀ ଉଠେ ମନ ବନ !!

ବାଟ କହେ ତୁମ ଅତୀତ କଥା
ଅତୀତ ଚିହ୍ନ ର ରେଖା !!

ଅମଡା ସାକ୍ଷୀ କହେ ଦେଇଗଲ
ଦାଗର ଅନେକ କୁହ !!

ବାଟ ସରେ ନାହିଁ କି ଲୁହ ଶୁଖେ
ନାହିଁ ଏଇତ ବନ ଛାଇ !!

ଆସିବ ଯଦି ବାଟ ର ଶେଷକୁ
କହିବି ଶେଷ ର ଇତି !!

ମୁଁ ଝଡି ପଡ଼ିଲି ବାଟର ଉହାଡେ
ଉଦର ଦରଦ ଦେଖି !!

ମୁଁ ସରିଯାଏ ତୁମ ଅପେକ୍ଷାରେ
ବାଟକୁ ଚାହିଁ ଚାହିଁ !!

ମୁଁ ବାଟ
ପଥସମର ବାଟୋଇ ମୁଇଁ......

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ସ୍ୟମନ୍ତକ ମଣି



ଅଭିମନ୍ୟୁ କାନୁନଗୋ

ତ୍ରେତୟା ଯୁଗର କଥା । ପ୍ରଭୁ ଶ୍ରୀରାମ ବାନର ଓ ଭଲ୍ଲୁକ ସେନା ଧରି ରାବଣ ନିଧନ କରି ସାରିଥାନ୍ତି । ଭଲ୍ଲୁକ ସେନାର ସେନାପତି ଥାଆନ୍ତି ଜାମ୍ବବାନ । ସେ ଥିଲେ ମହାନ ଯୋଦ୍ଧା। ତାଙ୍କର ଯୁଦ୍ଧ କରିବା ପାଇଁ ପ୍ରବଳ ଅଭିଳାଷ ଥିଲା । କିନ୍ତୁ ରାମ ରାବଣ ଯୁଦ୍ଧରେ ତାଙ୍କ ସନ୍ତୁଷ୍ଟି ଅନୁଯାୟୀ ସେ ଯୁଦ୍ଧ କରି ପାରି ନଥିଲେ । ଶ୍ରୀରାମ ଯୁଦ୍ଧରେ ଜାମ୍ବବାନଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ବର ମାଗିବାକୁ କହିଲେ । ଜାମ୍ବବାନଙ୍କୁ ସୁଯୋଗ ମିଳିଗଲା ସେ କହିଲେ, ପ୍ରଭୁ ମୁଁ ଆପଣଙ୍କୁ ଗୋଟିଏ ପ୍ରାର୍ଥନା କରୁଛି, ମୋତେ ଥରେ ମାତ୍ର ଆପଣଙ୍କ ଭଳି ଯୋଦ୍ଧା ସହିତ ଯୁଦ୍ଧ କରିବାର ସୁଯୋଗ ଦିଅନ୍ତୁ । ପ୍ରଭୁ ତାଙ୍କୁ ତଥାସ୍ତୁ କରି କହିଲେ, ତୁମେ ମୋ ସହିତ ଯୁଦ୍ଧ କରିବାର ସୁଯୋଗ ପାଇବ । କିନ୍ତୁ ଏହା ସମ୍ଭବ ହେବ ଦ୍ୱାପର ଯୁଗରେ ଯେତେବେଳେ ମୁଁ କୃଷ୍ଣ ଅବତାର ଗ୍ରହଣ କରିବି । ଭଗବାନ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ ଜାମ୍ବବାନ ଅରଣ୍ୟ ମଧ୍ୟରେ ଏକ ଗିରି ଗହ୍ୱର ମଧ୍ୟରେ ପ୍ରଭୁଙ୍କୁ ଧ୍ୟାନ କରି ନିବାସ କରୁଥିଲେ ।

ତ୍ରେତୟା ଯାଇ ଦ୍ୱାପର ଯୁଗ ଆସିଲା । ଭଗବାନ କୃଷ୍ଣ ଅବତାର ଗ୍ରହଣ କରି ଧରାବତରଣ କଲେ । କଂସ ନିଧନ ପରେ ଶ୍ରୀକୃଷ୍ଣ କଂସ ଶ୍ୱଶୁର ଜରାସନ୍ଧ ଆକ୍ରମଣରେ ଅତିଷ୍ଠ ହୋଇ ମଥୁରା ଛାଡ଼ି ଦ୍ୱାରକା ଯାଇ ସେଠାରେ ସିନ୍ଧୁ ପରିବେଷ୍ଟିତ ଦ୍ୱାରକାପୁରୀ ନିର୍ମାଣ କରି ଯଦୁବଳଙ୍କ ସହ ନିବାସ କଲେ ।

ଯଦୁବଂଶରେ ଶକ୍ରାଜିତ ବୋଲି ଜଣେ ବଡ଼ ଧର୍ମାତ୍ମା ଓ ସୂର୍ଯ୍ୟ ଭକ୍ତ ପୁରୁଷ ଥିଲେ । ତାଙ୍କ ଭକ୍ତିରେ ତୃପ୍ତ ହୋଇ ସୂର୍ଯ୍ୟଦେବ ତାଙ୍କୁ ଏକ ମଣି ପ୍ରଦାନ କରିଥିଲେ ।

ISSN NO.
2582-208X

ଅନେକ ତପେ ସତ୍ରାଜିତ । ସୂର୍ଯ୍ୟ ସଙ୍ଗତେ ହେଲା ମିତ୍ର ।

ମଣିର ନାମ ଥିଲା ସ୍ୟମନ୍ତକମଣି । ଏହାର ଏକ ବିଶେଷତ୍ୱ ଥିଲା, ଶକ୍ରାଜିତ ପ୍ରତିଦିନ ମାଗିବା ଅନୁଯାୟୀ ଧନରତ୍ନ ସହ ଅତି କମରେ ଆଠ ଭାର ସୁବର୍ଣ୍ଣ ଉତ୍ପନ୍ନ କରିପାରୁ ଥିଲା। ଏହି ମଣିରୁ ବିଚ୍ଛୁରିତ ହେଉଥିଲା ସୂର୍ଯ୍ୟପ୍ରଭା ଭଳି ଅଦ୍ଭୁତ ରଶ୍ମି । ଏଥିରୁ ବିଚ୍ଛୁରିତ ରଶ୍ମି ପ୍ରଭାବରେ ଶକ୍ରାଜିତଙ୍କୁ କେହି ଦୂରରୁ ଦେଖି ପାରୁ ନଥିଲେ । କଥା କ୍ରମେ ଯାଇ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚିଲା । ପ୍ରଭୁ ଶ୍ରୀକୃଷ୍ଣ ଯାଇ ଶକ୍ରାଜିତଙ୍କୁ ପ୍ରସ୍ତାବ ଦେଲେ, ଏ ଦୁର୍ଲ୍ଲଭ ମଣିକୁ ଆପଣ ଦ୍ୱାରିକା ରାଜକୋଷକୁ ପ୍ରଦାନ କରନ୍ତୁ । କାରଣ ଏଥିରୁ ଉତ୍ପନ୍ନ ଧନ ରାଜ୍ୟ କଲ୍ୟାଣରେ ବ୍ୟୟିତ ହେବ । ଆପଣ ତଥା ରାଜ୍ୟବାସୀ ସମସ୍ତେ ସୁଖ ଶାନ୍ତିରେ ରହିବେ । କିନ୍ତୁ ସର୍ବଜନ ହିତାୟ ଭଗବାନଙ୍କ ଏହି ପ୍ରସ୍ତାବରେ ରାଜି ହେଲାନାହିଁ ହତଭାଗ୍ୟ ଶକ୍ରାଜିତ । ମଣିକୁ ଘରେ ରଖି ଉତ୍ପନ୍ନ ଧନରେ ସୁଖରେ କାଳାତିପାତ କରୁଥାଏ।

ଶକ୍ରାଜିତର ସାନଭାଇ ଥାଏ ପ୍ରସେନଜିତ । ଏକଦା ପ୍ରସେନଜିତ ମଣିଟିକୁ ଗଳାରେ ପକାଇ ଜଙ୍ଗଲକୁ ମୃଗୟା ଉଦ୍ଦ୍ୟଶ୍ୟରେ ବାହାରି ଗଲେ । ମୃଗୟା ବିନୋଦ ସାରି ସନ୍ଧ୍ୟାରେ ଫେରୁଥାନ୍ତି, ଏକ ହିଂସ୍ର ସିଂହ ହାବୁଡ଼ରେ ପଡିଲେ । ଚମକୁଥିବା ମଣିକୁ ଗୋଟିଏ ମାଂସ ପିଣ୍ଡୁଳା ଭାବି ସିଂହ ତାଙ୍କୁ ଆକ୍ରମଣ କଲା । ପ୍ରସେନଜିତ ଓ ତାଙ୍କ ଘୋଡାକୁ ମାରି ସେ ମଣିକୁ ନେଇ ପଳାଇଗଲା । ସିଂହ କିଛି ବାଟ ଯାଇଛି ଏକ ବିରାଟକାୟ ଭଲ୍ଲୁକ ତା ଆଡ଼କୁ ମାଡ଼ି ଆସିଲା । ଏହି ଭାଲୁ ଥିଲା ଭଲ୍ଲୁକ ରାଜ ଜାମ୍ବବାନ । ସିଂହ ପାଖରେ ମଣିକୁ ଦେଖି ଜାମ୍ବବାନ ତାଙ୍କ ପିଲାଙ୍କ ଖେଳିବା ପାଇଁ ସିଂହକୁ ମଣି ଦେବା ପାଇଁ କହିଲେ । ସିଂହ ମନା କରିବାରୁ ଦୁଇ ଜଣଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇ ସିଂହ ନିହତ ହେଲା । ଜାମ୍ବବାନ ସ୍ୟମନ୍ତକ ମଣିକୁ ଧରି ନିଜ ଗୁମ୍ଫାକୁ ପ୍ରବେଶ କଲେ । ତାଙ୍କ ପିଲା ମାନେ ମଣିଟିକୁ ନେଇ ବେଶ ଖୁସିରେ ଖେଳିବାକୁ ଲାଗିଲେ ।

ଏପଟେ ଶକ୍ରାଜିତ ସାନଭାଇ ପ୍ରସେନଜିତ ନ ଫେରିବାରୁ ବହୁତ ଖୋଜା ଖୋଜି କରି କିଛି ସନ୍ଧାନ ପାଇଲେ ନାହିଁ । ତାଙ୍କ ମନରେ ସନ୍ଦେହ ଆସିଲା ଶ୍ରୀକୃଷ୍ଣ ମଣିଟିକୁ ମାଗୁଥିଲେ ହୁଏତ ସେ କିଛି ଅଘଟଣ ଘଟେଇ ଥିବେ । ଏହା ଚିନ୍ତାକରି ସେ କ୍ରମେ ଶ୍ରୀକୃଷ୍ଣଙ୍କର

ISSN NO.
2582-208X

ବଦନାମ କରିବାକୁ ଲାଗିଲା । କଥା ଆସି ଦ୍ୱାରିକାଧିଶଙ୍କ ପାଖରେ ପହଁଞ୍ଚୀଲା । ଭଗବାନ ଶ୍ରୀକୃଷ୍ଣ ନିଜର ବଦନାମକୁ ସହ୍ୟ କରି ପାରିଲେ ନାହିଁ ।

ଗୋବିନ୍ଦ କଲେ ଏଡ଼େ କର୍ମ । ଲୋକରେ ଶୁଭିଲା ଲାଞ୍ଛନ ।।
ବିଷମ ଲୋକ ଅପବାଦ । ଶୁଣି ପାଇଲେ କୃଷ୍ଣ ଖେଦ ।।

ଶ୍ରୀକୃଷ୍ଣ ନିଜର ଏ ଅପବାଦକୁ ଦୂର କରିବା ପାଇଁ ସୈନ୍ୟ ସାମନ୍ତ ଧରି ଜଙ୍ଗଲକୁ ବାହାରିଲେ ପ୍ରସେନଜିତକୁ ଖୋଜିବା ପାଇଁ । ବହୁ ଚେଷ୍ଟା କରି ପ୍ରସେନଜିତକୁ ପାଇଲେ ନାହିଁ । ଇତ୍ୟବସରେ ସେ ଗୋଟିଏ ସ୍ଥାନରେ ପ୍ରସେନଜିତ ଓ ତା ଘୋଡ଼ା ମରି ପଡିଥିବାର ଦେଖିଲେ । ପାଖରେ ସିଂହର ପାଦ ଚିହ୍ନ ପଡ଼ିଛି । ସେ ବୁଝିଗଲେ, ସିଂହ ହିଁ ଏମାନଙ୍କୁ ମାରି ମଣି ନେଇଯାଇଛି । ସେ ସିଂହର ପାଦ ଚିହ୍ନକୁ ଅନୁସରଣ କରି କିଛିବାଟ ଯାଇ ଦେଖିଲେ ସିଂହଟି ମରି ପଡ଼ିଛି ଏବଂ ସେଠାରେ ଭାଲୁର ପାଦ ଚିହ୍ନ ପଡ଼ିଛି । ଏ ରହସ୍ୟ ଜାଣିବା ପାଇଁ ସେ ଭାଲୁର ପାଦ ଚିହ୍ନକୁ ଅନୁସରଣ କରି ଯାଇ ପହଞ୍ଚିଲେ ସେହି ଗୁମ୍ଫା ନିକଟରେ ଯେଉଁଠି ଜାମ୍ବବାନ ନିବାସ କରୁଥିଲେ । ସମସ୍ତଙ୍କୁ ବାହାରେ ରହିବାକୁ କହି ଭଗବାନ ଶ୍ରୀକୃଷ୍ଣ ଗୁମ୍ଫାରେ ପ୍ରବେଶ କଲେ । ସେ ଗୁମ୍ଫାରେ ପଶି ଦେଖିଲେ ଭଲ୍ଲୁକ ମହାରାଜ ଜାମ୍ବବାନଙ୍କ ପାଖରେ ମଣିଟି ଅଛି । ମଣିଟି ତାଙ୍କ ପୁଅ ଗଳାରେ ମାଳା କରି ପିନ୍ଧିଛି ।

ତାହାର ପୁତ୍ର କଣ୍ଠେ ମଣି । ଦୂରୁ ଦେଖିଲେ ଚକ୍ରପାଣି ।।

ସେ ଜାମ୍ବବାନଙ୍କୁ ମଣି ଫେରାଇ ଦିଅ ବୋଲି ଅନୁରୋଧ କଲେ । ଜାମ୍ବବାନ ଏହାକୁ ଅସ୍ୱୀକାର କରିବାରୁ ଦୁହିଁଙ୍କ ମଧ୍ୟରେ ୧୪ ଦିନ ବ୍ୟାପି ପ୍ରବଳ ସଂଗ୍ରାମ ହେଲା ।

ଏମନ୍ତେ ଅଷ୍ଟାଦଶ ଦିନ । ସମର କଲେ ବେନିଜନ ।।

ଶ୍ରୀକୃଷ୍ଣ ଜାମ୍ବବାନର ବଜ୍ରମୁଷ୍ଟି ପ୍ରହାରରେ ସଂଜ୍ଞା ହରାଇ ଭୂପତିତ ହୋଇଥାନ୍ତି । ଏପଟେ ଶ୍ରୀକୃଷ୍ଣ ବାରଦିନ ପର୍ଯ୍ୟନ୍ତ ଗୁମ୍ଫା ମଧ୍ୟରୁ ନ ବାହାରିବା ଦେଖି ତାଙ୍କର ଅନୁଚର ଓ ବଂଶର ଲୋକମାନେ ପ୍ରଭୁ ମୃତ ଭାବି ଦ୍ୱାରକା ପୁରୀ ଫେରିଯାଇ ତାଙ୍କର ଶୁଦ୍ଧିକ୍ରିୟା ନିମନ୍ତେ ଆୟୋଜନ କଲେ ।

ISSN NO.
2582-208X


ବଞ୍ଚିଲେ ଦ୍ୱାଦଶ ଦିବସ । ନଦେଖି ହୋଇଲେ ନିରାଶ ।।

ଶ୍ରାଦ୍ଧରେ ପୁତ୍ର ପ୍ରଦ୍ୟୁମ୍ନ ପିଣ୍ଡଦାନ କଲେ । ସେ ପିଣ୍ଡ ଅନ୍ତରୀକ୍ଷରେ ଉଡ଼ି ଯାଇ ଶ୍ରୀକୃଷ୍ଣଙ୍କ ପାଟିରେ ପଡ଼ିବାରୁ ସେ ନିଜର ଶକ୍ତି ଫେରି ପାଇଲେ । ମାଡ଼ି ବସିଥିବା ଜାମ୍ବବାନଙ୍କୁ ଉଠାଇ ଫିଙ୍ଗି ଦେଇ ସେ ତାକୁ ପ୍ରବଳ ମୁଷ୍ଟି ଘାତ କଲେ । ଜୀବନରେ କେବେହେଲେ ଏଭଳି ପରାସ ନ ପାଇଥିବା ଜାମ୍ବବାନ କୃଷ୍ଣଙ୍କୁ ପଚାରିଲେ ତୁ କିଏ କହ । ଆଜି ଯାଏ ମୋତେ କେହି ଯୁଦ୍ଧରେ ପରାସ୍ତ କରି ନାହାଁନ୍ତି । ତହୁଁ ଶ୍ରୀକୃଷ୍ଣ ତାଙ୍କୁ ମନେ ପକାଇ ଦେଲେ ତ୍ରେତୟାର ସେହି ବରଦାନ କଥା ଏବଂ କହିଲେ ଏବେ ତୁମର ମୋ ସହିତ ଯୁଦ୍ଧ କରିବାର ସେହି ଆକାଂକ୍ଷା ପୂରଣ ହେଲା ତ ? ଜାମ୍ବବାନ ତାଙ୍କୁ ହାତଯୋଡି ବିନୟ ହୋଇ କହିଲେ, ଧନ୍ୟ ତୁମେ ପ୍ରଭୁ! ଧନ୍ୟ ତୁମ୍ଭର ଲୀଳା ! ପୁଣି ସେ ପ୍ରାର୍ଥନା କରିବାରୁ ଶ୍ରୀକୃଷ୍ଣ ତାଙ୍କୁ ତ୍ରେତୟାର ସେହି କାଣ୍ଡ କୋଦଣ୍ଡ ଧାରୀ ଶାନ୍ତ କାନ୍ତ ନବ ଦୁର୍ବାଦଳ ସମ ଶ୍ରୀରାମଙ୍କ ରୂପ ଦର୍ଶନ କରାଇ ଥିଲେ।

ଜାମ୍ବବାନ ବିନୀତ ଭାବରେ ସ୍ୟମନ୍ତକମଣିକୁ ପ୍ରଭୁଙ୍କୁ ଅର୍ପଣପୂର୍ବକ ପ୍ରାର୍ଥନା କଲା, ପ୍ରଭୁ ମୋତେ ଆଉ ଏକ ଅନୁଗ୍ରହ କରନ୍ତୁ । ମୋର ଏକ ବିବାହ ଯୋଗ୍ୟା ରୂପବତୀ କନ୍ୟା ଅଛି, ତାର ନାଁ ଜାମ୍ବବତୀ । ଆପଣ ତାକୁ ବିବାହ କରି ତାର ଜୀବନ ଧନ୍ୟ କରନ୍ତୁ । ଭଗବାନ ଭକ୍ତର ମନ ବାଞ୍ଛା ପୂରଣ କଲେ । ସେ ଜାମ୍ବବତୀଙ୍କୁ ବିବାହ କରି ଦ୍ୱାରିକା ପୁରୀ ପ୍ରତ୍ୟାବର୍ତ୍ତନ କଲେ । ସେ ଶକ୍ରାଜିତଙ୍କୁ ତାଙ୍କ ମଣି ଫେରାଇ ଦେଲେ । ଶକ୍ରାଜିତ ମଣି ଫେରି ପାଇ ଶ୍ରୀକୃଷ୍ଣଙ୍କ ପ୍ରତି କରିଥିବା ଆକ୍ଷେପ ଜନିତ ନିଜର ଭୁଲ ବୁଝି ପାରିଲେ । ଶ୍ରୀକୃଷ୍ଣଙ୍କ ଶରଣ ପଶି ଭୁଲ ମାଗିଲେ । ମନରେ ବିଚାର କଲେ :-

ଏ ଯେ ଦୁହିତା ଅଛି ମୋର । ଅପୂର୍ବ ସ୍ତିରୀ ରତ୍ନ ସାର ।।
ଏ ମଣି ଏହା କଣ୍ଠେ ଦେଇ । କୃଷ୍ଣଙ୍କୁ ସମର୍ପିବି ନେଇ ।।

ଏହା ବିଚାରକରି ସେ ନିଜର ପରମାସୁନ୍ଦରୀ କନ୍ୟା ସତ୍ୟଭାମାଙ୍କୁ ଶ୍ରୀକୃଷ୍ଣଙ୍କୁ ବିବାହ ଦେଲେ ଆଉ ଯୌତୁକ ସ୍ୱରୂପ ସ୍ୟମନ୍ତକମଣିକୁ ପ୍ରଦାନ କଲେ । ଦେବୀ ସତ୍ୟଭାମା ଓ ଜାମ୍ବବତୀ ଶ୍ରୀକୃଷ୍ଣଙ୍କ ଅଷ୍ଟ ପାଟବଂଶୀ ମାନଙ୍କ ମଧ୍ୟରେ ଅନ୍ୟତମା । ଅନ୍ୟ ପାଟବଂଶୀମାନେ ହେଲେ ରୁକ୍ମିଣୀ, କାଳିନ୍ଦୀ, ମିତ୍ରବିନ୍ଦ୍ୟା, ନଗ୍ନଜିତ ,ଲକ୍ଷ୍ମଣା ଓ ଭଦ୍ରା ।

ISSN NO.
2582-208X

ସ୍ୟମନ୍ତକ ମଣି ଉପାଖ୍ୟାନକୁ ଭାଗବତକାର ଶ୍ରୀ ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ଦଶମ ସ୍କନ୍ଧ (ଦ୍ୱାରିକା ଲୀଳା) ଷାଠିଏ ଓ ଏକଷଠି ଅଧ୍ୟାୟରେ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ଶେଷରେ ଭଗବାନ ଉବାଚରେ କହିଛନ୍ତି :-

ମଣି ପ୍ରସାଦେ ମୁଁ ବିହରି । ବିଭା ହୋଇଲି ବେନି ନାରୀ ।।

ଇତିହାସ ପ୍ରସିଦ୍ଧ କୋହିନୁର ହୀରା କଥା ସମସ୍ତେ ଜାଣନ୍ତି । ଏହି ଆଶ୍ଚର୍ଯ୍ୟ ହୀରା ଇତିହାସର ଘନଘଟା ମଧ୍ୟରେ ବିଭିନ୍ନ ସମ୍ରାଟଙ୍କ ହସ୍ତଗତ ହୋଇଛି । ପୁଣି ଦେଖା ଯାଇଛି ଏହା ଯେଉଁ ସାମ୍ରାଜ୍ୟକୁ ଯାଇଛି ସେ ସାମ୍ରାଜ୍ୟର ପତନ ଘଟିଛି । ବର୍ତ୍ତମାନ ଏହା ବ୍ରିଟିଶ ରାଣୀଙ୍କ ମୁକୁଟରେ ଶୋଭା ପାଉଛି । ଏ ହୀରାର ଏକ ସୁଦୀର୍ଘ ଇତିହାସ ରହିଛି । କୋହିନୁର ସର୍ବ ଶେଷରେ ପଞ୍ଜାବ ସାମ୍ରାଜ୍ୟ ପତନ କାଳରେ ମହାରାଜା ରଣଜିତ ସିଂହଙ୍କ ଠାରୁ ଇଂରେଜ ସାମ୍ରାଜ୍ୟକୁ ପ୍ରାପ୍ତ ହୋଇଥିଲା । ମହାରାଜା ରଣଜିତ ସିଂହ ଏହି ହୀରାକୁ ଏକଦା ଇଚ୍ଛାପତ୍ର ମାଧ୍ୟମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସମର୍ପଣ କରିଥିଲେ । କିନ୍ତୁ ଇତିହାସର ବିଡମ୍ବନା, ମହାପ୍ରଭୁଙ୍କ ପାଖରେ ଏହା ପହଞ୍ଚି ପାରି ନଥିଲା । ଭଗବାନ ଶ୍ରୀକୃଷ୍ଣଙ୍କୁ କେହି କେହି ଐତିହାସିକ ବ୍ୟକ୍ତିତ୍ୱ ବୋଲି କହି ସ୍ୟମନ୍ତକ ମଣିକୁ ଏହି କୋହିନୁର ହୀରା ବୋଲି ଚିହ୍ନଟ କରିଥାନ୍ତି । ଏହା ଯେ ସତ୍ୟ ନ ହୋଇଥିବ ସେ କଥା କିଏ କହିପାରିବ ?

ଧନ୍ୟ ମହାପ୍ରଭୁ ! ଧନ୍ୟ ତୁମ୍ଭର ଲୀଳା !
ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ
ହେ ନାରାୟଣ ହେ ବାସୁଦେବ ।।

ସଂଗ୍ରାହକ: ଡକ୍ଟର ଅଭିମନ୍ୟୁ କାନୁନଗୋ
ପ୍ରସାର ଭାରତୀ, ପୁରୀ / ଦୂରଭାଷ ୮୮୯୫୪୫୦୧୧୭

ISSN NO.
2582-208X

# ଏଇତ ଜୀବନର ମାନେ



ପ୍ରଜ୍ଞା ପରମିତା ଦାଶ

କାହିଁକି ଏତେ ଲୋଭ
କରୁଚୁ ରେ ଭାଇ...
କାହାପାଇଁ ଏତେ ଗର୍ବ ତୋର
ଦେହରୁ ପ୍ରାଣ ଚାଲିଗଲାପରେ
ସଭିଏଁ କହିବେ ତତେରେ ଶବ ..(୨)
ସାହି ବନ୍ଧୁ ସାଥି ତୋର କାନ୍ଦିବେ ସଭିଏଁ
ତୋର ପାଖରେ ବସି ..
ଯିବେ ତୋର ସାଥେ ମଶାଣି ଯାଏ
ତୋର ଚିତା ଜଳିଲେ ତତେ ଛାଡି
ଆସିବେ ଘରକୁ ସବୁ ... (୨)
ପଞ୍ଚଭୁତ ରେ ତୁ ଲୀନ ହେଇଯିବୁ ଚିର ଦିନ...(୨)
ପୁଅ, ଝିଅ, ବୋହୁ ତୋ ଧନକୁ ସବୁ
ଭାଗକରି ନେଇଯିବେ...
ନିଜେ ନିଜର ବାଟ ନିଜେ ଦେଖିବେ...
ଏଇତ ଜୀବନର ମାନେ ...(୨)

ଯାଜପୁର, ବନ୍ଧମୁଣ୍ଡା

ISSN NO.
2582-208X

# ଭୋକ



କୀର୍ତ୍ତି ଦେବୀ

ଅନୁଭବୀ ବୁଝେ ଭୋକର ଆବଶ୍ୟକତା,
ପିଲାରୁ ବୁଢା, କୀଟରୁ ଜୀବ
ଘାସରୁ ମହାଦ୍ରୁମ ତତେ ଜାଣନ୍ତି ଭଲ
ତୋ ପାଇଁ ମଣିଷ ହୁଏ ପରିଶ୍ରମୀ,
ସେଥିଯୋଗୁଁ କର୍ମଠ କାନ୍ଧରେ ଲକ୍ଷ୍ମୀ ବାସ କରନ୍ତି ।
ପେଟ ପୁରିଲେ ସଭିଏଁ ଭୁଲନ୍ତି ତତେ,
ତୁ ନଥିଲେ ସାରା ସଂସାର ହୋଇଥାନ୍ତା ଜଡ,
ତୋର ଅବଦାନ ଯୋଗୁଁ ପୃଥିବ
ଆଜି ଶସ୍ୟ ଶ୍ୟାମଳା
କୃଷି, ଶିଳ୍ପ, ବାଣିଜ୍ୟ ଆଜି ସମୃଦ୍ଧ,
ବିଶ୍ୱରୁ ଅନାହାର ମୃତ୍ୟୁ ଆଜି ଲୋପ ପାଇଯାଉଛି ।
ପ୍ରାକୃତିକ ବିପର୍ଯ୍ୟୟ ବେଳେ,
ତୋର ଅସଲ ରୂପ ପାଆନ୍ତି ଲୋକେ
ତୋର ଚିତ୍କାର ସଭିଏଁ ଶୁଣନ୍ତି,
ଦେଖଣାହାରୀର ଭୋକ ଶୋଷ
ଆପେ ଯାଏ ଉଡି ।
ଜୀବନରେ ତତେ ଯିଏ ଆପଣାଇଛି,
ତାର ସଫଳତା କାହିଁ କେତେ ଉଚ୍ଚରେ
ମଣିଷରୁ ମହାମାନବ ହେବାକୁ
ତାକୁ ଲାଗେନି ବେଶି ସମୟ ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ:୯୫୮୩୮୩୩୮୨୭

ISSN NO.
2582-208X

# ଭଲ ମଣିଷ ହେବା



ହରେରାମ ପଣ୍ଡା

ପାଶେ ଥିଲେ ଯେତେ ଅମାପ ସମ୍ପଦ
ଭଲ ଗୁଣ ଯେବେ ନାହିଁ,
ଦୁନିଆରେ ଭଲ ମଣିଷଟେ ବୋଲି
ତାକୁ କେହି ଗଣେନାହିଁ ।
ପରସ୍ୱାର୍ଥ ପାଇଁ ନିଜର ସ୍ୱାର୍ଥକୁ
ବଳି ଦିଏ ଯେଉଁ ଜନ,
କାଳ କାଳ ପାଇଁ ଇତିହାସ କରେ
ସେମାନଙ୍କ ଜୟଗାନ ।
ଆସୁ ଯେତେ ବାଧା, ସତ୍ୟ, ଅହିଂସା
ନ୍ୟାୟର ପଥରେ ରହି,
ପରପାଇଁ କିଛି ଭଲକାମ କଲେ
ବଡ଼ ହେବୁ ଦିନେ ତୁହି ।
ପିତା ମାତା ଗୁରୁଜନଙ୍କ ସେବାରେ
ସଦା ରଖିଥିବୁ ଲକ୍ଷ୍ୟ,
ତାଙ୍କରି ଆଶିଷେ ଦୂର ହେବ ବାଧା
ଜୀବନେ ଲଭିବୁ ଜୟ ।

ଭୋକ ଉପାସରେ ଦୁଃଖ ଯନ୍ତ୍ରଣାରେ
ସଢୁଛନ୍ତି କେତେ ଜନ,
ତାଙ୍କରି ସେବାରେ ଆସ ମନଦେବା
ତୁଷ୍ଟ ହେବେ ନାରାୟଣ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# "ରାମ ବନବାସ" ପାଇଁ ଦାୟୀ କିଏ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ରାବଣର ମୃତ୍ୟୁ ପରେ, ବିଭୀଷଣଙ୍କୁ ରାଜା କରାଇବା ଶ୍ରୀରାମଙ୍କ ପାଇଁ ସ୍ୱାଭାବିକ ହୋଇଗଲା। ନବନିଯୁକ୍ତ ରାଜା ଲଙ୍କାପତି ବିଭୀଷଣଙ୍କ ଅନୁମତି ନେଇ, ଶ୍ରୀରାମ ସୀତା ମାତାଙ୍କୁ ଅଶୋକବନରୁ ଉଦ୍ଧାର କଲେ। ଶେଷରେ ସମସ୍ତ ବାନର ଓ ଭଲ୍ଲୁକଗଣଙ୍କୁ ସେମାନଙ୍କ ଉପକାର ପାଇଁ କୃତଜ୍ଞତା ଜଣାଇଲେ। ସେମାନଙ୍କୁ କହିଲେ,"ଏବେ ନିଜ ନିଜ ରାଜ୍ୟକୁ ଫେରି ଯିବାକୁ ହେବ।"

କିନ୍ତୁ ଜାମ୍ବବାନ, ସୁଗ୍ରୀବ, ନଳ ନୀଳ, ଅଙ୍ଗଦ, ହନୁମାନ ଓ ବିଭୀଷଣ ଆଦି କହିଲେ,"ପ୍ରଭୁ ! ଆମେ ଆପଣଙ୍କ ସହ ଅଯୋଧ୍ୟା ଯିବୁ। ଆପଣଙ୍କ ରାଜ୍ୟାଭିଷେକ ଉତ୍ସବରେ ସାମିଲ ହେବୁ।"

ଶ୍ରୀରାମ ବିଭୀଷଣଙ୍କୁ କହିଲେ, "ଲଙ୍କେଶ୍ୱର ! ଏବେ ଆମକୁ ଆମ ରାଜ୍ୟ ଅଯୋଧ୍ୟା ଯିବାକୁ ଅନୁମତି ଦିଅ।"

ବିଭୀଷଣ କହିଲେ, "ମୋତେ ଅନୁମତି ମାଗି ଲଜ୍ଜା ଦିଅନ୍ତୁ ନାହିଁ ପ୍ରଭୁ ! ମୁଁ ଆପଣଙ୍କ ସେବକ। ଆଜ୍ଞା କରନ୍ତୁ। ପୁଷ୍ପକ ବିମାନ ଆପଣଙ୍କୁ ଅଯୋଧ୍ୟାରେ ନେଇ ଛାଡି ଆସିବ। ମୁଁ ରାଜ୍ୟାଭିଷେକ ଉତ୍ସବରେ ନିଜକୁ ସାମିଲ କରି ଭାଗ୍ୟବାନ ମଣିବି।"

ଭଗବାନ ରାମ କହିଲେ,"ତୁମ ଇଚ୍ଛା ପୂର୍ଣ୍ଣ ହେଉ।" ପୁଣି କହିଲେ,"ମୋତେ ଭରତ ଅପେକ୍ଷା କରିଥିବ। ଚତୁର୍ଦ୍ଦଶ ବର୍ଷରୁ ମାତ୍ର ଗୋଟିଏ ଦିନ ଅଧିକ ହେଲେ, ସେ ଅଗ୍ନିରେ ପ୍ରାଣ

ISSN NO.
2582-208X

ବିସର୍ଜନ କରିବ। ତେଣୁ ଆମକୁ ଯଥା ଶୀଘ୍ର ଯିବାକୁ ହେବ। ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଅଯୋଧ୍ୟାରେ ପହଞ୍ଚିବାକୁ ହେବ।"

ଘର ବାହୁଡା ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା। ବିଭୀଷଣ ପୁଷ୍ପକ ବିମାନ ସୁସଜ୍ଜିତ କଲେ। ସେଇଥିରେ ସମସ୍ତଙ୍କୁ ଅଯୋଧ୍ୟା ଯିବାପାଇଁ ନିମନ୍ତ୍ରଣ କଲେ। ଭଗବାନ ରାମଙ୍କ ଅନୁମତି ନେଇ ସମସ୍ତେ ଏକ ସଙ୍ଗରେ ପୁଷ୍ପକ ବିମାନରେ ବିରାଜମାନ ହେଲେ। ସଙ୍ଗେ ସଙ୍ଗେ ପୁଷ୍ପକ ବିମାନରେ ଆକାଶ ମାର୍ଗରେ ଗତି କଲା। ଭଗବାନ ରାମ, ଲକ୍ଷ୍ମଣ ଓ ସୀତାଙ୍କ ସହ ଅନ୍ୟମାନେ ମଧ୍ୟ ଅଯୋଧ୍ୟା ଆସିଲେ।

ଅଯୋଧ୍ୟା ମାଟିରେ ଭଗବାନ ରାମ ଆକାଶ ମାର୍ଗରୁ ପୁଷ୍ପକ ବିମାନରୁ ଓହ୍ଲେଇଲେ। ଅଯୋଧ୍ୟା ମାଟିକୁ ବାରବାର ଦଣ୍ଡ ପ୍ରଣାମ କଲେ। ଧୂଳି ନେଇ ମଥାରେ ମାରିଲେ। ସେଠାରେ ନିଶାଦ ରାଜ ଗୁହକଙ୍କୁ ଭେଟିଲେ। ଗୁହକ ହାତରେ ଅଯୋଧ୍ୟା ରାଜାଙ୍କ ନିକଟକୁ ନିଜର ପ୍ରତ୍ୟାବର୍ତ୍ତନ ଖବର ପଠେଇଲେ। ଗୁହକକୁ ବିଶେଷ ଭାବରେ ଶ୍ରୀରାମ କହିଲେ,"ଭରତଙ୍କ ମନୋଭାବକୁ ଠିକ୍ ଭାବରେ ପଢିବ ଗୁହକ। ତା'ପରେ ତାଙ୍କୁ ଆମେ ଅଯୋଧ୍ୟା ଆସିବା ଖବର ଦେବ।"

ଗୁହକ ଅଯୋଧ୍ୟା ରାଜ ଭବନକୁ ଆସିଲେ। ସେଠାରେ ଭରତଙ୍କୁ ଖୋଜିଲେ। କିନ୍ତୁ ପାଇଲେ ନାହିଁ। ସେଇଠୁ ନନ୍ଦିଗ୍ରାମ ଗଲେ। ଭଗବାନ ରାମଙ୍କ ବାର୍ତ୍ତା ଭରତଙ୍କୁ ଦେଲେ। ଭରତ ଯେମିତି ଭଗବାନ ରାମ ଫେରୁଥିବା ଖବର ଜାଣିଲେ, ଆନନ୍ଦରେ ଗଦ୍ ଗଦ୍ ହୋଇଗଲେ। ଆଖିରୁ ଆନନ୍ଦାଶ୍ରୁ ଟପ୍ ଟପ୍ କରି ଝରି ପଡିଲା ଭରତଙ୍କର। ଆତ୍ମବିଭୋର ହୋଇଗଲେ। ଏଇ ଖୁସି ଖବର ଶୁଣେଇ ଥିବାରୁ ଗୁହକଙ୍କୁ ବି ପୁରସ୍କାର ଦେଲେ। ଗୁହକଙ୍କୁ ବାର ବାର ଆଲିଙ୍ଗନ କରି ଚାଲିଲେ। କହିଲେ,"ଏଇ ଚତୁର୍ଦ୍ଦଶ ବର୍ଷ କେମିତି ଅତିବାହିତ ହୋଇଛି, ଆପଣ ଜାଣି ପାରିବେ ନାହିଁ ନିଶାଦ ରାଜ। ଏତେ ଦିନର ଅନ୍ଧକାର ଦୂରେଇ ଯାଇ ଏବେ ଆଲୋକ ପ୍ରକାଶ ପାଇବ। ଆଉ କାଳ ବିଳମ୍ବ ନ କରି ମୋ ପ୍ରଭୁଙ୍କୁ ନେଇଆସ ହେ ନିଶାଦ ରାଜ !

ଅଯୋଧ୍ୟାରେ ଭବ୍ୟ ସ୍ବାଗତ ସମ୍ବର୍ଦ୍ଧନା ଉତ୍ସବ ଆରମ୍ଭ ହେଲା ....!! ଭରତ ସଙ୍ଗେ ସଙ୍ଗେ ରଥ ସୁସଜ୍ଜିତ କରି ଭଗବାନ ରାମଙ୍କ ନିକଟକୁ ପ୍ରେରଣ କଲେ। ଅଯୋଧ୍ୟାକୁ ଉତ୍ସବ ମୁଖର କରିବା ପାଇଁ ଆଦେଶ ଦେଲେ, "ନଗରର ପ୍ରତି ପୁରେ ପୁରେ, ପ୍ରତିଦାଣ୍ଡରେ

ISSN NO.
2582-208X

ଆଲୋକରେ ଭରି ଦିଆଯାଉ। ପ୍ରତ୍ୟେକ ସ୍ଥାନରେ ଭଗବାନ ରାମଙ୍କ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତ ହେଉ। ଅଯୋଧ୍ୟାରେ ଆନନ୍ଦର ଲହରୀ ଖେଳିଯାଉ।" ସାରା ଅଯୋଧ୍ୟା ନଗରୀ ଆଲୋକମୟ ହୋଇ ଯାଇଥିଲା। ପୁରେ ପୁରେ ଖୁସିର ବାତାବରଣ ଖେଳି ଯାଇଥିଲା। ଅଯୋଧ୍ୟା-ପତି ଆଜି ଅଯୋଧ୍ୟା ଫେରିବେ। ଏହି ଖବର ପ୍ରଚାର ହେବା ମାତ୍ରେ ଅଯୋଧ୍ୟା ବାସୀଙ୍କର ଖୁସି କହିଲେ ନ ସରେ। ସମସ୍ତେ ଧୂପ ଦୀପ ଜାଳି ଅର୍ଘ୍ୟଥାଳି ଧରି ପ୍ରତୀକ୍ଷା କଲେ। ସ୍ଥାନେ ସ୍ଥାନେ ଆମ୍ବ ତୋରଣ ଲଗାଇ ଦିଆଗଲା। ବାଜା ବାଣ ସହ ରାମ ଧ୍ୱନୀ ଓ ସ୍ୱାଗତ ଗୀତିକାରେ ଅଯୋଧ୍ୟା ଭୂମି ପ୍ରକମ୍ପିତ ହେଉଥିଲା। ଭଗବାନ ରାମଙ୍କୁ ପୁର ନରନାରୀ ପୁଷ୍ପମାଲ୍ୟ ଧରି ପୁଷ୍ପାର୍ପଣ କରିବା ଲାଗି ପ୍ରତୀକ୍ଷାରତ ହେଲେ।

ଏହି ସମୟରେ ଅଯୋଧ୍ୟା ରାଜ ରାସ୍ତାରେ ରଥ ଧୀରେ ଧୀରେ ଗଡି ଆସୁଥାଏ। ରଥରେ ବସିଥାନ୍ତି ଭଗବାନ ରାମଙ୍କ ସହ ଜଗତ-ଜନନୀ କଲ୍ୟାଣମୟୀ ମାତା ସୀତା। ପାଖରେ ଠିଆ ହୋଇଥାନ୍ତି ଅନୁଜ ଲକ୍ଷ୍ମଣ। ସାଥୀରେ ଚାଲି ଚାଲି ଆସୁଥାନ୍ତି ଲଙ୍କେଶ୍ୱର ବିଭୀଷଣ, କିଷ୍କିନ୍ଧ୍ୟା ରାଜ ସୁଗ୍ରୀବ, ଭଲ୍ଲୁକ-ରାଜ ଜାମ୍ବବାନ, ଅଙ୍ଗଦ, ନଳ, ନୀଳ ଓ "ପ୍ରଭୁପଦ ସେବକ ପରମ ପୂଜ୍ୟ ସନ୍ଧ୍ୟା ବନ୍ଦନୀୟ ପ୍ରାତଃ ସ୍ମରଣୀୟ ବୀର ବଜରଙ୍ଗୀ ଅଞ୍ଜନା ହୃଦ-ଚନ୍ଦନ କେଶରୀ-ନନ୍ଦନ ମହାବୀର ହନୁମାନ"। ତାଙ୍କ ପଛେ ପଛେ ଆସୁଥାନ୍ତି ଅସଂଖ୍ୟ ବାନର ଓ ବାନର ସେନାଧ୍ୟକ୍ଷ। ତାଙ୍କ ସହ ଅଯୋଧ୍ୟା ପୁର ନରନାରୀ ଗଣ। ରଥ ଆସି ଅଯୋଧ୍ୟା ରାଜ ଦାଣ୍ଡରେ ଉପସ୍ଥିତ ହେଲା।

ରାଜ ଦରବାରରେ ଗୋଟିଏ ପଟେ ବସିଥିଲେ ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳି ଭଳି ଗୁରୁବର୍ଗ ଓ ମହାମନ୍ତ୍ରୀ ସୁମନ୍ତ୍ର; ଗୋଟାଏ ପାର୍ଶ୍ୱରେ ଥିଲେ ତିନି ମାତା; ଅନ୍ୟ ପାର୍ଶ୍ୱରେ ଅଯୋଧ୍ୟା ପୁର ନରନାରୀ। ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ??????

(କ) କୌଶଲ୍ୟା ଭାବୁଛନ୍ତି,"ମୋ ପୁଅକୁ ଦଶ ମାସ ଧରି ଗର୍ଭରେ ଧାରଣ କରିଥିଲି। ମୋ ସ୍ତନରୁ କ୍ଷୀର ଖୁଆଇଛି। ସେ ଆସିଲେ ମୋତେ ମାଆ ବୋଲି ଡାକି ଆଗେ ମୁଣ୍ଡିଆ ମାରିବ। ଖୁସିରେ ମୋତେ କୁଣ୍ଢେଇ ପକେଇବ।"

(ଖ) କୈକେୟୀ ଭାବୁଛନ୍ତି,"ରାମ କଣ ମୋତେ ମୁଣ୍ଡିଆ ମାରିବ ? ମୋରି ପାଇଁ ସେ ଚଉଦ ବରଷ ବନବାସ କରିଛି।

ISSN NO.
2582-208X

କେତେ ଦୁଃଖ କଷ୍ଟ ଭୋଗ କରିଛି। କୂଳବଧୂ ସୀତାଙ୍କୁ ରାକ୍ଷସ ରାବଣ ଚୋରି କରି ନେଇଗଲା। ଏତେ ସବୁ ପରେ କଣ ରାମ ମୋତେ କେବେ ମାଆ ବୋଲି କହିବ .....?? ନା ମୁଣ୍ଡିଆ ମାରିବ ??? ବରଂ ମୋତେ ତିରସ୍କାର କରିବ ....! କେମିତି କୋଉ ମୁହଁ ନେଇ ମୁଁ ମୋ ରାମର ସମ୍ମୁଖୀନ ହେବି .....!!

(ଗ) ସୁମିତ୍ରା ମନେ ମନେ ଭାବୁଛନ୍ତି,"ରାମ ଆସିଲେ ମୋତେ ତ ମାଆ କହି ମୁଣ୍ଡିଆ ମାରିବ; କିନ୍ତୁ ମୋ ପୁଅ ଲକ୍ଷ୍ମଣ ମୋତେ ପ୍ରଣାମ କରି "ମାଆ ମାଆ" ଡାକି ମୋ ଅତୃପ୍ତ ହୃଦକୁ ତୃପ୍ତ କରିବ।

(ଘ) ଗୁରୁବର୍ଗ ମନେ ମନେ ଭାବୁଛନ୍ତି, "ରାମ ଜ୍ଞାନୀ, ଦୂରଦୃଷ୍ଟି-ସମ୍ପନ୍ନ। ସେ ଆସିଲେ ଆଗେ ଗୁରୁଙ୍କୁ ପ୍ରଣାମ କରିବେ। କାରଣ ଗୁରୁ ଓ ଗୋବିନ୍ଦଙ୍କ ମଧ୍ୟରେ ଗୁରୁ ଶ୍ରେଷ୍ଠ ଓ ପୂଜ୍ୟ। ତେଣୁ ଆଗେ ସେ ଗୁରୁଙ୍କୁ ପ୍ରଣାମ କରିବେ।"

(ଙ)ପ୍ରଜାଗଣ ଭାବୁଛନ୍ତି - ରାମ ପ୍ରଜା ବତ୍ସଳ । ତାଙ୍କ ହୃଦୟରେ ଅଯୋଧ୍ୟା ନରନାରୀଙ୍କ ପାଇଁ ଅଜସ୍ର ସ୍ନେହ ଶ୍ରଦ୍ଧା ଅଛି । ରାଜାଠାରୁ ପ୍ରଜା ବଡ଼ । ପ୍ରଜାଙ୍କୁ ନେଇ ରାଜ୍ୟ । ସେଥିପାଇଁ ରାମ ଆଗେ ପ୍ରଜାଗଣଙ୍କୁ ମୁଣ୍ଡିଆ ମାରିବେ ।

ସମସ୍ତେ ଏତେ ସବୁ ଭାବନାରେ ବୁଡି ରହିଥିଲା ବେଳେ ଶ୍ରୀ-ରାମ ରଥରୁ ଓହ୍ଲାଇଲେ। ସିଧା ଯାଇ ମାତା କୈକେୟୀଙ୍କ ପାଦ ତଳେ ଲମ୍ବ ହୋଇ ପଡିଗଲେ। ମହାରାଣୀ କୈକେୟୀଙ୍କର ଅଶ୍ରୁଭରା ନେତ୍ରରୁ ଧାର ଧାର ଲୋତକ ବୁନ୍ଦା ସବୁ ଭଗବାନ ରାମଙ୍କ ମସ୍ତକକୁ ଧୋଇ ଦେଉଥାଏ। ଭଗବାନ ରାମଙ୍କର ନୟନ ଯୁଗଳରୁ ମଧ୍ୟ ଲୋତକର ବାରି ଧାରା ମାଆ କୈକେୟୀଙ୍କର ପାଦ ପ୍ରକ୍ଷାଳନ କରୁଥାଏ।

ଏଇ ସମୟରେ ମାଆ କୈକେୟୀ ଥର ଥର କଣ୍ଠରେ "ମୋ ଧନ ରାମ,ରାମ" କହି ଭୂଇଁରୁ ଟୋଳି ଆଣି ମୁଖରେ ବାତ୍ସଲ୍ୟ ମମତାକୁ ଅଜାଡି ଦେଉଥାନ୍ତି। ଥର ଥର କଣ୍ଠରେ କହିଲେ, "କାହିଁକିରେ ରାମ ! ଏ ମାଆକୁ ମୁଣ୍ଡିଆ ମାରିଲୁ ? ତୋ ପ୍ରଣାମ ପାଇବା ପାଇଁ ଏ କୁଳ କଳଙ୍କିନୀ ସମ୍ପୂର୍ଣ୍ଣ ଅଯୋଗ୍ୟା।"

ISSN NO.
2582-208X

ଭଗବାନ ହସିଲେ। କହିଲେ, "ମାଆ ବନ୍ଦନୀୟା,ପୂଜନୀୟା। ପୁତ୍ର କୁ-ପୁତ୍ର ହୋଇ ପାରେ; କିନ୍ତୁ ମାଆ କେବେ ହେଁ କୁ-ମାତା ହୋଇ ନ ପାରେ। ମାଆ କେବେ ହେଁ ପିଲାର ଅମଙ୍ଗଳ କରି ପାରେନା; ଯେତେ ଯାହା ହେଇଗଲେ ହେଇ ଯାଉ ପଛେ।"

କୈକେୟୀ କହିଲେ,"ଥାଉରେ ଧନ ! ଆଉ ମୋତେ ଲଜ୍ଜା ଦେ ନାହିଁ। ମୋ ଭଳି ପିଶାଚିନୀ, ପାପିନୀ ଜଗତରେ ବିରଳ। ନୋହିଲେ ତୋ ଭଳି ପୁଅକୁ କଣ କେହି ବନକୁ ପଠେଇ ପାରିଥାନ୍ତା ?"

ଏଥର ଭଗବାନ ରାମ କହିଲେ,"ରାତି ପାହିଥିଲେ ମୁଁ ରାଜା ହୋଇଥାନ୍ତି। କିନ୍ତୁ ତୁମେ .... ତୁମେ ଆଜି ଜନତା ଜନାର୍ଦ୍ଦନଙ୍କ ଆଗରେ ସତ କୁହ ମାଆ ...! ତୁମେ କଣ ପାଇଁ ମୋ ରାଜ୍ୟାଭିଷେକ ଦିନ ମୋତେ ବନକୁ ପଠେଇଲ ? କି ଅପରାଧ କରିଥିଲି ମୁହିଁ ??

କୈକେୟୀ କହୁଛନ୍ତି, "ଶୁଣିବୁ ରାମ ! କଣ ପାଇଁ ତୋତେ ବନକୁ ପଠେଇଲି ? ତେବେ ଶୁଣୁ..... ଆଜି ପ୍ରମାଣ ଦେବା ପାଇଁ ମୋ ପାଖରେ କିଛି ନାହିଁ। ଗୋଟିଏ କଥା ଆମେ ଦୁଇଜଣ ଶୁଣିଥିଲୁ। ଜଣେ ଏ ଜଗତରେ ନାହାଁନ୍ତି। ସାକ୍ଷୀ ଦେବା ପାଇଁ ନାହାନ୍ତି କେହି। କିଏ ମୋ କଥା ବିଶ୍ୱାସ କରିବ ?

ଭଗବାନ ରାମ କହିଲେ, "ତଥାପି ତୁମେ କୁହ ମାଆ ! କଣ ପାଇଁ ମୋତେ ତୁମେ ବଣକୁ ପଠେଇଲ ?"

କୈକେୟୀ କହିଲେ,"ତୁମର ଜନ୍ମ କଣ ରାଜା ହେବା ପାଇଁ ହୋଇଥିଲା କି ? ତୁମେ କିଏ, ସେ କଥା ମୁଁ ଜାଣିଛି ?? ତୁମର ଜନ୍ମ ତ ଏ ଧରାରୁ ପାପ ଭାରା ଲାଘବ କରିବା ପାଇଁ ହେ ରାଘବ ! ଯେବେ ତୁମେ ରାଜା ହୋଇଥାନ୍ତ, ତେବେ ଏ ଧରାର ପାପ ଭାରା କେମିତି ଉଶ୍ୱସ ହୋଇଥାନ୍ତା !!

ପ୍ରକୃତରେ ଭଗବାନ ରାମଙ୍କୁ ତ୍ରେତୟା ଯୁଗରେ ତିନି ଜଣ ଜାଣିଥିଲେ। ଜଣେ ପୁରୁଷ, ଜଣେ ନାରୀ ଓ ଜଣେ ନାରୀ ନୁହେଁ କି ପୁରୁଷ ନୁହେଁ। ପୁରୁଷ ଜଣଙ୍କ ହେଲେ ରାବଣ; ନାରୀ ଜଣଙ୍କ ହେଲେ କୈକେୟୀ; ପୁରୁଷ କି ନାରୀ ନୁହେଁ ହେଲେ ଏକ ସ୍ତନୀ ନାରୀ; ଯିଏ କି ବିଭୀଷଣଙ୍କ ଝିଅ 'ତ୍ରିଜଟା'।

ISSN NO.
2582-208X

ଏଇଠି ଆଉ ଗୋଟିଏ କଥା କହିବାକୁ ଚାହେଁ ଯେ, କୈକେୟୀ ଏକ ବର ପାଇଥିଲେ; ଯାହା ଦ୍ଵାରା ସେ ଆଗତ ଭବିଷ୍ୟତ କଥା ଜାଣି ପାରୁଥିଲେ। ସେ ଶୋଇଥିବା ଅବସ୍ଥାରେ ବି ଏ ସାରା ସଂସାରର ସବୁ ଜୀବଙ୍କର ଭାଷା ବୁଝି ପାରୁଥିଲେ।

(କ) ତେବେ ଗୋଟିଏ କଥା କହୁଛି ଶୁଣ: ସେତେବେଳେ ଖରାଦିନ ହୋଇଥାଏ। ସୂର୍ଯ୍ୟଙ୍କର ପ୍ରଚଣ୍ଡ ରୌଦ୍ରତାପରେ ଅସହ୍ୟ ହେଉଥାଏ ଧରିତ୍ରୀ। ନଦୀ, ନାଳ, ପୋଖରୀ, ଗାଡ଼ିଆ ସବୁ ଶୁଖି ଯାଉଥାଏ। ରାସ୍ତାରେ ପଥିକମାନେ ଗଲା ବେଳେ ଘୋଡା ଭଳି ଡେଇଁ ଡେଇଁ ଯାଉଥାନ୍ତି। ମାଟି ଫାଟି ଆଁ କରି ଦେଇଥାଏ। ସାରା ଜୀବଜଗତରେ ଖରା ପାଇଁ ହାହାକାର ପଡି ଯାଇଥାଏ।

ଏହି ସମୟରେ ତୋ ବାପା ଅର୍ଥାତ୍ ଅଯୋଧ୍ୟା ରାଜ ମହାରାଜ ଦଶରଥ ବିନୋଦ ପାଇଁ ବଣକୁ ଯିବାକୁ ମୋତେ କହିଲେ। ଆମେ ବିନୋଦ ପାଇଁ ଜଙ୍ଗଲକୁ ଗଲୁ। ଆମେ ଜଙ୍ଗଲ ଭିତରେ ବୁଲି ବୁଲି ଥକି ଗଲୁ। ଏକ ବଡ଼ ଗଛ ଛାଇ ଦେଖି ତା'ମୂଳରେ ବିଶ୍ରାମ ନେଲୁ। ଚାହୁଁ ଚାହୁଁ ରାଜା ମୋ କୋଳରେ ମଥା ରଖି ଶୋଇପଡିଲେ। କିଛି ସମୟ ପରେ ମୋତେ ମଧ୍ୟ ନିଦ ଆସିଲା। ମୁଁ ମଧ୍ୟ ରାଜାଙ୍କ ଉପରେ ମୁଣ୍ଡ ରଖି ଶୋଇଗଲି।

ନିଦରେ ଶୋଇଥିବା ଅବସ୍ଥାରେ ଗୋଟିଏ କଥା ଶୁଣିବାକୁ ପାଇଲି। ସେଇ ଗଛ ଉପରେ ବସିଥିବା ଶୁଆ-ଶାରୀଙ୍କର କଥାବାର୍ତ୍ତା ଶୁଣିଲି। ଶୁଆ କହୁଥିଲା, "ଦେଖେ ଲୋ ଶାରୀ ! ଏ ଯେଉଁ ବ୍ୟକ୍ତି ଶୋଇଛନ୍ତି,ସେ ହେଉଛନ୍ତି ଅଯୋଧ୍ୟାର ନୃପତି,ଯାହାଙ୍କ ବାନା ଫର ଫର ହୋଇ ଉଡି ଦିଗବିଜୟୀ ସମ୍ରାଟର ସୂଚନା ଦିଏ। ଆଜି ବିନୋଦ ପାଇଁ ଏ ଅରଣ୍ୟକୁ ଆସି ଏଇଠି କେମିତି ଶୋଇପଡିଛନ୍ତି। ସେ କଣ ଜାଣିଛନ୍ତି ଯେ,ଆଜକୁ ଠିକ ସାତ ଦିନ ପରେ ଅଯୋଧ୍ୟାକୁ "ଶ୍ଵାତ୍ତି ମାର୍ତ୍ତଣ୍ଡ" ଯୋଗ ପଡିବ। ଏହି ଯୋଗରେ ଅଯୋଧ୍ୟା ରାଜ ସିଂହାସନ ଶ୍ରୀ-ହୀନ ହୋଇ ଯିବ। ପୁଣି, ଏହି ଯୋଗ "ଚତୁର୍ଦ୍ଦଶ ବର୍ଷ ଯାଏ" ବଳବତ୍ତର ରହିବ। ଯିଏ ରାଜ ଗାଦିରେ ବସିବ, ସେ ନିଶ୍ଚିତ ଭାବେ ମୃତ୍ୟୁ ବରଣ କରିବ। ସେଇ କଥାକୁ ବିଶ୍ଵାସ କରି ମୁଁ ଚିନ୍ତା କଲି, "ଯଦି ଏହା ସତ୍ୟ ହୁଏ, ତେବେ ତୁ ରାଜା ହେଲେ ମୃତ୍ୟୁ ବରଣ କରିବୁ। ତେଣୁ ମୁଁ ଶପଥ କଲି, ଏଇ ସମୟ ଭିତରେ କେବେ ରାମଙ୍କୁ ରାଜା କରେଇ ଦେବି ନାହିଁ। ଅଯୋଧ୍ୟା ସିଂହାସନରେ ଅଧିଷ୍ଠିତ ହୋଇ ମୋ ପୁଅ ଭରତ ପଛେ ମରୁ; କିନ୍ତୁ ରାମ ଭଳି ପୁଅର କିଛି କ୍ଷତି ନ ହେଉ।

ISSN NO.
2582-208X

ଏବେ କୁହ ରାମ ! ତୁମକୁ ବନକୁ ପଠେଇ ମୁଁ କଣ କିଛି ଭୁଲ କଲି ...?

ଭଗବାନ ରାମ କହିଲେ,"ମାଆ ! ଏକଥା ମୁଁ ଅବଶ୍ୟ ଜାଣିଛି ।"

(ଖ) କୈକେୟୀ କହିଲେ, ଆହୁରି କଥାଏ କହୁଛି ଶୁଣ......ଯେଉଁ ଦିନ ତୋର ରାଜ୍ୟାଭିଷେକ ପାଇଁ ରାଜ ଦରବାରରେ ତୋ ବାପା ଘୋଷଣା କଲେ, ତା'ପୂର୍ବରୁ "ଗୁରୁବର୍ଗ କିମ୍ବା ମନ୍ତ୍ରୀମଣ୍ଡଳଙ୍କ ସହ ପରାମର୍ଶ" କରି ନ ଥିଲେ। ଗୁରୁଦେବ ବଶିଷ୍ଠ, ବାମଦେବ, ବିଶ୍ୱାମିତ୍ର, ଜାବାଳି ଓ ମନ୍ତ୍ରୀବର ସୁମନ୍ତ୍ର ବସି ବୈଠକ କଲେ। ଗୁରୁଦେବ ଗଣନା କରି ଦେଖିଲେ ଯେ, ଆସନ୍ତା କାଲି ଠାରୁ ଅଯୋଧ୍ୟାକୁ "ଶ୍ୱାତ୍ତି ମାର୍ତ୍ତଣ୍ଡ ଯୋଗ" ପଡୁଛି। ଏହା ଦ୍ୱାରା ଅଯୋଧ୍ୟା ରାଜ ସିଂହାସନ ଚତୁର୍ଦ୍ଦଶ ବର୍ଷ ପାଇଁ ମୁକୁଟ ବିହୀନ ହେବ। ଅଯୋଧ୍ୟା ସିଂହାସନରେ ଯିଏ ବସିବ,ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ। ଅଯୋଧ୍ୟା ରାଜ ସିଂହାସନ ଚତୁର୍ଦ୍ଦଶ ବର୍ଷ ପାଇଁ ଶ୍ରୀ-ହୀନ ହୋଇ ପଡିବ। ଏଇ କଥା କିଏ ରାଜାଙ୍କୁ କହିବ ..??? ସେମାନଙ୍କ ମଧ୍ୟରେ ଭାଳେଣି ପଡିଲା। ସେଥିପାଇଁ ମୋତେ ଡକାଇଥିଲେ। କାରଣ ରାଜାଙ୍କ ଉପରେ ମୋର ଦୁଇଟି ବର ବାକି ଥିଲା ।

ପ୍ରଥମଟି ହେଲା : ଦେବତାଙ୍କ ପାଇଁ ଯୁଦ୍ଧ ବେଳେ ଦଶରଥଙ୍କର ରଥର 'ଅନିକିଳି' ହୁଗୁଳି ପଡିଲା। ଚକ ଖସି ପଡିଲେ ରାଜା ଯୁଦ୍ଧ କେମିତି କରିବେ ? ଏହା ଚିନ୍ତା କରି ସେତେବେଳେ ତାଙ୍କର ସାରଥୀ ହୋଇଥିବା ବୀରାଙ୍ଗନା ରମଣୀ "ମହାରାଣୀ କୈକେୟୀ" ନିଜ ଆଙ୍ଗୁଠି ଦେଇ ରଥ ଚକରେ ଅନିକିଳି କଲେ; ଯାହା ଦ୍ୱାରା ରାଜାଙ୍କ ଯୁଦ୍ଧରେ ବ୍ୟାହତ ହୋଇ ନ ଥିଲା। ରାଜା ଯୁଦ୍ଧରେ ବିଜୟୀ ହୋଇଥିଲେ। ଏଇଥିରେ ଖୁସି ହୋଇ ରାଜା ଗୋଟିଏ 'ବର' ଦେବେ ବୋଲି କୈକେୟୀଙ୍କୁ କହିଥିଲେ।

ଦ୍ୱିତୀୟ ବର : ଥରେ ରାଜାଙ୍କର ମୁହଁରେ ଏକ 'ବଥ' ହୋଇ ଥିଲା; ଯାହାର ଜ୍ୱଳନରେ ରାଜା ମୃତ୍ୟୁ ବରଣ କରିଥାନ୍ତେ। ରାଜବୈଦ୍ୟଗଣ କହିଲେ, "ମହାରାଜ ଆପଣଙ୍କ ମୁହଁର ଘାଆ ଶୁଖିବା ପାଇଁ ଗୋଟିଏ ଉପାୟ ଅଛି । ଯଦି କେହି ତା'ମୁହଁରେ ଘାଆଟିରୁ ପୂଜ ରକ୍ତ ଆଦିକୁ ଶୋଷିଦିଏ; ତେବେ ଆପଣଙ୍କ ଘାଆରୁ ଉପଶମ ମିଳିବ। ଧୀରେ ଧୀରେ ଘାଆଟି ଶୁଖିଯିବ। ଆପଣ ଆରୋଗ୍ୟ ଲାଭ କରିବେ।"

ISSN NO.
2582-208X

ସେଇଠୁ ରାଜା ରାଣୀଅନ୍ତପୁରକୁ ଆସିଲେ। ସାତ ଶହ ପଚାଶ ରାଣୀଙ୍କୁ ଡାକିଲେ। କହିଲେ,"ମୋତେ ସୁସ୍ଥ କରିବା ଚାହୁଁଛ କି ? ସମସ୍ତ 'ହଁ' ଭରିଲେ। ସେଇଠୁ ରାଜା କହିଲେ,"ଆସ ! ମୋ ବଥରୁ ନିଜ ପାଟିରେ ପୂଜ ରକ୍ତ ଆଦିକୁ ଶୋଷିଦିଅ।" ରାଜାଙ୍କ କଥା ଶୁଣି ସମସ୍ତ ରାଣୀ ନାକ ଟେକିଲେ। କହିଲେ, "କିଏ କଣ ନିଜ ପାଟିରେ ପୂଜ ରକ୍ତ ଭଳି ପୋଚରା ଜିନିଷକୁ ଚାଟି ଚାଟି ସଫା କରିପାରିବ ?" ଏଇ ସମୟରେ ଏକ ମାତ୍ର ନାରୀ ମହାରାଣୀ କୈକେୟୀ କହିଲେ,"ସ୍ୱାମୀ ! ମୁଁ ଆପଣଙ୍କ ଘାଆରୁ ମୋ ମୁହଁ ଲଗାଇ ପୂଜ ରକ୍ତ ବାହାର କରିବି।"

ସ୍ୱାମୀ ଏକା ସିନା, ନାରୀର ଦେବତା, ଇହକାଳ ପରକାଳ ପାଇଁ
ଅହ୍ୟ ସୁଲକ୍ଷଣୀ, ଦିଶୁଥାଇ ନାରୀ, ନାଲି ଶଙ୍ଖା ସିନ୍ଦୂରକୁ ନାଇ

ଖାଲି କହି ନ ଥିଲି; କରିଥିଲି ମଧ୍ୟ। ନିଜ ପାଟି ଲଗେଇ ଜିଭରେ ଚାଟି ଚାଟି ବଥ ସଫା କରିଥିଲି। ଯାହା ଦ୍ୱାରା ରାଜା ଆରୋଗ୍ୟ ଲାଭ କରିଥିଲେ। ଏଥିପାଇଁ ମଧ୍ୟ "କୈକେୟୀଙ୍କୁ ଆଉ ଗୋଟିଏ ବର" ଦେବେ' ବୋଲି ରାଜା କଥା ଦେଇଥିଲେ। ଏହି ପ୍ରକାର କୈକେୟୀଙ୍କର "ଦୁଇଟି ବର" ରାଜା ଦଶରଥଙ୍କ ଉପରେ ଥିଲା।

ଏହି ଦୁଇଟି ବର ସେଇଦିନ ଯାଏଁ ମୁଁ ରାଜାଙ୍କ ଠାରୁ ବର ମାଗି ନ ଥିଲି। ଏଇଥିପାଇଁ, ଗୁରୁଦେବ ବଶିଷ୍ଠ ମୋତେ ଡାକିଥିଲେ। ଅଯୋଧ୍ୟାକୁ ପଡିଥିବା ଶ୍ୱାତ୍ତି ମାର୍ତ୍ତଣ୍ଡ ଯୋଗ କଥା ବୁଝାଇ କହିଥିଲେ। ଏହା ମଧ୍ୟ କହିଲେ ଯେ : ଏ ଅଯୋଧ୍ୟା ରାଜ୍ୟ ଆଜି ତୁମକୁ କିଛି ମାଗୁଛି ରାଣୀ। ନିଜର ମାନ ସମ୍ମାନକୁ ବଳି ଦେଇ ଏ ରାଜ୍ୟ ଓ ରାଜାଙ୍କୁ ବଞ୍ଚେଇ ରଖିବା ପାଇଁ ତୁମେ ଏକ ମାତ୍ର ମହିୟସୀ ମହନୀୟା ନାରୀ; ଯାହାଙ୍କ ହାତରେ ଆଜି ଅଯୋଧ୍ୟା ରାଜ୍ୟର ଭାଗ୍ୟ ଭବିଷ୍ୟତ। ଏ ସମସ୍ତ କଥାକୁ ହୃଦୟଙ୍ଗମ କରି ଯାହା ନିଷ୍ପତ୍ତି ନେବେ ମହାରାଣୀ । ଏ ସମସ୍ତ କଥାକୁ ଗଭୀର ଭାବେ ଚିନ୍ତା କଲି। ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି ଯେ, "ମୁଁ ପଛେ କୁଳ-କଳଙ୍କିନୀ ହେଇଯାଏ,ମୋ ହାତର ଶଙ୍ଖା ଓ ମଥାର ସିନ୍ଦୂର ପଛେ ଲିଭିଯାଉ, ମୋ ପୁଅ 'ଭରତ' ପଛେ ମରୁ; କିନ୍ତୁ ମୋ 'ରାମ'ର କିଛି ନ ହେଉ। ସେଥିପାଇଁ ମୁଁ ତୋ ବାପାଙ୍କର ଦୁର୍ବଳତା ଉପରେ କଠୋର କୁଠାରାଘାତ କରିଥିଲି ।

ଜାଣିଥିଲି ଯେ, ତୋ ବାପା ମୋତେ ସମସ୍ତ ରାଣୀଙ୍କ ମଧ୍ୟରେ ବହୁତ ଭଲ ପାଉଥିଲେ। ମୋ ଠାରେ ତାଙ୍କର ଦୁର୍ବଳତା ଥିଲା। ତେଣୁ ତୋ ରାଜ୍ୟାଭିଷେକ ଦୂରେଇବା ପାଇଁ କେବଳ

ISSN NO.
2582-208X

କୈକେୟୀ ହିଁ ଏକମାତ୍ର ବ୍ୟକ୍ତି ଥିଲା; ଯିଏ କି ଏଇ ରାଜ୍ୟାଭିଷେକ ରୋକି ପାରିବ ବୋଲି ଅନୁଭବ କରିଥିଲି।" ମୁଁ ତାହା ହିଁ କରିଥିଲି। ମୋ ଶବ୍ଦ ଜାଲରେ ରାଜାଙ୍କୁ ଛନ୍ଦି ଦେଇଥିଲି। ତାଙ୍କୁ ବାଧ୍ୟ କରି ଦେଇଥିଲି : ମୋର ଦୁଇଟି ବର ଦେବା ପାଇଁ ..!!

ପ୍ରଥମ ବରରେ : ତୋର ଚଉଦ ବରଷ ପାଇଁ ଅଯୋଧ୍ୟାରୁ ବନବାସ। ଦ୍ୱିତୀୟ ବରରେ : ମୋ ପୁଅ ଭରତ ରାଜା ହୋଇ ନିଷ୍କଳଙ୍କ ରାଜ୍ୟ ଭୋଗ କରିବ। ଏବେ କୁହ ରାମ ! ମୁଁ ତୋତେ ବନକୁ ପଠେଇ ଦେଇ କଣ ଭୁଲ କରିଥିଲି ......????

ଭଗବାନ ରାମ କହିଲେ,"ମାଆ ! ଏ କଥା ବି ଜାଣିଛି ...!!!"

କୈକେୟୀ କହିଲେ,"ଆହୁରି ଗୋଟାଏ କଥା ଅଛି ଶୁଣ। ତୁମେ ସୀତାଙ୍କୁ ବିବାହ କରିଛ। ସୀତା ହେଉଛନ୍ତି ଧରଣୀ ରାଣୀଙ୍କର ଝିଅ। ତୁମେ ଯେବେ ରାଜା ହୋଇଥାନ୍ତ, ତେବେ ତୁମ ସହ ଧରିତ୍ରୀଙ୍କର ବିବାହ କରିବାକୁ ପଡ଼ିଥାନ୍ତା। ତୁମେ ଜୋଇଁ ହୋଇ ଶାଶୁଙ୍କ ସହ କିପରି ବିବାହ କରିଥାନ୍ତ .....?? ତେଣୁ ତୁମେ ରାଜା ହେବା ପାଇଁ ଅନୁପଯୁକ୍ତ ଥିଲ। ସେଥିପାଇଁ ତୁମକୁ ମୁଁ ବନକୁ ପଠାଇଥିଲି।

ଯଦି ମୁଁ ଭୁଲ କରିଥିଲି ବୋଲି ତମେ ଅନୁଭବ କରୁଛ, ତେବେ ତୁମେ ମୋତେ ରାଜା ହେବା ପରେ ଫାଶୀ ଦଣ୍ଡ ଦେବ; ନ ହେଲେ ଭରତକୁ କୁହ "ମୋତେ ମାଆ ବୋଲି ଡାକିବ"। କାରଣ ଚଉଦ ବରଷ ମୋର ମାତୃ ହୃଦୟ କାନ୍ଦୁଛି। ପୁଅ ବଞ୍ଚିଥିବ, ମାଆକୁ ମାଆ ବୋଲି ଡାକୁ ନ ଥିବ : ଏହା କେତେ ଯନ୍ତ୍ରଣା ଦାୟକ ...!! ଏ କଥା ସେଇ ମାଆ ହିଁ କେବଳ ବୁଝିପାରିବ।"

ଏତେ ସମୟ ଯାଏ ଭରତ ସବୁ ନୀରବରେ ଶୁଣୁଥିଲେ। କୈକେୟୀଙ୍କ କଥା ସରିବାରୁ ସଭାରେ ଉଠି ଠିଆ ହେଲେ। କହିଲେ,"ଭାଇ ! ମୁଁ ବି କିଛି କହିବି। ମୋ କଥା ବି ଟିକେ ଶୁଣନ୍ତୁ। ଭାଇ ! ଆପଣଙ୍କ ବନବାସ ସମୟରେ ମୁଁ ଅଯୋଧ୍ୟାରେ ନ ଥିଲି । ମୁଁ ନନ୍ଦୀଗ୍ରାମରେ ଥିଲି। କିନ୍ତୁ, ଦୁନିଆଁ କହୁଛି ଭରତ ପାଇଁ ରାମ ବନବାସ ଗଲେ। ମୋ ନାମରେ ଏ "କଳଙ୍କର ଭାର" ଲଦି ହୋଇ ରହିଛି। ଯଦି ମୋ ପାଇଁ ଆପଣଙ୍କ ବନବାସ ହୋଇଥାଏ, ତେବେ ଏ ଜୀବନ ଯିବ ପଛେ, ମୁଁ କୈକେୟୀଙ୍କୁ ମାଆ ବୋଲି ଡାକିବି ନାହିଁ।"

ISSN NO.
2582-208X

ଏଇଠି ସମସ୍ତ କଥା ଶୁଣି ସଭାସଦ ଓ ପ୍ରଜାଗଣ ନୀରବ ହୋଇଯାଇଥିଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ ପ୍ରଶ୍ନ : ରାମ ବନବାସ ପାଇଁ ଦାୟୀ କିଏ ...?? କୈକେୟୀ ମାତା କହିଲେ, "କହିଦେ ରାମ ! ତୋ ବନବାସ ପାଇଁ ଦାୟୀ କିଏ ...??? ଭରତ ବି ପଚାରିଲେ,"କୁହ ଭାଇ ! ଆପଣଙ୍କ ବନବାସ ପାଇଁ ଦାୟୀ କିଏ ....?

ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଗବାନ ରାମ କହିଲେ, "ମୋ ବନବାସ ପାଇଁ ଦାୟୀ କେହି ନୁହଁ; କେବଳ ଦାୟୀ ହେଉଛି 'କର୍ମଫଳ' ।

କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ
କେ କରି ପାରିବ ଆନ ?
ନିୟତି ଆଗରେ ମଥା ଯାଏ ନଇଁ
ସମୟଟା ବଳବାନ।
କି କରିବେ ଭଗବାନ ??
କର୍ମଫଳ ଘେନି ସଂସାରେ ଆସନ୍ତି
ଭୋଗେ କପାଳ ଲିଖନ।
ସତରେ ମାଆ ହେବ ତ ଏମିତି ....!!!
ରାମାୟଣର କୈକେୟୀଙ୍କ ପରି .........!!!!!

ସଂଗ୍ରାହୀକା: ଅଧାପିକା ଗ୍ରେଜାଲିନ୍ ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ହେ ଗୁରୁ

ଶାଶ୍ୱତୀ ନନ୍ଦ

ହେ ଗୁରୁ......
ତୁମେ ମୋର ଆଦର୍ଶ,ତୁମେ ମୋର ନମସ୍ୟ,
ତୁମେ ହିଁ ତ ଜଗତରେ ସତ୍ୟ ଶିବ ସଦୃଶ।
ଚଳନ୍ତି ବିଦ୍ୟାଦାତ୍ରୀ ଅଟ ତୁମ୍ଭେ ଆମ୍ଭର,
କି ଉପମା ପରଷିବି ମୁଁ ତୁଚ୍ଛ ମୁଁ ନାଚାର।
ଅନ୍ୱେଷଣ କରାଇଲ ବଞ୍ଚିବାର ମାଧ୍ୟମ,
ଚିହ୍ନାଇଲ ଲକ୍ଷ୍ୟସ୍ଥଳ ଅବିରତ ଉଦ୍ୟମ।
କି ଦେଇ ବର୍ଣ୍ଣିବି ଅପୂର୍ବ ଦାନର ଏ ମୂଲ୍ୟ,
ତୁମ୍ଭେ ହାସ୍ୟମୟୀ,ସ୍ନେହମୟୀ ଦେବୀତ୍ୱର ତୁଲ୍ୟ।
ହେ ଗୁରୁ.....
ତୁମେ ମୋର କର୍ଣ୍ଣଧାର ତୁମେ ହିଁ ପରମପୂଜ୍ୟା,
ତୁମେ ଅଟ ଜୀବନର ଚିର ପଥ ପ୍ରଦର୍ଶିକା।
ଦେଖିଛି ତୁମ ଆଖିରେ ମାତୃତ୍ୱର ଭାବଧାରା,
ଅନୁଭବ କରିଅଛି ଏ ଦୁର୍ମୂଲ୍ୟ ସ୍ମୃତି ପସରା।
ବପନ କରିଛ ବୀଜ ପ୍ରେରଣାର ହୃଦୟରେ,
ତୁମ୍ଭ ପ୍ରଦତ୍ତ ଜ୍ଞାନ ପ୍ରସୂତ ଏ ଲେଖନୀ ମୂନରେ ।
ହେ ଗୁରୁ.....
ତୁମେ ଅମର୍ତ୍ତ୍ୟ,ତୁମେ ପରନିଷେକ,
ବିଶାଳ ଏ ପୃଥିବୀରେ ତୁମେ ଅମ୍ଳାନ ପରମାର୍ଥ।
ଅବଶେଷେ ଆବରିତ ମୋର ଭକ୍ତି ଉପାସନା,
ତୁମ୍ଭ ପଦପଲ୍ଲବରେ କୋଟି କୋଟି ଆରାଧନା।

ISSN NO.
2582-208X

କଳାପଥର, କଟକ, ଦୂରଭାଷ - ୮୯୨୬୨୧୬୭୦୭

# ରାଜା ରାମ



ମନୋଜ କୁମାର ଅଦା

ରାଜା ମୁଁ ଦେଖିଛି,
ମହାରାଜା ମୁଁ ଦେଖିଛି,
ରାମ ପରି ରାଜା ଦେଖିନି ଜଗତେ
ପ୍ରଜା ମନକଥା ରଖିବା ପାଇଁ କି
ବିସର୍ଜି ଥିଲେ ବୈଦେହୀ ନିର୍ଜନ ପଥେ ।।

ଜ୍ଞାନୀ ମୁଁ ଦେଖିଛି,
ମହାଜ୍ଞାନୀ ମୁଁ ଦେଖିଛି,
ରାମ ପରି ଜ୍ଞାନୀ ଦେଖିନି ଜଗତେ
ଯାହାଙ୍କର ଜ୍ଞାନ କଳିବା ପାଇଁ କି
ଶିବ ବ୍ରହ୍ମା ଆସିଥିଲେ ଗୁପତେ ।।

ମିତ୍ର ମୁଁ ଦେଖିଛି,
ମହାମିତ୍ର ମୁଁ ଦେଖିଛି,
ରାମ ପରି ମିତ୍ର ଦେଖିନି ଜଗତେ,
ବାଲିକୁ ବଧିଣ ଏକ ଶରେ ସେହୁ
ରାଜ୍ୟ ଭାର ଦେଲେ ସୁଗ୍ରୀବ ହସ୍ତେ ।।

ପ୍ରେମୀ ମୁଁ ଦେଖିଛି,
ମହାପ୍ରେମୀକୁ ଦେଖିଛି,
ରାମ ପରି ପ୍ରେମୀ ଦେଖିନି ଜଗତେ,
ପଥରରେ ସେତୁ ବାନ୍ଧିଣ ରାମ
ରାବଣକୁ ବଧିଲେ ସୀତାଙ୍କ ହିତେ ।।

ଓଡ଼ିଆ ବିଭାଗ
କ୍ରିଷ୍ଣା ପବ୍ଲିକ ସ୍କୁଲ କୋମନା

ISSN NO.
2582-208X

# ଓଡିଆ ପୁଅ



ପ୍ରକାଶ ଚନ୍ଦ୍ର ପଣ୍ଡା

ଜାଗରେ ଜାଗ ଓଡିଆ ପୁଅ
ଭସାଇ ଦିଅ ରକତ ସୁଅ
ତୋ ଜାତି ଯାଏ ଭାସି
ଏଦେଶ ନୀର ଦେହରେ ତୋର
ବହୁଛି ହୋଇ ରକତ ଧାର
ଚାହିଁଚୁ କାହିଁ ବସି ।
ତୋ ମାଆ ଋଣ ଶୁଝିବୁ କେବେ
ତା ମୁଲ ଆଉ ବୁଝିବୁ କେବେ
ଏଇ କି ସ୍ୱାଭିମାନ
ତା ମମତାର ମୁଲ କି ନାହିଁ
ତୋ ଭଳି ପୁଅକୁ ଜନମ ଦେଇ
ଦେଉ ତୁ ଅପମାନ ।
ଏଇ ମାଟିରେ ଜନମ ନେଇ
ସୁବାଆସ କଲେ କେତେ ଲଢେଇ
ଧନ୍ୟ ମାଟିର ବୀର
ବାର ବର୍ଷର ବାଳୁତ ସେଇ
ବନ୍ଧୁଙ୍କ ଆଗେ ଛାତି ପତାଇ
ଆଜି ସେ ଚିର ଅମର ।

ଗୋପବନ୍ଧୁଙ୍କ ତ୍ୟାଗର ଆଗେ
ଜବାବ ନାହିଁ ଭାଷାରେ କେବେ
ଆଖିରୁ ଝରେ ଲୁହ
ନିଜ ପୁଅକୁ ଜରରେ ଛାଡି
ଘରୁ ଚାଲିଲେ ସେ ଗୋଡକାଢି
କେବାପ ଅଛି କହ ।
ବହୁତ ଅଛିରେ ଏ ଜାତି କଥା
ଶୁଣିଲେ ଘୁରିବ ତୋହରି ମଥା
କେଉଁଠୁ କହିବି ତୋତେ
ଏତିକି ରଖିଥା ମନରେ ଧନ
ତୋ ବାପା ଗୋସାପା ଥିଲେ ମହାନ
ଏ ଜାତି ମାନ ତୋ ହାତେ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ-୧୬

ସତ୍ୟ ଭାବିଥିଲା ମାଳତି ସହଜରେ ମୋତେ ଭୁଲିଯିବ ଏବଂ ମୁଁ ମଧ୍ୟ ତା'କୁ। ଜଣେ ଆରଜଣକୁ ଭୁଲି ଯିବା ପଛରେ ଦୁଇଟି କାରଣ ନିହିତ। ଗୋଟିଏ ହେଲା ପ୍ରଥମ ପ୍ରେମୀକର ଅନୁପସ୍ଥିତିରେ ନୂତନ ସାଥୀଟି ପାଇଗଲେ ଅତୀତର ଦୁଃଖ ଦାୟକ ସ୍ମୃତିକୁ ଭୁଲିଯାଇ ବର୍ତ୍ତମାନରେ ଖୁସି ହେବା ସହ ନିଜର ଚାହିଦାକୁ ନେଇ ଗର୍ବ କରିବା ଏବଂ ଦ୍ୱିତୀୟଟି ହେଲା ଅନିଚ୍ଛା ସତ୍ତ୍ୱେ ବିବାହ ବନ୍ଧନରେ ଆବଦ୍ଧ ହୋଇ ନୂଆ ଜୀବନ ସାଥୀର ପ୍ରେମରେ ବଞ୍ଚିବାର କ୍ଷୀଣ ଆଶା ହୃଦୟରେ ସଞ୍ଚାରିତ ହେବା। ବିବାହିତ ଲୋକଙ୍କ କ୍ଷେତ୍ରରେ ସ୍ୱାମୀଙ୍କ ଦୀର୍ଘ ଅନୁପସ୍ଥିତ କିମ୍ବା ସ୍ତ୍ରୀର ଅନାଦର ଯୋଗୁଁ ଅନ୍ୟ ବ୍ୟକ୍ତି ସହିତ ପ୍ରେମ ପ୍ରଣୟ ଆରମ୍ଭ ହୁଏ। ଜଣକର ଗୁଣ, ଆଚରଣ ଅନ୍ୟ ଜଣକର ଦୁର୍ବଳତା ହେଇଯାଏ। ସୁବିଧା ଓ ପାରିପାର୍ଶ୍ୱିକ ଅବସ୍ଥା ବେଶି ଖୋରାକ ଯୋଗାଏ। ଜଣେ ଅନ୍ୟ ଜଣକର ସଂସ୍ପର୍ଶରେ ଆସୁଥିଲେ ଦୁଇ ଜଣଙ୍କ ମଧ୍ୟରେ ଆତ୍ମୀୟତା ଗଢି ଉଠେ ଏବଂ ଭିନ୍ନ ପରିଚୟ ସୃଷ୍ଟି କରେ। ହେଲେ ଲୋକଲଜ୍ଜା ଭୟରେ ସେମାନଙ୍କୁ ହୁଏତ ଅଲଗା ହେବାକୁ ପଡେ ନଚେତ କଳଙ୍କିତ ହେଲେ ଅଲଗା ହୋଇ ଯାଆନ୍ତି। ଲୋକଲୋଚନରେ ଯିଏ ଉପହାସର ପାତ୍ର ହୁଏ ସିଏ ପ୍ରତିଶୋଧ ନିଏ କିମ୍ବା ଆତ୍ମହତ୍ୟା କରେ। ମାତ୍ର ବିରହୀ ହୃଦୟରେ ସଞ୍ଚାରିତ ଦୁଃଖ ତାହାରି ମୁହଁରେ ସ୍ପଷ୍ଟ ରୂପେ ଦେଖାଦିଏ। ଯିଏ ଜୀବନର ବ୍ୟର୍ଥ ପରିଣାମକୁ ଆଶାର ଆଶାବାଡି କରି ବଞ୍ଚେ ସେ ନା ପ୍ରତିଶୋଧ ନିଏ ନା ଆତ୍ମହତ୍ୟା କରେ।

ISSN NO.
2582-208X

ନା ପ୍ରଳାପ କରେ ନା କ୍ରନ୍ଦନ କରେ। ମାଳତି ଭଳି ପ୍ରାଣହୀନା ମୂର୍ତ୍ତିଟି ହୋଇ କେବଳ ବଞ୍ଚିରହେ।

ମାଳତି ଆଗ ସତ୍ୟକୁ ଦେଖିଲେ ନିରବରେ ଚାଲି ଯାଉଥିଲା ଏବେ କିନ୍ତୁ ତା'କୁ ଦେଖିଲେ ଛେପ ପକାଏ। ଆରେ ଏ କି ପ୍ରକାର ଅଭ୍ୟର୍ଥନା! ଯିଏ ତୁମକୁ ଭଲ ଲାଗିଲା ନାହିଁ ତା'ସହିତ ତ ସମ୍ପର୍କ କାଟିଦେଲ। ବାଟରେ ଘାଟରେ ଦେଖିଲେ ଆଡମୁହଁ କଲ। ଦୀର୍ଘ ଦିନ ପରେ ଭେଟି ଭଲମନ୍ଦ ନପଚାରି ଦମ୍ ଦମ୍ ଚାଲିଗଲ। ନିଜର ସାଙ୍ଗ "ତତେ ଚାହିଁଛି" ବୋଲି ଜଣେଇ ଦେଲେ ରାଗରେ "ତତେ ଚାହୁଁଛି, ଯା'କଥା ହେବୁ" ବୋଲି ଗରଗର ହୋଇ ଦୁଇ ପଦ ଶୁଣାଇ ଦେଲ। ନିଜ ଭିତରେ ଥିବା ପୁଞ୍ଜିଭୂତ କ୍ରୋଧକୁ ଯାହା ଉପରେ ପାରିଲ ତା'ଉପରେ ଢାଳି ଦେଲ। ବର୍ତ୍ତମାନ କେଉଁ ଉଦ୍ଦେଶ୍ୟ ନେଇ କଟାକ୍ଷ ନୟନରେ ଛେପ ପକାଅ ? କ'ଣ ପ୍ରମାଣ କରିବାକୁ ଚାହିଁଛି ମାଳତି ? ଏହା କି "ଏକ ଅବଳାର ସରଳତାର ସୁଯୋଗ ନେଇ ସତ୍ୟ ନିଜର ସ୍ୱାର୍ଥ ଚରିତାର୍ଥ କରିଛି। ମିଠା ମିଠା କଥା କହି ସୁଖର ସଂସାର ଗଢିବାର ମିଥ୍ୟା ପ୍ରତିଶ୍ରୁତି ଦେଇଛି। ନୀଳ ସ୍ୱପ୍ନ ଦେଖାଇ ଠକିଛି କି ଜୀବନର ଅନିଶ୍ଚିତ ଭବିଷ୍ୟତ ପଥରେ ଏକାକୀ ଛାଡି ଚାଲିଯାଇଛି।" ମାଳତିକୁ ଦୁଃଖ ଦେଲା ଭଳି ଏମିତି କୌଣସି କାର୍ଯ୍ୟ ତ ସତ୍ୟ କରିନାହିଁ। ତା'ଇଚ୍ଛା ବିରୁଦ୍ଧରେ ଯାଇନାହିଁ କି ଜନମାନସରେ ଲଜ୍ଜିତ କରିନାହିଁ। ସତ୍ୟ ଭାବେ ମାଳତି ତା'କୁ ଦେଖି ଛେପ ପକାଏ ନାହିଁ ବରଂ ଛେପ ପକାଇବା ସମୟରେ ସେ ଆସି ଯାଉଛି। ହେଲେ ସେହି ସମାନ ପ୍ରକାର ବ୍ୟବହାର ପୁଣି ଥରେ ସତ୍ୟ ପ୍ରତି। "ସେ ଛେପ ପକାଉଥିବା ବେଳେ ମୁଁ ଆସୁ ନାହିଁ। ମୁଁ ଆସିଲେ ମୋତେ ଘୃଣିତ ଚକ୍ଷୁରେ ଚାହିଁ ଛେପ ପକାଏ।" ଯାହାକୁ ଖରାପ ଲାଗିଲେ ତା'ର ପ୍ରତିଟି କାର୍ଯ୍ୟକଳାପ ଅରୁଚିକର ଲାଗେ। ମଧୁର କଥାବାର୍ତ୍ତା କାକର କର୍କଶ ସ୍ୱର ଭଳି ଶୁଭେ। ମଦମାତାଳ ନୟନ ପିଶାଚିର ଆଖି ପରି ଦିଶେ। ଡଉଲ ଡାଉଲ ଚେହେରା ବିକଟାଳ ରୂପ ଭଳି ଦେଖାଯାଏ। ଅପୂର୍ବ ଚାହାଁଣୀ ମଧ୍ୟ ଡରେଇଲା ଭଳି ଲାଗେ। କାହିଁକି କେଜାଣି ଛାଇକୁ ମଧ୍ୟ ଦେଖିବା ପାଇଁ ଇଚ୍ଛା ଲାଗେ ନାହିଁ। ଏତିକି ଘୃଣା ଜାତ ହେବାର କାରଣ ବୁଝି ହୁଏ ନାହିଁ।

ସତ୍ୟର ମନ ଗୋଳମାଳ ହେଇଗଲା। ମନେ ମନେ ଚିନ୍ତା କଲା ନିଶ୍ଚୟ ଏହାର କିଛି ଗୋଟାଏ କାରଣ ରହିଛି। ଏହା ଜାଣିବା ଆବଶ୍ୟକ, ଅନାବଶ୍ୟକ ମଧ୍ୟ। ଅନାବଶ୍ୟକ ଏଥିପାଇଁ ଯେ "ଯଦି ମୋତେ ଘୃଣା କରି ଛେପ ପକାଉଛି ତେବେ ପକାଉ। କେତେ ଦିନ

ISSN NO.
2582-208X

ଏପରି କରିବ? ଦିନେ,ଦୁଇ ଦିନ,ଚାରି ଦିନ,ମାସେ କି ବର୍ଷେ। ତା'ପରେ ସେ ଆପେ ଆପେ ତା'ର ଏପରି ବ୍ୟବହାର ପରିବର୍ତ୍ତନ କରିଦେବ। ଏଥିରେ ମୋର କ'ଣ ଯାଏ ଆସେ। ମୁଁ ଯଦି ଜଣକର ଆତିଥ୍ୟ ଗ୍ରହଣ କରି ଆଦରରେ ବା ବାଧ୍ୟବାଧକରେ ପ୍ରଦାନ କରିଥିବା ମିଷ୍ଟାନ୍ନଗୁଡିକୁ ବାରଣ କରିଦେବି ତେବେ ତାହା ସେହି ଗୃହକର୍ତ୍ତାଙ୍କ ପାଖରେ ହିଁ ରହିବ। ଠିକ୍ ସେହିପରି ଜଣେ ଯଦି ଈର୍ଷା ପରାୟଣ ବା ବିଦ୍ୱେଷ ଭାବ ନେଇ ଆଉ ଜଣକ ଉପରେ ଛେପ ପକାଏ ତେବେ ସେହି ବ୍ୟକ୍ତି ପାଖରେ ହିଁ ଅର୍ଜିତ କର୍ମଫଳ ଭଳି ରହିଯିବ।"।

ଜାଣିବାର ଆବଶ୍ୟକତା ଏହା ଯେ ଜଣେ ଆଉ ଜଣକୁ ଗଭୀର ଭାବରେ ଭଲ ପାଏ ଏବଂ ପର ମୁହୂର୍ତ୍ତରେ କେଉଁ ଉଦ୍ଦେଶ୍ୟ ନେଇ ଛେପ ପକାଏ ? ତା'ର କାରଣ ଜାଣିବା ନିତାନ୍ତ ଆବଶ୍ୟକ। ହୁଏତ ଜଣକର ମହତ କାରଣ ବା ମସ୍ତବଡ ଭୁଲ ନିଜର ଅଗୋଚରରେ ରହିଛି ଆଉ ତାହା ପ୍ରକାଶିତ ହେଉଛି ଅନ୍ୟର ଛେପ ମାଧ୍ୟମରେ। ବୋଧହୁଏ ସେହି ସମ୍ପର୍କୀୟକୁ ଜଣା ତାହାର ଗୂଢ ରହସ୍ୟ ଯାହା ପ୍ରତ୍ୟକ୍ଷ ଭାବରେ ହୋଇ ସଙ୍କେତ ମାଧ୍ୟମରେ ହୋଇଛି ଇଙ୍ଗିତ। ଜଣେ ସରଳା ଯୁବତୀର ସୌନ୍ଦର୍ଯ୍ୟରେ ଆକର୍ଷିତ କି ତା'ପ୍ରତି ଆଧୁନିକ ତରୁଣୀ ପ୍ରତି ରହିଛି ପ୍ରେମ,ଏହା ବି କାରଣ ହୋଇପାରେ। ଲୋକଲଜ୍ଜା ଭୟରେ ମଧ୍ୟ ଲୋକେ ଏଥିରୁ ନିବୃତ୍ତ ହେବା ପାଇଁ ପ୍ରୟାସ କରନ୍ତି। ଦୁଇ ଜଣଙ୍କ ମଧ୍ୟରେ ପବିତ୍ର ପ୍ରେମ ଥିଲେ ସୁଦ୍ଧା ବାହ୍ୟ ଦୃଷ୍ଟିରେ ତାହା ରଙ୍ଗୀନ ଜଣାପଡେ। ପୁଣି ଅଯଥା ସନ୍ଦେହଟା ସମ୍ପର୍କକୁ ନିମିଷକେ ଭାଙ୍ଗି ଦିଏ। କୈଫିୟତ ଦେବାକୁ ମଧ୍ୟ ସମୟ କି ସୁବିଧା ମିଳେ ନାହିଁ। କିନ୍ତୁ ସେଭଳି ତ ସତ୍ୟ କି ମାଳତି କ୍ଷେତ୍ରରେ ହୋଇ ନାହିଁ। ତେବେ କାରଣ କ'ଣ ହୋଇପାରେ ?

କାରଣ ହୋଇପାରେ କି ତା'ର ଦୀର୍ଘ ଦିନର ଅନୁପସ୍ଥିତିରେ ଭଲମନ୍ଦ ନବୁଝିବା ? କୌଣସି ମାଧ୍ୟମରେ ତା'ର ସହିତ ଯୋଗାଯୋଗ ନରଖିବା? ପ୍ରଶିକ୍ଷଣରେ ସମୟ ବିତାଇ ତା'କୁ ଘଡିଏ ମନେ ନପକାଇବା ? ତା'କୁ ଅଳ୍ପ ସମୟ ପାଇଁ ଭେଟି ମନର ଗୋପନ ବ୍ୟଥା କି ତା'ର ଅନ୍ତରର ଗଭୀର ବେଦନା ନ ଶୁଣିବା ? ତା'ର ଇଚ୍ଛା କି ଆବଶ୍ୟକତା ପୂରଣ କରିବାରେ ଅସମର୍ଥ ହେବା ? ହୋଇ ବି ପାରେ।

ISSN NO.
2582-208X

ତା'ର ଇଚ୍ଛା ବିଶେଷ ବଡ ନୁହେଁ। ଇଚ୍ଛା କହିଲେ ତା'କୁ ଭେଟିବା,ତା'ସହିତ କଥାବାର୍ତ୍ତା କରିବା, ନିର୍ନିମେଷ ନୟନରେ ଚାହିଁ ଅପୂର୍ବ ଆନନ୍ଦ ଅନୁଭବ କରିବା, ନିର୍ଜନେ ଦୁହେଁ ଆଳାପ କରିବା ଇତ୍ୟାଦି ଇତ୍ୟାଦି। ମାଳତି ତା'ର ଆବଶ୍ୟକତା ସତ୍ୟ ଦ୍ୱାରା ପୂରଣ କରିବା ପାଇଁ ଚାହେଁ ନାହିଁ। ସେ ମଧ୍ୟବିତ୍ତ ପରିବାରର ଝିଅ। ତା'ର ବା କ'ଣ ଅସୁବିଧା ରହିଛି? ଖାଇବା-ପିଇବା, ସେନୋ-ପାଉଡର, ଅତର-ଅଳତା କି ଲୁଗାପଟାର ଅଭାବ ନାହିଁ। ପୁଣି ସେ ଆଧୁନିକ ଯୁଗର ନବନୀତା ନୁହେଁ। ପାଶ୍ଚାତ୍ୟ ସଂସ୍କୃତିରେ ବଢ଼ିଥିବା ରୋଜାଲିନ୍ କି ବେବୀ ନୁହେଁ। ସେ ଷ୍ଟାଇଲ୍ ବୁଝେ ନାହିଁ। ଫେସନର ଅର୍ଥ ଜାଣେ ନାହିଁ। ସୁନ୍ଦର ଦେଖାଯିବା ପାଇଁ ବବ୍ କଟ୍ ବାଲ, ଲେକମି କି ପର୍ପଲ ଲିପଷ୍ଟିକ୍, କେଶକିଙ୍ଗ୍ କି ସୀସା ତେଲ ଲଗାଏ ନାହିଁ। ମୁହଁରେ ବାଦଳ ପାଉଡର, ଆଖିରେ କଜଳ ଆଉ ମୁଣ୍ଡରେ ନଡିଆ ତେଲ କେବଳ ଲଗାଏ। ତା'ର ଆବଶ୍ୟକତା ବେଶି କି ଖର୍ଚ୍ଚ ଯୁକ୍ତ ନୁହେଁ। ତେବେ କାହିଁକି ବା ସତ୍ୟ ଠାରୁ ଆବଶ୍ୟକତା ପୂରଣ କରିବ !

କ୍ରମଶଃ ------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ସୂର୍ଯ୍ୟମୁଖୀ



ଅନୁପମା ବିଶ୍ୱାଳ

ମନ ଦେଇଦେଲା ସୂରୁଜମୁଖୀଟି
ଦେଖି ସ୍ୱର୍ଣ୍ଣାଭ ରବିକୁ
ଅପଲକ ନେତ୍ରେ ଅନାଇ ରହିଲା
ଦେଖି ଅପୂର୍ବ ଶୋଭାକୁ ।।୧।।

କାୟକ୍ଲେଶ ଭୁଲି ସର୍ବଦା ଚେଷ୍ଟିତ
ତାଙ୍କ ଜ୍ୟୋତି ପାଇବାକୁ
ନୟନେ ନୟନ ମିଶାଇଥାଏ ସେ
ପ୍ରେମଛିଟା ଲଭିବାକୁ ।।୨।।

ଅଣଦେଖା ହେଲା ଛାର କୁସୁମ ଟି
ରବି ମନ କମଳକୁ
ସୁଭଗା କମଳ ଆହ୍ଲାଦିତ ହୋଇ
ପିଇଲା ପୂତ ରଶ୍ମିକୁ ।। ୩।।

ପତ୍ନୀ ଅଧିକାର ଲାଭ କରି ସିଏ
ବିକଶିଲା ଲାବଣ୍ୟକୁ
ସେପଟେ ଅଭାଗା ମଉଳା ମୁଖରେ
ଘୃଣା କରେ ଆପଣାକୁ ।।୪।।

ଅଲୋଡ଼ା ହେଇଲା ତା' ରୂପ ବାସନା
କହିବ ଅବା କାହାକୁ
ରାତ୍ରି ଅବସାନେ ମେଲି ପାଖୁଡ଼ାକୁ
ପୁଣି ଚାହେଁ ତା ପ୍ରିୟ କୁ ।।୫।

ଶିକ୍ଷୟିତ୍ରୀ
ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ,
ସମ୍ବଲପୁର

ISSN NO.
2582-208X

# ଭଲମନ୍ଦ



ବିନୟ ମିଶ୍ର

ଭଲ କାମ କଲେ
ଭଲ ଫଳ ମିଳେ
କିନ୍ତୁରେ ସନ୍ଦେହ ଥାଏ ,
ଠିକ କାମ ଏଠି
କେହି ଖୋଜନ୍ତିନି
ଭୁଲ ସବୁ ହେଉଥାଏ ,
ଛାଡି ନିନ୍ଦା ପ୍ରଶଂସାକୁ ,
ଚେଷ୍ଟା କରୁଥାଅ ନିଜ ସହ ଅନ୍ୟ ମଙ୍ଗଳ ବି କରିବାକୁ ।

ଭଲ କର ମନ୍ଦ
ଯାହା କର ଏହି
ସମାଜ ନିଶ୍ଚେ କହିବ ,
ଆଜି ଯେ କହୁଛି
ଭଲ ବୋଲି କାଲି
ମନ୍ଦ କହି ନିନ୍ଦୁଥିବ ,
ଶାଗଖିଆ ପେଜଖିଆ ,
ଏକ ଆରେକର ଓର ଉଣ୍ଡୁଥାଏ ଜଣେ ବସ ଜଣେ ଠିଆ ।

ISSN NO.
2582-208X

ବିଚିତ୍ର ଚିତ୍ରରେ
ଚର୍ଚ୍ଚିତ ମଣିଷ
ସବୁ ଜୀବ ଠାରୁ ଭିନ୍ନ,
ଇତର ପ୍ରାଣୀଏ
ଶୃଙ୍ଖଳା ବୁଝନ୍ତି
ବିଚିତ୍ର ମଣିଷ ମନ,
ମନକୁ ଯାହା ତା ଆସେ,
ରଙ୍ଗ ବଦଳାଇ ଗୋଡ଼ ପଛେ ଧୁଏ କାଦୁଅରେ କିନ୍ତୁ ପଶେ ।

ଖୋର୍ଦ୍ଧା

ISSN NO.
2582-208X

# ଔଷଧ



ଦେବଯାନୀ ବାରିକ୍

ଏପରି ବି କିଛି ଔଷଧ ଅଛି, ଯାହାର ବ୍ୟବହାରରେ କୌଣସି କୁପ୍ରଭାବ ଶରୀରରେ ସୃଷ୍ଟି ହୁଏ ନାହିଁ।

୧. ବ୍ୟାୟାମ ମଧ୍ୟ ଏକ ଔଷଧ ।
୨. ସକାଳ ଏବଂ ସନ୍ଧ୍ୟାରେ ଚାଲିବା ଏକ ଔଷଧ ।
୩. ଉପବାସ ମଧ୍ୟ ଏକ ଔଷଧ ।
୪. ପରିବାର ସହିତ ଖାଇବା ମଧ୍ୟ ଏକ ଔଷଧ ।
୫. ହସ ମଧ୍ୟ ଏକ ଔଷଧ ।
୬. ଗଭୀର ନିଦ ମଧ୍ୟ ଏକ ଔଷଧ ।
୭. ପ୍ରିୟଜନଙ୍କ ସହିତ ସମୟ ବିତାଇବା ଏକ ଔଷଧ
୮. ଖୁସି ହେବା ମଧ୍ୟ ଏକ ଔଷଧ ।
୯. ନୀରବତା ମଧ୍ୟ କେତେକ କ୍ଷେତ୍ରରେ ଏକ ଔଷଧ ।
୧୦. ଏବଂ ଜଣେ ଭଲ ବନ୍ଧୁ ହେଉଛି ଏକ ସମ୍ପୂର୍ଣ୍ଣ ଔଷଧ ଦୋକାନ ।

ମହୁ, ଆଲି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# କାନି

ବିନୟାନନ୍ଦ ବସ୍ତସ୍ୟ

ମାଆର ପଣତ
ନୀଳାଚଳ ନେତ
ମାନବୀ ରୂପରେ ଦେବୀ,
ସେ ପଣତ ତଳ
ଅକ୍ଷୟ କବଚ
ତାର କି ଉପମା ଦେବି ?

ସେ ପଣତ କାନି ପାରିଦେଇ ଯେବେ
ଗୋଡ଼ ପରେ ଗୋଡ଼ ଥୋଇ,
ପାନ ଭାଙ୍ଗୁଥାଏ
ନନାଙ୍କ ପାଇଁକି
ସ୍କୁଲ ବେଳ ଗଲେ ହୋଇ ।

ସେଇ କାନିରେ ସେ ପୋଛିଦେଉଥାଏ
କେତେ ଝାଳ ନାଳ ଦେହୁ,
ସେ କାନିର ବାସ
ଚମ୍ପା ଚନ୍ଦନର
ଅତର ସମ କି କାହୁଁ ?

ସେଇ କାନି ଧରି
ତତଲା କରେଇ
ହାଣ୍ଡି ଦେଉଥାଏ ଟେକି,
ଆଖିରେ ପଡିଲେ
ଗୁଣ୍ଡ କି ମଇଳା
ଆଫା କରିଦିଏ ସେକି ।

ସେ କାନିରେ ବାନ୍ଧି ଆଠଣା ଚାରଣା
ବୁଟ ଚଣା କିଣିଦିଏ,
ସେ କାନିରେ ବନ୍ଧା
ଘରର ଅମାର
ଚାବିକାଠି ଝୁଲୁଥାଏ ।

ସେଇ କାନି ଧରି
ଠିଆ ହେବା ଶିଖି
ଚାଲିଲି ମୁଁଯେତେବେଳେ,
କେତେ ପଡା ଉଠା କୋଳିଆ ସଂକୁଳା
ମୁହଁରୁ ତା ହସ ଝରେ ।

ISSN NO.
2582-208X

ଖସିନି କେବେ ତା
ପଣତ କାନିଟା
ମୁଣ୍ଡରୁ କଦବା କେବେ,
ମାନ୍ୟ ଜନ ଦେଖି ସଣ୍ଡଣାରେ ମୁହଁ
ଘୋଡାଇ ଦିଏ ସେ ଯେବେ ।

ଲାଗେ ସତେ ଅବା
ସ୍ୱର୍ଗରୁ ଓହ୍ଲାଇ
ଆସିଲେ କି ଅନ୍ନପୂର୍ଣ୍ଣା,
ତା ମଥାର ସିନ୍ଥି
ସିନ୍ଦୁର ଝଟକ
ସତେକି ଦେବୀ ଅପର୍ଣ୍ଣା ।

ପାନଖିଆ ହସ
ଖିଲି ଖିଲି ତାର
ସତେ କି ଆକାଶ ତାରା,
ତା କାନି ପଣତ ନାନାବାୟା ଗୀତ
ଟାଣିଆଣେ ନିଦ ସାରା ।

ଯେତେ ଯାହା କହ
ବୋଉ ପରି କିଏ
ହୋଇ ବି ପାରିବ ନାହିଁ,
ଆଜିର ବୋଉଙ୍କ
ସେ ପଣତ କାନି
କେଉଁଠାରେ ଦିଶୁନାହିଁ ।

ଚିପା ଚିପି ଜିନ
ପୋଷାକ ଭିତରେ
କାନି ତ ରହିଲା ନାହିଁ,
ସେବେଳର ବୋଉ
ଏ ବେଳର ମମି
ସମାନ ହେବେ ବା କାହିଁ ?

ଖୋର୍ଦ୍ଧା

ISSN NO.
2582-208X

# ବାସ୍ତୁ ଦୋଷ



ସିଦ୍ଧେଶ୍ୱର ତ୍ରିପାଠୀ

ଛୋଟିଆ ଗାଁ ମଦନପୁର, ଗାଁରେ ଷାଠିଏ କି ସତୁରି ଘର। ସମସ୍ତେ ପ୍ରାୟତଃ ଚାଷ ବାସ କରନ୍ତି ଆଉ କିଛି ସହର ଯାଇ ଚାକିରୀ କଲେଣି । ସେଇ ଗାଁ ର ପିଲାଟିଏ ନାଁ ତାର ବିଜୁ। ବାପା ବୋଉ ଡ଼କା ଡକି ହେଲା ପରେ ଗୋଟିଏ ବର୍ଷରେ ଚାଲିଗଲେ । ଘରେ ଜେଜେ ବାପା ଆଉ ଆଠ ବର୍ଷର ସାନ ଭଉଣୀ । ଜମି ବାଡ଼ି ଯାହା ଥିଲା ବୋପା ମାଆଙ୍କ ଔଷଧ ପାଇଁ ବନ୍ଧା ପଡିଲା ଯେ ଆଉ ସୁଧ ମୁଳ ଦେଇ ତାକୁ ମୁକୁଳି ବା କଷ୍ଟ । ଘରର ବୋଝ ସବୁ ବିଜୁ ଉପରେ । ଷୋଳବର୍ଷ ବୟସରୁ ମୂଲ ଲାଗି ଯାହା ଆଣେ ଜେଜେ ଆଉ ଭଉଣୀର କଥା ବୁଝେ ଏଇ ବୟସରେ ଏତେ ଦୁଃଖ ବିଜୁର ଫଟା କପାଳ ଯାହା । ଦଶମ ଟା ପାସ କରି ଦେଇଛି ଯାହା ।

ଏବେ ଦିନେ ସଞ୍ଜ ବେଳେ ଜେଜେ ନାତି କଥା ହଉଥିଲେ । ଜେଜ ତାର କହୁଥିଲା ପଣ୍ଡିତେ କହୁଥିଲେ ଆମ ଘରେ କୁଆଡେ ବାସ୍ତୁ ଦୋଷ ଅଛି । ଠିକ୍ ଜାଗାରେ ଠିକ୍ ଘର ହୋଇନି ନାଗ ନାଞ୍ଜରେ ଶୁଭ ପଥର ଟା ପଡି ଯାଇଛି । ଆଉ ବାଡ଼ି ପଟେ ଗୋଟେ ହାଡ଼ବାଇ ରହୁଛି ସେଇଥି ପାଇଁ ତୋ ବାପା ବୋଉ ଅଧା ବୟସରେ ମରିଗଲେ । ମୋର ଗୋଟେ ହାତ ଅଚଳ ହୋଇଗଲା । କେତେ ନେହୁରା ହେଲୁ ଗୋସେଇଁ ଟିକେ ପୂଜା ଧୋଜା କର ଗ୍ରହ ଦୋଷ ଟିକେ କଟିଯାଉ । ଗୋସେଇଁ କହିଲେ ତମର ଛୋଟ ଜାତି ତମ ଘରେ ପୂଜା କରିବାକୁ ଶାସ୍ତ୍ର ମନା କରିଛି । ହଇରେ ଗୋପିଆ ବୁଢା ତୋ ଘରେ ମୁଁ ପୂଜା କରିବି ମୋତେ ଆଉ ଆମ ସମାଜ ଗାଁ ରେ ରଖେଇ ଦବଟି । କେତେ ନେହୁରା ହେଲି ସେ ଶୁଣିଲେନି। ବିଜୁ ଜେଜେଠୁ ସବୁ ଶୁଣିଲା ମନ ଦୁଃଖ ରେ ଘର ଭିତରକୁ ଚାଲିଗଲା ।

ISSN NO.
2582-208X

ସେଇ ଦିନଠୁ ତା ମୁଣ୍ଡରେ ସେଇ କଥା ଗୁଡା ଘାଣ୍ଟି ଗୋଳେଇ ହେଉଥାଏ ବାସ୍ତୁଦୋଷ ହାଡ଼ବାଇ ପୂଜା ଆମେ  ଛୋଟ ଜାତି ଏମିତି ଅନେକ କିଛି ।

ସମୟ ଆଉ ଜୁଆର କାହାକୁ ଅପେକ୍ଷା କରେଯେ ସମୟ ସାଥିରେ ବୁଢା ଟା ଆରପାରିକୁ ଚାଲିଗଲା । ଯାହା କିଛି କାମ ଦାମ କରି ରଖିଥିଲା ସେଥିରେ ଭଉଣୀ ଟାକୁ ବାହାଦେଲା । ସହରକୁ ଆସି ମୂଲ ଲାଗୁଥିଲା । ସେଠି ଗୋଟେ ଝିଅକୁ ଭଲପାଇ ବହାହେଇଛି । ଏବେ ସିଏ ଗୁପଚୁପ ବେପାରରେ ଭଲ ଲାଭ ହଉଛି ଶୁଣି ରାଜଧାନୀରେ ଗୁପଚୁପ ବେପାର କଲାଣି । ସେଠି କିଛି ବର୍ଷ ରହିଲା ପରେ ଅନେକ ଲୋକ ତାର ଚିହ୍ନା ହୋଇଗଲେଣି । ତାଙ୍କ ବସ୍ତି ପାଖ କଲୋନି କୁ ଜଣେ ଜ୍ୟୋତିଷ ଆସନ୍ତି  ତାଙ୍କୁ ଯାଇ ସବୁ କଥା କହିଲା । ଜ୍ୟୋତିଷ କହିଲେ ହଉ ସଂଧ୍ୟାରେ ମନ୍ଦିର ପଛପଟକୁ ଟିକେ ଭଲ ଚାଖେଣା ଆଉ ଭଲ କମ୍ପାନୀର ନାଲି ପାଣି ଟିକେ ନେଇକି ଆସ ।

ସେଇଆ ହେଲା ରାତି ଗଡୁଥାଏ ଚିକେନ୍ କସା  ଚାଖେଣା ସାଥିରେ ମଦ ବୋତଲ ଶେଷ ହେଲା ପରେ ଦୁହେଁ ନିଶାରେ ବିଜୁ କାନ୍ଦି କାନ୍ଦି ତା ଗାଁ ଘର ପରିବାର ଆଉ ବାସ୍ତୁ ଦୋଷ କଥା କହୁଥାଏ । ଏପଟେ ଜ୍ୟୋତିଷ ଠୋ ଠୋ  ହୋଇ ହସୁଥାନ୍ତି  । ଦେଖ ବିଜୁ ସେସବୁ ମୁଁ କିଛି ଜାଣିନି ମୁଁ ବ୍ରାହ୍ମଣ ନାହାକ ଜ୍ୟୋତିଷ ମହାପାତ୍ର ପୂଜକ କିଛି ନୁହଁ ।  ମୋ ଘର ଯାଜପୁର ଘରେ ଭାଇମାନେ ଟିକେ ଭଲ ପାଠ ପଢୁଥିଲେ ଆଉ ତା ସାଙ୍ଗକୁ ଆମର କୋଟା ଥିଲା ଦୁଇଭାଇ ଚାକିରୀ ପାଇଗଲେ । ମୋ ହାତରେ ପାଠ ସାଠ କିଛି ହେଲାନି । ପଞ୍ଚମ ଯାଏ ପଢ଼ିଲି । ପେଟ ପାଇଁ ଚାଲି ଆସିଲି କଟକ କେତେଦିନ ଏଇ ପିଠିରେ ଆଳୁ ଅଖା ବୋହିଛି ଜଳଖିଆ ଦୋକାନରେ ବାସନ ମାଜିଛି ।  ତାପରେ ପାରି ପାର୍ଶିକ ଅବସ୍ଥା ଦେଖି ଭୁବନେଶ୍ୱର ଆସିଲି  ଘର ଭଡା ନେଇ ରହିଲି । ସକାଳ ହେଲେ ନିତ୍ୟକର୍ମ ସାରି ପଇତା ଟାଏ କାନ୍ଧରେ ପକେଇ ଚିତା ଚଇତନ କାଟି ମଠା ପାଞ୍ଜି ପିନ୍ଧି ଢାଳ ଘଣ୍ଟି ଧରି ବାହାରିଗଲି ରାଜଧାନୀର ଏ ଗଳି ର ସେ ଗଳିକୁ । ଫୁଲ ପାଣି ଛିଞ୍ଚିଲି ଧୂପ ବୁଲେଇଲି  ସଞ୍ଜ ବେଳକୁ 500 କି 700 ହେଇଗଲା । ଧିରେ ଧିରେ ଲୋକ ଚିହ୍ନିଲେ ମୁଁ ଜଗା ନାଏକ ରୁ ଜଗୁ ନନା ହେଇଗଲି । ଲୋକ ମନ୍ଦିର ଧରେଇ ଦେଲେ ପୂଜା ଆସିଲା ଜାତକ ଆସିଲେ ବାସ୍ତୁ ଦେଖିବାକୁ ଲୋକ ଡାକିଲେ ପ୍ରଥମେ ପ୍ରଥମେ ମନାକଲି ତାପରେ ଏଇ ପୁରୁଣା ବସ ଷ୍ଟାଣ୍ଡ

ISSN NO.
2582-208X

ଆଉ ରାମ ମନ୍ଦିର କଳ୍ପନା ବୁଲି ବୁଲି ଗୁଡାଏ ପୂଜା ବହି ବାସ୍ତୁ ଜ୍ୟୋତିଷ ବହି ଆଣି ପଢ଼ିଲି ।

ପାଖ ମନ୍ଦିରର ଗୋସେଇଁ କୁ ମଠା ଦିହଳ ଦେଇ କୁଶ ବଟୁ ପଇତା ଗଣ୍ଠି ଅସାଢୁଆ ସୂତା ଆଉ ଗ୍ରହ ମଣ୍ଡଳ ଟା ଶିଖିଗଲି । ସେବେଠୁ ଏଇ ପାଞ୍ଚବର୍ଷ ଭିତରେ ସାଇକେଲ ପରେ ଦି ଚକିଆ ଗାଡି ଆଉ ରାଜଧାନୀରେ ଘର ଖଣ୍ଡେ ସ୍ତ୍ରୀ ପିଲା ପାଖରେ ସବୁତ ଆନନ୍ଦ । ସେଇଠୁ ବିଜୁ ମୁଣ୍ଡରେ ବୁଦ୍ଧି ପଶିଲା ସେଇ ରାତିରେ ସବୁ ବେଡିଙ୍ଗ ପତର ବାନ୍ଧି ବିଜୁ ଚାଲିଲା କଟକ ସେଠି ତାକୁ କେହି ଚିହ୍ନିବେନି ସେ ଲୋକ ପଞ୍ଚମ ପଢି ଏତେ କଥା କଲା ମୁଁ ତ ଦଶମ ପାସ କରିଛି ।

ବିଜୁ ସକାଳୁ ଚାଲିଲା ସେଇ ପଇତା ଚନ୍ଦନ ତିଳକ ମଠା ଢାଳ ଘଣ୍ଟି ବ୍ୟାଗ ଏ ଦୋକାନରୁ ସେ ଦୋକାନ ଏ ବସ ରୁ ସେ ବସ । ବାଦାମ ବାଡ଼ି ରିଙ୍ଗ ରୋଡ଼ ମହାନଦୀ ବିହାର ଯୋଉଯାଏ ଚାଲି ପାରିଲା 12 ବାଜିଲେ ଅଟରେ ଘରକୁ ଫେରେ । ପୁଣି ସଞ୍ଜ 6 ରୁ 8 ଧୂପ କାଠି ମେଞ୍ଚେ ଲଗେଇ ସବୁ ଦୋକାନ ଗାଡ଼ିରେ ଧୂପ ବୁଲେଇଲା । ପ୍ରଥମେ ପ୍ରଥମେ ତ 200 କି 300 ହେଲା ହେଲେ ଏବେ ମାସେ ଦିମାସ ଭିତରେ କାରବାର ବଢିଛି ସକାଳ ସଞ୍ଜ ହେଇଦିନେ ଦିନେ ହଜାରେ ଟପିଯାଉଛି । ତା ସାଙ୍ଗକୁ ମନ୍ଦିର କର୍ମ କର୍ମାଣି ମଲା ମୂର୍ତ୍ତିକିଆ ଭୋଜି ଗାଡିପୂଜା ପର୍ବ ଏମିତି କେତେ କଣ । ଘରେ ତ ଜାଗା ନାହିଁ ମଠା ଲୁଗା ଗାମୁଛା ନଡ଼ିଆରେ ଭର୍ତ୍ତି । କଟକରେ କୋଉ ବହି ଅଭାବ ତା ସାଙ୍ଗକୁ ମୋବାଇଲରେ କୋଉ ତଥ୍ୟ ନାହିଁ ।

ଦଶ ବର୍ଷ ପରେ ମଦନପୁର ଗାଁର ବିଜୁ ସାମଲ ଏବେ କଟକର ବଡ଼ ଜ୍ୟୋତିର୍ବିଦ ଅମୁକ ସମୁକ ଢମୁକ ଉପାଧି ପ୍ରାପ୍ତ ଜ୍ୟୋତିର୍ବିଦ ଡ଼ଃ ବିଜୟା ନନ୍ଦ । ସାମଲ ଟା କଟି ଯାଇଛି । ଯାହା ପାଖରେ ଦୁଇ ଚାରିଟା ଦାମି ମୋବାଇଲ କମ୍ପ୍ୟୁଟର ପ୍ରିଣ୍ଟର ସ୍କାନର ଚରିଚକିଆ କାର ଦୋ ମହଲା କୋଠା ଦାମି ଜାମା ପଟା ପୁଅ ଝିଅଙ୍କର ଇଂରାଜୀ ମିଡିୟମ ପ୍ରାଇଭେଟ ସ୍କୁଲ । ପାଖରେ ପଇସା ଦିଆ ମାଳ ମାଳ ମାନ ପତ୍ର ଡିଗ୍ରୀ ଆଉ କୋଡ଼ିଏ କି ପଚିଶ ହଜାର ଦିଆ ଜ୍ୟୋତିଷ ଆପ୍ । ତା ସାଙ୍ଗକୁ ମାଳି ରତ୍ନ ପଥର ରୁଦ୍ରାକ୍ଷ ବ୍ୟବସାୟ । ଆଉ ସେ ମୂଳ ଲାଗିବା ଗୁପଚୁପ ବିକିବା ମନ୍ଦିର ପୂଜା ସବୁ ବନ୍ଦ । ହଁ ଚଣ୍ଡୀ ଅଭିଷେକ Vlog

ISSN NO.
2582-208X

ନିର୍ଦ୍ଦେଶ ଦେଲେ  ବ୍ରାହ୍ମଣ ସବୁ କରନ୍ତି ବାବୁ ଖାଲି କାର ରେ ଯାଇ ପୂଜା ଦେଖି କାର ରେ ଫେରିଲା ବେଳକୁ 5000 ନିଅନ୍ତି ଯାହା ।

ଏବେ ନେତାଠୁ ଅଭିନେତା ରାଜନେତାଠୁ ଜନତା ସମସ୍ତେ କର୍ମ ଉପରେ ନୁହଁ ସେଇ ଭାଗ୍ୟ ଜ୍ୟୋତିଷ ବାସ୍ତୁ ଉପରେ ବେସି ବିଶ୍ୱାସ କରନ୍ତି । ସକାଳୁ  ଟିଭି ଖୋଲିଲେ ରାଶି ଫଳ ବାସ୍ତୁ ଦୋଷ ଆଉ ତାର ପ୍ରତିକାର ଏହାକୁ ନେଇ ସବୁ ଟିଭି ଚ୍ୟାନେଲ ରେଡ଼ିଓ ଆଉ ୟୁଟୁବ ଚ୍ୟାନେଲ ଭିତରେ ଯେମିତି ଗୋଟେ ଗୋଡ଼ାଗଡ଼ି ଖେଳ ଚାଲିଛି ସତରେ । ଯଦି କୋଉ ଚ୍ୟାନେଲ ରେ ଜଣେ ରାଶିଫଳ ପାଠ କରୁଥିବା ବ୍ୟକ୍ତି କହିଦେବେ ସକାଳୁ କୁକୁର ମୁତ କୁ ଘର ସାରା ଛିଞ୍ଚିବାକୁ ତେବେ ସକାଳୁ ସମସ୍ତେ କୁକୁର ର ସେଇ ଜାଗା ତଳେ ଗିନା ତାଟିଆ ଧରି ଠିଆ ହୋଇଯାଇଥିବେ ସତରେ  ଏମିତି ଘଟଣା ତ ଟି ଆର ପି  ଆଣେ । କି ମାଷ୍ଟର କି ଡାକ୍ତର ପ୍ରଫେସର ଏବେଟିଭି ମୋବାଇଲ ଦେଖି  ଘରୁ  ବାହାରିଲା ବେଳକୁ ମୁଣ୍ଡ ଚାରିକର ଲେମ୍ବୁ ବୁଲେଇ ଯାଉଛନ୍ତି ଆଉ ହଁ ସେଇ ଲେମ୍ବୁ ଯଦି ତିନି ଛକରେ ନପଡ଼ି ପାରିଲା ଭାରି ମନ ଦୁଃଖ  ।

ଏବେ ଜ୍ୟୋତିର୍ବିଦ ବାସ୍ତୁର୍ବିଦ ଡ଼ଃ ବିଜୟାନନ୍ଦ ଭଲ ଭଲ ଟିଭି ଚ୍ୟାନେଲ ରେ ଆସିଲେଣି ତାଙ୍କ ଘରେ ସେ ଲାପଟପ ରେ ଜାତକ ଦେଖି ଭବିଷ୍ୟତ କୁହନ୍ତି ସମସ୍ୟା ଆଉ ତାର ସମାଧାନର ସୂତ୍ର କୁହନ୍ତି ଅବଶ୍ୟ ଏଥି ପାଇଁ ସେ ପ୍ରତି ଜାତକ ପିଛା ପାଞ୍ଚ ହଜାର ଟଙ୍କା ନିଅନ୍ତି । ଆଉ ତାଙ୍କୁ ଭେଟିବା ପାଇଁ ପୂର୍ବଦିନରୁ ହଜାରେ ଟଙ୍କା ଅନଲାଇନ ରେ ପଠେଇ ବୁକିଙ୍ଗ କରିବାକୁ ପଡେ । ଆଉ ବାସ୍ତୁ ଭିଜିଟ ରେ ଗଲେ 10 ହଜାର ପରେ ।

ଏବେ ବିଜୁ ସାମଲ  (ଜ୍ୟୋତିର୍ବିଦ ବାସ୍ତୁର୍ବିଦ ହସ୍ତରେଖା ବିଶେଷଜ୍ଞ ଦେବୀ ସାଧକ ଡ଼ଃ ବିଜୟା ନନ୍ଦ ) ତାଙ୍କ ମଦନ ପୁର ଗାଁ ରେ ନିଜ ପୁରୁଣା ଘର ଭାଙ୍ଗି ନୂଆ ତିନି ମହଲା ଘର କରିଛନ୍ତି  । ସେତ ସହରରେ ରୁହନ୍ତି ମାଧିଆ ଏଠି ଘର ଜଗେ ବଗିଚାରେ ପାଣି ଦିଏ ଆକୁଆରୀୟମ ରେ ମାଛଙ୍କ ଯତ୍ନ ନିଏ । ଆଂଜ୍ଞା ମଝିରେ ମଝିରେ ସମୟ ମିଳିଲେ ଗାଁ ଘର ଆଡେ ଆସନ୍ତି  ।

ISSN NO.
2582-208X

ଏବେଦିନେ ଟିଭି ରେ ଚିହ୍ନା ଆଙ୍କାଙ୍କର କାର୍ଯ୍ୟକ୍ରମ ଦେଖୁଥିଲା ବେଳେ ଆଉ ଗୋଟେ ସମ୍ବାଦ କାର୍ଯ୍ୟକ୍ରମ ରେ ସେଇ ମହାତ୍ମା ଙ୍କର ଠକେଇ ଖବର ବାଜୁଥିଲା । ପୁରୋହିତଙ୍କ ଇଞ୍ଜିନିୟର ନାତି ଟୋକାଟା କହିଲା ଜେଜେମା ଏଇ ଜ୍ୟୋତିଷଙ୍କୁ ଟିକେ ଡାକିବା ଟିକେ ପ୍ଲାନିଂ ଦିଅନ୍ତେ ଏଇ ଆମ ରସୁଲଗଡ଼ ଜାଗାରେ ଘର କରିବା ପାଇଁ କାଳେ କୋଉଠି ବାସ୍ତୁ ଦୋଷ ରହିଯିବ । ଜେଜେମା ଆଖି ବଡ଼ ବଡ଼ କରି ନାତିକୁ ଅନେଇ କହିଲେ ତମ ଘର ତମ ଇଚ୍ଛା ତମେ ଯାହା କରୁଛ କର ମୁଁ ବା ଆଉ କେତେଟା ଦିନ ବଞ୍ଚିବି ଯେ ସେଠାରେ ଯାଇ ରହିବି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# କେତେ ବସନ୍ତ ଯାଇଛି ଚାଲି



ବିଶ୍ୱନାଥ କର

ଭେଳାଭୂମି ଖାଁ ଖାଁ
ମେଞ୍ଚାଏ ଶାମୁକାର ଖୋଳପା ବେଳାଭୂମି ସାରା
ସମୟର ଆଞ୍ଜୁଳା ରେ ସାତ ସମୁଦ୍ର ର ଭାର
ଏକା ଏକା ବର୍ଷା ରେ ନୀରବତା ର ଭୟଙ୍କର ରୂପ
ନୀଳ ରକ୍ତର ଦାଗ
ଶ୍ରାବଣ ଧୋଇ ପାରୁନି ବିଫଳ ପ୍ରେମର ରଙ୍ଗ
କେତେ ଫଗୁଣ ହଜିଗଲେଣି ଛାଡି ସାହାନାଇ ରାଗ

ସପନ ବୁଣୁଥିବା ଧ୍ରୁବତାରା
ଫାଲଗୁନ ରାତିର  ହସନ୍ତ ଜ୍ୟୋସ୍ନାର ମନ୍ଦମନ୍ଦ ହସ
ସବୁ ଅଲୋଡା ବାଲି ପରି ନିଃସ୍ୱ
ଶୁଆ ଆଖିରେ ଲୁହ ଶାରୀ ଆଖିରେ ବି
ସପନ ଦ୍ୱୀପରେ ଭଗ୍ନ ଚାରୁଶିଳାର ଚାରୁକଳା
ଝାଉଁଳି ଯାଇଛି ଯୁଇଫୁଲ ।

ଇତିହାସ କେତେ ମନେରଖିବ
ନିଆଁ ରେ ଆଉଟା ଫଗୁଣ
ଯୁଗ ଯୁଗ ଧରି ଦେଇଥିବା ପ୍ରଶ୍ନ ର ଉତ୍ତର

ISSN NO.
2582-208X

ଗଣ୍ଠି କେତେ ଅଡୁଆ ସୁତା ର
କେତେ ମନେ ରଖିବ ଇତିହାସ
ଫୁରୁ ଫୁରୁ ଉଡୁଥିବା ଅଧା ଲେଖା କବିତା
ତାଜ୍ ର ଚଟାଣରେ ଗଡୁଥିବା
ଭଙ୍ଗା ମନର ଖଣ୍ଡ ଖଣ୍ଡ କାଚଘରର କଥା ।

କେତେ ବସନ୍ତ ଚାଲିଯାଇଛି ଫୁଲର ମହକ ଛାଡ଼ି
ବେଳାଭୂମି ର ଭଙ୍ଗା ଶାମୁକା ଭିତରେ
ବିସ୍ମୃତି ଚିତାରେ
ଅସମ୍ପୂର୍ଣ୍ଣ ମଞ୍ଚ ତଳର କୋଳାହଳେ
ସମୁଦ୍ର ଭଳି ସମୟ ବି କିଛି ରଖିନି ନିଜ ପାଖରେ
ସମୁଦ୍ର ଘୁଞ୍ଚି ଯାଇଛି ମାଇଲ ମାଇଲ୍ ଦୂରେ ।

ବାଲିଘରେ ପ୍ରାଣର ପ୍ରତିମା ଗଢିବା କ'ଣ ସହଜ କଥା
ସହଜ କଥା କଣ ଅଭିନୟର ମିଛି ମିଛିକା ଆକାଶେ
ଏତେ ସବୁ ତାରା ଫୁଟେଇବା
ଅରୁନ୍ଧତୀ ତାରାର ଆଲୋକେ ପ୍ରେମର ବୟସ କଳିବା ।

ସାଇ କଲୋନୀ,ଦେଉଳସାହି,
ତୁଳସୀ ପୁର,କଟକ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ଭଲ ପାଇବାର ହଲପ କରିଲେ



ତାରାପ୍ରସାଦ ଜେନା

ଭଲ ପାଇବାର ହଲପ କରିଲେ
ମାନନାହିଁ ତୁମେ ଏବେ
ଜାଣି ମୁଁ ନଥିଲି ଏମିତିକା କଥା
ବଦଳିବ ଆହା କେବେ
......ଭଲ ପାଇବାର ହଲପ କରିଲେ .....! ୦ !

ଇଚ୍ଛା ମୋର ସବୁ ପୁଣ୍ୟ କାରବାର
ନୁହେଁ ପାପ ଅବିଚାର
ଆଜି ତୁମ ପାଇଁ ଦିନରାତି ଯେତେ
ଅଶ୍ରୁନାହିଁ ଅଭିସାର,
ହସ ମୂଲ୍ୟ ମୋର ଭୁଲ୍ ବୁଝାମଣା
ଲୁହ କାଳେ ସତ ହେବେ
......ଭଲ ପାଇବାର ହଲପ କରିଲେ .....! ୧ !

ଅନାହତ ପ୍ରାଣ ଗାଉଥିଲା ଗୁଣ
ଆଜି କଲ କାହିଁ ବନ୍ଦ
ଘୃଣା ସପନକୁ ଭୟ ବେଶି ଘାରେ
ହଜିଯାଏ ମୃଦୁ ଛନ୍ଦ,

ISSN NO.
2582-208X

ରାଗ ଅନୁରାଗ ଶାନ୍ତି ତୋଳି ଆଣୁ
ପୁଣି ମୋର ଏଇ ଭବେ
......ଭଲ ପାଇବାର ହଲପ କରିଲେ .....! ୨ !

ସୁଖ ଆଞ୍ଜୁଳାରେ ଦିଅନାହିଁ ଦୁଃଖ
ମୃତ୍ୟୁ ଭଳି ଲାଗେ ବାଧା
କାଟି ଦିଅନାହିଁ ପ୍ରୀତି ଯାଚନାକୁ
କୃଷ୍ଣ ଆଉ ସେଇ ରାଧା,
ତୁମ ସମଦୃଷ୍ଟି ଆଶାଘର କୃଷ୍ଟି
ସଖୀ ମୋର ପାଖେ ଭାବେ
......ଭଲ ପାଇବାର ହଲପ କରିଲେ .....! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

ବେଦାନ୍ତୀ

# ଶ୍ରୀମନ୍ଦିରରେ ଗୁରୁବାରରେ ଏକାନ୍ତ ନୀତି



ମାଳତୀ ଦେବୀ

କାନ୍ତ୍ୟା କାଞ୍ଚନସନ୍ନିଭାଂ ହିମଗିରି ପ୍ରଖ୍ୟୈ ଶ୍ଚତୁର୍ଭିର୍ଗଜୈ ।
ହସ୍ତୋତ୍କ୍ଷିପ୍ତ ହିରଣ୍ମୟାମୃତ ଘଟୈ ରାସିଚ୍ୟମାନାଂଶ୍ରିୟମ୍ ॥
ବିଭ୍ରାଣାଂ ବରମବ୍‌ଜଯୁଗ୍ମମଭୟାଂ ହସ୍ତୈଃ କିରୀଟୋଜ୍ଜ୍ୱଳାଂ ।
କ୍ଷୋମାବଦ୍ଧ ନିତମ୍ବବିମ୍ବ ଲଳିତାଂ ବନ୍ଦେଽରବିନ୍ଦସ୍ଥିତାମ୍ ॥

ଅର୍ଥାତ୍, ଯାହାଙ୍କର କାନ୍ତି ଶୁଦ୍ଧ ସୁବର୍ଣ୍ଣ ପରି ପ୍ରଭାମୟ ଏବଂ ଯାହାଙ୍କୁ ହିମାଳୟ ପରି ଉଚ୍ଚ ଓ ଶୁଭ୍ର ଚାରିଟି ଶ୍ୱେତ ଗଜରାଜ ନିଜର ଶୁଣ୍ଢରେ ଅମୃତକଳସ ଧାରଣ କରି ଅହରହ ଅଭିଷେକ କରୁଥା'ନ୍ତି; ଯେ ନିଜର ଚତୁର୍ହସ୍ତରେ ଯଥାକ୍ରମେ ବରଦ ଓ ଅଭୟମୁଦ୍ରା ଏବଂ କମଳ ପୁଷ୍ପ ଧାରଣ କରିଥାଆନ୍ତି; ଯାହାଙ୍କର ମସ୍ତକ ଉଜ୍ଜ୍ୱଳ ବର୍ଣ୍ଣର ଭବ୍ୟ କିରୀଟ ଦ୍ୱାରା ଶୋଭିତ; ଯାହାଙ୍କର କଟିଦେଶରେ କୌଶେୟ ବସନ ଶୋଭା ପାଉଥାଏ; ପ୍ରସ୍ଫୁଟିତ ପଦ୍ମ ଉପରେ ଆରୂଢ଼ା, ସେହି ଭଗବତୀ ଲକ୍ଷ୍ମୀଙ୍କୁ ମୁଁ ବନ୍ଦନା କରୁଛି ।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପ୍ରତ୍ୟେକ ଗୁରୁବାର ଦିନ ରାତ୍ରରେ ଏକାନ୍ତ ନୀତି ହୋଇଥାଏ। ଏକାନ୍ତ ଅର୍ଥ ସ୍ୱୟଂ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ଏକତ୍ର ମିଳିତ ହୋଇଥାନ୍ତି । ଏକାନ୍ତ ନୀତି ଆରମ୍ଭ ହେବା ପୂର୍ବରୁ ଦୁଇଖଣ୍ଡ ଆଜ୍ଞାମାଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଲାଗି ହୁଏ । ଖଣ୍ଡିଏ ତୁଳସୀ ମିଶା ମାଳ ଦକ୍ଷିଣ ଭୁଜରେ ଓ ଖଣ୍ଡିଏ ସାଧାମାଳ ବାମ ଭୁଜରେ ଲାଗି ହୋଇଥାଏ। ସନ୍ଧ୍ୟା ଧୂପ ବଢ଼ିବା ପରେ ମହାଜନ ସେବକମାନେ

ISSN NO.
2582-208X

ଶ୍ରୀମଦନମୋହନଙ୍କୁ ଦକ୍ଷିଣି ଘରୁ ନେଇ ରତ୍ନସିଂହାସନରେ ବିଜେ କରାଇଥାନ୍ତି । ଏହି ବିଜେ ସମୟରେ ବିଡୁଆ ସେବକ ଛାମୁ ଦିହୁଡି ଧରି ଆଗେ ଆଗେ ଆସିଥାନ୍ତି ।

ଏହାପରେ ପୂଜାପଣ୍ଡା ଲାଗି ହୋଇଥିବା ଦୁଇଟି ଆଜ୍ଞାମାଳ ମଧ୍ୟରୁ ଖଣ୍ଡିଏ (ତୁଳସୀ ମିଶା) ଶ୍ରୀମଦନମୋହନଙ୍କୁ ଓ ଖଣ୍ଡିଏ (ସାଧା) ମାଳ ଶ୍ରୀଦେବୀଙ୍କୁ ଲାଗି କରାଇଥାନ୍ତି । ଏହାକୁ ଶ୍ରୀମନ୍ଦିର ପରିଭାଷାରେ 'ଆଜ୍ଞାମାଳ' ନାମରେ ଅଭିହିତ କରାଯାଇଥାଏ ତତ୍ପରେ ମହାଜନ ସେବକମାନେ ଶ୍ରୀଦେବୀ ଓ ଶ୍ରୀମଦନମୋହନଙ୍କୁ ରତ୍ନସିଂହାସନରୁ ଆଣି ମୁକ୍ତିମଣ୍ଡପ ତଳେ ରଖାଯାଇଥିବା  ପାଲିଙ୍କିରେ ବିଜେ କରାଇଥାନ୍ତି ।

ଏହି ସମୟରେ ବିଡୁଆ ଛାମୁ ଦିହୁଡି ଧରିଥାନ୍ତି ଘଣ୍ଟୁଆ ଘଣ୍ଟ ବଜାଇ ଛତାର ଛତ୍ର ଧରି ଆଗେ ଆଗେ ଚାଲିଥାନ୍ତି ବିମାନବଡୁମାନେ ପାଲିଙ୍କି ନେଇ ସରସ୍ୱତୀ ମନ୍ଦିର ସାମନା ନିଶା ନୃସିଂହଙ୍କ ନିକଟରେ ରଖିଥାନ୍ତି  ସେଠାରୁ ମହାଜନ ସେବକମାନେ ଦିହୁଡି, ଘଣ୍ଟ ଓ ଛତି ସହ ଉଭୟ ପ୍ରତିମାଙ୍କୁ ହସ୍ତରେ ବିଜେ କରାଇ ନେଇ ସରସ୍ୱତୀଙ୍କ ମନ୍ଦିର ଭିତରେ ପ୍ରବେଶ କରି ସେଠାରୁ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନକୁ ଯାଇଥାନ୍ତି ପୂର୍ବରୁ ଜଗମୋହନରେ ଏକ କାଷ୍ଠ ନିର୍ମିତ ପଲଙ୍କ ପଡିଥାଏ । ତହିଁ ଉପରେ ଉଭୟ ପ୍ରତିମା ବିଜେ କରିଥାନ୍ତି ତତ୍ପରେ ଭିତରଛ ମହାପାତ୍ର ପ୍ରସାଦ ଲାଗି କରନ୍ତି ଓ ସୁଦୁସୁଆର, ଆସ୍ଥାନ ପଢିଆରୀ ପୂଜା କରନ୍ତି। ଏହି ପୂଜା ନିମନ୍ତେ ଦୁଇ ସରା କୋରା ଯୋଗାଯାଇଥାଏ।

ଜଣେିକ ପୂଜାପଣ୍ଡା ସେବକ ପୂଜାରେ ବସନ୍ତି ଭୋଗ ଶେଷ ହେବା ପରେ କର୍ପୂର ଓ ବଳିତା ଆଳତି ହୁଏ ଏହାପରେ ଅକ୍ଷତ ବନ୍ଦାପନା ହୋଇଥାଏ । ବନ୍ଦାପନା ନୀତି ଶେଷ ହେବା ପରେ ଶ୍ରୀଦେବୀ ଓ ଶ୍ରୀମଦନମୋହନ ପାଲିଙ୍କିରେ ବିଜେ ହୋଇ ଭିତର ବେଢାସ୍ଥ ସାତ ପାହାଚ ଦେଇ ଗରୁଡ ସ୍ତମ୍ଭ ସମ୍ମୁଖସ୍ଥ ଜଗମୋହନରେ ବିଜେ କରନ୍ତି। ଏଠାରୁ ଶ୍ରୀଦେବୀ ରସିଂହାସନକୁ ଓ ଶ୍ରୀମଦନମୋହନ ଦକ୍ଷିଣି ଘରକୁ ବିଜେ ହୋଇଥାନ୍ତି । ଗୁରୁବାର ଦିନ ଏକାଦଶୀ ପଡ଼ିଲେ, ଏହିପରି କେତୋଟି ଦିନମାନଙ୍କରେ (ସୂର୍ତ୍ତଲିପିରେ ସୂଚିତ) ଏକାନ୍ତ କିମ୍ବା ମାଜଣା ହୁଏ ନାହିଁ । ନିମ୍ନଲିଖିତ ସେବକଙ୍କ ଦ୍ୱାରା ମାଜଣା, ଏକାନ୍ତ ନୀତି ହୁଏ:

ISSN NO.
2582-208X

୧. ମହାଜନ ୬ ଜଣ, ୨. ସୁଧ ସୁଆର, ୩. ପର୍ବଯାତ୍ରା ଯୋଗାଣିଆ, ୪. ଆସ୍ଥାନ ପଢ଼ିଆରୀ, ୫. ଚନ୍ଦନ ଘଟୁଆରୀ, ୬. ପୂଜାପଣ୍ଡା, ୭. ଭିତରଛୁ, ୮. ପାଳିଆ ପୁଷ୍ପାଳକ, ୯. ବିମାନବଡୁ, ୧୦. ଛତାର, ୧୧. ଘଣ୍ଟୁଆ, ୧୨. ଖଟଶେଯ ମେକାପ ।

ପୌରାଣିକ କଥା

ପ୍ରତି ଗୁରୁବାର ଦିନ ରାତି ଅଧରେ ଜଗନ୍ନାଥ ଆସନ୍ତି ଲକ୍ଷ୍ମୀଙ୍କ ମନ୍ଦିରକୁ ତା ନାମ ହେଲା ଏକାନ୍ତ ସେବା । ଏହି ସେବାରେ ଲକ୍ଷ୍ମୀ ଜଗନ୍ନାଥ ବସିବେ ଗୋଟେ ଖଟ ପଡ଼ିଥିବ ବସିକି କଥା ବାର୍ତ୍ତା ହେବେ । ଏବଂ ଲକ୍ଷ୍ମୀ କାକରା ଦେବେ ଖାଇବାକୁ ।

ସେତେବେଳେ ପଞ୍ଚସଖା ଯୁଗ । ବଳରାମ ଦାସ ଙ୍କ ଘର ହେଲା କୋଣାର୍କ ପାଖରେ ଏରବଙ୍ଗ । ସେ ସେଠାରୁ ସବୁଦିନ ଚାଲିଚାଲି ଆସନ୍ତି ମନ୍ଦିରକୁ । ଦୁଇଟି ଘୋଡା ଅଛନ୍ତି ସିଦ୍ଧ ଅନ୍ୟଟି ସମର୍ଥ । ରାଜା ଯେବେ ଆସିବେ ମନ୍ଦିରକୁ ଦକ୍ଷିଣ ଦ୍ୱାର ଦେଇକି ଆସନ୍ତି । ଦକ୍ଷିଣ ପଟେ ଗଲେ ଆଗେ ଗଣେଷଙ୍କୁ ଦର୍ଶନ କରିବା । ବଳରାମ ଦାସ ସେଇପଟେ ଯାଆନ୍ତି । ଗରୁଡ ପଛରେ ଛିଡା ହୋଇ ଦର୍ଶନ କରନ୍ତି । ଜଗନ୍ନାଥ ଙ୍କ ଚକାଆଖି ସହ ନିଜ ଆଖିକୁ ମିଶାଇ ଦିଅନ୍ତି କାନ୍ଦି ପକାନ୍ତି । ଦୂରରୁ ଦର୍ଶନ କରିବା ବିଧି ଅଛି । ଗରୁଡ଼ ପଛରେ ଥାଇ ଦର୍ଶନ କଲେ ପ୍ରଭୁ ସିଧା ଆମକୁ ଦେଖନ୍ତି ତାଙ୍କ ଆଖି ସହ ଆଖି ମିଶି ଯାଏ । ତାଙ୍କର ସେ ଦିବ୍ୟ ରୂପ କୁ ଭଲ ଭାବରେ ଦେଖିହୁଏ । ସେତେବେଳେ ପଞ୍ଚସଖାମାନେ ଜଗନ୍ନାଥ ଙ୍କ ସହ କଥା ହେଇପାରନ୍ତି । ଦିନେ ବଳରାମ ଦାସ ଗରୁଡ଼ ପଛରେ ଥାଇ କି ଦର୍ଶନ କରୁଛନ୍ତି । ସେତିକିବେଳେ ଜଗନ୍ନାଥ ଆସି ପହଞ୍ଚିଗଲେ ଜଗନ୍ନାଥ କହୁଛନ୍ତି ଜେଜେ ପଳେଇ ଆସ ପଳେଇ ଆସ, ଜେଜେ ବଳରାମ ଦାସ ହେଲେ ନାତି ଜଗନ୍ନାଥ । ଦୁହିଁକ ଭିତରେ ଅଜା ନାତି ସମ୍ପର୍କ । ଦାସେ କହିଲେ କଣ ହେଲା ? ଜଗନ୍ନାଥ କହିଲେ ନା ଯିବା । ନା କୁଆଡେ ଯିବା ! ଥରେ ତ ଯିବା ବୋଲି କହି ପଣସ ଖାଇବାକୁ ନେଇଥିଲୁ ଏମିତି ମାଡ ହେଲା ଯେ ମୋ ପିଠି ରେ କୂଅ ଖୋଳିଦେଲେ । ଆଉ ଥରେ ତତେ କହି ଯାଇଥିଲି ବେସିଆ ଘରକୁ ରଥଯାତ୍ରା ରେ ତୋ ସେବକ ମତେ ପେଲିଦେଲେ ମରିଥାନ୍ତି ସେଦିନ । ତାପରେ ଯୋଉ ବାଲି ରଥ କଲି ତୁ ଆସି ଦେଖା ଦେଲୁ । ଆଜି ପୁଣି କୁଆଡେ ?

ISSN NO.
2582-208X

କାକେରା ଖାଇବାକୁ ଯିବା । ନା କୋଉଠିକି ? ଆଜି ଗୁରୁବାର ନା ଗୁରୁବାର ତ କଣ ହେଲା? ନା ମୁଁ ଲକ୍ଷ୍ମୀଙ୍କ ମନ୍ଦିର କୁ ଯିବି । ତୁ ତୋର ଯିବୁ ମୁ କଣ କରିବି ! ନା ମୁଁ ଲକ୍ଷ୍ମୀଙ୍କ ମନ୍ଦିର କୁ ଯିବି ଲକ୍ଷ୍ମୀ ମତେ କାକେରା ଖାଇବାକୁ ଦେବେ ତୋର ଖାଇବାକୁ ଇଚ୍ଛା ନାହିଁ ? ହଁ ଅଛି ଯେ ହେଲେ ୧ ଟେ କି ୨ ଟା ରାତି ହେବ ମୁଁ ପଳେଇବି ମୁଁ ଦୂରରୁ ଆସିଛି । ନା ଚାଲେ ଚାଲେ ମୋ । ପାଲେଇ ଆସେ , ନାଇଁ ନାଇଁ ତୋ ଉପରେ ଭରଷା ନାହିଁ । ପ୍ରଭୁ ଯାହାକୁ ଅନୁନୟ ବିନୟ କରିବେ ସେ ବା କେମିତି ମନାକରିବ ।

କହୁଚୁ ଯଦି ଯିବି ଯେ ହେଲେ କେମିତି ଯିବି ! ନା ମୁଁ ଯିବି ଲକ୍ଷ୍ମୀଙ୍କ ମନ୍ଦିରକୁ ମତେ ନେବେ ବିମାନବଡୁ ମାନେ ତୁ ମୋ ସାଙ୍ଗରେ ଆସିବୁ । ନା ତା ପରେ ! ନା ଲକ୍ଷ୍ମୀ ଙ୍କ ମନ୍ଦିର ରେ ବଡ଼ ଖଟ ପଡିବ ଆଉ ଖଟ ତଳେ ତୁ ବସିବୁ କିଏ କାଇଁ ଜାଣିବ ଯେ । ନା ଆଛା ଠିକ ଅଛି । ନା ଲକ୍ଷ୍ମୀ ମତେ ଖାଇବାକୁ ଦେଉଥିବେ ମୁ ଗୋଟେ ଗୋଟେ କାକେରା ପଛ ଆଡ଼େ ପକଉଥିବି ତୁ ଖାଉଥିବୁ । ସେ କହିଲେ ବଢିଆ ତ । ଚାରିଗୋଡିଆ ଖଟ ପଡିଲା । ବଳରାମ ଦାସ ଯାଇ ଖଟ ତଳେ ଲୁଚିଲା । ଜଗନ୍ନାଥ ମହାଲକ୍ଷ୍ମୀ ବସିଲେ ଖଟ ଉପରେ । ପ୍ରଭୁ ଗ୍ରହ ଅନୁସାରେ ଲୁଗା ପିନ୍ଧନ୍ତି । ସେଦିନ ଗୁରୁବାର ହଳଦିଆ ପାଟ ପିନ୍ଧିଛନ୍ତି । ମହାଲକ୍ଷ୍ମୀ ବି ହଳଦୀଆ ପାଟ ଶାଢ଼ୀ ପିନ୍ଧିଛନ୍ତି । "ହାତ ପୋଡା କାକେରା" ଦିଆ ଗଲା ପ୍ରଭୁଙ୍କୁ । ବିସାଳ କାୟ ହାତେ ଭଳିଆ କାକେରା ଛେନା ଘିଅ ସରି ସରି କର୍ପୁର ଗୋଲମରିଚ ପଡିକି ସ୍ପେଶାଲ କାକେରା ହେଇଚି । ସେ କାକେରା ଶରୀରର ଯୋଉ ବାଟ ଦେଇ ଯିବ ପୁରା କମ୍ପେଇ ଦେଇ ଯିବ ଏତେ ସ୍ୱାଦିଷ୍ଟ । ମହାଲକ୍ଷ୍ମୀ ପୁଣି ସ୍ୱାମୀ ଆସିବେ ବୋଲି ନିଜ ହାତରେ ବନେଇଛନ୍ତି ।

ଆରେ ଆକୁ ତ ନିଅଁଟ ଭୋଜନୀ ଦିଅଁ ଇଏ । ଇନ୍ଦ୍ରଦ୍ୟୁମ୍ନ ଙ୍କୁ କହିଛନ୍ତି ମୁ ଖାଲି ଖାଇବାକୁ ଅଛି ଏଠି । ଆକୁ ତ ଖାଇବା ନିଅଁଟ ହେବ ନା କଣ । ରାତି ୧ ଟେ ବାଜିଲାଣି ଆରେ ଭୋକ ପେଟ ହାକୁ ହାକୁ ହେଲାଣି । କହିଲା କି ହତ ଭାଗା ସାଙ୍ଗରେ ଆସିଲି ବଳିଆ ଦାସ ବିଚରା କହୁଛି । ଏଇଟା ସବୁ ଖାଇଦେବ ଲୋ ବାପା ଏଇଆ କହି ବହେ ଗାଳି କଲା । ଏତିକି ବେଳେ ସେ ଭାବିଲା କେମିତି କଣ କରି ତାକୁ କହିହେବ ଯେ ମୁ ଅଛି ତଳେ ବୋଲି ନହଲେ ଖାଉଥିବ ଯଦି ଖାଉଥିବ । ସେ ଦେଖିଲା ପଟା ମଝିରେ ଫାଙ୍କ ଅଛି ଆଉ ସେ ଫାଙ୍କ ବାଟେ ଲୁଗା ଟା ଟିକେ ତଳକୁ ଖସିଛି । ସେ କହିଲା ପାଟି କଲେ ସିନା ଲକ୍ଷ୍ମୀ

ISSN NO.
2582-208X

ଜାଣିଦେବ ଯେ ମୁ ଅଛି ବୋଲି ଏଇ ପଟେ ଚୁପ କିନା କାଳିଆ ର ଲୁଗା ଟାଣି ଦେବି ଆଉ ସିଏ ମତେ ଇଏ ଫାଙ୍କ ବାଟେ କାକେରା ଦେବ ମୁ ଖାଇବି । ଏତିକି ଭାବି ଲୁଗାଟା ତଳକୁ ଟାଣିଲା ବଳିଆ ଦାସ । ଜେତେବେଳେ ଲୁଗା ଟା ତଳକୁ ତଳକୁ ଗଲା ଲକ୍ଷ୍ମୀ ମା ଜଗନ୍ନାଥ ଙ୍କୁ କହିଲେ ନାଥ ନା ମୋ ଲୁଗା ଟା କଣ ତଳକୁ ତଳକୁ ଜାଉଚି ! ଜଗନ୍ନାଥ ଙ୍କର ଯାଇ ସେତେବେଳେ ହୋସ ଆସିଲା ଆରେ ହତଭାଗା ଟା ଖାଇବାକୁ ପାଇନି ବୋଲି ଟଣା ଟଣି କଲାଣି । ବଳିଆ ଦାସ କାନରେ କଥା ପଡିଲା ଆରେ ବିଜୁଳି ଲୋ ମା ଇଏ ବାପା ଲୋ ଏଇ ଟା ଲକ୍ଷ୍ମୀ ଙ୍କ ଲୁଗା ମୁ ଜଗନ୍ନାଥ ଙ୍କ ଲୁଗା ଭାବି ଟାଣିଦେଲି । ଜେତେବେଳେ ବଳରାମ ଦାସ ଛାଡି ଦେଲା ଲକ୍ଷ୍ମୀ ଲୁଗାଟିକୁ ଉପରକୁ ନେଇଗଲେ । ବଳିଆ ଦାସ ତଳେ ସାଇଡ ଚେଞ୍ଜ କଲା ଆରପଟ କୁ ପଳେଇଲା ଯୋଉ ପଟେ ଜଗନ୍ନାଥ ବସିଛନ୍ତି । ପ୍ରଭୁ କହିଲେ ପଟା ଗୁଡାକ ଠିକ ନାହିଁ ସେଥିପାଇଁ ଲୁଗା ଲାଗିକି ଟାଣି ହେଇଜାଉଥିବ । ପ୍ରଭୁ ଜାଣିଲେ ବଳିଆ ଦାସ ସେଇପଟେ ବସିଛି ସେ କହିଲେ ହଉ ତମେ ଏଇପଟ କୁ ପଳେଇ ଆସ ମୁଁ ସେଇପଟ କୁ ଯାଉଛି । ପ୍ରଭୁ ମଧ୍ୟ ସାଇଡ ଚେଞ୍ଜ କଲେ । ଏପଟେ ବଳିଆ ଦାସ ତଳେ ସାଇଡ ଚେଞ୍ଜ କଲା ଆଉ ଉପରେ ପ୍ରଭୁ ଭି କଲେ । ଅର୍ଥାତ ଏବେ ପୁଣି ଲକ୍ଷ୍ମୀ ଯୋଉଠି ବସିଛନ୍ତି ବଳିଆ ଦାସ ଭି ଠିକ ତା ତଳେ । ଯେମିତି ପୁଣି ଥରେ ବଳିଆ ଦାସ ଲୁଗା ଟାଣିଲା ମହାଲକ୍ଷ୍ମୀ ଙ୍କ ସନ୍ଦେହ ହେଲା ଆଉ ତଳକୁ ଦେଖନ୍ତି ତ ବଳିଆ ଦାସ ବସିଛି । ଲକ୍ଷ୍ମୀ ତାକୁ ଦେଖି ରାଗିକି ନିଆଁ । ଆଉ ବଳିଆ ଦାସ ଭି କଣ କରିବ ସେ ବି ଭୋକ ର ଜ୍ୱାଳା ରେ ଜାଣି ପାରିନି ଭାବିଛି ଜଗନ୍ନାଥ ଙ୍କ ଲୁଗା ବୋଲି । କାକତି ମିନତୀ ହେଲା ନିଜେ କରିଥିବା ଭୁଲ ପାଇଁ କ୍ଷମା ମାଗିଲା । ଜଗନ୍ନାଥ ଭି କହିଲେ ଆର କିଛି ଭୁଲ ନାହିଁ ମୁଁ ତାକୁ ଡାକିକି ଆଣିଥିଲି ସବୁ ଭୁଲ ମୋର ବିଚରା ଟା ଉପରେ ରାଗନହିଁ । ହତଭାଗ ଟା ମୋ ପାଇଁ ଉପାସ ରେ ବସିଛି ତଳେ । ଏହା ପରେ ମହାଲକ୍ଷ୍ମୀ ଶାନ୍ତ ହେଲେ ଆଉ ସେଠାରୁ ବଳିଆ ଦାସ ଆଉ ଜାଗନ୍ନାଥ ଦୁହେଁ ପ୍ରସ୍ଥାନ କଲେ । ଫେରିଲା ବାଟରେ ବଳିଆ ଦାସ କହିଲା ଆଉ ତୋ କଥାରେ ପଡି ଆସିବିନି ଲୋ ବାପ ତୋ ସ୍ତ୍ରୀ ଆଜି ମତେ ଜୀବନ ରୁ ମାରିଦେଇଥାନ୍ତା ।

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ରଜ



ପୁଜା ଷାଣ୍ଢ

ଅପେକ୍ଷାର ଅନ୍ତ ରଜରେ
ଆଶାମନେ ଦୁହିତାଙ୍କରେ
ଇଚ୍ଛା ଚାରୁରୂପେ ମଣ୍ଡିରେ
ଈର୍ଷାରେ ଭାସ୍କର ଭାସ୍ୱରେ
ଉପାଦାନ କେତେ ରଜରେ
ଊର୍ଦ୍ଧ୍ୱ ପହେଲି ରଜ ସଜରେ
ଋତୁ ଯେ ଆଷାଢ଼ ଛୁଆଁରେ
ଏ ରଜ ସଂକ୍ରାନ୍ତି ଦିନରେ
ଐକ୍ୟ ପରବ ତନୟାର
ଓ ଏ ଦିନ ସଜବାଜର
ଔଷମ୍ୟ ବସୁଧା ମାଆଁର
କର୍ମେ ମୁକ୍ତି ଅପବିତ୍ରର
ଖଣ୍ଡିଆ ମାଟିକୁ ନ କରି
ଗୀତବୋଲି ଆନନ୍ଦ ଭରି
ଘରେ ଶୀଳକୁ ପୂଜାକରି
ଚାରୁପୁଷ୍ପ ଆଦି ସିନ୍ଦୁରି
ଛୁଇଁଯାଏ  ରଜ ନାମରେ
ଜଳସ୍ନାନ ପହେଲି ରଜରେ
ଝରାଇ ହଳଦି ତନୁରେ
ଟିକି ମନକୁ ଆନନ୍ଦରେ

ISSN NO.
2582-208X

ଠୁଳହୋଇ ମଜନ୍ତି ମୌଜରେ
ଡଙ୍ଗା ପରି ଭାସେ ଦୋଳିରେ
ଢାଲଇ ଅଳିଆ ପାଦରେ
ତରଙ୍ଗାୟିତ ପାଉଁଜୀରେ
ଥାଆନ୍ତି ସଜେଇ ସୁନ୍ଦରେ
ଦୋଳିଖେଳ ମୁଖ୍ୟ ସତରେ
ଧୀର ମନା ହୁଏ ଚଞ୍ଚଳରେ
ନ ଖାଆନ୍ତି ଲୁଣ ଏଦିନରେ
ପୋଡାପିଠା କେତେ ପ୍ରକାରେ
ଫଳ ଆଦି ଦ୍ରବ୍ୟ ଖାଇରେ
ବସୁଧା ସ୍ନାନ ଶେଷେ କରେ
ଭାବମୟ ଏ ପରବରେ
ମାଟି ଉପରେ ଖାଲି ପାଦରେ
ଯାଆନ୍ତି ନାହିଁ ଚାଲିରେ
ରଜପରବ ତିନିଦିନରେ
ଲାଗେ କୌତୁକ ବାସ୍ତବରେ
ଶାଢୀ, ଚୁଡି, ଅଳଙ୍କାରରେ
ଷୁଧାମି ଦିଶେ ନନ୍ଦିନୀରେ
ସାଙ୍ଗହୋଇ ହୁଅନ୍ତି ସଜରେ
ହର୍ଷମନେ ତିନିଦିନରେ
କ୍ଷଣିକ ଏହି ସମୟରେ

ଜିଲ୍ଲା-ବରଗଡ଼
ବିଜେପୁର ଡୀଗ୍ରୀ କଲେଜ
ଓଡ଼ିଆ ସମ୍ମାନ ୨ୟ ବର୍ଷ

ISSN NO.
2582-208X

# ଶେଷ ଯାତ୍ରା



ଅନନ୍ତ କୁମାର

ସଭିଙ୍କୁ ଦିନେ ବିଦାୟ ନେବାକୁ ହେବ
ସଂସାର ରଙ୍ଗ ମଞ୍ଚରୁ
ସଭିଙ୍କୁ ଦିନେ ଡାକରା ଆସିବା ହେବ
ନିଜ ଗାଆଁ ଶଶ୍ମାନରୁ ।
କୋକେଇ ବନ୍ଧା ହେବ ସଭିଙ୍କ ପାଇଁ
ଛଅ ଖଣ୍ଡ ବାଉଁଶ କାଠରେ
ହରିବଲ ରାମ ନାମ ପଡିବ ଚହଳ
ସଭିଙ୍କ ବିଦାୟ ସମୟରେ,
ବାହୁନି କାନ୍ଦିବେ ଘର ବନ୍ଧୁ ବାନ୍ଧବ
ଉଠିବ ଯେବେ ତ ଶବ
ସାହି ଭାଇ କାନ୍ଧେଇ ନେବେ ଶଶ୍ମାନକୁ
ଅଭିନୟ ଶେଷ ହେବ ।
ଖଇ କଉଡି ବିଞ୍ଚି ଗଙ୍ଗା ଜଳ ଛିଞ୍ଚି
ନେବେ ଗାଆଁ ଦାଣ୍ଡେ ତତେ
ଛଅ ଖଣ୍ଡ କାଠରେ ନିଆଁ ଜାଳି ଦେଇ
ଭୁଲି ଯିବେ ସବୁ ତତେ ।

ଲିଭିବ ଚିହ୍ନ ବର୍ଣ୍ଣ ସବୁ ତୋର
ଶଶ୍ମାନେ ଗଡିବୁ ଯେ ଭଙ୍ଗା ହାଣ୍ଡି ହେଇ
ଅଭିନୟ ସରିବ ସେହି ଦିନ
ଶେଷ ଯାତ୍ରାରେ ଯିବୁ ତୁ ବିଦାୟ ନେଇ ।

ତିହିଡି, ଭଦ୍ରକ,
ଯୋଗାଯୋଗ-୮୩୩୯୯୩୯୯୨୯
କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି
ଲେଖକ ସଂଗଠନ

ISSN NO.
2582-208X

# ନିଅନ୍ତା କି ଯମ ଡାକି



ଶିଶିର କୁମାର ପଣ୍ଡା

କାହିଁକି କେଜାଣି ବୋଲ ମାନୁନାହିଁ
ଶରୀର ଏଣିକି ଆଉ
ବୟସ ସହିତ ବଢ଼ି ବଢ଼ି ଚାଲେ
ଅଚିହ୍ନା ରୋଗର ଦାଉ ।
ଅଳପ ଖାଇଲେ ପେଟ ପୁରିଯାଏ
ଉଜାଗରେ କଟେ ରାତି
ଓଉଷଧ ଦେଖି ଆସିଲାଣି ଚିଟା
ଦମ ଦମ ହୁଏ ଛାତି ।
ଆଖିକୁ ଦିଶୁନି କାନକୁ ଶୁଭୁନି
ଏକଥା କହିଲେ ଦୋଷ
ଟିକେଇକି ବୋହୂ କଥା କହିଲାଣି
ମନରେ ବହିକି ରୋଷ ।
ହଗାମୁତା ଏବେ ଲୁଗାରେ ପଡୁଛି
ପାଦ ଯାଉଅଛି ଲାଖି
ଆଉ ଦହଗଞ୍ଜ କେତେ ମୁଁ ହୋଇବି
ନିଅନ୍ତା କି ଯମ ଡାକି ।

କୁଆଁସ, ମେରଦା କାଟିଆ , ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଅଭିଶପ୍ତ ଅପରାହ୍ନ



ଅଶୋକ କୁମାର ସେଠୀ

ସତରେ...! ଆମ ପାରିବାରିକ ଜୀବନ କଣ ଏତେ ବିପର୍ଯ୍ୟସ୍ତ ... ?

ଆବେଗର ବେଗ କେବେ ଚଳ ଚଞ୍ଚଳ ତ କେବେ ନିରବ ନିଶ୍ଚଳ । ଅମାପ ଏ ଶୂନ୍ୟତା ଭିତରେ ଅହରହ ମୁହୂର୍ତ୍ତର ଗତି । ସମୟ କେବେ ପରସି ଦିଏ ଫାଙ୍କ ଫାଙ୍କା ସମ୍ମୋହନ ତ କେବେ ପୁଣି ଯାତନା ଦହନ । ସମ୍ପର୍କର ମିଶାଣ ଫେଡ଼ାଣ ଦେଇ ଅତିକ୍ରମ କରିଥିବା ମୁହୂର୍ତ୍ତ ମାନେ ସବୁ ଏମିତି । ସବୁଠି ଏବେ ନିର୍ଜୀବ ଆଦର । ଜୀବନର ଉଠାଣି ଗଡ଼ାଣି ଭିତରେ ବାନ୍ଧି ରଖିବାକୁ କେତେ ଚେଷ୍ଟା କରିଥିଲେ ସେମାନେ!! ହେଲେ ଅତ୍ମୀୟତାର ହାତ ମୁଠା ଦୁର୍ବଳ କି ଅଜାଣତେ ମୁକୁଳା ହୋଇ ଯାଇଥିଲା କେଜାଣି !!

ଜୀବନର ଅପରାହ୍ନରେ ବୃଦ୍ଧ ବାପା ମା । ତାଳ ବରାଡ଼ ପରି ବାଆକୁ ବତା...! ଆଜି ଅଛନ୍ତି କାଲିକି କୋ ଭରଷା ...! ଅନ୍ତରଙ୍ଗ ଆହାଃ ପଦେ ପାଇଁ କେତେ ଯେ ଉହଳ ବିକଳ ! ଅପରାହ୍ନର ଛାଇ ପରି ଆଶା; କିନ୍ତୁ କାୟା ତ ଖୁବ ଅସହାୟ । ବେଳ ଗଡିଯାଏ ବଳ ଭାଙ୍ଗି ଯାଏ । ସଂସାରର ବୋଝ ଯିଏ ସାରା ଜୀବନ ଅନାୟାସେ ବୋହୁଥିଲେ ସେ ଆଜି ସଭିଙ୍କର ବୋଝ !! ଏବେ ସେ ଅଲୋଡ଼ା ପାଲଟି ଯାଇଛନ୍ତି। ଲଗେଇଥିବା ଚାରାଟି ଆଜି ହରା ଭରା, କିନ୍ତୁ ଛାଇ ଟିକେ ଦେବାକୁ ସେ ଗଛ କୁଣ୍ଠିତ । ବୃଦ୍ଧ ବାପା ମା' ଘରର ମେଢ଼ୀ, ଆମର ଢାଲ । ସେମାନଙ୍କ ମଧ୍ୟ ଦେଇ ଆମେ ସଂସାରକୁ ଆସିଛୁ । ସେମାନେ ତିନି ପୁରୁଷ ଦେଇ ଆସି ଏଠି ପହଞ୍ଚି ଥିବାରୁ ସେମାନଙ୍କୁ "ତିନି ମୁଣ୍ଡିଆ" କୁହାଯାଏ । ସେମାନଙ୍କ ପାଖେ ତିନି ପିଢ଼ି ଅନୁଭୂତିର ଗଣ୍ଠିଲି ମହଜୁଦ, ସବୁ ଆପଦ

ISSN NO.
2582-208X



ବିପଦର ଆଶୁ ସମାଧାନ; ଅଥଚ ଆମେ ସେମାନଙ୍କୁ ଅନଭିନଜ୍ଞ କହି ଆଡେଇ ଦେଉ । କଥାରେ ଅଛି :

"ବୃଦ୍ଧସ୍ୟ ବଚନଂ ଗ୍ରାହ୍ୟ
ଆପାତ କାଳ ଉପସ୍ଥିତେ" ।।

ସେଥିପାଇଁ ସବୁ ସଭା ସମିତିରେ ବୟୋଜ୍ୟେଷ୍ଠ ଲୋକଙ୍କ ବିଚାରକୁ ପ୍ରାଧାନ୍ୟ ଦିଆଯାଏ .. ବୃଦ୍ଧ ବ୍ୟକ୍ତି ଙ୍କ ବିନା ସଭା, ସଭା ନୁହେଁ ବୋଲି ଶାସ୍ତ୍ର କହେ :

"ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧାଃ
ନ ତେ ବୃଦ୍ଧାଃ ଯେ ନ ବଦନ୍ତି ଧର୍ମଃ "

ସେମାନେ ଏ ବୟସରେ ଟିକେ ସ୍ନେହ ଆଦର ଲୋଡ଼ିଥାନ୍ତି କିନ୍ତୁ ଆମ ପାଖରେ ସମୟର ଘୋର ଅଭାବ । ଅସହାୟର ଥର ଥର ହାତ ଆମ ଆଡକୁ ବଢ଼େଇ ଦେଉଥିଲା ବେଳେ ସେମାନଙ୍କ ଭାବନାକୁ ଆଡେଇ ଦେଇ, ବଢ଼େଇ ଦଉ ଯାତନା କଷଣର ଅସୀମ ବ୍ୟବଧାନ। ସେମିତ ହନ୍ତସନ୍ତ ହୋଇ ମନର ଦୁଃଖ ମନରେ ମାରି ଶେଷ ସମୟକୁ ଅପେକ୍ଷା କରିଥାନ୍ତି । ଏବେ ବାସୁ ପ୍ରଧାନର ବୁକୁ ଫଟା ଚିତ୍କାର, ଆତ୍ମାର କରୁଣ ବିଳାପ କାହା ପାଖେ ପହଞ୍ଚି ପାରୁନି । ସମସ୍ତେ ଥାଇ ବି ଆଜି ତାର କେହି ନାହାନ୍ତି । ବାପା ମାଙ୍କ ଶ୍ରଦ୍ଧାର ମୂଲ କଣ ଏମିତି ...!!

ବିନୟ ଘରର ବଡ଼ ପୁଅ । ଓଡ଼ିଶା ବିଚାର ବିଭାଗୀୟ ସେବା (OJS )ଚାକିରୀ କରି ଅଦୂର ସହରରେ ଅବସ୍ଥାପିତ । ଗାଁ ଠାରୁ ଦେଢ଼ ଘଣ୍ଟାର ବାଟ ହେବ କି କଣ !ବିନୟ ସାନ ପୁଅ ଏବେ ସରକାରୀ ଚାକିରୀ ପାଇଁ ଆବେଦନ କରୁଛି । ଗୋଟିଏ ବୋଲି ଝିଅ ଜୟନ୍ତୀ ଦିବର୍ଷ ହେବ ତା' ବାହାଘରକୁ । ବିନୟର ପୁଅ କୁନାକୁ ଏବେ ତିନି ପୁରି ଚାରି ଚାଲିଲାଣି । ସଭିଁଙ୍କର ସେ ଭାରି ଗେହ୍ଲା । ତା' ଦରୋଟି କଥା ସମସ୍ତଙ୍କୁ କେମିତି ଗୋଟେ ମାୟା ଲଗେଇ ଦେଇଛି ସତେ । ତା' ଯୋଗୁଁ ଘରଟା ହସ ଖୁସିରେ ସବୁଦିନ ଗହଳି ଚହଳି ଲାଗି ରହିଥାଏ। ମିନୁ ଘରର ବଡ ବୋହୂ। ସବୁ କାମରେ ତା'ର ଭାରି ନିଘା । ଖୁବ ଯତ୍ନଶୀଳ ଓ ବୁଦ୍ଧିମତୀ ।

ISSN NO.
2582-208X

ଘରର ଚିତ୍ରପଟ ବଦଳାଇ ଦେବାକୁ ଦଲକାଏ ଅଦୃଶ୍ୟ ଦଲକାଏ ପବନ ଯେମିତ ପଶି ଆସିଲା ଝରକା ବାଟ ଦେଇ । ରାତି ପହିବାକୁ ଆଉ ମାତ୍ର କେତେ ଘଡ଼ି ବାକି । ମିନୁ ଖୁବ ଗମ୍ଭୀର, ସଠିକଭାବେ ବୁଝିପାରୁନି କଣ କରିବ ସେ "କିଂ କର୍ତ୍ତବ୍ୟମ ମୁଢ" ହୋଇ ଦୋ' ଛକି ବାଟରେ ଛିଡା ହୋଇଛି । ମିନୁ ବହୁତ ଭାବି କହିଲା, "ଯାହା କରିବ ଆଗ ପଛ ବିଚାର କରି ଆଗକୁ ପାଦ ବାହାର କରିବ । ଏ ବୟସରେ ବାପା ମାଙ୍କୁ ଏକା କରି ଯିବାଟା ଠିକ ହେବନି ! ସେ ଘରର ମୁରବି । କଣ ଭାବିବେ ସାହି ପଡିଶା କହିଲ ?" ଝିଟିପିଟିଟିଏ ସମତାଳରେ ସତେ ଯେମିତି କହିଗଲା ଠିକ ଠିକ ..!

ଆଉ କୁନାର ଭବିଷ୍ୟତ ? ବିନୟର କର୍କଶ ସ୍ୱର ସ୍ପଷ୍ଟ ବାରି ହୋଇ ପଡୁଛି । ଗାଁ ପିଲାଙ୍କ ମେଳରେ ମିଶି କଣ ଶିଖିବ ସେ ? ଗାଁ ଦାଣ୍ଡରେ ଏମିତ ଧୂଳିମଳି ହୋଇ ଖେଳିବ। ଜୀବନଟା ମାଟି ହେଇଯିବ ...

ତା ପରେ ଅଜୟ ତ ଏଠି ଅଛି ..

ବିନୟ ଶେଷରେ ତା' ଚୂଡାନ୍ତ ନିଷ୍ପତି ବାପାଙ୍କୁ ଜଣେଇଦେଲା । ବାପା, "ଆମେ ସହରରେ ରହିବୁ ବୋଲି ଭାବିଛୁ କୁନାର ଭବିଷ୍ୟତକୁ ଲକ୍ଷ ରଖି । ତମେ ତ ଜାଣିଛ ଗାଁ ସ୍କୁଲର ପାଠ ପଢା । ତା' ପରେ ଏଇ ପାରି ପାର୍ଶ୍ୱିକ ଚାଲି ଚଳଣି କୁନା ଉପରେ କୁ ପ୍ରଭାବ ପକେଇବ, ସେ ଏଇ ବାଜେ ପିଲାଙ୍କ ସହ ମିଶିଲେ ତା' ଭବିଷ୍ୟତ ସହ ଖେଳିଲା ଭଳି କଥା ହେବ । ଆଉ ସୁବିଧା ଅସୁବିଧାକୁ ତ ଅଜୁ ଅଛି ... । ଏ କଥା ଶୁଣି ବୁଢା ବାପାଟି ମୁହୂର୍ତ୍ତେ ନିର୍ବାକ ନିଥର । କଣ କହିବେ କିଛି ଭାବି ପାରୁନଥାନ୍ତି ।

ସେଦିନ ବୁଢା ବାପାଟି ବହୁତ ବୁଝେଇବାକୁ ଚେଷ୍ଟା କରିଛି, କିନ୍ତୁ ବିନୟର ଦୃଢ଼ ନିଷ୍ପତିର ସୁଅ ଆଗେ ବୁଢା ବାପାର ଆକୁଳ ନିବେଦିନେ ସାମାନ୍ୟ ବାଲି ବନ୍ଧହୋଇ ରୋକିବାର ପ୍ରୟାସ ... ବୋଉ ସବୁ ଶୁଣୁଥାଏ ଏବଂ କହିଲା, "ସେମାନେ ଯଦି ତାଙ୍କ ଜିଦିରେ ଅଟଳ ସେମାନଙ୍କୁ ଯିବାକୁ ଦିଅ"। ତମେ ଆଉ ବାଡ଼ ହୋଇ ହୁଅନା ଅଟକାଅନା । ଆଜିର ସକାଳ ସବୁଦିନ ସକାଳ ପରି ନଥିଲା । ଭୋରୁ ଭୋରୁ

ISSN NO.
2582-208X

ସବୁ କିଛି ଉଦାସ ଭରା ବାତାବରଣ । ସବୁ କିଛି ଓଲଟ ପଲଟ ହୋଇଯାଇଛି । ସେମାନେ ଘରୁ ଗୋଡ଼ କାଢ଼ି ଚାଲି ଯାଉଛନ୍ତି, ସେ ସମୟରେ ରେଡ଼ିଓରୁ ଭାସି ଆସୁଛି.. ବେଙ୍ଗ କହେ ବେଙ୍ଗୁଲିଲୋ ଦୁନିଆ କ୍ଷଣ କ୍ଷଣ କେ ଆନ...!"

ସେମାନେ ଗଲାପରେ ଘରଟା ଖାଁ ..ଖାଁ .. ଗୋଡାଉଛି । ଖୁବ ଗାଢ଼ ଓ ବହଳ ନୀରବତା ଏ ଘରୁ ସେ ଘରକୁ ବଢି ବଢି ଯାଉଛି ନିର୍ଜନର ଗଭୀରତା । ରାତି ଆସି ଅଧ ହେଲାଣି ବାପା ମା' କାହାର ଆଖିକୁ ନିଦ ଟିକେ ଆସୁନି । କୁନାର ଭାବନା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି । ତା'ର ଦାରୋଟି କଥା ସନ୍ତର୍ପଣରେ ଯେମିତି ପଶି ଆସୁଛି ତାଙ୍କ ଭାବନା ମଧ୍ୟକୁ ।

କିଛିଦିନ ପରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କିରାଣୀ ଭାବେ ନିଯୁକ୍ତି ପାଇଛି ଅଜୟ । ବାପା ମା ଟିକେ ଆଶ୍ୱସ୍ତି ବୋଧ କଲେ । ଅଜୟର ବାହାଘରକୁ ଛ ମାସ ପୁରିଛି କି ନାହିଁ, ଅଜୟ ଆସି ବାପାଙ୍କୁ କହିଲା, "ବାପା, ତମ ବୋହୁ କହୁଥିଲା ହାୟର ଷ୍ଟଡି କରିବା ପାଇଁ ଏଠି ରହି ସେ ପାଠ ପଢିବା ଅନୁକୂଳ ନୁହେଁ ବୋଲି ସେ କହୁଥିଲା । ବାପା ନୁଆଁଣିଆ ଆଖିରେ ମା ଆଡକୁ ଚାହିଁଲେ । ମା କେବଳ ଏତିକି କହିଲା, "ସେମାନଙ୍କୁ ଯିବାକୁ ଦିଅ । ବାଧ୍ୟ କରି ଅଟକାଅନା" ।

ଏ ଉତ୍ତର ବୟସରେ ପିଲମାନେ ବାପା ମାଆ'ଙ୍କର ସାହାରା ହେବା କଥା । କିନ୍ତୁ ସେମାନେ ଏଇ ଥରଥର ହାତରେ ନିଜେ ଦି ମୁଠା ରୋଷେଇ କରି ଖାଇବାକୁ ଅକ୍ଷମ ହେଲେ ସୁଦ୍ଧା ନିରୁପାୟ । ଝିଅ ଜୟନ୍ତୀ ଦି ଭାଇଙ୍କୁ ବାପା ମା'ଙ୍କ ଅବସ୍ଥା କଥା ଅବଗତ କରିବା ସତ୍ତ୍ୱେ ସେମାନେ ଜାଣି ଶୁଣି ଅଜଣା । ଜଣେ ଆର ଜଣକ ଉପରେ ଲଦିଦିଏ । ସେମାନେ ବାପା ମା'ଙ୍କୁ ପାଖେ ରଖିବାକୁ ଏକମତ ହେଲେ ଯାହାକୁ ହେଲେ ବି ଜଣକୁ ରଖିବେ, ଉଭୟଙ୍କୁ ନୁହେଁ । ବାପା, ଅଜୟ ପାଖରେ ଥିଲା ବେଳେ ମା ଯାଇ ବିନୟ ପାଖରେ । ଏମିତ ପାଳି କରି ଏଠିକି ସେଠିକି କରନ୍ତି । ଯଦିଓ ଏ ବୟସରେ ସେମାନେ ଖୁବ ଅନ୍ତରଙ୍ଗ ହୋଇଥାନ୍ତି ଉଭୟ ଉଭୟଙ୍କ ପାଇଁ । ଶରୀର ଅପେକ୍ଷା ଆତ୍ମାର ସମ୍ପର୍କ ଅଧିକ ଥାଏ । ଜଣେ ଜଣକୁ ପାଖରେ ନ ପାଇ କେତେ ଅଶ୍ୱସ୍ତିବୋଧ କରନ୍ତି, ଏ କଥା ପିଲାମାନେ ବା କାହୁଁ ବୁଝିବେ ?

ISSN NO.
2582-208X

ଦୁଇ ପୁଅଙ୍କୁ କେବେ ଫୁରୁସତ ମିଳିଲେ ସିନା ମା, ବାପାଙ୍କ ସହ ଟିକେ କଥା ହେବେ ! ନାତି ଟୋକା ସହ ଯାହା ସମୟ କଟିଯାଏ, ନହେଲ ଗୁମ ମାରି ନିଦା ପଥର ପରି ଗୋଟିଏ ଜାଗାରେ ବସି ରହିବା ବ୍ୟତିରେକ ଆଉ କିଛି ଉପାୟ ନାହିଁ । ମଣିଷ ମହରିଗାରୁ ଆସି କାନ୍ତାରେ ପଡିଲା .. ବାପା ମା ପୁଣି ଥରେ ଗାଁ କୁ ଫେରିଯିବାକୁ ମନସ୍ଥ କରିଛନ୍ତି । ଜଣେ ଜଣକଠାରୁ ଦୂରରେ ରହିବା ମାନସିକ ଯନ୍ତ୍ରଣା ଭୋଗିବା ଠାରୁ ଗାଁ'ରେ ରହି ହାତେ ରାନ୍ଧି ଏକାଠି ରହିବା ବହୁଗୁଣେ ଭଲ ।

ଗାଁ ଘର ପ୍ରତି ଟିକେ ନିଘା ନ ରହିଲେ ବାପା ଜେଜେ ଅମଳର ମାଟି ଘରଟା ମାଟିରେ ମାଟି ହେଇଯିବ । ତମେ ତ ଗାଁ ପ୍ରତି ସବୁ ମୋହ ତୁଟେଇ ଦେଲ । ଯଦିଓ ଦେଢ଼ ଘଂଟାର ବାଟ ତମେ ଗାଁରୁ ଯିବା ଆସିବା କରି ପାରନ୍ତ ! ବାପା ଉଦାସ କଣ୍ଠରେ କହିଲେ । ବାପା, ମା ଗାଁକୁ ଫେରିବା ପରେ ଅଜୟ, ବିନୟ ଅଶ୍ୱସ୍ତିର ଏକ ଦୀର୍ଘ ନିଶ୍ୱାସ ମାରିଲେ । ସତେ ଯେମିତି ଏକ ବଡ ବୋଝ ମୁଣ୍ଡରୁ ଓହ୍ଲେଇଗଲା । ବାପା ଗାଁକୁ ଆସି ଦେଖନ୍ତି, ଘରଟା ଭୂତକୋଠି ହୋଇ ଯାଇଛି । ଦାଣ୍ଡ ପିଣ୍ଡାଟା ମୂଷାଗାତରେ ଅାଁ... । ଗୁହାଳ ଘର କାନ୍ଥକୁ ଡେରା ହୋଇ ରହିଥିବା ଶଗଡ଼ ଚକରେ ଅଧାରୁ ଅଧିକା ଉଈ ଚରି ଗଲେଣି । ଘର ସାରା ଅଳନ୍ଧୁରେ ଭର୍ତ୍ତି ।

ସ୍ନେହ ସମ୍ପର୍କକୁ କଣ ଭାଗବାଣ୍ଟି କଣ ଯତ୍ନରେ ରଖି ହେବ ?

ପୁଣି ଚିରା ଚରିତ ଧାରାର ପୁନରାବୃତ୍ତି । ଆୟାମାରମ୍ଭ..

ମୁହଁ ସଞ୍ଜ ସମୟ, ବାପା ଦାଣ୍ଡ ପିଣ୍ଡାରେ ବସି କେଜାଣି କେ଼ା ଗହନ ଚିନ୍ତାରେ ଏକ ଲୟରେ ଚାହିଁ ରହିଛନ୍ତି ଧୂଳି ଧୂସରିତ ହୋଇ ଦୁଇ ଜଣ ପିଲା ଖେଳୁଥିବାର ଦେଖି ।

ବାସୁ ଭାଇ ...! ବାସୁ ଭାଇ..!

ହଠାତ କାହାର ଡାକ ଶୁଣି ପ୍ରକୃତିସ୍ଥ ହୋଇ ଫେରି ଆସିଲେ ମଗ୍ନ ରାଇଜରୁ ..

ବାସୁ ଭାଇ ! କୋ' ଦିନ ଆସିଲୁ ପିଲାଙ୍କ ପାଖରୁ ? ତୋର ତ ଦୁଃଖ ଗଲା ଜାଣ ! ଦୁଇ ଦୁଇ ଟା ଚାକିରିଆ ପୁଅ । ବୋହୂମାନଙ୍କ ସେବା ଆଦର । ନାତି ନାତୁଣୀ ଙ୍କ ଗହଣରେ ତୁ ସବୁ ଭୁଲି ଯାଉଥିବୁ, ନା..ରେ !! "ବାସୁ ଭାଇ !

ISSN NO.
2582-208X

ହେଲେ ମୋ କପାଳ ତ ଫଟା .. ! ମୋର ସିନା ଗୋଟିଏ ବୋଲି ପୁଅ । ପୁଅ ତ ଅଯୋଗ୍ୟ । ପାଠ ସାଠ ଦି ଅକ୍ଷର ପଢି ଥିଲେ ସେ ଏବେ ବିନୟ ପରି ଜଣେ ହାକିମ ହୋଇ ଥାନ୍ତା ! ମୁଁ କଣ ଆଉ ଏତେ ହିନସ୍ଥା ହଉଥାନ୍ତି ? ଆମେ ରକତକୁ ପାଣି କରି କାହା ପାଇଁ ସଂଚୟ କରିଥିଲୁ ? କଣ "ଅଇରି ଖପରା ବଇରୀ ବାଆ" ହେବା ପାଇଁ !

ବୋହୂ ନିଜେ ଭଲ ମନ୍ଦ କରି ଖାଉଛି । ମତେ ଓଳିଏ ଦେଲେ ଆଉ ଓଳି ଖାଡା ଉପାସ । ଥରେ ପୁଅକୁ କହିଲି ବହୁତ ଦିନ ହେବ ପାଟିରେ ଆଇଁସ ଟିକେ ବାଜିନି, ଟିକେ ଆଇଁସ ଝୋଳ କଲେ ହୁଅନ୍ତା ନି ..! ମୋ' ପାଟିରୁ କଥା ସରିଛି କି ନାହିଁ; ବୋହୁ ଆସି ମୁହେଁ ମୁହେଁ ଶୁଣେଇ ଦେଲା," ବୁଢା ବୟସରେ ଏତେ ସଉକ କଣ ମ ! ଏ ବୟସରେ ରେ ଲୋକ ମାନେ ଧର୍ମ କର୍ମ କଥା ଭାବନ୍ତି , ତମେ କଣ ପାଟି ସୁଆଦ ବାରୁଛ ? ସେ ଦିନଠୁ ଲୁଣ ଆମ୍ବୁଲ ମୋ ସାହା । ବାସୁ ପ୍ରଧାନ ସବୁ ନୀରବରେ ଶୁଣୁଥାଏ କଣ ବା ଆଉ କହିଥାନ୍ତା, ଅଜାଗା ଘା ଦେଖି ହଉଛି ନା ଦେଖେଇ ହଉଛି ! ମନୋରଥ ସବୁ ତ ଅତଡ଼ା ଖାଇ ଗଲାରେ...

"ମନୋରଥାନାମଟତଃ ପ୍ରପାତଃ"

ଆଜି କାଲି ବୋଉର ଦେହ ଜମା ଭଲ ରହୁନି । କିଛି ଦିନ ହେବ ବିଛଣା ଧରିଲାଣି । ପୁଅ ବୋହୂଙ୍କର ଏ ଯାଏଁ ଦେଖା ନାହିଁ । ଝିଅ କେବେ କେମିତ ଆସି ଯାହା ଦେଖା ଶୁଣା କରି ଯାଏ । ବିନୟକୁ କେତେ ଥର କହିଲିଣି, ବୋଉ ତମମାନଙ୍କୁ ଖୋଜୁଛି । ବୋଉର ଅବସ୍ଥା ଏବେ ଅଣାୟତ । ତା' ପର ଦିନ ସେମାନେ ଆସିଲା ବେଳକୁ ବୋଉ ଆଉ ପାରିକୁ ଚାଲି ଯାଇଥାଏ । ବଡ ଆଡମ୍ବରରେ କ୍ରିୟାକର୍ମ ସାରି, ଯିଏ ଯା ବାଟରେ ବୁଢା ବାପାଟିକୁ ଏକା ଛାଡି ଚାଲି ଗଲେ ।

ଏତେ ବଡ ଘରଟା ଏକଦମ ଶୂନଶାନ, ମାଡି ବସିଲା ପରି ଲାଗୁଛି । ଦିନେ ଏ ଘରେ କେତେ ଗହଳ ଚହଳ ପଡୁଥିଲା ଏବେ ନିରୋଳା ଖାଁ ..ଖାଁ ଗୋଡାଉଛି । ବୁଢା ବାପା କଥା ସଭିଏଁ ଏକ ବାର ଭୁଲି ଗଲେଣି । ଅଶିତପର ବୟସରେ ଆଉ ସେ ସଳଖି ଛିଡା ହେବାକୁ ଦମ୍ଭ ନାହିଁ । ବାଁକୁଲି ବାଡ଼ିଟି ଯାହା ସାହା ଭରସା । ନିଜେ ଏଠୁ ସେଠୁ କୁଟାକାଠି କିଛି ଯୋଗାଡ଼ କରି ଚୂଲି ଲଗେଇବାକୁ ଚେଷ୍ଟା କରୁଛନ୍ତି । ଆଖ ପାଖ ସବୁ ଧୂଆଁମୟ

ISSN NO.
2582-208X

ବୁଢା ବାପାଟି ଏତେ ସରି ହେଲାଣି, ପିଲାମାନଙ୍କର ଟିକେ ବି ନିଘା ନାହିଁ । ଝିଅ ଜୟନ୍ତୀ ବାପାଙ୍କୁ ଥରେ ଦେଖିଯିବା ଲାଗି ଆସି ଏ ସବୁ ଦୃଶ୍ୟ ଦେଖି ସେ ତଟସ୍ଥ ହୋଇ କେତେବେଳୁ ଆସି ଠିଆ ହୋଇ ଏ ସବୁ ଦେଖୁଛି । କେତେ ଦିନସ୍ଥାରେ ତା ବୁଢା ବାପା । ଆଖି ଛଳ ଛଳ ହୋଇ ଯାଉଥାଏ । ସେ ସେମିତ ପୂର୍ବବତ ଛିଡା ହୋଇଛି, ଆଗକୁ ପାଦ ଆଉ ଯାଉନି । ବାପା ଫୁଙ୍କନଳାରେ ଫୁଙ୍କି ଫୁଙ୍କି ନୟାନ୍ତ; ନିଆଁ ଧରାଇ ପାରୁନାହାନ୍ତି , ଧୂଆଁରେ ଅଣନିଶ୍ୱାସୀ ହୋଇ ବାହାରକୁ ଚାଲି ଆସିଛି । ଝିଅକୁ ସମ୍ମୁଖରେ ଦେଖି ତାଙ୍କ ଆତ୍ମା ବିଳପି ଉଠିଛି । ଝିଅକୁ କୁଣ୍ଢେଇ ବୁଢା ବାପାଟି ଭୋ..ଭୋ .. ହୋଇ କାନ୍ଦି ଉଠିଲା । ତଥାପି ଝିଅ ନିଶ୍ଚଳ ନିଥର, ଏକବାର ସ୍ଥାଣୁ ପାଲଟି ଯାଇଥାଏ । ଏ ଅଭାବନୀୟ ପରିସ୍ଥିତି ଦେଖି । ବାପାଙ୍କୁ ଏମିତି କେବେ କାନ୍ଦିବାର ଦେଖିନି, ଜୟନ୍ତୀ । ସେଦିନ ଶାଶୁଘର ଗଲା ଦିନ ଆଉ ଆଜି । ଝିଅ ଜୟନ୍ତୀ ମନେ ମନେ ସଂକଳ୍ପ କଲା ମତେ ହିଁ କିଛି କରିବାକୁ ପଡିବ ।

ଅଜୟ ବିଜୟ ଏବେ ଏ ଘର ଡିହ ଆଉ ଜମି ଯାହା ଅଛି ସବୁ ବିକ୍ରି କରିବାର ଯୋଜନା ଝିଅ କାନରେ ପଡିଲା । ଦି ଭାଇ ଭିତରେ ଭାଗ ବଣ୍ଟା କରିଦେଲ ପାଇଟି ସରିବ ବୋଲି ଗାଁ ମୁରବି ମତ ଦେଲେ ଆଉ ବୁଢାବାପାକୁ ପାଳି କରି ରଖିବେ। ଦୁଇ ଜଣ ଭାଇଙ୍କ ପାଖକୁ ଏକ କୋର୍ଟ ନୋଟିସ ଆସିଛି । ସ୍ଥାବର ଅସ୍ଥାବର ଯାହା ବି ସମ୍ପତି ସବୁ ତିନି ଭାଗ ହେବ । ମୋର ବି ନାର୍ଯ୍ୟ ଅଧିକାର ଅଛି । ଦୁଇ ଭାଇଙ୍କୁ ପକ୍ଷ ରଖିଛି ଜୟନ୍ତୀ । ସର୍ତ୍ତ ସେ ଜଣେଇ ଦେଇଛି ଯେ ବାପାଙ୍କର ସମ୍ପୂର୍ଣ୍ଣ ରକ୍ଷଣ ବେକ୍ଷଣ ଯିଏ ନେବ ସେ ଭାଗ ତା ନାମରେ କରେଇଦେବା ବୋଲି ଉଲ୍ଲେଖ କରିଛି ।

ବିନୟ ସହରରେ ଏକ ସୁଉଚ୍ଚ ଦ୍ୱିତଳ କୋଠା ତୋଳିଛି । ଘର ପଛ ପାଖକୁ ଲାଗି ଚାକରବାକର ରହିବା ପାଇଁ ଘରଟିଏ କରିଛି । ଯେଉଁଟି ନିଜ ପୈତୃକ ଘରଠାରୁ ବେଶ ଉନ୍ନତ । ବାଘ ଭଳି ପୋଷା କୁକୁରଟିଏ ବାଲକୋନୀରେ ଏପଟ ସେପଟ ଟହଲ ମାରୁଛି। ତା' ପିଛା ଦିନକୁ ୨୦୦ ଟଙ୍କାରୁ କମ ଖର୍ଚ୍ଚ ହେବନି । ସହରରେ ବିନୟର ଭାରି ଖାତିର। ବହୁ ଅସହାୟ ବୃଦ୍ଧ,ବୃଦ୍ଧାଙ୍କୁ ସେ ଉଚିତ୍ ନ୍ୟାୟ ଦେଇଥିବାରୁ । ତା'ର ସମ୍ମାନ ସ୍ୱତନ୍ତ୍ର । ସବୁ ମାସରେ ଥରେ ଅଧେ ଜରାଶ୍ରମ ବୁଲିଯିବାକୁ ଭୁଲେନି କି ସହାୟତା ରାଶି ଦେବାକୁ ଭୁଲେନି । ସବୁବେଳେ ଅଫିସରୁ ଫେରି କୁନା ସହ ଖେଳେ, ଗପ କୁହେ, ଗୁରୁଜନ ମାନଙ୍କୁ

ISSN NO.
2582-208X

ଭକ୍ତି କରିବାକୁ ଉପଦେଶ ଛଳରେ ଗପ କହେ । ସବୁଦିନ ପରି ଆଜି କୁନାକୁ ଖୋଜି ନ ପାଇ ବିନୟ ବିରକ୍ତି ପ୍ରକାଶ କରିଛି । କୁନା କାହିଁ ? ଦେଖା ଯାଉନି ? ସବୁ ଘର ବୁଲି ଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବା ପରେ ନିଜର ଏକ ମାତ୍ର ଗେଲ୍ହା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଜମା ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ,"ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ଟିକେ ।"

ରୋଷେଇ ଘରୁ ବାହାରି ଆସୁ ଆସୁ ମିନୁ କହିଲା,"ଓହୋ ! ପିଲାଟା ଟିକେ ଖେଳିବାକୁ ଯାଇଛି ଯେ କଣ ହୋଇଗଲା ? ତମେ କଣ ପିଲାବେଳେ ଖେଳୁନଥିଲ ? ଜନ୍ମରୁ AC ରୁମରେ ବଢ଼ିଥିଲ ନା କଣ ? ଉତୁରୁଥିବା ଭାତ ହାଣ୍ଡିରେ ହଠାତ କିଏ ଅବା ପାଣି ଛିଟା ମାରି ଦେଲା । ସ୍ମୃତିର ଚିତ୍ରପଟ ଫେରିଗଲା ସେଇ ପିଲା ଦିନର ସେ ମୁହୂର୍ତ୍ତକୁ ।

ଜାଙ୍ଗୁଲ ଜାଙ୍ଗୁଲ ଅନ୍ଧାର ଗାଇଗୋଠ ଫେରିବାର ବେଳ । ଗାଁ ଦାଣ୍ଡଯାକ ଏକ ଧୂଳି ଆବରଣ ରେ ଆଚ୍ଛାଦିତ । ଆଗ ଦୁଆରୀ କମାର ଘର ବୁଢ଼ୀ ମା କହିଲା, "ହଇରେ ବିନୁ ! ଆଜି ପରା ବାଟ ଓଷା ଦାଣ୍ଡରେ ବାଲି ଗଦା କରିବନି କି ?" ଏତିକି ତ କହିଛି, ଯେମିତ ହେଲେ ଏ ପାଇଟି ଫଇସଲା କରିବା ଚାହି । ଆମ ସାହିର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ଦାଣ୍ଡରେ ଯେତିକି ବାଲି ଥିଲା ପାହାଡ଼ ପରାୟେ ଗଦା କରିଦେଲୁ ସାହି ପିଲା ମିଶି । ଯେମିତି ହେଲେ ଆର ସାହି ଠାରୁ ଆମ ବାଲିଗଦା ଉଚ୍ଚ ହେବା ଦରକାର । ସଞ୍ଜ ଗଡି ଯାଇଥାଏ । ମନେ ମନେ ଖୁସି ହୋଇଥାଏ ଆଜି ଆଉ ସଂଜରେ ପାଠ ପଢା ହେବନି । ନ ହେଲେ ସବୁ ଦିନ ଅଙ୍କ କଷା, ପଣିକିଆ ଘୋଷା , ଲଣ୍ଠନ ପୋଛା, ବୋଉର କେତେ କାନ ମୋଡା ଅକ୍ଷର ଟିକେ ସଳଖି ଲେଖିବା ପାଇଁ, ଓଃ..ଆଜି ଟିକେ ନିସ୍ତାର ...! ଏମିତ ଭାବି ଯାଉ ଯାଉ ଘରେ ପହଁଚିଛି କି ନାହିଁ, ବାପାଙ୍କ ଗମ୍ଭୀର ସ୍ୱର," ହଇରେ ...! ଆଜି କଣ ପାଠ ପଢା ହବନି ? ବାଲି ଧୂଳିରେ ମୁଁ ଗୋଟାପଣ ପୋତି ହୋଇ ଯାଇଥାଏ । ମୋର ଏ ଧୂଳି ଧୂସରିତ ଦେହ ଦେଖି ଭାବିଲି ଆଜି ଉତ୍ତମ ମଧ୍ୟମ ନିଶ୍ଚିତ ହେବ "ଏତେ ବେଳ ଯାଏଁ କୋ'ଠି କଣ କରୁଥିଲୁ, ଯା ଭଲରେ ଗୋଡ ହାତ ଧୋଇ ପାଠ ପଢ଼ିବୁ ।

ମନ ତ ଯାଇ ବାଲି ଗଦା ପାଖରେ ଘୁରି ବୁଲୁଥାଏ, ନାଁ'କୁ ବହିଟା ଖୋଲି ବାଆଁରେଇ ହେବା ଛଡା ଆଉ ଉପାୟ ନାହିଁ ...ଦାଣ୍ଡରେ ପହଁଚିଲା ବେଳକୁ ଓଷା ଆରମ୍ଭ ହୋଇ

ISSN NO.
2582-208X

ଯାଇଥାଏ.. ମୋ ବୁଢ଼ୀ ମା ମତେ କାଖେଇ ଦାଣ୍ଡ ପହଁରିଲା, କାଳେ ଏମିତ କଲେ କିଛି ବି ରୋଗ କି ପାତକ ଛୁଇଁବ ନାହିଁ !

ଢ଼ିଙ୍କିଶାଳେ ଆମର ରୋଷେଇ ହୁଏ । ମାଟି ପଲମରେ ଚକୁଳି ପିଠା ସେଇଠି ବସି କେତେ ଥର ଖାଇଛୁ । ବୋଉ ଝିଅକୁ କାଖେଇ ଢ଼ିଙ୍କି କୁଟୁଥିବାର ମନେ ପଡୁଛି । ଆଜି ସେ ଢ଼ିଙ୍କି ନାହିଁ କି ଢ଼ିଙ୍କିଶାଳ ନାହିଁ । ପରିଡା ଘର ଝରକାରେ ନାଠି ଭାଙ୍ଗି ଛିଡା ହୋଇ TV ଦେଖୁଥିବାର ବାପା ଆମକୁ ଦେଖିଲା ପରେ ଏଥର ସବୁ ଅମଳ ହେଇଥହିବା ତିନି ଗାଡି ଧାନ ବିକି କଳା ଧଳା TV ଆଣିଲେ .. ସେତେବଳେ ଆମକୁ ବହୁତ ଖୁସି ଲାଗୁଥାଏ ଏବେ କିନ୍ତୁ ବାପାଙ୍କ ସ୍ୱାଭିମାନ କଥା ଏବେ ବୁଝି ପାରୁଛୁ । ପୋଖରୀରେ ବାପାଙ୍କ କାନ୍ଧରେ ଭରା ଦେଇ ଆମେ ପହଁରା ଶିଖିଛୁ କିନ୍ତୁ ଆଜି ସେ ଦୁଃଖ ଦରିଆରେ ଭାସି ବୁଲୁଛନ୍ତି ଥଳ କୂଳ ଟିକେ ପାଉ ନାହାନ୍ତି । ବାପାଙ୍କ ସହ କେତେ ଥର ବିଲକୁ ଯାଇଛି ଶଗଡ଼ରେ କଳେଇ ଆଣିଲା ବେଳେ ସବୁ ଥର ଜିଦି କରି ଶଗଡ଼ ଉପରେ ବସିଛି । ବାପରେ ଆଜି ନ ବସିଲେ ହବନି ? ଦେଖୁଛୁ ଝୁରା ହେଇ ଗଲାଣି !..ମୁଁ ମୁହଁ ଫୁଲେଇ ରଷି ବସିଲି । ମୁଁ ବା କଣ ବୁଝେ ଝୁରା ଟପାଳ କଣ ? ବାପା ଏବେ ଆମ କାନ୍ଧରେ ସତେ ଝୁରା ହୋଇ ଯାଇଛନ୍ତି ..ସେ ଭାର ଆମେ ବୋହିବାକୁ ଯାହା ଅସମର୍ଥ ।

ପଣା ସଂକ୍ରାନ୍ତିରେ ଗାଁରେ ଦଣ୍ଡଯାତ୍ରା ହୁଏ । ଦଣ୍ଡୁଆମାନେ ଝାମୁ ଚାଲନ୍ତି । ଏତେ ଗହଳି ଯେ ଆମେ ସାନ ସାନ ପିଲା କିଛି ଦେଖି ପାରୁନଥାଉ, ବାପା ଆମ ଦୁଇ ଭାଇଙ୍କୁ ତାଙ୍କ କାନ୍ଧକୁ ଉଠାଇ ନିଅନ୍ତି ଆମେ ଭଲରେ ଦେଖି ପାରିବୁ ବୋଲି ।

ଖରାଦିନେ ଅସହ୍ୟ ଗରମ ସକାଶେ ଆମେ ବାହାର ଅଗଣାରେ ରାତିରେ ଶୋଉ । ଦିନକର କଥା ମୁଁ ବାପାଙ୍କ ପାଖେ ଶୋଇଥାଏ ରାତି ଅଧରେ ହଠାତ ନିଦ ଭାଙ୍ଗିଗଲା । ବାଡ଼ି ପଟ ଝାମ୍ପୁଲା କଇଁଆ ଗଛରେ ଗୋଟେ ହୁଁ..ହାଁ(ପେଚା ) ରହି ରହି ଭୟଙ୍କର ରଡି ଶୁଣି ଦେହ ଶୀତେଇ ଯାଉଥାଏ । ତା ସାଙ୍ଗକୁ ବାପାଙ୍କ ଘୁଙ୍ଗୁଡ଼ି । ଏତେ ମାତ୍ରାରେ ଡରି ଯାଇଥିଲି ଯେ, ଆଜି ବି ସେ କଥା ମନେ ପଡେ । ଗାଁ ସାଙ୍ଗ ସାଥି ମିଶି ଗାଁ ଦାଣ୍ଡରେ କାଉଁରୀ ଦୁହୁଡ଼ି, ଚୋର ପୋଲିସ ଖେଳ, ଖୋ ଖୋ, କବାଡି ସବୁ ଖେଳ ହୁଏ ମୁହଁ ସଂଜରେ । ବଡ ପାହାଡ ମୁଣ୍ଡିଆ, ଜଙ୍ଗଲ ,ଆମ୍ବ ତୋଟା ଏମିତି ବୁଲା ବୁଲିରେ ଦିନମାନ କଟେ ।

ISSN NO.
2582-208X

ରାତି ହେଲେ କା ବାଡିରୁ ପିଜୁଳି, ପଇଡ, କଲମୀ ଆମ୍ବ ଚୋରି ହୁଏ । ମରାଗାଡ଼ିଆରୁ ମାଛ ମାରୁ, ବିଲରେ ଯା ତା ବଜା ମୁଗୁରା ଉଠେଇ ମାଛ ଆଣୁ । ଖୁଦୁରୁକୁଣୀ ସମୟରେ ଚାରିକୋଷ ଭିତରେ ସବୁ ଫୁଲ ରାତିରେ ସବୁ ଗାଏବ ହେବାରେ ମୋର ପ୍ରମୁଖ ଭୂମିକା ଥାଏ ।

ବାପାଙ୍କ ପାଖକୁ ବହୁତ ଫେରାଦ ଆସେ, ସେ ବୋଉକୁ କହନ୍ତି ଦେଖ ତମ ଗେହ୍ଲା ପୁଅର ସବୁ ନାଉଁଆ କାମ । ବୋଉ ବହୁତ ବିରକ୍ତି ପ୍ରକାଶ କରେ । ତା ମନରେ ଏତେ ଜୋରରେ ଆଘାତ ଲାଗିବ ବୋଲି ମୁଁ କେବେ ଭାବି ନଥିଲି । ସେ ଦିନଠୁ ମୁଁ ଆଉ ଗାଁ ପିଲାଙ୍କ ସହ ମିଶିବା ଏକ ପ୍ରକାରର ବନ୍ଦ କରିଦେଲି ।

ବୋଉ ତା ଗହଣା ଗାଁ ସାଆନ୍ତ ପାଖେ ବନ୍ଧା ରଖି କିଛି ଟଙ୍କା କରଜ କରି ମୋ ହାତରେ ଧରେଇ ଦେଲା । କଟକରେ ମୁଁ ଆଇନି ମହାବିଦ୍ୟାଳୟରେ ନାଁ ଲେଖେଇଲି । ବାପା ନିଜେ ଆସି ସବୁ ମାସରେ ଖର୍ଚ୍ଚ ଦେଇ ଯାନ୍ତି । ଶୁଣିବାକୁ ପାଇଲି ବାପା ସାଆନ୍ତଙ୍କ ଠାରୁ କରଜ କରି ମୋ ପାଠ ପଢା ଖର୍ଚ୍ଚ ବହନ କରୁଛନ୍ତି । ସାଆନ୍ତଙ୍କର ବୋଲ ହାକ କରି ସୁଝୁଛନ୍ତି । ଲଗାତର ତିନି ତିନି ଥର ojs ଦେଇ ବିଫଳ ହେଲା ପରେ ଚତୁର୍ଥ ଥରରେ କୃତକାର୍ଯ୍ୟ ହେଲି । ଆମ ଗାଁ ତିନି ଖଣ୍ଡ ମୌଜାରେ ଚହଳ ପଡିଥାଏ । ସାଆନ୍ତେ ବାପାଙ୍କୁ ଦୁଇ ତିନି ଜଣଙ୍କ ହାତରେ ଡକେଇ ପଠେଇଲେ । ବାପା ପଡି ଉଠି ସାଆନ୍ତଙ୍କ ପାଖେ ହାଜର । ଏଥର ଯାହା ବି ଅମଳ ହେବ ସବୁ କରଜ ସୁଝି ଦେବି ସାଆନ୍ତେ, କିଛି ଦିନ ମହଲତ ଦିଅ ।

ସେ କଥା ମୁଁ କହୁନି, ଜାଣିଛୁ ତୋ ପୁଅ କେଡେ ବଡ ହାକିମ ହେବାକୁ ଯାଉଛି ?

କଥା କଣ କି ... ମୋ ଝିଅକୁ ତୋ ଘରର ବୋହୁ କଲେ ତୋର କିଛି ଆପତ୍ତି ଅଛି ?

କେଡେ ବଡ କଥା କହିଲେ ସାଆନ୍ତେ ..!!ଆମେ ଆପଣଙ୍କ ତୁଲ କେବେ ହୋଇ ପାରିବୁ ? ମୁଁ ମିନୁ ମା'ଙ୍କୁ ଛୁଆଟି ବେଳୁ ଦେଖି ଆସିଛି । ଭାରି ସୁଧାର, ସେ ଦେଖିବାକୁ ଯେମିତି ଗୁଣରେ ବି ସେମିତି ମୋ ଘରକୁ ସାକ୍ଷାତ ଲକ୍ଷ୍ମୀ ବିଜେ କରିବେ । ମୋର ଆପତ୍ତି କାହୁଁ ହେବ ସାଆନ୍ତେ ?

ISSN NO.
2582-208X

ବାହାଘର ସରିଲା ବିନୟ ତା ଚାକିରୀରେ ଯୋଗ ଦେବାକୁ ଚାଲିଗଲା । ମିନୁ ଗାଁରେ ଶାଶୁ ଘରେ ଥାଏ । ଛୁଟିରେ ବିନୁ ଆସେ ଗାଁକୁ । କୁନା ଏ ଘରକୁ ଆସିଲା ଦିନଠୁ ଘର ପୁରା ହସ ଖୁସିରେ ଉଛୁଳଥାଏ । ଦିନମାନ କେମିତ କଟି ଯାଉଥାଏ ତା' ସହିତ ଖେଳୁ ଖେଳୁ । ଯଥା ଭିତରେ ତିନି ବରଷ ବିତି ଯେଇଥାଏ । କୁନା ପାଇଁ ଏବେ ଭାରି ବ୍ୟଗ୍ର କି ନିଜ ପାଇଁ କେଜାଣି ..! ମିନୁ ଆଉ କୁନାକୁ ସାଥେ ନେଇ ଯିବାକୁ, ବିନୟ ବାପାକୁ କହିଛି ।

ବିନୟ ପ୍ରକୃତିସ୍ଥ ହୋଇ ଫେରି ଆସିଛି ଅତୀତ ସ୍ମୃତିରୁ । ନିଜେ ନିଜକୁ ଖୁବ ଧିକ୍କାର କରିଛି । ନିଜକୁ ସୁଧାରିବାର ବେଳ ଏବେ ଅଫେରା ନଦୀର ସୁଅରେ । ବିନୟ ହାତକୁ ମିନୁ କୋର୍ଟ ନୋଟିସ ବଢ଼େଇ ଦେଇଛି ।

ଏ ଆରମ୍ଭର ଶେଷ ନା ଶେଷରୁ ଆରମ୍ଭ ବିନୟ ସଠିକ ବୁଝି ପାରୁନଥାଏ । ସମୟ ଯେମିତି ବାଧ୍ୟ କରି ଟାଣି ନେଉଥାଏ ବିନୟକୁ ସେ ଅପରାହ୍ନ ଆଡକୁ ...

କେହି ଜଣେ ନିଛକ କଥାଟିଏ କହିଥିଲେ,ବାପା ମା'ଙ୍କ ଋଣ ଯେତେ ଜନ୍ମ ବିତିଗଲେ ମଧ୍ୟ ଆମେ ସୁଝି ପାରିବାନି । ଆମେ ସମସ୍ତେ ଏ ଅପରାହ୍ନରେ ଦିନେ ନା ଦିନେ ନିଶ୍ଚିତ ପହଞ୍ଚିବା । ଏହା ଧ୍ରୁବ ସତ୍ୟ । ତେଣୁ ସୃଷ୍ଟି ନୁହେଁ, ଦୃଷ୍ଟି ପଥ ବଦଳାଇବା ଉଚିତ । ଶ୍ରଦ୍ଧା ବିହୀନ ଶ୍ରଦ୍ଧାର କଣ କିଛି ମାନେ ଥାଏ ...?

"ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା"

ଆମ ଆଖ ପାଖ ନିଜ ଚାରି ପାଖେ ଈଶ୍ୱର ବୁଲୁଥିବେ; ଆମେ ଯାଇ ଖୋଜୁଥିବା ମନ୍ଦିର କି ଠାକୁର ଘର ..!

ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ,
ରାଉରକେଲା

ISSN NO.
2582-208X

# ସ୍ୱତନ୍ତ୍ର ରୁଚି



ଶ୍ରୀ ଗୁପ୍ତେଶ୍ୱର ଗ୍ବନ୍ଦ୍

ସମୟାନୁସାରେ ବଦଳଇ ରୁଚି
ବୟସ ଅନୁପାତରେ ।
ଏକଥା ବୁଝିଲେ ଅଡୁଆ ତୁଟିବ
ନ ପଡ଼ିବା ସମସ୍ୟାରେ ।।୧
ହାଲୁକା ଲାଗିବ ବୋଝ କମି ଯିବ
ରକ୍ତଚାପ ବଢ଼ିବନି ।
ସୁସ୍ଥ ମସ୍ତିଷ୍କ ରେ ସୁନ୍ଦର ଭାବନା
ଟେନସନ ରହିବନି।।୨
ଶୈଶବାନ୍ତେ ବାଲ୍ୟ କାଳ ହେଉଁ ଯେହ୍ନେ
ଧୂଳି ଖେଳିବାକୁ ମନ ।
କିଶୋର ବୟସ ଆସି ଉପଗତ
ହୋଇଲେ ପରିବର୍ତ୍ତନ।।୩
ପାଠ ପଢ଼ି ବଡ଼ ମଣିଷ ହେବାକୁ
କରୁ ଆମେ ସଂକଳପ ।
ଯୌବନ ପରଶେ ଭିନ୍ନ ଅଭିଳାଷ
ଭୋଗର ନାନା ବିକଳ୍ପ।।୪
ପ୍ରେମ ପରିଣୟେ ହୋଇଣ ଆବଦ୍ଧ
ମିଳେ ନୂଆ ପରିଚୟ ।

ISSN NO.
2582-208X

ପରିବାର ଗଢ଼ି ଭିନ୍ନ ଭୂମିକାରେ
କରି ଥାଉ ଅଭିନୟ।।୫
ଦାୟିତ୍ୱ ନିର୍ବାହ ପାଇଁ ଦକ୍ଷତା ର
ହୋଇଥାଏ ପ୍ରୟୋଜନ ।
କର୍ତ୍ତବ୍ୟ ର ସମ୍ପାଦନ ଅର୍ଥେ ଲୋଡ଼ା
ପ୍ରୟୋଗ ବିଧିର ଜ୍ଞାନ।।୬
ଜୀବନ ଯମୁନା ପାରି ହେବା ପାଇଁ
ବିଦ୍ୟା ବୁଦ୍ଧି କଉଶଳ ।
କର୍ମ କୁଶଳତା ଘେନି ସିନା ଜୀବ
ଜନମ ହୁଏ ସଫଳ।।୭
ଏସବୁ ସକାଶେ ଲୋଡ଼ା ଯେଣୁ ଧନ
ଟଙ୍କା ରୋଜଗାରେ ଚିତ୍ତ ।
ତୃତୀୟାବସ୍ଥାରେ ଧର୍ମ ଅରଜିଣ
ଚିନ୍ତିବା ଆତ୍ମାର ହିତ ।।୮
ଶୈଶବ ଜୀବନ ଭେଦଭାବ ଶୂନ୍ୟ
କୈଶୋର ଉତ୍ସାହ ପୂର୍ଣ୍ଣ ।
ଯଉବନ କାଳେ ରସ ଆସ୍ୱାଦନେ
ମନ ହୁଅଇ ଉଚ୍ଛନ୍ନ।।୯
ବୃଦ୍ଧ ବୟସରେ ଧର୍ମ ଶାସ୍ତ୍ରେ ଶ୍ରଦ୍ଧା
ଉପୁଜଇ ସ୍ୱଭାବରୁ।
ଜୀବ ପ୍ରତି ଦୟା ନାମରେ ଶରଣ
ସ୍ୱତନ୍ତ୍ର ରୁଚି ବଳରୁ।।୧୦

ଗ୍ରାମ/ପୋଷ୍ଟ-ସମାସିଂହା
ଜିଲ୍ଲା-ଝାରସୁଗୁଡା
ମୋ.୭୬୮୩୮୪୧୦୭୪

ISSN NO.
2582-208X

# ଧାନ କଟା ଗୀତ

ହରିଶ୍ଚନ୍ଦ୍ର ବେହେରା

ଧାନ କଟା ଚାଲିଛି
ଶୁଭୁଛି ଖାଲି କ୍ଷେତ ସାରା କଚର କଚର  ଦାଆ ଶବ୍ଦ
କାକର ଶୁଖି ରଂଜାଳିଆ ଖରା
ଚାଇଁ ଚାଇଁ ଉତ୍ତରା ପବନ

ଚାଷୀ ମନରୁ ଆଧା ସରାଗ  ମାରି ଦେଇଛି
ଚକଡ଼ା ପୋକ
ଧାନ କାନ୍ଧି ଦିଶୁଛି ଅଧା ଅଗାଡ଼ି
କରୁଣ  ପ୍ରତିବାଦ  ମିଳେଇ ଯାଇଛି
ଆକାଶ ର ଶୂନ୍ୟତାରେ

ସରକାର ଙ୍କ ସମ୍ବେଦନୀ ଆଖି କେତେଦୂର ପହଞ୍ଚିବ ତା' ପାଖେ
ଭାବୁଛି ଧାନ କାଟୁ କାଟୁ
ଧାନ ମଣ୍ଡି ରେ ଧାନ ଦେବାକୁ  କେତେଦିନ
ଲାଇନ ଦେବାକୁ ହେବ  ଜଣା ନାହିଁ ତାକୁ

ଆଉ ଅସଳେ ବର୍ଷା ଚାହିଁଥିଲା ସେ
କେଇଟା ଦୀର୍ଘଶ୍ଵାସ ପକେଇ ଅନେଇ ରହିଥିଲା  ମେଘର
ଫେରିଯିବା ବାଟକୁ
ସାହା ଥିଲା  କାକର ର ଆଶୀର୍ବାଦ

ISSN NO.
2582-208X

କେଉଁଠି  ଶୁଭୁଛି  ସାନ୍ତାଳ ଯୁବକ ଯୁବତୀ ଙ୍କ
ମନ ଉଲୁସା ଗୀତର ଲହର
ଧାନ କଟା ସହ  ଛଟା ମେଲୁଥାଏ  ପବନ ରେ

ମନେ ପଡ଼ିଯାଏ ସ୍କଟଲ୍ୟାଣ୍ଡ ର ସେଇ ପାହାଡ଼ ତଳେ
ଏକଲା ଝିଅର ଧାନ କଟା ଗୀତ
ବିଭୋର କରିଥିଲା କବି ଓ୍ୱାର୍ଡସ୍ୱାର୍ଥ ଙ୍କୁ
ଗୀତର ଅର୍ଥ ବୁଝି ନ ହେଲେବି
ସ୍ୱର ଲହର କରିଥିଲା  ଉଦ୍ବେଳିତ

ଏବେତ  ଅନେକ ଧାନ କାଟୁଛନ୍ତି ମେସିନ ରେ
ମଳା ପାଛୋଡା ସବୁ ସେଥିରେ
ନେଇ ଯାଉଛି ଚାଷୀ ଧାନ ତକ କେବଳ
ଅଲୋଡ଼ା କୁଟା ଅଗାଡ଼ି ପଡ଼ିରହୁଛି ବିଲରେ
ପାଉଁଶ ପାଇଁ

ଶଙ୍ଖ ବାଜିଲେ ସେ ଫେରିଆସେ କ୍ଷେତରୁ
ମାଇ  କୁହୁଡ଼ି  ଢାଙ୍କି  ଦିଏ ଦିନ  ଯାକର କ୍ଳାନ୍ତି
ପକ୍ଷୀ ବାହୁଡ଼ି ଆସେ ନୀଡ଼କୁ
ଥଂଟରେ କେଇଟା ଅଭିମାନୀ ଧାନ ଶୀଷା କୁ ଧରି

ବଳଦ ପିଠି ରେ ଭିଡ଼ା ଯାଉନି ପାଣ୍ଟି ପଲାଣ
ଗୋରୁ ଗାଡ଼ିରେ ନଦା ଯାଉନି କଳେଇ
ଶୁଭୁନି କାଳିଆ କସରା ବେକର ଘଣ୍ଟି ଘାଗୁଡି
ମଣିଷ କାନ୍ଧ ଶିଝି ଯାଉନି ବିଡ଼ା ଭାରରେ

ISSN NO.
2582-208X

ଏ ସବୁ କଥା ରହିଯିବ ଇତିହାସ ହୋଇ
ଅବା ବୁଢ଼ୀମା'ର ଗପଟିଏ ହୋଇ
କେହିବି ଆଉ ଗାଇବେ ନାହି ଧାନ କଟାର ଗୀତ
ଦିନେ ମଣିଷ ବି ପାଲଟି ଯିବ ଯନ୍ତ୍ର ଟିଏ
କ୍ଷେତୁଆଳ ର ସ୍ୱପ୍ନ ସବୁ ଦଳି ହୋଇ ଯାଉଥିବ
ତା' ଲୋମଶ ପଞ୍ଝାରେ

ଏମିତି ବି ଦିନ ଆସିପାରେ ଯେଉଁଦିନ ଅଭିମାନୀ ପବନ
ହୁଏତ ବନ୍ଦ କରିଦେବ
ମାଟି କାନ୍ଥର ସବୁତକ ଦୁଆର

ହୁଏତ ଦିନେ - - -।।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ--୯୪୩୭୮୧୩୭୦୮

ISSN NO.
2582-208X

# ତୁମେ ଗଲା ପରେ

କମଳାକାନ୍ତ ମହାନନ୍ଦ

ତୁମେ ତ ଚାଲିଗଲ
ଥରୁଟିଏ ଲେଉଟି ଚାହିଁଲନି
ଫେରି ବି ପାରିଲନି ମୋ ପାଖକୁ
ହଁ କେମିତି ବା ଫେରିବ
ତୁମ ହାତ ତ ବନ୍ଧା ହୋଇ ସାରିଛି
ଆଉ କାହା ହାତରେ, ବିବାହ ବନ୍ଧନରେ
ଥରୁଟିଏ ଭାବିଲନି ଏ ବିରହୀ ପ୍ରେମିକ କିପରି ବଞ୍ଚିବ
ତୁମ ବିନା, ଏ ସ୍ୱାର୍ଥପର ଦୁନିଆରେ
ସତରେ ତୁମକୁ ଟିକିଏ ଖରାପ ଲାଗିଲାନି
ତା ହାତରୁ ସିନ୍ଦୁର ପିନ୍ଧିଲା ବେଳେ
ମନେ ପଡିଲାନି ସେ ଦିନ କଥା
ହୋଲି ଖେଳ ବାହାନାରେ ସିନ୍ଦୁର ପିନ୍ଧେଇ ଥିଲି
ତୁମ ସିନ୍ଥିରେ, ସାରା କଲେଜ୍ ସାମ୍ନାରେ
ତୁମ ପାଦ ରହିଗଲାନି କିପରି
ତା ହାତ ଧରି ବହୁ ବେଶରେ ଗଲାବେଳେ
ସାତ ଜନ୍ମର ପ୍ରତିଜ୍ଞା କରି ମଝି ରାସ୍ତାରେ ଛାଡିଗଲ
ହଁ କେମିତି ନ ଯିବ
ମୁଁ ତ ବେରୋଜଗାର ପ୍ରେମିକ
ମୋ ସାଥେ ରହି କାଇଁ ହେବ କଳବଳ
ତୁମେ ଗଲା ପରେ
ଆଉ ହସ ନାହିଁ ଏ ମୁହଁରେ
ଓଦା ସବୁବେଳେ ମୋ ନୟନ ଯୁଗଳ ।

ବାଦିପାଲି, ବିଜେପୁର/
Mob - 7682836644

ISSN NO.
2582-208X

# ଓଡ଼ିଆଣି ମହାଲକ୍ଷ୍ମୀ

ପୂଜାରିଣୀ ବିଶ୍ବାଳ

ସାରା ଦେଶ ଲକ୍ଷ୍ମୀଙ୍କ ବାର କହିଲେ ଶୁକ୍ରବାର କୁ ବୁଝେ, କିନ୍ତୁ ଓଡିଶାରେ ଲକ୍ଷ୍ମୀଙ୍କ ବାର ଗୁରୁବାର କାହିଁକି ? ଏମିତି ଏକ ଅସାଧାରଣ ପ୍ରଶ୍ନକୁ ଖୁବ ସାଧାରଣ ଢଙ୍ଗରେ ମୁଁ ପଚାରିଥିଲି ଜଣେ ସନ୍ଥଙ୍କୁ । ଗୁଣ୍ଡିଚା ମନ୍ଦିର ବହାରେ ଏକ ବରଗଛ ମୂଳରେ ଥକା ମାରିଥିବା ସାଧୁ ଜଣକ ଉଠିଲେ । ଝାଡ଼ିଝୁଡି ହେଇ କହିଲେ, ପୁଅ ! ଓଡିଶା ସହିତ କହାକୁ ତୁଳନା କରିବା ବୋକାମୀ । ସାରାଦେଶ ପାଇଁ ଲକ୍ଷ୍ମୀ ଧନର ଅଧିଷ୍ଠାତ୍ରୀ ଦେବୀ । ଚତୁର୍ଭୁଜା, ପଦ୍ମାସନା, ଗୋଟେ ହାତରେ ଶଂଖ, ଗୋଟେ ହାତରେ ପଦ୍ମ, ଗୋଟେ ହାତରେ ମାଣପେଡି, ଚତୁର୍ଥ ହାତଟି ଅଭୟ ମୁଦ୍ରାରେ, ସେଥିରୁ ଝରିପଡୁଥିବା ସୁନାରୁପା ହିରା ମୋତି କେତେ କଣ ।

ଓଡିଶାର ଲକ୍ଷ୍ମୀ ଠାକୁରାଣୀ କିନ୍ତୁ ଖାଣ୍ଟି ଓଡ଼ିଆଣୀ ବୋହୂଟେ । ସିଏ ରାଗେ, ରୁଷେ, ସ୍ଵାମୀର ଘରବାହୁଡା ବେଳ ହେଲେ ସ୍ଵାମୀ ଆସିଲେ କି ନାହିଁ ଜାଣିବାକୁ ବାରମ୍ବାର ଏରୁଣ୍ଡି ଯାଏ ଦଉଡେ । ରଥଯାତ୍ରାର ପୁରା ପ୍ରକ୍ରିୟାକୁ ଭଲରେ ଲକ୍ଷ୍ୟକର । ତା ପରେ ଆପେ ଆପେ ବୁଝିଯିବ ସବୁକିଛି । ପ୍ରଥମରୁ ତ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ସାଙ୍ଗରେ ନନେଇ ଗୁଣ୍ଡିଚାବାଡ଼ିକୁ ଚାଲିଗଲେ । ତା ପରେ ଲକ୍ଷ୍ମୀଙ୍କ ମନ ଆଉ ଦେଉଳରେ ନାହିଁ । କୁଆଡେ ଗଲେ ଗେରସ୍ତ ? କି କାମ ଏମିତି ପଡିଲା ଯେ ମତେ ଜଣେଇବାକୁ ବି ଭୁଲିଗଲେ । ରାଗରେ ମହାଲକ୍ଷ୍ମୀ ଗୁଣ୍ଡିଚାବାଡି ଗଲେ, ସ୍ଵାମୀ ଦେଢ଼ଶୁରଙ୍କୁ ସିନା ଲୋକଲଜ୍ଜା ଭୟରେ କହିହବନି, କିନ୍ତୁ ଏ ନିଆଁଲଗା ରଥଠେଇଁ ସବୁ ନାଟ । ଆଗ ରଥ ଚକକୁ ଭାଙ୍ଗନ୍ତି । ମହାଲକ୍ଷ୍ମୀଙ୍କ ରାଗ ତମତମ ମୁହଁକୁ ସାମ୍ନା କରିବାକୁ ଡରନ୍ତି ମହାପ୍ରଭୁ । ଦେଉଳକୁ ଲେଉଟି ଲକ୍ଷ୍ମୀ ରାଗରେ ବିଓଳି ଚାଉଳ ଭାତ ଆଉ କଳମ ଶାଗ ଖାଅନ୍ତି । ସୁଭଦ୍ରାଙ୍କୁ ମହାପ୍ରଭୁ ସାଙ୍ଗରେ ନେଇଛନ୍ତି ବୋଲି ସୁଭଦ୍ରାଙ୍କ ଉପରେ ଗରଗର ହୁଅନ୍ତି । ଠିକ ଓଡ଼ିଆଣୀ ନୂଆ ବୋହୁଟେ ସ୍ଵାମୀ ଆଗରେ ଉପରମୁହିଁ ନଣନ୍ଦ ବିଷୟରେ ଖୁଣ୍ଟା ମାରିଲା ପରି । ହାତଗୋଡ ନାହିଁ ହଳଦୀ ମୁହିଁଟା ଗଉଡ ଘରର ଝିଅ .. ଗେରସ୍ତ ନିକମ୍ମା ରଥରେ ବସିଚି କୋଉ କୂଳକୁ ସେ ନୁହଁ । କେବଳ ନଣନ୍ଦ ସୁଭଦ୍ରା ନୁହଁ, ନଣନ୍ଦେଇ ଅର୍ଜୁନ ବି ବାଦ

ISSN NO.
2582-208X

ପଡନ୍ତିନି ଲକ୍ଷ୍ମୀଙ୍କ କ୍ରୋଧରୁ । ମହାପ୍ରଭୁ ବାହୁଡା ଦିନ ଫେରିଲା ବେଳେ ଲକ୍ଷ୍ମୀଙ୍କ ରାଗ ପଞ୍ଚମରେ । ମହାପ୍ରଭୁ ଦେଉଳ ନଧରୁଣୁ ତାଙ୍କ ଉପରେ ଟିକେ ଭଲରେ ବେହୁଷଣ କରିବାକୁ ଲକ୍ଷ୍ମୀ ଯାଇ ଗଜପତିଙ୍କ ନଅର ଆଗରେ ହାଜର । ଠିକ ସ୍ଵାମୀଟିଏ ଗାଡି ଗ୍ୟାରେଜ ଭିତରେ ରଖୁ ରଖୁ ସ୍ତ୍ରୀ ରୋଷେଇ ଘରୁ ବର୍ଷିବା ଭଳି । ମହାପ୍ରଭୁଙ୍କ ଭାଗ୍ୟ ଭଲ, ଗଜପତି ସେଠି ମଧ୍ୟସ୍ଥତା କରନ୍ତି । ପୁଅଟା ଆଗରେ ବାପର ମର୍ଯ୍ୟାଦା ହାନି ନକରି ମହାଲକ୍ଷ୍ମୀ ଦେଉଳକୁ ବାହୁଡନ୍ତି । ରାଗ ଶୁଝେଇବାକୁ ଅପେକ୍ଷା କରନ୍ତି 'ନୀଳାଦ୍ରୀ ବିଜେ' ଯାଏ ।

ନୀଳାଦ୍ରୀ ବିଜେ ଦିନ ନାହିଁ ନଥିବା କଳି । କିନ୍ତୁ କପଟିଆ ମହାପ୍ରଭୁଙ୍କୁ ପାରିବ କିଏ ? ମହାଲକ୍ଷ୍ମୀଙ୍କୁ ଶାନ୍ତ କରିବାର ସୂତ୍ର ତାଙ୍କୁ ଜଣା । ମଣିଷ ମୁଣ୍ଡ ଭଳିଆ ରସଗୋଲା ସାଙ୍ଗକୁ ମଖମଲୀ ସୁନା ଜରି ପାଟ ଲାଞ୍ଚ ବଢ଼େଇ ଦିଅନ୍ତି ମହାଲକ୍ଷ୍ମୀଙ୍କୁ । ଟିକିଏ ଆଗରୁ ବଙ୍ଗୋପସାଗର ଭଳିଆ ଗର୍ଜନ କରୁଥିବା ମହାଲକ୍ଷ୍ମୀ ଲାଞ୍ଚ ନେଇ ବଙ୍ଗୀୟ ସନ୍ୟାସିନୀଟେ ଭଳି ଚୁପ ହେଇ ବସନ୍ତି । ମହାପ୍ରଭୁ ପୁଣି ଲକ୍ଷ୍ମୀଙ୍କ ମନ ବୁଝିବାକୁ ଗୁପ୍ତ ଗୁଣ୍ଡିଚାରେ ଶ୍ରୀଦେବୀ ରୂପରେ ତାଙ୍କୁ ନେଇଯାଆନ୍ତି ବରୁଣ ମନ୍ଦିର । ସ୍ଵାମୀ ସହିତ ବାପଘରକୁ ଯିବା ଖୁସୀରେ ଲକ୍ଷ୍ମୀ ଭୁଲିଯାଆନ୍ତି ଅତୀତକୁ । ସବୁ ସ୍ତ୍ରୀଙ୍କ ପରି ଲକ୍ଷ୍ମୀ ବି ସ୍ଵାମୀ ଜାଗନ୍ନାଥଙ୍କ ଠାରୁ ଖୁଣ୍ଟା ଖାଆନ୍ତି ବେଳେବେଳେ "ତୁହି ଟେରୀ ତୋ ଦୁର୍ଗୁଣ କହିଲେ ନସରେ ବାପା ତୋ ଲୋଣିଆ ନିତି ଗରଜିକି ମରେ" । ଠିକ ମଧ୍ୟବିତ୍ତ ପରିବାରର ସ୍ଵାମୀ ରାଗରେ ସ୍ତ୍ରୀ ର ଚଉଦପୁରୁଷ ଉଦ୍ଧାରିଲା ପରି ।ଏବେ କହ ପୁଅ, ଏ ଲକ୍ଷ୍ମୀ ଠାକୁରାଣୀ ନା ଓଡିଆଣୀ । ଓଡ଼ିଶା ର ସକଳ ନାରୀ ଯେମିତି, ଆମ ଲକ୍ଷ୍ମୀ ଠାକୁରାଣୀ ବି ସେମିତି ।

ମାଗୁଶୁର ମାସ ଯାକ ଦେଉଳରେ ନୁହଁ , ବୁଲୁଥାନ୍ତି ଓଡ଼ିଆ ପୁଅର ଧାନଖଳା ଆଉ ଅମାର । ସରିକିସରି ଝୋଟି ଚିତାରେ ପାଦ ଥାପି ବୁଲୁଥାନ୍ତି ଓଡିଶାର ଗାଁ ଗଣ୍ଡା । ଆମ ଲକ୍ଷ୍ମୀ ମାଆ ସ୍ଵାମୀର ସ୍ତ୍ରୀ । ନଣନ୍ଦର ଭାଉଜ । ଦେଢ଼ଶୁରର ଭାଇ ବୋହୂ । ଆମଭଳି କୋଟିଏ ପୁଅଙ୍କ ମା ।

ସଂଗ୍ରାହିକା: ପୂଜାରିଣୀ ବିଶ୍ୱାଳ
ମହୁ, ଆଳ, କେନ୍ଦ୍ରାପଡା, ଓଡିଶା

ISSN NO.
2582-208X

# ଅଚିହ୍ନା ନାରୀ



ପ୍ରଶାନ୍ତ ବ୍ରହ୍ମା

ନୀଳ ପାହାଡ଼ ସବୁଜ ବନ ବୁଲୁଥାଏ ସେ ମଧୁର କଣ୍ଠରେ ଗୀତ ଗାଇ
ଯାଉଥାଏ ମୁଁ ସେହି ବାଟେ ମନ ମୋର ହୁଏ ତାକୁ ଦେଖିବା ପାଇଁ ।

ଯାଉଥାଏ ମୁଁ ଯେତେ ଦୂର ଦୂରେଇ ଦୂରେଇ ଯାଏ ସେ ସେତେ ଦୂର
ମନର ଉତ୍କଣ୍ଠା ବଢ଼ିଯାଏ ଧିରେ ଧିରେ ଦେଖିବା ପାଇଁ ମୁହଁ ତାର ।

ଦୂରରେ ରହି ପଚାରି ବୁଝେ ନାଁ ଟି ତାର ଉତ୍ତର ନ ଦିଏ କେବେ ସେହି
ତଥାପି ତାର ସେହି କଣ୍ଠ କାହିଁ କେଜାଣି କରିଦିଏ ମୋତେ ବାଇ ।

ଫର ଫର ହୋଇ ଉଡେ ପଣତ କାନି ହେଲେ ଧରା ସେ ନ ଦେଲା
ଚାହୁଁ ଚାହୁଁ ଆସିଲା ସଞ୍ଜ ତଥାପି ଅପେକ୍ଷା ମୋର ନ ଗଲା ।

ଯେତେ ଚାହିଁଲେ ଜାଣି ହେଲା ନାହିଁ କିଏ ସେ ଅଦ୍ଭୁତ ନାରୀ
ଆଖି ପିଛୁଳା କେ ଲୁଚି ଯାଏ ସେହି ଛାତି ଭିତରେ ଯାଏ ଥରି ।

ପଲାଶପୁର, ଖୋର୍ଦ୍ଧା

ISSN NO.
2582-208X

# ରୁଚିକର ପଦ ହେଲେ ସିନା ଜନ



କୁମରଲାଲ ରଣା

ରୁଚିକର ପଦ  ହେଲେ ସିନା ଜନ
ସାହିତ୍ୟ ବୁଝିବ ଘେନି କର୍ଣ୍ଣେ ଜ୍ଞାନ ।
ଅବୁଝା ମାନବ ଅଦୃଶ୍ୟ ସାହିତ୍ୟ ।
ବୁଝି ନ ପାରଇ ଏଇ କଥା ସତ୍ୟ ।
ଯାହା ପାଇଁ ଯାହା ହେଉଥାଏ ରୁଚି ।
ସେ ପଦ ହେଉଛି ତାଙ୍କ ପାଇଁ ସୂଚୀ ।
ସିଂହର ଆହାର ସିଂହକୁ ଅର୍ପିବ
ଆନନ୍ଦେ ବସାଇ ତାକୁ ସମର୍ପିବ ।
ମୃଗର ଭୋଜନ ସିଂହକୁ ଯଦ୍ୟାପି
ଦେବ ତହିଁକି ଯେ ତାହାକୁ ଅରପି ।
ନ ବୁଝି କରିବ ସିଂହ ଗୋଳମାଳ ।
ରହିଯିବ କଳି ପୁଣି କାଳ କାଳ ।
କେଉଁ ବିଚାର କଲହେ କବି ମଣି ।
ରତନ ଚିହ୍ନି ସୁବର୍ଣ୍ଣକୁ ଦେଲ ଗଣି ।
ନ ବୁଝି ଦେଲ କିମ୍ପା ଲଦି ଦୋଷ
ଜାଣିଛ ସୃଷ୍ଟିର ସର୍ବ ବିଶ୍ୱାସ ।
ତଥାପି ନିଆଁକୁ ଧର ହାତେ ।
ଜାଣିଛ କି କରାମତି କେତେ ।
କବି ହୋଇ କିମ୍ପା ଏମନ୍ତ ନୀତି
ଆତ୍ମୀୟ ନ ବୁଝି କଲ ଅନୀତି ।
ବୁଝି ବିଚାରି ହେ ଦିଅ ଉତ୍ତର ।
ଜାଣିଅଛି ଅଭିମାନ ମନ୍ତର ।
ଶବ୍ଦ ଭେଦି କବି ବୋଲାଅ ହିତେ ।
ମହିମା କରୁଛ ପୁଣ୍ୟ ଜଗତେ ।

ମହୁଆଭଟା

ISSN NO.
2582-208X

# ସମର୍ପଣ



ମନୋରଞ୍ଜନ ସୁରୁଜାଲ

ଫୁଲଟିଏ ହୋଇ ମହକ ବିତରି
ମନରେ ଭରିବି ହସ,
ରତ୍ନାକର ପରି ବିଶାଳ ହୃଦୟେ
ସଭିଙ୍କି କରିବି ବଶ ।
ପ୍ରତିଦାନେ ଅବା ନେବି ନାହିଁ କିଛି
କେବଳ ବାଣ୍ଟିବି ସୁଖ,
ପର ପାଇଁ ସିନା ମହତ ସାଧିଲେ
ଅପସରି ଯିବ ଦୁଃଖ ।
ଜଳଦ ଯେମିତି ହରଷ ମନରେ
ଢ଼ାଳି ଦିଏ ଜଳରାଶି,
ଅକୁଣ୍ଠିତ ଚିତ୍ତେ ଶୀତ-ଜ୍ୟୋତି ଧାରା
ବିତରେ ଆକାଶ ଶଶୀ ।
ମହତ କରମ ସାଧରେ ପରାଣ
କର ଅମୃତ ସନ୍ଧାନ,
ଫୁଲରେ ଯେମିତି ସୁମଧୁର ରସ
ମଧୁକର ମଧୁବନ ।
ପବନ ପରିକା ଭଲ ମନ୍ଦ ସବୁ
ଶ୍ରଦ୍ଧାରେ ନେବି ଆଦରି,

ISSN NO.
2582-208X

ଜଳ ଧାରା ହୋଇ ଆଗକୁ ବଢ଼ିବି
ବାଧାକୁ ନ ଯିବି ଡରି ।
ଅନ୍ନ ମୁଠେ ହୋଇ ଭୋକ ମେଣ୍ଟାଇବି
ଭୋକିଲା ଜଣେ ନଥିବେ,
ଦେଶ କାରିଗର ଗଢ଼ିବେ ଏ ଦେଶ
ବିଦେଶେ ନାମ ରଖିବେ ।
ଜୀବନର ମୂଲ୍ୟ ସମର୍ପିତ ହେବା
ବଞ୍ଚିବା ଅନ୍ୟକୁ ଚାହିଁ,
ମହାନତା ଗୁଣ ସମର୍ପଣେ ସିନା
କେବଳ ଅନ୍ୟର ପାଇଁ ।

ଅଇଁଲ୍ ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଭାଗବତ କଥା – ୨
## (ଧାରାବାହିକ)



ନରେନ୍ଦ୍ର ପ୍ରସାଦ ବେହେରା

### ଜୟ-ବିଜୟଙ୍କୁ ମୁନମାନେ ଅଭିଶାପ ଦେଲେ କାହିଁକି

ବ୍ରହ୍ମାଙ୍କର ଚାରି ପୁତ୍ର ଥିଲେ । ସେମାନେ ହେଲେ ସନକ, ସଦନ, ସନାତନ ଓ ସନତ୍ କୁମାର । ସେମାନେ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସାଧନ ଭଜନ କରି ପବିତ୍ର ଜୀବନଯାପନ କରୁଥିଲେ । ଏହି ଚାରି ଭ୍ରତା ଦିନେ ବୈକୁଣ୍ଠ ଧାମରେ ପରମପୁରୁଷ ବିଷ୍ଣୁଙ୍କୁ ଦର୍ଶନ କରିବା ନିମନ୍ତେ ସେଠାରେ ପହଞ୍ଚିଲେ । ସେମାନେ ଦୀନ ବେଶରେ ଯାଇଥିବାରୁ ଦ୍ୱାରଦେଶ ଜଗିରହିଥିବା ଦୁଇ ଜଣ ପ୍ରହରୀ ସେମାନଙ୍କୁ ପ୍ରାସାଦ ମଧ୍ୟରେ ପ୍ରବେଶ କରିବାକୁ ଦେଲେ ନାହିଁ । ସେମାନେ ବିଷ୍ଣୁଙ୍କୁ ଦର୍ଶନ କରିବାକୁ ଆସିଛନ୍ତି ବୋଲି କହି ଭିତରକୁ ଯିବାକୁ ଦେବା ନିମନ୍ତେ ଯେତେ ଅନୁନୟ ବିନୟ ହୋଇ କହିଲେ ସୁଦ୍ଧା, ଦ୍ୱାରପାଳଦ୍ୱୟ ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ । ଏଥିଯୋଗୁଁ ମୁନିମାନେ ରାଗିଯାଇ ଅଭିଶାପ ଦେଲେ, ତୁମେ ଦୁହେଁ ପାପଯୋନିସମ୍ଭୂତ ଅସୁର ହୋଇ ଜନ୍ମ ହେବ । ଅଭିଶାପ କଥା ଶୁଣି ଦ୍ୱାରପାଳ ଜୟ-ବିଜୟ ନିଜର ଭୁଲ୍ ଯୋଗୁଁ ମୁନିମାନଙ୍କ ନିକଟରେ କ୍ଷମା ମାଗିଲେ । ଇତି ମଧ୍ୟରେ ଶ୍ରୀବିଷ୍ଣୁ ସମସ୍ତ ଘଟଣା ଜାଣିପାରି ପତ୍ନୀ ଲକ୍ଷ୍ମୀଦେବୀଙ୍କ ସହିତ ଆସି ଉପସ୍ଥିତ ହେଲେ । ଦ୍ୱାରପାଳ ମାନଙ୍କ ପ୍ରତି ହୋଇଥିବା ଦଣ୍ଡବିଧାନକୁ ସେ ଅନୁମୋଦନ କଲେ ସତ କିନ୍ତୁ ଜୟ-ବିଜୟ ତାଙ୍କର ଅତି ପ୍ରିୟ ଦ୍ୱାରପାଳ ହୋଇଥିବାରୁ, ସେ ସେମାନଙ୍କୁ କହିଲେ, ତୁମେ ଦୁହେଁ ତିନିଜନ୍ମ ପରେ ଅଭିଶାପ ମୁକ୍ତ ହୋଇ ମୋ ପାଖକୁ

ISSN NO.
2582-208X

ପୁଣି ଫେରି ଆସିବ । ପ୍ରଥମ ଜନ୍ମରେ ଜୟ -ବିଜୟ ଦିତିଙ୍କ ଗର୍ଭରୁ ଜନ୍ମ ହେଲେ ଦୈତ୍ୟ ହିରଣ୍ୟକଶିପୁ ଓ ହିରଣାକ୍ଷ ରୂପେ । ଦ୍ୱିତୀୟ ଜନ୍ମରେ ସେମାନେ ରାବଣ ଓ କୁମ୍ଭକର୍ଣ୍ଣ ରୂପେ ଜନ୍ମ ହେଲେ ଏବଂ ତୃତୀୟ ଜନ୍ମରେ ସେମାନେ ହେଲେ ଶିଶୁପାଳ ଓ ଦନ୍ତବକ୍ର ।

ଆଳଦା, ଖଇର୍ , ବାଲେଶ୍ୱର

ISSN NO.
2582-208X

# ବନ୍ଧୁ



ରୋହନ ନାଏକ

ହେ ବନ୍ଧୁ! ମୋ ଜୀବନ ସିନ୍ଧୁ
ମନେପଡେ ଯେବେ ତୁମ କଥା ।
ନେତ୍ରରୁ ଝରେ ଲୋତକ ବିନ୍ଦୁ
ହୃଦୟ ହୋଇ ଯାଏ ବ୍ୟଥା ।। ୦୧

ଜାଣିପାରେ ନାହିଁ ଏ କି ରସ ?
ତେଣୁ ଦେଖେ ମୁହିଁ ତୁମ୍ଭ ରୂପଚିତ୍ର
ତହିଁରେ ଦିଶଇ ତୁମ୍ଭ ମଧୁର ହସ ।
ଲାଗୁଥାଏ ମୋତେ ସେ ସବୁ ବିଚିତ୍ର।। ୦୨

ମନେ ପଡୁଥାଏ ସବୁ ଅଭୁଲା କଥା
ପବନ ପାଶେ ଯାହା ସବୁ କିଛି କହି ।
ଦୁଃଖରେ ଭାଙ୍ଗି ପଡ଼େ ମନର ମଥା
ତା' ପାଖେ ବେଦନା ଯାଏ ରହି ।। ୦୩

ମନର ବେଦନା ପବନ ସଙ୍ଗେ ଯାଇ
ତୁମକୁ ଖୋଜୁଥାଏ ହସି ହସି ।
ଠିକଣା ନପାଇ କ୍ଲାନ୍ତ ହୋଇ
ଆକାଶ ସହ ଯାଏ ମିଶି ।। ୦୪

ତୁମର ମନେ ପଡ଼ିବି ଯେବେ ମୁହିଁ
ମୁହଁରେ ମୁରୁକି ହସି ଟିକିଏ ଦେଇ ।
ମୁକ୍ତ ଆକାଶକୁ ଦେବ ଟିକେ ଚାହିଁ
ସିଏ ଅତୀତ ସ୍ମୃତି ସବୁ ଦେବ କହି ।। ୦୫

ଜାମୁଟପାଲି, ବରଗଡ଼,
ମୋ:ନଂ-୮୦୧୮୭୮୬୪୯୨

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

### ଚତୁର୍ଥ ଅଧ୍ୟାୟ

### ରାଗ-ଶଙ୍କରାଭରଣ

ଭାଗବତ ତରଙ୍ଗିଣୀ ଗର୍ଭେ ଗଲେ ବୁଡି
ଇଛନ୍ତି ନାହିଁ ମାନବ କୂଳକୁ ବାହୁଡି
ତାହା ଅଟଇଟି ମୋକ୍ଷ
କାମନା ପୂରଣରେ ଅଟଇ କଳ୍ପବୃକ୍ଷ ।୨୬ ॥
ଆମ୍ଭ ପଟକୁ ଅନାଅ ଇକ୍ଷଣ ମେଲାଇ
ନିଜ ଅଭିଜ୍ଞତାରୁ ମୁଁ ଯାହା ବଖାଣଇ
ରୁଚି ନଥିଲାଟି ମୋରେ
ଭଗବାନଙ୍କ ସାକାର ସଗୁଣ ରୂପରେ ।୨୭ ।
ନିରାକାର ବ୍ରହ୍ମଙ୍କର ନିଗୁଣ ସ୍ୱରୂପେ
ରଖିଥିଲି ନିଷ୍ଠା ମୋର ନିକାଞ୍ଚନ ଦ୍ୱୀପେ
ଭାଗବତ ଦୀପଜାଳି
ଜନ୍ମଦାତା ଶୁଣାଇଲେ କୃଷ୍ଣ ପଦ୍ୟାବଳୀ ।୨୮ ।
ହୃଷୀକେଶଙ୍କର ଲୀଳା ଗାଢରୂପେ ପଡି
ହୃଦକୁ ମୋହର ଦୃଢଭାବେ ଦେଲା ଭିଡି
ଭୁଲି ସଗୁଣ ନିର୍ଗୁଣ
ପରଂବ୍ରହ୍ମଙ୍କ ସାକାର ରୂପରେ ମଗ୍ନିଣ ।୨୯ ।
ତୁମ୍ଭେ ଅଟ ପ୍ରଭୁଙ୍କର ପରମ ଭକତ
ଶୁଣାଇବି ପୁଣ୍ୟ ଲୀଳାମୃତ ଭାଗବତ
ଲୀଳା ସଗୁଣ ବର୍ଣ୍ଣନା
ଶୁଣିଲେ ହୋଇବ ପୂର୍ଣ୍ଣ ଅନ୍ତିମ କାମନା ।୩୦ ।

-: ଟୀକା :-

ଇଛନ୍ତି – ଇଚ୍ଛା କରିବା
ଇକ୍ଷଣ – ନୟନ, ଆଖି
ପରମ – ଶ୍ରେଷ୍ଠ, ପ୍ରିୟ
ଅନ୍ତିମ - ଶେଷ

କ୍ରମଶଃ.....

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ମୁଁ ସରକାର



ଦିନେଶ ମେହେର

ଜାଣିଛ,
ଯେତେବେଳେ ସବୁକିଛି
ଶେଷ ହେବାକୁ ବସିଥିଲା,
ସବୁ ସମ୍ପର୍କ ଆଗରେ ବାଡ଼ ପଡି ସାରିଥିଲା,
ସେତେବେଳେ ହୃଦୟ ଝରକାର ପଥ ଦେଇ
ତମେ ଆସିଥିଲ,
କିନ୍ତୁ ଦେଇନଥିଲ ଆସିବାର ଶୁଭ ସମ୍ବାଦ!

ହଁ ମନେ ଅଛି,
ଠିକ୍ ଏକ ଦରଫୁଟା ଗୋଲାପର
କଢ଼ିଟିଏ ଭଳି ତମେ ଫୁଟିବା ଫୁଟିବା ହେଉଥିଲ
ନିଜକୁ ସାତରଙ୍ଗରେ  ସଜାଇଥିଲ
ପହିଲି ଫଗୁଣର ସ୍ପର୍ଶରେ।

ସେଦିନ,
ନିଜକୁ ଏକୁଟିଆ ପାଇବା ପରେ
ଢେର୍ ଖୋଜିଛି ଆପଣାର ଜଣକୁ,
ସେଇ ଶୁଭ ଲଗ୍ନେ,
ତମେ ଆସିଲ,

ISSN NO.
2582-208X

ଫଗୁଣ ଆସିଲା
ମୋ ଦୁନିଆ ମହକିଲା
ନୂଆଁ ହେଇ ଫୁଟିଥିବା ଫୁଲର ବାସ୍ନା ରେ!

କିନ୍ତୁ,
ତମେ ଯେ ହଁ ନାଇ ର ଚୁକ୍ତି ଭିତରେ
ସାରି ଦେଇଥିଲ କିଛି ଟା ଦିନ,
ପୁଣି
ତା ଭିତରେ ସୃଷ୍ଟି ହେଲା ଆମ ସମ୍ପର୍କ,
ବୋଧେ ଜଣା ନାହିଁ
ସମ୍ପର୍କ ର ଡୋରି ମଜଭୁତ ଥିଲା କି ନା
କିନ୍ତୁ
ବାରମ୍ବାର ଭୟ ଲାଗୁଥିଲା
କାଳେ ଛିଡ଼ି ଯିବ ବୋଲି!

ସମ୍ପର୍କ କୁ ଆଗେଇ ନେବାକୁ ଯାଇ
ପ୍ରେମ କଲ,
ପ୍ରେମିକା ଟେ ହେଲ,
ନିଜ ପ୍ରେମିକାପଣ ରେ ଭିଜେଇ ଚାଲିଲ
ମୋ ସମଗ୍ର ଯୌବନ କୁ,
ଧୀରେ ଧୀରେ ମୋ ଅନ୍ତରଟାକୁ ଭେଦି
ଘର ଟିଏ କରିଥିଲ,
ବିଶ୍ୱାସକୁ କେନ୍ଦ୍ରବିନ୍ଦୁ ସଜେଇ,
ଏଯାଏଁ ବି ସେ କେନ୍ଦ୍ରବିନ୍ଦୁ ଠିକ୍ ସେଇମିତି
ସ୍ଥିତପ୍ରଜ୍ଞ ରହିଛି,
ତୁମ ପଦିଏ କଥାରେ ହଉ
ଅବା ମୋ କଟୁ ମନ୍ତବ୍ୟରେ।

ISSN NO.
2582-208X

ଏବେ ତ
ତୁମ ବିରହରେ
ପ୍ରତି ଟି ସଞ୍ଜ ଲାଗେ ନିଛାଟିଆ,
ଆଗରୁ ମହକି ଆସୁଥିବା ସଞ୍ଜଦୀପ ର କର୍ପୁର
ଏବେ ଆଉ ମହକି ଉଠୁନି,
ନା ବାଜି ଉଠୁଛି ଶଂଖଧ୍ୱନି
ଆମ ପ୍ରେମର!

କିନ୍ତୁ
ତଥାପି ଆମେ ବସି ରହିଛୁ,
ଆମ ସ୍ମୃତି ସବୁକୁ ସାଉଁଟି ଧରି,
ବୋଧେ
ଜନ୍ମ ଜନ୍ମାନ୍ତର ଲାଗି
ତୁମ ସହ ପ୍ରୀତି ରଚିବାର ଇଛା ନେଇ
ଜିଇଁ ଚାଲିଥିବା ଜୀବନ ମୋର
ବିତି ଚାଲିଛି
ତୁମ ଭଲପାଇବା ଭିତରେ,
ପୁଣି
ଦୁନିଆକୁ ଭୁଲି ଯାଇ
ନିଜକୁ ହଜେଇ ଦେଇଛି
ତୁମ ପ୍ରେମିକାପଣରେ!

ପଳାସ,କଳାହାଣ୍ଡି
ପ୍ରେମ "ଏକ ଅନୁଭୁତି"

ISSN NO.
2582-208X

# ଜୀବନ ସନ୍ଧ୍ୟାର ଉପକୂଳେ ମଣିଷର ସ୍ଥିତି



ବାଲ୍ମୀକି ନାୟକ

ପୃଥିବୀରେ ମଣିଷ ହେଉଛି ସବୁଠାରୁ ଉନ୍ନତ ଏବଂ ଶ୍ରେଷ୍ଠ ପ୍ରାଣୀ । ଆଦିମ କାଳରୁ ମଣିଷର ହିଁ ମସ୍ତିଷ୍କ ଧୀରେ ଧୀରେ ବିକଶିତ ହୋଇଛି । ବିକାଶ କ୍ରମ ବନ୍ଦ ହୋଇଯାଇନାହିଁ। ଆଗକୁ ଆହୁରି କେତେ ବିକଶିତ ହେବ ତାହା ବି କଳ୍ପନାତୀତ । ଏହି କାରଣରୁ ମଣିଷ ଧରା ତଳୁ ଯାଇ ଚନ୍ଦ୍ର ପୃଷ୍ଠରେ ପାଦ ଥୋଇ ଫେରିଲାଣି । ମଣିଷ ମାନସିକ ସ୍ତରରେ ଯେତିକି ବୁଦ୍ଧିମାନ ଅନ୍ୟ କୌଣସି ପ୍ରାଣୀ ସେତିକି ବୁଦ୍ଧିମାନ ବୋଲି ପ୍ରମାଣ ମିଳିନାହିଁ । ଏହାର ବିପରୀତ ମଣିଷ ଶାରୀରିକ ସ୍ତରରେ ବହୁତ ଦୁର୍ବଳ ଏବଂ ଅସହାୟ । ଜନ୍ମ ହେବା ପରେ କିଛି ବର୍ଷ ପର୍ଯ୍ୟନ୍ତ ସେ ଅନ୍ୟ ବଡ ମଣିଷଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ରହେ । ଖାଇବା, ପିଇବା, ଶୋଇବା, ଚାଲିବା ଏପରିକି କଥା କହିବା ପାଇଁ ବଡ ମଣିଷଙ୍କ ସାହାଯ୍ୟ ଆବଶ୍ୟକ ପଡୁଛି । ସଂରକ୍ଷଣ ନମିଳିଲେ ମଣିଷ ଶିଶୁ ବଞ୍ଚି ରହିବା ଅସମ୍ଭବ ।

ଠିକ୍ ସେହି ଦୁର୍ବଳ ଓ ଅସହାୟ ଅବସ୍ଥା ମଣିଷର ପରିଣତ ବୟସରେ ମଧ୍ୟ ହୋଇଥାଏ । ଶାରୀରିକ ଅକ୍ଷମତା ବା ଦୁର୍ବଳତା ପାଇଁ ଅବଶ୍ୟ କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ଦୁର୍ବଳ ହେବା ପାଇଁ ଅନେକ କାରଣ ରହିଛି । ଯେକୌଣସି ବୟସରେ ରୋଗଗ୍ରସ୍ତ ହୋଇ କିମ୍ବା କୌଣସି ଦୁର୍ଘଟଣା ଯୋଗୁଁ ଶାରୀରିକ କ୍ଷମତା ହରେଇ ବସିବା କାରଣରୁ ମଣିଷ ଦୁର୍ବଳ ହୋଇଯାଏ । କିନ୍ତୁ ଜୀବନ ସାରା ସୁସ୍ଥ ଓ ସକ୍ଷମ ରହିଥିଲେ ବି ମୃତ୍ୟୁ ପୂର୍ବରୁ ଦିନେ ସେ ନିଶ୍ଚୟ ବୟସର ଶିକାର ହେବ । ପ୍ରତ୍ୟେକ ଜୀବନ ଥିବା ପ୍ରାଣୀ ବୟସର ପ୍ରଭାବ ଭୋଗ କରିବା ହେଉଛି ଏକ ପ୍ରାକୃତିକ ସତ୍ୟ ।

ISSN NO.
2582-208X

ଆମେ ଆଜି ମଣିଷ ଜୀବନର ସେହିଭଳି ଗୋଟିଏ ଅତି ସମ୍ବେଦନଶୀଳ ଶେଷ ଅବସ୍ଥା ଉପରେ ଆଲୋଚନା କରିବା । ପ୍ରତ୍ୟେକ ପିଢ଼ିର ପୁରୁଷ ଓ ମହିଳା ବିଭିନ୍ନ ମାଧ୍ୟମରେ ପ୍ରେମ କରି ହେଉ କି ପାରିବାରିକ ସମ୍ମତିରେ ବିବାହ କରି ସ୍ୱାମୀ-ସ୍ତ୍ରୀ ହୋଇ ଗୋଟିଏ ପରିବାର ଗଠନ କରିଥାନ୍ତି । କାହାର କେତୋଟି ସନ୍ତାନ ଜନ୍ମ ହେବ ସେଇଟା ବି ଆଜିର ଯୁଗରେ ତାଙ୍କର ବ୍ୟକ୍ତିଗତ ବ୍ୟାପାର ହୋଇଯାଇଛି । ଗତ କିଛି ଶହ ବର୍ଷ ପୂର୍ବରୁ ସନ୍ତାନ ଉତ୍ପତ୍ତି ଈଶ୍ୱରଙ୍କ ଇଛା ଉପରେ ନିର୍ଭର କରୁଛି ବୋଲି ବିଶ୍ୱାସ ଥିଲା । କିଛି ଦମ୍ପତି ଯୁଗ ସହିତ ତାଳମେଳ ରଖି ନିଜର ରୋଜଗାର ଏବଂ ସନ୍ତାନ ପାଳନ କ୍ଷମତା ଅନୁସାରେ ପରିବାର ନିୟନ୍ତ୍ରଣ କରିବା ପାଇଁ କମ୍ ସନ୍ତାନ ଜନ୍ମ କରୁଛନ୍ତି । ଆଉ କିଛି ଦମ୍ପତି ନିଜର ଅଜ୍ଞାନତା ଯୋଗୁଁ ବହୁତ ସନ୍ତାନ ଜନ୍ମ କରିଥାନ୍ତି । ଧୀରେ ଧୀରେ ସୁଖେ ଦୁଃଖେ ସମସ୍ତଙ୍କ ଜୀବନ ଅତିବାହିତ ହୋଇଥାଏ । ପିଲାମାନେ ବଡ଼ ହୁଅନ୍ତି । ସେମାନେ ବି ବିବାହ କରି ନିଜ ନିଜର ପରିବାର ଗଠନ କରନ୍ତି । ସମୟାନୁକ୍ରମେ ପରିବାରରେ ଆର୍ଥିକ, ବୈଚାରିକ, ମତପାର୍ଥକ୍ୟ, ସ୍ୱାର୍ଥପରତା, ଅତି ମହତ୍ୱାକାଂକ୍ଷୀ ମନୋଭାବ ଇତ୍ୟାଦି କାରଣରୁ ସମସ୍ୟା ସୃଷ୍ଟି ହୋଇଥାଏ । ବେଳେ ବେଳେ ପରିବାରଜନଙ୍କ ଭିତରେ ସମସ୍ୟାଗୁଡିକ ଏତେ ଜଟିଳ ହୋଇଯାଏ ଯେ ସମାଧାନର ସହଜ ଉପାୟ ମିଳେ ନାହିଁ । ଯୌଥପରିବାର ଗୁଡିକ ଭାଙ୍ଗିଯାଇ ଏକକ ପରିବାରରେ ବିଭାଜନ ହୋଇଯାଏ । ସେଥିପାଇଁ କୁହାଯାଏ ଯେତେ ସୋଦର ସେତେ ଘର । ଏକକ ପରିବାରଗୁଡିକ ସିନା ଠିକ ଚାଲେ କିନ୍ତୁ ସେହି ପରିବାରର ମୂଳ ସଦସ୍ୟ ବାପା ଓ ମାଆ ଦୁଇଜଣ ଉପେକ୍ଷିତ ହୋଇଯାନ୍ତି । ସେ ଦୁଇଜଣଙ୍କ ଶାରୀରିକ ଓ ମାନସିକ ଅବସ୍ଥା ଦୁର୍ବଳ ହୋଇଯାଏ । ସେମାନଙ୍କୁ ଅନ୍ୟର ସାହାଯ୍ୟ ଆବଶ୍ୟକ ପଡିଥାଏ । ଦୁଃଖର କଥା ଯେ ତାଙ୍କର ଏକ, ଦୁଇ କିମ୍ବା ଆଠଜଣ ସନ୍ତାନ ଥିଲେ ମଧ୍ୟ ସେମାନେ ଉପେକ୍ଷିତ ହୋଇଥା'ନ୍ତି । ଏହିଭଳି ପରିସ୍ଥିତିରେ ସେ ଦୁହିଁଙ୍କ ଅବସ୍ଥା ଶୋଚନୀୟ ହୋଇଯାଏ, ଯେତେବେଳେ କେହି ଜଣେ ଅସୁସ୍ଥ ହୋଇଯାନ୍ତି ଅନ୍ୟଜଣକ ତାଙ୍କର ସେବା ଶୁଶ୍ରୁଷା କରନ୍ତି କିନ୍ତୁ ଯେତେବେଳେ ଉଭୟ ଅସୁସ୍ଥ ହୋଇଯାନ୍ତି, ସେତେବେଳେ ସେମାନଙ୍କର ସେବା ଶୁଶ୍ରୁଷା କରିବା, ଠିକ ସମୟରେ ଖାଦ୍ୟ ଯୋଗାଇବା ପାଇଁ ପୁଅ, ବୋହୂ, ଝିଅ, ଜ୍ୱାଇଁ ଆଦି କାହାରି ପାଖରେ ସମୟ ନଥାଏ । ସମୟ ଥିଲେ ବି ଭାବନାତ୍ମକ ସମ୍ପର୍କ କମ୍ ଥିବା ଯୋଗୁ କିମ୍ବା ସମ୍ବେଦନହୀନତା ଯୋଗୁ ରୋଗୀସେବା କରିବା ଆଗ୍ରହ ନଥାଏ । ଏହି ସମସ୍ୟାର ସମାଧାନ ପାଇଁ ଆଜିକାଲି ଅନେକ ଲୋକ ଅନିଚ୍ଛା ସତ୍ତ୍ୱେ ନିଜର

ISSN NO.
2582-208X

ପ୍ରିୟ ବାସଗୃହ ତ୍ୟାଗ କରି ବୃଦ୍ଧାଶ୍ରମରେ ଯାଇ ରହିବାକୁ ନିର୍ଣ୍ଣୟ ନେଉଛନ୍ତି । ଯେଉଁମାନଙ୍କର ଆର୍ଥିକ ଅବସ୍ଥା ଦୁର୍ବଳ ସେମାନେ ସରକାରୀ କିମ୍ବା ସ୍ୱେଚ୍ଛାସେବୀଙ୍କ ବୃଦ୍ଧାଶ୍ରମରେ ରହନ୍ତି । ସେଠାରେ ମାଗଣାରେ ଯାହା ଯେମିତି ଖାଇବା, ପିଇବା ଓ ସେବା ମିଳେ ସେତିକିରେ ଦୁଃଖ କଷ୍ଟରେ ଆପତ୍ତି ଅଭିଯୋଗ ନକରି ଜୀବନ ଅତିବାହିତ କରନ୍ତି ।

ଆଉ ଗୋଟିଏ ବର୍ଗ ଅଛନ୍ତି, ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ । ଘର, ଜମି, କାର, ବ୍ୟାଙ୍କରେ ଜମା ରାଶି ସବୁ ଅଛି କିନ୍ତୁ ସେବା କରିବାକୁ ନିଜର କେହି ପାଖରେ ନାହାନ୍ତି । କିଛି ସ୍ୱାମୀ ଓ ସ୍ତ୍ରୀ ଉଭୟ ନିଜର ସୁରକ୍ଷା ଦୃଷ୍ଟିରୁ ନିଜର ସୁନ୍ଦର କୋଠା ଘର ଛାଡି ସବୁ ପ୍ରକାର ସୁବିଧା ଥିବା ବୃଦ୍ଧାଶ୍ରମରେ ଟଙ୍କା ଭଡା ଦେଇ ରହନ୍ତି । ସେଠାରେ ତାଙ୍କୁ ଠିକ ସମୟରେ ଖାଦ୍ୟ, ଔଷଧ ଆଦି ମିଳେ, ଡାକ୍ତର ଓ ନର୍ସ ସୁବିଧା ବି ମିଳେ । ସୁଖର କଥା ଯେ ସେଠାରେ ରହୁଥିବା ସମଦୁଃଖୀ, ସମବୟସ୍କ ଲୋକମାନଙ୍କ ସହିତ ମିଶି ଆଳାପ ଆଲୋଚନା କରି ମାନସିକ ସନ୍ତୁଷ୍ଟି ପାଇଥାନ୍ତି ।

ଆଉ ଗୋଟିଏ ବର୍ଗରେ ଏମିତି ସ୍ତ୍ରୀ ବା ପୁରୁଷ ଅଛନ୍ତି ଯାହାର ଜୀବନ ସାଥିଟି ପ୍ରଥମେ ଚାଲି ଯାଇଥାଏ । ଏକା ବଞ୍ଚି ରହି ଯାଇଥିବା ମଣିଷଟିର ଶାରୀରିକ ଅବସ୍ଥା ଯାହା ଥାଉ ନା କାହିଁକି ତାଙ୍କର ମାନସିକ ଅବସ୍ଥା ଅତ୍ୟନ୍ତ ଦୁଃଖଦାୟକ ହୋଇପଡେ । ଏପରିକି ଜଣେ ପ୍ରତିଷ୍ଠିତ ପୁରୁଷ ବା ସ୍ତ୍ରୀ ନିଜର କୋଟି କୋଟି ଟଙ୍କାର ସମ୍ପତ୍ତି ଥିଲେ ମଧ୍ୟ ସାଥୀ ହରେଇବା ପରେ ସମାଜର ସହାନୁଭୂତି ପାଇ ନିଜକୁ ଦୟନୀୟ ମନେ କରିଥା'ନ୍ତି । ଜୀବନ ସାଥୀର ବିୟୋଗରେ ଦୁନିଆର ସମସ୍ତ ଭୌତିକ ସୁଖ ସୁବିଧା ତୁଛ ଲାଗେ । ତାଙ୍କର ଏହି ସମସ୍ୟାର ଅସଲ ସମାଧାନ ପରିବାରଜନ, ପାଖ ପଡିଶା କିମ୍ବା ସାଙ୍ଗ-ସାଥୀଙ୍କ ପାଖରେ ନଥାଏ । ଏହାର ସମାଧାନର ଅସଲ ସୂତ୍ର ହେଉଛି ଆଉ ଗୋଟିଏ ନୂଆ ଜୀବନସାଥୀ । କିନ୍ତୁ ନୂଆ ଜୀବନସାଥୀ ପାଇବା ପାଇଁ ରହୁଛି ଅନେକ ପ୍ରଶ୍ନ । ଯଥା : ୧. ନିଜର ମାନସିକ ଦ୍ୱନ୍ଦ୍ୱ- ଲୋକମାନେ କଣ କହିବେ ? ୨. ପରିବାର ଲୋକମାନେ କଣ ଏଥିରେ ସହମତ ହେବେ ? ୩. ବୟସର ତାରତମ୍ୟ କାହାର କେତେ ହେବା ଉଚିତ ? ୪. ଶାରୀରିକ କ୍ଷମତା କାହାର କେତେ ଭଲ ବା ସୁସ୍ଥ ଥିଲେ ଉଭୟ ଜୀବନକୁ ଉପଭୋଗ କରିପାରିବେ ? ଶେଷ ଦୁଇଟି ପ୍ରଶ୍ନ ହେଉଛି - ଦୁହେଁ ସାମାଜିକ ରୀତି ନୀତି ଅନୁସାରେ ପୁନଃବିବାହ କରିବା

ISSN NO.
2582-208X

ଉଚିତ୍ ହେବ ନା ଆଜିକାଲି ପ୍ରଚଳନ ହେଉଥିବା 'ଲିଭ-ଇନ' ସମ୍ପର୍କରେ ରହିବା ଉଚିତ୍ ହେବ ?

ଉପରୋକ୍ତ ୧ରୁ ୪ ଗୋଟି ଜଟିଳ ପ୍ରଶ୍ନର ଉତ୍ତର ସହଜ ହୋଇଯିବ ଯଦି ଶାରୀରିକ ଓ ମାନସିକ ସ୍ତରରେ ନିସଙ୍ଗ ଜୀବନ ବିତାଉଥିବା ସ୍ତ୍ରୀ ବା ପୁରୁଷ ନିଜର ମନୋବଳ ଦୃଢ଼ କରି ନିର୍ଣ୍ଣୟ କରିବ ଯେ ଯେମିତି ବି ହେଉ ମୋର ଗୋଟିଏ ସାଥୀ ଆବଶ୍ୟକ । ଶେଷ ଦୁଇଟି ପ୍ରଶ୍ନର ଉତ୍ତର ଦୁଇ ଜଣଙ୍କ ଇଛା ଓ ପରିସ୍ଥିତି ଅନୁସାରେ ନିର୍ଣ୍ଣୟ କରିହେବ । ବୃଦ୍ଧ ବୟସରେ ଆଇନ ଅନୁସାରେ ବିବାହ କରିବା ଦ୍ୱାରା ବହୁତ ଜଟିଳ ସମସ୍ୟା ସୃଷ୍ଟି ହେବ । ଯଦି କିଛି ଦିନ ପରେ ଦୁହିଁଙ୍କ ଭିତରେ ମତ ପାର୍ଥକ୍ୟ ଘଟିବ ତେବେ ସେମାନେ ସହଜରେ ଅଲଗା ହୋଇ ପାରିବେ ନାହିଁ । ଆମ ସମ୍ବିଧାନରେ ସ୍ୱାମୀ ଓ ସ୍ତ୍ରୀଙ୍କ ଛାଡ଼ପତ୍ର ପ୍ରକ୍ରିୟା ବହୁତ ଜଟିଳ ଏବଂ ସମୟ ସାପେକ୍ଷ । ବୃଦ୍ଧ ବୟସରେ ସେମାନେ କୋର୍ଟ - କଚେରୀକୁ କେତେ ଦୌଡ଼ିବେ ? ତାପରେ ରହିଛି ସମ୍ପତ୍ତିର ଉତ୍ତରାଧିକାର ସମସ୍ୟା । ତେଣୁ ଲିଭ-ଇନସମ୍ପର୍କରେ ବେଶୀ ସମସ୍ୟା ନଥାଏ । ମତ ଭେଦ ହେଲେ ଯେତେବେଳେ ଚାହିଁବେ ଅଲଗା ହୋଇଯାଇ ପାରିବେ । ଲିଭ-ଇନସମ୍ପର୍କ ପାଇଁ ଜାତି ଓ ଧର୍ମରୁ ଉର୍ଦ୍ଧ୍ୱରେ ରହି ମୁକ୍ତ ମନରେ ସାଥୀ ଚୟନ କଲେ ମନମୁତାବକ ଉପଯୁକ୍ତ ସାଥୀ ମିଳିପାରିବ । କିଛି ବୁଦ୍ଧିଜୀବୀଙ୍କ ମତରେ ପରିଣତ ବୟସରେ ବିବାହ କରିବା ଅପେକ୍ଷା ପରସ୍ପର ସହମତିରେ 'ଲିଭ-ଇନ' ରହିବା ବହୁତ ଭଲ । ଏହାଦ୍ୱାରା ଦୁହିଁଙ୍କ ପୂର୍ବ ସାଥୀଙ୍କ ସହିତ ଥିବା ଆଚରଣରେ ବି ପରିବର୍ତ୍ତନ ଆସିବ । ପୁରୁଣା ସାଥୀ ଯାହା ବରଦାସ୍ତ କରୁଥିଲେ, ନୂଆ ସାଥୀ ସେହି ଆଚରଣକୁ ବରଦାସ୍ତ ନକରି ଛାଡି ପଳାଇବାର ଭୟ ରହିବ । ଯଦି କିଛି ଦିନ ପରେ ସେମାନଙ୍କର ମତ ବା ବିଚାରଧାରାରେ ପାର୍ଥକ୍ୟ ଦେଖାଯିବ ତେବେ ସେ ଦୁହେଁ ଖୁବ ସହଜରେ ଅଲଗା ହୋଇଯାଇ ପାରିବେ । ପୁଣି କୌଣସି ନୂଆ ସାଥି ମିଳିଲେ ତାଙ୍କ ସହିତ ବାକି ଜୀବନ ଅତିବାହିତ କରିପାରିବେ । ପରିଣତ ବୟସରେ ଦୈହିକ ସମ୍ପର୍କ ଅପେକ୍ଷା ଭାବନାତ୍ମକ ସମ୍ପର୍କ ଏବଂ ସାନ୍ତ୍ୱନା ବେଶୀ ଆବଶ୍ୟକ । ଆଜିର ସମାଜରେ କେବଳ ପୁରୁଷ ନୁହନ୍ତି ବହୁତ ସ୍ତ୍ରୀ ବି ଅଛନ୍ତି ଯାହାଙ୍କ ପିଲାମାନେ ଘରଠାରୁ ଦୂରରେ ରହୁଛନ୍ତି ଏବଂ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି । ତାଙ୍କର ଘରବାଡ଼ି ସମ୍ପତ୍ତି ବହୁତ ଅଛି କିନ୍ତୁ ଘରେ ଏକା ରହୁଛନ୍ତି । ଅନ୍ୟ ସମ୍ପର୍କୀୟମାନେ ପ୍ରାୟ ଆର୍ଥିକ ଲାଭ ପାଇବା ଆଶାରେ ସମବେଦନା ପ୍ରଦର୍ଶନ କରିଥାନ୍ତି କିନ୍ତୁ ଠିକ ଦୁଃଖଦ ସମୟରେ ଦେଖା ଦିଅନ୍ତି ନାହିଁ । ଏଭଳି

ISSN NO.
2582-208X

ପରିସ୍ଥିତିରେ ତାଙ୍କର ଶାରୀରିକ ଏବଂ ମାନସିକ ସୁରକ୍ଷା ପାଇଁ ଜଣେ ସଚ୍ଚା ଓ ସମ୍ବେଦନଶୀଳ ପୁରୁଷ ବନ୍ଧୁ ଆବଶ୍ୟକ ପଡୁଛି । 'ଲିଭ-ଇନ' ରହିଲେ ସମ୍ପତ୍ତି ଉପରେ ସନ୍ତାନ ମାନଙ୍କର ଉତ୍ତରାଧିକାର ଯଥା ସ୍ଥିତି ହୋଇ ରହିବ । ପୁରୁଷା ବା ସ୍ତ୍ରୀ କାହାରି ଦାବି ରହିବ ନାହିଁ । 'ଲିଭ-ଇନ' ରହିବା ପୂର୍ବରୁ ଗୋଟିଏ ଚୁକ୍ତି ବା ସ୍ୱୀକୃତି ପତ୍ର ଲେଖା ଯିବ ଯେ ଯାହା ପାଖରେ ବେଶୀ ଧନ ଅଛି ସେ ଦୁହିଁଙ୍କ ଜୀବନ ଧାରଣ ପାଇଁ ଯାବତୀୟ ଖର୍ଚ୍ଚ ବହନ କରିବେ ଏବଂ ତାଙ୍କର ମୃତ୍ୟୁପରେ କିଛି ନିର୍ଦ୍ଧାରିତ ଟଙ୍କା ବା ଅନ୍ୟାନ୍ୟ ସମ୍ପତ୍ତି ବଞ୍ଚିଥିବା ସାଥୀ ପ୍ରାପ୍ତ କରିବେ । ଏଥିରେ କୌଣସି ବିବାଦ ରହିବନାହିଁ । ଏହିଭଳି ଚଳଣି ବିଦେଶରେ ବହୁତ ଆଗରୁ ଚାଲିଛି ଏବଂ ଭାରତରେ ବି ବିଭିନ୍ନ ସହରରେ ଏଭଳି ଯୋଡ଼ିଙ୍କ ଅନେକ ସଫଳ ଉଦାହରଣ ଦେଖିବାକୁ ମିଳୁଛି । ଆଜିକାଲି ଉଚ୍ଚଶିକ୍ଷିତ, ରୋଜଗାରକ୍ଷମ, ମୁକ୍ତମନା ପୁଅ ଓ ଝିଅମାନେ ନିସଙ୍ଗ ହୋଇ ଯାଇଥିବା ନିଜର ବାପା କିମ୍ବା ମାଆଙ୍କୁ ପୂର୍ଣ୍ଣ ସମର୍ଥନ ଦେଇ ଏହି ବିଷୟରେ ପ୍ରୋତ୍ସାହିତ କଲେଣି । ଆବଶ୍ୟକ ସ୍ଥଳେ ଆର୍ଥିକ ସାହାଯ୍ୟ କରି ପୁଅ-ଝିଅମାନେ ନିଜକୁ ଆଶ୍ୱସ୍ତ ଅନୁଭବ କରୁଛନ୍ତି । ନିଜେ ସେମାନଙ୍କ ସେବା କରିବାକୁ ସୁଯୋଗ ନପାଇ ମନରେ ଯେଉଁ ଗ୍ଲାନି ବା ଅପରାଧବୋଧ ଅନୁଭବ କରୁଥିଲେ ସେଥିରୁ ମୁକ୍ତ ରହୁଛନ୍ତି ।

ବୟୋଜ୍ୟେଷ୍ଠ ଗୁରୁଜନ ବନ୍ଧୁଗଣ ଭଲଭାବେ ଚିନ୍ତନ ମନ୍ଥନ କରି ଏହି ପ୍ରସ୍ତାବ ଉପରେ ସୁଚିନ୍ତିତ ମତାମତ ଦିଅନ୍ତୁ ।

ମୋ: ୯୪୮୨୦୧୬୨୬୦
E-mail- balmikinayak@gmail.com

ISSN NO.
2582-208X

# ପ୍ରିୟତମା

କୁମର ମହାକୁଡ଼

ପ୍ରିୟତମା
ତିଥି ଟିଏ ଥିଲା
ସେ ଦିନ ଏମିତି
ତୁମ ଆଖି ବି କଥା କହୁଥିଲା
ଭୃକୁଞ୍ଚନ ବିସ୍ଫାରିତ କରି ।

ତୁମ ଦୀର୍ଘଶ୍ୱାସ ବି କଥା କହୁଥିଲା
ଦୁଇଟି ମନର ମିଳନର ଶାନ୍ତି
ଆଉ ଏକାକାର ହୋଇ ଯିବାର
ଯୌବନର ପ୍ରତିସ୍ମୃତି ।

ତୁମ ଗୋଲାପ କଢ଼ି
ଓଠରେ ବି ରହିଥିଲା
ସୂକ୍ଷ୍ମ ଆମନ୍ତ୍ରଣର ମନ୍ତ୍ର
ତଲ୍ଲୀନ ହେବା ପାଇଁ ।

ଭୂଇଁରେ ତୁମ ଗୋଡ଼ ଲାଗୁନଥିଲା
ଉଲ୍ଲାସରେ ଉତ୍ଫୁଲ୍ଲିତ ହୋଇ
ସପନ ସହରେ ଉଡ଼ି ବୁଲୁଥିଲ
ଅବା ପରୀ ଟିଏ ହୋଇ ।

ISSN NO.
2582-208X

ପବନ ବି ଉତ୍ଫୁଲ୍ଲିତ ହେଉଥିଲା
ତୁମ ବାସ୍ନାରେ ମହକି
ତୁମ ମହକରେ ମହକି ଥିଲା
ଚଉଦିଗ ବିସ୍ଥାରିତ ହୋଇ ।

ପ୍ରିୟତମା
ଧୂ ଧୂ ଖରା ତୁମ ଝଲ୍ ମଲ୍ ଚେହେରାର
ଭ୍ରମ ସୃଷ୍ଟି କରୁଥିଲା
ଆଜି ବି ସେ ତିଥି ଅଛି ।

ମୁଁ ବି ଅଛି ତୁମ ଅପେକ୍ଷାରେ
ଜୀବନର ଏହି ସାୟାହ୍ନରେ
ମନ କହୁଛି, ଭୁଲିଯାରେ ହୃଦୟ
ସେ ତିଥି ଯାହା ବି ଥିଲା
ମିଛ ଥିଲା, ମିଛ ହିଁ ମିଛ ।

ପ୍ରିୟତମା
ସେ ତିଥି ଆସିବାର ନାହିଁ ଆଉ
ଏ ଜୀବନେ ...
ବିଲୀନ ହେଇଯାଉ ପ୍ରିୟତମା
ସେ ତିଥି ଅବା ତୁମ ସ୍ମୃତି
ଏ ଜୀବନେ ...

ସରିଆପାଲି, ବୌଦ୍ଧ
୭୯୯୧୦୮୫୫୫୭

ISSN NO.
2582-208X

# କି ଦୋଷ କରିଥିଲି ତୁମର ?



ସୁଶୀଲ୍ କୁମାର ଭୋଇ

ଥିଲି ମୁଁ ଏକେଲା
ଥିଲି ମୁଁ ନିଆରା ମୋ ଦୁନିଆ ଭିତରେ
ଆସିଥିଲ ତୁମେ ମୋ ଜୀବନକୁ
ସମ୍ପର୍କ ଯୋଡିବା ଦିଗରେ!!!

ଗଢ଼ିଥିଲ ମୋ ସାଥେ ମଧୁର ସମ୍ପର୍କ
ସ୍ନେହ ଶ୍ରଦ୍ଧା ଚୋରା ପ୍ରୀତିରେ
ଦେଇଥିଲ ମନେ ଅନେକ ବିଶ୍ୱାସ
ଜନ୍ମେଇ ଥିଲ ହୃଦୟେ ଆଶିଷ!!!

ଭରିଥିଲ ମନେ ମମତାର ମହୁ
ଭଲ ପାଇବାର ଅର୍ଥକୁ ଜଣାଉ
ଭାବନାକୁ ବୁଝି କରିଥିଲ ଗଳ୍ପ
ଅଳ୍ପ ସେଇ ସ୍ୱଳ୍ପ ପ୍ରେମକୁ ନେଇତ!!!

ବିଶ୍ୱାସ ଜନ୍ମିଥିଲା ତୁମ ପ୍ରତି
ମୋ ଅବୁଝା ହୃଦୟର ଚୋରା ପ୍ରୀତି
ସ୍ୱପ୍ନ ଦେଖୁଥିଲି ତୁମକୁ ନେଇ
ଖୁସୀ ହେଉଥିଲି ତୁମକୁ ପାଇ!!!

ISSN NO.
2582-208X

ଅନେକ ଆଶା କରିଥିଲି ତୁମକୁ
ହେଲେ ତୁମେ ଧୋକା ଦେଲ କାହିଁ
ଯଦି ଦରକାର ଥିଲା ତୁମର ଅନ୍ୟ କେହି
ମୋ ଭାବନା ସହ ଖେଳି ଦେଲ କାହିଁ ?

କି ଦୋଷ କରିଥିଲି ମୁଁ ତୁମର
ମୋତେ କରିଦେଲ ସାତପର
ହୋଇଗଲ ତୁମେ ସ୍ୱାର୍ଥପର
ମୋ ହୃଦୟକୁ ଭାଙ୍ଗି
ଖୁସୀରେ କରୁଛ ଘର

ତୁମ ପାଇଁ ମୁଁ ପ୍ରତି ମୁହୂର୍ତ୍ତରେ ମରେ
ତୁମ ସ୍ମୃତିକୁ ପ୍ରତୀକ୍ଷଣେ ଝୁରେ
ବଞ୍ଚିବା ହେଉଛି କଷ୍ଟକର
ଆସିଥରେ କହିଦିଅ
ମୁଁ କି ଦୋଷ କରିଥିଲି ତୁମର!!!

ଭୁବନେଶ୍ୱର-୨

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଚତଉ ପିଠା



ଦେବଯାନୀ ସ୍ୱାଇଁ



ଆବଶ୍ୟକୀୟ ସାମଗ୍ରୀ-

ଦୁଇ କପ୍ ଅରୁଆ ଚାଉଳ, ୧/୪ କପ୍ ବିରି ଡାଲି, ଗୋଟେ ବଡ ନଡିଆ

ISSN NO.
2582-208X

ପ୍ରଣାଳୀ-

ଚାଉଳ ଓ ବିରିଡାଲିକୁ ୧ଘଣ୍ଟା ପାଣିରେ ବତୁରାଇ ଦିଅନ୍ତୁ। ତା ପରେ ଭଲକି ଧୋଇ, ଚିକ୍କଣ କରି ବାଟି ନିଅନ୍ତୁ। ନଡିଆକୁ ମଧ୍ୟ କୋରି ତାକୁ ଅଲଗା ବାଟି ରଖନ୍ତୁ। ଚାଉଳ ଓ ବିରିଡାଲିର ମିଶ୍ରଣକୁ ୨/୩ ଘଣ୍ଟା ଟିକେ fermentation ହେବା ଲାଗି ଛାଡି ଦିଅନ୍ତୁ। ପରେ ଏଥିରେ ବଟା ନଡିଆ, ସ୍ୱାଦ ଅନୁଯାୟୀ ଲୁଣ ଦେଇ ଟିକେ ପତଳା ଆଣ ପ୍ରସ୍ତୁତ କରନ୍ତୁ। ଏବେ ଚୁଲାରେ ଗୋଟେ ମୋଟା କଡେଇ ବସାଇ ତାକୁ ଭଲଭାବେ ଗରମ ହେବାକୁ ଦିଅନ୍ତୁ। ଟିକେ ତେଲ କଡେଇରେ ବ୍ରସିଙ୍ଗ୍ କରିଦିଅନ୍ତୁ ଯାହାକି ନନ୍ ଷ୍ଟିକ୍ ପରି କାମ କରିବ। ଏଥର ପିଠା ଚାମଚ୍ ନେଇ କଡେଇରେ ଆଣ ଢାଳି, ଢାଙ୍କୁଣି ଦେଇ ଧିମି ଆଂଚରେ ଗୋଟିଏ ଗୋଟିଏ କରି ପିଠା ଗଢନ୍ତୁ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମସଲାର ରାଜା ଗୋଲମରିଚ



ଅଭିମନ୍ୟୁ କାନୁନଗୋ

ମସଲାର ରାଜା ବୋଲି ଯଦି କାହାକୁ କୁହାଯାଏ ତାହା ହେଉଛି ଗୋଲମରିଚ । କେବଳ ମସଲାର ରାଜା ନୁହେଁ, ବରଂ ଏହାକୁ ବ୍ଲାକ୍ ଗୋଲ୍ଡ ବୋଲି ମଧ୍ୟ କୁହାଯାଉଛି । ଲୁଣ ପରେ ସବୁଠୁ ଅଧିକ ବ୍ୟବହାର କରାଯାଉଥିବା ମସଲା ମଧ୍ୟରେ ଗୋଲମରିଚର ନାଁ ଆସେ । ବିଶ୍ୱର ଯେକୌଣସି ଦେଶକୁ ଯାଆନ୍ତୁ ନା କାହିଁକି ମସଲା ଭାବେ ପ୍ରଥମେ ଗୋଲମରିଚର ଉପସ୍ଥିତି ଆଖିରେ ପଡିବ । ଇଂରାଜୀରେ ଏହା ବ୍ଲାକ ପେପର୍ ନାଁରେ ପରିଚିତ । ସବୁଠାରୁ ଅଧିକ ଗୋଲମରିଚ ଚାଷ ଭିଏତନାମ ରେ କରାଯାଇଥାଏ । ଭାରତରେ ସବୁଠାରୁ ଅଧିକ ଗୋଲମରିଚ ଚାଷ କର୍ଣ୍ଣାଟକରେ ହୋଇଥାଏ । ଏହା ପଛକୁ  ରହିଛି ତାମିଲନାଡୁର ନାଁ । ଏହି ରାଜ୍ୟରେ ବି ଉତ୍କୃଷ୍ଟ ମାନର ଗୋଲମରିଚ ଉତ୍ପାଦନ ପାଇଁ ବିଶ୍ୱପ୍ରସିଦ୍ଧ । କୁହାଯାଏ ସାରା ଦୁନିଆରେ ସବୁଠାରୁ ଉନ୍ନତମାନର ଗୋଲମରିଚ କେରଳରେ ହିଁ ଚାଷ କରାଯାଏ । ପ୍ରାଚୀନ ଗ୍ରୀକ୍ ଏବଂ ରୋମାନ୍ ଇତିହାସରେ ଗୋଲମରିଚର ଉଲ୍ଲେଖ ରହିଛି । କୁହାଯାଏ ମିଶରର ଫାରୋ ରାମସେସ୍ (ଖ୍ରୀଷ୍ଟପୂର୍ବ ୧୩୦୩-୧୨୧୩)ଙ୍କ ମୃତ ଶରୀରକୁ ମମି କରାଯିବା ସମୟରେ ତାଙ୍କ ଶରୀରରେ ଗୋଲମରିଚର ପ୍ରଲେପ ଦିଆଯାଇଥିଲା ।

ସାରା ଦୁନିଆରେ ଯେଉଁଠି ବି ଗୋଲମରିଚ ଚାଷ କରାଗଲେ ବି ଦକ୍ଷିଣ ଭାରତରେ ଚାଷ କରାଯାଉଥିବା ଗୋଲମରିଚର ସ୍ୱାଦ ଅନନ୍ୟ । ମଧ୍ୟଯୁଗୀୟ ଭାରତୀୟ ରାଜା ମହାରାଜାଙ୍କ ରନ୍ଧନଶାଳାରେ ଅନ୍ୟାନ୍ୟ ମସଲା ତୁଳନାରେ ଗୋଲମରିଚର ବ୍ୟବହାର ସବୁଠୁ ଅଧିକ ଥିଲା । ଖାଦ୍ୟକୁ ଟିକେ ରାଗଯୁକ୍ତ, ସ୍ୱାଦିଷ୍ଟ କରିବା ପାଇଁ ଅନ୍ୟାନ୍ୟ ମସଲା ଅପେକ୍ଷା

ISSN NO.
2582-208X

ଗୋଲମରିଚର ପ୍ରୟୋଗ ଅଧିକ ଥିବାରୁ ଏହାକୁ ମସଲାର ରାଜା ବୋଲି କୁହାଗଲା। ଗୋଲମରିଚରେ ଔଷଧୀୟ ଗୁଣବି ଯଥେଷ୍ଟ ଅଧିକ। ଥଣ୍ଡାକାଶରୁ ରକ୍ଷା ପାଇବା ପାଇଁ ଆମେ ଚା ରେ ଅଦା ସହିତ ଗୋଲମରିଚ ପକାଇଥାଉ। ଏହା ବ୍ୟତୀତ ହଜମଜନିତ ବିଭିନ୍ନ ସମସ୍ୟାର ଉପଚାର ପାଇଁ ମଧ୍ୟ ଗୋଲମରିଚର ବ୍ୟବହାର କରାଯାଇଥାଏ। ଗୋଲମରିଚକୁ ନେଇ ଏକ ମଜାଦାର ଉପାଖ୍ୟାନ ରହିଛି। ୪୧୦ ଖ୍ରୀଷ୍ଟାବ୍ଦରେ ହୁଣ ମାନେ ରୋମ ଅଧିକାର କରିଥିଲେ ସେତେବେଳେ ରୋମାନମାନେ ମୁକ୍ତିପଣ ସ୍ୱରୂପ ୩୦୦୦ ପାଉଣ୍ଡ ଗୋଲମରିଚ ହୁଣମାନଙ୍କୁ ଦେଇଥିଲେ।

ମଦ୍ଧୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମସଲା ରାଣୀ
# ଗୁଜୁରାତି



ଅଧ୍ୟାପିକା ରୋଜାଲିନ୍ ବାରିକ୍

ମସଲାର ରାଜା ଯଦି ଗୋଲମରିଚ ହୁଏ ତେବେ ରାଣୀ ହେଉଛି ଗୁଜୁରାତି ବା ଛୋଟ ଅଳେଇଚ ଯାହାକୁ ଇଂରାଜୀରେ ଗ୍ରୀନ୍ କାର୍ଡାମମ୍ ବୋଲି କୁହାଯାଏ । ଏହି ମସଲା ବିନା ସତେ ଯେମିତି ଖାଦ୍ୟ ଅଧୁରା । ପଲଉ, ବିରିୟାନୀ, ମିଷ୍ଟାନ୍ନ ଏମିତିକ ଚା ରେ ବି ଏହାର ପ୍ରୟୋଗ କରାଯାଇଥାଏ । କେବଳ ଏତିକ ନୁହେଁ, ଦୁନଆର ସବୁଠାରୁ ମହଙ୍ଗା ମସଲା ତାଲିକାରେ ବି ଏହାର ନାଁ ଆସିଥାଏ । ଦାମ ଅତ୍ୟଧିକ ହୋଇଥିବାରୁ ଛୋଟ ଛୋଟ ପ୍ୟାକେଟ୍ ରେ ଏହା ବିକ୍ରି ହୋଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦ କମ୍ବା ସୁଗନ୍ଧ ବଢାଇ ନଥାଏ ବରଂ ଗୁଜୁରାତିର ଅନେକ ଔଷଧିୟ ଗୁଣ ବି ରହିଛି । ଗୁଜୁରାତିରେ ରହିଛି ଏମିତି କଛି ପ୍ରାକୃତିକ ଉପାଦାନ, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ସାରା ଦୁନଆରେ ସବୁଠାରୁ ଅଧିକ ଗୁଜୁରାତି ଗୁଏଟମାଲା, ଭାରତ, ଇଣ୍ଡୋନେସିଆ ଏବଂ ଶ୍ରୀଲଙ୍କାରେ ଚାଷ କରାଯାଇଥାଏ । ଯଦିଓ ସର୍ବାଧିକ ଗୁଜୁରାତି ଭାରତରେ ହୋଇଥାଏ, ତେବେ ବେଳେବେଳେ ଜଳବାୟୁ କାରଣରୁ ଏହାର ଚାଷ କମି ଯାଇଥାଏ । ଯଦି ବଡ ଅଳେଇଚ ବା ବ୍ଲାକ୍ କାର୍ଡମମ୍ କଥା କୁହାଯାଏ, ତେବେ ଏହାର ଉତ୍ପାଦନ ଭାରତ, ଭୁଟାନ ଏବଂ ଶ୍ରୀଲଙ୍କା ଭଳି ଦେଶରେ ସବୁଠୁ ଅଧିକ ହୋଇଥାଏ । ଭାରତରେ କେରଳରେ ସବୁଠାରୁ ଅଧିକ ଗୁଜୁରାତି ଏବଂ ସିକ୍କିମ, ନାଗାଲାଣ୍ଡ ଭଳି ରାଜ୍ୟରେ ସବୁଠାରୁ ଅଧିକ ବଡ ଅଳେଇଚ ଚାଷ କରାଯାଉଥିଲେ ବି ନେପାଳରେ ଭାରତଠୁ ଅଧିକ ବଡ ଅଳେଇଚ ଚାଷ କରାଯାଇଥାଏ । ଗୁଜୁରାତି ଚାଷ କରିବା ସହଜ କଥା ନୁହେଁ। ଜଳବାୟୁ ଅନୁପଯୁକ୍ତ ହେଲେ ଗୁଜୁରାତି ଚାଷ ପ୍ରାୟ ସମ୍ଭବ ନୁହେଁ ବୋଲି କୁହାଯାଇପାରେ ।

ମହୁ, ଆଳ, କେନ୍ଦ୍ରପଡା
ମୋ: ୯୯୩୮୫୦୧୧୦୨

ISSN NO.
2582-208X

# ଚଟପଟା କର୍ନ ମସଲା



ଜୟନ୍ତୀ ଦେବୀ

**ଆବଶ୍ୟକ ସାମଗ୍ରୀ:**

ମକା, ଅଦା ରସୁଣ ବଟା, ପିଆଜ, ଟମାଟୋ, କାଜୁ ପେଷ୍ଟ, ହଳଦୀ ଗୁଣ୍ଡ, ଗରମ ମସଲା, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ଓ ତେଲ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଏକ ପାତ୍ରରେ ମକାକୁ ସିଝାଇ ଦିଅନ୍ତୁ। ସିଝିଗଲା ପରେ ତାକୁ ଏକ ପାତ୍ରକୁ କାଢି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ଜୀରା, ପିଆଜ, ଅଦା-ରସୁଣ ବଟା ପକାଇ କଷନ୍ତୁ। ମସଲା ଅଳ୍ପ କଷି ହୋଇଗଲାପରେ ସେଥିରେ ଟମାଟୋ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଓ ଆବଶ୍ୟକୀୟ ଅନୁସାରେ ଲୁଣ ପକାଇ ପୁଣି କଷନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କାଜୁ ପେଷ୍ଟ ପକାଇ ଆଉ ୫ ମିନିଟ ପର୍ଯ୍ୟନ୍ତ କଷନ୍ତୁ। ତାପରେ ସେଥିରେ ସିଝା ହୋଇଥିବା ମକାକୁ ପକାଇ ଗୋଳାଇ ଦିଅନ୍ତୁ। ୨ ମିନିଟ୍ ପରେ ଅଳ୍ପ ପାଣି ଦେଇ ୧୫ ମିନିଟ୍ ପର୍ଯ୍ୟନ୍ତ ଅଳ୍ପ ଆଞ୍ଚରେ ଗ୍ୟାସରେ ବସାଇ ଦିଅନ୍ତୁ। ମକାରୁ ପାଣି ମରିଗଲା ପରେ ସେଥିରେ ଧନିଆ ପତ୍ର ପକାଇ ଦିଅନ୍ତୁ। ପରେ ତାକୁ ଏକ ପାତ୍ରକୁ କାଢି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚଟପଟା କର୍ନ ମସଲା।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ସମ୍ବଲପୁରୀ ଦିନ୍



ଦେବାର୍ଚ୍ଚନ ମେହେର

ଆସରେ ଭାଇ, ଦଦା,
କକା, ବବା କରମା ପାଳନ୍,
ବର୍ଷକେ ଥରେ ଆସିଛେ
ସମ୍ବଲପୁରୀ ଦିନ୍।।

ଅଗଷଟ୍ ମାସର୍ ପହେଲା ତାରିଖ୍
ଆସିଛେ ଆମର୍ ସମ୍ବଲପୁରୀର୍ ଦିନ୍,
ଆସ ଇ ଦିବସ୍ କେ ସଭେଁ ଗୁଟେ ଠାନେ
ଏକ ହେଇଁ କରି କରମା ପାଳନ୍।।

କହେମା, ଲେଖ୍'ମା, ନାଚମା, ଗାଏମା, ପିନ୍ଧମା
ଆମର୍ ସମ୍ବଲପୁରୀ ବୁଲିଥି,
ଆମର ଭାଷା ସମ୍ବଲପୁରୀଥି ଯେନ୍ ମୋହନି ଅଛେ
ନି ମିଳେ ଆର୍ କେନ୍'ସିଥି।।

ନିଜର ମାଆ ମାଟିର୍ ଲାଗି
ନିଜ୍ କେ ସମର୍ପି ଦେମା,

ISSN NO.
2582-208X

ଯେତେ ଦିନ୍ ବଞ୍ଚି ଥିବାର୍ ତକ୍
ନିଜର ଜନମ୍ ମାଟିର ଗୁଣ ଗାଉ ଥିମା।।

ମାଁ ଗୋ ସମଲେଇ ତର ପଣତ୍ କାନିଥି
ଢ଼ାପି ରଖିଛୁ ସାରା ସଂସାର୍ କେ,
ପଶ୍ଚିମ୍ ଓଡ଼ିଶାର୍ ଇଷ୍ଟ ଦେବୀ ଆଉ ତୁଇ
ଜୟ ଜୟ ମାଁ ଗୋ ସମଲେଇ ତର୍ ନୁ ବଡ଼ ନିନ୍ ଆଉ କେ।।

ଗ୍ରାମ - ବାପୁଜୀନଗର,ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ଭାଷା ସାହିତ୍ୟର ପେରେମ୍



ବ୍ରଜମୋହନ ମେହେର

ସାହିତ୍ୟର କେନସି ସୀମା ନେଇଁ । ନେଇଁ କେନସି ବଂଧନ । ଗୁଟେ ଭାଷାନୁ ଆରୁଗୁଟେ ଭାଷାକେ ଉତରି ପାରସି । ମୁନୁସ ଭିତରେ ଯେନ୍ ତୋର-ମୋର ଭେଦ ଭାବର ଫାର - ନାଲ ଥିସି ହେଟାକେ ଯୁଡ଼ିଦେସି ସାହିତିଅ ଭାବର ପୁଲିଆ ବନେଇକରି । ଗୁଟେ ସଁସକୁରୁତିନୁ ଆରଗୁଟେ ସଁସକୁରୁତିର ମିଲାଜୁଲା କରିପାରସି ସାହିତିଅ । ପରକୁତ ସାହିତିଅ-ପେରମୀ କେଭେ ବି କେନସି ଭାଷା କି ଭାସିକେ ହୀନ ନଜରେ ନେଇଁଦେଖେ କି ହିଁସ୍ ଅହଁକାର ନେଇଁକରେ । ହେନତି ଭାବନା ମନ ଭିତରେ ଢୁକି ଅଉଛେ ବେ'ଲେ ହେନେ ସାହିତିଅ ପେରେମ୍‌ଟା ଉନା ହେଇଯଉଛେ ବଲବାରଟା ଜାନିନାହା ।

ହଁ, ଇଟା ଯେ ସମିଆଁ ଥିସି, ଗୁଟେ ଭାଷା ପେରେମର ଉଲଗୁଲାନର । ଗୁଟେ ଭାଷା ଆରୁଗୁଟେ ଭାଷା ଉପରେ ମାଡ଼ି ବସୁଥିଲାବେଲକେ ମୂଳ ଭାଷାଭାଷୀ ଚେତିକରି ଅପନା ଭାସିର ଲାଗି ଲାଗିପଡ଼ବାରଟା । ଇଠାନେ ଉନଜା ଭାସିକେ ବିରୋଧ କରବାରଟା ନେଇଁସେ, ନିଜର ଭାସିକେ ଆଗକେ ନେବାର ଲାଗି ଭିଡ଼ି ପଡ଼ବାରଟା । ଉଲଗୁଲାନ ହେସି, ଜାନି ଜାନି କେତେ ଭାଷାପେରମୀ ମାଡ଼ି ବସୁଥିବାର ଭାସିକେ ବେଭାର ନେଇଁକରନ, ସବୁଠାନେ ଅଡ଼ି ବସସନ ଆରୁ ଅପନାର ଭାସିକେ ଆଗସାର କରବାକେ ଚାହେଁସନ । ଆରୁକେତେ ଭାଷାପେରମୀ ଥିସନ ଗୁଏର ଲେଂଜ୍‌କେ ଗୁଏର୍ ନାକେ କୁଚଲା ବାଗି ମାଡ଼ି ବସୁଥିବାର ଭାଷାନେ ଅପନାର ଭାଷାକେ ବଁଚାବାର କାଜେ ଭିନଭିନ ଲେଖା ଲେଖିବସିକରି ଜହ ଫଏଲାସନ । ଇଂଲିଶ୍‌ନେ ଲେଖିକରି ଇଂଲିଶିଆମନକେ ଖେଦଲା

ISSN NO.
2582-208X

ବାଗି କି ପଂଡିତ ପ୍ରୟାଗଦତ୍ତ ଜୋଷୀ ବାଗି ଉଡ଼ିଆ ଭାସିନେ 'କୋଶଲୀ ଭାଷାର ସଂକ୍ଷିପ୍ତ ପରିଚୟ' ଲେଖିକରି କୋଶଲୀ ଭାଷାର ଚେତନାକେ ଫଏଲାଲା ବାଗି । ଗୁଟେ ଭାଷାକେ ଉଠାବାକେ ଆରୁଗୁଟେ ଭାଷାକେ ହୀନ କରବାକେ ନେଇଁପଡ଼େ ଇଟା ସତକଥା। ଆରୁ ଝନେ ଅପନାର ଭାସିନେ ଲେଖଲେ ଯେନ୍‌ମନେ ଭାବସନ ଯେ ଦୁସ୍‌ରି ଭାସିକେ ଦେଖି ନେଇଁସହେ, ହେ'ଟା ଭୁଲ୍‌କଥା। ପରକୁତ ଭାଷାପେରମୀ ସବୁଭାଷାକେ ସନମାନ ଦେସନ। ଯେନ୍‌ମନେ ଉନଜା ଭାଷାକେ ସନମାନ ଦେବାର ନେଇଁ ଜାନନ, ସେମନକେ ଭାଷାବିଦ୍ କି ଭାଷାପେରମୀ ବଲି କେତେବେଲେ କହାନେଇଁଯାଏ।

ସାହିତିଅ- ହେଟା ଯେନସି ଭାଷାନେ ଥଉ, ସାହିତିଅ ଏକା। ପରକୁତ ସାହିତିକ ମୁଡ଼ିଆ ମାରସି । ମାନକ ଭାଷାନେ ଲେଖା ହେଇଥଉ କି ଉପଭାଷାନେ ଲେଖାହେଇଥଉ କି କେନସି ଗୁଟେ ଛୁଟିଆ ବୁଲିନେ - ଏନତିକି ନିଜର ଶତ୍ରୁମନକର ଭାଷାନେ ଲେଖା ହେଇଥିଲେ ବି ସାହିତିଅ ସାହିତିଅ ଏକା । ଦୁସରି ଭାଷାର ସାହିତିଅକେ ଅପନାର ଭାଷାଥି, ଅପନାର ସାହିତିଅକେ ଦୁସରି ଭାଷାନେ କରିକରି ନିଜର ଭାଷା ସଂଗେ ସଂଗେ ଉନଜା ଭାଷାର ଉପକାର କରିପାରସି ସାହିତିଅପେରମୀ ।

ସାହିତିଅର କହଁର ଆରୁକେତେ ଧୁରକେ ଖେପି ପାରସି ତାର ପରକୁତ ମହକ ଥିଲେ । ପୁବନ ଯେନତା ଗୁଟେଠାନର ମହକକେ ଆରଗୁଟେ ଠାନକେ କହଡ଼େଇ ନେସି, ହେନତି ଗୁଟେ ଭାସିର ସାହିତିଅକେ ଆରୁଗୁଟେ ଇଲାକା ତକ୍ ଫଏଲେଇନେସି ଅନୁବାଦ-କରା ଭଲିଆ ମହତ କରମ। ହେତିର ଲାଗି ଭାଷା-ପେରମୀମନେ, ସାହିତିଅ-ପେରମୀମନେ ଗୁଟେ ଭାସିନୁ ଆରୁଗୁଟେ ଭାସିକେ ଭିନ ଭିନ ସାହିତିଅ-କୁରତିକେ ଅନୁବାଦ କରସନ । ଗୁଟେ ସାଁକରିଆ ଇଲାକାର ଭାସିର ସାହିତିଅକେ ଉସାର ପିସାର ଇଲାକାର ଭାସିକେ ହଉ କି, ଗୁଟେ ଅଧିକ ଫଏଲିଥିବାର ଭାସିର ସାହିତିଅକେ କମ୍ ଫଏଲିଥିବାର ଭାସିନେ ହଉ। ଇ ପରକାରେ ଭାଷା ବଦଲି କରିକରି ଯେନସି ସାହିତିଅ କୁରତିକେ ହଉ ଅଧିକ ଠାନେ ଫଏଲାବାର ଚେଷ୍ଟା କରାହେସି- ହେନତି ଗୁଟେ ଭାଷାର ନେଇଁସେ ଦୁଇଟା ଭାଷାର ଉପକାର ସାଧନ ହେଇ ପାରସି । ଗୁଟେ ଭାଷାକେ ନେଇଁ ବୁଝୁଥିବାର ମାନେ ହେ' ଭାଷାର ସାହିତିଅ ସଂପଦ କି ସଁସ୍‌କୁରୁତି ସଂଗେ ପରିଚିତ ହେଇପାରସି । ଯେନତା କି କାହିଁ କେତନିକେତେ ଧୁରେ ଥିବାର ବିଦେଶୀ ସାହିତିଅ ଆମର ଭାରତର ଭାଷାମନକେ

ISSN NO.
2582-208X

ଉତରି ଆସିକରି ଆମର ଭାରତିଅମନକର ଲକେ ପରିଚିତ ହେଇପାରିଛେ, ହେନତି ଆମର ଭାରତର ସାହିତିଅ କେତନିକେତେ ଦେଶ ବିଦେଶକେ ଖେପି ପାରିଛେ । ମୂଲ ସଁସ୍କୁରୁତ ଭାଷାର ରାମାୟଣ ଆରୁ ମହାଭାରତ କହୁଁ କି ପଂଚତଂତ୍ର କେତନିକେତେ ଭାଷାନେ ଅନୁବାଦ ହେଇଛେ ଯେ ତାର ହିସାବ ନେଇଁ ବଲବାର କଥା । ମୂଲ ବଂଗଲା ଭାଷାର ଗୀତାଂଜଲି ଇଂଲିଶ୍ ଭାଷାନେ ଅନୁବାଦ ହେଲା ବଲି ଦେଶ ବିଦେଶକେ ଫଏଲି ପାରଲା । ସାରା ବିଶ୍ବଅର ନାଁ-କରା 'ନୋବେଲ' ପୁରସ୍କାର ପାଏଲା ଗୀତାଂଜଲି । ହେ' ଇଂଲିଶ୍‌ନୁ ଆରୁ ଭିନଭିନ ଭାସି- ଏନତିକି ଆମର ଭାରତିଅ ଭାଷାମନଥି ଅନୁବାଦ ହେଲା ହେ' ଅମର କୁରତି । ଇନୁ ଆମେ କେନତା କହେମୁ ଇଂଲିଶ୍‌କେ ବିଦେଶୀ ଭାଷା କି ଶତ୍ରୁ ଭାଷା ବଲି? ଇ' ଭାଷା ତୋ ଆମର କେତନିକେତେ ଧୁରର ଲୋକକେ ନିଜର କରିଛେ। କେତନିକେତେ ଭେଦଭାବକେ ଘୁଚେଇ ଦେଇଛେ । ହେନତି 'ଉମର ଖୟାମ' ବଲି ଝନେ ପୁରନା ବିଦେଶୀ କବି ରୁବାୟତ ଲେଖିକରି ଅମର ହେଇଯେଇଛନ । ସେ ଲେଖିଥିବାର ମୂଲ ପାର୍ସି କି ଆରବିର ଭାଷାର ବହିକେ କାଏଁ ଆମେ ସବେ ଦେଖି ପାରମୁ କି ପଢ଼ି ପାରମୁ? ଫିଜ୍‌ରାଲ୍‌ଟ୍ ବଲି ଝନେ ମାସ୍ତମା ଥିଲେ ବଲି ଇଂଲିଶ୍‌ନେ ହେଟା ଅନୁବାଦ ହେଲା ଆରୁ ଇଂଲିଶ୍‌ନୁ ଭିନଭିନ ଦେଶ ବିଦେଶକେ ଖେପି ଯେଇକରି ଆମର ଭାଷାକେ ବି ଉତରି ଆସଲାନା ହେ ରୁବାୟତ । ଆଝିର କୋସଲି ଭାଷାର ସାହିତିଅ ଉନଜା ଉନଜା ଭାଷାକେ ଆବରୁଛେ । ହଲଧର ସାହିତ୍ୟ ଆଏଜ୍ ଦେଶ ବିଦେଶକେ ଖେପି ସାରିଛେ । ଝନେ ଝନେ ଏନତି ମାସ୍ତମା ଥିସନ, ଗୁଟେ ଗୁଟେ ସାହିତିଅ କୁରତିକେ ଏକଲାଝନ ଏକା ଭିନ ଭିନ ଭାଷାନେ ଅନୁବାଦ କରିପାରସନ । ଗଂଗାଧର ମେହେର କଁର 'ତପସ୍ୱିନୀ'କେ ଡକ୍‌ଟର୍ ହରେକୃଷ୍ଣ ମେହେର ସଂସ୍କୃତ, ହିଂଦୀ ଆରୁ ଇଂଲିଶ୍ ଭାଷାନେ ଅନୁବାଦ କରିକରି ନାଁ'ରଖିଛନ । ଆରୁ ଜାନିଛନ? ହେ ସଂସ୍କୃତ ବାଗିର ମହାନ ଭାଷାର କବି ହରେକୃଷ୍ଣ କାଲିଦାସ କଁର ମେଘଦୂତକେ 'କୋଶଲୀ ମେଘଦୂତ' ନାଁନେ ଆମର ଭାସିକେ ଉତରେଇ ଆନିଛନ ତାହାଁକର କେତନିକେତେ ସୁଂଦର ଛଂଦେ । ପଂଚାନନ ପଟ୍ଟନାୟକ ମହାଶଏ 'କୋଶଲୀ ଭାଷାଥି ଶ୍ରୀମଦ୍‌ଭଗବଦ୍‌ଗୀତା' ବହି ଲେଖିବାର ଦେଖିଛନ? ପଂଡିତ ପୂର୍ଣଚଂଦ୍ର ସାହୁକଁର ଭାଗବତ, ମହାଭାରତ, ତପସ୍ୱିନୀ; ମୁକ୍ତକଂଠ ପ୍ରଧାନ କଁର ଗୀତାଂଜଲି, ସୁରଜିତ ସିଂହ ମହାରଥାକଁର 'ବେତାଲ ପଂଚବିଂସତି' ସଂଗେ ସଂଗେ ଆରକେତେ ସାହିତିଅ ଧାର ଲମି ଆସଲାନା ଉନଜା ଭାଷାନୁ ଆମର ଭାଷାକେ ବି । ଇଟା ଆମର କାଜେ ନିହାତି ଶୁଭ ସୂଚନା ଆଏ । ଏନତି ଲାଗିଛେ

ISSN NO.
2582-208X

କେତନିକେତେ ସାହିତିଅର ଭାଷା ବଦଲି । ଇଥିନେ ରହିଛେ ଅସଲି ଭାଷା ପେରେମ୍। ଇ'ପରକାର ଭିନ ଭିନ ଭାଷାକେ ପେରେମ ରାସ୍ତା ତିଆର କରା ଯେଇପାରେ । ଇଂଲିଶ୍, ହିଂଦୀ, ବଂଗଲା କି ଓଡ଼ିଆ ଭାଷାର ଲାଗି ବି କୋସଲି ଭାଷାର ବାଟ ଧଡ଼ଧଡ଼ା ରଖା ଯେଇପାରେ । କିଛିଦିନର ତଲେ କୋଶଲୀ ଫିଲିମ୍ 'ଶଲାବୁଢ଼ାର୍ ବଦଲା'କେ ଓଡ଼ିଆନେ ଭାଷାଂତର କରାଗଲା । ଇଥିନେ ଆମର କୋସଲିଏ ରିସା ବି ହେଲେ, କେତେ ସମଝଲେ ବି । ଆମର ହିସାବେ ଇଟା ଆରୁ ଉସାର ପିସାର ହେବାର ମାଧ୍ୟମ ଆଏ । ଆମର ଭାଷାର ସାହିତିଅ କହ କି ଫିଲିମ୍ କହ, ହେ'ଟା ଖାଲି ଆମର ଭାଷାର ଭିତରେ ଖାଲି ଢୁଂଗାଲା ପାଏନ୍ ବାଗିର ନେଇଁ ରହୁ, ନଂଧିର ପାଏନ ତାର ଖଁଏଡ୍ ତରାର ଜମିନକେ ଚାଷବାସନେ ଲଫଲଫେଇ ଦେଲା ବାଗି ଉନଜା ଭାଷାକେ ଲହଁପି କରି କହଡ଼େଇ ଦଉ ଇ' ମାଟିର ବାସନା, ଇ' ମାଟିର ମହକ୍‌କେ । ହେନତି ଉନଜା ଭାସିର ସାହିତିଅ ସଂପଦ ଆସିକରି ଆମର ଭାଷାର ବଲ ତାକତକେ ଆରୁନୁ ଆରୁ ମଜଭୁତ କରୁ । ଆମର ମନ ଭିତରର ରାଗ ରିସ ଉତରିକରି ସବୁବେଳେ ପେରେମ ଫୁଲକେ କହଡ଼େଇ ଦଉ ।

କୋସଲିବସା, ମାଲପଗ୍‌, ତୁକଲା
ଜି-ନୂଆଁପଗ୍‌, ପିନ୍-୭୬୬୧୦୭
ମୋ-9861865600
bmmeher.blogspot.com

ISSN NO.
2582-208X

# ମୋବାଇଲ୍ ଫୁଁନ୍



ମାନସ ରଞ୍ଜନ ସାହୁ

ଆଗ୍ ପର୍ ଥମେ ମୁବେଲ୍ ଫୁନ୍ ଯେନ୍ତାଆଏଲା ।
ମୁଇଁ ଜାନିଛେଁ ନୋକିଆ ଆରୁ ମୋଟର୍ଲା ଥିଲା।।
ସୁଇଚ୍ ବାଲା ମୁବେଲଫୁଁନ୍ ଘିନିକରି ଧରୁଁ ।
ଟପପ୍ କାର୍ଡଥିଲା ରେତିକରି ରିଚାର୍ଜକରୁଁ ।।
ଫୁଁନସାଙ୍ଗେ ସିମ୍ ଫିଟିଂ ମୁବେଲ୍ ଥିଲା ।
ବଡ଼ବଡ଼ ସହରେ ରିଲାଇନ୍ସ ସେଟାଥିଲା ।।
ତାର୍ପଛେ କାଏଁକାଏଁକମ୍ପାନୀ ମର୍ମନେନେଇ ।
ଜେତ୍ କି ଜାନିଛେଁ ହେତ୍ କି ଲେଖୁଛେଁମୁଇଁ ।।
ବିଏସଏନ୍ଏଲ୍ ଏୟାରଟେଲ ଦୁଇଟାସିମ୍ ।
ପଛେଏୟାରସେଲ୍ ଭୋଡାଫୋନ୍ କେତେସିମ୍ ।।
କଲ୍ ଆଏଲାବେଲେ ଗୀତବାଜବାର୍ ଲାଗି ।
ଲୋଡିଂ ସେଣ୍ଟରରେ ବସିଥଉଁ ଗୀତଭର୍ବାଲାଗି ।।
ଦାମ୍ କିଆ କେତେ ମୁବେଲ୍ ଚିପ୍ସ ଲାଗୁଥିଲା ।
ମୁବେଲର୍ ଗୀତସୁଁନଲେ କେତେଖୁସି ଲାଗୁଥିଲା।
ସେ ମୁବେଲ୍ ଆଉ ନେଇନ ଲୁକିଗଲା ନକେଭୁଁ ।
ଏବେ କ୍ରିନ୍ଟଚ୍ ମୋବାଇଲ୍ ମାର୍କେଟ ରେ ଚାଲିଛେସବୁ।।

ଟିଟିଲାଗଡ ଜି ବଲାଙ୍ଗୀର
ମୋ 8456873053

ISSN NO.
2582-208X

# ଜିବ ବଏଲେ



ଗଜାନନ ମିଶ୍ର

ଜେଇ ଜେଇ
କେନକେ ଜିବ
ଜିବ ବଏଲେ!
ଝାରଖମନ ଭିତରକେ!
ଜାଲ ପକେଇ ଜିବ
ବାଙ୍କେଲ ଡେମ୍?
ଜ, ମୁଇଁ ମାତରକ
ଥିମି ଇନେ ।
ସଭକର କବାର
କରୁଥିମି, ଜାଡେଧୁପେ
ତଉଲୁଥିମି ଆରୁ
ଫଲସାପତରେ ଟିପୁଥିମି
ପାଟପନିଆଁ ଡେନାଥି
ସମୁଦର ଆକାସ ।
ତଲୁ ଡଁଗରକେ
ଆରୁ ଡଁଗରୁ ତଲକେ
ଉତରାଚଢା କରୁଥିମି

ISSN NO.
2582-208X

ମିଲୁ କି ନେଇଁ ମିଲୁ କିଛୁ ।
ଗଖା ଆଦମି ନେଇଁ ସେ ମୁଇଁ,
ଲୁକସାନ ପାଁଚ ପଁଦର ହେଇଜିବା
ହେ ଭଏ ଭି ନେଇଁ ନ ।
ସୁଁଦର ଚେହେରା
ନେଇଁ ପଡେ କଲା ।
ଆରୁ ପଡଲେ ଭି
କେଁ ଟା ହେବା ଉନା ?
ଭିତର ତ କେଡେ ସଲଖେ
କେତନିକେତେ କେଁ କେଁଟା
ଗୁଁଥଲା ବାଗିର ଆଛେ ସଜେ
ଆରୁ ହର୍ମିସା ଜେନଟା ଜେତେବେଲେ
ହେବାର ଆଛେ ହେତେଲ ଜଉଛେ !
ଅଛେଁ ତୋ! ନଜରଅନ୍ଦାଜ କରି
ପଲାବ ବଏଲେ କେନ୍ତେଇ ହେବା!

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ISSN NO.
2582-208X

# ଆଁଏଖ୍ ଲାଲ୍



ସୁନୀଲ କୁମାର ଅଗସ୍ତି

ପାଠ୍ ପଢାର୍ ମଜା ନୁ
ଆର୍ କାହିଁ ପାଏ'ଲ ମଜା,
ଯେତେ ମଜା ସଂସାର୍ ଗୁଲାର୍
ଲାଗସି ମତେ ପିତା ପିତା,,
ପାଠ୍ ପଢୁ ପଢଲେ ପାଠ୍
ଗୁଲା ଜୀବନ୍ ସରଗ୍,
ତାର୍ ନୁ ବଢି ପାଏସନ୍ ପୂଜା
"ପାଠ୍ ପଢଉ" ଗୁଲା ଜୀବନ୍,,
ଆତମା ବିବେକ୍ ଆର୍ ତ୍ୟାଗର୍
ପାଠ୍ ପଢଉକଁର୍ କବାର୍,
ପାଇ ଆତମାର୍ ଡାକରା ପଢାଲେ ପାଠ୍
ଦେଶେ ରାଏଜେ ନାଁଇଁ ପଡେ ନ'
ଗୁନୀଜନକଁର୍ ମରଡି ଅକାଲ୍,,
ବିନ୍ ଆତମାର୍ ପେହେଚାନ୍
ବିନ୍ ଇତାର୍ ଖେଟେନ୍,
ଶାକ୍ଷାର୍ ସାଁଆଁକରିଏକଁର୍ ଆଁଏଖ୍ ଲାଲ୍ ଲାଲ୍
ଛୁଚା ଅସାର୍ ଆବଗା ଛୁଚା ଅସାର୍,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ମିଲନ୍



ସତ୍ୟନାରାୟଣ ମିଶ୍ର

ପୁର୍ଥୀ ସଂଗେ ଆକାଶ ଜୁଟିଛେ କାହିଁ ଦୁରେ
ଜନ୍ ସଂଗେ କଇଁ ଭିଲ୍
ସୁରୁଜ ର୍ ସଂଗେ ପଦମ୍ ଫୁଲ୍ ଭିଲ୍ ।

ଲାଗୁଛେ , ସୁରୁଜ୍ ଲାଗି
ସୁରୁଜମୁଖୀ ଭିଲ୍ ବାଇ ହେସି
ସୁରୁଜ ବୁଡି ଗଲେ
କୁହୁଲି ଉଦରି ଯାଏସି ତାର ହୁରୁଦ୍ ।

ତନ୍ ମିଲନ ନାଇଁ ହେଲେ କାଁ ହେଲା!
ଇ ମାନକର୍ ମନର୍ ମିଲନ୍ ଅଛେ
ଶାଶ୍ୱତ ପ୍ରେମ ଅଛେ
ଭଲ ପାଇବାର୍ ଗୁଟେ
ପୁଇନ୍ ପବିତର୍ ଭାବ ଅଛେ ।

ହେ ଭାବ ଟେ ଥିଲା ସେ ଯୁଗେ
ରାଧା ଆରୁ କୃଷ୍ଣ ର୍ ଭିତିରେ
ହେ ଭାବ ଟେ ଥିଲା ଇ ଯୁଗେ
କେଦାର ଗୌରୀ ର୍ ଭିତିରେ

ISSN NO.
2582-208X

ଏଭେଁ ରହିଛେ ଦୁଇଟା ପ୍ରେମୀ ର୍
ହୁରୁଦ୍ ଭିତିରେ ।

କିଏ ଜାନେ ଇ ପ୍ରେମ ର୍ ପରିଭାଷା
ସେମାନ କେ ଜନା କି ନାଇଁ !
ଜୀବନ ଥି ସଫୁଲ୍ ହେବା କି ନାଇଁ
ଯୋଡି ସହି ସଲାମତ୍ ରହେବା କି ନାଇଁ
ମିଲନ୍ ଟା ସପନ୍ କି ବାସ୍ତବ୍
ସବୁ, ସମିଆଁ ର୍ ହାତେ ।

ତବ ଭି ଆଏଜ୍ ଇ ବର୍ତ୍ତମାନ୍
ଛନେ ମିଶିବାକେ ଦେଇଛେ
ବୁଝବାକେ ଦେଇଛେ
ପ୍ରେମ ଦିବସ ମାନବା କେ ଦେଇଛେ
ହେପି ଭଲେଣ୍ଟାଇନ୍ ଡେ । ଥେଙ୍କ ୟୁ ।

ସିନ୍ଧେକେଲା ବଲାଙ୍ଗୀର/9583605915

ISSN NO.
2582-208X

# ସୁନାରି ଆରୁ ସୁନା

ଲମ୍ବୋଦର ମେହେର

ବୈଶାଖ ମାସର ଖରା, ଆର ବାଘ ନାଇଁ ଖାଏ ଚରା । ଏଗାର ବଜେ ବେଲା ର ତିରପଟ ଖରା, କଇଁଲି ଝାଉ ମାରୁଛେ ଫୁର ଫୁର୍। ବଲାଙ୍ଗୀରୁ ସାଢେ ଆଠ କେ ଡାଇରେକ୍ଟ କଣ୍ଟାବାଞ୍ଜି ବସ ବସଲି ଯେ, ଦସ ବଜେ କେ ପାଟଣାଗଡ ପହଚି ଗଲା। ଦୁଇ ମିନିଟ ରାମଜୀ ଛକେ, ଦସ୍ ମିନିଟ ବସ ଷ୍ଟାଣ୍ଡ ନେ ଆର୍ ଦୁଇ ମିନିଟ କଲେଜ ଛକେ ଅଟକିଲା କେ ସିଧା ଛାଡଲା ଯେ ସାଢେ ଏଗାର କେ ବେଲପଡ଼ା ଆମରି ଗଲା। ଷ୍ଟେଟ ବେଙ୍କ ଛକେ ଅଟକେଇ ଦେଲା ଯେ ସିଧା ଉତରିଲି ମୋର ଭେନେଇ ର ଦୁକାନେ । ସରସ୍ୱତି ଜ୍ୱେଲର୍ସ, ବେଲପଡ଼ା। ସବୁ ରକମର ସୁନା ରୂପା କାମ ହେସି । ଡିଜାଇନ୍ ଡିଜାଇନ୍ ର ସୁନାହାର, କାନ ଫୁଲ, ନକଫୁଲ, ଡଣୀ, ମଥା, ବାହୁଟି, ଚନ୍ଦର, ଝରି ଆର୍ ରୂପାର ଜିନିଷ ପତର ସବୁ ମିଲସି। ଛନେ ବୁଲାବୁଲି କରଲି ଆରୁ ଏକ ବାଜଲା କେ ଘର କେ ହାଜର । ନାନୀ ବଢେଇ ଦେଲା ଖାଇ ଦେଲି ପେଟେ, ସୁଇ ଦେଲି ଖଟେ।

ଫେର ଚାର ବାଜଲା କେ ଉଠଲି ବଡ ଭନଜା କେ ପଢେଇ ଦେଲି ଟିକେ ଆର୍ ବାହାରିଲୁ ଦୁକନ୍ କେ। ବେଲ ବୁଡ଼ା ଯାକ ବସିଛେ ଡୁଗ ଡୁଗ୍ ଦେଖୁଛେ, ଘେ ଫୋନ କେ ଘେଁ ସେ CC ଲାଗିଛେ ସ୍କ୍ରିନ କେ। ଠିକ ବସିଛେ ବେଲ କେ ମୋର ମୁଡ କେ ଗୁଟେ ଭାବନା ଢୁକଲା। ଦେଖୁଛେ ଦୁକାନେ କାମ କରୁଥିବାର ମୋର ଭାଇ ଟା ସୁନା ମୁଡେ କେ ଠୁଡୁକ ଠୁଡୁକ ଠେଁଶୁଛେ ହାରତୁଲ ନେ ଅର୍ ଫେର ଜୁଏ ନେ ସେଁକି ଦଉଛେ ଯେ ତରଲି ଯାଉଛେ। ଭେନେଇ କେ ପଚରାଲି କେଁଯେ ପିଟସନ୍ ଆର୍ ସେଁକସନ୍ ସୁନା କେ ? ତାପନେ ଉତର ଦେଲେ ସୁନାମୁଡା କେ ଯେତେ ଠେଁସସନ ଆରୁ ଯେତେ ସେଁକସନ ସେତେ ନରମ ହେସି ଆରୁ ସୁନ୍ଦର ହେଇ ତିଆରି ହେସି । ଠିକ ଏଁନ୍ତା ସୁନାରୀ ଦୁକାନ ତୁମର ସ୍କୁଲ କକଲେଜ ଏନ୍ତା, ଆରୁ ତୁମର ମାଷ୍ଟର ସୁନାରି ଆର୍ ତୁମେ ମାନେ ଇ ଏନ୍ତା ସୁନମୁଡ଼ା ଅ ବୁଝଲୁ ।

ନାଇକେନସି ଗ୍

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପାଚଲା ଛଛିନ୍ଦ୍ରାର କରାମତି



ଡ଼ଃ ରଞ୍ଜିତ କୁମାର ସାହୁ

ବଜାର ରୁ ଆସିଥିବା ବ୍ୟାଗଟିକୁ ଖାଲି କରୁ କରୁ ମାଉସୀ ପଚାରିଲେ, "ଆରେ ଆଜି ବି ଟମାଟୋ ଆସିନି ?"

"ଏତେ ମହଙ୍ଗାରେ ହାତ ଯାଉନି, କିଣିବାକୁ," ମାଉସ ଉତ୍ତର ଦେଲେ ।

"ହଁ ଆଉ ସବୁ ଅନାବଶ୍ୟକ ଖର୍ଚ୍ଚ କଲା ବେଳେ ପଇସା ଥାଏ, ଟମାଟୋ ପାଇଁ ନାହିଁ,"ମାଉସୀ କହିଲେ ।

ରବିବାର ଦିନ ହାଟରୁ ଫେରି ଆସିଥିଲେ ମାଉସ, ସପ୍ତାହ ଲାଗି ପନି ପରିବା ନେଇ । ମଉସା ହାଲିଆ ହୋଇ ଦୁଲ କିନା ବସିଗଲେ ଆଉ କହିଲେ, "ଆଉ ମୁଁ ଏବେ ଯାଇ ପାରିବିନି ।"

ମାଉସୀ ଆଉ କିଛି କହିଲେ ନାହିଁ, ପାଖରେ ଥିବା ବାଉଁଶ ଡାଲା ଟି ନେଇ ବାଡ଼ି ଆଡକୁ ମାଡିଗଲେ ।

"ବାଡ଼ି ଆଡକୁ କୁଆଡେ ଯାଉଛ କି ?" ମଉସା ପଚାରିଲେ

"ତୁମର ଟମାଟୋ ଆଣିବାକୁ,"ମାଉସୀ ଉତ୍ତର ଦେଲେ ।

"ହେଁ ତୁମେ କଣ ବାଡ଼ିରେ ଟମାଟୋ ଚାଷ କଲାଣି କି ?" ମଉସା ପଚାରିଲେ ।

ISSN NO.
2582-208X

"ଆଉ କଣ କରିବି କି ? ମୋର ତା ଆଉ କାମ ନାହିଁ I ତରକାରୀରେ ଟିକିଏ ନାଲି ରଙ୍ଗ ନ ଦିଶିଲେ ତୁମର ତଣ୍ଟି ତଳକୁ ଖାଇବା ଗଳିବ ନାହିଁ I ମୋର ଅସୁବିଧା ନାହିଁ କିଛି ଟମାଟୋ ନ ହେଲେ ତରକାରୀରେ, "ମାଉସୀ କହି ଚାଲିଗଲେ ବାଡ଼ି ଆଡ଼କୁ I

ଟୁକୁନା ତାଙ୍କ ପଛେ ପଛେ ଗଲା I ଦେଖିଲା ମାଉସୀ ଗୋଟିଏ ଲତା ପାଖକୁ ଚାଲିଗଲେ I

"ଭଲ ହେଲା ବାଡ଼ିରେ ଏହି ଛଛିନ୍ଦ୍ରା ଲତାଟି ମାଡିଛି, "ମାଉସୀ କହିଲେ I

ପାଚିଲା ଛଛିନ୍ଦ୍ରାକୁ ଦେଖି ଟୁକୁନା ପଚାରିଲା, "ଏଇଟା ତାହା ହେଲେ ଆଜି ଟମାଟୋ ବଦଳରେ ବ୍ୟବହାର ହେବ ?"

"ହଁ, ଆଉ କଣ କରିବି ଯେ ? ତୁମ ମଉସା ତ ଟମାଟୋ ସେ ଯାଏଁ ଆଣିବେନି ଯେ ଯାଏଁ, ତାହାର ଦାମ କମିବ ନାହିଁ ! ଏମିତିରେ ମଧ୍ୟ ଆମ ଦେଶର ଏଇଟା ଏକ ଦେଶୀ ପରିବାI ତେଣୁ ଏଇଟାକୁ ଅଧିକ ବ୍ୟବହାର କରିବା I ତୁମ ମଉସାଂକ ଭଳି ଦେଶଭକ୍ତ ହେବା,"ମାଉସୀ କହିଲେ I

"ହଉ ହେଲା ଆଉ ଅଧିକ ବ୍ୟଙ୍ଗ ବାଣ ମାରନି, କାଲି ନେଇ ଆସିବି ଏଥର ରୋଷେଇ ଆରମ୍ଭ କର I ଭୋକ ଲାଗିଲାନି, "ମଉସା କହିଲେ I

ଟୁକୁନା ଚାହିଁଥାଏ ମାଉସି ନାରଙ୍ଗୀ ରଙ୍ଗର ଛଛିନ୍ଦ୍ରାକୁ କାଟି ତରକାରୀରେ ପକେଇବାକୁ ଆଗେଇ ଗଲେ I

"ମୁଁ ତ ଭାବିଥିଲି, ଏଇଟା ଖାଲି କଞ୍ଚା ଥିଲା ବେଳେ ରୋଷେଇରେ ବ୍ୟବହାର ହୁଏ I ବାପା ବଜାରରୁ ମଞ୍ଜି ଥିଲା ବାଲା ଆଣିଲେ ବୋଉ ବିଗିଡେ I"



ISSN NO.
2582-208X

"ଏଇଟା ବଳେ ବଳେ ଉଠିଥିଲା I ମୁଁ ବିହନ ପାଇଁ କିଛିଟା ଛାଡି ଦେଇଥିଲି I ମଞ୍ଜି ଗୁଡିକ ପାକଳ ହେଇ ଯାଇଛି, ଆର ବର୍ଷକୁ ପୋତିଦେବି I ପାଚିଲା ଛଚିନ୍ଦ୍ରା ମଧ୍ୟ ରୋଷେଇ ହେଇ ପାରେ I ଏହାର ସ୍ଵାଦ ଟିକିଏ ଅଲଗା ହେଇ ଯାଏ, "ମାଉସୀ କହିଲେ I

"ମୁଁ ତ ଆଜି ପ୍ରଥମ ଥର ପାଇଁ ଏହାର ଲତା ଟି ଦେଖିଲି I ଏହାର ଫୁଲ ମଧ୍ୟ ଅଲଗା ପ୍ରକାର I ଏମିତି ଲାଗୁଛି ଗୁଡ଼ାଏ ଛୋଟିଏ ଛୋଟିଆ ସାପ ଲତାରୁ ତଳକୁ ଓହଳିଛନ୍ତି I ବହୁତ ଅଲଗା ପ୍ରକାରର ପରିବା," ଟୁକୁନା କହିଲା I



"ଏଇଟା କିନ୍ତୁ ଭାରତ ସହିତ ଏସିଆ ଏବଂ ଆଫ୍ରିକାର ଅନେକ ଦେଶରେ ଦେଖା ଯାଏ I ଏହା ଜଙ୍ଗଲରେ ମଧ୍ୟ ମିଳେ, ତେଣୁ ଏକ ପ୍ରକାର ଦେଶୀ ପରିବା କହିଲେ ଅତ୍ୟୁକ୍ତି ହେବ ନାହିଁ I କିନ୍ତୁ ଆଜି କାଲି ଉନ୍ନତ କିସମର ଛଚିନ୍ଦ୍ରା ସବୁ ଚାଷ ହେଲାଣି I କାକୁଡ଼ି, ଜହ୍ନି, କଖାରୁ, କଲରା ଏବଂ କୁନ୍ଦୁରି ଭଳି ଏହା ମଧ୍ୟ ଲତାରେ ଫଳେ I ଏଥିରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ଥିବାରୁ ଏହା ଦେହର ଜଳୀୟ ଅଂଶ ପୁରଣ କରିବାରେ ସହାୟକ ହୁଏ I ଏଥିରେ ପ୍ରଚୁର ତନ୍ତୁ ଥିବାରୁ ପାଚନ ରେ ମଧ୍ୟ ସାହାଯ୍ୟ କରେ I ଏତିରେ ଭିଟାମିନ ସି, ଭିଟାମିନ ଏ, ଭିଟାମିନ ବି୬, ଭିଟାମିନ ଇ ଥାଏ I ଏଥିରେ ପୃଷ୍ଟିସାର ମଧ୍ୟ ଥାଏ I ଏହା ବ୍ୟତୀତ ଏଥିରେ ଲୌହ, ମାଂଗାନିସ, କାଲସିଅମ, ଜିଙ୍କ,

ISSN NO.
2582-208X

ଫୋସ୍ଫୋରସ ଏବଂ ଆୟୋଡିନ ଭଳି ଆବଶ୍ୟକ ମୌଳିକ ତତ୍ୱ ରହିଛି I ତେଣୁ ଏହା ଏକ ପୁଷ୍ଟିକର ପରିବା," ମଉସା କହିଲେ I

"ଓଃ ତାହା ହେଲେ ତା ଏହାର ନିଶ୍ଚୟ କିଛି ରୋଗ ନିବାରଣ କରିବାର କ୍ଷମତା ଥିବ,"ଟୁକୁନା କହିଲା I

"ମଧୁମେହ, ରକ୍ତଚାପ, ଚର୍ମ ରୋଗ, ବାଳ ଝଡ଼ିବା ଇତ୍ୟାଦିରେ ଉପକାର କରେ ବୋଲି ମାନ୍ୟତା ରହିଛି I ଅଧିକ ଜଳୀୟ ଅଂଶ ଥବାରୁ ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ I ଏହାର ସେବନ ଦ୍ୱାରା ହୃଦୟ ଆଉ ବୃକକ ସୁସ୍ଥ ରହେ ବୋଲି ଲୋକେ ମାନନ୍ତି," ମଉସା କହିଲେ I

ଏତିକି ବେଳେ ମାଉସୀ ଡାକ ଦେଲେ ଖାଇବା ପାଇଁ I

"ଚାଲ ଦେଖିବା ଟମାଟୋ ବିନା ତରକାରୀ ତା କେମିଇଟ ଲାଗିଛି," ମାଉସ ଥଟ୍ଟା କରି କହିଲେ I

ଟୁକୁନା ଉଠି ମଉସାଙ୍କ ସାଥିରେ ଖାଇବା ଲାଗି ଚାଲିଲା I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଜଳ ହିଁ ଜୀବନ



ରାମ ଚନ୍ଦ୍ର ପ୍ରଧାନ

ବିଶ୍ୱ ନିୟନ୍ତାଙ୍କ ସୃଷ୍ଟି ସର୍ଜନାରେ
ଜଳ ଅତି ମୂଲ୍ୟବାନ
ଜଳ ବିନା ଏଠି ସର୍ବେ ଜଡ଼ତୁଲ୍ୟ
ତା' ସାଥେ ବନ୍ଧା ଜୀବନ ।
ଜୀବନ ଜୀବିକା ଉତ୍ପାଦନ କାର୍ଯ୍ୟେ
ଜଳ କରେ ଉପକାର
କୃଷିକାର୍ଯ୍ୟ ଠାରୁ କଳକାରଖାନା
ସବୁଠି ତା' ଦରକାର ।
ଜଳରେ ଜୀବନ ଜଳରେ ମରଣ
ଜଳ ପାଇଁ ଧରା ଧନ୍ୟା
ଜଳ ଅଭାବରେ ହୁଅଇ ମରୁଡ଼ି
ବହୁଳ ଜଳରେ ବନ୍ୟା ।
ଜୀବ ଜଗତକୁ ବଞ୍ଚାଇ ରଖେ ସେ
ସାଜି ଜୀବନ ନାଟିକା
ତା' କାୟାବିସ୍ତାରେ କନ୍ଦାଇ ମାରେ ସେ
ରଚି ବନ୍ୟା ବିଭୀଷିକା ।

ଜଳ ଏକା ଅଟେ ଚାଷୀଙ୍କର ସାହା
ତା' ପାଇଁ ଏ କ୍ଷେତବାଡ଼ି
ଅମୃତ ସମାନ ଜଳ ବିନା ଯାଏ
ସଭିଙ୍କର ହଂସା ଉଡ଼ି ।
ଜଳ ସଂରକ୍ଷଣେ ସଦା ଦିଅ ମନ
ଜଳ ଯେ ଜୀବନ ବିନ୍ଦୁ
ସଚେତନ ହୋଇ ସର୍ବେ ଜାଣିରଖ
ଜଳ ଉପକାରୀ ବନ୍ଧୁ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ସ୍ୱଚ୍ଛତା



ଜୟନ୍ତୀ ଓଝା

ଗାଁ ପରିମଳ ସ୍ୱଚ୍ଛତା ପାଇଁ
ସରବେ ଜାଗ୍ରତ ହୋଇବା ରହି
ଘର ଘର ବୁଲି ସର୍ଭେ କରିବା
ସମସ୍ତଙ୍କ ମୁଖେ ଖୁସି ଦେଖିବା!!

ଗାଁ ସଫେଇ ସ୍ୱଚ୍ଛତା ଦେଖି
ପରିଦରଶନେ ଆସିବେ ସଖି
ସେଥିପାଇଁ ଆମେ ସଜାଗ ହେବା
ଘର ବର୍ଜ୍ୟ ବସ୍ତୁ ଏକାଠି କରି
ଏଣେ ତେଣେ ଜମା ପିଙ୍ଗି ଦେବାନି!!

ଘର ଆଢୁଆଳେ ଗାତ ଖୋଳିବା
ଅଳିଆ ବସ୍ତୁକୁ ପକାଇଦେବା
ଆମ ପରିମଳ ଆମ ହାତରେ
ପରିବେଶ ସୁସ୍ଥ ରହିବ ଭଲେ!!

ଆମ ପଞ୍ଚାୟତ ଆମ ପ୍ରଖଣ୍ଡ
କାମ କରି ନାମ ରଖିବ ଟେକ
ଆମ ପ୍ରଖଣ୍ଡ ମହାଶୟ ଅଧିକାରୀଙ୍କୁ
ନମ୍ବର ଏକକରି କାମ କରିବା
ମାନ ମର୍ଯ୍ୟାଦା ତାଙ୍କ ବଢ଼ାଇ ଦେବା!!

ସରବେ ଆସ ଆମେ ଏକାଠି ହୋଇ
ସରକାରଙ୍କ କାମରେ ସାମିଲ ହୋଇ
ସମସ୍ତେ କାର୍ଯ୍ୟରେ ଲାଗିପଡିବା
ସ୍ୱଚ୍ଛତା କାମକୁ ଆଗେଇ ନେବା!!

ପାଟପୁର,ଧର୍ମଶାଳା, ଯାଜପୁର

ISSN NO.
2582-208X

# ତିନି ରଙ୍ଗ ଆମ ଜାତୀୟ ଧ୍ୱଜା



ଦୀନବନ୍ଧୁ ପୋଇ

ତିନି ରଙ୍ଗଆମ ଜାତୀୟ ଧ୍ୱଜା
ଦିଅନ୍ତି ସମ୍ମାନ ଭାରତ ପ୍ରଜା ।
ଭାରତୀୟ କେତେ ପାଇଲେ ସଜା
ଆମେ ଆଜି ତାର ନେଉଛେ ମଜା
ଆମରି ଦେଶର ଆମେରେ ରଜା
ବଜାଇବା ଆସ ତେଲିଙ୍ଗ ବାଜା
ସତସ୍ତୋରି ବର୍ଷ ହୋଇଲା ପୂର୍ତ୍ତି
ସେ ପାଇଁ ସରବେ ହୁଅରେ ଫୂର୍ତ୍ତି
ପୂଜିବା ଆସ ମାଆ ଭାରତ ମୂର୍ତ୍ତି
ରହିଛି ଦେହରେ ଖଣିଜ ଭର୍ତ୍ତି ।
କେହି ନଯିବେରେ ଆଗକୁ ବର୍ତ୍ତି
ହେଉ ଆମର ଏକ ମନୋବୃତ୍ତି ।
ନଥାଏ ମନରେ ଜାତି ଅଜାତି
ଭ୍ରାତୃତ୍ୱ ଭାବନା ଭାରତ ନୀତି ।
ତିନି ରଙ୍ଗ କହେ ତିନୋଟି ନୀତି
ବୀରତ୍ୱ, ପ୍ରଗତି ଆଉ ଯେ ଶାନ୍ତି ।
ମାତୃଭୂମୀ ପ୍ରତି ରଖିଲେ ପ୍ରୀତି
ସବୁକାମେ ଆମେ ଯିବାରେ ଜିତି ।

କରମୂଳ, ମହିମାଗାଦି, ଢେଙ୍କାନାଳ
ଦୂରଭାଷ_୯୯୩୮୮୦୨୪୧୨

ISSN NO.
2582-208X

# ଭାରି ଭଲଲାଗେ ଆମରି ଜେଜ



ଜୟନ୍ତ କୁମାର ମଲ୍ଲିକ୍

ଭଲ ଲାଗେ ମୋତେ ମାଛ ଚଡ଼ଚଡ଼ି
ଜେଜଙ୍କୁ ସଜନା ସାଗ
ଖାଇବା ବେଳରେ ଭାରି ମନେପଡ଼େ
ପାଟିକି ଲାଗଇ ବାଗ ।
ସତୁରୀ ବରଷ ପୁରିଲାଣି ତାଙ୍କୁ
ଖାଆନ୍ତି ପଖାଳ ଭାତ
ଏଯାଏ ଶକତ ମନୋବଳ ତାଙ୍କ
ଶକତ ବି ଗୋଡ଼ ହାତ ।
ପାଖରେ ରୁହନ୍ତି କାହାଣୀ କୁହନ୍ତି
କୁହନ୍ତି ପୁରାଣ ଗପ
ପାଠ ପଢ଼ା ସାରି ଶୁଣୁ ଆମେ ସବୁ
ତଳେ ପକେଇକି ସପ ।
ଆଗକା ମଣିଷ ଭାରି ସେ ସରଳ
ମିଛ ପାରନ୍ତିନି କହି
ଭାଗବତ ଟୁଙ୍ଗି ନିଇତି ଯାଆନ୍ତି
ପଢ଼ନ୍ତି ପୁରାଣ ବହି ।
ଆମ ପରିବାର ଧନ୍ୟ ହୋଇଅଛୁ
ଏଭଳି ଲୋକଟେ ପାଇ
ମୋ ଜେଜ ଭଳିଆ ମଣିଷ ସତରେ
ଦୁନିଆଁରେ କେହି ନାହିଁ ।

ଶୂରଡିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ:~୯୪୩୭୮୬୫୭୨୭

ISSN NO.
2582-208X

# ଋଣ



ଅମରନାଥ ବାରିକ

ଲୁଣ ଖାଏ ହାଣ୍ଡି ଋଣ ଖାଏ ଗଣ୍ଡି
କରିବାକୁ ପଡ଼େ ଚିନ୍ତା
ଆଣିଲେ କା ଠାରୁ ଋଣ ଅତ୍ୟଧିକ
ଦେବାକୁ ପଡ଼େ "ଅନନ୍ତା" ।।

ଗୁଣ ଯଦି ଥାଏ ଖଟି ଖାଇପାରେ
ଧନ କି ଆବଶ୍ୟକତା
ହେଲେ ଅଳସୁଆ ଋଣ କରି ମରେ
କର୍ମ ଲାଗେ ତାକୁ ପିତା ।।

ମଣିଷ ମରିବ ସବୁ ତ ସରିବ
ଋଣ ତ ସରିବ ନାହିଁ
ତଥାପି ନିଜର ଋଣ ସୁଝିବାକୁ
କେବେ ପଛେଇବା ନାହିଁ ।।

ମାଆଙ୍କର ଋଣ ବାପାଙ୍କର ଋଣ
ଶିକ୍ଷା ଦୀକ୍ଷା ଗୁରୁ ଋଣ
କେ ଅବା ପାରିବ ସୁଝି ଜୀବନରେ
ଶତ ଚେଷ୍ଟା କଲେ ପୁଣ ।।

ISSN NO.
2582-208X

ଋଣ ବି ଅକ୍ଷମ ଋଣ ବି ସକ୍ଷମ
କାଳ ପାତ୍ର ଦେଖି ହୁଏ
ଯେଉଁ ଋଣ କରେ ଜୀବନ ସାର୍ଥକ
ତାହାକୁ ଗ୍ରହଣ ହୁଏ ।।

କଲେ ଧନ ଋଣ ତା'ଠାରେ ଦୁର୍ଗୁଣ
ମିଳେ ନିନ୍ଦା ଅପମାନ
ତା ସଙ୍ଗେ ଦ୍ୱିଗୁଣ ଯୋଡ଼ି ନେଇଥାନ୍ତି
କରି ପୁଣି ହୀନିମାନ ।।

କରଜ ନେବାକୁ ଚାହୁଁଥାଅ ଯଦି
ନିଅ ଜ୍ଞାନର କରଜ
ହେଲେ ପଛେ ହେଉ ଅସଂଖ୍ୟ ଦରଜ
ଖ୍ୟାତି ପ୍ରସଂଶା ଅରଜ ।।

ମନୁଷ୍ୟ ଜାତି ହେ ଜାଗିଉଠ ଏବେ
ଋଣ କରଜକୁ ତ୍ୟାଗ
ଗୁଣି ମାନବର ତାଲିକା ଉପରେ
ନିଜ ନାମ ରଖି ଆଗ ।।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଭଲ ମଣିଷ ହେବା



ହରେରାମ ପଣ୍ଡା

ପାଶେ ଥିଲେ ଯେତେ ଅମାପ ସମ୍ପଦ
ଭଲ ଗୁଣ ଯେବେ ନାହିଁ,
ଦୁନିଆରେ ଭଲ ମଣିଷଟେ ବୋଲି
ତାକୁ କେହି ଗଣେନାହିଁ ।
ପରସ୍ୱାର୍ଥ ପାଇଁ ନିଜର ସ୍ୱାର୍ଥକୁ
ବଳି ଦିଏ ଯେଉଁ ଜନ,
କାଳ କାଳ ପାଇଁ ଇତିହାସ କରେ
ସେମାନଙ୍କ ଜୟଗାନ ।
ଆସୁ ଯେତେ ବାଧା, ସତ୍ୟ, ଅହିଂସା
ନ୍ୟାୟର ପଥରେ ରହି,
ପରପାଇଁ କିଛି ଭଲକାମ କଲେ
ବଡ଼ ହେବୁ ଦିନେ ତୁହି ।
ପିତା ମାତା ଗୁରୁଜନଙ୍କ ସେବାରେ
ସଦା ରଖିଥିବୁ ଲୟ,
ତାଙ୍କରି ଆଶିଷେ ଦୂର ହେବ ବାଧା
ଜୀବନେ ଲଭିବୁ ଜୟ ।
ଭୋକ ଉପାସରେ ଦୁଃଖ ଯନ୍ତ୍ରଣାରେ
ସଢ଼ୁଛନ୍ତି କେତେ ଜନ,
ତାଙ୍କରି ସେବାରେ ଆସ ମନଦେବା
ତୁଷ୍ଟ ହେବେ ନାରାୟଣ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
କୁଆଁସ, ମେରଦା କାଟିଆଛକ,
ଯାଜପୁର

ସମ୍ପର୍କ - ୯୪୩୮୦୬୫୧୯୫

ISSN NO.
2582-208X

# ଚନ୍ଦ୍ର



ଆଦବିକା ପଟ୍ଟନାୟକ




ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

## ମତାମତ/ସମୀକ୍ଷା

# ବେଦାନ୍ତୀ - ଅଗଷ୍ଟ ସମୀକ୍ଷା



ଦେବଯାନୀ ସ୍ୱାଇଁ

ସୁନ୍ଦର ନୀଳ ରଙ୍ଗର ଚିକୋରୀ ପୃଷ୍ଠରେ ମଣ୍ଡିତ ହେଇ ଏଥରକ ଆସିଛି ଆମ ପ୍ରିୟ "ବେଦାନ୍ତୀ"। ସମ୍ପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ବେଦାନ୍ତୀର ଜନ୍ମ ବିଶେଷାଙ୍କ ଅବସରରେ ସମସ୍ତ ପାଠକଙ୍କୁ ତାଙ୍କ ଖୁସି ପ୍ରକାଶ କରି କହିଛନ୍ତି, - କ୍ରମାଗତ ୮ ବର୍ଷ ଧରି "ବେଦାନ୍ତୀ" ର ୫୦ ପୃଷ୍ଠାରୁ ୪୦୦ ପୃଷ୍ଠା ଯାକେ ସଫଳତାର ଯାତ୍ରା କିଛି ଛୋଟ କଥା ନୁହେଁ। ଏହା ସମ୍ଭବ ହେଇପାରିଛି ସମସ୍ତ ବେଦାନ୍ତୀ ପରିବାରର ସଦସ୍ୟମାନଙ୍କ ନିଜ ମାତୃଭାଷା ପ୍ରତି ଅବଦାନ ପାଇଁ। ବାସ୍ତବରେ ନିଜ ମାତୃଭାଷାର ପ୍ରଚାର ଓ ପ୍ରସାର ପାଇଁ ଆମ ସମସ୍ତଙ୍କର ଅବିରତ ଚେଷ୍ଟା ରହିବା ଉଚିତ।

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ସଦା ସର୍ବଦା "ବେଦାନ୍ତୀ" ଓ ବେଦାନ୍ତୀ ପରିବାର ସହିତ ରହିଥାଉ ଏତିକି ପ୍ରାର୍ଥନା।

ଭିତର ପୃଷ୍ଠାରେ ସବୁଥର ଭଳି "ସ୍ୱାସ୍ଥ୍ୟ ବିଭାଗ", "ଆମ ହାଣ୍ଡିଶାଳ", "ଆଞ୍ଚଳିକ" ଆଉ "ଶିଶୁ ବିଭାଗ" ସହିତ ଭରି ରହିଛି ବିଭିନ୍ନ ପ୍ରସଙ୍ଗ ଉପରେ ଗଳ୍ପ ଓ କବିତାର ଆଲେଖ୍ୟ। ଶେଷ ପୃଷ୍ଠାରେ ରହିଚି ସବୁଠୁ ଉପଯୋଗୀ "ଚଳିତ ମାସରେ ପଡୁଥିବା ପର୍ବପର୍ବାଣୀ" ଏବଂ ଆକର୍ଷଣୀୟ "ଚିତ୍ର କଥା କହେ"।

ISSN NO.
2582-208X

ପ୍ରଥମ ଲେଖା, "ଆମ ଉପରେ ଇଂରାଜୀ ଭାଷାର ପ୍ରଭାବ"- ଲେଖାଟିରେ ଲେଖକଙ୍କର ପ୍ରତିଟି ଉକ୍ତି ଯଥାର୍ଥ। ଏହା ନିଃସନ୍ଦେହ ଯେ, ଇଂରେଜମାନେ ଆମ ଦେଶ ୭୬ ବର୍ଷ ହେଲାଣି ଛାଡି ଗଲେଣି ହେଲେ ଆମେ ସେମାନଙ୍କର ପୋଷାକପତ୍ର, ଇଂରାଜୀ ଭାଷାରେ କଥା କହିବାର ଢଙ୍ଗ, ସର୍ବୋପରି ଇଂରାଜୀ ଶବ୍ଦକୁ ଆମ ମାତୃଭାଷାରେ ବାରମ୍ବାର ବ୍ୟବହାର କରିବାର ଗୁଣ ଛାଡି ପାରିବାନି। ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଗବେଷିକା ଶର୍ବରୀ, ଶୋମ୍ପେନ ଆଦିବାସୀ ମାନଙ୍କ ବ୍ୟବସାୟିକ ଭାଷା ଏବଂ ବ୍ୟବସାୟରେ ପ୍ରଚଳିତ ବାର୍ତା ସିଷ୍ଟମ ସମ୍ବନ୍ଧରେ ବୁଝିବାକୁ ଚେଷ୍ଟା କରିଛନ୍ତି।  ଜୀବନଟା ଏକ ଭ୍ରମ ଆଉ ସଂପର୍କ ଏଠି "ଚିହ୍ନା ଅଚିହ୍ନା" ର ଲୁକାଚୁପୀ ଖେଳ। ସକାଳୁ ସକାଳୁ ସମ୍ବାଦ ପତ୍ର ପଢି ସମୀର ବାବୁ ଙ୍କ "ଭାବାନ୍ତର" ହେଇଥିବା ବେଳେ ଟିକେ ବିଶ୍ବାସ ଆଉ ଟିକିଏ ସମର୍ପଣର ଭାବନାକୁ ନେଇ ଗଢି ଉଠିଛି "ରାଜାର ରାଣୀ"। ଲଳିତ ନିବନ୍ଧ- "ଭଲ ରାସ୍ତା"। "ଉଠ୍ ପୁଟୁର୍" ରେ, ଦଶହରା ଛୁଟିର ମଜା ନେଇ ଚାଲିଚି  ଗାଁ କୁ ଆସି ଅଭି। ପୁରାଣ କିମ୍ବଦନ୍ତୀ ବିଷୟରେ ରହିଛି,  "ତୁଳସୀ କ୍ଷେତ୍ର", "ଶରଣ ଶ୍ରୀକ୍ଷେତ୍ର- ମାରଦା", ଓ "ଶ୍ରୀଜୀଉ  ମାନଙ୍କ ବିଭିନ୍ନ ବେଶ"। ପ୍ରେମ ସମ୍ପର୍କର ଭିନ୍ନ ଏକ ପରିଭାଷା- "ପ୍ରଥମ ଚିଠି"। "ପ୍ରକୃତିର ଜଣେ ନିଷ୍କପଟ ପୂଜାରୀ: କୋଶଳୀ କବି ହଳଧର ନାଗ"। ସୁନ୍ଦର ଉପସ୍ଥାପନା-  "ଭକ୍ତି, ଭୟ, ଲୋଭ ଏବଂ ଅଧ୍ୟାତ୍ମବାଦ"। ଏହା ସହିତ ରହିଛି ଆହୁରି ଅନେକ ଧାରାବାହିକ ଗଳ୍ପ , କାହାଣୀ ଓ ନାଟକ।

କବିତା ଗୁଡିକ ତ "ଶ୍ରାବଣ" ର ଝର ଝର ଧାରା ଭଳି ବହି ଯାଇଛନ୍ତି। ସେଗୁଡିକୁ ଆକଳନ କରିବା କଷ୍ଟ ପ୍ରାୟ। ଯେମିତି ବି ହେଉ ପ୍ରଥମେ, "ମା ପକ୍ଷୀ"ର ପ୍ରଶଂସା କରି "କୃତଜ୍ଞତା ପ୍ରଭୁ ଚରଣରେ" ଢାଳିଦେବା। "ହେ ପ୍ରଭୁ", "ଶଶାଙ୍କ ଶେଖର" !! "ଚତୁର୍ଦ୍ଧା ମୂରତି", "ରାଧେ ବୃନ୍ଦାବନେଶ୍ବରୀ"। ଭାଇ ଭଉଣୀ ସାଥେ "ବଡ ଦାଣ୍ଡରେ ଉଭା ଚକାନୟନ"।  "ଜଗା ଆସୁଛିରେ" ଦେଖି ମନ ଲାଖିଯାଏ ସଭିଙ୍କର। ଭୁଲି କ୍ଷୁଧା, ତୃଷା ହୁଅଇ ଭକତ ଭୋଳା, ଶୋଭାର ଭଣ୍ଡାରେ ଭରା, "ପୁଲକିତ ହେବ ଧରା"। "ରଥେ ତୁ ବାମନମ୍ ଦୃଷ୍ଟ୍ୱା"- ପୁନର୍ଜନ୍ମ ନ ବିଦ୍ୟତେ।

"ମୋ ଗାଁ", "ମୋ ରାଇଜ କେଡେ ସୁନ୍ଦର", ମଧୁର କୋମଳ ତା' ଭାଷା ସ୍ୱର। "ମାଟିର କଳାକାର" ମାଟିରେ ମିଶଇ, ଛାଡି ଯାଏ ଛାପ ନିଜ ଅଭିନୟର।

ISSN NO.
2582-208X

"ଅନ୍ଧାର ବି ..." ବେଳେ ବେଳେ ଭଲ ଲାଗେ ଆଲୁଅଠୁ ବେଶି, "ମଣିଷ ଜୀବନ ପାଣି ଫୋଟକା" ଯେ ଏହି ଅଛି ଏହି ନାହିଁ। ମାନବ ଜୀବନ ମହା ବିପଦରେ ପ୍ରକୃତି ହେଇଛି ଖପା, ଏ ମହା କଷଣୁ ପାରି କର ପ୍ରଭୁ କରୁଛୁ ବିଶ୍ୱର "ଜୀବନ ଭିକ୍ଷା", କାହିଁକି ଏଡାଇଦେଲ ତୁମେ "ବାହାନାଗାର ପ୍ରାର୍ଥନା"!!

"ରକ୍ଷାକର ସୂର୍ଯ୍ୟଚନ୍ଦ୍ର"- ସମ୍ପର୍କର ଡୋରି ଆଜି କେବଳ ସ୍ୱାର୍ଥ ପାଇଁ ବନ୍ଧା, "ଅଲେଖା ଡାଏରୀରୁ..." ପଢିନେବା ଦୁଇ ପୃଷ୍ଠା। "ମୋ ଲକ୍ଷ୍ୟ ବାଟରେ" ଅନେକ କଣ୍ଟା, ତଥାପି "ବଢି ଚାଲ ଆଗକୁ"। "ଏଇତ ଚଲାପଥ ଜୀବନର"- ସବୁ ପରେ ବି ସମୟ ସାଥିରେ ଆଗକୁ ଆଗେଇ ଚାଲିବାର। "ଏଇମିତି କବିର ଜୀବନ"। "ଅଭାବ" ଟା କଣ ବୁଝି ହୁଏ ନାହିଁ, "ଅପୂର୍ଣ୍ଣତା" ପୁଣି ଭରେ ଜଗତ। "ବର୍ଷା" ଗୋ- ତୁମେ ଚିର ବନ୍ଦନୀୟା ଅଝଟ ଅବୁଝା କନ୍ୟା, "ତୁମେ ଆଉ ମୁଁ" "ତୁମ ପାଇଁ ହିଁ ମୁଁ ସମ୍ପୂର୍ଣ୍ଣ" "ତୁମେ ଗଲା ପରେ"- ଜୀବନଟା ସତେ ମୂଲ୍ୟହୀନ। "ହସ ତଳେ ଦେଖ ଲୁଚିଛି ଲୁହ", "ଝିଅଟିଏ ମୁଁ"- ଗଢିଛି ବିଧାତା  କରିବାକୁ ହିତ ଦୁଇ କୁଳର।

"ଚେଇଁ ଶୋଇବ ଯିଏ" - ଶିକ୍ଷା ତାର ଅଟେ ମୂଲ୍ୟହୀନ। ଧର୍ମ ସାଥିରେ ରହି ଆଜିବି "ବିଭୀଷଣ" ହୁଏ ବଦନାମ। ତାଙ୍କରି ଆକଟେ ତାଙ୍କରି ଆଶିଷେ ଯାଉ ଆମେ ଭଲ ବାଟେ, ଚାଲ ଆଜି ମିଳି ଗାଇବା ସମସ୍ତେ "ଗୁରୁଙ୍କ ପାଇଁ ପଦେ"।

"ମୋ ନାଆଁ ବ୍ୟଙ୍ଗ"- ଥଟ୍ଟା ପରିହାସ ଅଟଇ ମୋ ସାଜ, ଭିନ୍ନ ମୋଅର ଢଙ୍ଗ। "ମୁଁ ଆମ୍ବ" ପୁଣି "ମୁଁ ଏଇ ସହର କୁଲି", "ଚଷାପୁଅ" ହେଇ ଆହାର ଯୋଗାଏ ରକତ ଝାଳ ବୁହାଇ। ପରିଧାନ କଲେ "ପାଦୁକା"- ଆରାମଦାୟକ ସୁଖଦ ହୁଅଇ ପାଦଚାରୀଙ୍କର ରାସତା। ଏମିତି ରହିଛି ଅନେକ ଶିକ୍ଷଣୀୟ ମନଛୁଆଁ କବିତା।

ସ୍ୱାସ୍ଥ୍ୟବିଭାଗ ରେ ରହିଛି ଅତ୍ୟନ୍ତ ଉପଯୋଗୀ ବିଷୟବସ୍ତୁ "ବର୍ଷାଦିନରେ ଜ୍ୱର ଓ ତାର ପ୍ରତିକାର"।

ଆମ ହାଣ୍ଡିଶାଳରେ "କୁରକୁରି ଭେଣ୍ଡି", "କେକ୍", "ଗାଜର୍ ଖିରି", ଓ "ମକା ପନିର୍ ପକୋଡା"। ଗାଜର୍ ଖିରିର ଏତେ ସହଜ ପ୍ରଣାଳୀ ଦେଖି ମୁଁ ନିଶ୍ଚିତ ଭାବରେ ଏହାକୁ ପ୍ରସ୍ତୁତ କରିବି ବୋଲି ମନ କରିଚି।

ISSN NO.
2582-208X

ଶିଶୁ ବିଭାଗରେ "ବାଡିର ଶାଗ ସବୁଠୁଁ ବାଗ" ବିଷୟଟି ରେ ବଥୁଆ ଶାଗ ସମ୍ବନ୍ଧରେ ଜ୍ଞାନ ବେଶ୍ ଉପଯୋଗୀ। "ନାନାବାୟା ଗୀତ" "ବିହଙ୍ଗ ସାଥେ କେଳି", "ମୋ ରାଇଜ କେଡେ ସୁନ୍ଦର", "ସୁନା ପୁଅ ମୋର ହୋଇବୁ" ଭଳି ସୁନ୍ଦର, ମଜାଦାର୍ ଗୀତ ସହିତ ରହିଛି ଅତ୍ୟନ୍ତ ମନଛୁଆଁ ଗୀତ "ଆସରେ ପାଳିବା ପରବ"।

କୁନି "ଆଦବିକା" ର ପେପର୍ କୋଲେଜ୍ ଚିତ୍ରରେ ଏକ ସୁନ୍ଦର ସକାଳର ସ୍ପନ୍ଦନ।

ଶେଷରେ ଏଥରକ ପର୍ବ ପର୍ବାଣୀ ତାଲିକାରେ ମୁଖ୍ୟତଃ ରହିଛି ଆମ ଜାତୀୟ ପର୍ବ, ସ୍ୱାଧୀନତା ଦିବସ ଓ ଗହ୍ମା ପର୍ବ ବା ରକ୍ଷାବନ୍ଧନ। ଭାଇ ଭଉଣୀଙ୍କର ପବିତ୍ର ପ୍ରେମ ଓ ସୁରକ୍ଷାର ବନ୍ଧନକୁ ପ୍ରତୀକ ଭାବେ ପାଳନ କରାଯାଉଥିବା ରକ୍ଷାବନ୍ଧନ ଅବସରରେ ବେଦାନ୍ତୀ ପରିବାରର ସମସ୍ତ ଭାଇ, ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/୦୯/୨୦୨୩ | ଖୁଦୁରୁକୁଣୀ ଓଷା |
| ୦୪/୦୯/୨୦୨୩ | ରେଖା ଓ ରକ୍ଷା ପଞ୍ଚମୀ |
| ୦୫/୦୯/୨୦୨୩ | ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଙ୍କ ଜୟନ୍ତୀ |
| ୦୬/୦୯/୨୦୨୩ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବୁଧିବାମନ ଓଷା |
| ୦୭/୦୯/୨୦୨୩ | ନନ୍ଦୋତ୍ସବ |
| ୧୦/୦୯/୨୦୨୩ | କାଳୀୟଦଳନ ଏକାଦଶୀ |
| ୧୪/୦୯/୨୦୨୩ | ଅମାବାସ୍ୟା |
| ୧୭/୦୯/୨୦୨୩ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା |
| ୧୮/୦୯/୨୦୨୩ | ବାଲି ତୃତୀୟା |
| ୧୯/୦୯/୨୦୨୩ | ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ |
| ୨୦/୦୯/୨୦୨୩ | ନୂଆଖାଇ |
| ୨୧/୦୯/୨୦୨୩ | ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ |
| ୨୨/୦୯/୨୦୨୩ | ଶ୍ରୀରାଧାଷ୍ଟମୀ |
| ୨୪/୦୯/୨୦୨୩ | ତାଳନବମୀ, ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ |
| ୨୬/୦୯/୨୦୨୩ | ସୁନିଆଁ, ବାମନ ଜନ୍ମ |
| ୨୮/୦୯/୨୦୨୩ | ମହମ୍ମଦଙ୍କ ଜନ୍ମ ଦିବସ |
| ୨୯/୦୯/୨୦୨୩ | ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



ISSN NO.
2582-208X

ମିଠାଇ ଭିତରେ ରାଜା ମୁହିଁ
ନା ମୋର ମାଲପୁଆ
ଓଡିଶାର ଏକ ପ୍ରସିଦ୍ଧ ମିଠାଇ
ଘରେ ଘରେ କରନ୍ତି ପେଟ ପୂଜା

ସୀମା ମହାନ୍ତି, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**